
ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡିଆ ମାସିକ ସାହିତ୍ୟ ଇ-ପତ୍ରିକା
ଆହ୍ୱାନ
ପୂଜା ବିଶେଷାଙ୍କ, ସେପ୍ଟେମ୍ବର, ୨୦୧
ଯା ଦେବୀ ସର୍ବଭୂତେଷୁ, ଶକ୍ତି ରୂପେଣ ସଂସ୍ଥିତା
ଆନନ୍ଦମଠ । ପକ୍ଷଧା । ସମ୍ପର୍କର ପରିଭାଷା । ବାପା । ମନ ଅଜାଙ୍କ ମନ୍ଦିର । ବେଟି ବଚାଓ ବେଟି ପଢ଼ାଓ । ମଡ଼ର୍ଣ୍ଣ ଦେବୀ ବନ୍ଦନା । ପାର୍ବଣ । ତୁ କହିଥିଲୁ ବୋଲି । ସୁନେଲୀ ସିଂହ । ପଳାଶ ଫୁଲର ବାସ୍ନା । ଅଣପୁରୁଷା ଖଣ୍ଡ ଭାଗବତ । ଅନ୍ତର୍ଦହନ । ସେଲ୍‌ଫି । ତୁମେ ଗଲାପରେ । ଏକା ଏକା ଜୀବନ । ଶହେ ଟଙ୍କିଆ ନୋଟ । ରାକ୍ଷୀ । ଆଶାର ଆଲୋକ । ପଞ୍ଚାବନ ଟଙ୍କା ପଚାଶ ପଇସା । କଡ଼ ଲେଉଟାଣି । ନିନ୍ଦୁକ ପାଖରେ ରଖ । ପରିବାର । ମା' ତୁମେ ଫେରିଆସ । ଦେବୀ ଭଗବତୀ । ଆଦିଶକ୍ତି । ଅବୁଝା ପ୍ରେମ । ଦାୟାଦ । ବ୍ଲୁ ହ୍ୱେଲର ମରଣଯନ୍ତା । ମା' ତୁମେ କେଉଁଠି ?

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡ଼ି.ଏମ୍.ସି.ଏଚ୍., ପି.ଜି.ଡ଼ି.ଏଚ୍.ଏମ୍.

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଦୂରଭାଷ - ୯୦୪୦୯୮୪୬୩, ଇମେଲ୍ - aahwaan@gmail.com

To read the complete magazine, Download for FREE from www.aahwaan.com

'ଆହ୍ୱାନ'ରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକୁ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ, ଯେତେବେଳ ଯାଏଁ କୌଣସି ସୂଚନା ବା ନିର୍ଦ୍ଦେଶ ଦିଆଯାଇନାହିଁ । ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲ ଭାବରେ ପଢ଼ନ୍ତି ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଏକ ଅପରାଧ । ଦୟାକରି ଏହି ବିଷୟ ପ୍ରତି ବିଶେଷଧ୍ୟାନ ଦେବେ । ଲେଖକମାନେ ଚାହିଁଲେ ନିଜ ଲେଖାର ପ୍ରସାର ଓ ପ୍ରଚାର ହେତୁ ସେମାନଙ୍କ ଲେଖା ପ୍ରକାଶିତ ହୋଇଥିବା ପୃଷ୍ଠାମାନଙ୍କର ପ୍ରତିଛବି ଗଣମାଧ୍ୟମ ବା ଇଣ୍ଟରନେଟରେ ଦେଇପାରିବେ । ଏଠାରେ ଆମେ ଅନୁରୋଧ କରିବୁ ଯେ ଯେବେ ମଧ୍ୟ ଆପଣ ପତ୍ରିକାର କୌଣସି ଅଂଶ ଇଣ୍ଟରେନେଟ / ଫେସବୁକ / ଟ୍ୱିଟରରେ ପ୍ରସାର କରୁଛନ୍ତି, ଦୟାକରି ଆମ ପତ୍ରିକାର ୱେବ୍‌ସାଇଟର ନାଁ (www.aahwaan.com) ଉଲ୍ଲେଖ କରିବାକୁ ଭୁଲିବେ ନାହିଁ ।

To read the complete magazine, Download it for FREE from www.aahwaan.com

# ବିଶେଷ ସୂଚନା

ଲେଖକ ଲେଖିକାମାନଙ୍କ ପାଇଁ ବିଶେଷ ସୂଚନା : ଦେଖାଯାଉଛି ଏହି ଇ-ପତ୍ରିକାର ପ୍ରକାଶନ ହେବା କ୍ଷଣି ଆପଣମାନେ ନିଜର ଲେଖାର ସ୍କ୍ରିନ୍‌ସଟ୍ ନେଇ ନିଜ ନିଜ ସୋସିଆଲ୍ ନେଟ୍‌ୱାର୍କିଂ ସାଇଟ୍‌ରେ ପ୍ରକାଶ କରୁଛନ୍ତି । ଏହାକୁ ଆମେ ସ୍ୱାଗତ କରୁଛୁ କିନ୍ତୁ ଅନେକ ବନ୍ଧୁ ଏହା ଉଲ୍ଲେଖ କରିବାକୁ ଭୁଲିଯାଉଛନ୍ତି ଯେ ଏହି ଲେଖାଟି କେଉଁ ପତ୍ରିକାରେ ପ୍ରକାଶିତ ହୋଇଛି ଏବଂ ସେହି ପତ୍ରିକା ଜଣେ ଚାହିଁଲେ କେଉଁଠି ପଢ଼ିବାକୁ ପାଇବ । ତେଣୁ ଆପଣମାନଙ୍କୁ ବିନୀତ ଅନୁରୋଧ, ଯଦି ଆପଣ ନିଜ ଲେଖାକୁ ଶେୟାର୍ କରିବାକୁ ଚାହୁଁଛନ୍ତି ଦୟାକରି ସେଠାରେ ଏହା ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ ଏବଂ ଏହାର ୱେବ୍‌ସାଇଟ୍ (www.aahwaan.com) ବିଷୟରେ ଲେଖିବା ଭୁଲିବେ ନାହିଁ । ଆପଣଙ୍କ ଅବଗତି ନିମନ୍ତେ ନିମ୍ନରେ ଏକ ଉଦାହରଣ ଦେଉଛି ।

ଓଡ଼ିଆରେ ଲେଖିବାକୁ ଚାହୁଁଥିଲେ :

ମୋର ଏହି ଲେଖାଟି ଆହ୍ୱାନ ଇ-ପତ୍ରିକା (ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ମାସିକ ସାହିତ୍ୟ ଇ-ପତ୍ରିକା)ର ଚଳିତ ମାସର ସଂସ୍କରଣରେ ପ୍ରକାଶିତ ହୋଇଛି ।

ଆପଣ ଚାହିଁଲେ ଏହି ଇ-ପତ୍ରିକା ବିନା କୌଣସି ଦେୟ (ସମ୍ପୂର୍ଣ୍ଣ ମାଗଣା) ବା ଶୁଳ୍କରେ ନିମ୍ନରେ ଦିଆଯାଇଥିବା ୱେବ୍‌ସାଇଟରୁ ପାଇପାରିବେ ।

www.aahwaan.com

If you wish to post in English:

My article has been published in the August Edition of Aahwaan e-Patrika, the first and only complete Odia, monthly literature e-Magazine of Odisha.

If you wish to read this e-Magazine (download for free), please visit the website mentioned below.

www.aahwaan.com

To read the complete magazine, Download it for FREE from www.aahwaan.com

# ସୂଚୀପତ୍ର


| | |
|---|---|
| ସମ୍ପାଦକୀୟ | ୧୧ |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | |
| ଆନନ୍ଦମଠ | ୩୫ |
| ଦୀପକ ଷଡ଼ଙ୍ଗୀ | |
| ସୁନେଲୀ ସିଂହ - ୧ | ୪୨ |
| ଅଶୋକ ବିଶ୍ୱାଳ | |
| ଗାଳ୍ପିକା କବିତା ବାରିକ | ୪୯ |
| ଅଧ୍ୟାପିକା ରଞ୍ଜିତା ପାତ୍ର | |
| ସମ୍ପର୍କର ପରିଭାଷା | ୫୩ |
| ଦମୟନ୍ତୀ ଜେନା | |
| ପଳାଶ ଫୁଲର ବାସ୍ନା | ୫୭ |
| ଅରବିନ୍ଦ ଆଚାର୍ଯ୍ୟ | |
| ପଞ୍ଝଧା | ୬୭ |
| ପ୍ରଶାନ୍ତ କୁମାର ଭୂୟାଁ | |
| ଶହେ ଟଙ୍କିଆ ନୋଟ | ୮୯ |
| ରାଧାକାନ୍ତ ଦାଶ | |
| ବାପା | ୧୦୧ |
| ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | |
| ଆଶାର ଆଲୋକ | ୧୧୭ |
| ସରସୀ ଆଚାର୍ଯ୍ୟ | |


To read the complete magazine, Download it for FREE from www.aahwaan.com

ପଞ୍ଚାବନ ଟଙ୍କା ପଚାଶ ପଇସା ୧୨୧
ପରମିତା ମିଶ୍ର

ରାକ୍ଷୀ - ଛଅଟି ମିନିଗଳ୍ପ ୧୨୪
ସୁବଳ ମହାପାତ୍ର

ରାକ୍ଷୀ ୧୩୪
ସରସୀ ଆଚାର୍ଯ୍ୟ

ରାକ୍ଷୀ ୧୩୮
ପରମିତା ମିଶ୍ର

ରାକ୍ଷୀ ୧୪୩
ସିପ୍ରା ନମତା

ପରିବାରର ବନ୍ଧନ ୧୪୯
ବଳବନ୍ତ ସାହୁ

କଡ଼ ଲେଉଟାଣି ୧୫୩
ମଧୁସ୍ମିତା ପଟ୍ଟନାୟକ

ନିନ୍ଦୁକ ପାଖରେ ରଖନ୍ତୁ ୧୫୮
ଡା ସୁବାସ ଚନ୍ଦ୍ର ରାଉତ

ଯୋଡ଼ିଏ ଫୁଲ ଓ ମାୟାଜାଲ ୧୬୯
ଡ: ମୌସୁମୀ ପରିଡ଼ା

ମାଆ ତୁମେ କେଉଁଠି ? ୧୭୪
ଡ: କୁଳାଙ୍ଗାର

ଖାଦ୍ୟର ପ୍ରଭାବ ୧୮୧
ଅରବିନ୍ଦ ଆଚାର୍ଯ୍ୟ

To read the complete magazine, Download it for FREE from www.aahwaan.com

ଦାୟାଦ ୧୮୫
ସୁବଳ ମହାପାତ୍ର
ଅବୁଝା ପ୍ରେମ ୧୯୨
ଜ୍ୟୋତିର୍ମୟୀ ଷଡ଼ଙ୍ଗୀ
ସାମାଜିକ ଚିନ୍ତାଧାରା ୨୦୭
ସଂଗ୍ରାମ କେଶରୀ ସେନାପତି
ବର୍ଷା ଆସିଛି ୨୧୧
ସୁଲଗ୍ନା ମହାନ୍ତି
ମନ ଅଜାଙ୍କ ମନ୍ଦିର ୨୧୪
ସୁଶାନ୍ତ ପୁରୋହିତ
ବ୍ଲୁ ହ୍ୱେଲ୍ ମରଣଯନ୍ତ୍ରା ୨୨୨
ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଆଦିଶକ୍ତି ୨୩୧
ସୁମିତ୍ରା ରାଉଳ
ଦେବୀ ଭଗବତୀ ୨୩୩
ହିମାଂଶୁ ଶେଖର ବାରିକ
ମା' ତୁମେ ଫେରିଆସ ୨୩୫
ପ୍ରତିଭା ପ୍ରିୟଦର୍ଶିନୀ
ଦୃଷ୍ଟିଦୋଷ ୨୩୭
ବିନୟ ମହାପାତ୍ର
ଦେ ଲାଁଗ୍ ୨୪୦
ଡ: ଅଚ୍ୟୁତ କୁମାର ରଥ

To read the complete magazine, Download it for FREE from www.aahwaan.com

ବାପା (କବିତା) ୨୪୨
ବିକେଶ ସାହୁ

ଶେଷ ପତ୍ର ୨୪୫
ଇଂ ସୁବ୍ରତ କୁମାର ମିଶ୍ର

ଏକ ଭାବନା ୨୪୭
ଆଶୁତୋଷ ମେହେର

ସାଂଗ୍ ୨୪୯
ପ୍ରସନ୍ନ କୁମାର ଭୁଏ

ଆଜିର କରଦାତା ୨୫୦
ନୃସିଂହ ଚରଣ ବେହେରା

ଦୁଃଖ ମୋର ହରି ୨୫୨
ଶୁଭମ୍ ନାଏକ

ବରଷା ଆସିଛି ଗାଁକୁ ମୋର ୨୫୩
ପ୍ରଶାନ୍ତ କୁମାର ନାଥ

ଏକା ଏକା ଜୀବନ ୨୫୫
ଦେବଦତ୍ତ ମିଶ୍ର

ତୁମ ବିନା କୃଷ୍ଣଚୁଡ଼ା ୨୫୭
ଡା ନୀଳମାଧବ କର

ସେଲଫି ୨୫୯
ରାଧାକାନ୍ତ ଦାଶ

ଅନ୍ତର୍ଦହନ ୨୬୩
ସୁବ୍ରତ କୁମାର ସେନାପତି


To read the complete magazine, Download it for FREE from www.aahwaan.com

ଶବ୍ଦ ତୁମେ ୨୬୫
ବରୁଣ କୁମାର ଦାସ
ତୁମେ ଗଲାପରେ ୨୬୭
ପ୍ରହ୍ଲାଦ ବେହେରା
ହେ ଶୂନ୍ୟତା ୨୬୯
ଦିଲିପ କୁମାର ତ୍ରିପାଠି
ଗୁରୁପୂଜା ୨୭୦
ଅଭିମନ୍ୟୁ ବେହେରା
ଅଣପୁରୁଷା ଖଣ୍ଡ ଭାଗବତ ୨୭୨
ଡା ସୌମ୍ୟରଞ୍ଜନ ମିଶ୍ର
ଜୀବନ ୨୭୫
ଲୋକନାଥ ଦାସ
ତୁ କହିଥିଲୁ ବୋଲି ୨୭୬
ଅନୁସୂୟା ମିଶ୍ର
ଅଚାନକ ୨୭୮
ଶିବ କୁମାର ପଣ୍ଡା
ପାର୍ବଣ ୨୭୯
ସନାତନ ମହାକୁଡ଼
ପ୍ରୀତି ୨୮୦
ଶମ୍ଭୁନାଥ ଦାସ
ଦୃଶ୍ୟ ଏକ ଚିଲିକାର ୨୮୨
ରୋଜା ପଣ୍ଡା

To read the complete magazine, Download it for FREE from www.aahwaan.com

| | |
|---|---|
| ଭାଗ୍ୟ | ୨୮୪ |
| ଲୀନା ମହାନ୍ତି | |
| ମଡ଼ର୍ଣ୍ଣ ଦେବୀ ବନ୍ଦନା | ୨୮୫ |
| ଡମ୍ବରୁଧର ପଟ୍ଟନାୟକ | |
| ମୁଁ ରାଧା ହେବିନି | ୨୮୭ |
| ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ | |
| ସୈତାନ | ୨୯୦ |
| ରୁଦ୍ରମାଧବ ସାହୁ | |
| ଅତୀତ | ୨୯୨ |
| ସ୍ୱାଗତ କୁମାର ପଣ୍ଡା | |
| ମଣିଷ | ୨୯୩ |
| ଭଗତରାମ୍ କଣ୍ଟା | |
| ଉପକଥା | ୨୯୪ |
| ଉଦୟନାଥ ଗୌଡ଼ | |
| ବେଟି ବଚାଓ - ବେଟି ପଢ଼ାଓ | ୨୯୯ |
| ଗୀତାଞ୍ଜଳୀ ଦାସ | |


To read the complete magazine, Download it for FREE from www.aahwaan.com

# ସମ୍ପାଦକଙ୍କ ଲେଖନୀରୁ



ନମସ୍କାର

ଚଳିତ ମାସର ଆହ୍ୱାନ ଇ-ପତ୍ରିକାର ଏହି ସଂସ୍କରଣକୁ ସ୍ୱାଗତ ଜଣାଉଛି । ଶାରଦୀୟ ଦୁର୍ଗାପୂଜାର ଆଗମନ ଅବସରରେ ପ୍ରକାଶିତ ଏହି ପତ୍ରିକାର ଏହି ବିଶେଷ ସଂସ୍କରଣ ଅନେକ ଦୃଷ୍ଟିରୁ ବିଶେଷ । ବିଗତ ଦୁଇଟି ସଂସ୍କରଣକୁ ମିଳିଥିବା ଉତ୍ସ୍ୱଶିତ ପ୍ରୋତ୍ସାହନ ପତ୍ରିକାର କଳେବରକୁ ଦ୍ୱିଶତକ ଆଡ଼କୁ ଟାଣି ନେବାକୁ ସକ୍ଷମ ହୋଇଥିଲା ବେଳେ ଚଳିତ ମାସର ସଂସ୍କରଣ ସେହି ପରମ୍ପରାକୁ ଆଗେଇ ନେଉଛି । ସାହିତ୍ୟ ଓ ଶରତର ସମ୍ପର୍କ ଅଭିନ୍ନ । ପ୍ରତିବର୍ଷ ଦଶହରା ସମୟରେ ଓଡ଼ିଶାରୁ ଏକାଧିକ ପତ୍ରପତ୍ରିକାର ବିଶେଷ ସଂସ୍କରଣମାନ ପ୍ରକାଶିତ ହେବା ସହ ବେଳେ ବେଳେ କେବଳ ସାମୟିକ ପ୍ରକାଶନ ମଧ୍ୟ ହୋଇଥାଏ । ଆଗରୁ ଏହି ସମୟରେ ଛୁଟି ମିଳୁଥିବା ହେତୁ ଲୋକମାନଙ୍କ ପାଖରେ ପ୍ରଚୁର ସମୟ ରହୁଥିଲା ଯାହା ସେମାନେ ଏହି ପତ୍ରପତ୍ରିକା ପଢ଼ି ବିତାଉଥିଲେ । କିନ୍ତୁ ଚଳିତ ସମୟରେ ଲୋକଙ୍କ ପାଖରେ ସବୁଠାରୁ ଅଧିକ ଅଭାବ ହେଉଥିବା ଜିନିଷ ହୋଇଯାଇଛି 'ସମୟ' । ତେଣୁ ସେମାନଙ୍କ ରୁଚିକୁ ଆଖି ଆଗରେ ରଖି ଅନେକ ଇ-ପତ୍ରିକା ପ୍ରକାଶିତ ହେବାରେ ଲାଗିଛି । ସବୁବେଳେ ମୋବାଇଲ୍ ଏବଂ

To read the complete magazine, Download it for FREE from www.aahwaan.com

କମ୍ପ୍ୟୁଟରର ଅବଶ୍ୟମ୍ଭାବୀ ଦୁନିଆରେ ଛନ୍ଦି ହୋଇଥିବା ମନୁଷ୍ୟଙ୍କୁ ସେମାନଙ୍କ ମୋବାଇଲ୍ ଏବଂ କମ୍ପ୍ୟୁଟରରେ ହିଁ ଓଡ଼ିଆ ସାହିତ୍ୟକୁ ପରଷିବାର ନିଆରା ପରମ୍ପରାକୁ ଦୀର୍ଘ ବାରବର୍ଷରୁ ଅଧିକ ସମୟ ବଜାୟ ରଖିବାରେ ଆହ୍ୱାନ ଅଗ୍ରଣୀ ରହିଛି । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ବିଶେଷ ଶାରଦୀୟ ବିଶେଷାଙ୍କ ପାଇଁ ଲେଖା ଆହ୍ୱାନ କରାଯାଇଥିଲା ଏବଂ ଅନେକ ନୂତନ ଏବଂ ପ୍ରବୀଣ ଲେଖକଙ୍କ ଲେଖାରେ ଏହି ସଂକଳନ ସମୃଦ୍ଧ ହୋଇଛି । ଆଶା କରୁଛି ଆପଣମାନେ ଏହାକୁ ପୂର୍ବଭଳି ସ୍ନେହ ଓ ଆଦରର ସହ ଆପଣାଇବେ ଏବଂ ଏହାର ପ୍ରସାରରେ ସହଯୋଗ କରିବେ ।

ବିଗତ ମାସରେ ଅନେକ ଘଟଣା ଦେଶଦୁନିଆରେ ଘଟିଯାଇଛି, ଯାହାର କିଞ୍ଚିତ ବିବରଣୀ ଏଠାରେ ଦେବାକୁ ଉଚିତ ମନେ କରୁଛି । ହୁଏତ ଏଠାରେ ଦିଆଯାଉଥିବା କିଛି ଲେଖାରେ ଆପଣଙ୍କୁ ମୋ ମତ ସହ ସହମତ ହେବାଭଳି ନ ଲାଗିପାରେ । କାରଣ ପ୍ରତ୍ୟେକ ଘଟଣାକୁ ଦେଖିବା ଓ ଏହାର ନିଷ୍କର୍ଷ ବାହାର କରିବା ପାଇଁ ଆବଶ୍ୟକ ଦୃଷ୍ଟିଭଙ୍ଗୀ ଭିନ୍ନ ଭିନ୍ନ । ତେଣୁ ଯଦି କୌଣସି ଖବରରେ ଆପଣଙ୍କ ମତାନ୍ତର ଥାଏ ତେବେ ଆପଣ ମୋତେ ବ୍ୟକ୍ତିଗତ ଭାବରେ ଜଣାଇପାରିବେ । ଏଥିପାଇଁ ଆପଣ ପତ୍ରିକାର ଇମେଲ୍ ଠିକଣା (aahwaan@gmail.com) କିମ୍ବା ହ୍ୱାଟ୍ସଆପ୍ ନମ୍ବର (୭୦୦୮୫୬୭୦୮୫) ବ୍ୟବହାର କରିପାରିବେ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଦୋକଲାମ୍ ବିବାଦରେ ବୃହତ କୂଟନୈତିକ ବିଜୟ

ବିଗତ ଅନେକ ମାସଧରି ଭାରତର ଉତ୍ତର ପ୍ରାନ୍ତରେ ଥିବା ଡୋକଲାମ୍ ଅଞ୍ଚଳରେ ଚୀନର ସୈନ୍ୟବାହିନୀର ଅପ୍ରତ୍ୟାଶିତ ଭାବରେ ପ୍ରବେଶ ଏବଂ ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଉପୁଜିଥିବା ଉତ୍ତେଜକ ପରିସ୍ଥିତି ବର୍ତ୍ତମାନ ଶାନ୍ତ ପଡ଼ିଛି । ଯେଉଁ ଘଟଣାକୁ ଚୀନର ଗଣମାଧ୍ୟମ ଅତିରଞ୍ଜିତ କରି ଉପସ୍ଥାପନ କରିବା ସହ, ଭାରତ ସହ ଯୁଦ୍ଧ ଅବଶ୍ୟମ୍ଭାବୀ ବୋଲି କହିଦେଇଥିଲେ, ସେହି ଘଟଣାରେ ଭାରତୀୟ ସରକାର ଅତ୍ୟନ୍ତ ସାବଧାନତାର ସହ ପଦକ୍ଷେପ ନେଇଥିଲେ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଉପଦେଶ ତଥା ସାମ୍ପ୍ରତିକ ସମୟରେ ଯୁଦ୍ଧର ଭୟାବହତା ଏବଂ ରାଷ୍ଟ୍ରୀୟ ଅର୍ଥନୀତି ଉପରେ ଏହାର ପ୍ରଭାବ ଆଦିକୁ ଆଖି ଆଗରେ ରଖି ଚୀନ ସୈନ୍ୟବାହିନୀ ନିଜ ପଦକ୍ଷେପରୁ ପଛଘୁଞ୍ଚା ଦେଇଥିଲେ । କୌଣସି ସୈନିକ କାର୍ଯ୍ୟବାହୀ ନ ହୋଇ ସୁଦ୍ଧା ଏକ ଯୁଦ୍ଧ ଭଳି ପରିସ୍ଥିତିରୁ ଦେଶକୁ ଉଦ୍ଧାର କରିଦିଆଗଲା । ଏହା ଆମ ପାଇଁ ଏକ ଆନନ୍ଦର ବିଷୟ ।

ଅନେକ ହୁଏତ ଜାଣିନଥିବେ, ବିଶ୍ୱର ସବୁଠାରୁ ବଡ଼ କଂଜୁମର୍ ବା ଗ୍ରାହକ ହେଉଛି ଭାରତ । ବିଭିନ୍ନ ଦେଶ ସହ ବାଣିଜ୍ୟିକ ସଂପର୍କ ରହିଛି । ଭାରତରେ ବିକ୍ରୀ ହେଉଥିବା ଅଧିକାଂଶ ଉତ୍ପାଦ / ବସ୍ତୁ ବିଦେଶରୁ ଆସେ । ତେଣୁ ଏହିପରି ଏକ ବାଣିଜ୍ୟିକ କ୍ଷେତ୍ରକୁ କେହି ମଧ୍ୟ ହାତଛଡ଼ା କରିବାକୁ ଚାହିଁବେ ନାହିଁ । ଚୀନ ମଧ୍ୟ ଏହି କଥାକୁ

To read the complete magazine, Download it for FREE from www.aahwaan.com

ଚିନ୍ତାକରି ଯୁଦ୍ଧଭଳି ପରିସ୍ଥିତିରୁ ଓହରି ଯାଇ ଥାଇପରେ ବୋଲି ଆମେ ମନେ କରୁଛୁ । ଯାହା ବି ହେଉ, ଭାରତ ସରକାର ଏହି ମାମଲାକୁ ଯେଉଁ ଭଳି ପରିଚାଳନା କରିଲେ ତାହା ବାସ୍ତବିକ ପ୍ରଶଂସନୀୟ ।

## ସରକାରରେ ବର୍ତ୍ତମାନ ମହିଳା ରକ୍ଷାମନ୍ତ୍ରୀ

ବିଗତ ଦିନରେ ସରକାରରେ ଅନେକ ବଦଳ କରାଯାଇଥିଲା, ଏବଂ ସେଥିମଧ୍ୟରେ ଥିବା ପ୍ରମୁଖ ଖବର ହେଲା, ବର୍ତ୍ତମାନ ଆମ ଦେଶର ସୁରକ୍ଷା ମନ୍ତ୍ରୀ ହେଉଛନ୍ତି ଜଣେ ମହିଳା ସାଂସଦ ଶ୍ରୀମତି ନିର୍ମଳା ସୀତାରମଣ । ଏହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି । କିଛି ବ୍ୟକ୍ତି ଏହାକୁ ନାରୀ ସଶକ୍ତିକରଣ ଦିଗରେ ସରକାରଙ୍କ ଏକ ସକାରାତ୍ମକ ପଦକ୍ଷେପ ବୋଲି କହୁଥିବା ବେଳେ କିଛି ବ୍ୟକ୍ତି ଏହାକୁ ନେଇ ସରକାରଙ୍କୁ ବ୍ୟଙ୍ଗ କରିବାକୁ ପଛାଇନାହାନ୍ତି । ଆମ ମତରେ ଜଣେ ମହିଳା ରକ୍ଷାମନ୍ତ୍ରୀ ହେବାରେ କୌଣସି ଅସୁବିଧା ନାହିଁ । ବିଦେଶ ମନ୍ତ୍ରୀ ଭାବରେ ଶ୍ରୀମତି ସୁଷମା ସ୍ୱରାଜଙ୍କ କାର୍ଯ୍ୟପ୍ରଣାଳୀର ପ୍ରଶଂସା ସମସ୍ତେ କରି ଆସୁଛନ୍ତି । ସରକାର ଗଠନ ହେବା ଦିନରୁ ସେ ଅନେକ ଉତ୍ସାହଜନକ କାର୍ଯ୍ୟ କରିଛନ୍ତି ଏବଂ ସର୍ବସାଧାରଣରେ ସମ୍ମାନିତା ହୋଇଛନ୍ତି । ନିର୍ମଳା ସୀତାରମଣ ମଧ୍ୟ ନିଜ କର୍ମକ୍ଷେତ୍ରରେ ସଫଳ ହେବେ ଏଥିରେ ଦ୍ୱିମତ ନାହିଁ । କିନ୍ତୁ ଯେଉଁମାନେ ଜଣେ ମହିଳାଙ୍କୁ ରକ୍ଷାମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯିବାକୁ ନେଇ ହାସ୍ୟବ୍ୟଙ୍ଗ କରୁଛନ୍ତି ସେମାନେ ହୁଏତ ଜଣେ ମହିଳାଙ୍କ କାର୍ଯ୍ୟଦକ୍ଷତାରେ

To read the complete magazine, Download it for FREE from www.aahwaan.com

ଇର୍ଷ୍ୟାନ୍ୱିତ ହୋଇ ପଡୁଛନ୍ତି ।

ସୂଚନାଯୋଗ୍ୟ ଯେ ସୀତାରମଣ ଭାରତର ପ୍ରଥମ ମହିଳା ରକ୍ଷାମନ୍ତ୍ରୀ ନୁହନ୍ତି । ଏହାପୂର୍ବରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମଧ୍ୟ ୧୯୭୫ ଏବଂ ପରେ ୧୯୮୦-୮୨ ମସିହା ପର୍ଯ୍ୟନ୍ତ ଏହି କାର୍ଯ୍ୟଭାର ଗ୍ରହଣ କରିଥିଲେ । ଶ୍ରୀମତି ସୀତାରମଣ ସମ୍ମାନିତ ଜବାହାରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଶିକ୍ଷା ଗ୍ରହଣ କରିଛନ୍ତି ଏବଂ ୨୦୦୮ରେ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେବାପରେ ନିଜର କ୍ଷମତା ବଳରେ ୨୦୧୦ରେ ସେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀର ସଦସ୍ୟା ହୋଇପାରିଥିଲେ ।

ମନୋହର ପାରିକର ରକ୍ଷାମନ୍ତ୍ରୀ ପଦରୁ ଇସ୍ତଫା ଦେବାପରେ ଏହି କାର୍ଯ୍ୟଭାର କିଛି ସମୟ ପାଇଁ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କୁ ଦିଆଯାଇଥିଲା ।

## ଚୀନ ମାନିଲା ପାକିସ୍ତାନ ଆତଙ୍କବାଦୀଙ୍କ ସ୍ୱର୍ଗ

ବିଗତ ମାସରେ ଚୀନରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀ (ବ୍ରାଜିଲ୍, ଋଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକା) ରେ ଚୀନ ଅନ୍ତତଃ ମାନିବାକୁ ବାଧ୍ୟ ହେଲା ଯେ ପାକିସ୍ତାନ ଆତଙ୍କବାଦୀଙ୍କ ପାଇଁ ସ୍ୱର୍ଗ । ପ୍ରଥମଥର ପାଇଁ ଏହି ସମ୍ମିଳନୀରେ ଯୁଗ୍ମଭାବରେ ପାକିସ୍ତାନରୁ କାର୍ଯ୍ୟ କରୁଥିବା ଲସ୍କର-ଏ-ତୋଇବା, ଜୈଶ-ଏ-ମୋହମ୍ମଦ ଏବଂ ହକ୍କାନୀ ନେଟୱର୍କକୁ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରାଗଲା ।

To read the complete magazine, Download it for FREE from www.aahwaan.com

ଏଠାରେ କୁହାଗଲା ଯେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିବା ସମସ୍ତ ଦେଶ ଏହି ସବୁ ଆତଙ୍କବାଦୀ ସଂଗଠନଙ୍କ ଦ୍ୱାରା ହେଉଥିବା ଆକ୍ରମଣର ଘୋର ନିନ୍ଦା କରନ୍ତି । ଯେଉଁମାନେ ଆତଙ୍କବାଦୀ ସଂଗଠନକୁ ସାହାଯ୍ୟ କରନ୍ତି ଏବଂ ଯେଉଁ ସବୁ ସଂଗଠନ ଆକ୍ରମଣାତ୍ମକ କାର୍ଯ୍ୟ କରନ୍ତି ସେମାନଙ୍କୁ ଦୋଷୀ ବୋଲି ଧରାଯିବ ଏବଂ ସମୁଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ । ପ୍ରଥମଥର ପାଇଁ ଚୀନ ଏହି ଦସ୍ତାବେଜରେ ସ୍ୱାକ୍ଷର କରିଥିବା ହେତୁ ଏହା ଭାରତ ପାଇଁ ଏକ ବୃହତ କୂଟନୈତିକ ବିଜୟ ବୋଲି କୁହାଯାଇପାରେ । ଅତୀତରେ ଭାରତ ସରକାର ଯେତେବେଳେ ବି ପାକିସ୍ତାନରେ କାର୍ଯ୍ୟକରୁଥିବା ଏହି ସବୁ ସଂଗଠନ ବିଷୟରେ ଆଲୋଚନାପାଇଁ କହୁଥିଲେ ଚୀନ ତାହାର ତୀବ୍ର ବିରୋଧ କରୁଥିଲା ।

ବ୍ରିକ୍ସ ସମ୍ମିଳନୀର ସବୁଠାରୁ ବୃହତ ଅର୍ଥନୀତି ଚୀନ ଓ ଭାରତ ମଧ୍ୟରେ ଡୋକଲାମ୍ ସମସ୍ୟାକୁ ନେଇ ଉପୁଜିଥିବା ଅବରୋଧ ମଧ୍ୟ ଏହି ସମ୍ମିଳନୀ ସମୟରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଥିଲା ।

## ଗୌରୀ ଲଙ୍କେଶଙ୍କ ହତ୍ୟା ଓ ରାଜନୀତି

ସେପ୍ଟେମ୍ବର ପାଞ୍ଚ ତାରିଖ ସଂଧ୍ୟାରେ କର୍ଣ୍ଣାଟକରେ ଜଣେ ପଞ୍ଚାବନ ବୟସ୍କା ମହିଳା ସାମ୍ବାଦିକାଙ୍କୁ ତିନିଜଣ ଅଜଣା ଆତତାୟୀ ଗୁଳିକରି ହତ୍ୟା କରିଥିଲେ । ଏହି ହତ୍ୟାକାଣ୍ଡର କେଇ କ୍ଷଣମଧ୍ୟରେ

To read the complete magazine, Download it for FREE from www.aahwaan.com

ଦେଶବ୍ୟାପୀ ଅସନ୍ତୋଷ ବ୍ୟାପୀବାରେ ଲାଗିଲା । ହିନ୍ଦୁତ୍ୱବାଦୀ ଶକ୍ତିମାନେ ତାଙ୍କୁ ମାରିଛନ୍ତି ବୋଲି କହି ଫେସବୁକ୍ ଓ ଟ୍ୱିଟରରେ ସନ୍ଦେଶମାନ ପ୍ରଚାର ହେବାର ଲାଗିଲା । ଦେଖୁ ଦେଖୁ ସମୁଦାୟ ସୋସିଆଲ୍ ମିଡ଼ିଆ ଓ ଗଣମାଧ୍ୟମରେ ଏହି ସମ୍ବାଦ ନିଆଁ ପରି ବ୍ୟାପିଗଲା । ଦେଶବ୍ୟାପୀ କର୍ମଜୀବି ଅନେକ ସାମ୍ବାଦିକ, ଲେଖକ ଓ ବୁଦ୍ଧିଜୀବି ଏହି ହତ୍ୟାର ନିନ୍ଦା କରିବା ସହ ହିନ୍ଦୁତ୍ୱବାଦୀ ମାନେ କିପରି ବୁଦ୍ଧିଜୀବିମାନଙ୍କୁ ହତ୍ୟା କରୁଛନ୍ତି କହି ଅନେକ ଉଦାହରଣ ଦେଇ ପୋଷ୍ଟମାନ ଦେଲେ । ମାତ୍ର କେଇ ଘଣ୍ଟା ନ ବିତୁଣୁ, ସେମାନେ ଦେଶବ୍ୟାପୀ ଶୋଭାଯାତ୍ରାମାନ ଆୟୋଜନ କରିପକାଇଲେ ।

ନିଶ୍ଚୟ ଭାବରେ ଯେତେବେଳେ ଜଣେ ଆତ୍ମୀୟଙ୍କର ମୃତ୍ୟୁ ହୁଏ ଆମେ ସମସ୍ତେ ଆହତ ହେଉ ଏବଂ ପ୍ରତିକ୍ରିୟାଶୀଳ ହୋଇଯାଉ । ଏହି କ୍ଷେତ୍ରରେ ମଧ୍ୟ ସେମିତି ହିଁ କିଛି ହେଲା । ଏହା କିନ୍ତୁ ଅନେକଙ୍କ ପାଇଁ ଅଗ୍ରାହ୍ୟ ଥିଲା । ପ୍ରଥମତଃ ମୃତା ସାମ୍ବାଦିକା ଜଣକ ବିଷୟରେ ଆମେ ଆଗରୁ କେବେ କିଛି ଶୁଣିନଥିଲୁ କି ଜାଣିନଥିଲୁ । ସେ କଣ କାର୍ଯ୍ୟ କରୁଥିଲେ ବା କେଉଁ ଚିନ୍ତାଧାରା ବା ବାଦକୁ ସମର୍ଥନ କରୁଥିଲେ ତାହା ବି ଆମେ ଜାଣିନଥିଲୁ । ତେଣୁ ତାଙ୍କ ପାଇଁ ଏତେ ବଡ଼ ଧରଣର ଆୟୋଜନ କାହିଁକି କରାଗଲା ତାହା ଆମେ ଜାଣିପାରିଲୁ ନାହିଁ । ପରେ ପରେ ଅଧିକ ଜାଣିବାକୁ ଚେଷ୍ଟା କରିଲା ପରେ ଜାଣିଲୁ ଯେ ମୃତା ସାମ୍ବାଦିକା ଜଣକ ହିନ୍ଦୁ ଏବଂ ହିନ୍ଦୁତ୍ୱବାଦୀ ଚିନ୍ତାଧାରାର ଘୋର ବିରୋଧୀ ଥିଲେ । ବାମପନ୍ଥୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ସେ ଅନେକ

To read the complete magazine, Download it for FREE from www.aahwaan.com

ସମୟରେ ଭାରତର ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ସମ୍ବୋଧିକ କରିବା ସହିତ ସମାଲୋଚନା କରୁଥିଲେ । ଅବଶ୍ୟ ଅଭିବ୍ୟକ୍ତିର ସ୍ୱାଧିନତାକୁ ଦ୍ୱାହୀ ଦେଇ ଅନେକ ସେହି କାମ କରୁଛନ୍ତି । କିନ୍ତୁ ତାଙ୍କର ଅନେକ ପୋଷ୍ଟ ଏତେ ଅଶ୍ଳୀଳ ଥିଲା ଯେ ତାହା ବିଷୟରେ ଉଲ୍ଲେଖ କରିବା ଅନୁଚିତ ମନେ କରୁଛୁ । ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଭାରତ ବିରୋଧୀ ସ୍ଲୋଗାନ ଦେଇଥିବା କହ୍ନେୟା କୁମାର ଓ ଖାଲିଦ୍ ଉମରଙ୍କୁ ସେ ପୁଅ ବୋଲି କହୁଥିଲେ । କେରଳରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କର୍ମକର୍ତ୍ତାଙ୍କ ହତ୍ୟାରେ ସେ ଉତ୍ଫୁଲିତ ହେଇ ଉଠୁଥିଲେ । ମାଓବାଦୀମାନଙ୍କ ଦ୍ୱାରା ପୋଲିସ କର୍ମୀଙ୍କ ହତ୍ୟାପରେ ସେ ଏହାକୁ ଏକ ସଫଳତା ଦର୍ଶାଇ ପାର୍ଟି ଆଦି କରିବା ଭଳି ଆୟୋଜନ କରୁଥିଲେ । ତାଙ୍କର ସୋସିଆଲ୍ ନେଟ୍ୱର୍କ୍ ପ୍ରୋଫାଇଲରୁ ଯାହା ବି ଦେଖିବାକୁ ବା ପଢ଼ିବାକୁ ମିଳିଲା ସେଥିରୁ ଗୋଟିଏ କଥା ସ୍ପଷ୍ଟ ଥିଲା ଯେ ସେ ଜଣେ ହିନ୍ଦୁତ୍ୱ ବିରୋଧୀ ମୁକ୍ତ ଚିନ୍ତାଧାରା ସଂପର୍ନ୍ନ ମହିଳା ଥିଲେ । ହେଲେ ନିଜ ଚିନ୍ତାଧାରା ଓ ମତବାଦକୁ ସ୍ୱୀକାର କରୁନଥିବା ବ୍ୟକ୍ତି ଓ ସଂଗଠନମାନଙ୍କୁ ସେ ଅଶ୍ଳୀଳ ଭାଷାରେ ସମ୍ବୋଧିତ କରିବାକୁ ପଛାଉନଥିଲେ । ଏହା ତାଙ୍କର ଅସୁସ୍ଥ ମାନସିକତାକୁ ଦର୍ଶାଉଥିଲା । ଆଶ୍ଚର୍ଯ୍ୟ ଲାଗେ ଆମ ଦେଶରେ ରହି ଆମ ଦେଶର ନିର୍ବାଚିତ ପ୍ରତିନିଧିଙ୍କୁ ଅସମ୍ମାନିତ କରିବା ଦ୍ୱାରା ସେହି ମହିଳା ଜଣକ ସତରେ କେମିତି ଏତେ ସମ୍ମାନିତା ହୋଇଗଲେ ଯେ ତାଙ୍କ ପାଇଁ ଦେଶବ୍ୟାପୀ ଶୋଭାଯାତ୍ରା ଆୟୋଜିତ ହୋଇଗଲା ?

To read the complete magazine, Download it for FREE from www.aahwaan.com

ଉଲ୍ଲେଖନୀୟ ଯେ ତାଙ୍କର ମୃତ୍ୟୁପୂର୍ବରୁ ଟ୍ୱିଟରରେ ସେ ଦେଇଥିବା କିଛି ପୋଷ୍ଟରେ ସ୍ୱଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ସେ ନିଜ ପାଖଲୋକଙ୍କ ଦ୍ୱାରା ସମାଲୋଚିତା ହେଉଛନ୍ତି । ତାଙ୍କର କେହି ପାଖ ଲୋକହିଁ ଅସୁବିଧା ସବୁ ସୃଷ୍ଟି କରୁଛି । ବାମପନ୍ଥୀ ଚିନ୍ତାଧାରା ରଖୁଥିବା ଅନେକ ବନ୍ଧୁ ହୁଏତ ଜାଣିନଥିବେ, ବାମପନ୍ଥୀମାନେ ନିଜ ସଂଗଠନ ଭିତରେ ଅନେକ ହତ୍ୟାକାଣ୍ଡ ଭିଆଇଥାନ୍ତି । ମାଓବାଦୀ ମାନଙ୍କୁ ଉଦାହରଣ ପାଇଁ ନେଇ ଦେଖନ୍ତୁ । ସନ୍ଦେହ ହେଲେ ସେମାନେ ନିଜ ଲୋକଙ୍କୁ ମାରିବାକୁ ପଛାନ୍ତି ନାହିଁ । ସାଂପ୍ରତିକ ଘଟଣାରେ ମଧ୍ୟ ସେହିପରି କିଛି ହୋଇନଥିବ ବୋଲି କିଏ କହିବ ? ଯେଉଁମାନେ ତାଙ୍କୁ ହତ୍ୟା କରିଥିଲେ ହୁଏତ ସେହିମାନେ ହିଁ ନିଜ ଉପରୁ ଦୋଷ ଛଡ଼ାଇବା ପାଇଁ ମୃତ୍ୟୁର କେଇ କ୍ଷଣମଧ୍ୟରେ ଦୋଷଟି ହିନ୍ଦୁତ୍ୱବାଦୀ ଶକ୍ତିମାନଙ୍କ ଉପରେ ଲଦିଦେଇଥିବେ ।

କର୍ଣ୍ଣାଟକରେ କଂଗ୍ରେସର ସରକାର ଥିବା ସତ୍ତ୍ୱେ ଜଣେ ସାମ୍ବାଦିକାଙ୍କୁ ଏତେ ନିର୍ମମ ଭାବରେ ହତ୍ୟାକରାଯିବା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ହତ୍ୟାକାଣ୍ଡର ନିନ୍ଦା କରି ସମସ୍ୱରରେ ଏହି ଉପପାଦ୍ୟକୁ ସମର୍ଥନ କରିଥିଲେ ? ସେ ମଧ୍ୟ ତଦନ୍ତ ସମାପ୍ତ ହେବାଯାଏଁ ଅପେକ୍ଷା କରିନଥିଲେ । କଂଗ୍ରେସ ପାର୍ଟି ଉପାଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଏହି ହତ୍ୟାକାଣ୍ଡ ପଛରେ ବିଜେପି ଓ ଆରଏସଏସର୍ ହାତ ଥିବା କଥା ଗଣମାଧ୍ୟମକୁ କହିଦେଲେ । ସେ କେମିତି ଜାଣିଲେ ? ସୁନନ୍ଦା ପୁଷ୍କର ହତ୍ୟାକାଣ୍ଡପରେ ଯେତେବେଳେ ତାଙ୍କୁ ପ୍ରଶ୍ନ କରାଯାଇଥିଲା ସେ

To read the complete magazine, Download it for FREE from www.aahwaan.com

କହିଥିଲେ ବିନା ତଦନ୍ତରେ କିଛି କହିବା ଅସମ୍ଭବ, ଏହି ଘଟଣା ପରେ ସେ କେମିତି ଜାଣିପକାଇଲେ ଯେ ଏହା କିଏ କରିଛି ? ଗୌରୀ ଲଙ୍କେଶ କେବଳ ହିନ୍ଦୁତ୍ୱବାଦୀ ଚିନ୍ତାଧାରାର ବିରୋଧ କରୁନଥିଲେ, ସେ ମାଓବାଦୀଙ୍କ ସଂଗଠନ ସହ ମଧ୍ୟ ଜଡ଼ିତ ଥିଲେ । ମାଓବାଦୀଙ୍କୁ ହିଂସା ପରିତ୍ୟାଗକରି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଉଥିଲେ ବୋଲି ଶୁଣାଯାଉଛି, ଏବଂ ତଦନ୍ତ କରୁଥିବା ସଂସ୍ଥା ବର୍ତ୍ତମାନ କହୁଛନ୍ତି ଯେ ହୁଏତ ଗୌରୀଙ୍କୁ ମାଓବାଦୀ ମାନେ ମାରି ଥାଇ ପାରନ୍ତି । ହେଲେ ଏହି ସବୁ ଉପକ୍ରମ ଆସିବା ପୂର୍ବରୁ ଦେଶବ୍ୟାପୀ ଯେଉଁ ହିନ୍ଦୁତ୍ୱବିରୋଧୀ ଆୟୋଜନ ମାନ ହୋଇଗଲା ସେ ସବୁ କାହା ନିର୍ଦ୍ଦେଶରେ ହେଲା ? ଏତେବଡ଼ ଆୟୋଜନ ପାଇଁ କେହି ତ ଜଣେ ପ୍ରତ୍ୟକ୍ଷରେ ହେଉବା ପରୋକ୍ଷରେ ଅଙ୍ଗୁଳି ନିର୍ଦ୍ଦେଶ ଦେଇଥିବ ।

ସମସ୍ତ ଘଟଣାକ୍ରମକୁ ଲକ୍ଷ୍ୟକଲେ ଜଣାଯାଏ ଏ ସବୁ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା । ନିଜ ମୁଣ୍ଡରୁ ଦୋଷ ଛଡ଼ାଇବା ଉଦ୍ଦେଶ୍ୟରେ ହେଉ ଅବା ଅନ୍ୟକୁ ଦୋଷୀ ବୋଲି ଦେଖାଇବାର ସୁଯୋଗ ପାଇଁ ହେଉ ଏହା ଆୟୋଜିତ ହେଲା । ପରୋକ୍ଷରେ ମୋଦୀଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ରସରକାରଙ୍କୁ ଦାୟୀ କରାଯିବାର ଅର୍ଥ କଣ ଥିଲା ? ମୋଦୀ ବିରୋଧୀମାନଙ୍କ ପାଇଁ ଏହି ଘଟଣା ଆହୁରି ଖୋରାକ ଯୋଗାଇଦେଲା, ସେମାନେ ନିଶ୍ଚିନ୍ତରେ ନିଜ ମୋଦୀ ବିରୋଧୀ ମନ୍ତବ୍ୟ ଓ ସ୍ଲୋଗାନ୍ ସବୁ ସୋସିଆଲ୍ ମେଡ଼ିଆରେ ପ୍ରସାର କରିବାକୁ ଲାଗିଲେ ।

To read the complete magazine, Download it for FREE from www.aahwaan.com

ଆଶ୍ଚର୍ଯ୍ୟର କଥା, ଭାରତର ଲୋକତନ୍ତ୍ରରେ ନିର୍ବାଚିତ ହୋଇଥିବା ପ୍ରଧାନସେବକଙ୍କୁ କିଛି ବ୍ୟକ୍ତି ଅତ୍ୟନ୍ତ ଅଶ୍ରାବ୍ୟ ଓ ଅଶାଳୀନ ଭାଷାରେ ସମ୍ବୋଧିତ କରୁଛନ୍ତି । କଣ ବାକ ସ୍ୱାଧିନତା ଏଇଥି ପାଇଁ ଦିଆଯାଇଥିଲା ? ଯେ ତୁମେ ନିଜ ଦେଶର ଜନପ୍ରତିନିଧିଙ୍କୁ ହିଁ ଅସମ୍ମାନିତ କରିବ ? ସ୍ୱାଧୀନତାର ଦ୍ୱାହି ଦେଇ 'ଭାରତ ତେରେ ଟୁକଡ଼େ ହୋଙ୍ଗେ' ବୋଲି କହିପାରିବ ? ତୁମମାନଙ୍କ ମସ୍ତିଷ୍କରେ ମନୁଷ୍ୟତ୍ୱ ନାହିଁ ବୋଲି କହିବି । ଦେଶ ଓ ଦେଶର ପ୍ରଧାନମନ୍ତ୍ରୀ ଆମ ସମସ୍ତଙ୍କର, ତାଙ୍କ ବିରୋଧରେ କହୁଥିବା ବ୍ୟକ୍ତିମାନେ ଦେଶଦ୍ରୋହୀ ଏଥିରେ ସନ୍ଦେହ ନାହିଁ ।

ଆଜୀବନ ଅଶ୍ଲୀଳ ଆଚରଣ କରୁଥିବା, ଦେଶବିରୋଧୀ ମନ୍ତବ୍ୟ ରଖୁଥିବା ମହିଳା ଜଣେ ମରିଗଲାପରେ ସାଧ୍ୱୀ ହୋଇଯିବେ ନାହିଁ, ତେଣୁ ତାଙ୍କ ମୃତ୍ୟୁକୁ ଆମେ ନିନ୍ଦାକରୁଛୁ ସତ କିନ୍ତୁ ସେ ଆମ ସମ୍ମାନର ଯୋଗ୍ୟା ନୁହନ୍ତି । ମୋ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଦେଉଥିବା, ମା ମାନଙ୍କୁ ଯୌନଦାସୀ ବୋଲି କହୁଥିବା, ଦେଶକୁ ଭାଗଭାଗ କରି ବାଣ୍ଟିବାପାଇଁ ଚିନ୍ତା କରୁଥିବା ବ୍ୟକ୍ତି ଆମ ପାଇଁ ଦେଶର ସବୁଠାରୁ ବଡ଼ ଶତ୍ରୁ । ତାଙ୍କ ମୃତ୍ୟୁରେ ହୋଇଥିବା ଶୋଭାଯାତ୍ରା କେବେ ବି ଠିକ୍ ବୋଲି ଆମେ କହିବୁ ନାହିଁ । ନିଜ ହୃଦୟରେ ହାତ ଦେଇ କେହି କହିପାରିବେ କି ସେ ଦେଶପାଇଁ କଣ କରିଛନ୍ତି ? ଦେଶର ଉନ୍ନତି ପାଇଁ କଣ କରିଛନ୍ତି ? କେବଳ ସମାଲୋଚନା କରିବା ଛଡ଼ା ସେ ଆଉ କଣ କରିଛନ୍ତି ? ତା'ହେଲେ ସେହିପରି ଜଣେ ବ୍ୟକ୍ତିର ମୃତ୍ୟୁରେ ଆମେ

To read the complete magazine, Download it for FREE from www.aahwaan.com

## କାହିଁକି ଦୁଃଖ ପ୍ରକଟ କରିବୁ ?

## ରୋହିଂଗ୍ୟା ମୁସଲମାନ ସମସ୍ୟା ଓ ଭାରତ

ବର୍ମାଦେଶର ପଶ୍ଚିମରେ ଥିବା ରଖୈନ୍ ପ୍ରଦେଶରେ ହେଉଥିବ ଜନ ଆନ୍ଦୋଳନ ପରେ ସେଠାରେ ପଳାୟନ କରିଥିବା ଅନେକ ମୁସଲମାନ୍, ଯେଉଁମାନଙ୍କୁ ରୋହିଂଗ୍ୟା ମୁସଲମାନ କୁହାଯାଉଛି, ସେମାନେ ନିଜ ଦେଶ ଛାଡ଼ିଦେଇ ଭାରତରେ ଶରଣ ନେଇଛନ୍ତି । ସୂଚନାଯୋଗ୍ୟ ଯେ ବିଭିନ୍ନ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏହି ମୁସଲମାନ ଗୋଷ୍ଠୀ ପ୍ରକୃତରେ ବଙ୍ଗଳାଦେଶର ନିବାସୀ ଥିଲେ କିନ୍ତୁ ସେମାନଙ୍କ କ୍ରମବର୍ଦ୍ଧିଷ୍ଣୁ ଅତ୍ୟାଚାର ଅସହ୍ୟ ହେବାରୁ ସେମାନଙ୍କୁ ଦେଶରୁ ବିତାଡ଼ିତ କରାଯାଇଥିଲା ଏବଂ ସେମାନଙ୍କୁ ବର୍ମାରେ ଶରଣାର୍ଥୀ ଭାବରେ ସ୍ଥାପିତ କରାଯାଇଥିଲା କିନ୍ତୁ ସେମାନେ ବର୍ମାର ରଖୈନ୍ ପ୍ରଦେଶରେ ରହିବାପରେ ସେଠାରେ ମଧ୍ୟ ନିଜର କୁକର୍ମ ଜାରୀ ରଖିଥିଲେ ଏବଂ ଅନେକ ସମୟରେ ମହିଳା ଏବଂ କନ୍ୟାମାନଙ୍କୁ ବଳାତ୍କାର କରିବା, ଅପହରଣ ଓ ହତ୍ୟା ଆଦିରେ ସାମିଲ ହେବା ଯୋଗୁଁ ଜନ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଏଥିରେ ବର୍ମାର ଜନୈକ ବୌଦ୍ଧଧର୍ମୀ ବିରାଥୁ ନାମକ ବ୍ୟକ୍ତି ହସ୍ତକ୍ଷେପ କରିବାପରେ ଏମାନଙ୍କ ଆକ୍ରମଣର ଦୃଢ଼ ପ୍ରତିରୋଧ କରିବା ସହ ସେମାନଙ୍କୁ ଦେଶରୁ ବିତାଡ଼ିତ କରାଯାଇଥିଲା । ଏହାପରେ ସେମାନେ ବେଆଇନ ଭାବରେ ଭାରତ ଭିତରେ ପ୍ରବେଶ କରି ମୁଖ୍ୟତଃ ଜମ୍ମୁକାଶ୍ମୀରରେ ବସତି ସ୍ଥାପନ

To read the complete magazine, Download it for FREE from www.aahwaan.com

କରିଥିଲେ । ତତ୍କାଳୀନ ସରକାର ଏମାନଙ୍କର ସ୍ଥାପନ ପାଇଁ ବସତି ନିର୍ମାଣ କରିଦେଇଥିବାର ଖବର ମଧ୍ୟ ଗଣମାଧ୍ୟମରେ ପ୍ରସାରିତ ହୋଇଛି । ଆଶ୍ଚର୍ଯ୍ୟର କଥା କାଶ୍ମୀରରୁ ବିତାଡ଼ିତ ପଣ୍ଡିତମାନଙ୍କ ପରିବାର ପାଇଁ କୌଣସି ସରକାର ଏତେ ପରିମାଣର କାମ କରିଥିବାର ଉଦାହରଣ ନାହିଁ, ଅଥଚ ବିଦେଶରୁ ବିତାଡ଼ିତ ଏବଂ ବେଆଇନ୍ ଭାରତ ଭିତରେ ପ୍ରବେଶ କରିଥିବା ଏହି ରୋହିଂଗ୍ୟା ମାନଙ୍କ ପାଇଁ ଆମ ନେତାମାନଙ୍କ ଦରଦ ଦେଖିବା ଭଳି ହୋଇଛି ।

ପ୍ରାୟ ଚାଳିଶି ହଜାର ରୋହିଂଗ୍ୟା ଭିନ୍ନ ଭିନ୍ନ ରାସ୍ତା (ସମୁଦ୍ରପଥ, ବଙ୍ଗଳାଦେଶର ସୀମା ଏବଂ ବର୍ମାର ଚୀନ ଅଧିକୃତ ଅଞ୍ଚଳ)ଦେଇ ଭାରତରେ ପ୍ରବେଶ କରିଛନ୍ତି । ସଂଯୁକ୍ତରାଷ୍ଟ୍ର ରାଜିନାମା ଅନୁଯାୟୀ ପ୍ରାୟ ଚଉଦ ହଜାର ରୋହିଂଗ୍ୟା ପଞ୍ଜିକୃତ ହୋଇଥିବା ବେଳେ ଅନ୍ୟ ସବୁ ବେଆଇନ୍ ଶରଣାର୍ଥୀ ବୋଲି ଦର୍ଶାଇ ଭାରତ ସରକାର ସେମାନଙ୍କୁ ତତ୍କାଳୀନ ଭିତ୍ତିରେ ଭାରତରୁ ବାହାରକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ନେଇ ରାଜନୀତି ସରଗରମ ରହିଛି । କିଛି ମାନବବାଦୀ ସଂଗଠନ କିନ୍ତୁ ସେମାନଙ୍କୁ ଦେଶରୁ ବାହାରି ଯିବାପାଇଁ ଦିଆଯାଇଥିବା ନିର୍ଦ୍ଦେଶକୁ ଅମାନବୀୟ ବୋଲି ଦର୍ଶାଇଛନ୍ତି । କିଛି ଦେଶୀ ଓ ବିଦେଶୀ ଗଣମାଧ୍ୟମ ସେମାନଙ୍କର ଦୁର୍ଦ୍ଦଶାକୁ ଦର୍ଶାଇ ଖବରମାନ ପ୍ରସାରଣ କରୁଛନ୍ତି । ଏବଂ ଏହା ସବୁ କରିବା ଦ୍ୱାରା ସେମାନେ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ।

To read the complete magazine, Download it for FREE from www.aahwaan.com

ଭାରତ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ କିରଣ ରିଜିଜୁଙ୍କ ମତରେ, "ରୋହିଂଗ୍ୟାମାନେ ହେଉଛନ୍ତି ବେଆଇନ ଶରଣାର୍ଥୀ ତେଣୁ ସେମାନଙ୍କୁ ବିତାଡ଼ିତ କରାଯିବା ଆବଶ୍ୟକ । ବର୍ତ୍ତମାନ ଅବସ୍ଥାରେ ଭାରତରେ ଆବଶ୍ୟକଠାରୁ ଅଧିକ ଶରଣାର୍ଥୀ ରହିଥିବା ହେତୁ ଭାରତକୁ ଆଉ ଅଧିକ ଶରଣାର୍ଥୀଙ୍କୁ ସ୍ଥାନ ଦେବାପାଇଁ କହିବା ଅନୁଚିତ । ଭାରତ ସବୁବେଳେ ଶରଣାର୍ଥୀଙ୍କ ପ୍ରତି କୋହଳ ମନୋଭାବ ଧାରଣ କରିଛି ତେଣୁ ଭାରତକୁ ଏହି ମାମଲାରେ କୌଣସି ଉପଦେଶର ଆବଶ୍ୟକତା ନାହିଁ । ଆମେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିଲେ ଆମକୁ ଅମାନବିକ ବୋଲି କୁହାଯାଉଛି ।"

କେନ୍ଦ୍ର ସରକାରଙ୍କ ଶକ୍ତ ମନ୍ତବ୍ୟ ପରେ ଦୁଇଜଣ ରୋହିଂଗ୍ୟା ଶରଣାର୍ଥୀ ସେମାନଙ୍କୁ ଭାରତରେ ରହିବାପାଇଁ ଦିଆଯାଉ ବୋଲି ଦାବୀକରି ଏକ ମାମଲା ସୁପ୍ରିମ୍ କୋର୍ଟରେ କରିଛନ୍ତି ।

ସୂଚନାଯୋଗ୍ୟ ଯେ ବର୍ତ୍ତମାନ ପଶ୍ଚିମବଙ୍ଗ ଏବଂ ଆସାମ ପରି ରାଜ୍ୟରେ ରହୁଥିବା ଶରଣାର୍ଥୀଙ୍କ ଯୋଗୁଁ ସେହି ସବୁ ପ୍ରଦେଶମାନଙ୍କରେ ଗୃହଯୁଦ୍ଧ ପରି ପରିସ୍ଥିତି ଉପୁଜିଥିବା ଦେଖାଗଲାଣି । ଏବଂ ଶରଣାର୍ଥୀମାନଙ୍କ ଯୋଗୁଁ ଦେଶର ସମ୍ବଳରେ ଦେଶବାସୀଙ୍କ ଅଧିକାର କମ ହେବାର ଦେଖାଗଲାଣି ବୋଲି ସରକାରୀ ଭାବରେ ମତ ଦିଆଯାଉଛି ।

ସେ ଯା ହେଉ, ମାନବିକତା ଦୃଷ୍ଟିରୁ ଶରଣାର୍ଥୀଙ୍କୁ ସହାୟ ହେବା

To read the complete magazine, Download it for FREE from www.aahwaan.com

ଆମ ଧର୍ମର ଥିଲେ ସୁଦ୍ଧା ସେହି ସଂପ୍ରଦାୟର ଅତୀତର ଇତିହାସକୁ ଦେଖିବା ଓ ଶୁଣିବାପରେ ସେମାନଙ୍କୁ ସହାୟତା କରିବା ପାଇଁ ମନ ବଳେନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ସମ୍ମାନର ସହ ବଞ୍ଚିବାର ଅଧିକାର ଅଛି, କିନ୍ତୁ ସେଥିପାଇଁ ସେମାନଙ୍କୁ ନିଜ ଦେଶକୁ ଫେରିଯିବା ଉଚିତ ବୋଲି ଜଣେ କେହି ମତ ଦେଇଛନ୍ତି । ଆମେ ମଧ୍ୟ ସେହି ମତକୁ ସମର୍ଥନ କରୁଛୁ । ଅନ୍ୟର ଦୟା ଉପରେ ରହିବା ଛାଡ଼ି ନିଜ ଦେଶ ନିଜ ଭୂଇଁରେ ସମ୍ମାନର ସହ ରହିବା ପାଇଁ ରୋହିଂଗ୍ୟାମାନଙ୍କୁ ବର୍ମାକୁ ଫେରିଯିବା ଉଚିତ ।

## ଭୁବନେଶ୍ୱରରେ ନିର୍ମାଣାଧିନ ବ୍ରିଜ ଦୁର୍ଘଟଣା

ଓଡ଼ିଶାର ରାଜଧାନୀ ଭୁବନେଶ୍ୱର । ଦେଶର ଅନେକ ସ୍ମାର୍ଟ ସିଟି ମଧ୍ୟରୁ ଅନ୍ୟତମ ସହର । ସହର ସାରା ମାଳମାଳ ଓଭରବ୍ରିଜ । ଜୀବନର ବେଗକୁ ଧିମା ନ କରିବାପାଇଁ ସମସ୍ତପ୍ରକାର ପ୍ରୟାସ ଏଠାରେ ଚାଲିଛି । କେନ୍ଦ୍ରସରକାର ମଧ୍ୟ ଏହି ସହରକୁ ସ୍ୱଚ୍ଛ ଓ ସୁନ୍ଦର ସହର ଭାବରେ ସମ୍ମାନିତ କରିଛନ୍ତି । ନିକଟ ଅତୀତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦେଶର ଶ୍ରେଷ୍ଠ ପ୍ରଶାସକ ଭାବରେ ଆଉଟଲୁକ୍ ପତ୍ରିକାଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି । ସବୁ ଠିକ ଥିବା ବେଳେ ହଠାତ୍ କିଛିଦିନ ତଳେ ସହର ମଧ୍ୟରେ ନିର୍ମାଣାଧୀନ ଏକ ଓଭରବ୍ରିଜ ଭାଙ୍ଗିପଡ଼ିବାରୁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି । ଘଟଣାଟି ସମ୍ପୂର୍ଣ୍ଣଭାବରେ ଦୁଃଖଦ ଓ

To read the complete magazine, Download it for FREE from www.aahwaan.com

ଆକସ୍ମିକ । ଅବଶ୍ୟ ନିର୍ମାଣାଧୀନ ବ୍ରିଜ ତଳରେ ଦିଆଯାଇଥିବା ଲୁହା ଓ ଅନ୍ୟାନ୍ୟ ସରଞ୍ଜାମର ତ୍ରୁଟିରୁ ଏପରି ହୋଇଥାଇପାରେ ବୋଲି ଆମକୁ ଲାଗୁଛି । କିନ୍ତୁ କିଛି କହିବା ଉଚିତ ହେବନାହିଁ, କାରଣ ଯେତେବେଳ ଯାଏଁ ଆମେ ସେହି ଘଟଣାସ୍ଥଳରେ ରହିନାହୁଁ, ଦୁର୍ଘଟଣା କେମିତି ହେଲା କହିବା ଅସମ୍ଭବ । ଏହି ଦୁର୍ଘଟଣାରେ ସୌଭାଗ୍ୟବଶତଃ ଅଧିକ ବ୍ୟକ୍ତି ମୃତାହତ ହୋଇନାହାନ୍ତି । ଯେହେତୁ ବ୍ରିଜ୍ ନିର୍ମାଣାଧୀନ ଥିଲା ତେଣୁ ତା ତଳ ଦେଇ ଯିବାଆସିବା କରିବା ବିପଦସଂକୁଳ ଥିଲା ।

ତଥାପି ଏହା ଅନେକାଂଶରେ ଏହିପ୍ରକାରର ପ୍ରୋଜେକ୍ଟରେ ହେଉଥିବା ଅବହେଳା ହେତୁ ହୋଇଥିବା କଥା ଆମେ କହିପାରିବା । କାରଣ ଯାହା ବି ହେଉ, ଏହା ଭାଙ୍ଗିବା ଉଚିତ ନଥିଲା । ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଏବଂ ଅନେକ ଇଞ୍ଜିନିୟର ଏବଂ କର୍ମଚାରୀଙ୍କୁ ବରଖାସ୍ତ କରାଯାଇଛି । କିନ୍ତୁ ପ୍ରଶ୍ନ ତଥାପି ଉଠୁଛି, ଆମ ସହରରେ ହେଉଥିବା ସମସ୍ତ ନିର୍ମାଣ ସୁରକ୍ଷିତ ତ ? ନା ଏହି ସବୁ ବଡ଼ ପ୍ରକଳ୍ପରେ ମଧ୍ୟ ପିସି (ପର୍ସେଣ୍ଟେଜ୍ ବ୍ୟାପାର) କାରବାର ହେଉଛି । ଏହା ସାଧାରଣ ଜନଜୀବନ ସହ ଖେଳୁଆଡ଼ ମନୋବୃତ୍ତିକୁ ଦର୍ଶାଉ ନାହିଁ ତ ?

## ରିୟାନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲରେ ଛାତ୍ରର ହତ୍ୟା

ଜାତୀୟ ସ୍ତରରେ ସବୁଠାରୁ ଚର୍ଚ୍ଚାରେ ରହୁଥିବା ଖବର ହେଉଛି ହରିଆନାରେ ଏକ ସମ୍ମାନଜନକ ସ୍କୁଲରେ ଏକ ସାତବର୍ଷ ବୟସ୍କ ଛାତ୍ରର ଗଳାକାଟି ହତ୍ୟା । ଶୁଣା ଯାଉଥିବା ଖବର ଅନୁଯାୟୀ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ବିଦ୍ୟାଳୟର ଜଣେ କର୍ମଚାରୀ ଛାତ୍ର ସହ ଅପ୍ରାକୃତିକ ଯୌନ ସଂଭୋଗ କରିବାକୁ ବାଧ୍ୟ କରିଥିଲେ ଏବଂ ସେ ଏଥିରେ ଅରାଜି ହୋଇ ଚିତ୍କାର କରିବାକୁ ଧାରୁଆ ଛୁରୀରେ ତା ଗଳାକୁ କାଟି ଦେଇଥିଲେ । ଅଭିଯୁକ୍ତ ଗିରଫ ହୋଇଥିବା ସତ୍ତ୍ୱେ, ସ୍ଥାନୀୟ ଅଧିବାସୀ ଓ ଅଭିଭାବକ ମାନେ ଏହି ଘଟଣାରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ବୋଲି ଦର୍ଶାଇ ବିଦ୍ୟାଳୟ ପରିଚାଳନା କମିଟିର ମୁଖ୍ୟକୁ ଗିରଫ କରିବା ପାଇଁ ଦାବୀ ହେଉଛି । ଅନ୍ୟ ଏକ ସୂଚନା ଅନୁଯାୟୀ ସମ୍ଭବତଃ ଛାତ୍ରର ହତ୍ୟା ମାମଲାରେ ଗିରଫ ହୋଇଥିବା ବ୍ୟକ୍ତି ଛାତ୍ରକୁ ହତ୍ୟା କରିନାହାନ୍ତି, ତାଙ୍କୁ ଆଉ କେହି ହତ୍ୟାକରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ବିଦ୍ୟାଳୟରେ ଏହିପ୍ରକାରର ଅଘଟଣ ଆଗରୁ ମଧ୍ୟ ହୋଇଥିବା କଥା ଅଭିଭାବକ ମାନେ ଦାବୀ କରିଛନ୍ତି । ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ଉଠିବାକୁ ଲାଗିଛି ।

## ଭଗବାନଙ୍କ ଦୁତ ରାମରହିମ ? ? ?

ବିଗତ ମାସର ସବୁଠାରୁ ଚର୍ଚ୍ଚିତ ଖବର ଥିଲା ପଞ୍ଜାବୀ ଶିଖ ସମ୍ପ୍ରଦାୟର ମାନ୍ୟ ଡେରା ସଚ୍ଚା ସୌଦାର ପ୍ରମୁଖ ଗୁରୁମିତ ରାମ ରହିମ୍ ଇନ୍‌ସାନଙ୍କ ଗିରଫ ହେବା ଘଟଣା । ଅନ୍ୟୁନ ସାଢ଼େ ପାଞ୍ଚକୋଟି ଲୋକ ତାଙ୍କୁ ଗୁରୁ ଭାବରେ ମାନନ୍ତି ବୋଲି ସେ ଦାବୀ କରିଛନ୍ତି । ବିଗତ ଦିନରେ ସେ ଚଳଚ୍ଚିତ୍ର ନିର୍ମାଣ ମଧ୍ୟ କରିଥିଲେ ଯେଉଁଥିରେ ସେ ନିଜେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଦୁର୍ଭାଗ୍ୟର ବିଷୟ ତାଙ୍କ

To read the complete magazine, Download it for FREE from www.aahwaan.com

ଉପରେ ବିଗତ ପନ୍ଦରବର୍ଷ ଧରି ଏକ ଯୌନଉତ୍ପୀଡ଼ନର ମାମଲା ଥିଲା । ଯେଉଁଥିରେ ଡେରାରେ କାମ କରୁଥିବା ଦୁଇଜଣ ସାଧ୍ୱୀ ବାବାଙ୍କର ଦୁଷ୍କର୍ମ ବିଷୟରେ ପ୍ରଧାନମନ୍ତ୍ରୀ ସମେତ ଅନେକ ଉଚ୍ଚପଦସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ କରିବାକୁ ନିବେଦନ କରିଥିଲେ । ସେହି ମାମଲାର ଶୁଣାଣି ଯେଉଁଦିନ ଥିଲା ସେହିଦିନ ମଧ୍ୟ ବାବା ନିଜ ଭକ୍ତଙ୍କ ଗହଣରେ ସାଢ଼େ ଦୁଇଶହ ଦାମୀ ଗାଡ଼ିର ଏକ ଶୋଭାଯାତ୍ରାରେ ଆସି ଅଦାଲତରେ ଉପସ୍ଥିତ ହୋଇଥିଲେ । କିନ୍ତୁ ମାମଲାର ଶୁଣାଣୀ କରୁଥିବା ନ୍ୟାୟାଧୀଶ ବାବା ଗୁରୁମିତ ରାମରହିମଙ୍କୁ ଦୋଷୀ ବୋଲି ସାବ୍ୟସ୍ତ କରିଥିଲେ, ଯାହା ଶୁଣିବାପରେ ହରିଆନା ଏବଂ ପଞ୍ଜାବ ସମେତ ଛଅଟି ରାଜ୍ୟରେ ହିଂସାକାଣ୍ଡ ବ୍ୟାପୀ ଯାଇଥିଲା । ଏଥିରେ ୩୨ ଜଣ ପ୍ରାଣ ହରାଇଥିବା ବେଳେ ଅଗଣିତ ଲୋକ ଆହତ ହୋଇଥିଲେ । ଆଶ୍ଚର୍ଯ୍ୟର ବିଷୟ ଆମ ଲୋକମାନେ ଏତେ ଅନ୍ଧ ଭାବରେ କେମିତି କାହାକୁ ଭକ୍ତି କରିପାରନ୍ତି ତାହା ଏହି ଘଟଣାରୁ ଜଣା ପଡ଼ିଥିଲା । ଯୌନ ଦୁଷ୍କର୍ମ ମାମଲାରେ ଉଚ୍ଚ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ସମର୍ଥନରେ ଏତେ ବ୍ୟାପକ ଆନ୍ଦୋଳନ କେମିତି ହୋଇଗଲା । ପରେ ପରେ ଗୁଇନ୍ଦ ସୁତ୍ରରୁ ଜଣାପଡୁଛି ଯେ ଏହି ହିଂସାକାଣ୍ଡ ମଧ୍ୟରେ ବାବାଙ୍କୁ ଫେରାର କରାଇବାର ମସୁଧା ହୋଇଥିଲା । ଆଉ ଏକ ଗଣମାଧ୍ୟମର ରିପୋର୍ଟରେ କୁହାଯାଇଛି, ଯେ କାଳେ ଜେଲରେ ଥିବା ବାବା ଜଣକ ଅସଲି ରାମରହିମ ନୁହନ୍ତି ।

ସେ ଯା'ହେଉ, ଆମ ଲୋକମାନେ ଏହି ତଥାକଥିତ ବାବାମାନଙ୍କ

To read the complete magazine, Download it for FREE from www.aahwaan.com

ଦ୍ୱାରା ଉତ୍ପୀଡ଼ନର ଶୀକାର ହେବା ସତ୍ତ୍ୱେ କେମିତି ସେମାନଙ୍କୁ ଅନୁସରଣ କରୁଛନ୍ତି ? ଯଦି ଦୁଇଜଣ ସାଧ୍ୱୀ ଏହି ମାମଲାରେ ମୁହଁ ଖୋଲିଥିଲେ ଅନେକ ଆହୁରି ମଧ୍ୟ ମୁହଁ ଖୋଲିଥିବେ । ଯେହେତୁ ଏହି ମାମଲା ପନ୍ଦର ବର୍ଷ ତଳର ତେଣୁ ଏହି ପନ୍ଦର ବର୍ଷରେ ଅଗଣିତ ମହିଳାଙ୍କ ସହ ସେହି ଏକାପ୍ରକାର ଦୁର୍ବ୍ୟବହାର ହୋଇଥିବା ସତ୍ତ୍ୱେ କେହି କେବେ ବି ବାବାଙ୍କ ବିରୋଧରେ ସ୍ୱରଉତ୍ତୋଳନ କରିନଥିଲେ କାହିଁକି ? ଏହା ଆମ ନ୍ୟାୟିକ ବ୍ୟବସ୍ଥାରେ ଥିବା ତୃଟି ଯୋଗୁଁ ହେଉଥିବ ବୋଲି କହିପାରିବା ନାହିଁ କି ? ଶୀଘ୍ର ନ୍ୟାୟ ମିଳୁଥିଲେ ଯେ କେହି ବି ଏହି ବ୍ୟବସ୍ଥା ଉପରେ ଆସ୍ଥା ଦେଖାଇଥାନ୍ତା । କିନ୍ତୁ ଆମର ଏଠି ଲୋକ ଦେଖାଣିଆ ବ୍ୟାପାର ହେଉଥିବା, ଏବଂ ବାବା ଜଣେ ରାଜନୈତିକ ତଥା ବ୍ୟବସାୟିକ ଗୋଷ୍ଠୀରେ ସମ୍ମାନିତ ବ୍ୟକ୍ତି ହୋଇଥିବା ହେତୁ କେହି ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାର ସାହାସ କରିନଥିଲେ ।

୨୦୦୭ ବେଳେ ଯେତେବେଳେ ଏହି ମାମଲା ସିବିଆଇ ହାତକୁ ଯାଇଥିଲା ସେହି ସମୟରେ ଏକ ସ୍ଥାନୀୟ ସମାଚାରପତ୍ରରେ ବାବାଙ୍କ କଳାକାରନାମା ବିଷୟରେ ବିସ୍ତୃତ ଖବର ଛପା ହୋଇଥିଲା ଏବଂ ଏହି ପତ୍ରିକାର ସମ୍ପାଦକଙ୍କୁ ସର୍ବସମ୍ମୁଖରେ ହତ୍ୟା କରିଦିଆଗଲା । ଯେଉଁମାନେ ବାବାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଲେ ସେ ସମସ୍ତଙ୍କୁ ହତ୍ୟା କରିଦିଆଗଲା । ହୁଏତ ସେଥିପାଇଁ କେହି ସାହାସ ଜୁଟାଇ ପାରିଲେ ନାହିଁ । ଏବେ ବାବା ଗିରଫ ହେବା ପରେ ତାଙ୍କୁ

To read the complete magazine, Download it for FREE from www.aahwaan.com

ନ୍ୟାୟାଳୟ ଦଶ ଦଶ ବର୍ଷ ହିସାବରେ କୋଡ଼ିଏ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇବା ସହିତ ତିରିଶି ଲକ୍ଷ ଟଙ୍କା ଜୋରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ବାବାଙ୍କ ଆଶ୍ରମରେ ଏବେ ପୋଲିସ ଛାଉଣୀ, ବାବାଙ୍କ ଆଶ୍ରମରେ ସବୁପ୍ରକାର ସୁଖ ସୁବିଧାର ଆସର ଥିଲା ବୋଲି ଭିତିରି ଖବର ସହ ଛବି ଏବେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେଉଛି । ନୀଳବର୍ଣ୍ଣ ଶୃଗାଳ ବେଶରେ ଏହି ପରି ସ୍ୱୟଂ ପ୍ରଚାରିତ ତଥାକଥିତ ସାଧୁ ବା ବାବାମାନଙ୍କ ଯୋଗୁଁ ହିନ୍ଦୁଧର୍ମର ପ୍ରକୃତ ଗୁରୁମାନେ ମଧ୍ୟ ଅପମାନିତ ହେଉଛନ୍ତି । ଲୋକମାନେ ଏହିପରି ବାବାଙ୍କ ଯୋଗୁଁ ଅନ୍ୟମାନଙ୍କୁ ସମ୍ମାନ ଦେବାକୁ ଉଚିତ ମନେ କରୁନାହାନ୍ତି । ସମସ୍ତଙ୍କୁ ଏକ ଚକ୍ଷୁରେ ଦେଖୁଛନ୍ତି, ଯାହା ସନାତନ ଧର୍ମ ବା ହିନ୍ଦୁ ଧର୍ମପାଇଁ ଏକ ଅଭିଶାପ ଭାବରେ ଦେଖାଯାଉଛି ।

## ନୀଳତିମିଠାରୁ ସାବଧାନ !

ବର୍ତ୍ତମାନ ସମୟରେ ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି ଆମେ ଅନେକ ଅପରାଜେୟ କାମ ସହଜରେ କରି ପାରୁଛୁ ସତ କିନ୍ତୁ କିଛି ଖଳ ପ୍ରକୃତିର ବ୍ୟକ୍ତି ଏହି ଜ୍ଞାନକୌଶଳକୁ ଅନ୍ୟ ଉପାୟରେ ବ୍ୟବହାର କରି ଲୋକଙ୍କ ଧନ ଓ ଜୀବନସହ ଖେଳିବାକୁ ଭଲ ପାଉଛନ୍ତି । ଆପଣ ଇମେଲ୍ ଦ୍ୱାରା ବା ଫୋନ ଦ୍ୱାରା ଲୋକମାନଙ୍କୁ ଠକିଦେଇ ସେମାନଙ୍କ ବ୍ୟାଙ୍କ ଖାତାରୁ ହଜାର ହଜାର ଟଙ୍କା

To read the complete magazine, Download it for FREE from www.aahwaan.com

ନେଇଯାଇଥିବା କଥା ଶୁଣିଥିବେ ନିଶ୍ଚୟ । ଏହି ସବୁ ଠକାମୀରେ ମନୁଷ୍ୟ ହରାଏ ନିଜର କଷ୍ଟ ଅର୍ଜିତ ଧନ କିନ୍ତୁ ବର୍ତ୍ତମାନ କିଛି ବ୍ୟକ୍ତି ଏପରି ଏକ ଖେଳ ସୃଷ୍ଟି କରିଛନ୍ତି ଯାହା ମନୁଷ୍ୟଠାରୁ ଚୋରେଇ ନିଏ ତାର ବଞ୍ଚିବାର ଅଧିକାର ଏବଂ ଆତ୍ମହତ୍ୟା ଭଳି କାର୍ଯ୍ୟ କରିବାକୁ ପରୋକ୍ଷରେ ପ୍ରବର୍ତ୍ତାଏ । ଏହି ପରି ଏକ ଖେଳର ନାଁ ହେଉଛି ବ୍ଲୁ ହ୍ୱେଲ୍ ଚ୍ୟାଲେଞ୍ଜ୍ ବା ନୀଳତିମି ସ୍ପର୍ଦ୍ଧା । ଏହା କେତେବେଳେ ଆମ ଦେଶରେ ପ୍ରବେଶ କରିଗଲା କେହି ଜାଣିପାରିଲେ ନାହିଁ, ଏବେ ଆମେ ଜାଣିବା ବେଳକୁ ଅନେକ ନିରୀହ ଜୀବନ ମୃତ୍ୟୁର ବଳି ଚଢ଼ିସାରିଲେଣି ।

ନିରବ ରହୁଥିବା ଏବଂ ମାନସିକ ବିଷାଦଗ୍ରସ୍ତ ଯୁବପୀଢ଼ିପାଇଁ ଏହି ଖେଳ ଏକ ମାରାତ୍ମକ ଦିଗ ଦେଖାଉଛି । ଯେଉଁମାନେ ଏହି ଖେଳରେ ସାମିଲ ହୋଇଛନ୍ତି ସେମାନେ ଏଥିରୁ ବାହାରକୁ ଆସିବା କଥା ଚିନ୍ତା କରିପାରୁନାହାନ୍ତି । ଖେଳରେ ସାମିଲ ହୋଇଥିବା ବ୍ୟକ୍ତିଙ୍କୁ ଏଥିରେ ଅନେକ ଅକଥନୀୟ ଅତ୍ୟାଚାର ଦିଆଯାଏ, ଏବଂ ଶେଷରେ ତାକୁ ନିଜ ଜୀବନ ହାରିବାପାଇଁ ଏକରକମ ବାଧ୍ୟ କରାଯାଏ । ଏହି ଖେଳ କବଜାରେ ବିଶେଷତଃ ଆଜିକାଲିର ଯୁବପୀଢ଼ି କବଳିତ ହୋଇଛି । ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ । ପାରିବାରିକ ବନ୍ଧନର ଅଭାବ, ଭବିଷ୍ୟତ ଚିନ୍ତାହୀନତା, ଜୀବନପ୍ରତି ସକାରାତ୍ମକ ଦୃଷ୍ଟିଭଙ୍ଗୀର ଅଭାବ ଆଦି ହେତୁ ଏହିପରି ଖେଳ ସମାଜରେ ବ୍ୟାପିବାରେ ଲାଗିଛି ।

ଯଦି ଆପଣଙ୍କ ପରିବାରରେ କୌଣସି ସଦସ୍ୟ ବା ସଦସ୍ୟାଙ୍କର

To read the complete magazine, Download it for FREE from www.aahwaan.com

ବ୍ୟବହାରରେ ହଠାତ ପରିବର୍ତ୍ତନ ଲକ୍ଷ୍ୟ କରୁଛନ୍ତି ତେବେ ସାବଧାନ ହୋଇଯାଆନ୍ତୁ । ଏହି ଖେଳରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ଅନେକ ଦୁଃସାଧ୍ୟ କାର୍ଯ୍ୟ କରିବାକୁ ଦିଆଯାଏ, ଯଥା ନିଜ ହାତରେ ଧାରୁଆ ବା ମୁନିଆ ଅସ୍ତ୍ରଦ୍ୱାରା କିଛି ଲେଖିବା, ହାତରେ ଛୁଞ୍ଚିଦ୍ୱାରା ତିମିମାଛର ଚିତ୍ର ଆଙ୍କିବା, ବନ୍ଧୁମାନଙ୍କୁ ଅଚାନକ ଆକ୍ରମଣ କରି କ୍ଷତାକ୍ତ କରିବା, ଉଚ୍ଚ ଅଟ୍ଟାଳିକାର କାନ୍ଥ ଉପରେ ଚାଲିବା, ଅନ୍ଧାର ରାତ୍ରୀରେ ମଶାଣୀପଦାକୁ ଯିବା, ଭୟଙ୍କର ଭିଡ଼ିଓ ସବୁ ଦେଖିବା, ଅନ୍ୟମାନଙ୍କୁ ବଦବ୍ୟବହାର କରିବା ଇତ୍ୟାଦି ସାମିଲ । ପ୍ରାୟ ଚାଳିଶିଗୋଟି ସୋପାନ ଦେଇ ଯିବାପରେ ଏହି ଖେଳରେ ଅଂଶ ଗ୍ରହଣ କରୁଥିବା ସଦସ୍ୟଙ୍କୁ ଶେଷରେ କୌଣସି ଉଚ୍ଚ ଅଟ୍ଟାଳିକାରୁ ଲମ୍ଫ ଦେଇ ନିଜ ଜୀବନ ହାରିବାକୁ କୁହାଯାଇଥାଏ । ଏହାକୁ ମନା କରିବା ଭଳି ଅବସ୍ଥାରେ ପ୍ରତିଯୋଗୀ ଆଉ ନଥାନ୍ତି ଏବଂ ଅନେକ ଖେଳାଳୀ ଯେଉଁମାନଙ୍କୁ ଶେଷ ମୁହୂର୍ତ୍ତରେ ରକ୍ଷା କରାଯାଇଛି ସେମାନେ ଏହି ଖେଳର ଭୟାବହତା ବିଷୟରେ କହି ପାରୁନାହାନ୍ତି । ସେମାନେ ସବୁ ମାନସିକ ଭାବରେ ଏତେ ଚାପଗ୍ରସ୍ତ ହୋଇଛନ୍ତି ଯେ ସେମାନେ ପୁଣିଥରେ ସେହି ବିଷୟରେ ଚିନ୍ତା କରିବା ଭଳି ଅବସ୍ଥାରେ ମଧ୍ୟ ନାହାନ୍ତି । ତେଣୁ ଆପଣ ନିଜ ପରିବାରଜନଙ୍କ ଜୀବନକୁ ମୂଲ୍ୟ ଦିଅନ୍ତୁ । ପରିବାରକୁ ମୂଲ୍ୟ ଦିଅନ୍ତୁ । ଆମ ପରିବାର ପୂର୍ବପରି ସବୁବେଳେ ସମସ୍ତେ ଏକାଠି ରହିଲେ ହିଁ ଏହି ଖେଳର କବଳିତ ହେବେ ନାହିଁ ।

ଏଥର ଜମିବ ପୂଜା ପତ୍ରିକା ବଜାର, କିନ୍ତୁ ଅନଲାଇନ୍...

To read the complete magazine, Download it for FREE from www.aahwaan.com

ପ୍ରତିବର୍ଷ ଅଗଣିତ ନୂତନ ପତ୍ରପତ୍ରିକା ସମେତ ପ୍ରତିଷ୍ଠିତ ପତ୍ରିକା ମାନଙ୍କର ପୂଜା ବିଶେଷାଙ୍କ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ପ୍ରକାଶିତ ହୋଇଥାଏ । ଏଥିପାଇଁ ଲୋକମାନେ ପ୍ରସ୍ତୁତ ହୋଇଛନ୍ତି । କିନ୍ତୁ ଅଧିକାଂଶ ପତ୍ରପତ୍ରିକା ପାଇଁ ଲେଖା ଆହ୍ୱାନ କରିବାର ମାଧ୍ୟମ ଏବେ ପାଲଟିଛି ଅନଲାଇନ ସାମାଜିକ ନେଟୱର୍କିଂ ସାଇଟ୍ ଯଥା ଫେସବୁକ୍ ଓ ଟ୍ୱିଟର୍ । ପ୍ରତିଦିନ ନୂଆ ନୂଆ ପତ୍ରପତ୍ରିକା ନାମରେ ଲେଖା ଆହ୍ୱାନ କରାଯାଉଛି । ଅନେକ ପତ୍ର ପତ୍ରିକାପାଇଁ ଲେଖକ ଲେଖିକାମାନେ ଉତ୍ସାହର ସହ ଲେଖା ଦେଉଥିବା କଥା ଉଲ୍ଲେଖ ମଧ୍ୟ କରୁଛନ୍ତି । ଯୁଗ ବଦଳୁଛି, ଯୁଗ ସହ ତାଳଦେଇ ଆମେ ବି ବଦଳିଲେ ଅସୁବିଧା କେଉଁଠି ? ଚାଲ ଅନଲାଇନ ଓଡ଼ିଆ ସାହିତ୍ୟକୁ ଅଧିକରୁ ଅଧିକ ପ୍ରସାର କରେଇବା । ଯେଉଁମାନେ ବହି ଦୋକାନକୁ ଯାଇ ପତ୍ରିକାଟିଏ କିଣି ଆଣିବାକୁ ଅସମର୍ଥ ହେଉଛନ୍ତି ସେମାନଙ୍କୁ ଆମେ ଆମ ଇ-ପତ୍ରିକା ମାଗଣାରେ ଦେବା । ସମସ୍ତେ ପଢ଼ନ୍ତୁ, ସମସ୍ତେ ଖୁସି ହୁଅନ୍ତୁ । ବର୍ତ୍ତମାନ ସମୟରେ ଅନଲାଇନ ପତ୍ରପତ୍ରିକା ମାନଙ୍କ ସଂଖ୍ୟା କିଛି ମାତ୍ରାରେ କମ ହୋଇଯାଇଥିବା ଭଳି ମନେ ହେଉଛି, ବୋଧହୁଏ ଏହି ସବୁ ପତ୍ରିକାକୁ ପ୍ରକାଶିତ କରୁଥିବା ବନ୍ଧୁମାନେ ଜୀବନଜଞ୍ଜାଳ କିମ୍ବା କର୍ମସ୍ଥଳୀର ପେଷଣାରେ ଘୋରି ହୋଇ ପତ୍ରିକା କଥା ଭୁଲିଯାଉଛନ୍ତି କିମ୍ବା ସମୟ ପାଉନାହାନ୍ତି । ତେବେ ଆମେ ସମସ୍ତେ କିଛି କିଛି ଚେଷ୍ଟା କରିବାକୁ ପଡ଼ିବ । ବାସ୍ତବିକ ଦୈନନ୍ଦିନ ଜୀବନ ଅତ୍ୟନ୍ତ ସମୟ ଅଭାବ ଦେଇ ଗତି କରୁଛି, ତେଣୁ ସମସ୍ତେ ଯଦି ମିଳିମିଶି କିଛି କିଛି ସମୟ

To read the complete magazine, Download it for FREE from www.aahwaan.com

ଦେବା ହୁଏତ ଏହି ଅଭାବ ମଧ୍ୟ ରହିବ ନାହିଁ ।

ଆଶା କରୁଛି ଚଳିତ ପୂଜା ଋତୁରେ ଆପଣମାନଙ୍କୁ ମା ଶାରଦା, ମା ଦେବୀ ଦୁର୍ଗା ଆଶୀର୍ବାଦ କରିବେ । ଆହ୍ୱାନ ଓଡ଼ିଆ ପରିବାର ତରଫରୁ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଆନନ୍ଦ ମଠ



ଦୀପକ ଷଡ଼ଙ୍ଗୀ

ମୂଳ ବଙ୍ଗଳା : ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟ

ଓଡିଆ ଭାଷାନ୍ତରଣ : ଦୀପକ ଷଡଙ୍ଗୀ

ଭାଗ - ୩

ଭୈରବୀପୁର, ଚାରିପଟରୁ ଜଙ୍ଗଲ ଘେରା ଗୋଟିଏ ଛୋଟ ଗାଁ । ଗାଁ'ଟି ଭଲ ସଫାସୁତୁରା ଥାଏ, କିନ୍ତୁ ଦୁର୍ଭିକ୍ଷ କାରଣରୁ ଗାଁ'ର ପ୍ରାୟ ସମସ୍ତ ଲୋକ ଜରାଜୀର୍ଣ୍ଣ ଅବସ୍ଥାରେ ଥାଆନ୍ତି । ଗାଁ'ର ମଝିରେ ଗୋଟେ ବଡ଼ ଆମ୍ବ ବଗିଚା ଥାଏ । ସେହି ବଗିଚାରେ ଗୋଟେ ଛୋଟ କୁଡ଼ିଆ ଭିତରକୁ ଜୀବାନନ୍ଦ ଝିଅକୁ ଧରି ପ୍ରବେଶ କଲେ । ଘର ବାହାରେ ଥିବା ଗୋଟେ ଚରଖାକୁ ଜୀବାନନ୍ଦ ଜୋରରେ ଘୁରେଇବାକୁ ଲାଗିଲେ । ଚରଖାର ଶବ୍ଦ ଶୁଣି ଛୋଟ ଝିଅଟି କାନ୍ଦିବାକୁ ଲାଗିଲା ଏବଂ ତତକ୍ଷଣାତ୍ ଜଣେ ୧୯/୨୦ ବର୍ଷର ଯୁବତୀ କୁଡ଼ିଆ ଭିତରୁ ବାହାରକୁ ଆସିଲା ଏବଂ କହିଲା "ଆରେ ଭାଇ ତୁମେ ଏ ଅସମୟରେ କେମିତି ଆସିଲ ? ଏ ଝିଅ କିଏ ? ୟା'କୁ ତୁମେ କେଉଁଠୁ ପାଇଲ ? ତୁମେ କଣ ଦିତୀୟ ବିବାହ କରିନେଲ ନା କଣ ?" ଜୀବାନନ୍ଦ କହିଲେ, "ଆରେ ମୋ ବୋକି ଭଉଣୀ ନିମି ମତେ କଣ ଏତେ ହୀନ ବୋଲି

To read the complete magazine, Download it for FREE from www.aahwaan.com

ଭାବିଛୁ ନା କଣ ? ହଉ ଛାଡ୍ ଦେଖ ଘରେ କିଛି କ୍ଷୀର ଅଛି କି ? ଯଦି ଅଛି ଟିକେ ଗରମ କରି ନେଇ କି ଆସେ । ନିମି ଘର ଭିତରକୁ ଗଲା ଏବଂ କିଛି ସମୟ ପରେ ଏକ ଗିଲାସରେ କ୍ଷୀର ଧରି ଆସିଲା । ଜୀବାନନ୍ଦ କହିଲେ, "କ୍ଷୀର ଟିକେ ଥଣ୍ଡା ହେଲା ପରେ ଏଇ ଛୋଟ ଝିଅଟିକୁ ପିଇବାକୁ ଦେବୁ ।" ନିମି ମଧ୍ୟ ବଡ଼ ଆନନ୍ଦରେ ଝିଅଟିକୁ କୋଳକୁ ନେଇ ତାକୁ ଅତି ଆଦର ସହକାରେ କ୍ଷୀର ପେଇବାକୁ ଲାଗିଲା । ସେ ଜୀବାନନ୍ଦଙ୍କୁ ପଚାରିଲା, "ଏ କାହା ଝିଅ ?" ଜୀବାନନ୍ଦ ନିମିକୁ ସେ ଝିଅକୁ ସେ କେମିତି ପାଇଲେ ତାର ସବୁ ବୃତ୍ତାନ୍ତ କହିଲେ । ସବୁ ଶୁଣି ସାରିବା ପରେ ନିମି ଝିଅଟିକୁ ନିଜ ପାଖରେ ରଖିବାକୁ ଆଗ୍ରହ ପ୍ରକାଶ କଲା । ଜୀବାନନ୍ଦ ମଧ୍ୟ ତାର ମମତାକୁ ଟାଳି ନ ପାରି ଝିଅଟିକୁ ପାଳିବାକୁ ଅନୁମତି ଦେଲେ । ନିମି ଜୀବାନନ୍ଦଙ୍କୁ କିଛି ଖାଇକରି ଯିବା ପାଇଁ ଅନୁରୋଧ କଲା ଏବଂ ତାଙ୍କ ପାଇଁ ଭୋଜନ ପରଶୁ ପରଶୁ ଜୀବାନନ୍ଦ ନିମି କି ପଚାରିଲେ ତାର ସ୍ୱାମୀ କୁଆଡ଼େ ଗଲେ ବୋଲି, ଉତ୍ତରରେ ନିମି କହିଲା, "ସେ କିଛି ଚାଉଳ ନେଇ ପାଖ ଗାଁରେ ବାଣ୍ଟିବାକୁ ଯାଇଛନ୍ତି ।" ଜୀବାନନ୍ଦ ଖାଇ ସାରିବା ପରେ ନିମି ପାଣି ଢାଳ ନେଇ ତାଙ୍କ ହାତକୁ ଦେଉ ଦେଉ ପଚାରିଲା, "ଭାଇ, ମୁଁ ଆପଣଙ୍କୁ ଗୋଟିଏ ଅନୁରୋଧ କରିବି ରଖିବେ ତ ?" ଜୀବାନନ୍ଦ କହିଲେ, "କି ଅନୁରୋଧ ?" ନିମି କହିଲା, "ଭାଇ ଆପଣ ଏଠାରୁ ଯିବା ପୂର୍ବରୁ ଭାଉଜଙ୍କ ସହ ଗୋଟେ ଥର ଦେଖା କରିକି ହିଁ ଯାଆନ୍ତୁ ।" ଏ କଥା ଶୁଣି ଜୀବାନନ୍ଦ କ୍ରୋଧରେ ଜର୍ଜରିତ ହୋଇ ଢାଳ ଫିଙ୍ଗିଦେଇ ଘର ବାହାରକୁ ଯିବାକୁ ଉଦ୍ୟତ ହୁଆନ୍ତେ ନିମି ଆସି କବାଟ ଆଗରେ ଛିଡ଼ା ହୋଇଗଲା ଏବଂ କହିଲା, "ଭାଉଜଙ୍କୁ ଦେଖା ନ କରି ଯଦି ଆପଣ ଚାଲିଯିବେ ତେବେ ଆପଣଙ୍କୁ ମୋର ଶବ ଉପର ଦେଇ ଯିବାକୁ ପଡ଼ିବ ।" ଭଉଣୀ ମୁହଁରୁ ଏପରି କଥା ଶୁଣି ଜୀବାନନ୍ଦ ଟିକେ ଶାନ୍ତ ପଡ଼ିଲେ ଓ କହିଲେ, "ହଉ ଠିକ୍ ଅଛି ଯା' ତୋ ଭାଉଜକୁ ଡାକି ଆଣେ ମୁଁ ଆଜି ତାକୁ ଦେଖାକରିକି ହିଁ ଏଠାରୁ ଯିବି ।" ନିମି

To read the complete magazine, Download it for FREE from www.aahwaan.com

ଚଟ୍ କରି ଘର ଭିତରକୁ ଚାଲିଗଲା ଏବଂ ଆରପଟ ଘରେ ଚରଖାରେ ସୂତା କଟିବାରେ ବ୍ୟସ୍ତ ଥିବା ତା ଭାଉଜ ଶାନ୍ତିକୁ ଜୀବାନନ୍ଦଙ୍କ ଆସିବା କଥା ଜଣାଇ ଦେଲା ।

ଶାନ୍ତି ଥିଲେ ଜଣେ ବ୍ରାହ୍ମଣ ପଣ୍ଡିତଙ୍କ ଝିଅ । ତାଙ୍କ ବାପା ପିଲାମାନଙ୍କୁ ପାଠ ପଢ଼ାଇବା ବେଳେ ସେ ମଧ୍ୟ ଆସି ସେଠାରେ ପିଲାମାନଙ୍କ ସହ ବସୁଥିଲେ ଯାହା ଫଳରେ ସେ ମଧ୍ୟ କିଛି ଶାସ୍ତ୍ରଜ୍ଞାନର ଅଧିକାରୀ ହୋଇ ପାରିଥିଲେ । ଶାନ୍ତିଙ୍କ ପିତାଙ୍କ ମୃତ୍ୟୁ ପରେ ପାଠଶାଳାଟିକୁ ମୋଗଲ ମାନେ ଆସି ମାଡ଼ିବସିଲେ ଓ ଶାନ୍ତିଙ୍କ ଉପରେ ମଧ୍ୟ ଅତ୍ୟାଚାର କଲେ । ଦିନେ ସନ୍ନ୍ୟାସୀମାନଙ୍କର ଏକ ମେଳି ହାବୁଡ଼ରେ ଶାନ୍ତି ପଡ଼ିଗଲେ । ସେ ସେମାନଙ୍କୁ ସବୁ କଥା କହିଲେ । ସନ୍ନ୍ୟାସୀମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ତାଙ୍କୁ ମଧ୍ୟ ସେମାନଙ୍କ ଦଳରେ ସାମିଲକରାଇ ଦେଲେ, ଫଳସ୍ୱରୂପ ଶାନ୍ତି କିଛି ଦିନ ମଧ୍ୟରେ ସବୁ ଅସ୍ତ୍ରଶସ୍ତ୍ରରେ ନିପୁଣା ହୋଇ ଉଠିଲେ । ସେହି ସମୟରେ ସନ୍ନ୍ୟାସୀ ଜୀବାନନ୍ଦଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଲା, କିନ୍ତୁ ସନ୍ନ୍ୟାସୀମାନେ ଯେ ସଂସାର ବନ୍ଧନରେ ଆବଦ୍ଧ ହୋଇ ପାରିବେ ନାହିଁ ତାହା ଜୀବାନନ୍ଦଙ୍କୁ ଠିକ୍ ଜଣାଥିଲା ସେଥିପାଇଁ ଜୀବାନନ୍ଦ ଶାନ୍ତିଙ୍କ ସହ ବିବାହ କରି ସାରିବା ପରେ ତାଙ୍କୁ ଆଣି ନିଜ ଭଉଣୀ ନିମିର ଘରେ ଆଶ୍ରୟ ଦେଇ ଥିଲେ ।

ଶାନ୍ତି ଆସି ଜୀବାନନ୍ଦଙ୍କ ପାଖରେ ନତମସ୍ତକ ହୋଇ ଛିଡ଼ା ହୋଇ ରହିଲା ।ଶାନ୍ତି ଜୀବାନନ୍ଦଙ୍କୁ ପ୍ରଶ୍ନ କଲେ, "ତୁମେ ମତେ କାହିଁକି ଦେଖା କଲ ? ଏହା କରିବା ଦ୍ୱାରା ତୁମର ବ୍ରତ ଭଙ୍ଗ ହୋଇନାହିଁ ତ ?" ଜୀବାନନ୍ଦ ଜୋରରେ କାନ୍ଦି ଉଠି ଶାନ୍ତିଙ୍କୁ ଆସି ଆଲିଙ୍ଗନ କଲେ ଏବଂ କହିଲେ, "ମୋର ଆଉ ସେ ବ୍ରତ ପାଳିବା ଦରକାର ନାହିଁ । ଯେଉଁ ସ୍ୱାମୀ ବିବାହ ଦିନଠାରୁ ତାର ପତ୍ନୀକୁ କିଛି ବି ସୁଖ ଦେଇପାରିଲା ନାହିଁ ତାର ଏଇ ଦେଶ ପାଇଁ

To read the complete magazine, Download it for FREE from www.aahwaan.com

ବ୍ରତ ପାଳିବାର କି ଆବଶ୍ୟକତା ଅଛି ? ଦେଶରେ ସନ୍ନ୍ୟାସୀ ରାଜତ୍ୱ ହେବ କି ନାହିଁ କିଛି ଜଣାନାହିଁ, କିନ୍ତୁ ମୁଁ ଆଉ ତୁମକୁ ଛାଡ଼ି ରହି ପାରିବିନାହିଁ ।” ଶାନ୍ତି ସ୍ୱାମୀଙ୍କର ଏଭଳି ଭୀରୁମାନଙ୍କ ଭଳି ବ୍ୟବହାର ଦେଖି ତାଙ୍କୁ ଆଶ୍ୱାସନା ଦେବାକୁ ଯାଇ କହିଲେ, “ଛିଃ ! ତୁମେ ଏଇ ଛାର ସ୍ତ୍ରୀ ପାଇଁ ସନ୍ନ୍ୟାସୀ ବ୍ରତକୁ ଛାଡ଼ି ଦେବାକୁ ବସିଛ । ମୁଁ ଯେ ଗୋଟେ ସଚ୍ଚା ଦେଶ ଭକ୍ତ ବୀରର ପତ୍ନୀ ହୋଇ ଯେଉଁ ଗର୍ବ ଅନୁଭବ କରୁଛି ସେ କଥା ତୁମେ କାହୁଁ ବୁଝିବ ? କିନ୍ତୁ ତୁମେ ମୋତେ ଦେଖାକରି ବ୍ରତ ଭଙ୍ଗ କରିଛ ତାହାର ପ୍ରାୟଶ୍ଚିତ ତୁମକୁ କରିବାକୁ ପଡ଼ିବ ଏବଂ ତାହା ହେଲା ଯଦି ତୁମେ ଦେଶ ମାତୃକାର ସେବା କରୁ କରୁ ବୀରଗତି ପ୍ରାପ୍ତ ହୁଅ ଅନ୍ତତଃ ଥରେ ମତେ ଦେଖା କରିବ ଓ ସନ୍ନ୍ୟାସୀ ବ୍ରତ ପୂରଣ ନ ହେବା ପର୍ଯ୍ୟନ୍ତ ତୁମେ ମୋ ସଙ୍ଗେ ଆଉ କେବେ ବି ଦେଖା କରିବ ନାହିଁ ।” ଏହା କହି ଶାନ୍ତି ଜୀବାନନ୍ଦଙ୍କ ଠାରୁ ବିଦାୟ ନେଲେ । ଆଉ ଜୀବାନନ୍ଦ ବାହାରିଗଲେ ସତ୍ୟାନନ୍ଦଙ୍କୁ ଠାବ କରିବା ପାଇଁ ।

ଜୀବାନନ୍ଦଙ୍କ ଯିବା ପରେ ଶାନ୍ତି ଓ ନିମି ମଧ୍ୟରେ ବାର୍ତ୍ତାଳାପ ଚାଲିଲା । ଶାନ୍ତି ପଚାରିଲେ, “ଏ ଝିଅଟି କାହାର ?” ନିମି ଉତ୍ତର ଦେଲା, “ଭାଇ କେଉଁଠୁ ପାଇଛନ୍ତି, ଏହାକୁ ଆଣିଛନ୍ତି, ଝିଅଟି ଭଲ ସୁନ୍ଦର ହୋଇଥିବାରୁ ମୁଁ ଏହାକୁ ରଖି ପାଳିବି ବୋଲି କହିବାରୁ ଭାଇ ଝିଅଟିକୁ ମୋତେ ଦେଇଗଲେ ।” ଏହି ସମୟରେ ନିମିର ସ୍ୱାମୀ ଘର ମଧ୍ୟକୁ ପ୍ରବେଶ କଲେ । ତାଙ୍କୁ ଦେଖି ଶାନ୍ତି ସେପଟ ଘରକୁ ଚାଲିଗଲା । ସେ ଘର ଭିତରକୁ ଯାଇ ନିଜକୁ ପୁରୁଷ ସନ୍ନ୍ୟାସୀ ବେଶରେ ସଜାଇ ସ୍ୱାମୀଙ୍କ ସହ ଦେଖା କରିଥିବାରୁ ପ୍ରାୟଶ୍ଚିତ କରିବା ଲକ୍ଷ୍ୟ ନେଇ ନିମି ଓ ତା ସ୍ୱାମୀର ଅଜାଣତରେ ଘରୁ ବାହାରି ଗଲା ।

To read the complete magazine, Download it for FREE from www.aahwaan.com

ସେପଟେ ଆନନ୍ଦମଠରେ ସନ୍ନ୍ୟାସୀ ଭବାନନ୍ଦ ଧ୍ୟାନ ମୁଦ୍ରାରେ ତଲ୍ଲିନ ଥାଆନ୍ତି । ଏହି ସମୟରେ ଆଉ ଜଣେ ସନ୍ତାନ ସନ୍ନ୍ୟାସୀ ଜ୍ଞାନାନନ୍ଦ ଆସି ତାଙ୍କୁ ଖବର ଦେଲେ ଯେ ମୋଗଲ ଓ ଇଂରେଜ ମାନେ ମିଶି ବହୁତ ଗୁଡ଼ିଏ ସନ୍ନ୍ୟାସୀମାନଙ୍କୁ ଗିରଫ କରି ନଗରକୁ ନେଇ ଯାଇଛନ୍ତି ଓ ସେଥିରେ ମହର୍ଷି ସତ୍ୟାନନ୍ଦ ମଧ୍ୟ ଅଛନ୍ତି । ଏହା ଶୁଣି ଭବାନନ୍ଦ ତାଙ୍କ ଆସନରୁ ଉଠି ଛିଡ଼ା ହେଲେ ଓ ମଠ ଭିତରକୁ ଗଲେ ଏବଂ କିଛି ସମୟ ପରେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ମୋଗଲମାନଙ୍କ ପରି ଛଦ୍ମବେଶ ଧାରଣ କରି, ଅଶ୍ୱଶାଳରୁ ଏକ ଅଶ୍ୱ ଉପରେ ବସି ଛୁଟି ଚାଲିଲେ ନଗର ଆଡ଼କୁ । ଭବାନନ୍ଦ ବାହାରି ଯିବା ପରେ ମଠର ସମସ୍ତ ସନ୍ତାନମାନଙ୍କୁ ଜ୍ଞାନାନନ୍ଦ ଜଣାଇଦେଲେ ଯେ ମହର୍ଷି ସତ୍ୟାନନ୍ଦ ମୋଗଲମାନଙ୍କ ଦ୍ୱାରା ଗିରଫ ହୋଇ ନଗର କାରାଗାରରେ ବନ୍ଦୀ ହୋଇଅଛନ୍ତି । ଏହି ଖବର ଶୁଣିବାପରେ ଶହଶହ ସଂଖ୍ୟାରେ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସନ୍ତାନଗଣ ଆସି ମଠର ପ୍ରାଙ୍ଗଣରେ ଏକତ୍ରିତ ହୋଇଗଲେ । ଜ୍ଞାନାନନ୍ଦ ସେମାନଙ୍କୁ ଆହ୍ୱାନ ଦେଲେ, “ସନାତନ ଧର୍ମର ପ୍ରତିଷ୍ଠାତା ମହର୍ଷି ସତ୍ୟାନନ୍ଦଙ୍କୁ ମୋଗଲମାନେ ଧରି ନେଇ ବନ୍ଦୀ କରି ରଖିଛନ୍ତି, ଚାଲ ଆମେ ସମସ୍ତ ସନ୍ତାନମାନେ ମିଶି ତାଙ୍କୁ ମୁକ୍ତ କରିବା ।” ଜ୍ଞାନାନନ୍ଦଙ୍କ ଆଦେଶ ପାଇ ସନ୍ତାନମାନେ “ହରେ ମୁରାରୀ ମଧୁ କୈଟଭ ହାରି” ଧ୍ୱନି ସୃଷ୍ଟି କରି ମାଡ଼ି ଚାଲିଲେ ନଗର ଆଡ଼କୁ । ସେମାନଙ୍କ ଧ୍ୱନିରେ ଆନନ୍ଦମଠ ପ୍ରକମ୍ପିତ ହୋଇ ଉଠିଲା । ସେମାନେ ନଗରରେ ପହଞ୍ଚି କରାଗାରକୁ ଧ୍ୱସ୍ତବିଧ୍ୱସ୍ତ କରି ମହର୍ଷି ସତ୍ୟାନନ୍ଦ ଓ ମହେନ୍ଦ୍ରଙ୍କୁ ସେଠାରୁ ଉଦ୍ଧାର କଲେ । ଏସବୁ ଦେଖି ମୋଗଲ ଓ ଇଂରେଜମାନେ ମିଳିତ ଭାବେ ସନ୍ନ୍ୟାସୀ ସନ୍ତାନମାନଙ୍କୁ ବନ୍ଧୁକ ଓ ତୋପ ସାହାଯ୍ୟରେ ଆକ୍ରମଣ କଲେ, ଯାହା ଆଗରେ କି ସନ୍ତାନମାନଙ୍କର ଖଣ୍ଡା, ଢାଲ କି ବର୍ଚ୍ଛା କାମରେ ଆସିଲା ନାହିଁ, ଆଉ ବେଶୀ ସମୟ ମୋଗଲ ଓ ଇଂରେଜମାନଙ୍କର

To read the complete magazine, Download it for FREE from www.aahwaan.com

ଆକ୍ରମଣକୁ ପ୍ରତିହତ କରି ନପାରି ସନ୍ତାନମାନେ ସମସ୍ତେ ପୁଣି ଜଙ୍ଗଲ ମଧ୍ୟକୁ ପଳାୟନ କଲେ ଓ କିଛି ସନ୍ତାନ ଆହତ ଓ ବୀରଗତି ପ୍ରାପ୍ତ ମଧ୍ୟ ହେଲେ ।

ତା' ପରଦିନ ମୋଗଲମାନଙ୍କ ଠାରୁ ହାରି ସନ୍ତାନମାନେ ପଳାୟନ କରିଥିବାରୁ ସତ୍ୟାନନ୍ଦ, ଜୀବାନନ୍ଦ ଓ ଭବାନନ୍ଦଙ୍କ ମଧ୍ୟରେ ଆଲୋଚନା ଚାଲିଥାଏ । ସତ୍ୟାନନ୍ଦ କହିଲେ, "ଆମକୁ ଯଦି ତାଙ୍କ ସହ ଲଢ଼ିବାକୁ ହେବ ତେବେ ଆମକୁ ମଧ୍ୟ ତାଙ୍କରି ଭଳି ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଲଢ଼ିବାକୁ ପଡ଼ିବ, ଖଣ୍ଡା ଢାଲରେ ଆଉ କାମ ଚଳିବ ନାହିଁ, ସେଥିପାଇଁ ମୁଁ ମନସ୍ଥ କରିଛି ଗୋଳାବାରୁଦ ଯୋଗାଡ଼ କରିବା ପାଇଁ ମୋତେ ବାହାରକୁ ଯିବାକୁ ପଡ଼ିବ ।" ଭବାନନ୍ଦ କହିଲେ, "ଆପଣ ଏକୁଟିଆ ଏତେ ସବୁ ଗୋଳାବାରୁଦ କିପରି ସଂଗ୍ରହ କରି ଆଣିବେ ?" ସତ୍ୟାନନ୍ଦ ଅଳ୍ପ ହସି କହିଲେ, "ମୁଁ ସେଗୁଡ଼ିକ ଏଠାକୁ ଆଣିବି ନାହିଁ । ଜୀବାନନ୍ଦ ପଚାରିଲେ, "ତେବେ ଆପଣ କଣ କରିବେ ?" ସତ୍ୟାନନ୍ଦ ପୁଣି କହିଲେ, "ମୁଁ ନଗରକୁ ଯାଇ ସେଠାକାର କିଛି ଗୋଳାବାରୁଦ କାରିଗରଙ୍କୁ ବ୍ୟକ୍ତିଗତ ଭାବେ ଜାଣିଛି । ସେମାନଙ୍କୁ ମୁଁ ଏଠାକୁ ଆଣିବି ଓ ଆମେ ଏଇଠି ସେସବୁ ତିଆରି କରିବା ।" ଭବାନନ୍ଦ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, "କଣ ଏଇ ଆନନ୍ଦମଠରେ ?" ସତ୍ୟାନନ୍ଦ କହିଲେ, "ନା ! ପଦଚିହ୍ନ ଗ୍ରାମରେ, ସେଥିପାଇଁ ତ ମୁଁ ମହେନ୍ଦ୍ରକୁ ସନ୍ତାନ ହେବା ପାଇଁ ରାଜି କରେଇଛି, ମୁଁ ଆଜି ହିଁ ତାକୁ ଓ ଆଉ ଜଣେ ସନ୍ନ୍ୟାସୀଙ୍କୁ ସନ୍ତାନ ଧର୍ମରେ ଦୀକ୍ଷିତ କରାଇବି ।" "ଆଉ ଜଣେ ସନ୍ନ୍ୟାସୀ ସେ ପୁଣି କିଏ ?" ଜୀବାନନ୍ଦ ପଚାରିଲେ । "ହଁ ଜଣେ ସନ୍ନ୍ୟାସୀ ଆସିଛନ୍ତି ସନ୍ତାନ ବ୍ରତ ଧାରଣ କରିବା ପାଇଁ ମୁଁ ଯଦିଓ ତା'ଙ୍କୁ ଆଗରୁ କେବେ ଦେଖି ନାହିଁ ତେବେ ତାଙ୍କ ପାଖରେ ସନ୍ୟାସୀ ହେବାର ସବୁ ଲକ୍ଷଣ ମୁଁ ଦେଖି ପାରିଛି" ସତ୍ୟାନନ୍ଦ କହିଲେ । ଆଉ ମଧ୍ୟ କହିଲେ, "ଯେ ପର୍ଯ୍ୟନ୍ତ ମୁଁ କାମ ସାରି ମଠକୁ ନ ଫେରିଛି ସେ ପର୍ଯ୍ୟନ୍ତ ତୁମେମାନେ କେହି ବି ପ୍ରାୟଶ୍ଚିତ କରିବା ନାହିଁ ।" ଏହି କଥା କହି ସତ୍ୟାନନ୍ଦ

To read the complete magazine, Download it for FREE from www.aahwaan.com

ସେଠାରୁ ଚାଲିଗଲେ । ତା'ପରେ ଭବାନନ୍ଦ ଜୀବାନନ୍ଦଙ୍କୁ ପଚାରିଲେ, "ତୁମେ କିଛି କରିଛ କି ?" ଜୀବାନନ୍ଦ କହିଲେ, "ମୁଁ କେବଳ ଗୋଟିଏ ଛୋଟ ଝିଅକୁ ନେଇ ମୋ ଭଉଣୀ ଘରେ ଛାଡ଼ି ଦେଇ ଆସିଛି ।" ଭବାନନ୍ଦ କହିଲେ "ସେଠାରେ ତୁମେ ତୁମ ପତ୍ନୀ ସହ ଦେଖା କରିନାହଁ ତ ?" ଜୀବାନନ୍ଦ ଟିକେ ଚୁପ ରହି କହିଲେ, "ମହର୍ଷି ସତ୍ୟାନନ୍ଦଙ୍କୁ ବୋଧେ ସେଇଆ ଲାଗୁଛି ନ ହେଲେ ସେ ଏପରି କାହିଁକି କହି କି ଗଲେ ଯେ, ସେ ନ ଫେରିବା ପର୍ଯ୍ୟନ୍ତ ଆମେ କେହି ପ୍ରାୟଶ୍ଚିତ କରି ପାରିବା ନାହିଁ ବୋଲି ।"

ଆଉ ତା'ପରେ .....

ମହେନ୍ଦ୍ରଙ୍କୁ ମହର୍ଷି ସତ୍ୟାନନ୍ଦ କଣ ସନ୍ନ୍ୟାସୀ ବ୍ରତ ଧାରଣ କରାଇ ପାରିବେ ?

ମହେନ୍ଦ୍ର କଣ ନିଜ ଗାଁରେ ଗୋଳାବାରୁଦ ତିଆରି କରିବାକୁ ଅନୁମତି ଦେବେ ?

ଆଉ ଜଣେ ସନ୍ନ୍ୟାସୀ କିଏ ଯିଏ କି ସନ୍ତାନ ହେବାକୁ ଇଚ୍ଛା ପ୍ରକଟ କରୁଛନ୍ତି ?

କ'ଣ ଏଇ ସନ୍ନ୍ୟାସୀମାନେ ମିଶି ଭାରତମାତାଙ୍କୁ ବନ୍ଧନ ମୁକ୍ତ କରି ପାରିବେ ?

ଏ ସମସ୍ତ ପ୍ରଶ୍ନର ଉତ୍ତର ପାଇବା ପାଇଁ ଅପେକ୍ଷା କରନ୍ତୁ ଆନନ୍ଦ ମଠର ଆଗାମୀ ଭାଗକୁ  ଯାହା ପ୍ରକାଶିତ ହେବ ଆହ୍ୱାନ ଇ – ପତ୍ରିକାର ଅକ୍ଟୋବର ସଂସ୍କରଣରେ....

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ

ଖୋଡାସିଂଗି, ବ୍ରହ୍ମପୁର – ୧୦

To read the complete magazine, Download it for FREE from www.aahwaan.com

# ସୁନେଲୀ ସିଂହ - ୧



ଅଶୋକ ବିଶ୍ୱାଳ

## ରାଜାଙ୍କ ପାରିଧି

ସେ ସବୁ କାହାଣୀ ଦେବେ ଭାଇ ଆଉ ରସିଲାବେନଙ୍କ ଆଗରେ ଘଟି ଯାଇଥିଲା । ସେମାନେ ସବୁ ଘଟଣାର ସାକ୍ଷୀ ଥିଲେ । ସେମାନେ ସେ ପରିବାରକୁ ନିଜ ଆଖିରେ ଦେଖିଥିଲେ । ଏସବୁ କଥାକୁ ସେମାନଙ୍କର କହିବା ଆକାରରେ ସଜାଇ ଦିଆ ଯାଇଛି ।

ବଡ଼ ସିଂହଟି ସେଦିନ ଦଳ ଆଗରେ ଧିରେ ଧିରେ ଚାଲି ଚାଲି ଆସୁଥିଲା । ତାର ଚାଲିରେ ରାଜକୀୟ ଠାଣି । ସିଂହର ସାମାନ୍ୟ ସୁନେଲି ରଙ୍ଗର ବାଳ, ଟିକେ ଟିକେ କଳା



To read the complete mag

ପଡ଼ିଯାଇଛି । ପଛରେ ହଳଦିଆ କଳା ରଙ୍ଗର ଜଙ୍ଗଲରେ ପତ୍ର ଝଡ଼ା ଦେଇଥିବା ହେତୁ ତାର ବାଳ ଅଧିକ ସୁନେଲି ଲାଗୁଛି । ସୁନେଲି କଳା କୁହାଯାଇପାରେ । ସିଂହର ଲମ୍ବା ଶରୀର । ମୁଣ୍ଡ ଚାରିପାଖେ କେଶର । ଏକଦମ୍ ସୁନେଲି ରଙ୍ଗର କେଶର କାନର ଠିକ୍ ଉପରୁ ଆରମ୍ଭ ହୋଇ ପ୍ରାୟେ ଓଠ ପର୍ଯ୍ୟନ୍ତ ଲମ୍ବି ଯାଇଛି । ଓଠ ପାଖରେ କେଶର ଟିକେ ଲମ୍ବା ହୋଇଯାଇଛି । ସିଂହର କେଶର ଦେଖିବାକୁ ଭଲ ଲାଗେ । କୁହାଯାଇପାରେ ଗୋଟିଏ ଛୋଟ ଛୁଆ ତୂଳୀରେ ଲମ୍ବା ଲମ୍ବା ମୋଟା ଗାର ପକାଇ ନେସି ଦେଇଛି । ସେହି କେଶର ଗୁଡ଼ିକ ଗୋଟିଏ ସ୍ତର ହୋଇ ବେକର ପାଖକୁ ଲମ୍ବି ଯାଇଛି । ତା ପରେ ତାହା ଶରୀର ସହିତ ପ୍ରାୟ ମିଶିଯାଇଛି । କାନର ପଛପଟର କେଶର ରଙ୍ଗ ସାମାନ୍ୟ ଧୂସର କଳା, ବେଶୀ ଅଂଶରେ କଳା ମଧ୍ୟ କୁହାଯାଇପାରେ । ତାହା ଆଗ ଗୋଡ଼ ପର୍ଯ୍ୟନ୍ତ ଲମ୍ବି ଯାଇଛି । ତେଣୁ ମୁହଁର ଠିକ୍ ଉପର ଆଗରେ ସୁନେଲି କେଶର ଅଛି । ପରେ ଏକ ଏକ ଅଳ୍ପ ପଟ୍ଟି ଆକାରରେ କଳା କେଶର ପଯ୍ୟନ୍ତ ଲମ୍ବିଯାଇଛି ।



ସିଂହଟି ବହୁତ ଖୁସିଥିଲା । ପୂର୍ବ ରାତିରେ ଦଳ ଏକ ହରିଣ ଶିକାର କରିଥିଲା । ସମସ୍ତଙ୍କୁ ପର୍ଯ୍ୟାପ୍ତ ଖାଇବାକୁ ମିଳିଯାଇଛି । ଦଳର ଶିକାରରେ ସେ ହଠାତ୍ ଭାଗ ନେଇ ନଥିଲା । ତାର ପୂର୍ବ

To read the complete magazine, Downl

ରାତିର କଥା ମନେ ପଡ଼ି ଯାଉଥିଲା । ସେମାନଙ୍କ ଦଳ ସାଧାରଣତଃ ସଂନ୍ଧ୍ୟାରେ ବା ରାତ୍ରୀର ପ୍ରଥମରୁ ଦ୍ୱିତୀୟ ପ୍ରହର ମଧ୍ୟରେ ଶିକାର କରନ୍ତି । କାଲି ସଂନ୍ଧ୍ୟାର ଆଲୁଅ ଧିରେ ଧିରେ ଲୁଚି ଯାଉଥିଲା । ଥଣ୍ଡା ପବନ ବୋହି ଆସୁଥିଲା । ବାତାବରଣ ଶୀତଳ । ସଂନ୍ଧ୍ୟାର ଲମ୍ବା ଛାଇ ଧିରେ ଧିରେ ପତଳା ହୋଇଯାଉଥିଲା ଆଉ ଅନ୍ଧାର ମାଡ଼ି ଆସୁଥିଲା । ପକ୍ଷୀମାନେ ଚିତ୍କାର କରିବା ବନ୍ଦ କରିଦେଇଥିଲେ । ଧିରେ ଧିରେ ଆକାଶକୁ ଚନ୍ଦ୍ର ଉଠି ଆସୁଥିଲା । ଶୀତଳ ଚନ୍ଦ୍ର କିରଣ ଚାରିଆଡ଼କୁ ପଡ଼ିଥାଏ । ସଂପୂର୍ଣ୍ଣ ଭାବରେ ନୀରବତା । ଆକାଶରେ ବାଦୁଡ଼ିମାନେ ଉଡ଼ି ବୁଲୁଥିଲେ । କେଉଁଠୁ କେଉଁଠୁ ପେଚାମାନେ ଲମ୍ବା ଗଛ



To read the complete magazine, Download it for FREE from www.aahwaan.com

ଗହଳରୁ ଡାକୁଥାନ୍ତି । ଦୂରରୁ କଲରା ପତରିଆ ବାଘର ଗର୍ଜନ ଆସୁଥିଲା । ଚିତଲ ହରିଣର ଆର୍ତ୍ତଚିତ୍କାର ଭାସି ଆସୁଥାଏ ।

ଗତ ରାତିରେ ସେ ଏକ ଛୋଟ ମାଟି ପଥରର କୁଦ ଉପରେ ଠିଆ ହୋଇ ଦଳକୁ ଅନାଇ ରହିଥିଲା । ଚନ୍ଦ୍ରର ଶୀତଳ କିରଣ ଗଛ ଫାଙ୍କା ଦେଇ ତଳେ ପଡୁଥିଲା । ଘାସ ପଡ଼ିଆ ଭିତରେ ଦଳେ ଚିତଲ ହରିଣ ଛୋଟ ଛୋଟ ଛୁଆମାନଙ୍କୁ ମଝିରେ ରଖି ଚାରିପଟେ ଘେରି ହୋଇ ଠିଆ ହୋଇଥାନ୍ତି । ସେମାନଙ୍କର ମୁଣ୍ଡ ସବୁଆଡ଼କୁ ଅନାଇ ରହିଥାଏ । ବିପଦ କୌଣସି ବି ଦିଗରୁ ଆସିପାରେ ।

ସବୁ ଗତକାଲିର କଥା । ସେମାନଙ୍କଠାରୁ ଅନେକ ଦୂରରେ ଏକ ଲମ୍ବା ଛାଇ ଦେଖାଗଲା । ଦଳର ମୁଖ୍ୟ ସିଂହୀ ଶିକାରର ଦାୟିତ୍ୱ ନିଏ । ତାର ନିର୍ଦ୍ଦେଶ ଅନୁସାରେ ଅନ୍ୟ ସିଂହୀମାନେ ଭିନ୍ନ ଭିନ୍ନ ଯାଗାରେ ଛକି ବସନ୍ତି । ତାର ଛାଇଟି ଖୁବ୍ ଧିରେ ଧିରେ ଚନ୍ଦ୍ର ଆଲୁଅରେ ଏପଟ ସେପଟ ହେଉଥିଲ । ଲାଗୁଥିଲା ଯେମିତି ଏକ ଭୂତର ପ୍ରତିମୂର୍ତ୍ତୀ ଏପଟ ସେପଟ ହେଉଛି । ଗୋଟିଏ ସିଂହୀ ସାବଧାନତାର ସହ ଆଗକୁ ବଢୁଥିଲା । ଏତେ ଶକ୍ତିଶାଳୀ ଶିକାରୀ ଆଖିରେ ଅଗ୍ନି । ସେ ହରିଣମାନେ ଆଗରେ ସାବଧାନ ହୋଇ ଅଛନ୍ତି । ତେଣୁ ସେ ଖୁବ୍ ସନ୍ତର୍ପଣର ସହିତ ଆଗଉଥିଲା । ଗଛ ଗହଳିରୁ ଟିକିଏ ଦୂରରୁ ସମ୍ରାଟ ସିଂହ ଭଲ ଭାବେ ଦେଖୁଥିଲା । ମୁଖ୍ୟ ସିଂହୀଟି ଖୁବ୍ ତୀକ୍ଷ୍ଣ୍ ଭାବରେ ଅନାଇଲା ଆଉ ଚୁପ୍ ଚୁପ୍ ରହିଗଲା । ଅନେକ ସମୟ ପାଇଁ ସେ ହଲିଲା ନାହିଁ । ଖୁବ୍ ସନ୍ତପର୍ଣର ସହ ନିଜର ଲକ୍ଷ୍ୟ ପାଖରେ ପହଞ୍ଚିବାକୁ ଚାହୁଁଥିଲା । ପ୍ରତିଟି ପଦକ୍ଷେପରେ ତାର ସନ୍ତପର୍ଣତା

To read the complete magazine, Download it for FREE from www.aahwaan.com

ଥିଲା, ଅତୀବ ସାବଧାନତା । ତାର କୋମଳ ପାଦରୁ ଚାଲିବାର ଶବ୍ଦ ପ୍ରାୟ ଆସୁ ନଥିଲା । ସିଂହୀଟି ଶେଷରେ ଏକ ବଡ଼ ପଥର ପାଖରେ ଲୁଚିଗଲା । ତାର ଗୋଡ଼ଟା ଟିକିଏ ଆଗୁଆ ହୋଇଯାଇଥାଏ । ବେକ ଟିକିଏ ଆଗକୁ ଲମ୍ବି ଯାଇଥାଏ ।

ଅନେକ ଅନ୍ଧାର ହୋଇଯାଇଥିଲା । କିନ୍ତୁ ସିଂହୀ ହେଉଛି ଏକ ଶକ୍ତିଶାଳୀ ତଥା ସାବଧାନତା ଗ୍ରହଣ କରିଥିବା ଶିକାରୀ । ସେ ହଠାତ୍ ଉଠି ଠିଆହେଲା ଏବଂ ତୀର ଭଳି ଗୋଟିଏ ଚିତଲ ହରିଣ ଆଡ଼କୁ ଛୁଟିଚାଲିଲା । ବର୍ତ୍ତମାନ ଚିତଲ ହରିଣମାନେ ଚନ୍ଦ୍ର କିରଣରେ ଶିକାରୀକୁ ଦେଖିନେଲେ । ଯେହେତୁ ସେମାନେ ଏପଟ ସେପଟ ହୋଇ ଠିଆ ହୋଇଥିଲେ ତେଣୁ କିଏ କେଉଁ ଆଡ଼କୁ ଦୌଡ଼ିବ ହଠାତ୍ ଜାଣିପାରିଲେ ନାହିଁ । ତେଣୁ ଏପଟ ସେପଟ ହୋଇ ଦୌଡ଼ିବାକୁ ଆରମ୍ଭ କଲେ । ସିଂହୀ ଟିକିଏ ରହିଗଲା ସେପଟୁ ଆଉ ଗୋଟିଏ ସିଂହୀ ଉଠିଆସିଲା । ଗୋଟିଏ ହରିଣ ସିଧା ସେ ସିଂହୀ ଆଡ଼କୁ ଦୌଡ଼ିଯାଉଥିଲା । ପଛରେ ଅନ୍ୟ ଏକ ଶିକାରୀ । ଅନ୍ୟ ସିଂହୀଟି ହରିଣ ଉପରକୁ ଡେଇଁ ପଡିଲା ଆଉ ତାକୁ ମାଡ଼ି ବସିଲା । ଆଉ ଏକ ଦିଗରୁ ଦୁଇଟି ସିଂହୀ ବାହାରି ଆସିଲେ । ସେମାନେ ଆଉ ଗୋଟିଏ ହରିଣକୁ ଶିକାର କରିନେଲେ । ଅଳ୍ପ ସମୟ ଭିତରେ ସିଂହୀଦଳ ଦୁଇଟି ଶିକାର ଧରିନେଲେ । ସେ ରାତି ପାଇଁ ଯଥେଷ୍ଟ ଖାଇବାକୁ ହୋଇଯାଇଥିଲା ।

ବର୍ତ୍ତମାନ ଦଳର ସମ୍ରାଟ ସିଂହ ଅନ୍ୟ ଏକ ଦିଗରୁ ଆଗେଇ ଆସିଲା । ସେ ଶିକାର କରିବାର କିଛି ଉଦ୍ୟମ କରି ନଥିଲା । ଏକଥା ନୁହେଁ ଶିକାରରେ ତାର କିଛି ଉପଯୋଗୀତା ନାହିଁ । ମଝିରେ ମଝିରେ ସିଂହୀମାନେ ବଡ଼ ଶିକାରକୁ ତଳେ ପକାଇ ପାରନ୍ତି ନାହିଁ । ଏହି ସମୟରେ ସିଂହର ଶକ୍ତି ଆଉ ଓଜନ କାମରେ ଆସେ । ସେ ନିଜର ଶକ୍ତିଶାଳି ଦାନ୍ତ ଆଉ

To read the complete magazine, Download it for FREE from www.aahwaan.com

ପଞ୍ଝାରେ ଶିକାରକୁ ସହଜରେ ମାରିଦିଏ । ସେ ଗର୍ବର ସହ ଆଗେଇ ଆସିଲା । ତାର ମୁଣ୍ଡ ଉପରକୁ ହୋଇଯାଇଥିଲା । ଦଳ ଉପରେ ତାର ପୂର୍ଣ୍ଣ କର୍ତ୍ତୃତ୍ୱ । ନିଜ ରାଜୁତି ଜାହିର କରିବା ପାଇଁ ସେ ଆଗେଇ ଆସିଲା । ପ୍ରତି ପଦକ୍ଷେପରେ ତାର ଅହଙ୍କାର । ତାର ଏମିତି ଆସିବାର ଭାବ ଦେଖି ଅନ୍ୟ ସିଂହୀମାନେ ଆଡ଼େଇ ହୋଇଗଲେ ଆଉ ଏ ସିଂହ ପ୍ରଥମେ ଖାଇବାକୁ ଆରମ୍ଭ କଲା । ଏହା ହେଉଛି ସିଂହର ଭାଗ୍ୟ, ସିଂହର ଭାଗ । ପୂର୍ବ ରାତିର ଶିକାରରେ ସେ ଖୁବ ଖୁସିଥିଲା ।

ଆଜିର ଅପରାହ୍ନରେ ତାର ଦଳରେ କିଛି ବିଶୃଙ୍ଖଳା ନାହିଁ । ସିଂହୀମାନେ ସୁସ୍ଥ ଅଛନ୍ତି । ସେମାନେ ଗଛର ଛାଇରେ ଅଳସୁଆ ହୋଇ ପଡ଼ି ରହିଥିଲେ । ଦଳର ଛୁଆ ମାନେ ଏପଟ ସେପଟ ହୋଇ ଖେଳୁଥିଲେ । ଏ ଛୁଆମାନେ ତାର ସନ୍ତାନ । ବେଳେ ବେଳେ ସେମାନେ ବିରକ୍ତ କରନ୍ତି, କିନ୍ତୁ ଅନେକ ସମୟରେ ସେମାନେ ତା' ସହ ଖେଳନ୍ତି । ତାକୁ ଏମିତି ଛୁଆମାନଙ୍କ ସହ ଖେଳିବାକୁ ଖୁସିଲାଗେ । ସେମାନେ ଭଲକରି ଦୌଡ଼ି ପାରନ୍ତିନି । କିନ୍ତୁ ସବୁବେଳେ କିଛି ନା କିଛି କରିବା ପାଇଁ ତତ୍ପର ଥାଆନ୍ତି । ସିଂହ ଦଳ ପାହାଡ଼ରୁ ଆଗକୁ ମୁହଁ ବୁଲାଇଲା । କେଉଁ ଆଡୁ କିଛି ଗର୍ଜନ ଆସୁନାହିଁ । ସେମିତି କିଛି ଅଜଣା ଗନ୍ଧ ମଧ୍ୟ ନାହିଁ । ସବୁ ଜିନିଷ ଜଣା ଶୁଣା । ପାଖରେ କେହି ପ୍ରତିଦ୍ୱନ୍ଦୀ ନାହାନ୍ତି । ତେଣୁ ତାର ସାମ୍ରାଜ୍ୟ ପାଇଁ କିଛି ବିପଦ ନାହିଁ । ସେ ଏ ଦଳର ରାଜା, ଏ ସ୍ଥାନର ସମ୍ରାଟ । ତାର ଛାତି ଖୁସିରେ ଫାଟି ପଡୁଥିଲା । ବେଶୀ ଖରାନାହିଁ, ବହୁତ ଗରମ ମଧ୍ୟ ନାହିଁ । ସିଂହ ନିଜର ପାରିଧିରେ ଆଗେଇ ଯାଉଥିଲା ।

To read the complete magazine, Download it for FREE from www.aahwaan.com

ଏ ବିଶାଳ ସିଂହର ଠିକ୍ ଗଳା ତଳେ କେଶର ଗୁଡ଼ିକ ଅଧିକ ଲମ୍ବିଯାଇଛି । ଓଠର ତଳୁ ଗୋଡ଼ ପର୍ଯ୍ୟନ୍ତ କେଶର । ସେ କେଶର ଗୁଡ଼ିକ ଆଗ ଗୋଡ଼ର ପ୍ରଥମ ଭାଙ୍ଗ ପର୍ଯ୍ୟନ୍ତ ଲମ୍ବା । ଏଥିରୁ ଜଣାପଡୁଛି ସିଂହଟି ପ୍ରାପ୍ତ ବୟସ୍କ ଆଉ ଅନେକ ଶକ୍ତିଶାଳୀ । ଲମ୍ବା ଆଉ କଳାକେଶର ଶକ୍ତିର ପରିଚାୟକ ବୋଲି ମାନି ନିଆଯାଇପାରେ । ସିଂହର ଦୁଇ କାନ ଉପରେ କିନ୍ତୁ ସୁନେଲି କେଶର ନଥିଲା । ଏଠି ଧୂସରିଆ କଳା କେଶର ବହୁତ ଅଧିକ ଥିଲା । ଏ କେଶର ଗୁଡ଼ିକ ଯୋଗୁଁ ସିଂହ ମୁହଁ ଖୁବ୍ ବଡ଼ ଲାଗୁଥିଲା । ଏମିତି ଏକ ବିଶାଳ ସିଂହର କାନ ଗୁଡ଼ିକ ଛୋଟ ଛୋଟ । ପ୍ରାୟ ଗୋଲ୍ ଆକାରର । କାନ ଭିତରେ ସୁନେଲି ରୁମ ଭରିରହିଛି । ଗିର ଜଙ୍ଗଲର ସିଂହମାନେ ଏସିଆଟିକ୍ ସିଂହ ବା ପାରସ୍ୟ ସିଂହ । ଏମାନଙ୍କର ମସ୍ତିଷ୍କ ଉପରେ ଆଉ ନାକ ଉପରେ କିଛି କେଶର ନଥାଏ ।

କ୍ରମଶଃ-

କୋଲକାତା

To read the complete magazine, Download it for FREE from www.aahwaan.com

# ଗାଳ୍ପିକା କବିତା ବାରିକ



ଅଧ୍ୟାପିକା ରଞ୍ଜିତା ପାତ୍ର

ଗାଳ୍ପିକ କବିତା ବାରିକଙ୍କ ଗଳ୍ପ ଜଗତ

ଅଧ୍ୟାପିକା ରଞ୍ଜିତା ପାତ୍ର

ଗାଳ୍ପିକା କବିତା ବାରିକ: ଏହି ପରିଚୟଟି ଲେଖିକାଙ୍କର ସାର୍ବଜନୀନ । ଉପନ୍ୟାସ, ପ୍ରବନ୍ଧ ଲେଖିବା ସତ୍ତ୍ୱେ ସେ ଓଡ଼ିଶାରେ ଜଣେ ବିଶିଷ୍ଟ ଗାଳ୍ପିକା ଭାବରେ ହିଁ ପରିଚୟ । ଏ ପର୍ଯ୍ୟନ୍ତ ୧୧ଟି ଗଳ୍ପ ସଂକଳନ ପ୍ରକାଶ ପାଇଛି । ସେଗୁଡ଼ିକ ହେଲା; ୧. ଭିନ୍ନ ସହର (୧୯୮୭), ୨. ଛକ (୧୯୯୦), ୩. ସଞ୍ଜ ଯେବେ ଆସେ (୧୯୯୨), ୪. ଗଙ୍ଗାସ୍ନାନ (୨୦୦୦), ୫. ଜୀବନ କେବେ କେମିତି (୨୦୦୧), ୬. ପବିତ୍ର ନିରଞ୍ଜନା (୨୦୦୬), ୭. ଉଇବନର ଠିକଣା (୨୦୦୮), ୮. ଅଧାଗଢ଼ା ସମ୍ପର୍କ (୨୦୧୩), ୯. ନିଃସର୍ତ୍ତ ଉଚ୍ଚାରଣ (୨୦୧୪), ୧୦. ପୁଣି ଜଣେ ଅରୁଣା ସାନବାଗ (୨୦୧୫), ୧୧. ଚରିତ୍ରମାନେ (୨୦୧୬) ।

ତାଙ୍କର କିଛି ଗଳ୍ପ ଇଂରାଜୀ, ବଙ୍ଗଳା, ହିନ୍ଦୀ ଓ ମରାଠୀ ଭାଷାରେ ମଧ୍ୟ ଅନୁବାଦିତ ହୋଇଛି । ସମସାମୟିକ ଓଡ଼ିଆ ଗଳ୍ପରେ ଗାଳ୍ପିକା ବାରିକ ଏକ ଚର୍ଚ୍ଚିତ

To read the complete magazine, Download it for FREE from www.aahwaan.com

ନାଁ । ତାଙ୍କ ଗଳ୍ପରେ ଥାଏ ପାରିବାରିକ ଜୀବନର ସୁଖଦୁଃଖ, ଗାଁ ଜୀବନଠାରୁ ଆରମ୍ଭ କରି ସହରଜୀବନର ପୃଷ୍ଠଭୂମି, ଜୀବନକୁ ନେଇ ଅଜସ୍ର ଅସମାହିତ ପ୍ରଶ୍ନ, ସମାଜର ସମସାମୟିକ ଘଟଣାବଳୀ, ଆବେଗ, ଭାବପ୍ରବଣତା ସହ ନାରୀ ଜୀବନର ଚମତ୍କାର ବିଶ୍ଳେଷଣ । ନାରୀ ଚରିତ୍ର ମୁଖ୍ୟତଃ ତାଙ୍କ ଗଳ୍ପର କେନ୍ଦ୍ରବିନ୍ଦୁ । ଏହି ନାରୀମାନେ ପ୍ରଚଣ୍ଡ ସ୍ୱାଭିମାନୀ, ଇଜ୍ଜତରେ ବଞ୍ଚିବା, ସ୍ୱାବଲମ୍ବନଶୀଳା ହୋଇ ପ୍ରତିକୂଳ ପାଣିପାଗ ସତ୍ତ୍ୱେ ଜୀବନ ସଂଗ୍ରାମରେ ଲଢ଼ିବା ହିଁ ସେମାନଙ୍କ ବିଶେଷତ୍ୱ । ବିଶେଷକରି ସେମାନେ ସଂଗ୍ରାମଶୀଳା । ହେଲେ ମଧ୍ୟ ପରାଜୟକୁ ଭ୍ରୂକ୍ଷେପ କରନ୍ତି ନାହିଁ । ନିଜ ଅଭିପ୍ସା ଓ ଲକ୍ଷ୍ୟପୁରଣ ଦିଗରେ କ୍ରିୟାଶୀଳ ରହି ବିଜୟକୁ ହିଁ ଭେଟନ୍ତି । କୌଣସି ଅନ୍ୟାୟ ଅନୀତି ସହ ସାଲିସ୍ କରନ୍ତି ନାହିଁ । ନିଜର ପୀଡ଼ା, ବ୍ୟଥାକୁ ସହି ନିର୍ଯ୍ୟାତନା, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି । ତେଣୁ ତାଙ୍କ ଗଳ୍ପର ମୁଖ୍ୟତଃ ଚରିତ୍ରମାନେ ବେଶ ସାହସିନୀ । ସେମାନେ ଅନ୍ୟପାଇଁ ଆଦର୍ଶ ପାଲଟନ୍ତି । ଯେଉଁ ନାରୀମାନେ ଘରକୋଣରେ ବସି ଲୁହ ଗଡ଼ାଉଛନ୍ତି, ନିର୍ଯ୍ୟାତନା ଅତ୍ୟାଚାରିତା ହୋଇ ଏହାକୁ ନିଜର ଭାଗ୍ୟବୋଲି ଆଦରି ନେଇଛନ୍ତି ସେମାନଙ୍କ ପାଇଁ କବିତା ବାରିକଙ୍କ ସହାନୁଭୂତିର ତୁଳନା ନାହିଁ । ସେମାନଙ୍କୁ ଅନ୍ଧକାରରୁ ଆଲୋକକୁ ଆଣିବା ଓ ସାହାସ ଯୋଗାଇବା ପାଇଁ ତାଙ୍କର ଅନେକ ଗଳ୍ପ ପ୍ରେରଣା ସଦୃଶ । ଏସବୁ ଗଳ୍ପ ଭିତରେ 'ଟିକି ଅଗଣାର ଝିଅ', 'ପୁଣି ଏକ ଆରମ୍ଭ', 'ସ୍ୱୟଂସିଦ୍ଧା', 'ଅସ୍ତିତ୍ୱ', 'ଦେହଖେଳ', 'ନାରୀ', 'ଭଲ ଦିନର ଠିକଣା', 'ଚେତନାରେ ଜୀବନ', 'ବନ୍ଧୁ', 'ପୁଣି ଏକ ସକାଳର ଅପେକ୍ଷାରେ', 'ରାସ୍ତା', 'କସ୍ତୁରୀ', 'କାଗଜଡଙ୍ଗାରେ ସମୟ', 'ଅନ୍ୟ ଏକ ରାଧା' ପ୍ରଭୃତି ଗଳ୍ପ ଉଲ୍ଲେଖନୀୟ ।

କବିତା ବାରିକଙ୍କ ଗଳ୍ପରେ ଥାଏ ଜୀବନର ଅନ୍ତରଙ୍ଗ ପରିଭାଷା, ଜୀବନର ମୂଲ୍ୟବୋଧ । ପାଠକ ପାଏ ନିଜକୁ ଚିହ୍ନିବା, ଜାଣିବା, ବୁଝିବାର ବହୁତ ତଥ୍ୟ । ସେଥିପାଇଁ

To read the complete magazine, Download it for FREE from www.aahwaan.com

ପାଠକ ଆବେଗରେ ଭିଜିଯାଏ । ମନେ ହୁଏ ଏ ସବୁ ଗଳ୍ପର ଚରିତ୍ରମାନଙ୍କୁ ସେ କେଉଁଠିନା କେଉଁଠି ନିଶ୍ଚୟ ଭେଟିଛନ୍ତି, ଦେଖିଛନ୍ତି, ଶୁଣିଛନ୍ତି, ଜାଣିଛନ୍ତି । ବେଳେ ବେଳେ ନିଜକୁ ବି ସେ ତା ଭିତରେ ଆବିଷ୍କାର କରନ୍ତି । ସମାଜରେ ଘଟୁଥିବା ଘଟଣା ସମସ୍ୟାକୁ ନେଇ ହିଁ ସେ ଗଳ୍ପ ଲେଖନ୍ତି । ଜୀବନ, ଜନ୍ମ, ମୃତ୍ୟୁ, ସ୍ୱପ୍ନ, ଅନ୍ୱେଷା, ପ୍ରେମ, ସ୍ମୃତି, ସମ୍ମାନ ଏମିତି ଅନେକ ପୃଷ୍ଠାରେ ଯୋଡ଼ିଯାଏ ତାଙ୍କ ଗଳ୍ପର ସର୍ଜନା ଭୂଇଁ । ମନସ୍ତତ୍ତ୍ୱର ବିବିଧ ଧାରା ଭିତରେ ତାଙ୍କର ଗଳ୍ପ ଜୀବନର ହିଁ କଥା କୁହେ । ଜୀବନକୁ ବାଦ ଦେଇ ଗଳ୍ପ ବି କାହିଁ ? କବିତା ବାରିକଙ୍କ ଗଳ୍ପ ଜୀବନକୁ ଭଲପାଇବା ଶିଖାଏ । ଜୀବନର ମୂଲ୍ୟବୋଧ କଥା କହେ, ଲାଞ୍ଚ, ମିଛ, ଦୁର୍ନୀତିକୁ ନେଇ ରାଜନୀତି କରୁଥିବା ମଣିଷମାନଙ୍କୁ ବ୍ୟାଙ୍ଗାତ୍ମକ ଦୃଷ୍ଟିରେ ସେ ପରଖିଛନ୍ତି । ସଚେତନ କରନ୍ତି ଦୟା ମଧ୍ୟ କରନ୍ତି - ବିଚାରାମାନେ ଏତେ ନିର୍ବୋଧ ଯେ ନିଜେ କଣ କରନ୍ତି ଜାଣନ୍ତି ନାହିଁ, ପାଠକକୁ ମାଟି ମନସ୍କ କରିଦିଏ ତାଙ୍କ ଗଳ୍ପ, ଜୀବନମନସ୍କ କରିଦିଏ ତାଙ୍କ ବିଶ୍ଳେଷଣ । ପୁଣି ତାଙ୍କ ଭାଷାରେ ଥାଏ କବିତାର ସୁର ମହ୍ଲାର, ଯାହା ପ୍ରଥମ ବର୍ଷାରେ ମାଟିର ମହକ ଭଳି ଭିଜେଇଦିଏ ହୃଦୟକୁ ଜୁଇ ଫୁଲର ବାସ୍ନାରେ ।

କହିବା ବାହୁଲ୍ୟ, କବିତା ବାରିକଙ୍କ ଗଳ୍ପରେ ଥାଏ ଉଭୟ ନାରୀ, ପୁରୁଷର ପାରିବାରିକ ଜୀବନର ସୁଖଦୁଃଖ, ତିକ୍ତ ମଧୁର ଅନୁଭୂତି, ପ୍ରେମ ସ୍ମୃତିର ପରିଭାଷା, ବାଲ୍ୟସ୍ମୃତି,  ଗାଁର ଚିତ୍ର, ଗାଁ ଜୀବନ, ମୃତ୍ୟୁଖେଳକୁ ନେଇ ଅନ୍ୱେଷା, ସମାଜରେ ଘଟୁଥିବା ଘଟଣାବଳୀ, ଏ ସବୁର ମିଳିତ କୋରସ୍ ହେଲା କବିତାଙ୍କର ଗଳ୍ପ ଉପନ୍ୟାସର ନିର୍ଯ୍ୟାସ । ସମାଜରେ ଘଟୁଥିବା ଘଟଣାବଳୀ ସଂପର୍କରେ ସେ ବେଶ ସଚେତନ । ସେଥିପାଇଁ ନିଜ ଭିଟାମାଟିରୁ ବିସ୍ଥାପିତ ହେଉଥିବା ସମସ୍ୟା ସ୍ଥିତିକୁ ନେଇ ଲେଖାଯାଇଛି ତାଙ୍କର ଗଳ୍ପ, 'ପାପ ବରଜ', 'ଭିଟାମାଟିରେ ଏନ୍‌କାଉଣ୍ଟର୍' ଚାଷୀ ଆତ୍ମହତ୍ୟାକୁ ନେଇ ଲେଖାଯାଇଛି,

To read the complete magazine, Download it for FREE from www.aahwaan.com

'ଶବ ରାଜନୀତି', ଦାଦନ ଓ ଦିନ ମଜୁରିଆଙ୍କୁ କେନ୍ଦ୍ରକରି ଗଳ୍ପ 'ମଣିଷ ହାଟ', ନାରୀ ଉପରେ ପାଶବିକତା ଓ ହତ୍ୟାକୁ ନେଇ ଗଳ୍ପ 'ପୁଣି ଜଣେ ଅରୁଣା ସାନବାଗ୍', 'ଦେହଖେଳ', 'ଅସ୍ତିତ୍ୱ', 'ଲିଙ୍କ୍', 'ଅଭିବ୍ୟକ୍ତ' । ପୁଣି ସାମ୍ପ୍ରତିକ ସମସ୍ୟା ଉପରେ ଆଧାରିତ ଗଳ୍ପ ଗୁଡ଼ିକ ଭିତରେ ରହିଛି କନ୍ଧମାଳର ଦୁଃଖ, ଆଦର୍ଶ ହୋଇଯାଏ ଯେବେ ସୁଦୂର, ମୁକ୍ତି ଅପେକ୍ଷାରେ ରେବତୀମାନେ, ରାଜନୀତି ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଗଳ୍ପ, ରାଜନୀତି, ବିଡମ୍ବିତ ସ୍ୱାଧୀନତା, ଗାନ୍ଧୀମାର୍କା ମଣିଷ, ଉତ୍ତରାଧିକାରୀ ପ୍ରଭୃତି ଗଳ୍ପ । ଡାହାଣୀ, ଗୁଣିଗାରେଡ଼ି, ନକ୍ସଲକୁ ନେଇ ଗଳ୍ପ, ଗୁଣିଆ ଝାଡ଼େ ଲୋ ଡାହାଣୀ, ପରାଜିତ କାବ୍ୟନାୟକ ।

ଜଣେ ସମାଜ ସଚେତନ ଲେଖିକା, ନାରୀବାଦୀ ଲେଖିକା ପୁଣି ମନସ୍ତତ୍ତ୍ୱ ଜୀବନ, ମୃତ୍ୟୁ ଚେତନା ଭିତରେ ନିଃସଙ୍ଗ ମଣିଷର କଥା ଲେଖୁଥିବା କବିତା ବାରିକ ନିଜ ବ୍ୟକ୍ତିତ୍ୱ ଓ ଚେତନାରେ ଯେ ଶାଣିତ, ସମୃଦ୍ଧ ଏ କଥା ଅସ୍ୱୀକାର କରାଯାଇ ନ ପାରେ ।

ମୋଟ ଉପରେ କହିଲେ, ଓଡ଼ିଆ ଗଳ୍ପ ସାହିତ୍ୟରେ ଗାଳ୍ପିକା କବିତା ବାରିକ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ତାଙ୍କ ଗଳ୍ପର ଚରିତ୍ରମାନେ ଆମ ଚାରିପାଖରେ ମିଳନ୍ତି ବୋଲି ପାଠକ ଏହା ଭିତରେ ନିଜକୁ ଖୋଜିପାଏ । ତାଙ୍କ ଭାଷାରେ, "ଜୀବନ ସୁନ୍ଦର, ଆକର୍ଷଣୀୟ । ମଣିଷର ଗୋଟିଏ ଜୀବନ, ଗୋଟିଏ ମରଣ, ତା ମଝିରେ ସେ ହଜାର ହଜାର ଘଟଣା, ସ୍ମୃତି, ସମସ୍ୟାକୁ କାନ୍ଧେଇ ବାରମ୍ବାର ମରୁଥାଏ, ମରି ବି ଜୀଇଁଥାଏ । ଏହାହିଁ ବୋଧହୁଏ ବାସ୍ତବତା । ଏହାରି ଭିତରୁ ସାଉଁଟା ହୁଏ ଗଳ୍ପର ମଞ୍ଜି ।"

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ବାରିପଦା

To read the complete magazine, Download it for FREE from www.aahwaan.com

# ସମ୍ପର୍କର ପରିଭାଷା



ଦମୟନ୍ତୀ ଜେନା

ପରିବର୍ତ୍ତିତ ସମୟରେ ସମ୍ପର୍କର ପରିଭାଷା

ସମ୍ପର୍କ : କେଉଁଠି ଭଲପାଇବାର ଡୋରି ତ କେଉଁଠି ଚୋରାବାଲି,

କେଉଁଠି ପୂଜାଫୁଲ ତ ଆଉ କେଉଁଠି ଅଭିଶାପ ।

କେଉଁଠି ସ୍ୱର୍ଗ ତ କେଉଁଠି ପ୍ରତାରଣାର ନର୍କ,

ପୁଣି କେଉଁଠି ଶ୍ମଶାନ ଭୂଇଁ ତ ଆଉ କେଉଁଠି ଦେବାଳୟ ।

ସଂପର୍କ ନୁହେଁ ଏକ ତିନୋଟି ଅକ୍ଷରକୁ ନେଇ ସୃଷ୍ଟ ଏକ ଶବ୍ଦ ମାତ୍ର, ଯାହାକୁ କେଉଁ କାଗଜ କଲମରେ ଭାଙ୍ଗି ଦେଇହେବ । ତୁଚ୍ଛା ରାଗରୁଷା ଅଭିମାନରେ ମନା କରିଦେଇ ହେବ ଏହା ତ ଏକ ମନର ଆବେଗ, ସ୍ନେହ, ଭଲ ପାଇବା, ଯାଃଆ ଅଛି, ଥିଲା ଆଉ ସବୁବେଳେ ରହିଥିବ ।

କେତେ ଆଶ୍ଚର୍ଯ୍ୟଲାଗେ କିଛିଟା ସାମାନ୍ୟ ପଦାର୍ଥକୁ ନେଇ ମଣିଷର ଭାଗ୍ୟ ବଦଳିଯାଏ ଏଇ ସମ୍ପର୍କ ମାଧ୍ୟମରେ

To read the complete magazine, Download it for FREE from www.aahwaan.com

ସେ ହେଲା ଫୁଲ, ସିନ୍ଦୁର, ମଙ୍ଗଳସୂତ୍ର ଆଉ ଅଗ୍ନି । ଏମାନଙ୍କର ସହାୟତାରେ ଠାକୁରଙ୍କୁ ସାକ୍ଷୀ ରଖି ଦୁଇଟି ଭିନ୍ନ ମଣିଷ ଓ ଭିନ୍ନ ପରିବାର ବାନ୍ଧି ହୋଇଯାଆନ୍ତି ଗୋଟିଏ ସମ୍ପର୍କରେ ପୁଣି ସାତ ଜନ୍ମପାଇଁ ।

ଅତି ନିବିଡ଼ତାର ସହ, ବିଶ୍ୱାସର ସହ, ଉତ୍ତମ ବୁଝାମଣାସହ କଟିଯାଏ ଦିନ, ସୁଖଶାନ୍ତିରେ, ପୁଣି କେତେ ଆଶ୍ଚର୍ଯ୍ୟ ଲାଗେ ଯେଉଁଠି ରକ୍ତ ସମ୍ପର୍କୀୟମାନେ ହୋଇ ଯାଆନ୍ତି ଶତ୍ରୁ ।

ବାପା ଓ ମା' : ବାପା ହେଉଛନ୍ତି ଏକ ଅମୂଲ୍ୟ ରତ୍ନ ଯାହାଙ୍କୁ ସାରା ବିଶ୍ୱ ପ୍ରଣିପାତ କରେ । ପ୍ରେମ, ଦୟା ଓ କ୍ଷମାର ଗନ୍ତାଘର ମା'ର କୋଳଠାରୁ ସ୍ୱର୍ଗୀୟ ସୁଖ ବୋଧହୁଏ ଆଉ କିଛି ହୋଇନପାରେ । ଆମ ସମାଜ ସଂସ୍କୃତି, ସାହିତ୍ୟ ସମସ୍ତେ ବାପାମା'ଙ୍କୁ ଚଳନ୍ତି ଦେବତାର ପ୍ରତିମା ବୋଲି ଆଖ୍ୟା ଦେଇଥାନ୍ତି । ସେମାନେ ଚିର ନମସ୍ୟ । ତା'ହେଲେ ଗୋଟାଏ ମାଆ କିପରି ଗୋଟିଏ ନିଷ୍ପାପ ଶିଶୁକନ୍ୟାକୁ ହତ୍ୟା କରିପାରେ ? ଅନେକ ପୁରୁଷଙ୍କ ସହ ସମ୍ପର୍କରଖି ରୋଜଗାର କରିବାପାଇଁ ଚାପ ପକାଇପାରେ ? ଅଳ୍ପ କିଛି ଟଙ୍କା ପାଇଁ ବାପାଟିଏ ନିଜ ନିରୀହ ଶିଶୁକୁ ବିକ୍ରୀ କରିଦେଇପାରେ । କିଛି ସ୍ଥାନରେ ଶାରୀରିକ ଶୋଷଣ ଜନିତ ଖବର ମଧ୍ୟ ଦେଖିବାକୁ ମିଳେ ।

ବାପାମା' ଟଙ୍କା ଲୋଭରେ ବାଲ୍ୟ ବିବାହ ମଧ୍ୟ କରାଇ ପାରନ୍ତି । ଏମାନଙ୍କ ଆସନ ଯଦି ଭଗବାନଙ୍କ ସମାସ୍କନ୍ଦ, ତା ହେଲେ ଭଗବାନ ମଧ୍ୟ କଣ ଏହିଭଳି ? ଏଇ ଘଟଣା ଅତ୍ୟନ୍ତ ଲଜ୍ଜାଜନକ ବିଷୟବସ୍ତୁ । ସଦ୍ୟ ମିଳିଥିବା ଏକ ସମ୍ବାଦରେ ସୁଦୂର ଗୁଜୁରାତରେ ଜଣେ ସଫେଇ କର୍ମଚାରୀ ମଇଳା ପକାଯାଉଥିବା ଡବା ଭିତରୁ ଏକ ସଦ୍ୟଜାତ ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ ଓ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଉଲ୍ଲେଖଯୋଗ୍ୟ ଯେ

To read the complete magazine, Download it for FREE from www.aahwaan.com

ଶିଶୁର ଶରୀରକୁ ସେତେବେଳକୁ ପୋକମାଛି ଓ ଜନ୍ତା ପିମ୍ପୁଡ଼ିମାନେ ଖାଇ ଖଣ୍ଡିଆ ଖାବରା କରିଦେଇଥିଲେ । ଜଣେ ମା' ବି ଏତେ କ୍ରୁର ହୋଇପାରେ ?

ଠିକ୍ ସେହିପରି ଶାଶୁଶଶୁରଙ୍କ ସ୍ଥାନ ମଧ୍ୟ ବାପାବୋଉଙ୍କ ଭଳି କିନ୍ତୁ ଯୌତୁକପାଇଁ ସେମାନେ ମଧ୍ୟ କୁକର୍ମ କରିବାକୁ ପଛାନ୍ତି ନାହିଁ ।  ଘରର ଲକ୍ଷ୍ମୀ କୁହାଉଥିବା ବୋହୁଟିର ହାତରୁ ବିବାହର ମେହେନ୍ଦି ଦାଗ ନ ଲିଭୁଣୁ ତା ଜୀବନଦୀପ ଲିଭେଇ ଦିଅନ୍ତି ସେମାନେ । କିମ୍ବା ଛୋଟ ଛୋଟ ଭୁଲ ଦର୍ଶାଇ ଦହଗଞ୍ଜ କରନ୍ତି । ବେଳେ ବେଳେ ଏହି ଅତ୍ୟାଚାର ମାନସିକ ସ୍ତରରେ ଏତେ ଆଘାତ ଦିଏ ଯେ ସଦ୍ୟ ବିବାହିତା କନ୍ୟାଟିଏ ନିଜ ଜୀବନ ହାରିଦେବାକୁ ଉଚିତ ମନେକରେ ।

ଆମେ ସମସ୍ତେ ଜାଣୁ ଯେ ଆମ ସମାଜରେ ଉଭୟ ଭଲ ଓ ମନ୍ଦ ଶ୍ରେଣୀର ଲୋକ ରହନ୍ତି । ଚୋର, ତସ୍କର, ମଦୁଆ, ମିଛୁଆ, ଡକାୟତ, ଖଳ ପ୍ରକୃତିର ଲୋକ ଇତ୍ୟାଦି ରହନ୍ତି । ପ୍ରକାରାନ୍ତରେ ଏମାନେ ବାପାମା' ବି ହୁଅନ୍ତି ଆଉ ଶାଶୁଶଶୁର ମଧ୍ୟ ହୁଅନ୍ତି । ଏହି ପ୍ରକାରର ଲୋକମାନେ କଣ ନ୍ୟାୟବନ୍ତ ଭାବରେ ସମ୍ପର୍କକୁ ଚଳାଇ ପାରନ୍ତି । ଏମାନେ ଭୁଲ କରିଲେ ତାହାକୁ ପ୍ରତିବାଦ କରିବା ଉଚିତ ନା ଅନୁଚିତ ? ଏମାନେ ନିଜ ସନ୍ତାନସନ୍ତତିଙ୍କୁ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ପାରିବେ ଅଥଚ ବଡ଼ ଲୋକଙ୍କୁ ଉତ୍ତର ନାହିଁ ଦାୟରେ ଶିଶୁମାନେ ବା ସନ୍ତାନ ମାନେ ନିରବ ରହିବେ ? ଏହା କଣ ନ୍ୟାୟୋଚିତ ?

ଆଗ ପରିବାରରେ ହେଉଥିବା ସମସ୍ତ କଥା, ନିଷ୍ପତ୍ତି ଆଦିକୁ ପରିବାରର ସଦସ୍ୟ ସଦସ୍ୟାମାନେ ଅକୁଣ୍ଠ ଚିତ୍ତରେ ସ୍ୱୀକାର କରୁଥିଲେ । ପିତାମାତା ହୁଅନ୍ତୁ ବା ଶାଶୁଶଶୁର, ସେମାନଙ୍କୁ ସମ୍ମାନ ଦେଇ ସେମାନଙ୍କ ପ୍ରତ୍ୟେକ ନିଷ୍ପତ୍ତିକୁ ଗ୍ରହଣ କରୁଥିଲେ । କିନ୍ତୁ ଏବେ

To read the complete magazine, Download it for FREE from www.aahwaan.com

ସମୟ ବଦଳିଛି । ଏହି ପୀଢ଼ି ନିଜର ଭଲମନ୍ଦ ବୁଝିବାପାଇଁ ସକ୍ଷମ ହେଲାଣି । ପୁଅ ହେଉ ବା ଝିଅ ସମସ୍ତେ ସମାନ ବୋଲି ପ୍ରମାଣ କରି ଦେଖାଇଲେଣି । ଏବେ କୌଣସି ଭୁଲ ନିଷ୍ପତ୍ତିକୁ ମୁଣ୍ଡପୋତି ସହିବା ଭଳି ଅବସ୍ଥାରେ କେହି ନାହାନ୍ତି । କିନ୍ତୁ ଏହିପରି କରିବା ଦ୍ୱାରା ନିନ୍ଦିତ ହେଉଛନ୍ତି ଯୁବପୀଢ଼ି । ଶାଶୁଶଶୁରଙ୍କ ଅଭଦ୍ରୋଚିତ ବ୍ୟବହାରର ପ୍ରତିରୋଧ କରିଲେ ବିବାହିତା ବୋହୁଟିକୁ ଅକଥନୀୟ ଅତ୍ୟାଚାରର ଶୀକାର ହେବାକୁ ପଡୁଛି ।

ଯେଉଁଠି ମନ୍ଥରା ଦାସୀର କୁମନ୍ତ୍ରଣାରେ ପଡ଼ି କୈକେୟୀଙ୍କ ଭଳି ସ୍ନେହବତ୍ସଳ ମାଆ ନିଜ ପୁତ୍ରସମ ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ପାଇଁ ବନବାସରେ ପଠାଇ ଦେଉଛି, ସେଠି ଏହି ଘଟଣାର ପୁନରାବୃତ୍ତି ସାଂପ୍ରତିକ ସମୟରେ ହେଉନଥିବ ବୋଲି କିଏ କହିବ ? ଆଜିମଧ୍ୟ ମନ୍ଥରା ଓ କୈକେୟୀଙ୍କ ଅଭାବ ନାହିଁ ଆମ ସମାଜରେ । ପ୍ରତ୍ୟେକ କୁକର୍ମ କରୁଥିବା ବ୍ୟକ୍ତି ପଛରେ ନିଶ୍ଚୟ ଭାବରେ କିଛି ମାତ୍ରାରେ ଏହି ମନ୍ଥରା ମାନଙ୍କ ଇନ୍ଦ୍ରଜାଲ କାମ କରୁଛି, ତେଣୁ ବୋଧହୁଏ ସମାଜରେ ସମ୍ପର୍କର ସେତୁ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି ।

ପ୍ରତ୍ୟେକ ଉତ୍ତମ ସମ୍ପର୍କର ମୂଳଦୁଆ ହେଲା ଉତ୍ତମ ବୁଝାମଣା ଓ ଜଣକର ଅନ୍ୟଜଣଙ୍କ ପ୍ରତି ଥିବା ବିଶ୍ୱାସ । ଘରର ବାତାବରଣକୁ ସୁସ୍ଥ ବୋଲି ସେତେବେଳେ କହିବା ଯେତେବେଳେ ପ୍ରତ୍ୟେକ ସଦସ୍ୟ ଅନ୍ୟଙ୍କୁ ସମ୍ମାନ ଦେଇ ପାରୁଥିବ । ସମସ୍ତେ ନିଜ ନିଜ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରୁଥିବେ ଆଉ ପରିବାର ପ୍ରତି ଦାୟିତ୍ୱବୋଧକୁ ବୁଝିବାକୁ ସକ୍ଷମ ହୋଇଥିବେ ।

ବ୍ରହ୍ମପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ପଳାଶ ଫୁଲର ବାସ୍ନା



ଅରବିନ୍ଦ ଆଚାର୍ଯ୍ୟ

"ମା' ! ଭାଇ ଆସିଲାଣି ।" ସାଗରିକାର ପାଟିଶୁଣି ହିରଣ୍ୟମୟୀ କଣ, ପାଖରେ ବସିଥିବା ସବୁ ଲୋକ ସାଗରିକାକୁ ଚାହିଁଲେ । କଥାଟା ପୁରା ନ ସରୁଣୁ ସାଗରିକା ଦଉଡ଼ି ପଳାଇଥିଲା ପୁଣି ବାହାରକୁ । ବନ୍ଧୁବାନ୍ଧବଙ୍କ ଭିଡ଼ ଭିତରୁ ହିରଣ୍ୟମୟୀ ମୁକୁଳିଲେ ସିନା ଯାଇ ପୁଅକୁ ପାଛୋଟି ଆଣିବେ ? ତାଙ୍କୁ ଛାଡୁଛି କିଏ ? ଚାରିପଟୁ ଘେରିକି ବସି କଥା ଉପରେ କଥା କହି ଚାଲିଛନ୍ତି ସମସ୍ତେ । ଝିଅ ଘର କେମିତି ? କଣ ପଢ଼ିଛି ? ଦେଖିବାକୁ କେମିତି ? ଚାଲିଚଳନ କେମିତି ? ଗୋରା ନ ସାବନା ? ତାଙ୍କର କଣ କଣ ଦେଉଛନ୍ତି ପୁଅକୁ ? ଇତ୍ୟାଦି ଇତ୍ୟାଦି...

କିନ୍ତୁ ଏଇଠି ଆଉ କେହି କିଛି ପଚାରି ପାରିଲେନି । କାରଣ ଶେଷ ପ୍ରଶ୍ନ ପଚାରିବା ବେଳକୁ ଅନିରୁଦ୍ଧ ଘର ଭିତରକୁ ପଶି ଆସିଥିଲା । ପ୍ରଶ୍ନ ଟା ତା' କାନରେ ଅବଶ୍ୟ ବାଜିଛି କିନ୍ତୁ ତା'ର ଉତ୍ତର ସେ କିଛି ନ ଦେଇ କେବଳ ଘଡ଼ିଏ ଚାହିଁଲା ସେ ଭଦ୍ରମହିଳାଙ୍କୁ, ଯିଏ ତା' ମା'ଙ୍କୁ ଏ ପ୍ରଶ୍ନ ପଚାରିଥିଲେ ।

To read the complete magazine, Download it for FREE from www.aahwaan.com

ହିରଣ୍ମୟୀ ଜାଣନ୍ତି ଅନିରୁଦ୍ଧ ଏସବୁ ଆଲୋଚନାକୁ ମୋଟେ ପସନ୍ଦ କରେନି, ତା ଛଡ଼ା ସେ ପୁରା ପୁରି ଦିଆନିଆର ବିରୋଧୀ । ତେଣୁ ତା'ର ଏ ଚାହିଁବା ଦେଖି ସେ କଥାକୁ ବଦଳାଇ କହିଲେ;

"ଏତେ ଡେରି କାହିଁକି ହେଲା କିରେ ?"

ତଥାପି ଅନିରୁଦ୍ଧ ଚାହିଁଥାଏ ସେହିପରି । ପଛପଟୁ ସାଗରିକା ଆସି ବ୍ରିଫକେସଟାରେ ଧିରେ ଧିରେ ଠେଲି ଠେଲି ଅନିରୁଦ୍ଧକୁ ଘର ଭିତରକୁ ନେଇଗଲା । ଅନିରୁଦ୍ଧ ଘରକୁ ପଶି ଯାଉ ଯାଉ କହୁଥିଲା;

"ରହ ରହ ତତେ ..........."

"କଣ ରହ ରହ, ଶୀଘ୍ର ତ ଯୋଉ ଆସୁଛ, ପୁଣି ରହ ରହ ! ! !"

"କଣ ଏରୋପ୍ଲେନଟେ ପଠେଇ ଦେଇଥିଲୁ କି ମୋ ପାଖକୁ ?"

"ତୁମେ ଏତେ ଡେରି କଲ ବୋଲି କେତେ କଥା ସମସ୍ତେ ମତେ କହୁଛନ୍ତି ।"

"କିଏ କଣ କହୁଛି ତତେ ?" ବୁଲିପଡ଼ି କହିଲା ଅନିରୁଦ୍ଧ ।

"ନାଇଁ ନାଇଁ କେହି ନୁହେଁ !" କହି କଥାଟାକୁ ବାଆଁରେଇ ଦେଲା ସାଗରିକା ।

"ଜାଣିଲି, ଦୀପକ କହୁଥିବେ । ହଉ ଲୁଗାଟା ଦେଲୁ ପାଲଟି ପକାଏ ।"

ଦୀପକ ଭିତରୁ ଆସୁଥିଲେ । ତାଙ୍କ ନାଁ ଟା ଉଚ୍ଚାରଣ ହେବା ଶୁଣି ଅନିରୁଦ୍ଧ ପାଖକୁ ଆସି କହିଲେ;

"କଣ ? ଆସୁ ଆସୁ ମୋ ନାଁରେ ଚୁଗୁଲି କଲାଣି ତୁମ ଭଉଣୀ ?"

To read the complete magazine, Download it for FREE from www.aahwaan.com

"ମୁଁ କାହିଁକି ଚୁଗୁଲି କରିବି ମ !" ସାଗରିକା ଜଣେଇ ଦେଲା, ଆଉ ଅନିରୁଦ୍ଧ ଆଡ଼େ ବୁଲିପଡ଼ି କହିଲା;

"ମୁଁ ତୁମକୁ, ୟାଙ୍କ ବିଷୟରେ କିଛି କହିଛି ?"

"ହଉ ବାବା ହେଲା, ତୁମେ କିଛି କହିନ । ଗଲ ଆମ ପାଇଁ କଣ ଆଣ ଖାଇବା ।" ଦୀପକ କହିଲେ ।

ସାଗରିକା ଭିତରକୁ ଗଲା । ଦୀପକ, ଅନିରୁଦ୍ଧକୁ ଘଡ଼ିଏ ଚାହିଁଲେ, ତାପରେ କହିଲେ;

"କଣ ସାହାବ ! ସବୁ ଠିକ ତ ? ମୋ ଚିଠି ପାଇଛ ତ ?"

"ହଁ ପାଇଲି । କିନ୍ତୁ ବାହାରୁ ବାହାରୁ ଡେରି ହେଇଗଲା ।"

"ହଉ, ଲୁଗାପଟା ପାଲଟି, ଧୋଇଧାଇ ହେଇ ଆସ । ସାଥୀ ହୋଇ ଖାଉଥିବା, ଗପ କରୁଥିବା । ବୁଝିଲ !"

ଭିତରୁ ସାଗରିକା ଡାକ ପକାଇଲା, "ଶୀଘ୍ର ଆସ, ବାଢ଼ିଲିଣି ।"

ଦୀପକ ଆଉ ଅନିରୁଦ୍ଧ ଦୁହେଁ ଭିତରକୁ ଗଲେ । ଖୁବ ଯତ୍ନରେ ସୁପାଚ୍ୟ ଖାଦ୍ୟସବୁ ପ୍ରସ୍ତୁତ କରି ରଖିଥିଲା ସାଗରିକା । ଖାଉ ଖାଉ ଗପସପରେ ଦୁହେଁ ବିଭିନ୍ନ କଥା ଆଲୋଚନା କଲେ । ତାଙ୍କ କଥା ମଝିରେ ସାଗରିକା କହିଲା,

"ତୁମର ଆଉ କଣ ଦରକାର କି ?"

"କାହିଁକି ? କୁଆଡ଼େ ଯିବୁକି ?" ଅନିରୁଦ୍ଧ କହିଲା ।

"ମଝି ଘରଟାରୁ ସବୁ ଜିନିଷପତ୍ର ବାହାର କରିବାକୁ ପଡ଼ିବ ତ !"

To read the complete magazine, Download it for FREE from www.aahwaan.com

" ନରିଆ ଆଉ ସାବିତ୍ରୀ କୁଆଡ଼େ ଗଲେ ?"

"ତାଙ୍କ ପାଦ କଣ ତଳେ ଲାଗୁଛି କି ? ଖୋସାମତି କରି କରି ମୋ ପାଟି ପଡ଼ି ଗଲାଣି ପରା । ଏଟା ଟିକେ କରିଦେ, ସେଟା ଟିକେ କରିଦେ, କହିଲେ ଯାଇ ଦି ଜଣ ବସିଲା ଜାଗାରୁ ଉଠିବେ ।"

"ହଉ, ହଉ, ଆମେ ଖାଇସାରୁ ଦେଖିବୁ । ତୁ ଗଲୁ ଦେଖିବୁ ବାପା କୁଆଡ଼େ ଗଲେ ।" ଆମର ଆଉ କିଛି ଦରକାର ନାହିଁ, ସବୁ ହେଇଯିବ ।"

"ହଉ" କହି ସାଗରିକା ଚାଲିଗଲା ।

ଖାଇବା ସରି ଆସିଥିଲା । ଦୁହେଁ ଉଠି ହାତମୁହଁ ଧୋଇହେଲେ । ଅନିରୁଦ୍ଧ ଭାବୁଥିଲା ନରିଆ ଆଉ ସାବିତ୍ରୀ କଥା । ଏଇ ଦି ଜଣ ହେଲେ ତାଙ୍କ ଘରେ ପୂର୍ବରୁ ଥିବା ହରି ଦାଦାଙ୍କ ପୁଅବୋହୂ । ହରିଦାଦା, ଯାହାଙ୍କ କାଖରେ ସିଏ ପିଲା ଦିନରୁ ଖେଳି ଆସିଛି । ବାପାଙ୍କ ଦ୍ୱାରା ପ୍ରଥମେ ସେ ହିଁ ଏ ଘରର ସବୁ କାମ ଦାମ ବୁଝୁଥିଲେ । ତାଙ୍କୁ କିଏ ଚାକର ବୋଲି କହିଦେଲେ ଅନିରୁଦ୍ଧକୁ ଭାରି ଖରାପ ଲାଗୁଥିଲା ।

କାଲି ପରି ଲାଗୁଛି । ହରିଦାଦାଙ୍କ ସହ ସିଏ ହାଟକୁ ଯାଏ । କେତେ ଅଝଟ ହୋଇ ଯାହା କିଣିବାକୁ କହେ ସବୁ କିଣି ଦିଅନ୍ତି ସେ । ଘରେ ପହଞ୍ଚିଲେ ବାପା, ହରିଦାଦାଙ୍କୁ ପାଟି କରି କହନ୍ତି, "ହରି, ତୁମେ ପିଲାଟାର ମୁହଁ ବଢ଼େଇ ଦେବ ।"

"ନାଇଁ ଆଜ୍ଞା ! ଛୋଟ ପିଲା, ଯାହା ଚାହୁଁଛନ୍ତି ଦେଲେ କଣ ହେଲା ।"

"ହଉ ହେଲା, ତୁମ ସହ ମୁଁ ଆଉ ପାରିବିନି । ଏଇ ଅନି ବି ତୁମକୁ ଠିକ୍ ମିଳିଛି । ଆଉ କେତେଦିନ ଯାଉ ଆଉ ଜଣେ ତୁମ ସହ ଅଝଟ କରିବ ଯେ ।"

To read the complete magazine, Download it for FREE from www.aahwaan.com

ମା' ସେତେବେଳେ ସାଗରିକାକୁ ଧରିଥାଏ । ତାକୁ ମଧ୍ୟ ଦେଖି ହରିଦାଦା କହନ୍ତି,

"ହଉ ଦି ଜଣ ହେଲେ ତ ଭାରି ଭଲ ହେବ । ଦୁହେଁ ମିଶି ଖେଳିବେ ।"

ସେ ହରିଦାଦା ଆଜି ଆଉ ନାହାନ୍ତି । କିନ୍ତୁ ତାଙ୍କ ଶୂନ୍ୟ ସ୍ଥାନ ପୂରଣ କରିଛନ୍ତି ତାଙ୍କ ପୁଅବୋହୁ ନରିଆ ଆଉ ସାବିତ୍ରୀ । ଦୁଃଖୀ ପରିବାର, ହେଲେ କଣ ହେବ; ଦୁହେଁ ସବୁବେଳେ ହସ ହସ ମୁହଁରେ ଥାଆନ୍ତି ।

"ହେଇଟି ନରିଆ ଆସିଲାଣି । ଅନିରୁଦ୍ଧ କ'ଣ କହିବା ପରା ?" ଦୀପକଙ୍କ ପାଟି ଶୁଣି ଅନିରୁଦ୍ଧ ଭାବନା ରାଜ୍ୟରୁ ଫେରି ଆସିଲା । ଦେଖିଲା ନରିଆ ନାଲି ଗାମୁଛାଟାକୁ କାନ୍ଧରେ ପକେଇ ସେ ଆଡ଼କୁ ଆସୁଛି । କୁନ୍ଦିଲା କୁନ୍ଦିଲା କଳା ମଚମଚ ଦେହରେ ନୂଆ ଧଳା ଗେଞ୍ଜିଟା ଫୁଟି ଉଠୁଥିଲା ।

"କିରେ, କଣ କରୁଥିଲୁ ସେପଟରେ ?" ଅନିରୁଦ୍ଧ ପଚାରିଲା ।

"ଇଲେକ୍ଟ୍ରି ବାଲାକୁ ଡାକିବାକୁ ଯାଇଥିଲି । ତାକୁ ଧରି ପହଞ୍ଚିଲା ବେଳକୁ (ସାଗରିକା)ଦେଇ କହିଲେ, ଯା ଭାଇ ଡାକୁଛନ୍ତି । ସେଇଠୁ ଆଉଚି ।"

"କିରେ ଇଲେକ୍ଟ୍ରିବାଲା କ'ଣ କରିବ କି, ଆଜି ଠୁ ?"

"ମଝି ଘରର ଫ୍ୟାନଟା ଚାଲୁନି ପରା । ତାକୁ ସଜାଡ଼ିବା ପାଇଁ ବଡ଼ବାବୁ ଡକାଇ ପଠାଇଲେ ।"

"ହଉ । ତୁ ଯା, ମଝି ଘରୁ ସବୁ ଜିନିଷ ପତ୍ର ବାହାରିଲାଣି ?"

"ହଁ, ବହିଥାକ, ଆଲମିରା, ଜୋତା ଷ୍ଟାଣ୍ଡ, ପୁରୁଣା ବନ୍ଧେଇ ଫଟୋବୁଜୁଳା ଆଉ ଲୁଗା ଗଣ୍ଠିଲି ଗୁଡ଼ାକ କାଢ଼ିଦେଲିଣି ।"

To read the complete magazine, Download it for FREE from www.aahwaan.com

"ହଉ ଚାଲ୍ .......... ମୁଁ ଯାଉଛି, ଦେଖିବା କଣ କଣ କଲୁଣି ।"

ନରିଆ ତରତର ହେଇ ଗାମୁଛାଟା ଅଣ୍ଟାରେ ଭିଡ଼ି ଦେଉ ଦେଉ ଫେରି ଚାଲିଗଲା । ଦୀପକ ଆଉ ଅନିରୁଦ୍ଧ ଦୁହେଁ ଚାଲିଲେ ମଝି ଘର ଆଡ଼େ ।

"ତୁମେ ଫ୍ୟାନ୍ ମରାମତି କରିବାକୁ ଆସିଛ ?" ଦୀପକର ପ୍ରଶ୍ନରେ ଲମ୍ବା ଆଉ ପତଳା ଲୋକଟା ବୁଲି ଚାହିଁଲା । ଦୁଇଜଣଙ୍କୁ ନମସ୍କାର କରି କହିଲା, "ହଁ, ଆଜ୍ଞା । ଖାଲି ଗୋଟେ ଷ୍ଟୁଲ୍ ମିଳି ଯାଇଥିଲେ ତା ଉପରେ ଚଢ଼ି ଫେନଟା ଓହ୍ଲେଇ ଦିଅନ୍ତି ।"

"ନରିଆ, ଗଲୁ ବାଟ ଘରୁ ଷ୍ଟୁଲଟେ ଆଣିବୁ ।" ଦୀପକ୍ କହିଲେ ।

"ଆଣୁଛି ଆଜ୍ଞା" କହି ଚାଲିଗଲା ସେଠୁ ।

ଅନିରୁଦ୍ଧ ଲୋକଟିକୁ ପଚାରିଲା –

"କଣ ହେଇଛି ଫ୍ୟାନ ଟା ?"

"ଭିତରେ ଖରାପ ଅଛି । ଆଜିକାଲି ଲୋ ଭୋଲ୍ଟେଜ ତ ? ଭୋଲ୍ଟେଜ ଠିକ ରହୁନି, ତେଣୁ ସିଲିଙ୍ଗ ଫ୍ୟାନ କେତେ ସମ୍ଭାଳିବ ?"

"ଶୀଘ୍ର ଠିକ ହେଇଯିବ ତ ?"

"ଆଜ୍ଞା ! ଘରକୁ ନବାକୁ ପଡ଼ିବ । ସେଠି ଦେଖି ଠିକ କରି ଆଣି ଲଗାଇଦେବି ଯେ ।"

"କାଲିକି ହେଇଯିବ ?"

"ଚେଷ୍ଟା କରିବି "

To read the complete magazine, Download it for FREE from www.aahwaan.com

"ନାଇଁ, ଚେଷ୍ଟା ନୁହେଁ, କାଲିକି ଠିକ କରିଦେବ । ଘରେ ଗହଳି ଲାଗିଛି ଏବେ ଫ୍ୟାନ ନ ଚାଲିଲେ ଅସୁବିଧା । ଯେମିତି ହେଉ କାଲି କରିକି ନେଇ ଆସିବ ।"

ନରିଆ ଷ୍ଟୁଲଟାଏ ଧରି ଆସିଲା । ତାକୁ ଟେବୁଲ ଉପରେ ପକାଇ ଲୋକଟି ଚଢ଼ିଗଲା । ନରିଆ ତଳେ ଠିଆ ହେଇଥାଏ । ଅନିରୁଦ୍ଧ ନରିଆକୁ ସେଇଠି ରହିବାକୁ କହି ଦାଣ୍ଡ ଆଡ଼େ ବାହାରିଲା । ଦୀପକ ମଧ୍ୟ ଗଲେ । ଦାଣ୍ଡ ପଟରେ ଗଛଲତା ସବୁ ସଫା କରି ଖୁଣ୍ଟ ପୋତା ଯାଇଥାଏ । ଛାମୁଣ୍ଡିଆ ମରାଯିବା ପାଇଁ ଡାଳ ସବୁ ହାଣି କି ପକା ଯାଇଥାଏ । ତିନି ଚାରି ଜଣ ମୁଲିଆ ଲାଗିଥାନ୍ତି । ବାପାଙ୍କୁ ଦେଖିଲା ଅନିରୁଦ୍ଧ । ସିଏ କଣ ଗୋଟେ କାଗଜ ପୁଡ଼ିଆ ଧରି ଆରପଟ ଘରୁ ଆସୁଥିଲେ । ତା'ରି ଆଡ଼କୁ ହିଁ ଆସୁଥିଲେ । ପାଖକୁ ଆସୁ ଆସୁ ପଚାରିଲେ –

"କଣ କିରେ ଅନି ? ମୋତେ ଖୋଜୁଥିଲୁ ବୋଲି ଝିଅ କହୁଥିଲା, କିଛି କାମ ଥିଲା କି ?"

"ଉଁ, ହଁ । ଏଇ କୋଉ ଗାଡ଼ିଟା ଠିକ୍ କରାଯାଇଛି ?"

"ଉଦ୍ଧବ ତା' ଗାଡ଼ିଟା ଦେବ । ଆଉ ଗୋଟେ ମଧ୍ୟ ସେ ଯେଉଁଠୁ ହେଲେ ଯୋଗାଡ଼ କରିବ ବୋଲି କହିଛି ।"

"କୋଉଠୁ ଆଣିବ ? ଠିକ କରିଛି କି ନାହଁ ?"

"ସିଏ କଥା ଦେଇଛି, ମାନେ ନିଶ୍ଚୟ ଆଣିବ ।"

"ହଉ ମୁଁ ଯାଏଁ, ଟିକେ ବୁଲି ଆସେ ତା'ଘର ଆଡ଼ୁ ।"

"ହଉ, ତେବେ ତୁ ଯା" ଅନିରୁଦ୍ଧ ଉଦ୍ଦେଶ୍ୟରେ ଏତକ କହି ଦୀପକଙ୍କ ଆଡ଼େ ବୁଲି ପଡ଼ି ପଚାରିଲେ –

To read the complete magazine, Download it for FREE from www.aahwaan.com

"ତୁମେ ବି ଯିବ କି ବାପ ?"

ଅନିରୁଦ୍ଧ ଏ କଥା ଶୁଣି କହିଲା, "ହଁ । ଆମେ ଦୁହେଁ ଯାଉଛୁ ।"

ବିଶ୍ୱଭୂଷଣ ଫେରି ଯାଉ ଯାଉ ପୁଣି ବୁଲିପଡ଼ି କହିଲେ, "ଯାଉଛୁ ଯଦି ସେପଟେ ଖଡ଼ିରତ୍ନଙ୍କ ଘରେ ଏ କାଗଜ ପୁଡ଼ିଆଟା ଦେଇଦେବୁ ? ନେଇ ଯା ।"

ଏତକ କହି ହାତରେ ଧରିଥିବା କାଗଜ ପୁଡ଼ିଆଟାକୁ ବଢ଼େଇ ଦେଲେ ଅନିରୁଦ୍ଧ ଆଡ଼କୁ । କାଗଜ ପୁଡ଼ିଆଟିକୁ ଦୁଇ ହାତରେ ଧରିଲା ଅନିରୁଦ୍ଧ । ଦୁହେଁ ଚାଲିଲେ ଉଦ୍ଧବ ଆଉ ଖଡ଼ିରତ୍ନଙ୍କ ଘର ଆଡ଼େ ।

"ଏଇଟା କଣ ?" କାଗଜ ପୁଡ଼ିଆଟିକୁ ଦେଖାଇ ଦୀପକ ପଚାରୁଥିଲେ ।

"ବହି ଭଳିଆ ଲାଗୁଛି ।" ଅନିରୁଦ୍ଧ ତାକୁ ଦେଖି କହୁଥିଲା । ତା'ପରେ କିଛି କଥାବାର୍ତ୍ତା ପ୍ରାୟ ହୋଇନାହାନ୍ତି ଦୁହେଁ । ବାଟରେ ଉଦ୍ଧବ ଦେଖାହେଲା । ତା' କଥା ସେ ନିଶ୍ଚୟ ରଖିବ ବୋଲି ପ୍ରତିଶ୍ରୁତି ଦେଲା । ତେଣୁ ଦୁହେଁ ନିଶ୍ଚିନ୍ତ ହୋଇ ଖଡ଼ିରତ୍ନଙ୍କ ଘରକୁ ଚାଲିଲେ ।

ଖଡ଼ିରତ୍ନ ତାଙ୍କ ଆଖ ପାଖ କେଇଖଣ୍ଡ ଗାଁରେ ଜଣେ ସୁନାମଧନ୍ୟ ଭବିଷ୍ୟତ ବକ୍ତା । ସେ ବୟସ୍କ ହେଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବହିପତ୍ର ପଢ଼ାରେ ଅନେକ ସମୟ ବିତାଇଥାନ୍ତି । ବେଶି ବହି ତାଙ୍କର ଭବିଷ୍ୟତବାଣୀ, ହସ୍ତରେଖା ବିଜ୍ଞାନ, ଆକୃତି ବିଜ୍ଞାନ ଇତ୍ୟାଦି ଉପରେ ପର୍ଯ୍ୟବେଶିତ । ଘରେ ତାଙ୍କର କେହି ପିଲା ପିଲି ନାହାନ୍ତି । କେବଳ ସ୍ୱାମୀ ସ୍ତ୍ରୀ ଦୁଇପ୍ରାଣୀ । ନୂଆଣିଆଁ ଚାଳଘର । ଦାଣ୍ଡ ପଟରେ ବଗିଚା ହେଇଛି ।

ଦୀପକ ଓ ଅନିରୁଦ୍ଧ ତାଙ୍କ ସେଇ ଘରେ ପହଞ୍ଚିଲା ବେଳକୁ ଖଡ଼ିରତ୍ନେ ଦାଣ୍ଡରେ ଚେୟାରଟିଏ ପକାଇ ବସିଥିଲେ । କଣ ଗୋଟେ ବହି ଧରି ପଢୁଥିଲେ । ଏମାନେ ଦୁହେଁ

To read the complete magazine, Download it for FREE from www.aahwaan.com

ପାଖରେ ପହଞ୍ଚିଲା ପରେ ଯାଇଁ ଦୁହିଁଙ୍କୁ ଚାହିଁଲେ । ସତେ ଯେପରି ବହିଟା ଭିତରେ ବୁଡ଼ି ଯାଇଥିଲେ । ଦୁହିଁଙ୍କୁ ଦେଖି ହସିଲେ ଆଉ କହିଲେ –

"କଣ, ସବୁ ଭଲ ତ ? ଆଉ ବିଶ୍ୱ ପଠେଇଛି କି ?"

"ହଁ, ବାପା ଆମ ହାତରେ ଏଇଟାକୁ ଦେଇଛନ୍ତି ।"

"ଆଚ୍ଛା ଆଚ୍ଛା, ଭଲ ହେଲା । ଯା'ହେଉ, ଏ ବହିଟାକୁ ମୁଁ ଅନେକ ଦିନରୁ ମଗାଇବାକୁ ଭାବିଥିଲେ ମଧ୍ୟ ମଗାଇ ପାରୁନଥିଲି । ବିଶ୍ୱ ଏତେ କଷ୍ଟ ନ କରିଥିଲେ ମୁଁ ଏଇଟା ପାଇନଥାନ୍ତି ।" କହି କହି ଅନିରୁଦ୍ଧ ହାତରୁ କାଗଜ ପୁଡ଼ାଟା ନେଇ ଖୋଲି ଦେଖୁଥିଲେ । ପୁଣି ଦୁହିଁଙ୍କୁ ଦେଖି କହିଲେ,

"ବସ ବସ" ଆଉ ଘର ଭିତରକୁ ଚାହିଁ କହିଲେ,

"ହଇ ହୋ ! ଶୁଣୁଚ, ବିଶ୍ୱର ପୁଅ ଆଉ ଜ୍ୱାଇଁ ଆସିଛନ୍ତି । କ'ଣ ପଠାଅ ।"

ଘର ଭିତରୁ ତାଙ୍କ ସ୍ତ୍ରୀଙ୍କ ପାଟି ଶୁଭିଲା "ଯାଉଛି !"

"ନାଇଁ ମଉସା, ଆମେ ଯାଉଛୁ ।" ଦୀପକ କହୁଥିଲେ ।

"ବସ ବସ, କ'ଣ କରିବ କି ?"

ବାଧ୍ୟ ହୋଇ ଦୁହେଁ ବସିଲେ । ବସୁ ବସୁ ଅନେକ କଥା ହେଲା । କଥା ମଝିରେ ଅନିରୁଦ୍ଧ ପଚାରିଲା, "ମଉସା, ଆପଣ ହସ୍ତରେଖା ବିଷୟରେ ଏତେ ବହି ପଢ଼ିଛନ୍ତି, ମୋ ଟା ତ କେବେ ଦେଖିନାହାନ୍ତି । ଆଜି ଦେଖନ୍ତୁ ।"

ଧୀରେ ଧୀରେ ହସୁ ହସୁ ଖଡ଼ିରତ୍ନେ କହିଲେ –

To read the complete magazine, Download it for FREE from www.aahwaan.com

"କାହିଁକି, ଆଜି ହାତ ଦେଖେଇବାକୁ ଏତେ ଇଚ୍ଛା ହେଲା ?"

"ନାଇଁ ....ଏମିତି" ଅନିରୁଦ୍ଧ କହିଲା ।

"ହଉ ଦେଖିବା"

"ନାଇଁ, ଏବେ ଦେଖନ୍ତୁ ।" କହି ଅନିରୁଦ୍ଧ ହାତଟା ବଢ଼େଇଲା ।

"ହଉ ରହ..... ଜଳଖିଆ ଆସୁଛି ପରା, ହାତ ତ ବ୍ୟବହାର ହବ ..... ।" ଦୀପକ ହସି ହସି କହୁଥିଲେ ।

"ନାଁ, ଆଗେ ଦେଖନ୍ତୁ, ପରେ ଜଳଖିଆ ।"

"ହଉ ଦେଖା ଦେଖା" ଖଡ଼ିରତ୍ନେ କହିଲେ । ହାତଟାକୁ ଏପଟ ସେପଟ କରି ଅନେକ ସମୟ ଦେଖିଲେ । କେତେବେଳେ ଗମ୍ଭୀର ହେଇ ଯାଉଥାନ୍ତି, ପୁଣି କେତେବେଳେ ମନେମନେ ହସି ପକାଉଥାନ୍ତି । ଦୀପକ ଆଉ ଅନିରୁଦ୍ଧ ଦୁହେଁ କେବଳ ତାଙ୍କ ମୁହଁକୁ ଆଗ୍ରହରେ ଚାହିଁଥାନ୍ତି । କେତେବେଳେ କଣ କହିବେ । ଶେଷରେ ଖଡ଼ିରତ୍ନେ କହିଲେ –

"ଠିକ ଅଛି, ସବୁ ଭଲଅଛି । ହଉ ଅନିରୁଦ୍ଧ ଭିତରକୁ ଗଲୁ ଦେଖିବୁ ମାଉସୀ କଣ କଲା ନା ନାହିଁ ?"

ଅନିରୁଦ୍ଧ ଘର ଭିତରକୁ ଗଲା । ତା'ର ଯିବା ବାଟକୁ ଚାହିଁ ରହିଥିଲେ ଖଡ଼ିରତ୍ନ ଓ ଦୀପକ । ଅନିରୁଦ୍ଧ ଘରେ ପଶିଲା ପରେ ଖଡ଼ିରତ୍ନ କହିଲେ ଦୀପକକୁ,

"ଆଚ୍ଛା ପୁଅ, ଅନିରୁଦ୍ଧର ବାହାଘରଟା କ'ଣ ବନ୍ଦ କରି ହେବନି ?"

କ୍ରମଶଃ

To read the complete magazine, Download it for FREE from www.aahwaan.com

# ପଞ୍ଝଧା



ପ୍ରଶାନ୍ତ କୁମାର ଭୂୟାଁ

## ବରଜ

ପ୍ରଭାତର ପହିଲି କିରଣରେ ବରଫାବୃତ ସୀମାନ୍ତରେ ଉଡ଼ୁଥିବା ତିରଙ୍ଗାକୁ ଆଉଥରେ ଅନାଇ ଦେଖିଲେ ବରଜ । ମନ ତାଙ୍କର ପୁରି ଯାଉଥିଲା, ଆଖିରୁ ଖୁସିର ଅଶ୍ରୁ ଝରି ଆସୁଥିଲା । ପିଲାଦିନେ ନନାଙ୍କୁ ଦେଇଥିବା କଥା ଆଜି ରଖିପାରିଛନ୍ତି ସେ । ଆଉ ନିଜର ପୁଅ ମଧ୍ୟ ଗର୍ବ କରି ପାରିବା ପାଇଁ ବରଜଙ୍କ ଏଇ ବଳିଦାନ କ'ଣ ଯଥେଷ୍ଟ ନୁହେଁ ? ନିଜକୁ ନିଜେ ପଚାରୁଥିଲେ ସେ । ଓଃ... ଦେହରେ ଅନେକ ଯନ୍ତ୍ରଣା, ରକ୍ତ ଜୁଡ଼ୁବୁଡ଼ୁ ଶରୀରଟା ଛାତିମେଲା ହୋଇ ବରଫରେ ପଡ଼ି ରହିଛି । ହାତଗୋଡ଼ ସବୁ ଡିନାମାଇଟ୍‌ରେ ଛିନ୍‌ଛତର୍ ହୋଇଯାଇଛି । ଅବଶୋଷ ରହିଯିବ ଯେ ତିରଙ୍ଗାକୁ ଅଭିବାଦନଟିଏ କରିପାରିଲେନି । ଟିକିଏ ଆଶା ଅଛି ସ୍ତ୍ରୀଙ୍କ ସହ ଶେଷ ଦୁଇପଦ କଥା ହୋଇଯିବେ ।

To read the complete magazine, Download it for FREE from www.aahwaan.com

ଦୂରରୁ ରଘୁ ହାବିଲ୍‌ଦାର୍ ୱାଇର୍‌ଲେସ୍‌ଟିଏ ଧରି ଧାଇଁ ଆସୁଛି । ତା' ପଛରେ ଆହୁରି ଅନେକ ସୈନିକ ଖୁସିରେ ଫାଟି ପଡ଼ି ଆସୁଛନ୍ତି । କାହାର ରକ୍ତଧାର ପ୍ରତି ଧ୍ୟାନ ନାହିଁ, ନିଜ ନିଜ କ୍ଷତର ଚିନ୍ତାନାହିଁ । ଶତ୍ରୁ ସୈନ୍ୟ ସବୁ ନିପାତ ହୋଇସାରିଛନ୍ତି ଏବେ । ରଘୁ ଧାଇଁ ଆସି ବରଜର କାନରେ ଫୋନ୍‌ଟା ଲଗେଇ ଦେଲା । ଧଇଁସଇଁ ହୋଇ କହିଲା, ବରଜ, ବୋହୁ ଅଛି କଥାପଦେ ହେଇଯା'ରେ... ଭାଇ ମୋର...

ସପ୍ତାହଟେ ହେଲା ଅତଡ଼ା ହୋଇ ପଡ଼ିଥିବା କାନକୁ ଡେରିଦେଲେ ବରଜ ଫୋନ୍‌ର ରିସିଭର୍‌ରେ ।

ସେପଟୁ ପ୍ରିୟ ସ୍ତ୍ରୀଙ୍କର କଥା ଶୁଭୁଛି,

"ହେଲୋ.. ହେଲୋ... ହେଇଟି... ଏ... ଶୁଣୁଛ କି ନାହିଁ... ଶୁଣାଯାଉଛି ତ ?

ମୁଁ ଜାଣିଥିଲି ତମେ ନିଶ୍ଚୟ ଜିତିବ । ଏବେ ସବୁ ଟିଭି ଚାନେଲ୍‌ରେ କହୁଛନ୍ତି ଆମେ ଜିତିଗଲୁ ବୋଲି । ଏଇଥର ମୋର ପ୍ରତୀକ୍ଷା ସରିବ ଗୋ । ମୋ ପ୍ରିୟ ଘରକୁ ଆସିବ ତୁମେ । ତୁମ ପୁଅ ମଧ୍ୟ ତୁମପାଇଁ ଜଗିବସିଛି । ତା'ପାଇଁ ବିଜୟୀ ତିରଙ୍ଗାଟିଏ ନେଇ ଆସିବ ।"

ସ୍ତ୍ରୀର କଥା କାଟି, ଥରିଲା କଣ୍ଠରେ ବରଜ କହିଲା;

"ଆଲୋ ଟିକେ ରହ... ଶୁଣେ ମୋ କଥା; ଶୁଣେ ତୋ ତୁଣ୍ଡ ସୁତୁଣ୍ଡ ହେଲା ଲୋ; ଆମେ ଜିତିଗଲୁ । ହେଲେ ତିରଙ୍ଗାକୁ ସାଲ୍ୟୁଟଟିଏ କରିପାରିଲିନି । ଏଇ ଡିନାମାଇଟ୍ ଗୁଡ଼ାକ ମୋ ହାତଗୋଡ଼ ସବୁ ଛିନ୍‌ଛତର କରିଦେଲା । ଶତ୍ରୁ ସୈନ୍ୟ ଏଇଠି ପୋତିଥିଲେ, ପୋଷ୍ଟ

To read the complete magazine, Download it for FREE from www.aahwaan.com

ନିକଟରେ, ଜାଣିପାରି ନଥିଲି । ପୁଅକୁ ମୋର କହିବୁ, ଏଇଠିକୁ ଆସି ଏଇ ସୀମାରେ ଫରଫର ହୋଇ ଉଡୁଥିବା ତିରଙ୍ଗାକୁ ମୋର ହୋଇ ସାଲ୍ୟୁଟ୍ କରିବ । ମୋ ଆତ୍ମା ତେବେ ଯାଇ ତୃପ୍ତି ହେବ । ମୁଁ ଜାଣେ ତୁ ତା'କୁ ସେହିଭଳି ଶକ୍ତ ଆଉ ସମର୍ଥ କରି ଏଇଠାକୁ ପଠାଇବୁ । ଆଉ ଦୁଃଖ କରିବୁନି ଲୋ । ଆମେ କରିଥିବା ପ୍ରତିଜ୍ଞା ତୋର ମନେ ରହିଥିବ ! ଯେତେଦିନ ବଞ୍ଚିବା ସମସ୍ତଙ୍କ ହିତରେ ବଞ୍ଚିବା । ଆଃ..., ଆଃ... ସମୟ କମ୍ ଅଛି ବୋଧେ ଏବେ । ମୋର କଥା ତୋତେ ଲାଗିଲା ଲୋ । ଦୁଆରେ ଜଗିଥିବୁ ଲୋ; ମୁଁ ଆସିବି ତିରଙ୍ଗା ବେଢ଼େଇ ହୋଇ, ତୋ ପାଇଁ । ଛୁଇଁ ଦେବୁ ଥରେ, ସେଇତକ ହିଁ ଯଥେଷ୍ଟ ଏଇ ଜନମରେ । ତୋତେ ଲାଗିଲା ମୋ ପ୍ର... !"

କଥାପଦିକ ସରିଛି କି ନାହିଁ; ମୁଣ୍ଡଟା ଢଳି ପଡ଼ିଲା ଗୋଟେ ପଟେ ବରଜର । ରଘୁ ଆଖିରେ ଲୁହ । ବରଜ, ଏକୁଟିଆ ନିଜ ଜୀବନକୁ ଲଗାଇ ତିରଙ୍ଗା ଉଡ଼ାଇଛି ଆଜି ଶତ୍ରୁକୁ ମାତ୍ଦେଇ । ରଘୁ ଫୋନ୍‌ଟାକୁ ବରଜ ହାତରୁ ନେଇ ନିଜ କାନରେ ଲଗାଇଲା । ସେପଟୁ କୋହମିଶା ସ୍ୱରରେ ବରଜର ସ୍ତ୍ରୀର ସ୍ୱର ଭାସି ଆସୁଛି, "ନା'ମ ମୁଁ ଦୁଃଖ କରୁନି ଗୋ, କରିବିନି କେବେଁ । ହେଲେ ତୁମେ ଆସିଯାଅ । ପୁଅ ସହ ମୁଁ ବି ଜଗି ବସିଛି । ଛାତିଟା ଦକଦକ ହେଉଛି କ'ଣ ପାଇଁ କେଜାଣି ? ହେଇଲୋ ମା, ମୁଁ କଣ କରିବି ଯେ ଏବେ ?"

ରଘୁ ବିକଳ ସ୍ୱରରେ ଏପଟୁ କହିଲା, "ଏ ବୋହୁମା, ଆମ ବରଜଟା ଶହୀଦ ହୋଇଗଲା ଲୋ...... ! ! ! "

ହେଲେ ମଲାବେଳକୁ ଏତିକି କହିଗଲା ଲୋ, ତୋତେ ଲାଗିଲା ମୋ ପ୍ର... !

To read the complete magazine, Download it for FREE from www.aahwaan.com

# ମଞ୍ଜୁ

ତିନିଟା ବାଜିଲା ଘଣ୍ଟାରେ । କଳିଙ୍ଗ ହସ୍‌ପିଟାଲ୍‌ର ଗର୍ଭ ଓ ପ୍ରସୂତୀ ବିଭାଗର ସ୍ୱତନ୍ତ୍ର କୋଠରୀରେ ମଞ୍ଜୁ ଜଳଜଳ ଆଖିରେ ଦେଖୁଛି ବାହାରେ ଆମ୍ବ ଗଛରେ ବସିଥିବା ପକ୍ଷୀଟିକୁ ।ମନରେ ଅନେକ ଭାବନା ।ଥଳକୂଳ ନାହିଁ ସେ ଅନ୍ତହୀନ ଭାବନାର ।

କେତେ କ୍ଷୁଦ୍ର ଅଥଚ ସରଳ, ନିରୀହ ଏଇ ଜାତି । ଚିତ୍ର ବିଚିତ୍ରର ଅପରୂପ ସମ୍ଭାର ନେଇ ଆଉ ସୁର ସଙ୍ଗମର ଅପୂର୍ବ ଝଙ୍କାର ତୋଳି ଉଡ଼ି ବୁଲିଥାନ୍ତି । କେତେଥର ନୀଡ଼ଟିଏ ଗଢ଼ିଛନ୍ତି ଆଉ କେତେଥର ଭାଙ୍ଗିଯାଇଛି ସେ ସ୍ୱପ୍ନର ବାସ । ହେଲେ ବି ହାରି ଯାଇନାହାନ୍ତି ଥରୁଟିଏ; ପୁନଶ୍ଚ ବାସ ତିଆରି ହୋଇଛି ଆଉ ସେଇ ନୂତନ ବାସରେ ଶିଶୁ ଶାବକକୁ ମା ପକ୍ଷୀଟିଏ ହାରି ନ ଯିବାର, ଭାଙ୍ଗି ନଯିବାର ବାର୍ତ୍ତା ଦେଇ ଯାଇଛି; ଚଞ୍ଚୁରେ ଆହାର ଖୋଇ ଦେଲାବେଳେ ।

ଏଇତ ଜୀବନ ! ପ୍ରକୃତି ଶିକ୍ଷା ଦିଏ; ବିଭିନ୍ନ ଢ଼ଙ୍ଗରେ ଆଉ ବିଭିନ୍ନ ସମୟରେ । ସେଥିରୁ ଶିଖିନେବା ହିଁ ଭଲ । ଅଢ଼େଇ ଦିନିଆ, ଗୋଟିଏ ଜୀବନ । ଥରୁଟିଏ ବଞ୍ଚିବା ପାଇଁ ହଜାର ଥରର ସଂଗ୍ରାମ, ସମସ୍ୟା, ପ୍ରତିବନ୍ଧକ, ଆସିବ ହିଁ ଆସିବ । ହେଲେ ନିଜର ସାମର୍ଥ୍ୟ ନେଇ ଯୁଝିବାରେ ହିଁ ପାରିବାପଣିଆ । ନିଜର ବିବେକର ସମୟୋଚିତ ଆହ୍ୱାନକୁ ଶୁଣିବାରେ ହିଁ ମଣିଷପଣିଆ । ହାରିବାରେ ଲାଜ ସରମ ନାହିଁ ଅଛି ଜିତିବାକୁ ନ ଚାହିଁବାରେ । କ’ଣ ହେଲା କେଜାଣି । ପକ୍ଷୀଟି ଉଡ଼ିଗଲା; ହଜିଗଲା ସେଇ ନୀଳ ଅନନ୍ତ ଆକାଶରେ ।

To read the complete magazine, Download it for FREE from www.aahwaan.com

ମଞ୍ଜୁ ଆଖିରୁ ଦୁଇଧାର ପୋଛିନେଲା । ଅନେକ ଥର ଏଇ ଧାରକୁ ନେଇ ବଞ୍ଚିଛି । କେତେବେଳେ ଖୁସିରେ ତ କେତେବେଳେ ଦୁଃଖରେ । ହେଲେ ବାହା ହେଲା ପରେ ତା'ର ସ୍ୱାମୀ ସଦାବେଳେ କହି ଆସିଛନ୍ତି ଯେ ଖୁସି ହିଁ ଆମର ଲକ୍ଷ୍ୟ ହେବା ଉଚିତ । ବାସ୍ ସେଇ କଥା ପଦିକ ତା ଅନ୍ତରରେ ରହି ଯାଇଛି । ଡା: ଭାରତୀ ଦେବୀ ହାତରେ ଫାଇଲ୍‌ଟିଏ ଧରି କୋଠରୀ ଭିତରକୁ ଆସୁଛନ୍ତି । କ'ଣ ହେବ କେଜାଣି ? ମନରେ ଅନେକ ପ୍ରଶ୍ନବାଚୀ । ଅପରେସନ୍ ପରେ ଏବେ ସେ ନିଜର ସଂଜ୍ଞା ଫେରି ପାଇଛି ।

ଗତକାଲି ଭାରତୀ ଦେବୀ ଏହି ସମୟରେ ଆସିଥିଲେ । ଅପରେସନ୍‌ର କିଛି ସମୟ ପୂର୍ବରୁ । କୋଠରୀ ଭିତରକୁ ଆସି ଭାରତୀ ଦେବୀ କହିଥିଲେ, ମଞ୍ଜୁ ତୁମକୁ ଅପରେସନ୍ ଥିଏଟର୍‌କୁ ନେବା ପୂର୍ବରୁ ତୁମକୁ ମୁଁ କିଛି କହିବି । ଆଉ ତୁମର ସହମତି ପରେ ହିଁ ଆମେ ଏଇ ଅପରେସନ୍ କରିପାରିବୁ । ସେ କହିଲେ, ତୁମର ଅବସ୍ଥା ଅତ୍ୟନ୍ତ ଗୁରୁତର । ତୁମ ଗର୍ଭସ୍ଥ ଶିଶୁର ଅବସ୍ଥା ମଧ୍ୟ ତଦ୍ରୁପ । ଆମକୁ ତୁରନ୍ତ ଏହି ଚିକିତ୍ସା କରିବାକୁ ପଡ଼ିବ । ନହେଲେ ଏହା ଗର୍ଭସ୍ଥ ଶିଶୁ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ । ହେଲେ, ଏହା ପୂର୍ବରୁ ମୁଁ ଏହା ମଧ୍ୟ କହିବା ଜରୁରୀ ମନେ କରୁଛି ଯେ, ଏହି ଅପରେସନ୍ ତୁମ ଦୁହିଙ୍କ ପାଇଁ ବିପଦପୂର୍ଣ୍ଣ । ହୁଏତ ତୁମ ଦେହ ଏହାକୁ ସହ୍ୟ ନ କରିପାରେ । ଏଣୁ ତୁମେ ହିଁ କୁହ କ'ଣ ତୁମ ଇଚ୍ଛା ?

ମୁହଁ ଉପରୁ ଅଲରାଏ ବାଳକୁ ହାତରେ କାନ ଉପରକୁ ଆଡ଼େଇଦେଇ ମଞ୍ଜୁ ପ୍ରଥମେ ଟିକେ ସଳଖି ହୋଇ ବସିଲା । ପେଟରେ ଅସହ୍ୟ ଯନ୍ତ୍ରଣା । ନିଜର ଶୁଖିଲା ଓଠରେ ତା'ର

To read the complete magazine, Download it for FREE from www.aahwaan.com

ଦରଓଦା ଜିଭଟାକୁ ଅତି ସନ୍ତର୍ପଣ ବୁଲେଇ ନେଲା ସେ । ଗର୍ଭରେ ତା'ର ଯୁଗଯୁଗର ସ୍ୱପ୍ନ । କାନ୍ଥରେ ଥିବା ଫୁଲତୋଡ଼ାର ଫୋଟ ଆଡ଼େ ନଜର ବୁଲେଇ ସେ ଆରମ୍ଭ କଲା,

"ଆମର ଥିଲା ଛୋଟ ପରିବାର, ସୁଖୀ ପରିବାରଟିଏ । ଓଡ଼ିଶାରେ ଆସିଥିବା ପ୍ରଳୟଙ୍କରୀ ଝଡ଼ବାତ୍ୟାରେ ଅନେକ ଗାଁ ଭଳି ଆମ ଗାଁ ବି ଧୋଇ ହୋଇ ଯାଇଥିଲା । ମୋ ବାପା, ମା ଓ ଭାଇ କାଳର କରାଳ ଗର୍ଭରେ ଲୀନ ହୋଇ ଯାଇଥିଲେ । ମୋତେ ସେଇ ମୃତ୍ୟୁ ଲହରରୁ ସ୍ୱେଚ୍ଛାସେବକ ମାନେ ଅଚେତ ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ଦେଇଥିଲେ । ଏତେ ଦୁଃଖ ପରେ ବି ସୁଖ ମୋର ପିଛା ଛାଡ଼ିନଥିଲା ବୋଧହୁଏ । ଏଇ ପ୍ରଳୟରେ ବି ପ୍ରେମ ତାର ପଣତ ପସାରୀ ଦେଇଥିଲା ମୋ ପାଇଁ । କଥାଟା ଖୋଲି କୁହେ; ମୋର ପାଖ ଜାଗାରେ ସେ ଥିଲେ ରିଲିଫ୍ କ୍ୟାମ୍ପରେ । ସେଦିନ ରିଲିଫ୍ କ୍ୟାମ୍ପରେ ବଣ୍ଟା ଯାଉଥିବା ଖାଇବା ଧରି ନିଜ ନିଜ ଜାଗାକୁ ଫେରି ଆସିଲୁ । ମଜାର କଥା ହେଲା ଯେ; ମୋ ତାଟିଆରେ କେବଳ ଭାତ ଦିଗୁଣ୍ଡା ଥିଲା ଆଉ ତାଙ୍କ ତାଟିଆରେ ଦିବେଲା ଡାଲମା । ଦୁହେଁ ଦୁହିଁଙ୍କୁ ଦେଖି ହସିଲୁ । ସେଇ ଅସହାୟ ମୁହୂର୍ତ୍ତରେ ସବୁ ପରିପୂର୍ଣ୍ଣ ଲାଗିଥିଲା ଯେପରି । ସେ ତାଙ୍କ ଡାଲମା ମୋ ତାଟିଆରେ ଢାଳି ଦେଇ କହିଲେ ତୁମେ ସବୁ ଖାଅ, ଭଲ ଲାଗିବ । ଆଉ ସେଇ ମୁହୂର୍ତ୍ତରେ ମୋ ପାଟିରୁ ମୋ ଅନ୍ତରର କଥା ବାହାରି ପଡ଼ିଥିଲା । ହଜାରେ ମାଂସପେଶୀକୁ ଲଗାଇ ମଧ୍ୟ ତାକୁ ଅଟକାଇ ପାରିନଥିଲି । କହିଥିଲି, ଏଇ ତାଟିଆରେ ଦୁହେଁ ମିଶି ଖାଇଲେ ମୋତେ ଭଲ ଆଉ ଖୁସି ଲାଗିବ । ସେଦିନ ଆରମ୍ଭ ହୋଇଥିଲା ମିଶି ଖାଇବାର ସେହି ପ୍ରକ୍ରିୟା । ଖାଲି ମିଶି ଖାଇ ନଥିଲୁ । ମିଶି ବଞ୍ଚିବାର ପ୍ରତିଜ୍ଞା କରିଥିଲୁ । ଅତୀତର ସବୁ ସମ୍ପର୍କକୁ ତ ବାତ୍ୟା ଅଡ଼େଇ

To read the complete magazine, Download it for FREE from www.aahwaan.com

ନେଇଥିଲା । ହେଲେ ଏକ ନୂଆ ସଂସାର ଆଉ ନୂଆ ସମ୍ପର୍କ ଆରମ୍ଭ କରିଥିଲୁ । ଏଣୁ, ଭାରତୀ ଭଉଣୀ, ଏଇ ଗର୍ଭସ୍ଥ ଶିଶୁ ସନ୍ତାନ କେବଳ ଆମର ଭବିଷ୍ୟତ ପାଇଁ ଅମୂଲ୍ୟ ନୁହେଁ ବରଂ ଆମର ବଂଶଧାରାର ପ୍ରାରମ୍ଭ ସୋପାନ । କାରଣ, ତାଙ୍କର ବି ବାପା, ମା ଓ ଭଉଣୀ ସେଇ ବାତ୍ୟାର ଆକ୍ରୋଶର ଶିକାର ହୋଇଥିଲେ । ଆମର ଏଇ ସନ୍ତାନକୁ ଛାଡ଼ିଦେଲେ ଆଉ କେହି ନାହିଁ । ଏଣୁ ଏହାର ସୁରକ୍ଷାରେ ହିଁ ଆମର ନୂତନ ବଂଶର ସୂତ୍ରପାତ ହେବ ।

ଆପଣ ବୁଝିପାରୁଥିବେ ଯେ ଏହି ସନ୍ତାନ ମୋ ପାଇଁ କେତେ ଅମୂଲ୍ୟ ।

ଭାରତୀ ଦେବୀ ମୁଣ୍ଡ ହଲାଇ ହଁ କରିଥିଲେ । ସରକାରୀ ନିୟାମକ କାଗଜରେ ମଞ୍ଜୁର ଦସ୍ତଖତ ନେଇ ସେ ଶୁଭମନାସୀ କୋଠରୀ ବାହାରକୁ ଚାଲିଯାଇଥିଲେ ।

ହେଲେ ଆଜି ତା'ର ଉତ୍କଣ୍ଠା ଆହୁରି ବଢ଼ିଯାଇଛି । ତା'ର ଜନ୍ମିତ ଶିଶୁକୁ କୁଆଡ଼େ ଇନ୍‌କ୍ୟୁବେଟର୍‌ରେ ରଖାଯାଇଛି । ଏହା ଜାଣିବାକୁ ଅଜସ୍ର ପ୍ରଶ୍ନବାଚୀ ନେଇ ସେ ଭାରତୀ ଦେବୀଙ୍କ ଆଡ଼କୁ ଅନାଇ ରହିଲା ସେ । ଅତି ନିକଟକୁ ଆସି ମଞ୍ଜୁର ହାତ ଧରି ଭାରତୀ ଦେବୀ ଭୋ ଭୋ ହୋଇ କାନ୍ଦି ପକାଇ କହିଲେ; ମୋତେ କ୍ଷମା କରିଦେବ ଭଉଣୀ... ଶତଚେଷ୍ଟା କରିଲି ହେଲେ ବିଧାତା ଠୁ ବଳି ଆଗକୁ ଯାଇ ପାରିଲି ନାହିଁ ।

ଦୁଇଧାର ତତଲା ଲୁହ ଝରି ପଡ଼ିଲା ମଞ୍ଜୁର ଆଖିରୁ; ସେଇ ଲୁହମିଶା ଆଖିକୁ ନେଇ ସେ ଭାରତୀ ଦେବୀଙ୍କ ଆଡ଼କୁ ଅନାଇ କହିଲା...

"ଭଉଣୀ, ଏଥିରେ ତୁମର ବା ଦୋଷ କ'ଣ ? ଏଇ ଦୁଇବୁନ୍ଦା ଲୁହର ଝରାପଥରେ ହିଁ ମୋର ଜୀବନରେଖା ସୀମିତ; ଯେତେବେଳେ ଦୁଃଖଯନ୍ତ୍ରଣା ହୃଦୟ ବିଦାରି ଆତ୍ମାକୁ କୋରି

To read the complete magazine, Download it for FREE from www.aahwaan.com

ଦିଅନ୍ତି ସେତେବେଳେ ସେଇ ବୋଝକୁ ଉଶ୍ୱାସିଆ କରିବା ପାଇଁ ଏଇ ଲୁହ ଦୁଇବୁନ୍ଦା ଆଖିରୁ ଖସି ଓଠରେ ଚିଇଁ ଯାଆନ୍ତି । ଆଉ ଯେତେବେଳେ ଚେନାଏ ଖୁସି ମିଳେ ସେତେବେଳେ ହୃଦୟର ଉଚ୍ଛ୍ୱାସକୁ ଜାଗା ଦେବାପାଇଁ ଏଇ ଦୁଇବୁନ୍ଦା ସେଇ ଓଠରେ ହିଁ ହଜି ଯାଆନ୍ତି । ମୁଁ ସେତେବେଳେ ବୁଝିପାରେ ଦୁଃଖସୁଖ ମୋର ଏକ ଭବଭୋଗ; ନଚେତ୍ ଦୁଃଖସୁଖ ସବୁ ସମାନ ମୋ ଜୀବନ ପାଇଁ । ଆଉ ମୁଁ ମୋ ଅଜାଣତରେ ଏଇ ଦୁଇବୁନ୍ଦା ଲୁହ ନିକଟରେ ମଥାନତ କରେ । ସେମାନେ ହୋଇଯାଆନ୍ତି ମୋର ଗୁରୁ; ମୋ ଚଲାପଥରେ ସେମାନଙ୍କ ଭୂମିକା ଅନେକ ।”

ମଞ୍ଜୁର ଆଖି ଲେଉଟାଇ ଚାହିଁଲା ସେଇ ଗଛ ଆଡ଼କୁ ହେଲେ ସେଇ ପକ୍ଷୀ ଫେରିନାହିଁ । ହୁଏତ ନୂଆ ଏକ ନୀଡ଼ର ପ୍ରସ୍ତୁତି ତା'କୁ ଅନେକ ଦୂରକୁ ନେଇ ଯାଇଥିବ। ମଞ୍ଜୁ ପାଇଁ ସବୁ ଶୂନ୍ୟ ଶୂନ୍ୟ ଆଉ ମହାଶୂନ୍ୟ ଆଖିରେ, ଅନ୍ତରରେ, ଗର୍ଭରେ, ସ୍ୱପ୍ନରେ, ଜୀବନରେ... ! ! ! ଏଇଭଳି ଶୂନ୍ୟତାରେ ହିଁ ତାର କଟିବ ଏବେ ତା'ର ଦିନ ଆଉ ରାତି... ! ! !

## ପ୍ରଦୀପ୍ତ

ଶ୍ରୁତିଗୋଚର ହୁଏ ଯେ ସହରରେ ଘର ମିଳିବା ମହାକଷ୍ଟ । ପିଲାଦିନେ ପଢ଼ିଥିଲି; କେଉଁଠି କୁଆଡ଼େ ଗୋଟିଏ ନଦୀକୂଳରେ ଗୋଟିଏ ଲୋକ ବସିଥାଏ । ବିଚରା ସହରରେ ଘର ଖୋଜିଖୋଜି ନୟାନ୍ତ । ହଠାତ୍ ସେ ଦେଖିଲା ଗୋଟିଏ କାଠସିନ୍ଦୁକ ଭାସି ଆସୁଛି । ତାକୁ ଏହି ଦୃଶ୍ୟ କିଛି ଆଚମ୍ବିତ କଲା । ଆଣ୍ଠୁଏ ପାଣିକୁ ଯାଇ ସେ ସେଇ ସିନ୍ଦୁକଟିକୁ

To read the complete magazine, Download it for FREE from www.aahwaan.com

ଅଟକାଇଲା । କୂଳକୁ ଟାଣି ଆଣି ଖୋଲି ଦେଖିଲା ଅଜବ ଦୃଶ୍ୟ ତାର ଅଭ୍ୟନ୍ତରରେ । ଭଗବାନ ବିଷ୍ଣୁ ଅନନ୍ତ ଶୟନ ଠାଣୀରେ ଶୋଇଛନ୍ତି । ଢାଙ୍କୁଣୀ ଖୋଲା ହେବାରେ ତାଙ୍କ ନିଦ୍ରା ତୁଟିଲା । ଆଖିଖୋଲି ସେ ମାନବକୁ ପ୍ରଶ୍ନ କଲେ,

"ହେ ବତ୍ସ ! କଣ ସମସ୍ୟା ତୁମର କୁହ ?"

ବିଚରା ମାନବ; ତରବରରେ ସବୁ ଭାବନା ଛାଡ଼ି କହିପକାଇଲା,

"ପ୍ରଭୁ, ଭଡ଼ାଘରଟିଏ ! କେବଳ ଭଡ଼ା ଘରଟିଏ ଦରକାର ପ୍ରଭୁ । ଖୋଜି ଖୋଜି ଆଠ ନମ୍ବରର ବାଟା ଚପଲ ଏବେ ସାତ ନମ୍ବର ହୋଇଗଲାଣି । ଆଉ ପାରୁନି ପ୍ରଭୁ । ଏହି କଷ୍ଟ ନିବାରଣ କର ।"

ଏହି କଥାଶୁଣି ଭଗବାନଙ୍କ ମନ ବିକଳ ହୋଇ ଉଠିଲା । ତତ୍‌କ୍ଷଣାତ୍ ସେ ଉଠି ବସିପଡ଼ିଲେ ସେଇ ସିନ୍ଦୁକ ଭିତରେ । ହେଲେ କାନ୍ଦକାନ୍ଦୁଣିଆ ହୋଇ ଯାହା କହିଲେ ତାହା ଶୁଣ ଏବେ ।

ଭଗବାନ କହିଲେ,

"ମୂର୍ଖ, ମୋତେ ଘରଟିଏ ମିଳୁନି ବୋଲି ମୁଁ ସିନ୍ଦୁକରେ ବସି ନଦୀରେ ଭାସିବୁଲୁଛି । ଆଉ ତୋତେ ଘର କୁଆଡୁ ଖୋଜି ଆଣିଦେବି । ବନ୍ଦ କର ସିନ୍ଦୁକର ଢାଙ୍କୁଣୀ ଆଉ ମୋତେ ଭାସିବାକୁ ଦେ ।"

ଲୋକଟି ସିନ୍ଦୁକର ଢାଙ୍କୁଣୀ ବନ୍ଦକରି, ହାତଯୋଡ଼ି ଆଁ କରି ଚାହିଁ ବସିଲା ।

To read the complete magazine, Download it for FREE from www.aahwaan.com

ବୁଝିଲ ଏଇୟା ହେଲା ସହରରେ ଭଡ଼ାଘର ବ୍ୟାପାର । ନିଜ ସ୍ତ୍ରୀଙ୍କୁ ଘରଭଡ଼ା ବିଷୟରେ ଏଇକଥାଟି କହୁଥିଲେ ପ୍ରଦୀପ୍ତ ବାବୁ । ସେତେବେଳେ ନୂଆ ହୋଇ ପ୍ରଦୀପ୍ତ ବାବୁ ଆସିଥାନ୍ତି ଭୁବନେଶ୍ୱର ସହରକୁ । ନୂଆ ଚାକିରୀ ଆଉ କ୍ୱାର୍ଟର୍‌ସବୁ ଦଖଲ ହୋଇ ରହିଅଛି । ଜଣେ ସାଙ୍ଗର ଘରେ ନିଜର ସ୍ତ୍ରୀଙ୍କୁ ଧରି କେତେଦିନ ରହିଥାନ୍ତି । ପ୍ରତିଦିନ ଅଫିସ ସରିଲେ ଖୋଜି ବୁଲନ୍ତି ଘରଟିଏ । ଯେଉଁ ଘର ଅଫିସ ଆଉ ହାସପାତାଳକୁ ନିକଟ ହୋଇଥିବ। ଏଇମିତି ଦିନେ ଖୋଜୁଖୋଜୁ ଦେଖିଲେ ଗୋଟିଏ ସୁନ୍ଦର ଘର ଆଗରେ ଲେଖା ହୋଇଛି "ହାଉସ୍ ଫର୍ ରେଣ୍ଟ" । ତାଙ୍କ ଖୁସି କହିଲେ ନସରେ ହେଲେ ଏହିଭଳି ଘରର ଭଡ଼ା ନିମନ୍ତେ ମନେମନେ ବଜେଟ୍‌କୁ କଷି ଗଣି ପକେଇଲେ ତତକ୍ଷଣ । ସେଇ ଘରର ଠିକଣା ଆଉ ଫୋନ୍‌ନମ୍ବର ନେଇ ଆସିଲେ ଘରକୁ । ନିଜର ସ୍ତ୍ରୀ ଆଉ ବନ୍ଧୁଙ୍କ ଉପସ୍ଥିତିରେ ଏହି କଥାଟି ପକାଇଲେ; ଭଲମନ୍ଦ କିଛି ଜାଣିବା ପାଇଁ । ଏଇ ଘରର କଥା ଶୁଣୁଶୁଣୁ ପ୍ରଦୀପ୍ତ ବାବୁଙ୍କ ବନ୍ଧୁ ବହେ ହସିଲେ । ତା'ପରେ କହିଲେ ସେ ଘର କଥା ଛାଡ଼ ସେ ଘର ମାଲିକାଣୀ ପାଗଳୀଟାଏ । ଅଜବ ଅଜବ ସବୁ ତାର ସର୍ତ୍ତ। ଏଇୟା ହେଲେ ଦେବିନି, ଏଇୟା ହେଲେ ଦେବି; ଏଇମିତି କେତେକଣ । ଦିନରେ ସେ ଘରୁ ସୋରଶବଦ କିଛି ଶୁଭେନାହିଁ । ଆଉ ରାତିରେ ସେ ଘରେ କିଏ ଆଲୁଅ ଜଳିବାର ଦେଖିନାହିଁ । ସେ ଘରକୁ ଭଲମନ୍ଦରେ କିଏ ଆସିବା ଯିବାର ବି ଦେଖିନାହିଁ । ସେଇ ଭୂତକୋଠିରେ ସେ ଏକାକୀନି ଭୂତୁଣୀଟାଏ । କେବେ କେମିତି ସକାଳେ ସେ ମହିଳାଙ୍କୁ ଝରକା ନିକଟରେ କେହିକେହି ଠିଆ ହେବାର ଦେଖନ୍ତି ଆଇସ୍‌କ୍ରିମ୍ ବିକାଳି ଆସିଲା ବେଳେ, କିଏ ଖେଳଣା ବିକିବାକୁ ଆସିଲା ବେଳେ ଅବା ପିଲାମାନେ ସ୍କୁଲ ଯିବାଆସିବା ବେଳେ । ଏଣୁ ସେ ଘର କଥା ଛାଡ଼ । ମୁଁ ବି ମୋର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଜଣେ ଦିଜଣ ସାଙ୍ଗଙ୍କୁ କହିଛି ତୁମ ପାଇଁ ସାତରୁ ଦଶ ହଜାର ଭିତରେ ଘରଟିଏ ଦେଖିବା ପାଇଁ । ଏହା ଶୁଣି ପ୍ରଦୀପ୍ତ ବାବୁଙ୍କ ଅକଲ ଗୁଡ଼ୁମ୍ । ସେ ହେଉ କହି ରହିଗଲେ ।

ତା'ପର ଦିନ ଥିଲା ଶନିବାର । ସ୍ତ୍ରୀ'ଙ୍କ ସହ ହନୁମାନ ମନ୍ଦିରରୁ ଦର୍ଶନ ସାରି ଫେରୁଥିଲେ । ରାସ୍ତାରେ କେଉଁଠି ଗୋଟିଏ ଦୁର୍ଘଟଣା ହୋଇଥିବାରୁ ଅଟୋରିକ୍ସାଟି ନିଜର ରାସ୍ତା ବଦଳାଇ ନେଲା । ହଠାତ୍ ତାଙ୍କ ସ୍ତ୍ରୀ କହିଲେ, ହେଇଟି ଦେଖୁନ କେମିତି ସୁନ୍ଦର ଘରଟା; ଭଡ଼ା ପାଇଁ ଲେଖାଅଛି । ପ୍ରଦୀପ୍ତ ବାବୁ ଅନାଇ ଦେଖିଲେ ତାଙ୍କ ସାଙ୍ଗ କହିଥିବା ସେଇ ଭୂତକୋଠି । ସେ ହସି କହିଲେ, ମୁଁ ପରା ଏଇ ଭୂତକୋଠି କଥା କହୁଥିଲି !

ତାଙ୍କ ସ୍ତ୍ରୀ ଅଟୋରିକ୍ସାକୁ କିଛି ସମୟ ଅଟକିବାକୁ କହିଲେ ସେଠାରେ । ସ୍ୱାମୀଙ୍କ ଆଡ଼େ ଅନାଇ କହିଲେ, ବୁଝିଲ ମୁଁ ଏଇ ଭୂତପ୍ରେତ କିଛି ମାନେନି । ପିଲାଟି ଦିନରୁ ମୁଁ ହନୁମାନଙ୍କ ଭକ୍ତ । ଏଣୁ ମୋତେ କାହିଁକି ଲାଗୁଛି ଆମପାଇଁ ଏଇ ଘରଟି ହିଁ ଠିକ୍‌ହେବ । ସେମାନେ ଅଟୋବାଲାକୁ ଟିକେ ଅପେକ୍ଷା କରି ରହିବାକୁ କହି ସେହି ଘରର ଗେଟ୍‌ଖୋଲି ଭିତରକୁ ଗଲେ ।

ସେଦିନ ସ୍ୱାମୀ-ସ୍ତ୍ରୀ ଦୁହେଁ ମିଠା ଧରି ବନ୍ଧୁଙ୍କ ଘରକୁ ଫେରିଲେ । ମୁହଁରେ ହସ । ଏରୁଣ୍ଡି ବନ୍ଧ ଡେଇଁଛନ୍ତି କି ନାହିଁ ବନ୍ଧୁଙ୍କ ପତ୍ନୀ ପଚାରିବସିଲେ, "କ'ଣ ଆଜି ଏତେ ଖୁସି । କେଉଁଠି ପ୍ରାସାଦଟାଏ ମିଳିଗଲା ନା କ'ଣ ?"

ପ୍ରଦୀପ୍ତ ବାବୁ, ବନ୍ଧୁ ଆଉ ବନ୍ଧୁପତ୍ନିଙ୍କ ମୁହଁକୁ ଥରେ ଆଉ ନିଜ ପତ୍ନିଙ୍କ ମୁହଁକୁ ଥରେ ଅନାଇ  କହିଲେ, "ହଁ ମିଳିଲା ଯେ ହେଲେ ପ୍ରାସାଦ ନୁହେଁ, ଭୂତକୋଠି... ! ! ! "

To read the complete magazine, Download it for FREE from www.aahwaan.com

ପ୍ରଥମେ ପ୍ରଦୀପ୍ତ ବାବୁଙ୍କ ବନ୍ଧୁ ଆଶ୍ଚର୍ଯ୍ୟ ହୋଇଗଲେ, ହେଲେ ପରେ ଯେତେବେଳେ ଜାଣିଲେ ଯେ ଏତେ ବଡ଼ ଘରଟା ମାତ୍ର ପାଞ୍ଚ ହଜାରରେ ମିଳିଗଲା ସେତେବେଳେ ସମସ୍ତେ ମିଶି ବହେ ହସିଲେ । ଏଇ ହସରୋଳ ଭିତରେ ବନ୍ଧୁଙ୍କ ଘରଠୁ ଦୂରେଇ ଯିବେ ବୋଲି ପ୍ରଦୀପ୍ତ ବାବୁଙ୍କ ସ୍ତ୍ରୀଙ୍କ ଆଖିରୁ ବହିଗଲା ଦୁଇଧାର ଅଶ୍ରୁ... !

## କଳ୍ପନା

ତିରିଶିଟା ଗାଁକୁ ନେଇ ଗୋଟିଏ ବ୍ଲକ୍ ପୁଷ୍ପରାଜ ନଗର । ସେଇ ଗାଁରେ ବାପା ତା'ର ପ୍ରତିପତ୍ତିଶାଳୀ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଭିତରୁ ଜଣେ । ସ୍ୱାଧୀନତା ପରବର୍ତ୍ତୀ ଭାରତର ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଥିଲେ ସେ । ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ବିଲବାଡ଼ି ଦେଖାରଖା କରନ୍ତି । ନିଜର ମତ୍ସ୍ୟଚାଷ, ଗୋପାଳନ, ବଗିଚା, ପ୍ରଭୃତି ନେଇ ସେ ସଦା ବ୍ୟସ୍ତ । ତିନୋଟି ସନ୍ତାନ ମଧ୍ୟରେ କଳ୍ପନା ଥିଲା ଜଣେ । ଗୋଟିଏ ଚାଉଳରେ ଗଢ଼ା ଶାନ୍ତ ସରଳ ପ୍ରାଣଟିଏ । ସଦାବେଳେ ପୂଜାଅର୍ଚ୍ଚନାରେ ବ୍ୟସ୍ତ ରହେ । ଦେବାଦେବୀଙ୍କ ଉପରେ ପ୍ରଗାଢ ବିଶ୍ୱାସ ।

ବିବାହ ପରେ ପ୍ରଥମ ଥର ପାଇଁ ସ୍ୱାମୀଙ୍କ ସହ ଏତେବଡ଼ ସହରକୁ ଆସି ରହିଛି କଳ୍ପନା । ଅତି ଶସ୍ତାରେ ଭଲ ଘରଟିଏ ପାଇଛି ସେ । ଘରର ମାଲିକାଣୀ ଦେବୀଟିଏ । କଳ୍ପନାକୁ ନିଜ ଭଉଣୀ ପରି ସ୍ନେହଶ୍ରଦ୍ଧା କରନ୍ତି । ଭଲମନ୍ଦରେ ବୁଝେଇ କହନ୍ତି ଆଉ ଠିଆ ହୁଅନ୍ତି କେତେକଣ ହେଲେ ବି । କଳ୍ପନାର ଛୁଆ ପାଇଁ ସେ ଆଉ ଗୋଟିଏ ସାଙ୍ଗ ଭଳି ।

To read the complete magazine, Download it for FREE from www.aahwaan.com

ଧାଈମା ହୋଇ ଛାଇଭଳି ଲାଗିରହନ୍ତି । ସେ ବି ଖୁସି ଆଉ କଳ୍ପନା ବି । ନହେଲେ ସହରରେ ଭଲଘର ଆଉ ଘର ମାଲିକାଣୀ କ'ଣ ସହଜରେ ମିଳେ !

ସେଦିନ କଳ୍ପନା ଘରକୁ ବୁଲିବାକୁ ତା'ର ଦୁଇଜଣ ସାଙ୍ଗ ଆସିଥିଲେ । ଘର ସବୁ ବୁଲି ଦେଖିବା ବେଳେ ସେମାନେ ଯେତେବେଳେ କଳ୍ପନାର ଶୋଇବା କୋଠରୀକୁ ଆସିଲେ ସେତେବେଳେ ସେ କୋଠରୀ ଭିତରକୁ ଯିବା ପୂର୍ବରୁ ବାହାରେ ହିଁ ଆବାକାବା ହୋଇ ରହିଗଲେ । ସେହି କୋଠରୀଟି ସତେ ଯେପରି କେଉଁ ସ୍ୱପ୍ନ ରାଇଜ ପରି ଦିଶୁଥିଲା । ସାରା କୋଠରୀଟା ହାଲ୍‌କା ଗୋଲାପୀ ରଙ୍ଗର ପାଖୁଡାରେ ରଙ୍ଗେଇ ଦିଆଯାଇଥିଲା । ଗୋଟିଏ ପଟେ ସ୍ୱାମୀ-ସ୍ତ୍ରୀଙ୍କ ଶୋଇବା ଖଟଟିରେ ଅତି ଆରାମଦାୟକ ଦାମିକିଆ କଅଁଳ ଶେଯ, ତକିଆ ଆଉ ଚଦର ବିଛେଇ ଦିଆଯାଇଥିଲା । ଏପଟେ ସେମାନଙ୍କ ପିଲା ଶୋଇବା ପାଇଁ ଦୋଳିଟିଏ ଆଉ ଦୁନିଆ ସାରାର ଖେଳଣା । ଥାକରେ ସବୁ ଛୋଟଛୋଟ ପିଲାଙ୍କର ଆବଶ୍ୟକତା ଅନୁଯାୟୀ ଯାବତୀୟ ଜିନିଷ ସବୁ ସଜା ହୋଇ ରହିଥାଏ । ମୋଜା, ପଶମ ଜୋତା, ଟୋପି, ଛୋଟଛୋଟ ରୁମାଲ ଭଳି ନରମ କନା । ସେ ଦିଜଣ ଜମା ବୁଝି ପାରୁନଥିଲେ । ସବୁ ଦାମିକା ଆଉ ଉଚ୍ଚ ଗୁଣବତ୍ତାର । ଗୋଟିଏ ମଧ୍ୟବିତ୍ତ ପରିବାର ହୋଇ ମଧ୍ୟ ନିଜର ଶିଶୁ ସନ୍ତାନ ପାଇଁ ସେମାନେ ଏତେ ଆରାମ ଯୋଗାଇବାର ବ୍ୟବସ୍ଥା କରିଛନ୍ତି; ଏହା ତାଙ୍କୁ ସହଜରେ ବିଶ୍ୱାସ ହୋଇପାରି ନଥିଲା । ସେମାନେ ଯେତେବେଳେ ଏହି ପ୍ରଶ୍ନର ଉତ୍ତର ପାଇଁ କଳ୍ପନାକୁ ଅନାଇଲେ, କଳ୍ପନା ହସି ହସି କହିଲା, ପ୍ରଥମେ ଶାନ୍ତିରେ ବସି ଚାହା ଆଉ ବିସ୍କୁଟ ଗର୍ଭସ୍ଥ କର । ତାପରେ ସବୁ କହିବି ।

To read the complete magazine, Download it for FREE from www.aahwaan.com

ସାଙ୍ଗ ଦୁଇଜଣ କିନ୍ତୁ ସବୁକଥା ଶୁଣିବାକୁ ବ୍ୟଗ୍ର ରହିଥାନ୍ତି । କଳ୍ପନା ତାଙ୍କ ନିକଟରେ ବସି କହିବାକୁ ଲାଗିଲା, ଏ ସହରକୁ ମୁଁ ଯେତେବେଳେ ନୂଆଁରେ ଆସିଲି ମୋତେ ଚାରିଆଡ଼େ ଖାଁଖାଁ କରି ଗୋଡ଼ାଉଥିଲା । ହେଲେ ଏଇ ଘରଟାକୁ ଭଡ଼ା ନେଲାପରେ ମୋର ସେ ସବୁ ଚିନ୍ତା ଆଉ ନାହିଁ । ମୋ ଘର ମାଲିକାଣୀ ମୋତେ ଆଉ ମୋ ସ୍ୱାମୀଙ୍କୁ ଅତି ଆଦର କରନ୍ତି । ମୋର ବଡ଼ ଭଉଣୀ ପରି ମୋର ଦେଖାରଖା କରନ୍ତି । ଗାଁ ଘର ଠାରୁ ଏତେ ଦୂରରେ ସତେ ଯେପରି ମୋତେ ଆଉ ଏକ ଘର ମିଳି ଯାଇଛି ଏଇଠି । ତୁମ କଥାର ଉତ୍ତର ଏଇ କଥାରେ ହିଁ ରହିଅଛି । ଯେତେବେଳେ ଆମେ ଘରଭଡ଼ା ନେଲୁ ସେତେବେଳେ ଘର ମାଲିକାଣୀଙ୍କ ସର୍ତ୍ତଥିଲା ଯେ କେବଳ ସେ ନବଦମ୍ପତ୍ତିଙ୍କୁ ହିଁ ଏହି ଘର ଦେବେ । ତା'ସହିତ ଅଜବ ସର୍ତ୍ତଟିଏ ସେ ରଖିଥିଲେ ଯେ ଆମେ ନେଇଥିବା ଭଡ଼ାଘରକୁ ସେ ନିଜେ ସଜାଇ ଦେବେ ପ୍ରତି ୩/୪ ବର୍ଷରେ ଥରେ । ଆମ ପାଇଁ ଏଇଟା ଥିଲା ପାଲିଙ୍କି ଉପରେ ପାଟଛତା । ଏଣୁ ଏଇଘର ଆମପାଇଁ ଏବେ ସ୍ୱର୍ଗ ।

କଳ୍ପନାର ଜଣେ ସାଙ୍ଗ ପଚାରିଲା, କିଲୋ ତା'ର ଆଉ କିଛି ମନ୍ଦ ଉଦ୍ଦେଶ୍ୟ ନାହିଁ ତ ? ମୋତେ ଟିକେ ଅଡୁଆ ଲାଗୁଛି ଏସବୁ କଥା । ସେ ତୋ ସ୍ୱାମୀଙ୍କୁ ଆଖି ପକାଉନି ତ ? ଦେଖିକି ଲୋ ମା; ଏଇଟା ସହରର କିମିଆ । ହେଲେ କଳ୍ପନା କହିଲା, ନାଇଁମ ନର୍କରେ ପଡ଼ିବି ଯଦି ଏପରି ଖିଆଲ ବି ମୋ ମୁଣ୍ଡରେ ପୂରେଇ ବସିବି । ସେ ମୋ ସ୍ୱାମୀଙ୍କୁ ଭାଇ ପରି ଆଉ ମୋତେ ଭଉଣୀ ପରି ଦେଖନ୍ତି । ପୂଜାପାର୍ବଣରେ ସଦା ମଗ୍ନ ରହନ୍ତି ସେ । ଆମ ଦୁହିଁଙ୍କ ଦାମ୍ପତ୍ୟ ଜୀବନରେ କେବେ ଦଖଲ ଦିଅନ୍ତିନି । ବରଂ ଆମ ପାଇଁ ସେ ଜଣେ ଦେବୀ ପ୍ରାୟେକ । ଆମର ବିପଦଆପଦରେ ସଦା ଘରଲୋକ ଭଳି ଠିଆ ହୁଅନ୍ତି ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଅପର୍ଯ୍ୟାପ୍ତ ଧନସମ୍ପତ୍ତିର ମାଲିକାଣୀ ସେ; ତଥାପି ଅତି ସରଳ ଆଉ ମାତୃପ୍ରତିମ । ସେ ଏବେ କିଛି ରୋଗରେ ପିଡ଼ୀତ ଅଛନ୍ତି; ଏଣୁ ବମ୍ବେ ଯାଇଛନ୍ତି ଚିକିତ୍ସା ହେବା ପାଇଁ । ସେ ଫେରିଲେ ମୁଁ ତୁମ ଦୁହିଁଙ୍କୁ ଡାକି ଆଣିବି ତାଙ୍କ ସହ ମିଶାଇବା ପାଇଁ ନିଶ୍ଚୟ । ଏହା ଶୁଣି କଳ୍ପନାର ସାଙ୍ଗ ଦୁଇଜଣ ଅତି ଆନନ୍ଦ ହେଲେ । ଗଲାବେଳେ କହିଗଲେ; ସଦା ସୁଖି ରହ...ତୁ ଲୋ ଭାଗ୍ୟବତୀ ଅତି... ! ! !

## ପ୍ରତିଶ୍ରୁତି

ଏଣେ ପିଲାଟି ନିଦରୁ ଉଠି କାନ୍ଦିବାକୁ ଆରମ୍ଭ କଲାଣି । ହଠାତ୍ ଘଣ୍ଟି ବାଜି ଉଠିଲା । କେହି ବୋଧହୁଏ ଆସିଲାଣି । ତରବରରେ ଲେଉଟି କବାଟ ଆଡ଼କୁ ଆସିଲା ବେଳକୁ ହାତରୁ କ୍ଷୀର ବୋତଲଟି ଖସିଗଲା ଆଉ ସବୁ କ୍ଷୀର ଚଟାଣ ସାରା ହୋଇଗଲା । ଆହାଃ...ଏ କଣ ହେଲା ଲୋ ମା; ଏତକ କହି କଳ୍ପନା ଦ୍ୱାର ଆଡ଼କୁ ଆଗେଇଲେ । ଦ୍ୱାର ନିକଟରେ ପହଞ୍ଚି ଦେଖିଲେ ଯେ ଜଣେ ଓକିଲ ବାହାରେ ଠିଆ ହୋଇଛନ୍ତି । କଳ୍ପନା ଆଶ୍ଚର୍ଯ୍ୟ ହୋଇ ପଚାରିଲେ । କ'ଣ ହେଲା ?

ଆଗନ୍ତୁକ ନିଜର ପରିଚୟ ଦେଇ କହିଲେ,

ମୁଁ ଜଣେ ଓକିଲ । ମଞ୍ଜୁଳା ଦେବୀଙ୍କ ସମସ୍ତ କାଗଜପତ୍ର କଥା ମୁଁ ବୁଝିଥାଏ । ସେ ଆପଣ ଦୁହିଁଙ୍କ କଥା ସଦାବେଳେ କହନ୍ତି । ଆପଣଙ୍କ ପାଇଁ କିଛି ଦୁଃଖ ଖବର ଆଉ କିଛି ସୁଖ ଖବର ନେଇ ଆସିଛି । ଯଦି ଆପଣ କିଛି ନ ଭାବନ୍ତି ତେବେ ମୁଁ ଘର ଭିତରକୁ ଆସି ଆପଣଙ୍କୁ ବୁଝାଇ କହିବି । ମଞ୍ଜୁଳା ଦେବୀଙ୍କ ନାମ ଶୁଣି ଆଉ ସନ୍ଦେହ କରିବାର କିଛି

To read the complete magazine, Download it for FREE from www.aahwaan.com

ନଥିଲା । ହେଲେ ଦୁଃଖ ଖବର ଶୁଣି ମନରେ ଛନକା ପଶିଲା । ସେ ଓକିଲଙ୍କୁ ଘର ଭିତରକୁ ଡାକି ଆଣିଲେ । କିଛି ସମୟ ପାଇଁ ସେ ତାଙ୍କ ନିକଟରୁ କ୍ଷମା ପ୍ରାର୍ଥନା କରି ନିଜ ପୁଅ ପାଇଁ ସମୟ ମାଗିନେଲେ । ହେଲେ ଗଲାବେଳେ, ଓକିଲ ବାବୁଙ୍କର କଣ ଦରକାର ବୋଲି ପଚାରିବାକୁ ଭୁଲି ନଥିଲେ । ପ୍ରଥମେ ସେ ନିଜର ପୁଅ ପାଇଁ ଆଉ ଗୋଟିଏ ବୋତଲରେ କ୍ଷୀର ନେଇ ତାକୁ ପିଆଇଲେ । ତା'ପରେ ଓକିଲ ବାବୁଙ୍କୁ କପେ ଚା ଦେଇ; ପରେ ତଳେ ପଡ଼ିଥିବା କ୍ଷୀର ସବୁ ପୋଛି ସଫା କଲେ ।

ଏ ସବୁ ସରିଲା ପରେ ମୁହଁ ଉପରେ ପଡ଼ିଥିବା ଅଲରାଏ କେଶକୁ ସଯତ୍ନରେ ମୁଣ୍ଡ ଉପରକୁ ଉଠାଇ, ନିଜର ଲୁଗା ପଟା ସଜାଡ଼ି ବସିଲେ ଓକିଲ ବାବୁଙ୍କ ସମ୍ମୁଖରେ ପଡ଼ିଥିବା ସୋଫା ଉପରେ। ଓକିଲ ବାବୁ ଆରମ୍ଭ କଲେ,

"କଳ୍ପନା ଭଉଣୀ, ମୁଁ ଯାହା କହିବି ଆପଣ ଶୁଣିବେ ହେଲେ ପ୍ରଥମେ ମଞ୍ଜୁଳା ଦେବୀ ଦେଇଥିବା ଏହି ପତ୍ରଟି ପ୍ରଥମେ ପଢ଼ି ନିଅନ୍ତୁ ।" ଓକିଲ ବାବୁଙ୍କ ହାତରୁ ଚିଠିଟି ନେଇ ପଢ଼ିବାକୁ ଆରମ୍ଭ କଲେ କଳ୍ପନା ଦେବୀ ।

ସ୍ନେହର କଳ୍ପନା,

ମୋର ଏଇ ପ୍ରଥମ ଆଉ ଶେଷ ଚିଠିଟି କେବଳ ତୋର ପାଇଁ । ଏ ବଡ଼ ଭଉଣୀର ସବୁକଥା ଏଇ ଚିଠି ଭିତରେ ହିଁ ଅଛି । ପଢ଼ିବୁ; ହଁ ତୁ ବୁଝିବୁନି ତ ଆଉ କିଏ ବୁଝିବ । ମୁଁ ଜାଣେ, ବିଧାତା ମୋ ପାଇଁ ତତେ ହିଁ ପଠାଇଥିଲା ମୋ ଘରକୁ ।

To read the complete magazine, Download it for FREE from www.aahwaan.com

ଅନେକ ଦିନରୁ ଏଇ ରୋଗକଥା ମତେ ଜଣା ପଡ଼ିଲାଣି ହେଲେ ତୁ ମନ ଦୁଃଖ କରିବୁ ବୋଲି ତୋତେ ନକହି ଏତେ ଦୂରକୁ ଚାଲିଆସିଲି । ଏଇଠି ରହି ତମ ଦୁହିଁଙ୍କୁ ଆଉ ମୋ ଆଖିର ତାରା, ତୋ କୋଳର ରତ୍ନ "ରାଜା"କୁ ଝୁରୁଛି । ଜୀବନଟା କେବଳ ତା'ର ଆଶରେ ହିଁ ରହିଥିଲା । ଥରୁଟିଏ ତାକୁ ହଜାଇ ଥିଲି ଆଉ ତୋ କୋଳରେ ତାକୁ ପାଇଲି । ମୋର ଘର ଶୁଦ୍ଧ ହୋଇଗଲା ଆଉ ମୁଁ ମୋକ୍ଷ ପାଇଗଲି ।

ପିଲାଟି ଦିନରୁ ହିଁ ସବୁ ହରେଇଛି । ଝୁରିଛି, ଝରାଇଛି, ଝରିଛି; ହେଲେ ରାଜା ହିଁ ଫେରିଲା ଶେଷରେ ମୋ ପାଇଁ । ବନ୍ୟାରେ ଘରପରିବାର ହରାଇ ବରଜକୁ ପାଇଥିଲି । ସେ ହିଁ ମୋତେ ବଞ୍ଚିବାର ରାହା ଦେଖେଇଥିଲେ । ଜୀବନର ଏଇ ଅଙ୍କାବଙ୍କା ରାସ୍ତାରେ ହସିହସି କିପରି ଆଗେଇ ଯିବାକୁ ହୁଏ; ଶିଖାଇଥିଲେ । ସବୁ ହଜେଇ ମଧ୍ୟ ଅନ୍ୟପାଇଁ ଆଉ ସମସ୍ତଙ୍କ ଭିତରେ ବଞ୍ଚିବାର ପ୍ରତିଶ୍ରୁତିରେ ବାନ୍ଧି ଦେଇଥିଲେ । ଆମ ଦୁହିଁଙ୍କ ପାଇଁ ମୋ ଗର୍ଭସ୍ଥ ସନ୍ତାନ ହିଁ ଆମର ନୂତନ ସଂସାରର ମୂଳଦୁଆ ଥିଲାଲୋ କଳ୍ପନା । ହେଲେ ବିଧାତାର ପରୀକ୍ଷା ସରିନଥିଲା । ଯୁଦ୍ଧଭୂମିରେ ବୀରଗତି ପ୍ରାପ୍ତ ହୋଇଥିଲେ ବରଜ ତିରଙ୍ଗା ଉଢ଼େଇ । ଆଉ ଶହୀଦ ହେଲା ବେଳର ଶେଷ ପଦ ପ୍ର... ସହ ପୁଣି ମନେ ପକେଇ ଦେଇଥିଲେ ସେଇ ପ୍ରତିଶ୍ରୁତି ।

ସେଇ ପ୍ରତିଶ୍ରୁତିକୁ ନେଇ ବଞ୍ଚିବାକୁ ଚାହିଁଲି ହେଲେ ମୋ ଗର୍ଭରେ ବଢୁଥିବା ରାଜାକୁ ବଞ୍ଚେଇ ପାରିଲିନି । ବରଜଙ୍କ ବୀରଗତି ମୋର ଛାତ ଉଢ଼େଇ ନେଇଥିଲା ହେଲେ ରାଜାର ମୃତ୍ୟୁ ମୋ ଦୁନିଆର ଚାରିକାନ୍ଥକୁ ଭୁଷୁଲେଇ ଦେଲା । ଏତେ ବଡ଼ ସଂସାରରେ ସମ୍ପୂର୍ଣ୍ଣ ଏକୁଟିଆ ହୋଇଗଲି । ଖାଲି ବଞ୍ଚିବାକୁ ବ୍ୟାଙ୍କରେ ପଇସା ହିଁ ସର୍ବସ୍ୱ ଥିଲା ।

To read the complete magazine, Download it for FREE from www.aahwaan.com

ବଞ୍ଚିବାର ଇଚ୍ଛା ନଥିଲା ଆଉ । ସପନରେ ସେ ଆସନ୍ତି, ଆଉ ପ୍ରତିଶ୍ରୁତି ନିଅନ୍ତି ମୋ ବଞ୍ଚିବାର ଆଉ ଅନ୍ୟପାଇଁ କିଛି କରିବାର । ଅନାଥାଶ୍ରମ, ବୃଦ୍ଧାଶ୍ରମ, ପ୍ରଭୃତିଙ୍କୁ ଏଇ ଓକିଲଙ୍କ ଜରିଆରେ ପଇସାପତ୍ର ଦିଏ ଅସହାୟଙ୍କ ନିମନ୍ତେ; ହେଲେ ନିଜେ ଅସହାୟ ହୋଇ ନିଛାଟିଆ ଘରଟାରେ ସେଇମିତି ପଡ଼ିଥାଏ ।

କେତେ ଦିନାନ୍ତେ ମୋ ମନ କହିଲା, ମୋ ରାଜା ଏଇ ଘରକୁ ଆସିବ । ସେତେବେଳେ ଏଇ ଘର ଭଡ଼ା ଦେବାକୁ ଚିନ୍ତାକଲି । ଆଉ ନବଦମ୍ପତ୍ତିଙ୍କ ପାଇଁ ହିଁ ଏଇ ଘର ଉଦ୍ଦିଷ୍ଟ ବୋଲି ସର୍ତ୍ତ ରଖିଲି । ମୋର ଏଇ ଦୁନିଆଛଡ଼ା ବୁଦ୍ଧି ଆଉ ଏଇ ଅଜବ ସର୍ତ୍ତ ଦେଖି ମୋତେ ସମସ୍ତେ ଭୂତୁଣୀ କହିବାରେ ଲାଗିଲେ ଆଉ ମୋ ଘରକୁ ଭୂତକୋଠି ।

ତା'ପରେ ଦିବ୍ୟ ଆଶୀର୍ବାଦ ହୋଇ ତୁ ଗର୍ଭ ଧରି ଆସିଲୁ । ମୋର ମନରେ ଆଶା ସଞ୍ଚାର ହେଲା । ମୋର ସବୁ ସର୍ତ୍ତକୁ ହସହସ ମୁହଁରେ ମାନିନେଲୁ । ତୋର ଅନ୍ତରର ବିଶ୍ୱାସ ମୋ ଦୁନିଆକୁ ପୁଣି ସତେଜ କରିଦେଲା । ତୋ ଗର୍ଭରୁ ରାଜା ଜନ୍ମ ହେଲା । ମୋ ଭାବନା ଅନୁସାରେ ମୁଁ ରାଜା ପାଇଁ ତୋ ଶୋଇବା ଘରକୁ ସଜାଇ ଦେଲି । ତାର କ୍ରମବର୍ଦ୍ଧିଷ୍ଣୁ ବୟସ କ୍ରମେ ତା'ର କୋଠରୀକୁ ସଜେଇ ଦେବୁ । ସେଥିପାଇଁ ସବୁ ଆନୁଷଙ୍ଗିକ ବ୍ୟବସ୍ଥା ମୁଁ କରିଦେଇଛି ।

ସେଇଦିନ ତୋତେ ପଚାରିଥିଲି,

କଳ୍ପନା, ତୁ ଏ ଘର କଣ ଶସ୍ତାରେ ମିଳିଲା ବୋଲି ମୋର ସବୁ ସର୍ତ୍ତ ମାନିଗଲୁ ନା ତୋ ମନରେ ଆଉ କଣ ଥିଲା ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ସେତେବେଳେ ତୁ ଉତ୍ତର ଦେଇଥିଲୁ,

ମଞ୍ଜୁ ଅପା, ଶସ୍ତା ମହରଗର କଥା ନୁହଁ । ତମ ଭିତରେ ମୁଁ ଶୂନ୍ୟତାକୁ ଦେଖିଥିଲି । ତମ ଭିତରେ ଅଭିଶପ୍ତ ହୋଇ ବଞ୍ଚିଥିବା ଗୋଟିଏ ଦିବ୍ୟ ଅନ୍ତରାତ୍ମାକୁ ପାଇଥିଲି । ଏଣୁ ତୁମକୁ ଖୁସି ଆଉ ପୂର୍ଣ୍ଣତା ଦେବା ପାଇଁ ମୋ ସ୍ୱାମୀଙ୍କୁ କହିଥିଲି ଏଇ ଘର ନେବା ପାଇଁ ।

କଳ୍ପନା, ସମସ୍ତେ ମୋ ଭିତରର ନାରୀଟାକୁ ଭୂତୁଣୀ କରିଦେଇଥିଲେ । ତୁ ମୋର ଏଇ ନାରୀତ୍ୱର ମର୍ଯ୍ୟଦା ରଖିଲୁ । ମୋର ଭଙ୍ଗା ସଂସାରକୁ ତୁ ଅମରାବତୀ କରିଦେଇଥିଲୁ । ମୋତେ କେଉଁ ହେଁ ସନ୍ଦେହ ନକରି ତୋ ଅନ୍ତରରେ ଅବାଧର ଗ୍ରହଣ କରିଥିଲୁ । ତୋ ଭିତରେ ମୁଁ ମୋତେ ହିଁ ଦେଖିଥିଲି । ତୋ ଭିତରେ ହିଁ ରାଜାକୁ ପାଇଥିଲି । ଘରତ ଆମେ ଦୁହେଁ ତିଆରି କରିଥିଲୁ ହେଲେ ଏଇ ଘରକୁ ଜୀବନ୍ତ ତୁମେ ଦୁହେଁ କରିଦେଲ ।

ତୁ ସଦାସର୍ବଦା ଖୁସୀର ରହ ଏଇତକ ଏଇ ଭଉଣୀର ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଅନ୍ୟର ମୁହଁରେ ଚେନାଏ ଖୁସି ଦେବାପାଇଁ ଯେ ନିଜ ଅନ୍ତରର ବିଶ୍ୱାସର ଆବଶ୍ୟକ ଥାଏ, ତାହା ତୁ ପ୍ରମାଣ କରିଦେଲୁ । ଆହୁରି କେତେକଣ କହିବାର ଅଛି । ସମୟ ନାହିଁ । ତୋ ଗର୍ଭରେ ଥରୁଟିଏ ଜନ୍ମ ନେବାକୁ ଇଚ୍ଛା ହେଉଛି ଲୋ କଳ୍ପନା । କିଏ ଜାଣେ ତୋ ଭିତରେ ମୋ ମା'କୁ ହୁଏତ ପାଇଯିବି । ଯଦି ନହୁଏ, ଈଶ୍ୱରଙ୍କୁ କହିବି ଗୋଟିଏ ମା ଗର୍ଭରୁ ତୋତେ ମୋତେ ଆରଜନ୍ମରେ ଜନ୍ମ କରାଇବେ । ଆଜି ତୋଠୁ ପ୍ରତିଶ୍ରୁତି ନେବି ଯେ ତୁ ମୋ ରାଜାକୁ ବରଜ ସହୀଦ ହୋଇଥିବା ଯାଗାକୁ ପଠେଇ ତିରଙ୍ଗାକୁ ସାଲ୍ୟୁଟ୍ କରିବାକୁ

To read the complete magazine, Download it for FREE from www.aahwaan.com

କହିବୁ । ସେଇତକ କଲେ ସେ ମୁକ୍ତି ପାଇ ଯିବେଲୋ । ଏଇ ଭୂତୁଣୀ ଭଉଣୀର ଯାହା ପୁଣ୍ୟ ଅଛି ସବୁ ତୋ ଖୁସୀ ପାଇଁ ଦେଇ ଯାଉଛି ।

ସବୁ'ତ ବାଣ୍ଟିଦେଲି ହେଲେ ସ୍ମୃତି ବାଣ୍ଟି ପାରିଲିନି ଲୋ... !

ସ୍ମୃତି କ'ଣ ବାଣ୍ଟିହୁଏ... ! !

ମୋ ପଣତ ପ୍ରସାରି ଦେଲା ପରେ ଜୀବନ ଏତିକି ଟିକିଏ ହିଁ ଦେଇଥିଲା ରାହା ବଞ୍ଚିବାର । ମୁଁ ଭାବିଥିଲି ମୋ ପଣତ ଛୋଟ ପଡ଼ିଯିବ ହେଲେ ଏବେ ଖାଲି ସ୍ମୃତି ଆଉ ସ୍ମୃତି । ଏଇତକ ହିଁ ମୋ ବଞ୍ଚିବାର ପାଥେୟ । ଏହାକୁ ଯଦି ବାଟରେ ପକାଇ ହାଟରେ ବିକି ବସିଥାନ୍ତି ତେବେ ମୁଁ ଅନାଥ ହିଁ ରହିଯାଇଥାନ୍ତି । ଅନ୍ୟରେ ଦୟାରେ ବଞ୍ଚିବା ଅପେକ୍ଷା ସ୍ମୃତି ସର୍ବସ୍ୱ ହୋଇ ବଞ୍ଚିବାରେ ହିଁ ମୋର ତୃପ୍ତି । ଆଜି ବୁକୁତଳୁ ଗୁମ୍ଫି ହୋଇ ରହିଥିବା ଏଇ ଦିପଦ କଥା ତୋତେ କହିଦେଲି ଲୋ ।

ତୋ ହାତକାଚ ବଜ୍ର ହେଉ; ତୁ ସଦା ଶ୍ରୀ ସମୃଦ୍ଧିରେ ଘରପରିବାର ସହ ଶାନ୍ତିରେ ରହ... !

ଇତି

ତୋ ଅପା

ଏତିକି ପଢ଼ିଛନ୍ତି କି ନାହିଁ ଲୁହ ଗୁଡ଼ାକ ଅମାନିଆ ହୋଇ ବହିବାରେ ଲାଗିଲେ କଳ୍ପନାର ଗାଲ ଉପରେ। ଓଠ ତିନ୍ତିଗଲାଣି । କୋହଉଠା ସ୍ୱରରେ ଓକିଲ ବାବୁଙ୍କୁ ପଚାରିଲେ, "ହେଲେ ମୋ ମଞ୍ଜୁ ଅପା କାହାନ୍ତି ?"

To read the complete magazine, Download it for FREE from www.aahwaan.com

ଓକିଲ ବାବୁ ଗୋଡ଼ ଉପରେ ଧରି ବସିଥିବା ମୁଣାଟିରୁ ଗୋଟିଏ ପିତ୍ତଳର କୁଣ୍ଡିକାଟିଏ ବାହାର କରି ଆଣିଲେ । ସେଥିରେ ରଙ୍ଗକନାଟିଏ ଗୁଡ଼ାଇ ହୋଇଥିଲା । ତାକୁ ଧରି ସେ ଅତି ସନ୍ତର୍ପଣରେ ଉଠି ଆସି କଳ୍ପନାକୁ ଦେଇ କହିଲେ,

ଏଇ ତୁମ ଅପା ! ତୁମ ନିକଟରେ ପହଞ୍ଚେଇ ଦେବାକୁ କହିଥିଲେ ତାଙ୍କୁ ।

ଆଉ ଥୟ ଧରି ରହିପାରିଲେନି କଳ୍ପନା । ଭୋ ଭୋ ହୋଇ କାନ୍ଦି ଉଠିଲେ ସେଇ କୁଣ୍ଡିକାଟିକୁ ଧରି । ମଞ୍ଜୁ ଅପାଙ୍କ ନାଁ ଧରି ବାହୁନି ହେଲେ । ଏଇ ସମୟରେ ପ୍ରଦୀପ୍ତ ବାବୁ ଅଫିସରୁ ଫେରି ଦେଖିଲେ ଏ ଅଦ୍ଭୁତ ଦୃଶ୍ୟ । ଓକିଲ ବାବୁ ତାଙ୍କୁ ବୁଝାଇ କହିଲେ ପ୍ରକୃତ ବିଷୟ । ପ୍ରଦୀପ୍ତ ବାବୁ କୁଣ୍ଢାଇ ଧରି ବସିଲେ କଳ୍ପନାଙ୍କୁ । ତାଙ୍କ ଆଖିରେ ବି ଲୁହଧାର । ଓକିଲଙ୍କ ଆଖିରେ ବି ।

କେତେ ସମୟ ପରେ, ଓକିଲ ବାବୁ ଦୁଇଜଣଙ୍କୁ ଧୈର୍ଯ୍ୟଧରି ରଖିବାକୁ କହିଲେ । ମୁଣା ଭିତରୁ ଆଉ ଗୋଟିଏ ଲଫାଫା ବାହାର କରି ଦୁଇଜଣଙ୍କ ହାତରେ ଦେଇ କହିଲେ ଏହି ମୋର ଶେଷ ଦାୟିତ୍ୱ; ଏବେ ଆପଣଙ୍କର । ପ୍ରଦୀପ୍ତ ବାବୁ ସେଇ ଲଫାଫା ଖୋଲି ଦେଖିଲେ । ସେଥିରେ ସରକାରୀ କାଗଜ ପତ୍ରରେ ଏଇ ଘର ତଥା ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ସବୁ ରାଜା ନାମରେ କରି ଦେଇଯାଇଛନ୍ତି ମଞ୍ଜୁଳା ଦେବୀ । କେବଳ ସେତିକି ନୁହେଁ ନିଜର ଉଇଲ୍‌ରେ ରାଜାର ପାଠ ପଢ଼ା, ବିବାହ, ବିଦେଶ ଗସ୍ତ, ପ୍ରଭୃତି ଯାବତୀୟ ଭବିଷ୍ୟତର ଆବଶ୍ୟକ ନିମନ୍ତେ ସମୁଚୟ ଅର୍ଥନିବେଶ କରିବାର କଥା ଦର୍ଶାଇଦେଇ ଯାଇଛନ୍ତି ।

To read the complete magazine, Download it for FREE from www.aahwaan.com

ଏଇଥର ଓକିଲ ବାବୁଙ୍କ ଯିବାର ପାଳି । ସେ କହିଲେ ତୁମର ସମସ୍ତ କାଗଜପତ୍ରର ଦାୟିତ୍ୱ ମୋର ଜିମା ରହିବ । କେତେବେଳେ କଣ ଆବଶ୍ୟକ ହେଲେ ମୋତେ ଫୋନ୍ କରିଦେବ; ମୁଁ ପହଞ୍ଚିଯିବି । ଏହା କହି ତାଙ୍କର ଗୋଟିଏ ଭିଜିଟିଙ୍ଗ୍ କାର୍ଡ଼ଟିଏ ବଢ଼ାଇ ଦେଇଗଲେ ।

ଜନ୍ମହେବା ପରଠାରୁ ଦୁନିଆର ସବୁ ଦୁଃଖସୁଖ ଭିତରେ ଜୀବନ ସଂଗ୍ରାମ କରିକରି, ନିଜେ ଅନାଥ ଆଉ ଭାଗ୍ୟହୀନା ହୋଇ ମଧ୍ୟ କଳ୍ପନାକୁ ସବୁ ସୁଖଶିରୀ ଦେଇ ଆରପାରିକୁ ମଞ୍ଜୁଳା ଚାଲିଗଲେ । ଏବେ କଳ୍ପନା ରାଜାକୁ ଆହୁରି ଅଧିକ ଯତ୍ନ ନେବାରେ ଲାଗୁଛନ୍ତି । ତୁଳସୀ ଚଉରା ମୂଳେ ଦୀପ ଦେଲାବେଳେ ତାରା ମେଳକୁ ଅନାଇ ନିତି ପ୍ରତିଶ୍ରୁତି କଥା ମନେ ପକାନ୍ତି । ଆଉ ମନେମନେ ଗୁମୁରୀ ହୋଇ କହନ୍ତି, ହଁ ଅପା ରାଜା ଯିବ ସୀମାନ୍ତକୁ ବରଜ ଭାଇକୁ ମୁକ୍ତି ଦେବା ପାଇଁ । ରହିଲା... ମୋର ପ୍ରତିଶ୍ରୁତି... !!!

-ପ୍ରଭୁ

ରଚନା : ୨୫ ଡିସେମ୍ବର ୨୦୧୩

ଜଗନ୍ନାଥ ପ୍ରସାଦ, ଗଞ୍ଜାମ, ଓଡ଼ିଶା

ବର୍ତ୍ତମାନ : ଟରୋଣ୍ଟୋ, କାନାଡ଼ା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ଶହେ ଟଙ୍କିଆ ନୋଟ୍



ରାଧାକାନ୍ତ ଦାଶ

"ବାବୁ, ଏ ନୋଟ ଚଳିବନି ।" ପରିବାବାଲା ବିମଳେନ୍ଦୁକୁ ଫେରେଇଲା ବେଳେ କହିଲା । "କାହିଁକି ଚଳିବନି ନକଲି କି ?" ବିମଳେନ୍ଦୁ ପଚାରିଲା । ବାବୁ ଟଙ୍କା ଉପରେ କିଛି ଲେଖା ହୋଇଛି, ଆଗକୁ ନ ଚଳିଲା ଯଦି ଆମେ କଣ କରିବୁ ? ତା'ପରେ ଏବେ ନୋଟକୁ ନେଇ ଯୋଉ ପାଲା ନା, ନା ଏ ନୋଟ ଚଳିବନି । ଶହେଟଙ୍କିଆ ନୋଟ୍‌ଟା ଚଳିବନି କଣ ? ବିମଳେନ୍ଦୁ ପୁଣି ପଚାରିଲା, "ତା'ହେଲେ ଆପଣ ରଖି ଦିଅନ୍ତୁ ଆଉ କୋଉଠି ଚଳେଇନେବେ ।" ପରିବାବାଲା ଜୋର ଦେଇ କହିଲା । ପାଖାପାଖି ଲୋକଙ୍କ ଦୃଷ୍ଟି ସେଇ ଶହେଟଙ୍କିଆ ନୋଟ ଉପରେ, ଯାହାକୁ ନେଇ ବିମଳେନ୍ଦୁ ସହିତ ପରିବାବାଲାର ପାଟିତୁଣ୍ଡ ଚାଲିଥିଲା । ବିମଳେନ୍ଦୁକୁ ଏସବୁ ପସନ୍ଦ ନଥିଲା ସେ ଚାହୁଁନଥିଲା ତାକୁ ଏମିତି ଅବସ୍ଥାରେ କିଏ ଦେଖୁ । ସେ ଧିରେ ହାତ ବଢ଼େଇଲା ଓ ସେ ଶହେଟଙ୍କିଆ ନୋଟକୁ ପକେଟରେ ରଖିଲା ଆଉ ଗୋଟେ ନୋଟ ଦେଇ ଘରକୁ ଫେରିଲା ।

ଘରକୁ ଆସିବାପରେ ସବୁଦିନ ଭଳି ଖାଇବା ତିଆରିକଲା ଓ ରେଡ଼ିଓ ଅନ୍ କରିକି ଆରାମ୍ ଚେୟାରରେ

To read the complete magazine, Download it for FREE from www.aahwaan.com

ବସିଗଲା । ସୂର୍ଯ୍ୟ ଅସ୍ତ ହୋଇ ସାରିଥିଲେ ବି ଝରକା ବାଟେ ଘରଭିତରକୁ କିଛି ଆଲୋକ ଆସୁଥିଲା । ଅଚାନକ ବଜାରରେ ଘଟିଥିବା ଘଟଣା ମନେ ପଡ଼ିଲା, ସେ ସାର୍ଟ ପକେଟରୁ ସେ ନୋଟଟିକୁ କାଢ଼ି ଆଣି ଦେଖିଲା ସେଥିରେ ନାଲି ରଙ୍ଗରେ ପେନ୍‌ରେ ଲେଖାଥିଲା, 'Lonely ?' ଆଉ ତା'ତଳେ ଗୋଟିଏ ମୋବାଇଲ ନମ୍ବର । Lonely ମାନେ ଏକୁଟିଆ, ଯାହା ବିମଳେନ୍ଦୁର ଜୀବନରେ ପ୍ରବଳ ମାତ୍ରାରେ ଭର୍ତ୍ତି ହୋଇଯାଇଥିଲା । ବାପାଙ୍କର ଅବସ୍ଥିତି ତା'ର ମନେ ନାହିଁ । ଜନ୍ମ ହେବା ଆଗରୁ ବାପାଙ୍କୁ ହରେଇଥିବା ବିମଳେନ୍ଦୁ ଗ୍ରାଜୁଏସନର ଦ୍ୱିତୀୟବର୍ଷରେ ତା ମା'ଙ୍କୁ ବି ହରେଇ ବସିଲା । କେହି ଭାଇଭଉଣୀ ବି ନାହାନ୍ତି, କିଛି ସମ୍ପର୍କୀୟ ବା ବନ୍ଧୁବାନ୍ଧବ ବି ନାହାନ୍ତି । ସାଙ୍ଗ ବା ବନ୍ଧୁ ବନେଇବା ବିମଳେନ୍ଦୁ ଦ୍ୱାରା ହୋଇ ପାରୁନଥିଲା । ସେ ଭାବୁଥିଲା ଦୁନିଆ ଖରାପ ନୁହେଁ କିନ୍ତୁ ସେ ଦୁନିଆକୁ ସୁହାଇଲା ଭଳିଆ ନୁହେଁ । ଗ୍ରାଜୁଏସନ୍ ସାରିଲା ପରେ ଦୀର୍ଘ ଷୋହଳ ବର୍ଷ ଗୋଟେ ସାନ ଟ୍ରାଭେଲ୍ ଆଜେନ୍‌ସିରେ କାମ କରି ଆସୁଛି ବିମଳେନ୍ଦୁ । ଅଫିସର ଗୋଟିଏ ରୁମରେ ଗୋଟେ ପଟେ ସାନି ସାର୍ ବସୁ ଥିଲେ ଆଉ ଗୋଟେ ପଟେ ବିମଳେନ୍ଦୁ । ସାନି ସାରଙ୍କୁ ବିମଳେନ୍ଦୁ ଖାଲି କାମ ବେଳେ ହିଁ ଦେଖା ଯାଉଥିଲା ଆଉ ଏ ଅଦୃଶ୍ୟତା ସାନି ସାରଙ୍କୁ ଭଲ ଲାଗୁନଥିଲା, ସେଥିପାଇଁ ସେ ତାକୁ କମ୍ ଦରମା ଦିଅନ୍ତି । ବିମଳେନ୍ଦୁ ତା' ଅଦୃଶ୍ୟତାକୁ ନେଇ ଖୁସିଥିଲା ସେଇଥିପାଇଁ ତ ଏତେ କମ୍ ଦରମାରେ ଏତେ ଦିନ ହେବ ସେଠି ଚାକିରୀରେ ରହିଆସୁଛି ।

ସେଭଳି ଆଉ ଗୋଟେ ବହୁତ ଦିନର ସମ୍ପର୍କ ହେଲା ତା' ଘର ଯୋଉଠି ଆଜକୁ ଷୋହଳ ବର୍ଷ ହେଲା ଭଡ଼ାରେ ରହି ଆସୁଛି । ଆଠ ଦଶଟା ଘରେ ସେ ତା'ର ଦୁନିଆକୁ ଆବିଷ୍କାର କରିସାରିଥିଲା । ସେ ଜାଣିଥିଲା ଏତେ ଛୋଟ ଘରେ ଆଉ ଏତେ କମ୍ ଦରମାରେ ସେ ସଂସାର ଗଢ଼ା ହୋଇ ପାରେନା, ସେଥିପାଇଁ ସେ ବାହା ହେବନି ବୋଲି ସ୍ଥିର କରିସାରିଥିଲା । ଏକୁଟିଆ ଭଲ ଲାଗୁନଥିଲେ ବି ଅଫିସରେ ଫାଇଲ ଭିତରେ ଆଉ ଘରର

To read the complete magazine, Download it for FREE from www.aahwaan.com

ଚାରିକାନ୍ଥ ଭିତରେ ହିଁ ହଜିଯାଉଥିଲା ବିମଳେନ୍ଦୁ । ସେ ଭାବୁଥିଲା ସାହସୀ ସବୁବେଳେ ଲଢୁଥାଏ, ଡରୁଆ ହିଁ ଡରୁଥାଏ ଆଉ ସାଧାସିଧା ମଣିଷ ପରିସ୍ଥିତିକୁ ଖାପଖୁଆଇ ଚଳିଯାଏ । ପୁଣି ସେ ଶହେ ଟଙ୍କିଆକୁ ଏପଟ ସେପଟ କରି ଦେଖିଲା । ଏ ଭିତରେ ତାକୁ ନିଦ ଆସିଯାଇଛି ।

ନିଦ ଭାଙ୍ଗିଲା ବେଳକୁ ରାତି ୯ଟା ଓ ତା'ପାଖରେ ଥିଲା ତା'ର ଏକୁଟିଆପଣ । ତାକୁ ଏମିତି ଅନ୍ଧାର ଡର ଲାଗୁଥିଲା । ସେ ଡରରେ ହାତ ମୁଠାକଲା ବେଳେ ତାକୁ ଅନୁଭବ ହେଲା ସେ ନୋଟଟି ଏ ପର୍ଯ୍ୟନ୍ତ ତା' ହାତରେ ଅଛି । ସେ ନୋଟଟିକୁ ଆଉ ଥରେ ଦେଖିଲା ଓ କାହିଁକି କେଜାଣି ସେ ନୋଟରେ ଲେଖାଥିବା ନମ୍ବରକୁ ତା ମୋବାଇଲରୁ ଫୋନକଲା । ଚାରିଟା ରିଂଙ୍ଗ ପରେ ସେପଟୁ ଉତ୍ତର ଆସିଲା 'ହେଲୋ' ।

ବିମଳେନ୍ଦୁ ସ୍ୱରରୁ ଅନ୍ଦାଜ ଲଗେଇଲା ଷାଠିଏରୁ ପଞ୍ଚଷଠି ବୟସ ହେବ । 'ହେଲୋ' ପୁଣିଥରେ ଉତ୍ତର ଆସିଲା । ହଁ ଶହେ ଟଙ୍କିଆ ନୋଟରେ ଆପଣଙ୍କ ନମ୍ବର ଥିଲା, ବୋଲି ବିମଳେନ୍ଦୁ ହଡ଼ବଡ଼ ହୋଇ କହିଲା । ଆଚ୍ଛା ଓଃ, ଆପଣଙ୍କ ନାମ କଣ ? ସେ ପଚାରିଲେ । 'ବିମଳେନ୍ଦୁ ଶର୍ମା' । କଣ କରୁଛ ? "ଗୋଟେ ପ୍ରାଇଭେଟ କମ୍ପାନୀରେ ଚାକିରୀ" ବିମଳେନ୍ଦୁ ଅନ୍ୟମନସ୍କ ହୋଇ କହିଲା । "ଆଚ୍ଛା ଘରେ ଆଉ କିଏ କିଏ ଅଛନ୍ତି ?" ଧୀରେ ପଚାରିଲେ ସେ ବ୍ୟକ୍ତି । ବିମଳେନ୍ଦୁକୁ ତା' ଜୀବନ ବିଷୟରେ ପଚାରିବା ଲୋକ ବିଲକୁଲ ପସନ୍ଦ ନଥିଲେ । ସେ ବିରକ୍ତ ହୋଇ ଭାବିଲା ମୁଁ କଲ୍ କାଟି ଦେବି କିନ୍ତୁ ସେ ସ୍ୱରରେ ଆନ୍ତରିକତା ଥିଲା ଯାହା ବିମଳେନ୍ଦୁକୁ କଲ୍ କାଟିବାକୁ ଦେଲା ନାହିଁ । "କେହି ନାହାନ୍ତି, ମୋ ଘରେ" ବିମଳେନ୍ଦୁ ଏଭଳି କହିଲା ମାନେ କଥା ବନ୍ଦ ହୋଇଯିବ ଜଲଦି । ଓଃ ଆଚ୍ଛା, ଆଜି ଗରମ କେତେ ଅଛି ନା, ସେ ବ୍ୟକ୍ତି ମୋଡ଼ ବଦଳେଇ କି ପଚାରିଲେ । "ହଁ, ସାର୍ ଆପଣ କିଏ ?"

To read the complete magazine, Download it for FREE from www.aahwaan.com

ବିମଳେନ୍ଦୁ ପ୍ରଶ୍ନ ପୁରା କରିବା ଆଗରୁ ସେ ବ୍ୟକ୍ତି କହିଲେ ମୋ ନାଁ ରମାକାନ୍ତ ମୁଁ ଏ ନେହେରୁ ନଗରରେ ରୁହେ, ହେଲେ ଆପଣଙ୍କର ଲାଇଟ କଟେ କି ? ହଁ ଯାଏ କିନ୍ତୁ ପଳେଇ ଆସେ ବିମଳେନ୍ଦୁ କହିଲା । ରମାକାନ୍ତ ବିମଳେନ୍ଦୁର ବିନା ସହମତିରେ ପୁଣି ପଚାରିଲେ, "ଆଛା ତୁମ ଘରେ ଖାଇବା କିଏ ତିଆରି କରେ ?" ମୁଁ ନିଜେ ତିଆରି କରେ ବିମଳେନ୍ଦୁ ଧିରେ କହିଲା । ଆଛା, ଖାଇବା କଣ ପସନ୍ଦ ତୁମକୁ ? ରମାକାନ୍ତ ଶୀଘ୍ର ପଚାରିଲେ । ଏ ପ୍ରଶ୍ନ ଶୁଣିକି ତାକୁ ଲାଗିଲା ତା' ଗଳାରେ ଗୋଟେ କଣ ଅଟକି ଯାଇଛି । ମା' ଯିବାର ୧୭ ବର୍ଷ ଭିତରେ କେହି ତାକୁ ଏ ପ୍ରଶ୍ନ ପଚାରି ନାହାନ୍ତି । କ୍ଷୀରି ତାକୁ ବହୁତ ପସନ୍ଦ ଥିଲା । ସେ ବୁଝି ପାରୁନଥିଲା କଣ ଜବାବ ଦେବ । ଆରେ ବନ୍ଧୁ କୁହତ, ମୋତେ ତ କଚୋଡ଼ି ହିଁ ପସନ୍ଦ, ରମାକାନ୍ତ ସେପଟୁ କହିଚାଲିଥିଲା । ବିମଳେନ୍ଦୁ ନିଜକୁ ସମ୍ଭାଳିବାରେ ମୁସ୍କିଲ ହେଉଥାଏ ସେଥିପାଇଁ ସେ କଲ୍ କାଟିଦେଲା । ରାତି ସାରା ଭାବିବାକୁ ଲାଗିଲା ଏ କଣ ? କିଏ କାହିଁକି ତା ବିଷୟରେ ଜାଣିବାକୁ ଚାହୁଁଛି । ତା'ର ଏକୁଟିଆ ପଣରେ ସମାନ ଲୋକର କଣ ମତଲବ । କିନ୍ତୁ ଗୋଟେ କଥା ଅଚିହ୍ନା ହେଲେ ବି ସେ ବ୍ୟକ୍ତି ବିମଳେନ୍ଦୁର ମନରେ ରହିଯାଇଥିଲା । ବିମଳେନ୍ଦୁ ନିଶ୍ଚିତ ସେ ନମ୍ବର ତା'ର ପିଛା ଛାଡ଼ି ଦେଇଥିଲା କାହିଁକି ନା ସେ କିଛି ନ କହି ଫୋନ କାଟି ଦେଇଥିଲା । କିନ୍ତୁ ତାହା ଭୁଲ ପ୍ରମାଣିତ ହେଲା । ତା'ପରଦିନ ସନ୍ଧ୍ୟା ୭ଟା ସେ ନମ୍ବରରୁ ଫୋନ ଆସିଗଲା । କିଛି ସମୟ ଫୋନକୁ ବାଜିବାକୁ ଦେଲା ଓ ତା'ପରେ ବିମଳେନ୍ଦୁ ଫୋନକୁ ସୁଇଚ ଅଫ କରିଦେଲା । ଏମିତି କି ସାନି ସାର ଆଉ ଅଫିସ ଲୋକଙ୍କୁ ଛାଡ଼ିଦେଲେ ଆଉ କେହି ନଥିଲେ ବିମଳେନ୍ଦୁକୁ ଫୋନ କଲା ଭଳି । ପୁଣି ତା'ପରଦିନ ସନ୍ଧ୍ୟା ୭ଟାରେ ସେଇ ନମ୍ବରରୁ ଫୋନ ଆସିଲା । ବିମଳେନ୍ଦୁ ମନେ ମନେ ସ୍ଥିର କରି ସାରିଥିଲା କି ଯଦି ଆଉ ଥରେ ସେଇ ନମ୍ବରରୁ ଫୋନ ଆସେ ତେବେ, ସେ ତାଙ୍କୁ କହିଦେବ କି ତାଙ୍କ ସହିତ କଥା ହେବାକୁ ତାର କୌଣସି ମତଲବ ନାହିଁ । ଆଉ ମନରେ ଥିବା ଡାଇଲଗକୁ

To read the complete magazine, Download it for FREE from www.aahwaan.com

କହିବା ପାଇଁ ଯେତେବେଳେ ଫୋନ ଉଠାଏ , ସେପଟୁ ସେ କହିଲେ, " ଆରେ ବନ୍ଧୁ କୁଆଡ଼େ ଚାଲି ଯାଇଥିଲା, ଗୋଟେ ହସ କଥା ଶୁଣିବ ?" ଓ ବିମଳେନ୍ଦୁର ସହମତି ନ ପାଇ ମଧ୍ୟ ରମାକାନ୍ତ ହସକଥା ଶୁଣାଇ ଦେଲା । ବିମଳେନ୍ଦୁ ମନେ ମନେ ଭାବୁଥିଲା କି ବଡ଼ ଅଜବ ଏ ମଣିଷ । କିନ୍ତୁ ସେ ହସକଥା ଶୁଣିବାରେ ଏମିତି ହସିଲା ଯେ, ତା'ର ମନେ ପଡ଼ିଲା କି ସେ କିଛି ବର୍ଷ ପରେ ଏମିତି ହସୁଛି । ତାକୁ ଲାଗିଲା ତାର କୋଠରିଟି ଗୋଟିଏ ଖୋଲା ଆକାଶ ହୋଇ ଯାଇଛି ଆଉ ସେ ପକ୍ଷୀ ଲଗେଇ ଉଡୁଛି । ସେଦିନ ରମାକାନ୍ତ ସହ ତାର ପ୍ରାୟ ଅଧଘଣ୍ଟାର କଥାହେଲା । କଥାରେ ସେ ଖାଲି ରମାକାନ୍ତର ପ୍ରଶ୍ନର ଉତ୍ତର ଦେଉଥିଲା କିନ୍ତୁ ରମାକାନ୍ତକୁ କିଛି ପ୍ରଶ୍ନ ପଚାରି ପାରିଲାନାହିଁ । କେତେବେଳେ ପଚାରିବ ରମାକାନ୍ତ ତ ମୌକା ଦେଇନାହିଁ । ସେଦିନ ଖଟ ଉପରକୁ ଯିବା ପୂର୍ବରୁ ତାକୁ ନିଦ ଆସିଯାଇଥିଲା । ଆଉ ଏବେ ବିମଳେନ୍ଦୁ ଆଉ ରମାକାନ୍ତଙ୍କ ମଧ୍ୟରେ ପ୍ରତିଦିନ କଥାବାର୍ତ୍ତା ହୁଏ । ଏମିତିକି ବିମଳେନ୍ଦୁ ତା'ର ପାଖାପାଖି ଘଟୁଥିବା ଘଟଣା ଆଦି ବିଷୟରେ ଧ୍ୟାନ ଦିଏ  ଯେମିତିକି ସେ ସନ୍ଧ୍ୟାରେ ରମାକାନ୍ତ ଫୋନ ଆସିଲେ ତାକୁ କିଛି କହିପାରିବ । ଗୋଟେ ଥର ସେ ରମାକାନ୍ତର ପସନ୍ଦ କଚୋଡ଼ି ଖାଇକି ଆସିଥିଲା ଓ ଯେତେବେଳେ ସେ ରମାକାନ୍ତକୁ କହିଲା ସେ କଚୋଡ଼ି ଭଲ ଲାଗିଲା ରମାକାନ୍ତ ସହରର ଏମିତି ଦୋକାନର ନାଆଁ ବତେଇଲା ଯେଉଁଠି ଭଲ ମିଠା ଓ ନମକିନ ମିଳେ । ବିମଳେନ୍ଦୁ ଏହି ଦୋକାନ ଗୁଡ଼ିକୁ ଯିବାକୁ ଲାଗିଲା । ତା ଜୀବନରେ ଗୋଟେ ଅଚିହ୍ନା ରଙ୍ଗ ଆରମ୍ଭ ହୋଇ ଯାଇଥିଲା ।

ତିନିମାସ ଏହି ଭଳି ଚାଲିଲା । ଗୋଟିଏ ଦିନ ସନ୍ଧ୍ୟାରେ ବିମଳେନ୍ଦୁର କବାଟ ଖଡ଼ ଖଡ଼ ହେଲା । ସେ ଖୋଲିଲା ଓ ଦେଖିଲା ଗୋଟିଏ ବ୍ୟକ୍ତି ଠିଆ ହୋଇଛନ୍ତି । "ଆପଣ ବିମଳେନ୍ଦୁ ଶର୍ମା ?" ସେ ବ୍ୟକ୍ତି ଜଣକ ପଚାରିଲେ । ହଁ କୁହନ୍ତୁ, "ମୁଁ ରମାକାନ୍ତ ସାରଙ୍କ ଆଡ଼ଭୋକେଟ୍, ସେ ଆପଣଙ୍କ ପାଇଁ ଏକ ଲକ୍ଷ ଟଙ୍କାର ଚେକ ପଠେଇଛନ୍ତି ।" କହି ଗୋଟେ ଲଫାପା

To read the complete magazine, Download it for FREE from www.aahwaan.com

ବିମଳେନ୍ଦୁର ହାତକୁ ବଢ଼େଇ ଦେଲେ । ବିମଳେନ୍ଦୁ ଲଫାପା ଖୋଲିଲା ତ ସେ ଭିତରେ ଏକ ଲକ୍ଷଟଙ୍କାର ଚେକ ସହ ଗୋଟେ ଚିଠି ଥିଲା । ଚିଠିରେ ଲେଖା ଥିଲା ପ୍ରିୟ ବନ୍ଧୁ, ଏମିତିକି ଆମେ ଏ ଦୁନିଆକୁ ଆସିଛେ ଏକା ଆଉ ଯିବା ମଧ୍ୟ ଏକା, କିନ୍ତୁ ଏ ଯିବା ଆସିବା ଭିତରେ କେହିବି ଏକୁଟିଆ ରହିବାକୁ ଚାହାଁନ୍ତି ନାହିଁ । କିଛି ଦିନ ତୁମେ ମୋ ସହ ଚାଲିଲ ସେଥିପାଇଁ ଧନ୍ୟବାଦ । ମୁଁ ମୋ ଜୀବନର ୬୭ ବର୍ଷରେ ତୁମ ଭଳି ବହୁତ କମ ଲୋକ ଦେଖିଛି, ଯେ କି ଗୋଟେ ଅଚିହ୍ନା ବ୍ୟକ୍ତିକୁ ସମୟ ଦିଅନ୍ତି । ପରିବାର କଣ ମୁଁ ଜାଣିନି । ପିଲାଦିନୁ ଅନାଥ ଆଶ୍ରମରେ ବଢ଼ିଛି ଓ ଯୌବନକୁ ଛୋଟ ମୋଟ କମ କରି ବିତେଇଦେଛି । କୋଡ଼ିଏ ବର୍ଷ ପୂର୍ବେ ଗୋଟେ ଲଟେରୀ ଟିକେଟ କିଣିଥିଲି । ଭଗବାନଙ୍କ ଦୟାରୁ କିଛି ଭଲ ଉପରବାଲା ଛପରଫାଡିକି ଦେଇଦେଲେ । ମୁଁ ସେ ଟଙ୍କାରେ ଧୂମ ଖାଇଲି, ପିଇଲି, ବୁଲିଲି କିନ୍ତୁ ଯୋଉଠିକି ଗଲି ଏ ଏକୁଟିଆପଣ ମୋ ସାଥିରେ ସବୁବେଳେ ଥିଲା । ବାହାଘର ପାଇଁ ଝିଅ ଦେଖିଲି ତ ଲୋକମାନେ ମୋ ଟଙ୍କା ଦେଖି ସେମାନଙ୍କ ଝିଅ ଦେବାପାଇଁ ରାଜି ହୋଇ ଯାଉଥିଲେ କିନ୍ତୁ ତାଙ୍କ ଆଖିରେ ସେ ଲୋଭ ମତେ ଦେଖାଯାଉଥିଲା । ସେଥିପାଇଁ ବାହାହେଲିନି । ଜାଣିଛ ସେ ଶହେ ଟଙ୍କିଆ ନୋଟ ମୋ ପାଇଁ ଜରିଆ ଅଟେ ମୋ ଭଳିଆ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ । ଏ ସଂସାରରେ ସବୁଠାରୁ ଭାରି ବୋଝ ଏକୁଟିଆପଣ ହିଁ ହୋଇଥାଏ । ସେଥିପାଇଁ କାହା ସହିତ କିଛି ସମୟ ଚାଲିପାରିବି କିଛି ସମୟ ବିତେଇ ପାରିବି ଏହା ମୁଁ ଚାହୁଁଥିଲି । ଏଥିରେ ମୁଁ ମୋ ଏକୁଟିଆପଣକୁ ଭୁଲିଯାଉଥିଲି ।ତୁମର ପ୍ରତିଟି ମୁହୂର୍ତ୍ତ ମୋ ପାଇଁ ମୂଲ୍ୟବାନ ସେଥିପାଇଁ ଏ ଚେକ ମୁଁ ପଠାଉଛି ଓ କାଲି ଠୁ ମତେ ଆଉ ଫୋନ କରିବନି । ନା ମୁଁ ତୁମକୁ କଲ କରିବି । କାହିଁକିନା ଆମର ଅସୁବିଧା ଗୋଟେ କିନ୍ତୁ ଚିନ୍ତାଧାରା ଅଲଗା । ଇତି ତୁମର ବନ୍ଧୁ ରମାକାନ୍ତ ।

To read the complete magazine, Download it for FREE from www.aahwaan.com

ଅନ୍ତିମ ପଂକ୍ତିଟି ବିମଳେନ୍ଦୁକୁ ହଲେଇଦେଲା ସେ ଓକିଲକୁ କହିଲା, "ଏ କେମିତିକା କଥା, ଆମେ କାଲିଠୁ କଥାବାର୍ତ୍ତା ହେବୁନି, ଆରେ ମୋର ଦରକାର ନାହିଁ, ଏ ଲକ୍ଷେ ଟଙ୍କା ଯାଇକି ରମାକାନ୍ତ ସାରଙ୍କୁ ଫେରେଇଦିଅନ୍ତୁ । କଥାବାର୍ତ୍ତା ହେବେ ବା ହେବେନି ସେଇଟା ତାଙ୍କ ଇଚ୍ଛା କିନ୍ତୁ ମୁଁ ଏ ଚେକ ନେଇପାରିବିନି ।" ଓକିଲ କହିଲେ, "୧ ଲକ୍ଷ ଛୋଟ କଥା ନୁହେଁ ଆଉ ଥରେ ଭାବନ୍ତୁ ଏବେ ମୁଁ ଆସୁଛି । କିନ୍ତୁ ଆପଣଙ୍କ ମନ ଯଦି ବଦଳିଯାଏ ତେବେ ମୋତେ କଲ କରିବେ ଏ ମୋ ନମ୍ବର ।" ଓକିଲ ତାଙ୍କ କାର୍ଡ ଦେଇ କି ପଳେଇଲା ।

ବିମଳେନ୍ଦୁ ପାଇଁ ଏ ସମ୍ପର୍କ କୌଣସି ମୌସୁମୀ ଫସଲ ନଥିଲା, ଯାହାକୁ ସେ ତା ପେଟ ପାଇଁ ଦାନ ଯୋଗାଡ଼ କରିବାରେ ବ୍ୟବହାର କରିଥାନ୍ତା । ତା ପାଇଁ ଏ ସମ୍ପର୍କ ଗୋଟେ ବଡ଼, ଘଞ୍ଚ ଗଛଭଳି ଲାଗୁଥିଲା, ଯାହା ତଳେ ବସି କିଛି ସମୟ ସେ ଆରାମରେ ଅତିବାହିତ କରିପାରୁଥିଲା । କିନ୍ତୁ ଓକିଲ ବି ସତ କଥା କହିଥିଲେ, ଲକ୍ଷେ କିଛି କମ କଥା ନୁହେଁ । ବିମଳେନ୍ଦୁ ରାତିସାରା ଖାଲି କଡ଼ ଲେଉଟାଇବାରେ କଟିଗଲା ।

ସକାଳ ହେବାରୁ ସେ ଓକିଲକୁ ଫୋନ କଲା । "କ'ଣ ବିମଳେନ୍ଦୁ ବାବୁ ମନ ବଦଳି ଗଲା କି ?" ଓକିଲ ପଚାରିଲେ । "ନା, ମୋତେ ରମାକାନ୍ତ ବାବୁଙ୍କ ଘର ଠିକଣା ଦରକାର ।" ବିମଳେନ୍ଦୁ ଧୀରେ କହିଲା । "ମୁଁ ଦେଇପାରିବିନି ।" ଓକିଲ କହିଲେ । "ମୋତେ ଦରକାର ତାଙ୍କ ଠିକଣା ।" "ନା, ମୁଁ ଦେଇପାରିବିନି" ଓକିଲ ଆଉ ଥରେ ମନା କଲେ । "କାହିଁକି ଦେବେନି ସେ'ତ ମୋ ଠିକଣା ନେଇଗଲେ କିନ୍ତୁ ତାଙ୍କର ଦେଲେନି ।" ବିମଳେନ୍ଦୁର ଆବାଜ ଓକିଲଙ୍କୁ ଚମକେଇ ଦେଲା ସେ ଭାବିଲେ ଏ ଠିକଣା ନ ନେଇକି ଛାଡ଼ିବେନି । "ଡି-୬୮, ନେହେରୁ ନଗର" । ଧନ୍ୟବାଦ କହି ଫୋନ କାଟିଦେଲା ବିମଳେନ୍ଦୁ । ବିମଳେନ୍ଦୁ ବୁଝିଯାଇଥିଲା ରମାକାନ୍ତ ତାକୁ ଆଉ ଫୋନ କରିବେ ବା ତା କଲ ରିସିଭ କରିବେ ।

To read the complete magazine, Download it for FREE from www.aahwaan.com

ସେଥିପାଇଁ ସେ ଭବିଲା କି ଗୋଟେ ବାଟ ଅଛି ସେ ଯାଇ ରମାକାନ୍ତକୁ ବୁଝେଇବ କି ତା ଜୀବନର ମନରେ ଓ ତାକୁ ସେ ଖାଲି କରିବାକୁ ଭାବି ବି ପାରୁନଥିଲା । ସାରାଦିନ ସେ କିଭଳି କଥାହେବ ଭାବିବାରେ ଲାଗିଲା । ଭାବୁଥିଲା କି ରମାକାନ୍ତର ଜୀବନ ତା ଜୀବନ ଭଳିଆ କଟିଥିବ, ବାସ୍ ଫରକ ଖାଲି ଆର୍ଥିକ ସ୍ଥିତିର ।

ସନ୍ଧ୍ୟାରେ ଟିକେ ଟିକେ ବର୍ଷା ଆରମ୍ଭ ହୋଇ ଯାଇଥିଲା ଅଫିସରୁ ଫେରିକି ଖୋଜି ଖୋଜି ଡି - ୬୮, ନେହେରୁ ନଗରରେ ପହଞ୍ଚିଲା ବିମଳେନ୍ଦୁ । ବେଲ୍ ବଜାଇଲା । ଧଳା ପଞ୍ଜାବୀ ପିନ୍ଧିଥିବା ଗୋଟେ ବୃଦ୍ଧ କବାଟ ଖୋଲିଲେ ଓ ତାଙ୍କ ଚେହେରାରେ ଗମ୍ଭୀରତା ଥିଲା । ବିମଳେନ୍ଦୁ କିଛି କହିବା ଆଗରୁ ସେ କହିଲେ, “ମୁଁ ରମାକାନ୍ତ, ତୁମେ ବିମଳେନ୍ଦୁ ନା ?” ବିମଳେନ୍ଦୁ ସହମତିରେ ମୁଣ୍ଡ ହଲେଇଲା । ରମାକାନ୍ତ ତାକୁ ଭିତରକୁ ଆସିବା ପାଇଁ କହିଲେ ଓ ସୋଫାରେ ବସିବାକୁ ଇସାରା ଦେଲେ । ବିମଳେନ୍ଦୁ ଘରର ଚାରିଆଡ଼େ ନଜର ବୁଲାଉଥାଏ ଘରର କୋଣ କୋଣ ଭିନ୍ନ ଭିନ୍ନ ଜିନିଷରେ ସଜାଇ ହୋଇଥିଲା ।” ମୁଁ ଜାଣିଥିଲି ତମେ ଏକ ଲକ୍ଷ ଟଙ୍କା ନେବନାହିଁ ।” ପୁଣି ଆପଣ କାହିଁକି ପଠେଇଥିଲେ, ଜାଣିନାହାନ୍ତି କି ଆପଣ ମୋ ପାଇଁ କେତେ ମୂଲ୍ୟବାନ । ମୁଁ ଜାଣିନି ଯେ ଆପଣ ମୋତେ ଏ ପଇସାରେ ଏ ସମ୍ପର୍କକୁ କାଟୁଛନ୍ତି କିନ୍ତୁ ମୁଁ ଏତେ ମୂର୍ଖ ନୁହେଁ କି ଏତେ ଭଲ ଓ ସମ୍ବେଦନଶୀଳ ବନ୍ଧୁତାକୁ କାଟିଦେଇ ପାରିବି, ବିମଳେନ୍ଦୁ କହିଚାଲିଥିଲା କିନ୍ତୁ ତାର ଆଖି କାନ୍ଦ କାନ୍ଦ ହୋଇ ଆସୁଥିଲା । ରମାକାନ୍ତ ତା ଆଗରେ ବସି ତାକୁ ଦେଖି ଚାଲିଥିଲେ, ଅଚାନକ ସେ ବିମଳେନ୍ଦୁ ଆଗକୁ ଆସି ତା ହାତକୁ ନିଜ ହାତ ଉପରକୁ ନେଇ କହିଲେ, “କ୍ଷମା କରିଦିଅ ବନ୍ଧୁ, ଭୁଲ ହୋଇଗଲା । ତୁମେ ଯେବେ ଚାହିଁବ ମୋ ପାଖକୁ ଆସି ପାରିବ ।” ଆଉ ସେଦିନର ବର୍ଷା ତାଙ୍କ ଭିତରେ ଠିଆ ହୋଇଥିବା ପାଚେରୀକୁ ଧୋଇଦେଲା । ଆଉ ସବୁଦିନ ବିମଳେନ୍ଦୁ

To read the complete magazine, Download it for FREE from www.aahwaan.com

ଅଫିସରୁ ବାହାରି ରାମାକାନ୍ତ ଘରେ ପହଞ୍ଚେ ଓ ଦି'ଜଣ ମିଶି ଚା' ପିଅନ୍ତି, ଦେଶ ଦୁନିଆ ଆଉ ଏଣ୍ଡୁ ତେଣ୍ଡୁ ଅନେକ ବିଷୟରେ କଥାବାର୍ତ୍ତା ବି ହୁଅନ୍ତି । କିଛି ମାସ ଏମିତି ବିତିଗଲା ।

ଗୋଟେ ଦିନ ଅଫିସରେ ସନିସାର କହିଲେ ବିମଳେନ୍ଦୁ ତୁମେ କାଲି ଭୋପାଳ ଚାଲିଯାଅ କିଛି ପଇସା ସଂଗ୍ରହ କରିବାର ଅଛି । ତିନିଦିନରେ ଫେରିଆସିବ । ସନ୍ଧ୍ୟାରେ ବିମଳେନ୍ଦୁ ଏକଥା ରାମାକାନ୍ତକୁ କହିଲା । ରାମାକାନ୍ତ ତାକୁ ଭୋପାଳରେ ଦେଖିବା ପାଇଁ କିଛି ଜାଗାର ଲିଷ୍ଟ ଧରେଇଦେଲେ ଓ ତା ପରଦିନ ବିମଳେନ୍ଦୁ ଯେତେବେଳେ ସକାଳୁ ଉଠିଲା ତାକୁ କିଛି ଅଲଗା ଅନୁଭୂତି ହେଲା । ସାଢ଼େ ୯ଟାରେ ସେ ଷ୍ଟେସନ ପହଞ୍ଚିଗଲା କିନ୍ତୁ ଟ୍ରେନରେ ବସିବାପାଇଁ ବିଲକୁଲ ମନ ନଥିଲା । ଆଗରୁ ସେ ଏ ସହରରୁ ବାହାରକୁ ଯାଇଥିଲା କିନ୍ତୁ କାହିଁକି କେଜାଣି ଏଥର ଯିବାପାଇଁ ଇଛା ହେଉନଥିଲା । ଚାକିରୀ ପଳେଇବା ଡରରେ ସେ ଟ୍ରେନରେ ବସିଗଲା କିନ୍ତୁ ତାକୁ କିଛି ଠିକ ଲାଗୁନଥିଲା । ରାତିରେ ଭୋପାଳ ପହଞ୍ଚିକି ବିମଳେନ୍ଦୁ ରାମାକାନ୍ତକୁ ଫୋନ କଲା କିନ୍ତୁ ଫୋନ ସୁଇଚ ଅଫ ଆସିଲା । ବ୍ୟାଟେରୀରେ ଚାର୍ଜ ନଥିବ ସେଥିପାଇଁ ବୋଧେ ଫୋନ ସୁଇଚ ଅଫ ହେଇଯାଇଥିବ ଭାବିକି ସେ ଆଉ ଫୋନ କଲାନି । ରାତିରେ ଶୋଇଲାବେଳେ ତାକୁ କିଛି ଭଲ ଲାଗିଲାନି ହୋଟେଲ ରୁମର ଘଣ୍ଟାର ଟିକ୍ ଟିକ୍ ଶବ୍ଦରେ ରାତି କଟିଲା ।

ସକାଳୁ ଉଠିକି ସେ ପୁଣି ରମାକାନ୍ତଙ୍କୁ ଫୋନ କଲା, କିନ୍ତୁ ଫୋନ୍ ସୁଇଚ୍ ଅଫ । ସାରାଦିନ ରାମାକାନ୍ତ ସହ କଥା ହେବାପାଇଁ ଚେଷ୍ଟାକଲା କିନ୍ତୁ ସୁଇଚ ଅଫ୍ । ତାକୁ ଲାଗିଲା କିଛି ତ ଗଡ଼ବଡ଼ ହେଇଛି । ପଇସା ସଂଗ୍ରହ କାମ ସାରିଦେଇ ସେଦିନ ରାତିରେ ସେ ଓକିଲଙ୍କୁ ଫୋନ କଲା ଓ ଜାଣିବାକୁ ପାଇଲା ଯେ ରମାକାନ୍ତକୁ କାଲି ରାତିରେ ହାର୍ଟ ଆଟାକ୍ ହୋଇଛି ଏବଂ ସେ ଏବେ ହସପିଟାଲ୍‌ରେ ଅଛନ୍ତି । ବିମଳେନ୍ଦୁ ପାଦ ତଳୁ ମାଟି

To read the complete magazine, Download it for FREE from www.aahwaan.com

ଖସିଗଲା ।ତା' ଟ୍ରେନ୍ ପରଦିନକୁ ଥିଲା କିନ୍ତୁ ସେ ରାତିରେ ହିଁ ବସରେ ସହର ଫେରିଆସିଲା ଓ ସିଧା ହସ୍ପିଟାଲରେ ପହଞ୍ଚିଲା । ସେ ଯାଇ ଯେତେବେଳେ ହସ୍ପିଟାଲର ରିସେପସନରେ ରମାକାନ୍ତ ବିଷୟରେ କିଛି ପଚାରିଲା ତ, ରିସେପସନରେ ବସିଥିବା ବ୍ୟକ୍ତି କହିଲେ ରମାକାନ୍ତକୁ କାଲି ବିମଳେନ୍ଦୁ ଶର୍ମା ହିଁ ଦେଖା କରିପାରିବେ ବୋଲି ଡାକ୍ତର କହିଛନ୍ତି । ବିମଳେନ୍ଦୁ ନିଜର ପରିଚୟ ପତ୍ର ଦେଖେଇଲା । ହସ୍ପିଟାଲର କର୍ମଚାରୀ ବିମଳେନ୍ଦୁ କୁ ନେଇ ରମାକାନ୍ତ ରହୁଥିବା ବେଡ଼ ପାଖରେ ପହଞ୍ଚିଲା କହିଲା ତାଙ୍କ ଦେହ ଠିକ୍ ନାହିଁ, କିନ୍ତୁ ସେ ଆପଣଙ୍କୁ ବାରମ୍ବାର ଖୋଜୁଛନ୍ତି । ସେଥିପାଇଁ ଆପଣଙ୍କୁ ତାଙ୍କ ସହିତ ମିଶିବାର ସୁଯୋଗ ଦିଆଯାଉଛି । ନିଜ ବନ୍ଧୁକୁ ଏପରି ଅବସ୍ଥାରେ ଦେଖି ସେ ବହୁତ ଡରିଗଲା ଓ ରାମାକାନ୍ତ ପାଖରେ ବସି ଗୋଟିଏ କଥା କହିଚାଲିଲା, ତୁମେ ମୋତେ ଛାଡ଼ି ଯାଇ ପାରିବନି । ରମାକାନ୍ତ ଅଚାନକ ତା' ହାତକୁ ଛୁଇଁଲା ଓ ଧିରେ ଧିରେ କହିଲା ମୁଁ ମୋ ଶରୀର ହସ୍ପିଟାଲକୁ ଦାନ କରିସାରିଛି । ତୁମେ ମୋ ଯିବାପରେ ମୁଁ ମରିବା କଥା ଖବରକାଗଜରେ ଛପେଇଦେବ । ଆଉ ହୋଇପାରିବ ଯଦି ଗୋଟେ ସଭା କରିବ, ଏତିକି କହି ରମାକାନ୍ତ ସ୍ଥିର ହୋଇଗଲା । ନର୍ସ ବିମଳେନ୍ଦୁକୁ ବାହାରକୁ ଯିବାପାଇଁ କହିଲେ । ୧୫ ମିନିଟ୍ ପରେ ଡାକ୍ତର ଆସି ପରିକ୍ଷା କରି ଜଣେଇଦେଲେ ଯେ ରାମାକାନ୍ତ ଆଉ ନାହାନ୍ତି ।

ଝରକାରେ ସୂର୍ଯ୍ୟଅସ୍ତ ହୋଇ ସାରିଥିଲେ ପୁଣି ଆଉ ଥରେ ବିମଳେନ୍ଦୁକୁ ଅନ୍ଧାର ଡର ଲାଗୁଥିଲା । କିନ୍ତୁ ତା ମନରେ ବାରମ୍ବାର ଗୋଟେ ପ୍ରଶ୍ନ ଆସୁଥିଲା କି ସେ କିଏ ଥିଲା ଯାହାକୁ ଜଣେଇବା ପାଇଁ ରମାକାନ୍ତ ତାଙ୍କ ଦେହାନ୍ତ କଥା ଖବର କାଗଜରେ ଛପେଇବାକୁ କହିଲେ । ବିମଳେନ୍ଦୁ ଖବରକାଗଜର ଶ୍ରଦ୍ଧାଞ୍ଜଳି ପୃଷ୍ଠାରେ ରାମାକାନ୍ତର ଦେହାନ୍ତ ଖବର ଛପେଇଦେଲା ଓ ତଳେ ଲେଖିଦେଲା ଯେ ୪ଦିନ ଶୋକସଭାର ଆୟୋଜନ ଥିଲା ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଶୋକସଭା ସକାଳ ୧୦ଟାରୁ ରାମାକାନ୍ତ ଘରେ ହିଁ ଥିଲା । ଏହି ଚାରି ଦିନ ବିମଳେନ୍ଦୁ କେତେ କାନ୍ଦିଛି ତାର ହିସାବ ନାହିଁ । ସେ ଏବେ ପୁଣି ଏକୁଟିଆ ହୋଇ ଯାଇଥିଲା । କେହି ନଥିଲେ ତା କାନ୍ଧରେ ହାତ ରଖିବା ପାଇଁ । ସେଦିନ ସକାଳୁ ଯାଇ ରମାକାନ୍ତର ଘରର ସାମ୍ନାରେ ଧଳାଚଦର ପକେଇ ଟେବୁଲରେ ଗୋଟେ ଫ୍ରେମରେ ରାମାକାନ୍ତର ଫୋଟୋ ଲଗେଇଦେଲା । ତା ଆଗରେ ପଣ୍ଡିତ ଗୀତା ପଢୁଥିଲେ, କିନ୍ତୁ ବିମଳେନ୍ଦୁ ଅପେକ୍ଷା କରିଥିଲା ସେ ବ୍ୟକ୍ତିକୁ ଯାହା ପାଇଁ ରମାକାନ୍ତ ତାଙ୍କ ଦେହାନ୍ତ ଖବର ପହଞ୍ଚେଇବାକୁ ଚାହୁଁଥିଲେ । ଠିକ୍ ୧୦ଟା ରେ ୨୪ ରୁ ୨୫ ବର୍ଷୀୟ ଗୋଟିଏ ଯୁବକ ଭିତରକୁ ଆସିଲା । ବିମଳେନ୍ଦୁ ହାତ ଯୋଡ଼ିକି ଆସନରେ ବସିବା ପାଇଁ କହିଲା । ପଣ୍ଡିତ ଗୀତା ପଢ଼ି ଚାଲିଥିଲେ । ଆଉ ତିରିଶ ମିନିଟ୍ ଭିତରେ ଆଉ ତିନିଜଣ ବ୍ୟକ୍ତି ସେଠାରେ ପହଞ୍ଚିଲେ ଆଉ ସମସ୍ତେ ସେଠାରେ ବସିକି ଗୀତା ଶୁଣୁଥିଲେ । ଗୀତା ପାଠ ସରିଲାପରେ ବିମଳେନ୍ଦୁ ଉଠିକି କହିଲା ମୁଁ ହିଁ ରାମାକାନ୍ତଙ୍କ ଦେହାନ୍ତ ଖବର ଖବର କାଗଜରେ ଛାପିଥିଲି ମୁଁ ତାଙ୍କ ବନ୍ଧୁ ଆଉ ଆପଣମାନଙ୍କୁ ମୋର ବିନମ୍ର ନିବେଦନ ଆପଣମାନେ ନିଜ ପରିଚୟ ଦିଅନ୍ତୁ ।

ପ୍ରଥମେ ଆସିଥିବା ଯୁବକ କହିଲା ରମାକାନ୍ତ ମୋର ବି ବନ୍ଧୁ ଥିଲେ, ଗୋଟେ ଶହେ ଟଙ୍କିଆ ନୋଟରୁ ହିଁ ଆମ ବନ୍ଧୁତା ଆରମ୍ଭ ହୋଇଥିଲା । କିନ୍ତୁ ଗୋଟେ ଦିନ ସେ ମୋ ପାଖକୁ ୧ଲକ୍ଷ ଟଙ୍କା ପଠାଇ କହିଥିଲେ ଯେ ସେ ଆଉ କେବେ କଥା ହେବେନି କିମ୍ବା ସମ୍ପର୍କ ରଖିବେ ନାହିଁ । ଦିତୀୟ, ତୃତୀୟ ଓ ଚତୁର୍ଥ ବ୍ୟକ୍ତି ମଧ୍ୟ ଠିକ୍ ଏହି ପରିଚୟ ଥିଲା ଓ ସମସ୍ତଙ୍କ କାହାଣୀ ଏକା ହିଁ ଥିଲା । ବିମଳେନ୍ଦୁ ବୁଝି ପାରୁନଥିଲା ସେ ନୋଟ ଯୋଗୁଁ କେତେ ଲୋକ ରମାକାନ୍ତର ବନ୍ଧୁ ହୋଇ ପାରିଥିଲେ କିନ୍ତୁ ଖବର କାଗଜରେ ଖବର ଛାପିବାପାଇଁ କଣ ପାଇଁ କହିଥିଲେ ରାମାକାନ୍ତ । ସେତେବେଳେ ଓକିଲ ଭିତରକୁ ଆସିଲେ ଓ ଗୋଟେ ବଡ଼ ଲଫାପା ବିମଳେନ୍ଦୁକୁ ଦେଲେ । ଏହା ଆପଣଙ୍କର ମାସେ ଆଗରୁ ମୋତେ ଦେଇଥିଲେ ଓ କହିଥିଲେ

To read the complete magazine, Download it for FREE from www.aahwaan.com

କି ତାଙ୍କର କିଛି ହୋଇଗଲେ ଏହା ମୁଁ ଆପଣଙ୍କ ନିକଟରେ ପହଞ୍ଚେଇବା ପାଇଁ । ଖୋଲିକି ଦେଖିଲା ବେଳକୁ ସେ ଭିତରେ ରାମାକାନ୍ତର ଉଇଲ୍ ଥିଲା ତାଙ୍କର ସମସ୍ତ ସମ୍ପତ୍ତି ବିମଳେନ୍ଦୁ ନାଁରେ ହିଁ କରି ଦେଇଥିଲେ ସେ ଓ ସାଥିରେ ପୁଣି ଗୋଟେ ଚିଠି;

"ବନ୍ଧୁ, ଯେତେବେଳେ ଏ ଚିଠି ତୁମେ ପଢୁଥିବ ସେତେବେଳେ ତୁମେ ମୋର କେତେ ଗୁଡ଼ିଏ ବନ୍ଧୁଙ୍କ ସହିତ ମିଶି ସାରିଥିବ, କାହିଁକି ନା ସେମାନେ ଭଲ ଲୋକ ମୋ ଖବର ଶୁଣିକି ନିଶ୍ଚୟ ଆସିବେ, ଯିଏ ଚାରି କଦମ ସାଥିରେ ଚାଲେ ସେ ବନ୍ଧୁ ହୋଇପାରେ କିନ୍ତୁ ଯେ ଅନ୍ତ ପର୍ଯ୍ୟନ୍ତ ସାଥିରେ ଚାଲେ ସେ ହିଁ ପ୍ରକୃତ ବନ୍ଧୁ କୁହାଏ । ତୁମେ ମୋର ପ୍ରକୃତ ବନ୍ଧୁ । ଯୋଉଦିନ ତୁମେ ମୋର କବାଟ ପାଖରେ ଛିଡ଼ା ହୋଇଥିଲ ସେଦିନ ମୋର ସମସ୍ତ ସମ୍ପତ୍ତି ତୁମର ହୋଇଯାଇଥିଲା । ତୁମେ କହିଥିଲ ନା ସେ ଶହେ ଟଙ୍କିଆ ନୋଟ ତୁମ ପାଖରେ ରଖିଛ । ମୋର ଶେଷଇଚ୍ଛା ହେଉଛି ତୁମେ ସେ ଶହେ ଟଙ୍କିଆ ନୋଟ କାହାକୁ ଦେଇଦିଅ ଓ ଆଉ ମୋ ମୋବାଇଲ ନମ୍ବରକୁ ସ୍ମୃତି ଭାବିକି ତୁମ ପାଖରେ ରଖ ଓ ଖୁସିରେ ରୁହ । ବିଦାୟ ।

ରମାକାନ୍ତ

ବିମଳେନ୍ଦୁ ଆଖିରୁ ଲୁହ ଝରି ପଡ଼ିଲା ସେ ଦେଖୁଥିଲା ରମାକାନ୍ତର ଫୋଟୋକୁ । ଅଦ୍‌ଭୁତ ଖୁସି ଦେଖାଯାଉଥିଲା ତାଙ୍କ ମୁହଁରେ ।

ରତନପୁର ଶାସନ, କୁହୁଡ଼ି

ଖୋର୍ଦ୍ଧା - ୭୫୨୦୨୭, ଓଡ଼ିଶା

ଭ୍ରାମ୍ୟଭାଷ - ୮୯୦୮୮୫୯୭୯୭

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବାପା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

"ମୁଁ ବାରମ୍ବାର ମନା କରିବା ସତ୍ତ୍ୱେ ତୁମେ ହିଁ ତ ଜିଦ୍ କରିଥିଲ ନା ! ମୋ କଥାର ତ କିଛି ମୂଲ୍ୟନାହିଁ । ଝିଅପିଲାଟା କୋଉଠି ଯିବ କେମିତି ରହିବ କିଛି ଭାବିନ, ବାସ୍ ଛାଡ଼ିଦେଲ । ପ୍ରଥମରୁ ହିଁ କହିଥିଲି ଝିଅ ଯଦି ଚାକିରୀ କରିବ କେବଳ ଏଇଠି ହିଁ କରିବ । ଆଉ ତା' ବାହାଘରଟା କରିଦେଲା ପରେ ତା ସ୍ୱାମୀ ଶାଶୁଶଶୁର ଘର ଯେଉଁଠି ରହିବେ ସେଇଠି କରିବ । କିନ୍ତୁ ତମେ ତ ନାରୀ ନେତ୍ରୀ ନା, ନାରୀ ସଶକ୍ତିକରଣ କରୁଥିଲ । ମନା କରୁଥିଲି ତାକୁ ନର୍ସିଂ ପଢ଼ାଅନି, ଗ୍ରାଜୁଏଟ୍ କରିଦେଇଥିଲେ ଅଫିସରେ କହି ଚାକିରୀଟିଏ କରି ଦେଇଥାନ୍ତି, କିନ୍ତୁ ନା, ତମ ମା'ଝିଅଙ୍କ ଜିଦ୍ ଆଗରେ ମୋର କେବେ ମୁହଁ ଖୋଲିଛି କି ? ନର୍ସିଂ ପଢ଼ିବ, ଚାକିରୀ କରିବାକୁ ଇରାକ୍ ଯିବ । ସତେ ଯେମିତି ଝିଅ ଇରାକ ନ ଗଲେ ଏଠି ଚାକିରୀ ମିଳୁନଥିଲା । ଆରେ ସେ ଦେଶ ସବୁ କେତେ ଭୟଙ୍କର ତମେ କେମିତି ଜାଣିବ ? ମଣିଷ ନୁହେଁ ଅସୁରମାନଙ୍କ ରାଜ୍ୟ ସେଇଟା । ଗୋଟିଏ ମୁହୂର୍ତ୍ତରେ ମନୁଷ୍ୟକୁ ମାରିଦେବାକୁ ସେମାନେ ପଛାନ୍ତି

To read the complete magazine, Download it for FREE from www.aahwaan.com

ନାହିଁ । ସେହି ଦେଶକୁ ଝିଅକୁ ପଠେଇଥିଲ ? ଘର ପାଖରେ ଥିଲେ ଯାଇ ନେଇ ଆସିଥାନ୍ତି, ଏବେ ଚାହିଁଲେ ବି ଯାଇ ପାରିବନି । ଝିଅର ଖୋଜଖବର କଣ କିଛି ଜଣାପଡୁନି । ହେଲେ ତମକୁ କିଛି ଚିନ୍ତା ହେବ କାହିଁକି ? ଚିନ୍ତା କରିବାପାଇଁ ଘରେ ବାପ'ଟେ ବସିଛି ନା ? ଏବେ ବସି କାନ୍ଦୁଥାଅ ।" ହୃଦାନନ୍ଦ ବାବୁ ମନେ ମନେ ଏମିତି ଅନେକ କିଛି କହିବା ପାଇଁ ଭାବୁଥିଲେ କିନ୍ତୁ ନନ୍ଦିନୀଙ୍କୁ ଚାହିଁଦେବାପରେ ମୌନ ରହିବାକୁ ଉଚିତ ମନେ କଲେ ।

ଟିଭିରେ ନ୍ୟୁଜ୍ ଚ୍ୟାନେଲ୍ ଚାଲିଛି । ଇରାକରେ ମୌଳବାଦୀ ଆଇଏସ୍ଆଇଏସ୍ ସଂଗଠନର ହିଂସ୍ରୁକ ସୈନିକମାନେ ସହର ଉପରେ ସହର ନିଜ ଅକ୍ତିଆରକୁ ନେଇଯିବାର ଖବର ଘନ ଘନ ଦେଖାଉଛି । ଝିଅ ଯାଇଥିଲା ନର୍ସିଂରେ ଚାକିରୀ କରିବାକୁ । ପ୍ରଥମେ କିଛି ମାସ ଭଲରେ ବିତିଯାଇଥିଲା । ହେଲେ ଯେବେଠୁ ଏହି ଆଇଏସ୍ ଆସିଛି ସେବେଠୁ ଝିଅ ଫୋନ କଲେ ଭାରି ଡରି ଡରି କଥା ହେଉଥିଲା । କହୁଥିଲା ଏଠାକାର ପରିସ୍ଥିତି କିଛି ଭଲ ନାହିଁ । ଫେରି ଆ' ବୋଲି କହିଲେ ବି ସେ ଆସିବା ଅବସ୍ଥାରେ ନଥିଲା । ଅନ୍ୟୂନ ଏକ ବର୍ଷ ଏଠାରେ କାମ କରିବା ପାଇଁ ସେ ଚୁକ୍ତିନାମା ସ୍ୱାକ୍ଷର କରିଥିଲା । ହେଇ ଦେଖୁ ଦେଖୁ ବର୍ଷେ ହେଇଯିବ । ତା'ପରେ ତୁ ଆଉ ସେଠି ରହିବା ଦରକାର ନାହିଁ ବୋଲି ହୃଦାନନ୍ଦବାବୁ ଅନେକଥର କହିଛନ୍ତି । ସବୁବେଳେ କିନ୍ତୁ ଝିଅ ମୋନୀ କହେ, ବାପା ଏଠି ଡାକ୍ତର ଆଉ ନର୍ସଙ୍କୁ ବହୁତ ସମ୍ମାନ ମିଳୁଛି । ଆମକୁ କୌଣସି ବିପଦ ନାହିଁ । ହେଲେ ବିପଦ ନାହିଁ ବୋଲି ଝିଅକୁ ଯୁଦ୍ଧ କ୍ଷେତ୍ରରେ କାମ କରିବାକୁ କେମିତି ଛାଡ଼ିଦେବି ବୋଲି ସେ ନିଜକୁ ନିଜେ ପ୍ରଶ୍ନ କରୁଥିଲେ ।

To read the complete magazine, Download it for FREE from www.aahwaan.com

ଧିରେ ଧିରେ ଇରାକରେ ଗୃହଯୁଦ୍ଧ ଭଳି ପରିସ୍ଥିତି ଆସିଯାଇଥିଲା । ମୋନୀ ଫୋନ କଲେ ବି ଅଧିକ ସମୟ କଥା ହୋଇପାରେନି । କହେ ବହୁତ ଲୋକ ହସପିଟାଲକୁ ଆସୁଛନ୍ତି । ସେମାନଙ୍କୁ ସମୟ ଦେବାକୁ ପଡୁଛି । ବାପା ସହ ବେଶୀ କଥା ହୁଏନି କିନ୍ତୁ ତା ମାଆକୁ କହେ କେମିତି କେମିତି ସବୁ ଲୋକ ଆସୁଛନ୍ତି । କାହାର ହାତ ନାହିଁ ତ କାହାର ଗୋଡ଼ ନାହିଁ । ଲୋକ ଏତେ ନୃଶଂସ କେମିତି ହୋଇପାରନ୍ତି ବୋଲି ସେ ବେଳେ ବେଳେ ପ୍ରଶ୍ନ କରେ । ମାଆ ନନ୍ଦିନୀ ଦେବୀ ସ୍ଥାନୀୟ ଅଞ୍ଚଳର ନାରୀ ନେତ୍ରୀ । ସାମାଜିକ ସେବା କାର୍ଯ୍ୟରେ ତାଙ୍କର ଅନେକ ସମୟ ବିତେ । ନାରୀ ସଶକ୍ତିକରଣର ଉଦାହରଣ ଦେବାପାଇଁ ନିଜ ଝିଅକୁ ସେ ନିଜ ଗୋଡ଼ରେ ଛିଡ଼ା କରାଇବାର ଶପଥ ନେଇଥିଲେ । ସ୍ୱାମୀ ମନା କରୁଥିଲେ ଯେ ମୋନୀକୁ ଗ୍ରାଜୁଏଟ୍ କରିବା ତା'ପରେ ଅଫିସରେ ଚାକିରୀ କରିବ କିମ୍ବା ବାହା କରିଦେଲେ ସେ ତା ଭବିଷ୍ୟ କଥା ନିଜେ ଚିନ୍ତା କରିବ, ହେଲେ ନନ୍ଦିନୀ ସେଥିରେ ରାଜି ନଥିଲେ । ନିଜର ରାଜନୈତିକ ପ୍ରଭାବରେ ଝିଅକୁ ନର୍ସିଂ କଲେଜରେ ଜଏନ୍ କରେଇ ଦେଇଥିଲେ । ପ୍ରଥମେ ପ୍ରଥମେ ସେ ବି ମନ ଉଣା କରୁଥିଲା କିନ୍ତୁ ଧିରେ ଧିରେ ସେ ବି ଅଭ୍ୟସ୍ତ ହୋଇଗଲା ।

ଇରାକରେ ଆଇଏସ୍ ସଂଗଠନର କ୍ରମବର୍ଦ୍ଧିଷ୍ଣୁ ହିଂସାର ପ୍ରଭାବ ନିତିଦିନ ଟିଭିରେ ଦେଖି ଦେଖି ହୃଦାନନ୍ଦ ବାବୁ ଚିନ୍ତାରେ ପଡ଼ିଯାଆନ୍ତି । ହେଲେ ମୁହଁରେ ସେ ଚିନ୍ତା ଦେଖାଇ ପାରନ୍ତି ନାହିଁ । କାରଣ ଘରେ ସମୁଦାୟ ଦୁଇଜଣ ଲୋକ । ଯଦି ସେ ଚିନ୍ତାରେ ରହିବେ ତା ହେଲେ ନନ୍ଦିନୀଙ୍କ ହୃତପିଣ୍ଡଟା ବନ୍ଦ ହେଇଯିବ । ତେଣୁ ସେ ଯଥା ସମ୍ଭବ ନିରବ ଓ ଶାନ୍ତ ରହିବାକୁ ଯଥେଷ୍ଟ ଚେଷ୍ଟା କରନ୍ତି । ନନ୍ଦିନୀ ଦେବୀ କିନ୍ତୁ କାନ୍ଦି କାନ୍ଦି ନୟାନ୍ତ । ଶାଶୁଶଶୁର,

To read the complete magazine, Download it for FREE from www.aahwaan.com

ଶଳା ଶଳା ଭାଉଜ ସମସ୍ତେ ଦିନରେ ଅଗଣିତ ଥର ଫୋନ୍ କରନ୍ତି । ଦୋଷ ଦିଅନ୍ତି, ହୃଦାନନ୍ଦ ବାବୁଙ୍କୁ । ତମେ କେମିତିକା ବାପଟିଏ ? ଝିଅଟାକୁ କିଏ କେବେ ଯୁଦ୍ଧ କ୍ଷେତ୍ରକୁ ଏମିତି ପଠାଏ ? ଝିଅ ପଇସା ଆଣିଲେ ଘର ଚଳେଇବ ବୋଲି ଭାବିଛ କି ? ଏଠି କଣ ଚାକିରୀ ଅଭାବ ଥିଲା ? ଇତ୍ୟାଦି ଇତ୍ୟାଦି । ନନ୍ଦିନୀର ମୁହଁକୁ ଚାହିଁ ହୃଦାନନ୍ଦ ବାବୁ ନିରବ ହୋଇଯାଆନ୍ତି ।

ଦୁଇଦିନ ତଳେ ଖବର ଆସିଥିଲା ଯେ ଆଇଏସ୍ ସଂଗଠନ ଇରାକର ଏକ ବିଶାଳ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେଇଯାଇଛି ଆଉ ସେହି ଅଞ୍ଚଳରେ ଆସୁଛି ହସପିଟାଲ୍ ଯେଉଁଠି ମୋନୀ କାମ କରୁଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରୀ ଟିଭିରେ ବାରମ୍ବାର କହୁଛନ୍ତି ଆମେ ସବୁ ବ୍ୟବସ୍ଥା କରୁଛୁ ଆମ ଦେଶର ଯେ କୌଣସି ନାଗରିକ ସେହି ଅଞ୍ଚଳରେ ଥିବ ସେମାନଙ୍କୁ ଆମେ ସେଠାରୁ ବାହାରକୁ ଆଣିବୁ । କିନ୍ତୁ ଦୁଇ ଦିନ ହେଲାଣି ଝିଅ ସହ କୌଣସି ଯୋଗାଯୋଗ ହୋଇନାହିଁ । ତା ମୋବାଇଲ୍ ବି ସ୍ୱିଚ୍ ଅଫ୍ ଆସୁଛି । ମନରେ ଅନେକ ସନ୍ଦେହ ଆସୁଛି । ଟିଭି ଆଉ କମ୍ପ୍ୟୁଟରରେ ଅନେକ ଦୃଶ୍ୟ ଦେଖିଛନ୍ତି ହୃଦାନନ୍ଦ ବାବୁ । ସେମାନେ କେମିତି ନୃଶଂସ ଭାବେ ମନୁଷ୍ୟ ମାନଙ୍କୁ ପୋକମାଛି ପରି ମାରି ଦେଉଛନ୍ତି । ଦୁଇଦିନ ହେବ ଶୋଇନାହାନ୍ତି ସେ । ଆଖି ବନ୍ଦ ହେଲେ ଖାଲି ଭୟଙ୍କର ସ୍ୱପ୍ନ ସବୁ ଦେଖାଯାଉଛି । ମୋନୀର ନିସ୍ତେଜ ଦେହଟା ଦେଖା ଯାଉଛି । ତାକୁ କିଏ ହତ୍ୟା କରିଦେଇଥିବା ଭଳି ଦୃଶ୍ୟ ସବୁ ଆଖି ଆଗରେ ନାଚି ଯାଉଛି । ରାତିରେ ଉଠି ଟିଭି ଲଗେଇ ବସିଛନ୍ତି ହୃଦାନନ୍ଦ ବାବୁ ।

To read the complete magazine, Download it for FREE from www.aahwaan.com

ଦିନସାରା କାନ୍ଦି କାନ୍ଦି ନନ୍ଦିନୀ ହାଲିଆ ହୋଇଯାଇ ଶୋଇପଡ଼ିଲେ । ହୃଦାନନ୍ଦ ବାବୁଙ୍କୁ ଏହି ମୁହୂର୍ତ୍ତଟା ବହୁତ୍ ଭାରି ଭାରି ଲାଗୁଛି । ଏକା ଏକା ଲାଗୁଛି । ଗୋଟିଏ ବୋଲି ଝିଅ । କେତେ ଅଲିଅଳୀ ହୋଇ ବଢ଼ିଥିଲା । ସେ ଚାହୁଁଥିଲେ ସେ ଜୀବନରେ କୌଣସି ଅସୁବିଧାର ସମ୍ମୁଖୀନ କେବେ ବି ନ ହେଉ । ତେଣୁ ତାକୁ ଗ୍ରାଜୁଏଟ୍ ପର୍ଯ୍ୟନ୍ତ ପଢ଼ାଇବା ପରେ ଯଦି ସେ ଚାହିଁବ ନିଜ ଅଫିସରେ କୌଣସି ପଦପଦବୀରେ ଚାକିରୀ ଖଣ୍ଡେ କରେଇ ଦେବା କଥା ମନରେ ଚିନ୍ତା କରିଥିଲେ । ସରକାରୀ ଦପ୍ତର, କାମର ବୋଝ ନାମକୁ ମାତ୍ର । ଝିଅ ଖୁସିରେ ଚାକିରୀ କରିଥାନ୍ତା । ବାପାଝିଅ ଏକାଠି ଅଫିସ ଆସୁଥାନ୍ତେ ଆଉ ଯାଉଥାନ୍ତେ । ହେଲେ ନନ୍ଦିନୀଙ୍କ ଦୃଢ଼ ପ୍ରତିବାଦକୁ ସମ୍ମୁଖୀନ ହେବାକୁ ସେ ଇଚ୍ଛା ନ କରିବାରୁ ଏବେ ଫଳ ଭୋଗୁଛନ୍ତି । ସେ ମାଆ, ଚାହିଁଲେ ଭୋ ଭୋ ହୋଇ ଘଣ୍ଟେ ଦୁଇଘଣ୍ଟା କାନ୍ଦି ଦେଇ ମନକୁ ହାଲୁକା କରିଦେଇ ପାରେ, ହେଲେ ହୃଦାନନ୍ଦ ବାବୁ ଚାହିଁଲେ ବି ଆଖିରୁ ଲୁହ ଧାରଟିଏ ବୁହାଇ ପାରିବେ ନାହିଁ । ଏମିତି ଭାବୁ ଭାବୁ ତାଙ୍କ ଆଖିରୁ ଦୁଇଧାର ଲୁହ ତଳକୁ ବହିଲା । ଛାତି ଭିତରଟା ଚିପି ହେଲା ଭଳି ଲାଗିଲା । ନିଃଶ୍ୱାସ ରୁନ୍ଧି ଦେଉଥିଲା । ମନରେ କୋହ ଉଠୁଥିଲା । କିଏ ଜଣେ ଭିତରୁ କହୁଥିଲା ଯା, ମନ ଖୋଲି ଭୋ ଭୋ ହୋଇ କାନ୍ଦିଦେ । ରାତ୍ରୀର ଏ ନିରବ ପ୍ରହରରେ କେହି ଦେଖୁନାହାନ୍ତି । ନନ୍ଦିନୀ ବି ଶୋଇଛି, ତୁ ମନ ଭରି କାନ୍ଦିପକା । କେତେ ଆଉ ଏ ଜ୍ୱାଳା ମନରେ ରଖିବୁ ? ହୃଦାନନ୍ଦ ବାବୁଙ୍କୁ ଚିନ୍ତା ନନ୍ଦିନୀର । ନନ୍ଦିନୀ ଆଗରୁ ଥରେ ଛାତିରେ ଯନ୍ତ୍ରଣା ହେଉଛି କହି ହସପିଟାଲରେ ଜଏନ୍ ହୋଇଥିଲା । ଡାକ୍ତର କହିଥିଲେ, ମାଇଲ୍ଡ୍ ଷ୍ଟ୍ରୋକ୍ । ଅଧିକ କିଛି ହେଲେ ଚିନ୍ତାର ବିଷୟ ହେବ । ତେଣୁ ନନ୍ଦିନୀକୁ ସାହାସ ଦେବାପାଇଁ ସେ କେବେ ବି

To read the complete magazine, Download it for FREE from www.aahwaan.com

ନନ୍ଦିନୀ ସାମନାରେ ଦୁର୍ବଳ ହୋଇନାହାନ୍ତି । ଆଜି କିନ୍ତୁ ମନ କୌଣସି କଥା ଶୁଣିବାକୁ ନାରାଜ । ଆଖିରୁ ବହୁଥିବା ଲୁହର ଧାର ମୋଟା ହେବାରେ ଲାଗିଲାଣି । ଠିକ୍ ଏହି ସମୟରେ ଶୋଇବା ଘରୁ ନନ୍ଦିନୀଙ୍କ ଚୁଡ଼ିର ଝଣଝାଣ ଶବ୍ଦ ଶୁଭିଲା । ହୃଦାନନ୍ଦ ବାବୁ ନିଜକୁ ସହଜ କରିନେଇ ଗାମୁଛାରେ ମୁହଁ ପୋଛିଦେଇ ନିରବରେ ବସିପଡ଼ିଲେ । ମନର ସବୁ ଭାବନାର ଅନ୍ତ ହୋଇଗଲା । କାନ୍ଦକୁ ଛାତି ଭିତରେ ଚାପି ରଖି ବ୍ୟଥା ଆରମ୍ଭ ହୋଇଗଲା । ନନ୍ଦିନୀ ଆସିଲେ । ଟିଭିକୁ ଦେଖୁ ଦେଖୁ ପୁଣିଥରେ କାନ୍ଦିବା ଆରମ୍ଭ କରିଦେଇ ପାଖରେ ବସିପଡ଼ିଲେ । ନନ୍ଦିନୀଙ୍କ ମଥାକୁ ନିଜ କାନ୍ଧରେ ରଖି ହୃଦାନନ୍ଦ ବାବୁ ନିଜ ହୃଦୟକୁ ଶକ୍ତ କରି କହିଲେ, "ଆମ ମୋନୀର କିଛି ହେବନି । ତମେ ଚିନ୍ତା କରନି । ଯାଅ ଶୋଇପଡ଼ । ମୁଁ ବସିଛି, ଯଦି କିଛି ଖବର ଆସେ କହିବି ।"

ଦୁଇଦିନ ହେବ ଅଫିସ ଯାଇନାହାନ୍ତି ସେ । ପରଦିନ ସକାଳୁ ସକାଳୁ ଅଫିସ ଯିବାକୁ ବାହାରିବା ବେଳେ ନନ୍ଦିନୀ ଆକଟ କରି କହିଲେ, "ତମେ ଚାଲିଗଲେ ଏକା ମୁଁ ଘରେ କଣ କରିବି ?" ହୃଦାନନ୍ଦ ବାବୁ କେମିତି ବୁଝେଇବେ ? ସେ ଯେ ଜଣେ କର୍ମଚାରୀ । ସ୍ୱେଚ୍ଛାରେ ଘରେ ରହିବା ଅଧିକାର ତାଙ୍କର ନାହିଁ । ଅବଶ୍ୟ ତାଙ୍କ ପରିସ୍ଥିତି ବିଷୟରେ ଅଫିସରେ ସବୁ ଜାଣିଥିବେ, ତଥାପି ସେ ନିଜ କର୍ତ୍ତବ୍ୟରୁ ଦୂରେଇ ପାରିବେ ନାହିଁ । ଦୁଇଦିନ ହେବ ଖାଲି ଘରେ ବସିଛନ୍ତି, କିଛି କରିନାହାନ୍ତି । କାହାକୁ ଫୋନ କରିବା କଥା ଭାବିଲା ବେଳକୁ ନନ୍ଦିନୀ କାଳେ ଚିନ୍ତାରେ ପଡ଼ିଯିବ ବୋଲି ଭାବି ଫୋନକୁ ହାତ ବି ଲଗେଇ ନାହାନ୍ତି । ସେ କହିଲେ, "ବୁଟୁକୁ ଡାକିଦିଅ ।" ବୁଟୁ ସାନ ଶଳା ଯେ ଘରେ ରହେ । କିଛି କାମଧାମ

To read the complete magazine, Download it for FREE from www.aahwaan.com

କରେନି । ହୃଦାନନ୍ଦ ବାବୁ ନିଜେ ଫୋନ କରି ବୁଟୁକୁ ଡାକିଦେଲେ । ଆଉ ତରବରରେ ଅଫିସ ଚାଲି ଆସିଲେ ।

ଘରୁ ବାହାରିବା ପରେ ଅଫିସରେ ପହଞ୍ଚିବା ପୂର୍ବରୁ ପଡ଼େ ବିସ୍ତୀର୍ଣ୍ଣ ଖେଳ ପଡ଼ିଆ । ସକାଳ ଦଶଟା ସମୟ ହେଲାଣି । ଖେଳ ପଡ଼ିଆରେ ଦୁଇ ତିନିଟା ଗାଇ ଏପାଖ ସେପାଖ ବୁଲୁଛନ୍ତି । ରାସ୍ତା ପ୍ରାୟ ନିଷ୍ଛିଦ୍ର । କେହି ଦେଖାଯାଉ ନାହାନ୍ତି । ରାସ୍ତା ପାର୍ଶ୍ୱରେ ଗାଡ଼ିଟା ଥୋଇଦେଇ ସେ ପଡ଼ିଆ ଭିତର ଆଡ଼କୁ ଗଲେ । କିଛି ବାଟ ଯିବାପରେ ତାଙ୍କୁ ଲାଗିଲା ସେ ଆଉ ପାଦେ ବି ଆଗେଇ ପାରିବେନି, ସେଇଠି ବସିପଡ଼ିଲେ । ଆକାଶକୁ ଚାହିଁ ଭୋ ଭୋ ହୋଇ କାନ୍ଦିପକାଇଲେ । ଦୁଇଦିନର ସବୁ ମାନସିକ ସ୍ଥିତିର ଉଦଗୀରଣ ହେଉଥିଲା । ତଥାପି ମନ ହାଲୁକା ଲାଗୁନଥିଲା । କିନ୍ତୁ ପାଖରେ ସମୟର ଅଭାବ । ଅଫିସରେ ପହଞ୍ଚିଲେ ସେ ।

ଅଫିସରେ ସବୁ ଜାଣନ୍ତି ହୃଦାନନ୍ଦ ବାବୁଙ୍କ ଅବସ୍ଥା । ବଡ଼ବାବୁ ନିଜ କୋଠରୀକୁ ଡାକି କହିଲେ ଆପଣ ଦିନେ ଦୁଇଦିନ ଛୁଟି ନେଇ ଘରେ ରହନ୍ତୁ । ଆପଣ ସିନା ପୁରୁଷ ଲୋକ ହେଲେ ଆପଣଙ୍କ ସ୍ତ୍ରୀ କଣ ସମ୍ଭାଳି ପାରୁଥିବେ ? ଏତେ ବଡ଼ ଅଘଟଣ ଟିଏ ହୋଇଛି ଯେତେବେଳେ ତାଙ୍କୁ ଧୈର୍ଯ୍ୟ ଦେବା ଆପଣଙ୍କ କାମ । ହୃଦାନନ୍ଦ ବାବୁ ଅନ୍ୟମନସ୍କ ହୋଇ କହିଲେ, "ସାର୍, ଆପଣ ଟିକେ ଅନୁରୋଧ କରିବେ ? ବିଦେଶ ମନ୍ତ୍ରୀଙ୍କୁ ? ସେ କାଳେ ସମସ୍ତଙ୍କ କଥା ଶୁଣୁଛନ୍ତି । ଆପଣଙ୍କ ଅନୁରୋଧ ଶୁଣିବେ । ମୋ ମୋନୀକୁ କେମିତି ଭଲରେ ଭଲରେ ସେ ନେଇ ଆସନ୍ତି ।" ବଡ଼ବାବୁ ଗମ୍ଭୀର ଲୋକ କିନ୍ତୁ ତଥାପି ସେ ଅତ୍ୟନ୍ତ

To read the complete magazine, Download it for FREE from www.aahwaan.com

ଭଦ୍ରତାର ସହ କହିଲେ, “ଠିକ୍ ଅଛି । ଆପଣ ଲେଟର ଟା ଡ୍ରାଫ୍ଟ୍ କରି ଦିଅନ୍ତୁ । ମୁଁ ଏବେ ଫ୍ୟାକ୍ସରେ ପଠେଇ ଦେବି ।”

ହୃଦାନନ୍ଦ ବାବୁ ନିଜ ଝିଅ ବିଷୟରେ ସବୁକିଛି ଲେଖି ପତ୍ରଟିଏ ଲେଖିଲେ ଆଉ ତାକୁ ଅଫିସର ବଡ଼ବାବୁ ଫ୍ୟାକ୍ସରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଦେଲେ । ଅଫିସରେ ଲାଗିଥିବା ଛୋଟ ଟିଭିକୁ ଚାହିଁ ବସିଥିଲେ ହୃଦାନନ୍ଦ ବାବୁ । ବଡ଼ବାବୁଙ୍କ ଶକ୍ତ ତାଗିଦ ଥିଲା ଯେ ସେ ଯେମିତି କୌଣସି କାମ ନ କରନ୍ତି ଆଜି । କିନ୍ତୁ ଅଫିସରେ ସମସ୍ତଙ୍କ ଟାହିଟାପରା ଚାଲିଥିଲା । କିଏ କହୁଥିଲା, ଅଧିକ ପଇସା ପାଇଁ ଲୋକମାନେ ନିଜ ପୁଅଝିଅଙ୍କୁ ଏତେ ଦୂରକୁ କାହିଁକି ପଠାନ୍ତି କେଜାଣି । ଆମ ଦେଶ ଭଳି କଣ ସବୁଦେଶ ହୋଇଛି କି ? କିଏ କହୁଥିଲା, ଝିଅକୁ ସ୍ୱାବଲମ୍ବୀ କରିବାପାଇଁ ଏମିତି ବିପଦସଂକୁଳ ଯାଗାକୁ ପଠାଇବା କଣ ଠିକ୍ ? କିଏ କଣ ସବୁ କହୁଥିଲେ, କିନ୍ତୁ ହୃଦାନନ୍ଦ ବାବୁଙ୍କ ଧ୍ୟାନ ଥିଲା ଟିଭି ଉପରେ । ଇରାକରେ ନିଖୋଜ ହୋଇଥିବା ଭାରତୀୟ ନର୍ସ ମାନଙ୍କ ବିଷୟରେ କୌଣସି ଖବର ନଥିଲା । ସେ ବିରକ୍ତ ଅନୁଭବ କରୁଥିଲେ ସୁଦ୍ଧା ଟିଭି ପରଦାରୁ ଆଖି ହଟେଇ ପାରୁନଥିଲେ । ଦିନସାରା ଟିଭି ସାମନାରେ ବସି ବସି ସେ କେବଳ ଗୋଟିଏ ଖବରକୁ ଅପେକ୍ଷା କରିଥାନ୍ତି । ଦ୍ୱିପହର ବେଳକୁ ଭାରି ଅସ୍ୱସ୍ତିକର ଅନୁଭବ ହେଲା । ଲାଗୁଥିଲା ସତେ ଯେମିତି କେହିଜଣେ ଛାତିଟାକୁ ମୋଟା ଦଉଡ଼ିରେ ବାନ୍ଧି ଦେଇଛି । ଆଉ ସେ ନିଶ୍ୱାସ ନେଇ ପାରୁ ନାହାନ୍ତି । ସେ ନିଜ ଛାତିକୁ ଜାବୁଡ଼ି ଧରି ସେଇଠି ଟେବୁଲ ଉପରେ ମୁଣ୍ଡ ଦେଇ ଶୋଇଗଲେ । ତାଙ୍କୁ ନିରେଖି ଦେଖୁଥିବା ଦାସ ବାବୁ ତୁରନ୍ତ ନିଜ ଚେୟାରରୁ ଉଠି ଆସି ଦେଖିଲା ବେଳକୁ ହୃଦାନନ୍ଦ ବାବୁଙ୍କ ଦେହରୁ ଗମ୍ ଗମ୍ ଝାଳ ବାହାରୁଛି ଆଉ

To read the complete magazine, Download it for FREE from www.aahwaan.com

ମୁହଁଟା ପୁରା ଲାଲ୍ ପଡ଼ିଯାଇଛି । ସେ ସାଙ୍ଗେ ସାଙ୍ଗେ ବଡ଼ବାବୁଙ୍କୁ ଖବର ଦେଲେ । ବଡ଼ବାବୁଙ୍କ ନିର୍ଦ୍ଦେଶରେ ନିକଟରେ ଥିବା ଏକ କ୍ଲିନିକକୁ ହୃଦାନନ୍ଦ ବାବୁଙ୍କୁ ନିଆଗଲା । ହୃଦାନନ୍ଦ ବାବୁ ନିଜ ଛାତିରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଥିବା ସତ୍ତ୍ୱେ କେବଳ ଗୋଟିଏ କଥା କହୁଥାନ୍ତି ମୋ ଘରକୁ କେହି ଫୋନ କରିବ ନାହିଁ ।

ଡାକ୍ତରଙ୍କ ତତ୍‌କ୍ଷଣାତ ହସ୍ତକ୍ଷେପ ଫଳରେ କିନ୍ତୁ ହୃଦାନନ୍ଦ ବାବୁଙ୍କ ଛାତିବଥାଟା ବନ୍ଦ ହୋଇଗଲା । ସେ ହିଁ କିଛି ବଟିକା ଦେଇ କହିଲେ ଯଦି ଆଉଥରେ ଏମିତି ହୁଏ ତ ଏଥିରୁ ଗୋଟିଏ ବଟିକା ନିଜ ଜିଭ ତଳେ ଦେଇଦେବେ । ଦେଖିବେ ତୁରନ୍ତ ଆରାମ ମିଳିଯିବ । ବ୍ଲଡ୍ ପ୍ରେସର୍ ଟିକେ ବଢ଼ିଯାଇଥିଲା ବୋଲି ଡାକ୍ତର ଔଷଧ ଦେଲେ ଆଉ କହିଲେ ଆପଣ ଆରାମ କରିବେ । ତାଙ୍କୁ ଚିକିତ୍ସା କରୁଥିବା ବେଳେ ଇଞ୍ଜେକ୍‌ସନ ଦେବାକୁ ଆସିଥିବା ନର୍ସକୁ ଦେଖି ମୋନୀ ବୋଲି କହି ସେ କାନ୍ଦି ପକାଇଲେ । ଡାକ୍ତରବାବୁ ସବୁ କଥା ସହକର୍ମୀଙ୍କ ପାଖରୁ ଶୁଣିବାପରେ କହିଲେ ଧୈର୍ଯ୍ୟ ରଖନ୍ତୁ କିଛି ଅସୁବିଧା ହେବନି । କାରଣ ଦୁନିଆରେ ସମସ୍ତେ ଡାକ୍ତର ଆଉ ନର୍ସ ମାନଙ୍କୁ ସମ୍ମାନ ଦିଅନ୍ତି । ତେଣୁ ଆପଣଙ୍କ ଝିଅ ଶୀଘ୍ର ଫେରିଆସିବ । ସେତେବେଳେ ହୃଦାନନ୍ଦ ବାବୁଙ୍କୁ ଡାକ୍ତରଙ୍କ ଚେହେରାରେ ଭଗବାନ ଦେଖାଯାଉଥିଲେ । ସେ ହାତଯୋଡ଼ି ଖାଲି ଏତିକି କହୁଥିଲେ, "ଆଜ୍ଞା, ଆଶୀର୍ବାଦ କରନ୍ତୁ । ଏଇ ହତଭାଗା ବାପର ଝିଅଟା ସୁରକ୍ଷିତ ଘରକୁ ଫେରିଆସୁ ।" ଡାକ୍ତର ବାବୁ ଇସିଜି ବାହାର କରିବାପରେ ସବୁକିଛି ଠିକ୍ ଅଛି ବୋଲି କହିଲେ ସୁଦ୍ଧା ନିର୍ଦ୍ଦେଶ ଦେଇଦେଲେ ଯେ ହୃଦାନନ୍ଦ ବାବୁ ଆଗାମୀ କିଛିଦିନ ପାଇଁ ଯଦି ବିଶ୍ରାମ କରନ୍ତି ତେବେ ଭଲ ।

To read the complete magazine, Download it for FREE from www.aahwaan.com

ସନ୍ଧ୍ୟା ହେବାକୁ ଆସିଲାଣି । ଅଫିସର ସମୟ ବି ଗଡ଼ିଯିବଣି । ସେ ଶୀଘ୍ର ଘରକୁ ନ ଗଲେ ନନ୍ଦିନୀ ଚିନ୍ତାରେ ଥିବା ବୋଲି ହୃଦାନନ୍ଦ ବାବୁ ଶୀଘ୍ର ଶୀଘ୍ର ଘରକୁ ବାହାରିଲେ । ସହକର୍ମୀଙ୍କ ବାରଣ ସତ୍ତ୍ୱେ ସେ ନିଜେ ଗାଡ଼ି ଚଳାଇ ଘରକୁ ଗଲେ । କହିଲେ, “ନା, ମୋତେ କେହି ଛାଡ଼ିବାକୁ ଆସିବେନି । ମୁଁ ଦୁର୍ବଳ ହୋଇଗଲେ ମୋ ପରିବାର ଭାସିଯିବ । ମୋ ସ୍ତ୍ରୀ ସମ୍ଭାଳି ପାରିବନି । ମୋତେ ଧୈର୍ଯ୍ୟ ଧରିବାକୁ ହେବ ହିଁ ହେବ ।” ଅନେକ ସମୟ ହୋଇଗଲାଣି । ଟିଭି ଦେଖିନାହାନ୍ତି କି କିଛି ଖବର ପାଇନାହାନ୍ତି । ତରତର ହୋଇ ଘରକୁ ଯାଉଥିଲେ । ମନେ ମନେ ଭାବୁଥିଲେ, “ନନ୍ଦିନୀକୁ କଣ କହିବି ? ସେ ନିଶ୍ଚୟ ପଚାରିବ, ତୁମେ କଣ କରିଲ ? କାହାକୁ ସାହାଯ୍ୟ ପାଇଁ କହିଲ କି ? ମୁଁ କଣ ଉତ୍ତର ଦେବି ?”

ଘରେ ପହଞ୍ଚିବା ବେଳକୁ ବୁଟୁ ଘର ସାମନାରେ ଠିଆ ହୋଇଥିଲା ସେ ଆସି ଗାଡ଼ିଟାକୁ ଧରିବାପରେ ହୃଦାନନ୍ଦ ବାବୁ ଘର ଭିତରକୁ ପଶିଗଲେ । ନନ୍ଦିନୀ ଶେଯରେ ଶୋଇଥାଆନ୍ତି । ହୃଦାନନ୍ଦ ବାବୁ ବେସିନରେ ନିଜ ମୁହଁଟାକୁ ଧୋଇଦେଇ ଦର୍ପଣରେ ନିଜକୁ ଦେଖୁଥାନ୍ତି । ତାଙ୍କୁ ଲାଗୁଥିଲା ସେ ବୁଢ଼ା ହୋଇଗଲେଣି । ସେ କେବେ ଏମିତି ଅନୁଭବ କରିନଥିଲେ । କେହି ତାଙ୍କୁ ବୁଢ଼ା ବୋଲି କହିଲେ ସେ ଚିଡ଼ି ଉଠୁଥିଲେ । ସବୁପ୍ରକାର ଚେଷ୍ଟା କରୁଥିଲେ ଯୁବକ ଭଳି ରହିବାପାଇଁ । ଦାମୀ ସ୍ନୋ ସେଣ୍ଟ୍ ପାଉଡ଼ର୍ ଆଣି ରଖୁଥିଲେ । ଆଜି କିନ୍ତୁ ନିଜ ମୁହଁକୁ ଦେଖିଲେ ସେ ନିରେଖୀ । ଧଳା ଦାଢ଼ୀ ଦେଖାଯାଉଥିଲା । ମୁହଁଟା ଅବଶ ଅବଶ ଲାଗୁଥିଲା । ଏତିକିବେଳେ ବୁଟୁ ଆସି କହିଲା, “ଜୋଇଁ, ରୋଷେଇଘରେ ଜଳଖିଆ ଆଣି ରଖିଦେଇଛି ଖାଇବ । ନାନୀକୁ ଖୁଆଇ ଦେଇଛି । ତମେ ଖାଇପକାଅ ।”

To read the complete magazine, Download it for FREE from www.aahwaan.com

ବୁଟୁ ଚାଲିଗଲାପରେ ପୁଣିଥରେ ଘରଟା ଖାଁ ଖାଁ ଲାଗିଲା । ଘର ଭିତରଟା ହୃଦାନନ୍ଦବାବୁଙ୍କୁ ଅଣନିଶ୍ୱାସୀ କରିଦେବା ଭଳି ମନେ ହେଲା । ଡାକ୍ତରବାବୁଙ୍କ କଥା ପୁଣି ମନେ ପଡ଼ିଲା । ଯଦି ଛାତି ଚିପିହେବାପରି ଲାଗେ ତ, ବଟିକାଟିଏ ଜିଭତଳେ ଦେଇଦେବେ । ସେ ପକେଟରୁ ବଟିକା ବାହାର କରୁଥିଲେ, କିନ୍ତୁ ସେଇ ସମୟରେ ନନ୍ଦିନୀ ଉଠି ଚାଲିଆସିବା ପରେ ସେ ପକେଟରେ ହିଁ ରଖିଦେଲେ । ନର୍ସ୍ ଜଣକ କହିଥିଲା, ସିଧା ହୋଇ ଶୋଇଯିବେ ଆଉ ଜୋର୍ ଜୋରରେ ନିଶ୍ୱାସ ନେଲେ ଭଲ ଲାଗିବ । ସେ ଯାଇ ଖଟରେ ଶୋଇପଡ଼ିଲେ ଆଉ ଜୋର ଜୋରରେ ଦୁଇ ତିନିଥର ନିଶ୍ୱାସ ନେଲେ । ସାମାନ୍ୟ ଭଲ ଲାଗିଲା । ଛାତକୁ ଚାହିଁଲେ । ଛାତରେ ମୋନୀର ମୁହଁଟା ଦିଶୁଥିଲା । ଏଇ କାଲି ଭଳି ଲାଗୁଛି, ମୋନୀ ଜନ୍ମହୋଇ ଆସିଥିଲା । ତାକୁ କୋଳେଇ କାଖେଇ ବଡ଼ କରିଥିଲେ । ଦେଖୁ ଦେଖୁ କେତେବେଳେ ସେ ଏତେ ବଡ଼ ହୋଇଗଲା ଯେ ଏବେ ବାପାମା'ଙ୍କୁ ଛାଡ଼ି ଦୂର ବିଦେଶରେ ଏକୁଟିଆ ରହିପାରୁଛି ? ଝିଅ ମୋର ବଡ଼ ହୋଇଯାଇଛି । ନା ତାକୁ କିଛି ହେବନି । ଏଇ ଧାରଣା ହୃଦାନନ୍ଦ ବାବୁଙ୍କ ମନରେ ଉଂକି ମାରିଲା । ସେ କହିଉଠିଲେ, "ନନ୍ଦିନୀ, ତମେ ଚିନ୍ତା କରନି । ଆମ ଝିଅକୁ କିଛି ହେବନି । ଆମ ମୋନୀ ଆଉ କଣ ସାନ ଝିଅଟିଏ ହୋଇଛି । ସେ ଦୁନିଆ ଦେଖିଲାଣି । ଭଲମନ୍ଦ ସବୁ ବୁଝିଲାଣି । ଦେଖିବ ଥାଅ, ସେ କେମିତି ହସି ହସି ଆମ ପାଖକୁ ଫେରି ଆସିବ ।"

କବାଟ ପାଖରେ ଠିଆ ହୋଇ ନନ୍ଦିନୀ ହୃଦାନନ୍ଦ ବାବୁଙ୍କୁ ଚାହିଁଥିଲେ । କହିଲେ, "ତୁମେ ବୁଢ଼ା ହେଇଗଲ ।" ହୃଦାନନ୍ଦ ବାବୁଙ୍କୁ ଏଇ କଥା ପଦକ କେବେ ବି ପସନ୍ଦ ହେଉନଥିଲେ ସୁଦ୍ଧା ଆଜି କାହିଁକି କେଜାଣି ସେ କିଛି କହିଲେ ନାହିଁ । ଶେଯରୁ ଉଠି

To read the complete magazine, Download it for FREE from www.aahwaan.com

ପୁଣିଥରେ ଟିଭି ସାମନାରେ ବସିଲେ । ନନ୍ଦିନୀ ରୋଷେଇଘରୁ ଗୋଟିଏ ଗିନାରେ କିଛି ଖାଇବା ଜିନିଷ ନେଇ ଆସିଲେ । ଗଳାରେ ତ ସେ ସବୁ ଯିବନି, କିନ୍ତୁ ସେ ଦିନସାରା କିଛି ଖାଇନାହାନ୍ତି ବୋଲି କହିଲେ ନନ୍ଦିନୀ ପୁଣି ବିରକ୍ତ ହେବେ । ତେଣୁ ସେ ସେଇଥିରୁ କିଛି ତୁଣ୍ଡରେ ଦେଉଥିବା ବେଳେ ଟିଭିରେ ଖବର ଆସିଲା, ଇରାକରେ ଅପହୃତ ସମସ୍ତ ଭାରତୀୟ ନର୍ସଙ୍କ କୌଣସି ଖବର ମିଳୁନାହିଁ । ଏହା ଦେଖୁ ଦେଖୁ ହୃଦାନନ୍ଦ ବାବୁଙ୍କ ଆଖିରେ ଧାରେ ଲୁହ ଅମାନିଆ ହୋଇ ବହିଗଲେ । ହାତରେ ଧରିଥିବା ଖାରାଟି ଗିନାରେ ଥୋଇଦେଇ ସେ ନିଜ ଆଖିର ଲୁହକୁ ଲୁଚେଇବାର ପ୍ରୟାସ କରିଲେ । ନନ୍ଦିନୀ ହୃଦାନନ୍ଦ ବାବୁଙ୍କୁ ଚାହିଁଲେ । ହୃଦାନନ୍ଦ ବାବୁ ନିଜ ଆଖିରେ କିଛି ପଡ଼ିଗଲା ପରି ଅଭିନୟ କରି ଲୁହ ପୋଛି ଦେଉଥିବା ବେଳେ ନନ୍ଦିନୀ କହିଲେ, "ତୁମେ ଏତେ ଧୈର୍ଯ୍ୟ କେଉଁଠୁ ପାଉଛ ? ମୁଁ ତ ଲାଗୁଛି ଆଉ ପାରିବିନି । ମୋନୀକୁ ନ ଦେଖିଲେ ମୁଁ ମରିଯିବି । ନା ମୁଁ ଆଉ ରହିପାରିବିନି ।"

ହୃଦାନନ୍ଦ ବାବୁ ଧୈର୍ଯ୍ୟ ଦେବାକୁ ଯାଇ କହୁଛନ୍ତି, "ଆଜି ଆମ ବଡ଼ବାବୁଙ୍କ ଦ୍ୱାରା ମୁଁ ବିଦେଶ ମନ୍ତ୍ରାଳୟକୁ ଚିଠି ଦେଇଛି । ସେମାନେ ନିଶ୍ଚୟ ଏହି ମାମଲାରେ କିଛି ସାହାଯ୍ୟ କରିବେ । ଦେଖିବ ରୁହ ଆମ ମୋନୀ ଶୀଘ୍ର ଫେରି ଆସିବ ।" କହୁଥିଲେ ସତ କିନ୍ତୁ ମନରେ ଅନେକ ଜୁଆର ଆସୁଥିଲା, ଯାହା ତାଙ୍କର ଭାବନାକୁ ଖିନଭିନ୍ କରିଦେଉଥିଲେ । ତଥାପି ନିଜ ମନକୁ ଦୃଢ଼ କରି ସେ କହୁଥିଲେ, "ମୋ ମୋନୀକୁ କିଛି ହେବନି । ସେ ମୋ ଝିଅ । କେବେ ବି ସେ ଧୈର୍ଯ୍ୟହରା ହେବନି । ନିଶ୍ଚୟ ଫେରିଆସିବ ।"

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଏଇ ସମୟରେ ଫୋନଟା ବାଜି ଉଠିଲା । ଦୁଇପ୍ରାଣୀ ଫୋନକୁ ଚାହିଁ ରହିଛନ୍ତି । ନନ୍ଦିନୀ କହିଲେ, "ମୋ ମୋନୀ ଫୋନ କରିଛି ।" ହୃଦାନନ୍ଦ ବାବୁ ଫୋନ ଉଠାଇ ଦେଖିଲେ, ଅଜଣା ନମ୍ବରରୁ ଫୋନ ଆସିଥିଲା । ଫୋନ ସେପାଖରୁ କେହି ଜଣେ କହୁଥିଲେ, "ଆମେ ବିଦେଶ ମନ୍ତ୍ରାଳୟରୁ କହୁଛୁ । ଆପଣଙ୍କ ପତ୍ର ଆମକୁ ମିଳିଛି । ଯେତେଶୀଘ୍ର ଆମକୁ କିଛି ଖବର ମିଳିବ ଆମେ ଆପଣଙ୍କୁ ଜଣାଇବୁ । ଆପଣ ଧୈର୍ଯ୍ୟ ରଖନ୍ତୁ, ଭାରତ ସରକାର ଆପଣଙ୍କ ସହ ଅଛନ୍ତି ।" ଏହା ଶୁଣିବାପରେ ହୃଦାନନ୍ଦ ବାବୁଙ୍କୁ ସାମାନ୍ୟ ଅଧିକ ଧୈର୍ଯ୍ୟ ଲାଗିଲା । ସେ ଭାବୁଥିଲେ ଏବେ ମୋନୀ ଆଉ ଏକା ନାହିଁ । ଆମ ସରକାର ନିଶ୍ଚୟ କିଛି କରିବେ । ନନ୍ଦିନୀ ଏହା ଶୁଣିବାପରେ ଉଠି ବସିପଡ଼ିଲେ । ଆଉ ଆଶା ଓ ଆଶଂକାର ମିଶ୍ରଣର ଗୋଟିଏ ଦୃଷ୍ଟିରେ ହୃଦାନନ୍ଦ ବାବୁଙ୍କୁ ଚାହିଁଲେ । ହୃଦାନନ୍ଦ ବାବୁ ଟିଭି ପରଦାକୁ ଚାହୁଁଥାନ୍ତି ।

ଫୋନ ଆସିବାର ଅନେକ ସମୟ ହୋଇଗଲାଣି, କିନ୍ତୁ ଟିଭିରେ ସେଇ ଏକା ଖବର ଦେଉଛି । ଅପହୃତ ସମସ୍ତ ଭାରତୀୟଙ୍କ ଖବର ମିଳୁନି । ନନ୍ଦିନୀ ଅସହାୟାଙ୍କ ପରି ପଡ଼ି ରହିଛନ୍ତି । ହୃଦାନନ୍ଦଙ୍କ ଛାତିରେ ପୁଣିଥରେ ବ୍ୟଥା ଆରମ୍ଭ ହୋଇଛି କିନ୍ତୁ ନନ୍ଦିନୀଙ୍କୁ ସେ ଭୟ ଦେବାକୁ ଚାହୁଁନାହାନ୍ତି, ତେଣୁ ନିରବରେ ସେଠି ବସିଛନ୍ତି । ମୁହଁଟା ଲାଲ ପଡ଼ି ଆସିଲାଣି । ମୁଣ୍ଡରୁ ଟପ୍ ଟପ୍ ଝାଳ ବହୁଛି । ଡାକ୍ତର କହିଥିଲେ, ଛାତିରେ ବ୍ୟଥା ହେଉ ହେଉ ବଟିକା ଖାଇଦେବେ । ତେଣୁ ସେ ଉଠି ଶୋଇବା ଘରକୁ ଗଲେ । ନନ୍ଦିନୀଙ୍କୁ ଚାହିଁ କହିଲେ, କପ୍‌ଟିଏ ଚା' କରିଦେବ ? ଦୁଇଦିନ ହେବ ଘରେ ଖାଇବା ପିଇବା ଠିକଠିକଣା ନାହିଁ । ନନ୍ଦିନୀ ନିଜକୁ ସଜାଡ଼ି ରୋଷେଇ ଘରକୁ ଯିବା ଭିତରେ ହୃଦାନନ୍ଦ ବାବୁ ନିଜ

To read the complete magazine, Download it for FREE from www.aahwaan.com

ପକେଟରୁ ବାହାର କରି ବଟିକାଟିଏ ଜିଭତଳେ ଦେଇ ବସିଲେ । ତଥାପି ଭଲ ଲାଗୁନି ବୋଲି, ସେଇ ଟିଭି ସାମ୍ନାରେ ତକିଆଟିଏ ଦେଇ ତଳେ ଗଡ଼ିପଡ଼ିଲେ । ନନ୍ଦିନୀଦେବୀ ରୋଷେଇଘରୁ ଫେରି କହୁଥିଲେ, "ତଳଟା ମଇଳା ଥିବ । ଦୁଇଦିନ ହେବ ଛାଞ୍ଚୁଣୀ ବାଜିନି, କାହିଁକି ଗଡ଼ିଲ ?" ହୃଦାନନ୍ଦବାବୁ କହିଲେ, "ଭଲ ଲାଗୁଛି ।" ଚା' କପଟିକୁ ପାଟିରେ ଦେଉ ଦେଉ ଜାଣିଲେ ସେଥିରେ ଆଜି କିଛି ବି ଭଲ ଲାଗୁନି । ସବୁବେଳେ ସୁନ୍ଦର ଚା' କରୁଥିବା ନନ୍ଦିନୀର ଆଜି ବୋଧହୁଏ ଚା' କରିବାର ମନ ନଥିଲା । ଚିନି ବି ନାହିଁ, କ୍ଷୀର ବି ନାହିଁ । ଚା' ଟା ଗରମ ନୁହେଁ, ଥଣ୍ଡା ହୋଇଛି । ସେ ଦୁଇତିନି ଥର ତୁଣ୍ଡରେ ଲଗାଇବା ପରେ ଥୋଇଦେଲେ । ପୁଣି ତଳେ ଗଡ଼ି ପଡ଼ିଲେ ।

ଟିଭିରେ ସାମ୍ବାଦିକମାନେ ସେଇ ଏକା ଉଚ୍ଚ ସ୍ୱରରେ ଚିତ୍କାର କରି ଖବର ଦେଉଥାନ୍ତି । ସୋଫା ଉପରେ ନନ୍ଦିନୀ ବସି ଟିଭିକୁ ଚାହିଁଥାନ୍ତି । ହୃଦାନନ୍ଦବାବୁ କେତେବେଳେ ଶୋଇଗଲେ ଜାଣିପାରିଲେ ନାହିଁ । ନିଦ ଭାଙ୍ଗିଲା ବେଳକୁ ମଧ୍ୟରାତ୍ରୀ । ନନ୍ଦିନୀ ସୋଫାରେ ଶୋଇଛନ୍ତି । ଟିଭିରେ ଖବର ଚାଲିଛି । ସେ ଦେଖୁଛନ୍ତି, ଭାରତର ଅପହୃତ ସମସ୍ତ କର୍ମଚାରୀ ମୁକ୍ତ ବୋଲି ଦେଖାଉଛି । ସେ ଅନ୍ୟ ନ୍ୟୁଜ୍ ଚ୍ୟାନେଲ୍ ଲଗାଇ ଦେଖୁଛନ୍ତି ସେଇ ଏକା ଖବର । ଟିଭିରେ ଦେଖାଉଛି ଯେ ଯେଉଁମାନେ ସବୁ ଅପହରଣ ହୋଇଥିଲେ ସେମାନଙ୍କୁ ଆଇଏସ୍ ସଂଗଠନ ତରଫରୁ ମୁକ୍ତ କରିଦିଆଯାଇଛି ଏବଂ ସେମାନେ ଭାରତ ଫେରୁଛନ୍ତି । ଖୁବ୍ ଶୀଘ୍ର ଭାରତରୁ ସରକାରଙ୍କ ଦ୍ୱାରା ବିମାନ ପଠାଯାଇ ସେମାନଙ୍କୁ ଅଣାଯିବ । ସେ ଖୁସିରେ ନନ୍ଦିନୀଙ୍କୁ ନିଦରୁ ଉଠାଇବାକୁ ଚେଷ୍ଟା କରୁଛନ୍ତି, ଏହି ସମୟରେ ଫୋନ ବାଜିଉଠିଲା, ସେ ହାତ ବଢ଼ାଇ ଫୋନକୁ ଧରିବାକୁ ଚେଷ୍ଟା କରିବା

To read the complete magazine, Download it for FREE from www.aahwaan.com

ବେଳେ ବିଫଳ ହେଲେ ଆଉ ଆଖି ଖୋଲିଦେଖିବା ବେଳକୁ ସେ ସେଇଠି ସେମିତି ଅଛନ୍ତି । ନନ୍ଦିନୀ ବସି ଟିଭି ଦେଖୁଛନ୍ତି । ହୃଦାନନ୍ଦଙ୍କୁ କାନ୍ଦ ଲାଗୁଛି । ସେ ସ୍ୱପ୍ନ ଦେଖୁଥିଲେ ? ନନ୍ଦିନୀ କହିଲେ କଣ ନିଦରେ ଗୁଣୁଗୁଣୁ ହେଉଥିଲ । ସେ ପାଖରେ ଥୁଆ ହୋଇଥିବା ଫୋନଟା ହୃଦାନନ୍ଦ ବାବୁଙ୍କୁ ବଢ଼ାଇ ଦେଉ ଦେଉ କହୁଛନ୍ତି ।

ହୃଦାନନ୍ଦ ବାବୁ ଫୋନକୁ କାନରେ ଦେଇ କିଛି ସମୟ ନିରବରେ ଶୁଣିବାପରେ ମୋନୀ ମୋନୀ କହି କାନ୍ଦି ପକାଇଲେ । ନନ୍ଦିନୀ ଦେବୀ ହଠାତ୍ କିଛି ବୁଝିପାରିଲେ ନାହିଁ, ସେ ହୃଦାନନ୍ଦ ବାବୁଙ୍କ ହାତରୁ ମୋବାଇଲ୍ ନେଇ ନିଜେ ଶୁଣିବା ପରେ ମଧ୍ୟ କାନ୍ଦିପକାଇଲେ । ମୋନୀ ଫୋନ୍ କରିଥିଲା । ସେମାନେ ଏବେ ମୁକ୍ତ । ସେମାନେ ସବୁ ଭାରତୀୟ ସରକାରୀ ଦୁତାବାସରେ ଅଛନ୍ତି । ଆଉ କିଛି ସମୟ ପରେ ସେମାନଙ୍କୁ ବିମାନଯୋଗେ ଭାରତ ପଠାଇ ଦିଆଯିବ । ହୃଦାନନ୍ଦ ବାବୁଙ୍କ ଛାତି ଭିତରଟା ବହୁତ ହାଲୁକା ଲାଗୁଥିଲା । ନନ୍ଦିନୀ ଦେବୀ କାନ୍ଦି ପକାଇଲେ । ନନ୍ଦିନୀ ଦେବୀ ହୃଦାନନ୍ଦ ବାବୁଙ୍କୁ ଧରି କାନ୍ଦି ପକାଉ ପକାଉ କହିଲେ, "ଯାଅ । ଟିକେ ଶୋଇପଡ଼ । ତୁମେ ଦୁଇଦିନ ହେବ ଜମା ଶୋଇନ ।" ହୃଦାନନ୍ଦ ବାବୁ ନନ୍ଦିନୀଙ୍କୁ ଟିକେ ଚାହିଁଲେ ଆଉ କହିଲେ, "ନା, ତୁମେ ଯାଇ ଶୋଇପଡ଼ । ଏବେ ମୋ ଝିଅ ଘରକୁ ଆସିଲେ ହିଁ ମୋତେ ନିଦ ହେବ ।" ସେ ପୋଷାକପତ୍ର ପିନ୍ଧିବା ଦେଖି ନନ୍ଦିନୀ ଦେବୀ ପଚାରୁଥିଲେ, "ଏତେ ରାତିରେ କୁଆଡ଼େ ବେଶପୋଷାକ ହେଇ ବାହାରିଲଣି ?"

ହୃଦାନନ୍ଦ ବାବୁ ମୁରୁକି ହସାଟିଏ ଦେଇ କହିଲେ, "ଯାଉଛି, ମୋ ଝିଅକୁ ଧରି ଆସିବି ।" ଗାଡ଼ି ବାହାର କରି ବିମାନବନ୍ଦର ଆଡ଼କୁ ଯିବେ ବୋଲି ବାହାରୁଥିଲେ

To read the complete magazine, Download it for FREE from www.aahwaan.com

ହୃଦାନନ୍ଦବାବୁ । ତାଙ୍କୁ ଦେଖି ନନ୍ଦିନୀ ଦେବୀ କହୁଥିଲେ, "ଆଜି ସନ୍ଧ୍ୟାରେ ତୁମେ ବୁଢ଼ା ହୋଇଯାଇଥିଲ ଯେ ? ଝିଅ କଣ ଏବେ ଆସିବ ? ଝିଅ ଆସୁ ଆସୁ କାଲି ସକାଳ ହେଇଯିବ ।" ହୃଦାନନ୍ଦ ବାବୁ କହିଲେ, "କାଲି ସକାଳ ହେଉ କି ସନ୍ଧ୍ୟା, ମୋ ଝିଅ ଆସିଲେ ହିଁ ମୁଁ ଆସିବି । ଆଉ ଶୁଣ ମୁଁ କେବେ ବି ବୁଢ଼ା ନଥିଲି କି ହେବିନି । କାରଣ ବାପାମାନେ ବୁଢ଼ା ହୁଅନ୍ତି ନାହିଁ ।" ସେ ଗାଡ଼ି ଛୁଟାଇ ତୀବ୍ର ବେଗରେ ବିମାନବନ୍ଦର ଆଡ଼କୁ ଛୁଟି ଯାଉଥିଲେ ।

ବୀମା ନଗର, ଦ୍ୱିତୀୟ ଗଳି
ଆମ୍ବପୁଆ ମୁଖ୍ୟ ରାସ୍ତା
ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା
ଭ୍ରାମ୍ୟଭାଷ : ୯୦୪୦୯୮୫୪୬୩

To read the complete magazine, Download it for FREE from www.aahwaan.com

# ଆଶାର ଆଲୋକ



ସରସୀ ଆଚାର୍ଯ୍ୟ

ଶୀତଦିନ, ରାତି ପ୍ରାୟ ବାରଟା ପରିଶ ହେବ ଫୋନ୍ ରିଙ୍ଗ ହେଲା । ଫୋନ୍‌ଟି ଭାଇବ୍ରେସନ୍‌ରେ ଥିବାରୁ ତକିଆ ସହ ଦେବାନନ୍ଦ ବାବୁଙ୍କ କମ୍ବଳ ବି ଥରି ଉଠିଲା । ବୁଝିବା ବାକି ନଥିଲା ଫୋନ୍‌ଟି କିଏ କରିଥିବ, କାରଣ ତାଙ୍କ ଝିଅ ରିନିର ଏଇଟା ଫୋନ୍ କରିବାର ସମୟ । ବିଦେଶରେ ଏବେ ଯେ ଦିନ ହେଇଥିବ, ବୋଧ ହୁଏ ମଧ୍ୟାହ୍ନ... । ଚିରାଚରିତ ଢଙ୍ଗରେ ଫୋନ୍ ରିସିଭ୍ କରି କଥାହେଲେ । ହେଲେ ଏଥର ଭଲମନ୍ଦ କଥା ସହ ଥିଲା ଆଉ ଏକ ଖୁସି ଖବର । ଆଉ ପାଞ୍ଚଦିନପରେ ରିନି ଓଡ଼ିଶା ଫେରିବ ସବୁଦିନ ପାଇଁ । ଏତେ ବଡ଼ ଖୁସି ଖବରଟେ ଶୁଣି ବାବୁଙ୍କୁ ଆଉ ନିଦ ହେଲାନି । ଉଠିଯାଇ ପଢ଼ା ଟେବୁଲ ପାଖେ ବସିଲେ । ନୋଟ ବୁକ୍‌ଟିଏ ଆଣି ଲିଷ୍ଟ କରିବାରେ ଲାଗି ପଡ଼ିଲେ । ଏତେ ବର୍ଷପରେ ଝିଅ ତାଙ୍କର ଘରକୁ ଫେରିବ ସେଥିପାଇଁ କେତେ କଣ ପ୍ରସ୍ତୁତି କରିବାକୁ ପଡ଼ିବ ଯେ । ଆଗ ଘର ସଫାସଫି ହେବ । ଏକୁଟିଆ ରହୁଛନ୍ତି ବୋଲି ବିଶେଷ ଯତ୍ନ ନେଇ ପାରନ୍ତିନି ଘରଟିର । ଝଡ଼ାପୋଛା କରିବାକୁ ମାଳ ଆସେ ଯେ ହେଲେ, କଣ କେତେ କାମ

To read the complete magazine, Download it for FREE from www.aahwaan.com

କରେ ସେ ଏତେ ଧ୍ୟାନ ଦିଅନ୍ତିନି । ସଜ ଫୁଲ କିଛି ଆସି ଘର ସଜା ହେବ, ରିନିକୁ ଫୁଲ ବହୁତ ପସନ୍ଦ । ପାଖ ଗାଁରୁ ଦେଶୀ ମାଛ, ଚିଙ୍ଗୁଡ଼ି ଟିକେ ମଗାଯିବ । ବଗିଚାର ଦୋଳିଟି ଛିଡ଼ି ଯାଇଛି, ମରାମତି କରିବାକୁ ହେବ । ରିନିକୁ ବଗିଚାରେ ଦୋଳିରେ ବସି ଚା' ପିଇବାକୁ ଭଲଲାଗେ... । ଏମିତି କେତେ କ'ଣ ଲେଖିଗଲେ ସେ ତାଲିକାରେ ।

ହଠାତ ଗମ୍ଭୀର ଦିଶିଲା ତାଙ୍କ ମୁହଁ, ରିନିର ମୁହଁଟା ଭାସି ଆସିଲା ତାଙ୍କ ଆଖି ଆଗରେ । ରିନି ତାଙ୍କ ଝିଅ ନହେଲେ ବି ଝିଅଠୁ ବଳି । ଜୀବନରେ ଏକା ଏକା ଗୋଟେ ପିଲାକୁ ପାଳିବା କେତେ କଷ୍ଟ, ଅଙ୍ଗେ ନିଭେଇଛନ୍ତି ସେ । ସ୍ତ୍ରୀ ନାହିଁ । ଏ ଛୁଆଟି ପାଇଁ ବାହା ହେଇ ନାହାନ୍ତି ସେ । କେଜାଣି ତାଙ୍କ ସ୍ତ୍ରୀ ୟା'କୁ ନିଜ ଝିଅ ପରି ପାଳିଥାନ୍ତା କି ନା । ଭାବୁ ଭାବୁ ସେ ଚାଲି ଯାଉଥିଲେ ତିରିଶ ବର୍ଷ ତଳକୁ । ଆଜି ପ୍ରାୟ ତିରିଶ ବର୍ଷ ପରେ ଦେବାନନ୍ଦ ବାବୁଙ୍କ ମାନସ ପଟକୁ ଜବରଦସ୍ତି ପଶିଆସୁଛି ଅତୀତର ସେଇ ଅଭୁଲା ଘଟଣା ଯାହାକୁ ସେ ଯେତେ ଚେଷ୍ଟା କଲେ ମଧ୍ୟ ଆଦୌ ଭୁଲି ପାରୁନାହାନ୍ତି କିମ୍ବା ଭୁଲିବାକୁ ଚାହୁଁ ନାହାନ୍ତି । ରିନିକୁ ବି ସେ ବାରମ୍ବାର ମନେ ପକେଇ ଦିଅନ୍ତି ଏ ଘଟଣାଟି । ଲୁଚେଇ ନାହାନ୍ତି ସେ କିଛି ବି ରିନି ପାଖରେ ।

ସୁଦୂର ରାୟଗଡ଼ାର ପାହାଡ଼ ସବୁଜିମା ଘେରା ଆଦିବାସୀ ଇଲାକାଟିଏ । ଛୋଟ ଛୋଟ ପଡ଼ା ସବୁ, ଝାଟିମାଟି କାନ୍ଥକୁ ନୁଆଁଣିଆ ଚାଳ ଛପର ଘର । ମାଟି କାଦୁଅ ପଚପଚ ରାସ୍ତା, ଯିବା ଆସିବାର ବିଶେଷ ସୁବିଧା ନାହିଁ କହିଲେ ଚଳେ । ସେଇ ନିପଟ ମଫସଲ ଅପନ୍ତରାରେ ସେ ଥାଆନ୍ତି ଡାକ୍ତର ହେଇ । ନାଁ'କୁ ମାତ୍ର ଡାକ୍ତର, କାରଣ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ କେହି ଆସନ୍ତିନି । ଲୋକେ ସବୁ ଅନ୍ଧବିଶ୍ୱାସରେ ବୁଡ଼ି ରହି ଝଡ଼ା ଫୁଙ୍କା, ଓଝା ବଇଦ ପାଖକୁ ଯିବେ । ଭଲ ତ ହେବେନି, ଓଲଟା ଦହଗଂଜ ହେଇ ମରିବେ । ସେଥିପାଇଁ

To read the complete magazine, Download it for FREE from www.aahwaan.com

ଦେବାନନ୍ଦ ବାବୁ ଅବିରତ ଚେଷ୍ଟା କରୁଥାନ୍ତି ଲୋକଙ୍କୁ ସଚେତନ କରିବା ପାଇଁ । ହେଲେ ଖୁବ୍ କମ ଲୋକ ବୁଝିପାରନ୍ତି ତାଙ୍କ କଥାର ମର୍ମ । ସାଙ୍ଗରେ ଥାଏ କମ୍ପାଉଣ୍ଡର୍ ନିଧିଆ । ସେଦିନ ସଂଧ୍ୟାରେ ରୁମ୍ ବାହାରେ ବାବୁ ନିଧିଆ ସହ ବସିଥାନ୍ତି, ଦିନସାରା ଚାଲି ଚାଲି ଅନେକ ବାଟ ବାହାରି ଯାଇଥିଲେ । ଚା' କପେ ଧରି ଥକ୍କା ମେଣ୍ଟଉ ଥିଲେ । ସେତିକି ବେଳେ ଗୁରେଇ ଆସି ଡାକିଲା, ବାବୁ ! ବାବୁ !

ଗୁରେଇ, ତାଙ୍କ ଡାକ୍ତରଖାନା ଓଳାଓଳି କରେ, ବାବୁଙ୍କ ବୋଲହାକ ଶୁଣେ, ଅଗଣାରେ ଥିବା ଛୋଟ ବଗିଚାଟିର ଯତ୍ନ ନିଏ.. । ନିଧିଆଠୁ ଶୁଣିଥିଲେ ଗୁରେଇ ଯାହାକୁ ପ୍ରେମ କରୁଥିଲା ସେ ପିଲାଟି ଯାକୁ ଛାଡ଼ି ସହରକୁ ଚାଲିଗଲା । ହେଲେ ସେତେବେଳକୁ ଗୁରେଇ ଦୁଇ ମାସର ଗର୍ଭବତୀ । ଗାଁ ଲୋକଙ୍କ ଛି'ଛାକରକୁ ନିଘା ନକରି ସେ ପଡ଼ାରୁ ଚାଲିଆସିଲା, ଏଇ ଡାକ୍ତରଖାନା ପାଖ ବସ୍ତିକୁ । ସେବେଠୁ ସେ ଡାକ୍ତରଖାନାକୁ ନିଜ ଘର ମଣିନେଲା । ହେଲେ ଏ ଅବେଳରେ ଗୁରେଇ ଏଠି କଣ ପାଇଁ ? ? ? ସେ ଭୁଲି ଯାଇଥିଲେ ଏ ଘଟଣାକୁ ପ୍ରାୟ ସାତ ମାସ ବିତି ଗଲାଣି ।

କେଇ ମୁହୂର୍ତ୍ତରେ ତାଙ୍କର ଜାଣିବା ବାକି ରହିଲାନି ଯେ ଗୁରେଇ ଏବେ ଗର୍ଭ ଯନ୍ତ୍ରଣାରେ ଜର୍ଜରିତା । କେଉଁ କ୍ଷଣି ନବଜାତ ଶିଶୁଟି ଏଇ ସୁନ୍ଦର ଦୁନିଆର ଆଲୋକ ଦେଖିବ.. । ଦେବାନନ୍ଦବାବୁ ନିଧିଆକୁ କହି ସବୁ ବ୍ୟବସ୍ଥା କରି ଦେଲେ । ହେଲେ ଗୁରେଇ ଏ ବେଳରେ ଠାକୁରଙ୍କୁ ନ ଡାକି ଖାଲି ଗୋଟିଏ କଥା କହୁଥାଏ, "ବାବୁ ଯଦି ମୋର କିଛି ହେଇଯାଏ ତା'ହେଲେ ଆପଣ ଏ ପିଲାଟିକୁ ନିଘା ରଖିବେ... ।"

ସଂଧ୍ୟା ଯାଇ ରାତି ନ'ଅଟା ହେଲା । ତଥାପି ଗୁରେଇର କଷ୍ଟ ଲାଘବ ହେଉ ନଥାଏ । ଦେବାନନ୍ଦ ବାବୁ ସହରକୁ ଖବର ଦେଲେ । ଏ ଅପନ୍ତରା ଅଞ୍ଚଳରେ ଏଇ

To read the complete magazine, Download it for FREE from www.aahwaan.com

ଛୋଟିଆ ସ୍ୱାସ୍ଥ୍ୟକେନ୍ଦ୍ରଟିରେ ଗୁରେଇର ଅବସ୍ଥା ସମୟକୁ ସମୟ ଅସମ୍ଭାଳ ହେଉଥାଏ । ମା'ଲୋ.... ମରିଗଲି ଲୋ... ମରିଗଲି ଲୋ... ରଡ଼ିରେ ଶୁନ୍ ଶାନ୍ ଜାଗାଟି ପ୍ରକମ୍ପିତ ହେଉଥାଏ । ହଠାତ ସବୁ ଠପ୍ ହେଇଗଲା । କିଛି ସମୟର ନିରବତାକୁ ଚିରି ନବଜାତ କନ୍ୟାଟିଏ ତା କୁଆଁ କୁଆଁ ଡାକରେ ଆହ୍ଲାଦିତ କରିଦେଲା । ହେଲେ ହାୟ ହତଭାଗିନୀ ଗୁରେଇଟା ସବୁଦିନ ପାଇଁ ଆଖି ବୁଜିଦେଲା ।

କଅଁଳା ଛୁଆଟିକୁ ହାତରେ ଧରି ବଡ଼ ବିଷମ ପରିସ୍ଥିତିରେ ପଡ଼ିଗଲେ ଦେବାନନ୍ଦ ବାବୁ । ପରଦିନ କନ୍ୟାରତ୍ନଟିକୁ ସାଙ୍ଗରେ ଧରି ଫେରିଆସିଲେ ନିଜ ସହରକୁ । ଘରେ ଏକା ତାଙ୍କ ମା' । ବାପା ତାଙ୍କୁ ଛାଡ଼ି ଯାଇଛନ୍ତି ଅନେକ ଦିନୁ । ଛୁଆଟିକୁ ଦେଖି ମା'ତାଙ୍କର ଚକିତ ହେଲେ । ସତ କହିଲେ ବି ବିଶ୍ୱାସ କଲେନି । ଆଶା ଥିଲା ଛୁଆକୁ ମା ପାଖେ ଛାଡ଼ି ସେ ପୁଣି ନିଜ ଚାକିରୀ ଜାଗାକୁ ଫେରିଯିବେ । ହେଲେ ଏଠି ସବୁ ଓଲଟ ପାଲଟ ହେଇଗଲା । ମା ଏମିତି ଗୋଟେ କଥାକୁ ଅନ୍ୟ ଅର୍ଥରେ ନେଇ ସହି ପାରିଲେନି, ରାତିରେ ଶୋଇଲେ ଯେ ଆଉ ଉଠିଲେନି । ଶେଷରେ ଦେବାନନ୍ଦବାବୁ ଚାକିରୀ ଛାଡ଼ି ସହରରେ ଗୋଟିଏ କ୍ଲିନିକ ଖୋଲିଲେ । ସ୍ଥିର କଲେ ବିବାହ କରିବେନି, ଏକା ଏକା ପାଳିବେ ତାଙ୍କ ଝିଅକୁ । ଉଭୟ ବାପାମା'ର ସ୍ନେହ ଶ୍ରଦ୍ଧା ତାକୁ ଦେଇଛନ୍ତି । ହେଲେ ଲୁଚେଇ ନାହାନ୍ତି ତା ପାଖେ ତା' ମା'ର ସଂଘର୍ଷର ଗାଥା । ଏବେ ଝିଅ ତାଙ୍କର ବିଦେଶରୁ ଡାକ୍ତରୀ ପାଠ ସାରି ଫେରିଆସିବ ଆଉ ପାଞ୍ଚଦିନ ପରେ । ଦେବାନନ୍ଦ ବାବୁଙ୍କ ସ୍ୱପ୍ନକୁ ସାକାର କରିବ । ସେଇ ମଫସଲରେ ଭଲ ଡାକ୍ତରଖାନାଟିଏ କରିବ । ଯେଉଁଠି ସେ କାହାକୁ ବି ମରିବାକୁ ଦବନି ତା' ମା ପରି ।

ଖଣ୍ଡଗିରି, ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

# ପଞ୍ଚାବନ ଟଙ୍କା ପଚାଶ ପଇସା



ପରମିତା ମିଶ୍ର

ବହୁତ ଦୌଡ଼ାଦୌଡ଼ି କଲା ପରେ ବଡ଼ କଷ୍ଟରେ ଚାକିରୀଟିଏ ମିଳିଲା, ମୋର ସବୁ ସାଙ୍ଗସାଥୀମାନେ ଚାକିରୀବାକିରୀ ପାଇଗଲେଣି ଆଉ କେତେ ତ ବାହାସାହା ହୋଇ ଘର ସଂସାର ବି କଲେଣି । ଆଉ ମୁଁ, ଏବେ ଯାଏଁ ବାପା ପଇସାକୁ ହାତ ପତେଇ ବସିଥିଲି । ଖୁସି ଠୁ ବେଶି ଶାନ୍ତି ଲାଗୁଥିଲା । ବାପା ନ କହିଲେ ବି ବୋଧେ ମନରେ ଖୁସିଥିବେ । ରାସ୍ତାରେ ତ କେହି ନା କେହି କଟା ଘା'ରେ ଚୁନା ମାରିଲା ପରି ତାଙ୍କୁ ପଚାରି ଦେଉଥିଲେ, "କ'ଣ ମିଶ୍ରବାବୁ ପୁଅ କୋଉଥିରେ ଲାଗିଲାଣି ?" କୋଉ ବାପାକୁ ଭଲ ଲାଗିବ ଯେ ତାର ଯବାନ ପୁଅ ପଢ଼ାସାରି ଘରେ ବସିବ । ଭଉଣୀ ବି ବହୁତ ଖୁସିରେ ସାହି ସାରା ଫୁଲେଇ ହୋଇ ବୁଲୁଛି । ରାକ୍ଷୀପୂର୍ଣ୍ଣିମୀରେ କେବେ ଢଙ୍ଗର ଉପହାରଟିଏ ଦେଇନି । ସେ ଭାବୁଥିବ ଚାକିରୀଟେ କଲେ ଭାଇ ନିଶ୍ଚୟ କିଛି ଭଲ ଉପହାର ଦେବ । ଦୁଇଦିନ ପରେ ଟ୍ରେନ୍ ଗାଁରୁ କିନ୍ତୁ ସକାଳୁ ଯିବାକୁ ହେବ । ସଂଧ୍ୟାରେ ଟ୍ରେନ ଧରିବି । ମୋ ସାଙ୍ଗରେ ଆଉ ଗୋଟେ ସାଙ୍ଗ ବି ଅଛି ।

To read the complete magazine, Download it for FREE from www.aahwaan.com

ମୁଁ ମୋ କାମରେ ବ୍ୟସ୍ତ ହୋଇଗଲି ଯେ ମାଁ ଆଡ଼ା ମୋର ନଜର ଯାଇ ନଥିଲା । ଘରେ ତ ସମସ୍ତେ ଏତେ ଖୁସି ଥିଲେ ହେଲେ ମାଁ ମୁହଁ ପୁରା ଶୁଖିଲା ଦେଖା ଯାଉଥିଲା । ମୁଁ ପଚାରୁ ପଚାରୁ ତା' ଆଖିରୁ ଦୁଇଧାର ଲୁହ ସାଙ୍ଗେ ସାଙ୍ଗେ ଗଡ଼ିଗଲା, ଲୁହ ପୋଛି କହିଲା ନା'ରେ ବଡ଼ ଖୁସି ମୁଁ । ଏ ତ ଖୁସିର ଲୁହ । ଆଉ ମୋ ପୁଅକୁ କିଏ ଟାହିଟାପରା କରିବେନି । କେହି ବେକାର ବୋଲି କହିବେନି । କାନିରେ ମୋ ମୁହଁ ପୋଛି ଗେଲ ଟିକେ କରିଦେଲା କହିଲା ଧନରେ, ହେଲେ ତୁ ଆଉ କଣ ମାଁ କୋଳକୁ ଫେରିବୁ ?

ମୁଁ ଆଉ କିଛି କହିପାରିଲିନି । କଣ୍ଠ ଓଦା ହୋଇ ଆସୁଥିଲା । କିନ୍ତୁ ମୁଁ ପୁଅ ପିଲା ନା ତେଣୁ ମାଁ ଆଗରେ କାନ୍ଦି ପାରିଲିନି ।

ଏ ଦୁଇ ଦିନ ଘରେ କାହାକୁ ନିଦ ନାହିଁ । ବାପା ଟିକେ ଶକ୍ତ ସ୍ୱଭାବର, ସହଜରେ ଭାବ ପ୍ରକାଶ କରନ୍ତିନି । କିନ୍ତୁ ରାତିରେ ଯାଇ ତିନି ଚାରି ହଳ ଡ୍ରେସ ଆଣି ମୋ ଖଟ ଉପରେ ରଖି ଦେଇ ଯାଇଥିଲେ । ଆଉ ତା' ପାଖରେ ପାଞ୍ଚ ହଜାର ଟଙ୍କା ବି ଥିଲା । ମାଁ ରାତି ନଶୋଇ କେତେ କଣ ସବୁ ବନେଇ ପକେଇଲେ । କହିଲେ ଏତେ ଦୁର ଯିବୁ କୋଉଠି କଣ ଖାଇବୁ, ଏସବୁ ଲୁଚେଇକି ଆଟାଚିରେ ରଖିଦେ, ଭୋକ କଲେ ଖାଇବୁ ।

ଯିବା ଆଗ ଦିନ ରାତିରେ ସମସ୍ତେ ଶୋଇବା ପରେ ମାଁ ମୋ ପାଖକୁ ଆସିଲା । ମୁଁ ଜିନିଷ ସଜାଡୁ ଥିଲି । ମତେ ବସେଇ ଦେଇ ନିଜେ ସବୁ ଜିନିଷ ସଜାଡ଼ି ରଖିଲା । ଆଉ ମନର ଦୁଃଖକୁ ନ ଦେଖେଇବା ଛଳରେ ଦୁନିଆ ଯାକ କଥା କହିଯାଉଥିଲା । "ତୁ ତ ଭୋକ କାଙ୍ଗାଳିଆଟା, ସେ ଖାଇବା ସବୁ ବାଣ୍ଟି ଦେବୁନି, ରଖିଥିବୁ ସବୁଦିନ ଗାଧୋଇବୁ, ପ୍ୟାଣ୍ଟସାର୍ଟ ଧୋଉଥିବୁ, ଦାଢି ନିଶ ସବୁ ବୁଧବାର ଦିନ ହିଁ କାଟୁଥିବୁ" ଏମିତି କେତେ କଣ । ମୁଁ ତାକୁ ଆଶ୍ୱାସନ ଦେଇ ହଁ କହିଲି । ଶେଷକୁ ପଚାରିଲା ଧନ ପଇସା ପତ୍ର କ'ଣ

To read the complete magazine, Download it for FREE from www.aahwaan.com

ବାପା ଦେଲେ କି ? ମୁଁ ହଁ କହିଲି ହେଲେ ତା଼ ମନ ମାନିଲାନି କହିଲା ମୁଁ ଜାଣିଛି ପରା ଏଡ଼େ ଇଏ ମଣିଷଟେ, ଏତେ ଦୂରକୁ ଯାଉଛି ମୋ ପିଲା ରହ ମୁଁ କେବେଠୁ କେତେ ପଇସା ରଖିଛି, କହି କାନି ମଙ୍ଗର ସାତ ସିନ୍ଦୁକରୁ ପର୍ସ ଖଣ୍ଡେ ବାହାର କଲା, କହିଲା ଏ ନେ କେଜାଣି କେତେ ଅଛି ସବୁ ତକ ରଖ । ରାତିରେ ତା଼ରି କୋଳରେ କେତେବେଳେ ଶୋଇଗଲି ।

ସକାଳୁ ମୁଁ ବାହାରି ଆସିଗଲି । ମା ଦେଇଥିବା ପର୍ସଟିକୁ ମୁଁ ଜଲଦି ଜଲଦିରେ ହାତ ବ୍ୟାଗରେ ପକେଇ ଦେଇଥିଲି । ସଂଧ୍ୟାରେ ଟ୍ରେନ ଧରିଲି । ଟ୍ରେନରେ କିଛି କିଣିଲା ପରେ ପଇସା ଦେଲା ବେଳକୁ ମୋ ହାତ ବ୍ୟାଗରୁ ଟଙ୍କା ବାହାର କଲାବେଳେ ମୋ ହାତ ସେ ପର୍ସରେ ବାଜିଲା । ଝଣଝଣ ଶବଦ ଶୁଣି ତାକୁ ବାହାରକୁ କାଢ଼ିଲି, ପର୍ସଟିକୁ ଖୋଲି ଦେଖେତ ମୋ ଆଖିରୁ କେମିତି କେଜାଣି ଦି଼ ଟୋପା ଲୁହ ଗଡ଼ିଆସିଲା ।

ବାପା ହିସାବରେ ପୁରା ପକ୍କା, ଟଙ୍କେ ଟଙ୍କେର ହିସାବ ରଖନ୍ତି । ହେଲେ ପ୍ୟାଣ୍ଟସାର୍ଟ ଧୋଇଲା ବେଳେ କେବେ କେମିତି ଟଙ୍କା ଦୁଇଟଙ୍କା ରହିଯାଇଥିବ, ତାକୁ ମା ଏତେ ବର୍ଷ ହେଲା ସାଇତି ଆସିଛି, ଏ ପର୍ସରେ କେତେ ଟଙ୍କା ଥିବ ଆପଣ ଅନୁମାନ କରିପାରୁଥିବେ, ସବୁ ଗେଣ୍ଡୁ ପଇସା ଆଉ କିଛି ନୋଟ ସବୁ ମିଶାଇ ପଞ୍ଚାବନ ଟଙ୍କା ପଚାଶ ପଇସା ।

ଜାଣିଛି ଏତିକି ଟଙ୍କା ମୋର ନ ଦେଇଥିଲେ ବି ମୋର କିଛି ଫରକ ପଡ଼ିନଥାନ୍ତା କିନ୍ତୁ ମୋ ପାଇଁ ଅମୁଲ୍ୟ ସଂପଦ ଇଏ, ତେଣୁ ମୁଁ ତାକୁ ଖର୍ଚ୍ଚ କରି ପାରିଲିନି । ଏବେ ବହୁତ ବର୍ଷ ହୋଇ ଗଲାଣି, ମା ଆଉ ନାହିଁ, ସେ କହିଲା ପରି ମୁଁ ବି ଆଉ ତା଼ କୋଳକୁ ଫେରି ପାରିଲିନି, କିନ୍ତୁ ଆଜି ବି ସେ ପଞ୍ଚାବନ ଟଙ୍କା ପଚାଶ ପଇସା ମୋ ପାଖରେ ସାଇତା ହୋଇଅଛି ଆଉ ତାକୁ ହାତରେ ଧରିଲେ ମତେ ମା ପାଖରେ ଥିଲା ପରି ଲାଗୁଛି ।

To read the complete magazine, Download it for FREE from www.aahwaan.com

# ରାକ୍ଷୀ - ଛଅଟି ମିନିଗଳ୍ପ



ସୁବଳ ମହାପାତ୍ର

(୧)

ସେଦିନ ଥାଏ ରାକ୍ଷୀ ପୁର୍ଣିମା । କଲେଜ ପିଲା ଗୁଡ଼ିଏ ଆସି ପହଞ୍ଚିଥାନ୍ତି ବୃଦ୍ଧାଶ୍ରମରେ । ଉଦ୍ଦେଶ୍ୟ ବୃଦ୍ଧାଶ୍ରମରେ ଥିବା ବୁଢ଼ା ମାନଙ୍କୁ ରାକ୍ଷୀ ବାନ୍ଧିବେ । ତାଙ୍କ ମୁହଁରେ ଟିକେ ହସ ଫୁଟେଇବେ । ରାକ୍ଷୀ ପିନ୍ଧା ପର୍ବ ସରିବା ପରେ ଜଣ ଜଣ କରି ମିଠା ଖୁଏଇ ଦେଉଥାନ୍ତି ଅନ୍ତର୍ଯ୍ୟାମୀ ବାବୁଙ୍କ ପରି ବୁଢ଼ାମାନଙ୍କୁ । ଅନ୍ତର୍ଯ୍ୟାମୀ ବାବୁ ବୃଦ୍ଧାଶ୍ରମର ବାରଣ୍ଡାରେ ବସି ଫେରି ଯାଉଥିଲେ ତାଙ୍କ କଲେଜ ଜୀବନକୁ । ଭଉଣୀ ସୁଭଦ୍ରା ସେଦିନ ରାକ୍ଷୀ ବାନ୍ଧିଲାବେଳେ ଗିଫ୍ଟ ହିସାବରେ ତାଙ୍କ ଠାରୁ କଥାଟିଏ ସତ୍ୟ କରେଇ ନେଇଥିଲେ ।

ଅନ୍ତର୍ଯ୍ୟାମୀ - ରାକ୍ଷୀରେ ତୋ'ର କଣ ଦରକାର କହ ?

ସୁଭଦ୍ରା - ଭାଇ, ରାକ୍ଷୀରେ ମୋତେ କଥା ଦେ ଯେ, ମାମା ଓ ବାବାଙ୍କୁ କେବେ ବି ବୃଦ୍ଧାଶ୍ରମରେ ଛାଡ଼ିବୁନି ।

ଅନ୍ତର୍ଯ୍ୟାମୀ - ଠିକ ଅଛି, କିନ୍ତୁ ତୁ ବି ମୋତେ କଥା ଦେ, ତୁ ବି କେବେ ତୋ ସ୍ୱାମୀକୁ ତା ବାପାମା'ଙ୍କ ଠାରୁ ଅଲଗା କରିବୁନି ।

To read the complete magazine, Download it for FREE from www.aahwaan.com

ଏଇ ଗୋଟିଏ କଥା ପାଇଁ ଜୀବନ ସାରା ବାପା ଓ ମା'ର ସେବାରେ କଟେଇ ଦେଲେ ସେ ।

ସରକାରଙ୍କ ସ୍ଲୋଗାନ, "ଆମେ ଦୁଇ ଆମର ଏକ"ରେ ଉଦ୍‌ବୁଦ୍ଧ ହୋଇ ଅନ୍ତର୍ଯ୍ୟାମବାବୁ ଗୋଟିଏ ପିଲା କରି ରହିଗଲେ । ସ୍ତ୍ରୀ କେତେ ମନ କରିଥିଲେ ଝିଅଟିଏ ପାଇଁ । ହେଲେ.. ଆଉ କଣ ହେବ ? ଗୋଟିଏ ଯଥେଷ୍ଟ । ନିଜ ଜିଦରେ ଅଟଳ ଥିଲେ ଅନ୍ତର୍ଯ୍ୟାମୀ ବାବୁ । ତାଙ୍କର ଗୋଟିଏ ବୋଲି ପୁଅ । ତା ହାତରେ ରାକ୍ଷୀ ବାନ୍ଧିବାକୁ ଭଉଣୀ କେହି ନଥିଲେ । ସ୍କୁଲ ବେଳେ କେତେ ସେ କାନ୍ଦିଛି ରାକ୍ଷୀଟିଏ ଭିଡ଼ିବ ବୋଲି । ଆସ୍ତେ ଆସ୍ତେ ବଡ଼ ହେଲା ସେ । ପାଠ ପଢ଼ି ବଡ଼ ମଣିଷ ହେଲା । ରହିଲା ଦେଶ ବାହାରେ । ତା ମା' ମରିଗଲା ପରେ ଗାଁର ସବୁ ଜମିବାଡ଼ି ବିକି ଅନ୍ତର୍ଯ୍ୟାମୀ ବାବୁଙ୍କୁ ଆଣି ଛାଡ଼ିଦେଇ ଗଲା ଏଇ ବୃଦ୍ଧାଶ୍ରମରେ ।

ଆଜି ଅନ୍ତର୍ଯ୍ୟାମୀ ବାବୁ ଭାଳି ହେଉଥିଲେ, "ସ୍ତ୍ରୀ କଥା ମାନିଥିଲେ, ଝିଅଟିଏ ହେଲେ ଥାଆନ୍ତା । ସେ ବି ତା ଭାଇ ପାଖରୁ ଏମିତି ଗୋଟିଏ ସତ୍ୟ କରେଇ ନେଇଥାନ୍ତା ....

(୨ )

ଝିଅ ସୁଶ୍ରୀ ଓ ପୁଅ ଅନିମେଶ ଯେତେ କାନ୍ଦି କାଟି ଗଡ଼ିଲେ ବି ଆକାଶ ଓ ସ୍ତ୍ରୀ ସୁଶୀଳା ଥିଲେ ନଛୋଡ଼ ବନ୍ଧା । ବାପାମା' ରହିଲେ କେତେ ଖର୍ଚ୍ଚ । କେତେ କାମ । ଏତେ ସବୁ ପାଇଁ ସମୟ କାହିଁ ? ସେମାନେ ରହନ୍ତୁ ବୃଦ୍ଧାଶ୍ରମରେ । ଦାୟିତ୍ୱ ତ ଟିକେ କମିବ । ବୁଢ଼ାବୁଢ଼ୀ ରହିଲାରୁ ପିଲା ଗୁଡ଼ା କିଛି ମାନୁନାହାନ୍ତି । କଣ ଟିକେ କହିଦେଲେ ଦୌଡ଼ି ଯାଇ ଜେଜେ ଆଉ ଜେଜୀ କୋଳରେ ବସି ପଡୁଛନ୍ତି । ଏମିତି ହେଲେ ତ ସେମାନେ ବାଲୁଙ୍ଗା ହୋଇଯିବେ, ପାଠଶାଠ ସବୁ ଚୁଲିକି ଗଲାଣି । ଭବିଷ୍ୟତ କଣ ହେବ ? ନା , ନା, ଏ

To read the complete magazine, Download it for FREE from www.aahwaan.com

ବୁଢ଼ାବୁଢ଼ୀଙ୍କୁ ଏଠୁ ବିଦା ନକଲେ ନଚଳେ । ଗାଁ'ରେ ଘର ବି ନାହିଁ । ସବୁ ବିକି ଭାଙ୍ଗି ତ ଆସି ଏଠି ରହିଲେ ଏବେ କୁଆଡ଼େ ଯିବେ ? ତେଣୁ ବୃଦ୍ଧାଶ୍ରମ ହିଁ ସବୁଠୁ ଭଲ ଜାଗା । ଆକାଶ ବାବୁ ନିଜ ବାପାମା'ଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଆସିଲେ । ସୁଶ୍ରୀ ଓ ଅନିମେଶ କିନ୍ତୁ କାନ୍ଦି କାନ୍ଦି ବିଦାୟ ଦେଇଥିଲେ ଜେଜେ ଆଉ ଜେଜୀଙ୍କୁ ।

ପର ଦିନ ଥାଏ ରାକ୍ଷୀ ପୁର୍ଣିମା । ସବୁ ବର୍ଷ ପରି ଏଥର ମଧ୍ୟ ଘରେ ରାକ୍ଷୀ ପିନ୍ଧା ପର୍ବ ଆରମ୍ଭ ହେଲା । ଅନିମେଶ ପ୍ରଥମରୁ ସୁଶ୍ରୀକୁ କହି ରଖିଥାଏ, "ତୋତେ ଦେବା ପାଇଁ, ବାପାଙ୍କ ଠୁ ମୁଁ ପଇସା ଆଣିବିନି ଆଉ । ମୁଁ ଯେଉଁଦିନ ନିଜେ ରୋଜଗାର କରିବି, ସେଦିନ ତୋତେ ସବୁ ସୁଧ ମୂଳ କରିଦେବି ଏକା ସଙ୍ଗେ ।"

ଅନିମେଶ ରାକ୍ଷୀ ପିନ୍ଧିସାରି ସୁଶ୍ରୀକୁ ପଚାରିଲା, "ରାକ୍ଷୀରେ ତୋର କ'ଣ ଦରକାର କହ ?

ସୁଶ୍ରୀ - ଭାଇ, ରାକ୍ଷୀରେ ମୋତେ କଥାଦେ ଯେ, ମାମା ଓ ବାବାଙ୍କୁ କେବେ ବି ବୃଦ୍ଧାଶ୍ରମରେ ଛାଡ଼ିବୁନି ।

ଅନିମେଶ - ଠିକ ଅଛି, କିନ୍ତୁ ତୁ ବି ମୋତେ କଥା ଦେ, ତୁ ବି କେବେ ତୋ ସ୍ୱାମୀକୁ ତା ବାପା ମାଙ୍କ ଠାରୁ ଅଲଗା କରିବୁନି ।"

ପାଖରେ ଆକାଶ ଆଉ ସୁଶୀଳା ଠିଆ ହୋଇ ଏ ଛୋଟ ଭାଇଭଉଣୀଙ୍କ କଥାବାର୍ତା ଶୁଣୁଥିଲେ । ବିଜୁଳି ମାରିଲା ଭଳି ଚମକି ପଡ଼ିଲେ ଦୁଇ ଜଣ ।

କାଳବିଳମ୍ବ ନକରି ଆକାଶ ଘର ଭିତରକୁ ଦୌଡ଼ି ଯାଇ ପେଣ୍ଟସାର୍ଟ ପିନ୍ଧିଲା ବେଳକୁ ସୁଶୀଳା ଗାଡ଼ି ଚାବିଧରି ଗେଟ ପାଖରେ ଠିଆ ହୋଇଥିଲେ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଗନ୍ତବ୍ୟ ସ୍ଥଳ ଥିଲା ବୃଦ୍ଧାଶ୍ରମ, ବାପା ଓ ମା'ଙ୍କୁ ଫେରେଇ ଆଣିବାଲାଗି ...

(୩)

ସରୋଜ ବାବୁ ଆଜି ବୃଦ୍ଧାଶ୍ରମର ବାସିନ୍ଦା । ଏକୁଟିଆ ମଣିଷ ସେ । ବାପାମା' ବଞ୍ଚିଥିଲା ଯାଏ ଘର କେତେ ହସିଲା ପୁରିଲା ଲାଗୁଥିଲା । ମା ଯେତେ ବୁଝେଇଲେ ବି ବାହା ହେବାପାଇଁ ମୋଟେ ରାଜି ନଥିଲେ ସେ । ବାପା ମା ଓ ଭଉଣୀକୁ ନେଇ ତାଙ୍କ ସଂସାର । ଭଉଣୀ ବାହାହେଲା ପରେ ବାପାମା'ଙ୍କର ଏକୋଇରବଳା ସେ । ଆଜିକାଲିର ଝିଅ ଯେମିତି, ବୋହୁ ହୋଇ ଆସିଲା ପରେ ଶାଶୁ ଶ୍ୱଶୁରଙ୍କୁ ହତାଦର କରୁଛନ୍ତି, ସେମିତି କାଳେ ତାଙ୍କ ସ୍ତ୍ରୀ କରିବ, ସେ ଡରରେ ସରୋଜ ବାବୁ ବାହା ହେବାକୁ ମନାକଲେ । ସବୁବେଳେ ଭଉଣୀର ଛୋଟିଆ କଥାଟି ମନେ ପଡ଼ିଯାଏ ତାଙ୍କର ।

ସେଦିନ ଥାଏ ରାକ୍ଷୀପୂର୍ଣ୍ଣିମା । ଭଉଣୀକୁ ପଚାରିଲେ, ରାକ୍ଷୀରେ ତୋର କଣ ଦରକାର କହ ?

ଭଉଣୀ ଉତ୍ତର ଦେଲା, “ଭାଇ, ରାକ୍ଷୀରେ ମୋତେ କଥା ଦେ ଯେ, ମାମା ଓ ବାବାଙ୍କୁ କେବେ ବି ବୃଦ୍ଧାଶ୍ରମରେ ଛାଡ଼ିବୁନି ।

ସେ ବି ଭଉଣୀକୁ କହିଥିଲେ, “ଠିକ ଅଛି, କିନ୍ତୁ ତୁ ବି ମୋତେ କଥା ଦେ, ତୁ ବି କେବେ ତୋ ସ୍ୱାମୀ କୁ ତା ବାପାମା'ଙ୍କ ଠାରୁ ଅଲଗା କରିବୁନି ।”

ଭଉଣୀ ଆଜି ଆରପାରିରେ । ଭାଇର କଥା ରଖି ଯେତେ ଝଡ଼ଝଞ୍ଜା ଆସିଲେ ବି ସେ ତା' ଶାଶୁଶ୍ୱଶୁରଙ୍କୁ ଦୁରେଇ ଦେଇନଥିଲା । ଓଲଟା ଜ୍ୱାଇଁଙ୍କୁ ସହରରେ ଛାଡ଼ି ସେ ରହିଥିଲା ଗାଁରେ ଶାଶୁଶଶୁରଙ୍କ ସେବା କରିବ ବୋଲି ।

To read the complete magazine, Download it for FREE from www.aahwaan.com

କିନ୍ତୁ ତାଙ୍କ ପାଇଁ ଯେତେବେଳେ ଝିଅ ଦେଖାଚାଲିଲା, ସେଦିନ ସେ ପ୍ରଥମ କରି ଯାଇଥାନ୍ତି ଝିଅ ଦେଖିବା ପାଇଁ । ଦେଖା ଦେଖି ପର୍ବ ସାରିବା ପରେ, ପୁଅ ଆଉ ଝିଅ ଛାତକୁ ଗଲେ କଥା ହେବାପାଇଁ । ଝିଅ ସଫା ସଫା ଶୁଣେଇ ଦେଲା, "ସେ କାଦୁଅ ପଚପଚ ଗାଁରେ ମୁଁ ଚଳି ପାରିବିନି । ମୁଁ ରହିବି ତୁମ ପାଖେ ସହରରେ । ତୁମ ବାପାମା' ରହିବେ ଗାଁରେ । ତାଙ୍କ ଦାୟିତ୍ୱ ବୁଝିବାପାଇଁ କାହାକୁ ଗୋଟେ ହଳିଆ ମୁଲିଆ ରଖିବ ଗାଁରେ । ଯଦି ଏ ସର୍ତ୍ତରେ ରାଜି ତେବେ ବାହା ହେବି ।"

ମୁଣ୍ଡ ଝାଇଁ ଝାଇଁ କରିଥିଲା ତାଙ୍କର । ବାପାମା'ଙ୍କୁ ଏକା ଛାଡ଼ି ସେ ରହିବେ ? ବାହା ନହେଲେ ନାହିଁ ।  ସେହିଦିନୁ ସେ ଛି.. କରିଦେଲେ ବାହା ଘରକୁ । ହେଲେ ଆଜି ?

ଏକା ଏକା ଜୀବନରେ ସନ୍ତୁଳି ହେଲା ପରେ ସେ ନିଜେ ବାଛି ନେଇଥିଲେ ବୃଦ୍ଧାଶ୍ରମ ଜୀବନକୁ ....

(୪)

ଆଜି ରାକ୍ଷୀ ପୂର୍ଣିମା ହେଲେ ବି ଡାକ୍ତରବାବୁଙ୍କର ହାତ ଖାଲି ଥିଲା...

କ୍ଲିନିକ ପାଖ ପଡ଼ୋଶୀ ଘରେ ଥିବା ଦୁଇ ଛୁଆଙ୍କ କଥା ଶୁଣି ଚମକି ଉଠିଲେ ଡାକ୍ତର ମହେଶ୍ୱର ମିଶ୍ର । ମହେଶ୍ୱରଙ୍କୁ ସେମାନେ ଅଜା ବୋଲି ଡାକନ୍ତି । ବୟସ ବେଶୀ ନହେଲେ ବି ୪୫ ବର୍ଷ ବୟସ । ମାନ୍ୟରେ ଅଜା ହେବେ । ଛୋଟ ଛୁଆ ଦି ଜଣ କଥା ହଉଥିଲେ ।

ଭାଇ - ରାକ୍ଷୀରେ ତୋର କଣ ଦରକାର କହ ?

ଭଉଣୀ - ଭାଇ, ରାକ୍ଷୀରେ ମୋତେ କଥା ଦେ ଯେ, ମାମା ଓ ବାବା ଙ୍କୁ କେବେ ବି ବୃଦ୍ଧାଶ୍ରମ ରେ ଛାଡ଼ିବୁନି ।

To read the complete magazine, Download it for FREE from www.aahwaan.com

ଭାଇ - ଠିକ ଅଛି, କିନ୍ତୁ ତୁ ବି ମୋତେ କଥା ଦେ, ତୁ ବି କେବେ ତୋ ସ୍ୱାମୀ କୁ ତା ବାପା ମାଙ୍କ ଠାରୁ ଅଲଗା କରିବୁନି ।"

ମହେଶ୍ୱର ବାବୁଙ୍କର ମନେ ପଡ଼ିଯାଉଥିଲା ନିଜ ଭଉଣୀ କଥା । ଘରର ବଡ଼ ଝିଅ ସେ । ଘରକୁ ଆସି ନିଜ ବାପାମା'ଙ୍କର ସେବା କରିବାକୁ ମହେଶ୍ୱର ବାବୁଙ୍କୁ ଓ ତାଙ୍କ ସ୍ତ୍ରୀକୁ ସବୁବେଳେ ତାଗିଦ କରି ଯାଉଥିବା ବେଳେ ଏବେ ତିନିଦିନ ତଳେ ସେ ଘରୁ ବାହାର କରିଦେଇଛି ତା ଶାଶୁଶ୍ୱଶୁରଙ୍କୁ । ଅନ୍ୟନୋପାୟ ହୋଇ ସେମାନେ ଆସି ପହଁଚିଲେ ମହେଶ୍ୱରବାବୁଙ୍କ କ୍ଲିନିକରେ । କଣ କରିବେ ମହେଶ୍ୱର ବାବୁ ? କାହାକୁ କଣ କହିବେ ? ନା ନିଜ ଭଉଣୀଙ୍କୁ କିଛି କହି ପାରୁଛନ୍ତି ନା ବୋଧ ଦେଇ ପାରୁଛନ୍ତି ଭଉଣୀର ଶାଶୁଶ୍ୱଶୁରଙ୍କୁ ।

ଅଗତ୍ୟା ସେମାନଙ୍କୁ ନିଜ ଘରକୁ ନେବା ଛଡ଼ା ଅନ୍ୟ ଉପାୟ ନଥିଲା । ଭିଣୋଇ ଦୁଇବର୍ଷ ତଳେ ପ୍ରାଣ ହରେଇଥିଲେ ଏକ ସଡ଼କ ଦୁର୍ଘଟଣାରେ । ପୁଅକୁ ହରେଇଥିବା, ବୋହୁଠୁ ତଡ଼ା ଖାଇଥିବା ଦୁଃଖୀଲୋକ ଦୁଇଟିକୁ ସେ କେମିତି ଅବା ଅଲଗା କରି ପାରିଥାନ୍ତେ ? କେମିତି ଛାଡ଼ି ପାରିଥାନ୍ତେ ବୃଦ୍ଧାଶ୍ରମରେ ?

ଘରକୁ ଯିବାପରେ ସବୁ ଶୁଣିସାରି ବାପା ଆଉ ମା, ତାଙ୍କ ମୁଣ୍ଡ ଉପରେ ହାତ ରଖି ଖୁସିରେ ଆଶୀର୍ବାଦ କଲେ । ସେପଟେ ଭଉଣୀ ଆସି ଘରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରିବାରୁ ତାକୁ ମଧ୍ୟ କଡ଼ା କରି ଦି ପଦ ଶୁଣେଇଥିଲେ । ଫଳସ୍ୱରୂପ ଆଜି ରାକ୍ଷୀ ପୂର୍ଣ୍ଣିମାରେ ବିଗତ ୪୪ ବର୍ଷ ଧରି ତାଙ୍କ ହାତରେ ରାକ୍ଷୀ ବାନ୍ଧି ଆସୁଥିବା ଭଉଣୀ, ଆଜି କିନ୍ତୁ ଆସି ନଥିଲା ।

To read the complete magazine, Download it for FREE from www.aahwaan.com

ହେଲେ ମହେଶ୍ୱର ବାବୁ ଯେଉଁ ଆଶୀର୍ବାଦ ଟିକକ ପାଇଲେ ତାହା କଣ ପାଇଥାନ୍ତେ ସେମାନଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ?

(୫)

ଝିଅକୁ ଘିଅ ଆଉ ପୁଅକୁ ସୁନାମୁଣ୍ଡା ବୋଲି ଭାବୁଥିବା ସରୋଜିନୀ ଆଜି ହରଡ଼ ଘଣାରେ ପଡ଼ି ଯାଇଥିଲେ । ପୁଅ ଯେ ଏମିତି କାଣ୍ଡ କରିବସିବ ଏହା ତାଙ୍କ କଳ୍ପନା ବାହାରେ ଥିଲା ।

ଝିଅ ଘିଅ, ବେଶିଦିନ ରହିଲେ ଗନ୍ଧେଇବ । ପୁଅ ସବୁବେଳେ ସୁନା, ଘଷି ମାଜି ଦେଲେ ପୁଣି ଚକ ଚକ । ଏହିପରି ଧାରଣାଥିଲା ତାଙ୍କର । ଝିଅକୁ ଜଲ୍‌ଦି ଜଲ୍‌ଦି ବାହା କରେଇ ଦେଇଥିଲେ ସେ । ଝିଅ ହେଲା ପରା ପରସମ୍ପତ୍ । ତା’ ପଛରେ ପଇସା ଖର୍ଚ୍ଚ କରିବା କଣ ଦରକାର । ଯେତେ ଶୀଘ୍ର ବିଦା କରିବ ସେତେ ଭଲ । ଛୋଟ ବେଳୁ ଝିଅ ଭାଗେ ନେଲେ ପୁଅ ନେଉଥିଲା ତିନି ଭାଗ । ଏହିପରି ବଡ଼ ଭାଗ ନେଇ ନେଇ ସେ କେତେ ବେଳେ ଯେ ନିଶା ରାକ୍ଷସ କବଳରେ ପଡ଼ି ଯାଇଥିଲା କେହିବି ଜାଣି ପାରିଲେନି । ଆଉ ଆଜି ମଦ ଖାଇବାକୁ ପଇସା ନ ଦେବାରୁ ବାପା ମା’ ଦି’ଟା ଯାକୁ ବାଡ଼େଇ ଘରୁ ବାହାର କରିଦେଇଛି ।

ଆଜି ରାକ୍ଷୀ ପୁର୍ଣିମା । ଏତେ ବଡ଼ ଦିନରେ ପୁଅ ଯେ ଘରୁ ବାହାର କରିଦେଇଛି ଭାବି କୋହ ଉଠୁଥିଲା ତାଙ୍କର । ରାସ୍ତା କଡ଼ ବରଗଛ ମୂଳରେ ବସି କୁଆଡ଼େ ଯିବେ ଚିନ୍ତା କରୁଥିଲେ ସେ । ସ୍ୱାମୀ ଯେ ଥୁରୁଥୁରୁ ବୁଢ଼ା । ସକାଳ ପହରୁ କିଛି ନ ଖାଇ ମୁଣ୍ଡ ବୁଲେଇବାରୁ ସେ ଶୋଇ ପଡ଼ିଥିଲେ ସେଇ ବରଗଛ ମୂଳେ । ପେଟରେ ଦି’ଟା ନ ପଡ଼ିଲେ କେତେବେଳେ ଯେ ପିତୃଦତ୍ତ ପ୍ରାଣଟି ବାହାରି ନ ଯିବ କିଏ କହିବ ?

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



ଝିଅ ପାଖକୁ ଯାଇ ସାହାଯ୍ୟ ମାଗିବାକୁ ମୁହଁ ନଥିଲା ତାଙ୍କର । ମଦ ଖାଇବାକୁ ନେଇ ପୁଅଝିଅଙ୍କ ଭିତରେ ପାଟିତୁଣ୍ଡ ହେଲା ପରେ ଝିଅ ଆଉ ଆସୁନଥିଲା ଘରକୁ ତିନିବର୍ଷ ହେଲା ।  ସେତେବେଳେ ମଧ୍ୟ ପୁଅ ପଟିଆ ହୋଇଥିଲେ ସେ ସ୍ୱାମୀଙ୍କ ଶତ ବିରୋଧ ସତ୍ୱେ । ଆଉ କିଛି ଉପାୟ ନ ପାଇ ମୁହଁ ଲାଜକୁ ମୁହଁରେ ରଖି ପହଁଚିଲେ ଝିଅ ଘରେ । ଏତେ ଦିନ ପରେ ବାପାମା'ଙ୍କୁ ଦେଖି ବହୁତ ଖୁସି ହୋଇଗଲା ଝିଅ । କବାଟ ପାଖରୁ ପାଛୋଟି ନେଇ, ପ୍ରଥମେ କିଛି ଜଳଖିଆ ଦେଇ ସାଷ୍ଟାମ କରେଇଲା । ନାତି ନାତୁଣୀଙ୍କ ରାକ୍ଷୀ ଭିଡା ପର୍ବ ଆରମ୍ଭ ହୋଇ ଯାଇଥିଲା ସେତେବେଳେ ।

ନାତି - ରାକ୍ଷୀରେ ତୋର କଣ ଦରକାର କହ ?

ନାତୁଣୀ - ଭାଇ, ରାକ୍ଷୀରେ ମୋତେ କଥା ଦେ ଯେ, ମାମା ଓ ବାବାଙ୍କୁ କେବେ ବି ବୃଦ୍ଧାଶ୍ରମ ରେ ଛାଡ଼ିବୁନି ।

ନାତି - ଠିକ ଅଛି, କିନ୍ତୁ ତୁ ବି ମୋତେ କଥା ଦେ, ତୁ ବି କେବେ ତୋ ସ୍ୱାମୀ କୁ ତା ବାପାମା'ଙ୍କ ଠାରୁ ଅଲଗା କରିବୁନି ।"

ତାଙ୍କ କଥାବାର୍ତା ଶୁଣି ଆଖି ଛଳ ଛଳ ହୋଇ ଆସୁଥିଲା ସରୋଜିନୀ ଦେବୀଙ୍କର ...

(୬)

ଡାକ୍ତର ଆସି ଆଶୁତୋଷ ବାବୁଙ୍କୁ ଅଭିନନ୍ଦନ ଜଣେଇବା ପରେ କହିଲେ, "ଆପଣଙ୍କର ପୁଅ ହୋଇଛି, ମୁହଁ ମିଠା ତ କରାନ୍ତୁ ।" ନିଶ୍ଚୟ କହି ଡାକ୍ତରଖାନାରୁ ଆଶୁତୋଷ ବାହାରି ଗଲେ ମିଠା ଆଣିବା ପାଇଁ ।

ଘରେ ସମସ୍ତେ ଖୁସି । ସ୍ତ୍ରୀ ସୌଦାମିନୀ ବି ବହୁତ ଖୁସିଥାନ୍ତି । ପ୍ରସବ ଯନ୍ତ୍ରଣା ଉଭେଇ ଯାଇଥାଏ ଯେମିତି । ସୌଦାମିନୀଙ୍କ ବାପା, ବୋଉ, ଭାଇ ବି ବହୁତ ଖୁସିଥାନ୍ତି । ନିଜ ନିଜ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଭିତରେ ହେଉଥିବା କୋଳାହଳ ଭିତରେ କିନ୍ତୁ ଆଶୁତୋଷ ଅନ୍ୟ କାହାକୁ ମନେ ପକାଉଥାନ୍ତି ।

ଆଶୁତୋଷଙ୍କର ପ୍ରଥମ କରି ବାପା ହେବା ଖୁସି ସହ କିଛି କିଛି ଦୁଃଖ ମଧ୍ୟ ପଶୁଥାଏ ମନ ଭିତରେ । ସେ ହୃଦୟଙ୍ଗମ କରୁଥାନ୍ତି ବାପା ହେବାର ଖୁସି । ଆଉ ଭାବୁଥାନ୍ତି ସେ ଜନ୍ମ ହେଲା ବେଳେ ତାଙ୍କ ବାପା ବି ଏମିତି ଖୁସି ହୋଇଥିବେ । ମିଠା ବାଣ୍ଟିଥିବେ । କେତେ ଖୁସି ହୋଇଥିବେ । ସେ ତ ଶୁଣିଛନ୍ତି ଯେ ତାଙ୍କ ଜନ୍ମ ବେଳେ ତାଙ୍କ ବାପା କୁଆଡ଼େ ପାଞ୍ଚଖଣ୍ଡ ଗାଁ ଲୋକଙ୍କ ଭୋଜି ଦେଇଥିଲେ । ମନ ମରି ମରି ଯାଉଥାଏ । ମନେ ପଡୁଥାନ୍ତି ବାପା ମା, ଯାହାକୁ ସ୍ତ୍ରୀ କଥାରେ ପଡ଼ି ସେ ଛାଡ଼ି ଦେଇ ଆସିଛନ୍ତି ବୃଦ୍ଧାଶ୍ରମରେ ।

ଭଉଣୀର ହଜାରେ ଅନୁରୋଧକୁ ସେ ଏଡ଼େଇ ଯାଇଛନ୍ତି ସ୍ତ୍ରୀ କଥାରେ ପଡ଼ି । ମନେ ପଡ଼ି ଯାଉଥିଲା ଗୋଟି ଗୋଟି କଥା । ଭଉଣୀର ରାକ୍ଷୀ ବନ୍ଧା, ବାପାଙ୍କ ପକେଟରୁ ପଇସା ଆଣି ତାକୁ ଦେବା । ମା'ର ପିଠା ପଣା, ଆହୁରି କେତେ କଣ । ଭଉଣୀର କଥା ସେ ଆଜି ରଖି ପାରିନାହାନ୍ତି । ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀ ସେଦିନ ପଇସା ବଦଳରେ ମାଗିଥିଲା ବାପାମା'ଙ୍କୁ ବୃଦ୍ଧାଶ୍ରମ ନ ପଠେଇବାର କଥା ଦେବା ପାଇଁ ।

ଆଶୁତୋଷ ପଚାରିଥିଲେ, "ରାକ୍ଷୀରେ ତୋର କଣ ଦରକାର କହ ।

ଭଉଣୀ କହିଥିଲା , "ବାପା ମାଙ୍କୁ କେବେ ବି ବୃଦ୍ଧାଶ୍ରମକୁ ପଠେଇବୁନି ।"

ପ୍ରତିବଦଳରେ ସେ ବି କହିଥିଲେ, "ତୁ ବି ତୋ ସ୍ୱାମୀକୁ ତା ବାପାମା'ଙ୍କୁ ତା'ଠୁ କେବେ ବି ଅଲଗା କରିବୁନି ।"

ହେଲେ ଆଜି, ବାପାମା' ତାଙ୍କ ନାତିର ମୁହଁ ବି ଦେଖିପାରିନାହାନ୍ତି ।ସେ କଣ ଚାହିଁଥିଲେ ବାପାମା'ଙ୍କଠୁ ଅଲଗା ହେବାପାଇଁ ? ଅଲଗା ହେବାର ଥିଲେ ତ ସେ ବାହାଘର

To read the complete magazine, Download it for FREE from www.aahwaan.com

ପୁର୍ବରୁ ହୋଇ ପାରିଥାନ୍ତେ ।ବାହାଘର ପରେ ଅଲଗା ହେବାର କାରଣ କଣ ।ଶାଶୁ ଶ୍ୱଶୁରଙ୍କ ହସ ହସ ମୁହଁ ଦେଖି କାନ୍ଦ ଲାଗୁଥିଲା ତାଙ୍କୁ । କିନ୍ତୁ ଭୁଲ ତ ସେ ବି କରିଛନ୍ତି । ସେ ତ ମନା କରି ପାରିଥାନ୍ତେ । ଜୋର ଦେଇ ସ୍ତ୍ରୀକୁ ଅଟକେଇ ପାରିଥାନ୍ତେ । ତାଙ୍କର ଇଛା ବିରୁଦ୍ଧରେ ସ୍ତ୍ରୀ କଣ ବାହାର କରି ପାରିଥାନ୍ତା ଘରୁ ବାପା ଆଉ ମା'ଙ୍କୁ । ନା । ତେବେ ଶହେରୁ ଶହେ ଭୁଲ ତ ତାଙ୍କର ।

ଆସ୍ତେ ଆସ୍ତେ ସେ ସ୍ତ୍ରୀ ପାଖକୁ ଗଲେ । ବେଡ଼ ଉପରେ କୁନି ଛୁଆ ଆଉ ସ୍ତ୍ରୀ ଶୋଇଥାନ୍ତି । ସ୍ତ୍ରୀ ବଡ଼ ଆଗ୍ରହରେ ଛୁଆର ମୁହଁ ଦେଖେଇବାକୁ ଗଲା ବେଳେ ଆଖିରେ ଆଖିଏ ଲୁହ ଧରି ଆଶୁତୋଷ କହିବାକୁ ଆରମ୍ଭ କଲେ, "କାହିଁକି ଦେଖିବି ତା ମୁହଁ । କାଲି ସକାଳୁ, ସେ ବି ତ ମୋତେ ଆଉ ତୁମକୁ ଘରୁ ବାହାରକରି ବୃଦ୍ଧାଶ୍ରମରେ ଛାଡ଼ିବ । ଥାଉ... ଦରକାର ନାହିଁ ତା ମୁହଁ ଦେଖିବା ।"

ଚମକି ପଡ଼ିଲେ ଆଶୁତୋଷ ବାବୁଙ୍କ ସ୍ତ୍ରୀ, ଶାଶୁ, ଶ୍ୱଶୁର ଓ ଶଳା । ବୁଝି ପାରୁଥିଲେ ଆଶୁତୋଷ ବାବୁଙ୍କ ମନର କୋହ । ବୁଝିପାରୁଥିଲେ ତାଙ୍କ କଷ୍ଟ ଆଉ ଭାବୁଥିଲେ ନିଜ ବୃଦ୍ଧାବସ୍ଥାରେ କଣ ହେବାକୁ ଯାଉଛି ।

କାହାର କିଛି କହିବାର ନଥିଲା । ପୁରା ଦୁନିଆଁ ଶାନ୍ତ ହୋଇଯାଇଥିଲା, ଯେମିତି ଝଡ଼ ଆସିବାର ପୂର୍ବାବସ୍ଥା ।

କହିବା ବାହୁଲ୍ୟ, ଠିକ ଅଧଘଣ୍ଟା ପରେ ଆଶୁତୋଷ ବାବୁଙ୍କ ବାପା ଓ ମା' କଅଁଳା ଛୁଆଟିକୁ କାଖେଇ ନେଇ ସ୍ନେହ ଅଜାଡ଼ି ଦେଉଥିଲେ....

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯, ଦୂରଭାଷ - ୯୩୭୬୦୧୨୫୦୦, ଇମେଲ - subal.mohapatra@gmail.com

To read the complete magazine, Download it for FREE from www.aahwaan.com

# ରାକ୍ଷୀ



ସରସୀ ଆଚାର୍ଯ୍ୟ

ବିବାହକୁ ଛଅ ବର୍ଷ ହୋଇଗଲାଣି ତଥାପି ସୁମିତ୍ରା ଦେବୀଙ୍କ କୋଳ ଖାଲିଥାଏ । ଛୁଆ ନଥିବା ଘରଟା ତାଙ୍କୁ ମାଡ଼ି ମାଡ଼ି ପଡ଼େ । ଖାଲି ସେତିକି ନୁହେଁ ଏବେ ତ ବନ୍ଧୁ ବାନ୍ଧବ ବି କୁହା କୁହି ହେଲେଣି କେଜାଣି ଆଉ ଛୁଆପିଲା ହେବେ ନା ନାଇଁ । ବେଶୀ କଷ୍ଟ ହୁଏ ଯେବେ ତାଙ୍କୁ ଦେଖି ଆଖି ଠାରି ଚୁପି ଚୁପି ନିଜ ଭିତରେ କଥା ହୁଅନ୍ତି ବାଞ୍ଝ ବୋଲି... ଦାନ୍ତ ଚିପି ସବୁ ସହି ଯାଆନ୍ତି ସେ, ଭଗବାନ ଅଛନ୍ତି ତାଙ୍କ ଡାକ ଦିନେ ନା ଦିନେ ଶୁଣିବେ । ଡକ୍ଟର ବି ଆଶା ଦେଇଛନ୍ତି, ସେ କେମିତି ହାର୍ ମାନିଯିବେ । କେତେ ଓଷା ବ୍ରତ, ଷୋଳ ସୋମବାର, ବାଟ ମଙ୍ଗଳା, ବୁଧେଇ ଓଷା, ପରି ପ୍ରତିଦିନ କୋଉ ନା କୋଉ ଠାକୁରଙ୍କୁ ଡାକୁଥାନ୍ତି, ଖାଲି ଛୁଆ ବକଟେ ପାଇଁ ।

ସେଦିନ ସନ୍ତୋଷୀ ମା'ଙ୍କ ବ୍ରତ ଉଜେଇବା ପାଇଁ ମନ୍ଦିର ଯାଇଥିଲେ, ସାଙ୍ଗରେ ଥିଲେ ସ୍ୱାମୀ ସନାତନ ବାବୁ । ଫେରିଲା ବେଳେ ମନ୍ଦିର ବେଢ଼ାରେ ପୂଜାରୀ ଆଜ୍ଞା ଡାକ ପକେଇଥାନ୍ତି, 'ଏ ପିଲାଟି କାହାର... ?' ପିଲା ନାଁଟା ଶୁଣି ଛୁଆରଙ୍କୁଣୀ ସୁମିତ୍ରା ଦେବୀ ଏକ ପ୍ରକାରେ ଧାଇଁ

To read the complete magazine, Download it for FREE from www.aahwaan.com

ଗଲେ ସେ ଦିଗେ, ଆଉ ପଛେ ପଛେ ସନାତନ ବାବୁ । ଲୋକେ ହୋ ହୋ ହେଉଥାନ୍ତି, ପିଲା କାହାର ବୋଲି ହୁରି ପଡ଼ିଗଲା । ହେଲେ କେହି ଆଗେଇ ଗଲେନି । କଅଁଳା ଝିଅ ଛୁଆଟିଏ, ଧଳା କପଡ଼ାର ଗୁଡ଼େଇ ହେଇ ସୁମିତ୍ରା ଦେବୀଙ୍କୁ ପରୀଟିଏ ପରି ଲାଗୁଥାଏ । କିଛି ସମୟ ନିରବ ରହିବା ପରେ ଯନ୍ତ୍ର ଚାଳିତ ପରି ହାତ ବଢ଼େଇ ଦେଇଥିଲେ ପିଲାଟିକୁ କୋଳେଇ ନେବାକୁ । ହେଲେ ସନାତନ ବାବୁ ହାଁ କରି ଚାହିଁଥାନ୍ତି, ବୁଝିବାକୁ ବାକି ନଥିଲା ତାଙ୍କର କି ହୁଏତ ଝିଅ ଛୁଆଟିଏ ବୋଲି କେହି ଛାଡ଼ିଯାଇଛି ତାକୁ, ଅବା କାହାର ପାପଗର୍ଭ ବୋଲି ଲୋକ ନିନ୍ଦା ଭୟରେ.... ଛୁଆଟିକୁ କୋଳରେ ଧରି ସୁମିତ୍ରା ଦେବୀ କିନ୍ତୁ କହୁଥାନ୍ତି, “ମୋ ବ୍ରତର ଫଳ ମା’ ମୋତେ ଦେଇଛନ୍ତି ।”

ମା’ ହେଇଗଲେ ସେ, ହେଲେ କେଜାଣି କାହିଁକି ବାପା ହେଇ ପାରିଲେନି ସନାତନ ବାବୁ । ସ୍ୱୀକାର କରିପାରିଲେନି ଏ ମିଛଟିକୁ । ଝିଅର ନାଁ ଦେଲେ ସନ୍ତୋଷୀ । ମା’ର କୋଳ ଝୁଲଣାରେ ପୂର୍ଣ୍ଣିମାର ଚାନ୍ଦ ପରି ଧିରେ ଧିରେ ବଢ଼ିବାକୁ ଲାଗିଲା ସନ୍ତୋଷୀ । ଭଗବାନଙ୍କ ଲୀଳା ଯେମିତି, ଚାରି ବର୍ଷପରେ ସୁମିତ୍ରା ଦେବୀ ହେଲେ ଗର୍ଭବତୀ । ସବୁ ଶ୍ରେୟ ଦେଉଥିଲେ ଝିଅକୁ, ସବୁ ଖୁସିକୁ ସେ ତା’ କୁନି ହାତରେ ଡାକି ଆଣିଛି ତାଙ୍କ ଘରକୁ । ପୁଅଟିଏ ହେଲା, ନା ଦେଲେ ପ୍ରତୀକ୍ । ପୁଅକୁ ପାଇ ସନାତନ ବାବୁଙ୍କ ଛାତି କୁଣ୍ଢେମୋଟ । ଇନ୍ଦ୍ର ଚନ୍ଦ୍ର ମାନୁ ନଥାନ୍ତି । ଆଉ ସେ ଆଡ଼ ଆଖିରେ ବି ଚାହିଁଲେନି ଝିଅଟିକୁ । ସବୁ ଖୁସି ଅଜାଡ଼ି ଦେଲେ ପୁଅ ପାଖେ । ହେଲେ କେବେ ଥରେ ସୁମିତ୍ରା ଦେବୀ ଗୋଟେ ପ୍ରବଚନରେ ଶୁଣିଥିଲେ, ‘ସନ୍ତାନ କୁସନ୍ତାନ ହେଇପାରେ ହେଲେ ମାତା କେବେ କୁମାତା ହେଇପାରେନି ।’ ବାସ୍ ଏଇ କଥାଟିକୁ ଗଣ୍ଠି କରିଥିଲା ମା’ ମନ ।

To read the complete magazine, Download it for FREE from www.aahwaan.com

ଉଭୟ ଭାଇ ଭଉଣୀଙ୍କୁ ସମାନ ଭଲ ପାଇବା ଦେଇଛନ୍ତି । କେବେ ବି ଝିଅର ସତକୁ ପୁଅକୁ ଜାଣିବାକୁ ଦେଇନାହାନ୍ତି । ଯା ଭିତରେ କିନ୍ତୁ ସନାତନ ବାବୁଙ୍କ ଆଖିରେ କଣ୍ଟା ସାଜିଛି ସନ୍ତୋଷୀ, ପୁଅକୁ ପାଇ ଦୂରେଇ ଦେଇଛନ୍ତି ଝିଅକୁ ନିଜ ପାଖରୁ । ସମୟ ଗଡ଼ିଚାଲିଲା ବହିଗଲା ନଈପରି । ଉଭୟ ବଡ଼ ସାନ ହେଇ ବଢ଼ି ଚାଲିଲେ ।

ଆଉ ମାସେ ପରେ ଝିଅର ବାହାଘର । ଝିଅ ଜ୍ୱାଇଁ ଉଭୟେ ଟିଚର୍ । ଖୁବ୍ ଖୁସି ସମସ୍ତେ, ସୁମିତ୍ରା ଦେବୀଙ୍କ ଗୋଡ଼ ତଳେ ଲାଗୁନଥାଏ ଖୁସିରେ । ହେଲେ ତାଙ୍କ ପୁଅ କାଇଁ.. ? ଦୁଇଦିନ ହେବ ଘରକୁ ଫେରିନି ସେ । ସ୍ୱାମୀଙ୍କର ଅଯାଚିତ ସ୍ନେହରେ ପୁଅ ତାଙ୍କ କୁପଥରେ । ହେଲେ ସନାତନ ବାବୁଙ୍କର ତଥାପି ଆଣ୍ଟ ପୁଅ ପାଇଁ । ପୁଅ ପୁଅ ବୋଲି ପାଣି ପିଉନଥାନ୍ତି, ଘନ ଘନ ଫୋନ୍ କରୁଥାନ୍ତି କେତେବେଳେ ଆସିବୁ ।

କାଲି ରାକ୍ଷୀ ପୂର୍ଣ୍ଣିମା । ଭାଇ ଭଉଣୀ ପୁରୁଣା ଦିନ ମନେ ପକାଉଥିଲେ । କାରଣ ସନ୍ତୋଷୀର ଏଇଟା ବିବାହ ପୁର୍ବରୁ ଶେଷ ରାକ୍ଷୀ । ଦୁହେଁ ଖୁବ୍ ଖୁସିଥିଲେ । ସକାଳୁ ଉଠି ଦୁହେଁ ସଜ ହୋଇଯାଇଥିଲେ ରାକ୍ଷୀ ବାନ୍ଧିବାକୁ । ଭାଇକୁ ବନ୍ଦାପନା କରି ମିଠା ଖୁଆଇ ରାକ୍ଷୀ ବାନ୍ଧିଦେଲା ।

ସବୁଥର ପରି ଏଥର ବି ଭାଇ ପଚାରିଲା, "ରାକ୍ଷୀରେ ତୋର କ'ଣ ଦର୍କାର କହ ?

ଭଉଣୀ - ଭାଇ, ରାକ୍ଷୀରେ ମୋତେ କଥାଦେ ଯେ, ମାମା ଓ ବାବାଙ୍କୁ କେବେ ବି ବୃଦ୍ଧଆଶ୍ରମରେ ଛାଡ଼ିବୁନି ।

ଭାଇ - ଠିକ ଅଛି, କିନ୍ତୁ ତୁ ବି ମୋତେ କଥା ଦେ, ତୁ ବି କେବେ ତୋ ସ୍ୱାମୀକୁ ତା ବାପା ମା'ଙ୍କ ଠାରୁ ଅଲଗା କରିବୁନି ।କଥା ଦେଲେ ଉଭୟ ଉଭୟଙ୍କୁ ।

To read the complete magazine, Download it for FREE from www.aahwaan.com

କିଛିଦିନ ପରେ ଝିଅ ଚାଲିଗଲା ଶାଶୂଘରକୁ । ସୁମିତ୍ରା ଦେବୀଙ୍କ ଶିକ୍ଷା ସଂସ୍କାରକୁ ଅକ୍ଷରେ ଅକ୍ଷରେ ପାଳନ କଲା । ଶାଶୁ ଶଶୁର ଏମିତି ଗୁଣର ବୋହୁଟେ ପାଇ ଧନ୍ୟହେଲେ । ହେଲେ ଏପଟେ ସନାତନ ବାବୁ ଓ ସୁମିତ୍ରା ଦେବୀ ଏପରି କୁପଥଗାମୀ ପୁଅଟିଏ ପାଇ ଭାଗ୍ୟକୁ ନିନ୍ଦୁଥିଲେ । ପ୍ରତୀକ୍ କେବେ ଘରକୁ ଆସେ ତ କେବେ କେତେଦିନ ଯାଏଁ ବାହାରେ ।

ଆଜି ପୁଣି ସେମିତି ଏକ ରାକ୍ଷୀ ଦିନରେ ଅପେକ୍ଷା କରିଛି ଭଉଣୀ, ତା ଭାଇ ଆସିବ । ହେଲେ ସଂଧ୍ୟା ଯାଏଁ ବି ଅପେକ୍ଷା କରି ଆସିଲାନି ପ୍ରତୀକ୍ । ମନ ଦୁଃଖରେ ସନ୍ତୋଷୀ ଘରକୁ ଗଲା । ଦେଖିଲା ଘରେ ତାଲା ପଡ଼ିଛି । ପଡ଼ିଶା ଘରୁ ଜାଣିବାକୁ ପାଇଲା, କାଲି ରାତିରେ ଘରେ ପାଟିତୁଣ୍ଡ କରି ବାପାମା'ଙ୍କୁ ଘରୁ ବାହାର କରିଦେଇଛି । ସେମାନେ ପାଖରେ ଥିବା ବୃଦ୍ଧାଶ୍ରମରେ ଆଶ୍ରୟ ନେଇଛନ୍ତି । କଥା ଗୁଡ଼ିକ ଶୁଣି ଛାତି କୋରି ହୋଇଗଲା ତା'ର । ଏକ ମୁହାଁ ହୋଇ ଧାଇଁଗଲା ବାପା ମା'ଙ୍କ ପାଖକୁ । ମାତ୍ର କିଛି ମୁହୂର୍ତ୍ତ ପରେ ସାଙ୍ଗରେ ଧରି ଫେରିଲା ନିଜ ଘରକୁ । ବାଟରେ ଆସୁ ଆସୁ ସନାତନ ବାବୁ ଝିଅକୁ ଧରି ଛୁଆଟି ପରି ଭୋ ଭୋ ହେଇ କାନ୍ଦି ପକେଇଲେ । ସମସ୍ତେ ସବୁ ବୁଝିସାରିଥିଲେ ବି କାହାରି ମୁହଁରେ ଶବ୍ଦ ନଥିଲା କିଛି କହିବାକୁ । ମନ ଭିତରେ ଗୁଣି ହେଉଥିଲେ ବାପା, "ମୋ ଝିଅ ତା କଥା ରଖିଛି,, ହଁ ହଁ ସେ ମୋ ଝିଅ.."

To read the complete magazine, Download it for FREE from www.aahwaan.com

# ରାକ୍ଷୀ



ପରମିତା ମିଶ୍ର

ଶିଖାକୁ ସେଦିନଠୁ ଆଉ କେହି ଦେଖିନଥିଲେ । ଯେମିତି ରାତାରାତି କୁଆଡ଼େ ଗାୟବ ହୋଇଗଲା ସେ । ଗୋଟିଏ କ୍ଷଣରେ ଯେମିତି ସମସ୍ତଙ୍କ ଭାଷା ହିଁ ବଦଳିଗଲା । ପଚାରିଲେ କୁହନ୍ତି ମାମୁଁ ଘରେ ରହୁଛି । କେଜାଣି କେତେ ଶ୍ରାବଣ ଗଲା ହେଲେ ଶିଖା ଆଉ ଫେରିଲାନି । ଘରେ କେହି ନଥିଲା ବେଳେ ଶିଖାର ବୋଉ ଘୁମୁରି ଘୁମୁରି କାନ୍ଦନ୍ତି । ହେଲେ ଶିଖାର ବାପା ଓ ସେ ଚାରି ଭାଇ ଯେମିତି ପଥର ପାଲଟି ଗଲେ, କିଛି ବି ଫରକ୍ ପଡୁନଥିଲା ତାଙ୍କୁ ଶିଖା ମରେ ବା ଜୀଏଁ ।

ଡଉଲଡ଼ାଉଲ ଚେହରା, ସଜ ଫୁଟାଫୁଲ ପରି ରୂପ, ଯୌବନର ପ୍ରଥମ ପାହାଚ, କିଏ ବା ମୋହିତ ନ ହେବ ତା ରୂପରେ । ଗାଁର ଯବାନ ପିଲାମାନେ ଘଡ଼ିଏ ଅନେଇ ବସନ୍ତି । ଏ ବର୍ଷକୁ ସତର ପୁରି ଅଠର ଚାଲିଲା ଶିଖାକୁ । ଘରେ କଥା ହେଉଥିଲେ ତା ବାହାଘର ପାଇଁ । ଭାରି ସରାଗରେ ଅନେଇ ରହିଥାଏ ସେ ରାକ୍ଷୀ ପୁର୍ଣ୍ଣିମାକୁ । ରାକ୍ଷୀ ବାନ୍ଧି ଦେଇ ହାତ ବଢ଼େଇ ଯାହା ଇଚ୍ଛା ତାହା ମାଗିନିଏ । ହେଲେ ଏ ଥର ରାକ୍ଷୀ ବାନ୍ଧିସାରି ଆଉ କିଛି ମାଗିଲାନି ।

To read the complete magazine, Download it for FREE from www.aahwaan.com

ଭାଇମାନେ କେତେ ପଚାରିଲାରୁ ରାଗି କି କହିଲା, ମତେ ତ ଏଘରୁ ତଡ଼ିବା ବ୍ୟବସ୍ଥା କରିଦେଲଣି । ହେଲେ ଦବୁ ଯଦି ମତେ କଥା ଦିଅ ତମେ ମାନେ ଆମ ବାପା ଓ ମାଁକୁ କେବେ ବୃଦ୍ଧାଶ୍ରମରେ ଛାଡ଼ିବନି । ତ ବଡ଼ଭାଇ କହିଲା ହଉ ଲୋ ହୁଣ୍ଡି ତୋ କଥା ହେଲା ହେଲେ ତୁ ବି କହ ଯେ ଯୋଉ ଘରକୁ ଯିବୁ ସେଠି ତୋ ଶାଶୁ, ଶ୍ୱଶୁରଙ୍କୁ କେବେ ବୃଦ୍ଧାଶ୍ରମରେ ଛାଡ଼ିବୁନି । ସମସ୍ତଙ୍କ ହସରେ ଘରଟି ଫାଟି ପଡୁଥିଲା ।

ଗହ୍ମା ପୁର୍ଣ୍ଣିମାକୁ ଗାଁ ଯାତରା ହୁଏ ଓ ଶିଖାକୁ ତ ରାତିରେ ବାହାରକୁ ଯିବାକୁ ମନା । ହେଲେ ସେ ଯିବା ପାଇଁ ଆତୁର ହୋଇ ବସିଛି । ବୋଉ କାନି ଧରି ଧରି ଶେଷକୁ ଭାଇମାନେ ଶୋଇଲା ପରେ ପଡ଼ିଶା ଘର ଲାଲି ସହ ଯିବ ବୋଲି କଥା ଛିଡ଼ିଲା । ବୋଉ କାନେ କାନେ କହିଥିଲା ବେଶି ଡେରି କରିବୁନି ଝଅଟ ଆସିଯିବୁ । ହେଲେ ଲାଲି ଆସିବାକୁ ନାରାଜ । କହିଲା ତୁ ଗଲେ ଯା ମୁଁ ପୁରା ଯାତ୍ରା ସରିଲେ ଯିବି । କିଛି ଉପାୟ ନାହିଁ, ଭାଇ କି ବାପା ଜାଣିବା ପୁର୍ବରୁ ଘରେ ପହଞ୍ଚିବାକୁ ପଡ଼ିବ । ଶିଖା ବଡ଼ ବଡ଼ ପାଦ ବଢ଼େଇ ଘର ଆଡ଼େ ମୁହାଁଇଲା । ହେଲେ ସେଦିନ କୋଉଠି ଥିଲେ ସେ ଭୋକିଲା କୁକୁର ଗୁଡ଼ା । ଏଣେ ଅନ୍ଧାରରେ କାହାକୁ ଚିହ୍ନି ବି ହେଉନଥିଲା । କେତେ କାକୁତି ମିନତି ହେଲା ସେ । କେତେ ଗଳା ଫଟେଇ ଡାକିଲା ହେଲେ ଯାତ୍ରାର ରାକ୍ଷସର ବିକଟାଳ ରଡ଼ି ଆଗରେ ଶିଖାର ଚିତ୍କାର କୋଉଠି ହଜିଗଲା । ଜଣ ଜଣ କରି ବିଦାରି ଖାଇଗଲେ ଶିଖାର ଜୀବନକୁ । ଘରେ ବୋଉକୁ ଆଉ ରାତି ସାରା ନିଦ ନାହିଁ । ପାହାନ୍ତରେ ବାପି ପରିସ୍ରା ପାଇଁ ବାହାରକୁ ଗଲେ ତ ଘର ଆଗରେ ଶିଖା ବିଭତ୍ସ ଅବସ୍ଥାରେ ପଡ଼ିଛି । କେହି ଦେଖିବା ଆଗରୁ ତାକୁ ଟେକି ଘରକୁ ନେଇଆସିଲେ ସେ । ହେଲେ ତା'ପରେ କଣ ହେଲା ତା ସହ କେହି ଜାଣି ପାରିଲେନି । କିଛି ଦିନ ଯାଏଁ ଗାଁରେ କେହି କେହି ପଚାରିଲେ ହେଲେ ଧିରେ ଧିରେ ସବୁ ପାଶୋରି ଦେଲେ । ଶିଖାର ବାପା ତା ମା'କୁ ଶୁଣାଇ ଦେଲେ ଆଜି ଠୁ ଶିଖା ଆମ ପାଇଁ

To read the complete magazine, Download it for FREE from www.aahwaan.com

ମରିଗଲା ଏ ଘରେ କେହି ତା'ର ନାଁ ବି ନେବନି । ଆଉ ମା ଗ୍ଲାନିରେ ନିଜକୁ ଦୋଷ ଦେଇ ଦେଇ ମରୁଥାନ୍ତି ଝିଅର ଏ ଅବସ୍ଥା ପାଇଁ ।

ସୁଲତାନ ତା ଫଟଫଟି ଧରି ଯାଉଥିଲା ଦୂରରୁ କାହାର କରାଳ ଯନ୍ତ୍ରଣାର ଶବ୍ଦ ଶୁଣି ସେ ଆଡ଼କୁ ଯାଇ ଦେଖେ ତ ଝିଅଟି ରକ୍ତ ଜୁଡୁବୁଡୁରେ ପଡ଼ିଛି କିନ୍ତୁ ଦେହରୁ ପ୍ରାଣଟି ଏଯାଏଁ ଯାଇନି । ସଙ୍ଗେ ସଙ୍ଗେ ତାକୁ ଉଠାଇ ଆଣି ନିଜ ଘରକୁ ନେଇଗଲା ସେ । ସୁଲତାନ ଖାଲି ନାଁରେ ନୁହେଁ ମନର ବି ସୁଲତାନ ସେ । ଆଖ ପାଖ ଅଞ୍ଚଳର ଦାଦା ସେ । ଭଲମନ୍ଦ ସବୁଥିରେ ବିନା ସୁଲତାନରେ ଏଠି ପତ୍ର ବି ହଲେନି । ହେଲେ ବଦନାମ ଗଳିର ରାଜା ସେ ।

ଡାକ୍ତର ଡାକି ଝିଅଟିର ସବୁ ଚିକିତ୍ସା କରେଇଲା । ସୁଲତାନର ସ୍ତ୍ରୀ ଝିଅଟିର ସବୁ ଯତ୍ନ ନେଲେ । କେତେ ଦିନରେ ଝିଅଟି ଚେତନାରେ ଆସିଲା । କିଏ ସେ, କିଏ ତାକୁ ମାରି ଏଠି ଫୋପାଡ଼ି ଥିଲା ସୁଲତାନ ତାକୁ ପଚାରି ବସିଲା ହେଲେ ତାର ପୂର୍ବ କଥା କିଛି ମନେ ନଥିଲା । ସୁଲତାନ କହିଲା ବେହେନ ତୋର ଏଠି କିଛି ଅସୁବିଧା ହେବନି ଏ ସୁଲତାନର ବଚନ ରହିଲା । ତୁ ଏଠି ପୁରା ସୁରକ୍ଷିତ । ତୁ ମୋ ଭଉଣୀ ତେଣୁ ତୋ ନା ଆଜିଠୁ ରାକ୍ଷୀ ।

ଗଳି ସିନା ବଦନାମ ରାକ୍ଷୀ ସେଠି ପଙ୍କରେ ପଦ୍ମ ପରି ଫୁଟିଉଠିଲା । ସହରର ଏ ତଳିଆ ବର୍ଗର ଲୋକଙ୍କପାଇଁ ସୁଲତାନ ଭାଇର ଡାହାଣ ହାତ ହୋଇ ସେ ଛିଡ଼ାହେଲା । ସହରରେ ଯେତିକି ସୁଲତାନ ଭାଇର ନାଁ ଥିଲା ଏବେ ତା' ସହ ରାକ୍ଷୀର ନାଁ ବି ସେଥିରେ ଯୋଡ଼ି ହୋଇଗଲା । ଆଉ ପଛକୁ କେବେ ଫେରି ଚାହିଁନି ରାକ୍ଷୀ । ଗରିବମାନଙ୍କ ପାଇଁ ଦେବତା ସେମାନେ । ଆଉ ଏ କାମରେ ରାକ୍ଷୀ ବି ସୁଲତାନର ପାଖେ ପାଖେ ଥିଲା । ପ୍ରତି ବର୍ଷ ରାକ୍ଷୀ ପୂର୍ଣ୍ଣିମାରେ ରାକ୍ଷୀ ନିଜ ହାତରେ ରାକ୍ଷୀଟିଏ ତିଆରିକରେ ଆଉ ବଡ଼

To read the complete magazine, Download it for FREE from www.aahwaan.com

ଶରଧାରେ ସୁଲତାନ ଭାଇ ହାତରେ ବାନ୍ଧେ ହେଲେ ଯେତେ ଯାଚିଲେ ବି କିଛି ନେବାକୁ ମନା କରିଦିଏ କହେ ଖାଲି ଗୋଟେ କଥା ଦିଅ ସମୟ ଆସିଲେ ମୁଁ ମାଗିନେବି ।

ରାକ୍ଷୀକୁ ଏଠିକୁ ଆସି ପ୍ରାୟ ଆଠ, ଦଶ ବର୍ଷ ହୋଇଯିବଣି । ଦିନେ ପାଖର ଏକ ବୃଦ୍ଧାଶ୍ରମରେ ଭାଇଭଉଣୀ କପଡ଼ା ବାଣ୍ଟିବାକୁ ଯାଇଥିଲେ । କିନ୍ତୁ କ'ଣ ହେଲା କେଜାଣି ଦୁଇଜଣ ସ୍ୱାମୀସ୍ତ୍ରୀଙ୍କୁ କପଡ଼ା ଦେବାକୁ ଗଲା । ଦୁଃଖୀ ଦୁଇଜଣ ତାକୁ ଆଶୀର୍ବାଦ ଦେଲାବେଳେ ସେ ସେଇଠି ବେହୋସ ହୋଇଯାଇଛି । ତାକୁ ଚେତା କରାଇ ଯେତେବେଳେ ସୁଲତାନ ତା'ର କଣ ହୋଇଛି ବୋଲି ପଚାରିଲା ଭୋଭୋ କରି କାନ୍ଦି ଉଠିଲା ସେ । କହିଲା ଭାଇ ତୁମେ ମତେ କଥା ଦେଇଥିଲ ମୁଁ ଯାହା ମାଗିବି ଦେବ । ସୁଲତାନ ବିନା ଦ୍ୱିଧାରେ କହିଲା ଜାନ୍ ମାଗିନେ ଭଉଣୀ । ରାକ୍ଷୀ କହିଲା ନା ଭାଇ ମୋ ଆୟୁଷ ବି ତୁମକୁ ଲାଗିଯାଉ ମତେ ଖାଲି ଗୋଟେ ଦୟା କର ମୋ ବାପାମା'କୁ ଏ ବୃଦ୍ଧାଶ୍ରମରୁ ଉଦ୍ଧାର କରିନିଅ ।

ଆଶ୍ଚର୍ଯ୍ୟ, ଚକିତ ହୋଇ ସୁଲତାନ ପଚାରିଲା ରାକ୍ଷୀ ତୋ ବାପା, ମା ?

ମୋ ନା ଶିଖା, ଆଜି ଯେଉଁ ବୁଢ଼ାବୁଢ଼ୀ ଦି'ଜଣକୁ ମୁଁ କପଡ଼ା ଦେଉଥିଲି ସେମାନେ ମୋ ବାପାମା' । ସେଦିନ ଗାଁରେ କିଛି ସଇତାନ ମୋ ଜୀବନ ବରବାଦ କରିଦେଲେ, ହେଲେ ମୋ ଦୁଃଖରେ ମଲମ ଲଗେଇବା ପରିବର୍ତ୍ତେ ମୋ ବାପା, ଭାଇ ମତେ କଳଙ୍କିନୀ କହି ରାତିରାତି ଆଣି ମୋ ତଣ୍ଟି ଚିପି ମରିଗଲା ଭାବି ସେ ଜଙ୍ଗଲରେ ଛାଡ଼ିଗଲେ । ମୋର ସବୁ ମନେଅଛି ଭାଇ ହେଲେ ମୁଁ ସେ ଅତୀତକୁ ମନେ ପକାଇବାକୁ ଚାହୁଁ ନଥିଲି ତେଣୁ ମୁଁ ତୁମ ଭଉଣୀ ରାକ୍ଷୀ ହୋଇ ରହିଲି । ବିଶ୍ୱାସ କର ମୋର ଏ ପରିଚୟରେ ମୁଁ ବହୁତ ଖୁସି । ହେଲେ ଆଜି ବାପାମା'କୁ ଏ ଅବସ୍ଥାରେ ଦେଖି ମୁଁ ନିଜକୁ ସମ୍ଭାଳି ପାରିଲିନି । ମତେ

To read the complete magazine, Download it for FREE from www.aahwaan.com

କ୍ଷମାକର ଭାଇ ମୁଁ ତୁମକୁ ସତ ଲୁଚାଇଲି । ଏତକ କହି କାନ୍ଦି କାନ୍ଦି ସୁଲତାନର ଗୋଡ଼ ତଳେ ପଡ଼ିଗଲା ଶିଖା ।

ଆଦରରେ ତାକୁ ଉଠାଇଲା ସୁଲତାନ, କହିଲା ଆଜି ପ୍ରଥମ ଥର ନିଜକୁ ଏତେ ଅସହାୟ ଲାଗୁଛି ଭଉଣୀ, ତୋ ଆଗରେ ମୋ ମୁଣ୍ଡ ନୋଇଁ ଯାଉଛି । ଇଛା ତ ହେଉଛି ତୋ ସହ ହୋଇଥିବା ଅନ୍ୟାୟର ପ୍ରତିଶୋଧ ନେବାକୁ କିନ୍ତୁ ତୋର ଏଡ଼େ ବଡ଼ ହୃଦୟ ଆଗରେ ଏ ସୁଲତାନ ତାର ମଥା ନୋଇଁ ଦେଉଛି ଭଉଣୀ । ଯା ନେଇ ଆସ ତୋର ବାପାମା'ଙ୍କୁ ।

ଶିଖାକୁ ନିଜ ଆଗରେ ପାଇଁ ଖୁସିରେ ଭିଡ଼ି ଧରି କାନ୍ଦିଉଠିଲେ ଶିଖାର ମା କିନ୍ତୁ ବିଶ୍ୱାସ କରିପାରୁ ନଥିଲେ ବାପା । କହିଲେ ନା ତୁ ଆମ ଶିଖା ନୁହେଁ ସେ ତ କେବେଠୁ ମରି ସାରିଛି ଆଉ ପାଗଳ ପରି କାନ୍ଦିକାନ୍ଦି କହିଲେ ଏଇ ହାତରେ ତାକୁ ମାରିଛି ମୁଁ ।

ଶିଖା ବାପାଙ୍କ ଆଗକୁ ଯାଇ କହିଲା ହଁ ବାପା ଠିକ୍ କହିଲ ତମେ ମତେ ମାରି ସାରିଛ ମୁଁ ଆଉ ସେ ଶିଖା ନୁହେଁ ମୁଁ ରାକ୍ଷୀ ଏ ସୁଲତାନ ଭାଇର ଭଉଣୀ । ମୋ ମୃତ୍ୟୁ ପାଇଁ ମୋର ଦୁଃଖ ନାହିଁ ତେଣୁ ମୁଁ ତୁମକୁ ମୋ ମୃତ୍ୟୁ ଦୋଷରୁ କ୍ଷମା କଲି ।

ଲାଜରେ ମୁଣ୍ଡ ତଳକୁ ହୋଇ ଯାଉଥିଲା ବାପାଙ୍କର । ଯୋଉ ପୁଅମାନଙ୍କୁ ନେଇ ମିଛ ଅହଂ ଦେଖାଉଥିଲେ ସେମାନେ ଆଣି ବୃଦ୍ଧାଶ୍ରମରେ ଛାଡ଼ି ଦେଇଗଲେ ଆଉ ଯେଉଁ ଇଜ୍ଜତ ପାଇଁ ଜନ୍ମକଲା ଝିଅକୁ ମାରିବାକୁ ପଛେଇଲେନି ସେ ଆସି ଘରକୁ ନେଇ ଯାଉଛି । ଏତେ ସହଜରେ କ୍ଷମା ବି କରିଦେଲା ।

ଏସବୁ କଥା ଭାବି ଭାବି ପରସ୍ପରର ହାତ ଧରି ଆଶ୍ରମ ସୀମା ପାର ହୋଇଗଲେ ଶିଖା ଆଉ ତାର ବାପାମା' ।

To read the complete magazine, Download it for FREE from www.aahwaan.com

# ରାକ୍ଷୀ



ସିପ୍ରା ନମତା

ସ୍ମୃତି ଏକ ରୂପା ଜହ୍ନ, ଏକ ସାଇତା ଚାଦର ପରି । ଶ୍ୟାମପଦବାବୁ ଆର୍ମଚେୟାର ଉପରେ ଶୋଇ ଭାବୁଥିଲେ । ହଠାତ୍ କିଛି ଗୋଟେ ଶବ୍ଦରେ ଚମକି ପଡ଼ିଲେ ସେ । କାରଣ ଅନୁସନ୍ଧାନ କରିବାକୁ ଯାଇ ହତବାକ୍ ହୋଇଗଲେ ସେ । ଗୋଟେ ଚକଚକିଆ ମୋଟର ଗାଡ଼ିଟିଏ ତାଙ୍କ ଘର ସାମ୍ନା ପାଚେରୀ ପାଖରେ ଆସି ଅଟକିଲା । ତା' ଭିତରୁ ବାହାରିଲେ ଯେଉଁ ଦୁଇଜଣ, ତାଙ୍କ ଭିତରୁ ପ୍ରୌଢ଼ ଜଣଙ୍କର ମୁହଁ ସ୍ପଷ୍ଟ ଦେଖାଯାଉନଥିଲେ ମଧ୍ୟ ଚିହ୍ନା ଚିହ୍ନା ପରି ଲାଗୁଥିଲା । କେତେ ଗୁଡ଼ିଏ ପ୍ରଶ୍ନ ମନକୁ ବ୍ୟତିବ୍ୟସ୍ତ କରି ପକାଉଥିଲା । ସେ ଏଠି କାହିଁକି ? କ'ଣ ପାଇଁ ?

ଶ୍ୟାମାପଦ ବାବୁଙ୍କ ଘର ତେରେଛା ହୋଇ ବିଶାଳ ଏକ ଭବନ । ସେଠାକୁ ପ୍ରାୟ ଜନସମାଗମ ହେବାର ସେ ଦେଖୁଛନ୍ତି ଏହି ଦୁଇବର୍ଷ ହେବ ଅଧିକ ପରିମାଣରେ । ଅନେକ ଦିନ ହେବ କାହା ସହ ଯୋଗାଯୋଗ ନାହିଁ । ଦେହରେ ସାର୍ଟଟା ଗଳାଇ ଘଣ୍ଟାଏ ପରେ ସେ ଯାଇ ପହଞ୍ଚିଲେ ସେଇ ବିଶାଳ ଭବନର ଫାଟକ ପାଖରେ । ଇତଃସ୍ତତ ପଦଚାରଣ କରୁ କରୁ ସେ ମ୍ୟାନେଜରିଆଲ୍

To read the complete magazine, Download it for FREE from www.aahwaan.com

ଟୁଲ୍ ପାଖରୁ ନବାଗତ ଅତିଥି ବିଷୟରେ ଜାଣିବାକୁ ପାଇଲେ । ଯାହା ଶୁଣି ଦୀର୍ଘଶ୍ୱାସଟିଏ ଛାଡ଼ିବା ବ୍ୟତିତ ଆଉ କିଛି କରିବାର ନଥିଲା । ବିନୋଦ ବାବୁ ତାଙ୍କ ବନ୍ଧୁ । କିନ୍ତୁ ବହୁଦିନ ଧରି ତାଙ୍କ ସହ ସମ୍ପର୍କ ନଥିଲା । ତାଙ୍କ ବୋହୂ ବିଦେଶିନୀ । ପୁଅ ପ୍ରେମ ବିବାହ କରିଛି ପଢୁଥିବା ଅବସ୍ଥାରେ । ତେଣୁ ସେ ତା ସ୍ତ୍ରୀ ପାଖକୁ ଯିବା ଏକ ରକମ ବାଧ୍ୟ । ପୁଅକୁ ଉଚ୍ଚ ଶିକ୍ଷା ଦେବାପାଇଁ ଗୃହ ଋଣ ଗୋଟିଏ କରିଥିଲେ ବିନୋଦ ବାବୁ । ସେ ଋଣ ଠିକ ସମୟରେ ଶୁଝିନପାରିବାରୁ ଘରଟା କୋରଖ ହୋଇଗଲା । ତେଣୁ ଅନ୍ୟୋପାୟ ନ ହୋଇ ଏଇ ଭବନଟିକୁ ଚୟନ କରିଛି ପୁତ୍ରରତ୍ନ ।

ଆଉ ବିନୋଦ ବାବୁଙ୍କ ସମ୍ମୁଖକୁ ଯିବାର ଇଚ୍ଛା ହେଲାନାହିଁ ତାଙ୍କର । ଭାରାକ୍ରାନ୍ତ ମନ ନେଇ ଫେରନ୍ତା ମୁହାଁ ହେଲେ ସେ । କିନ୍ତୁ ମସ୍ତିଷ୍କର ଶିରାପ୍ରଶିରା ଗୁଡ଼ିକ ପୁଣି ତାଙ୍କୁ ଟାଣିନେଲା ବନ୍ଧୁପତ୍ନୀଙ୍କ ଆଡ଼କୁ । ତେବେ ସେ କୁଆଡ଼େ ଗଲେ ? ପୁନଃ ପ୍ରତ୍ୟାବର୍ତ୍ତନ କଲେ ସେ ସେହି ବିଶାଳ ଭବନ ଆଡ଼କୁ । ଏଥର ସିଧା ବିନୋଦ ବାବୁଙ୍କ ପାଖକୁ ।

ମୁଖମଣ୍ଡଳରେ ଅକୁହା ବେଦନାର ପରିବ୍ୟାପ୍ତ ଭାଷା, ଯନ୍ତ୍ରଣାଜଡ଼ିତ ଆଖିରେ ଲୁହ ନେଇ ବୁଢ଼ା ସହ କିଛି ସମୟ ବିତାଇ ଶ୍ୟାମାପଦ ବାବୁ ଫେରି ଆସିଲେ । ଏଥର କ୍ଷୀପ୍ରଥିଲା ତାଙ୍କ ଗତି । କର୍ଣ୍ଣ କୁହରରେ ପିଟି ହେଉଥିଲା ବିନୋଦ ବାବୁଙ୍କ କଥା ସବୁ, ସାଗରର ଉଚ୍ଚ ଲହରୀମାଳା କୂଳରେ ଆସି ପିଟି ହେବା ପରି । ଆତ୍ମସମ୍ବରଣରୁ କ୍ଷାନ୍ତ ହୋଇ ପାରୁନଥିଲେ ବିନୋଦ ବାବୁ, ତାଙ୍କୁ ଖାଲି ଶାନ୍ତ୍ୱନା ଦେବା ବ୍ୟତୀତ ଅନ୍ୟ ଉପାୟ ନଥିଲା ଯେମିତି ।

- "ଝିଅ ଆସି ତା' ମାଆକୁ ନେଇଗଲା,... ସେ ତ ଅସୁସ୍ଥ ଚଲାବୁଲା କରିବାକୁ ଅସୁବିଧା ହେଉଛି, ବେଳେ ବେଳେ ହ୍ୱିଲ ଚେୟାରର ବି ଆବଶ୍ୟକତା ପଡ଼ିଥାଏ । ଦୁଇଜଣ ତ ଆଉ ଝିଅପାଖରେ ରହିପାରିବୁନି । ଲୋକେ କଣ କହିବେ ?"

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ମନେ ମନେ ସ୍ୱଗୋତୋକ୍ତିକଲେ ସେ - "ଲୋକେ କଣ କହିବେ ?"

ଆର୍ମ ଚେୟାରରେ କ୍ଲାନ୍ତ ଶରୀରକୁ ଢଳେଇଦେଇ କପେ ଚା' ପାଇଁ ବରାଦ କଲେ ଧର୍ମପତ୍ନୀଙ୍କୁ । ଚା' ନେଇ ଆସିଲେ ମଞ୍ଜରୀ ଦେବୀ, ଶ୍ୟାମପଦ ବାବୁଙ୍କ ପତ୍ନୀ । ଆଶ୍ଚର୍ଯ୍ୟ ହେଲେ ସେ ସ୍ୱାମୀଙ୍କୁ ଦେଖି । ତା'ପରେ ସବୁ ଶୁଣିସାରି ଦୀର୍ଘଶ୍ୱାସଟିଏ ଛାଡ଼ି କହିଲେ - "ଆଜିକାଲି କଣ ସବୁ ଯେ ହେଉଛି ?"

ଶ୍ୟାମାପଦ ବାବୁ କହିଲେ, "ଇଯେ୍ଟ ତ ବହୁତ ପୁରୁଣା ହେଲାଣି, ଆଜିକାଲି ଆଉ ନୂଆ କୋଉଠି ?"

"ହଉ ଛାଡ଼, ଭଗବାନ ସଦବୁଦ୍ଧି ଦିଅନ୍ତୁ ।" କହି ସେ ଭିତରକୁ ଚାଲିଗଲେ । ସେ ଯିବାପରେ ଶ୍ୟାମାପଦ ବାବୁ ସ୍ମୃତିର ଭଉଁରୀ ଭିତରେ ବୁଡ଼ିଗଲେ । ନିଜ କଥା, ପିଲାବେଳଠାରୁ ଆରମ୍ଭ କରି କିଶୋର, ଯୌବନ ଆଉ ପ୍ରୌଢ଼ତ୍ୱର ସ୍ପର୍ଶ । ସବୁ ମିଶି କେମିତି ଏକ ଫେଣ୍ଟାଫେଣ୍ଟି ରଙ୍ଗ । ସେଇ ରଙ୍ଗ ଭିତରୁ ଉହୁଁକି ମାରୁଛି ଛୋଟ ଏକ କଅଁଳ ମୁହଁ । ସେ ମୁହଁ ପୁଣି ଧିରେ ଧିରେ ଓସାରିଆ ଚଉଡ଼ା ହୋଇ ମୁହାଁଉଛି ଯୌବନ ଆଡ଼କୁ । ପୁଣିଦିନେ ମଥାରେ କୁଙ୍କୁମ, ସିନ୍ଦୁର ନାଇ ଚାଲିଯାଏ ଅନ୍ୟଜଣକର ହାତଧରି ନିଜ ସୁନେଲି ସପନର ନୀଡ଼ ରଚନା କରିବାକୁ । ଆଉ ଛାଡ଼ିଯାଏ ଅପାଶୋରା ଆଇବୁଢ଼ୀର କାହାଣୀ ପେଡ଼ି । ଅନେକ ଅସରନ୍ତି ପ୍ରଶ୍ନ, ଆଉ ଅସୁମାରୀ ପ୍ରତିଶୃତି ପୂରଣ କରେଇବାର ଆଖିଏ ଚାହାଣୀ । ସେ ଚାହାଣୀରେ ଥିଲା ବାପାମା'ଙ୍କୁ ଭଲରେ ରଖିବା ପାଇଁ ଅନେକ କଥା । ଯେତେବର୍ଷ ରାକ୍ଷୀ ବାନ୍ଧିଛି, ନିଜ ପାଇଁ କିଛି ଅଳି କରିନି, ତା ପରିବର୍ତ୍ତେ କେବଳ ବାପାମା'ଙ୍କ ସୁଖ କଥା । ତୁମକୁ ମଣିଷ କରିବାପାଇଁ ସେମାନେ ନିଜ କଥା ଭୁଲିଯାଇଛନ୍ତି ଭାଇ, ସବୁବେଳେ ତୁମରି ଚିନ୍ତାରେ ବ୍ୟସ୍ତ । ତୁମେ ସହରରେ ରହିଲେ, କେତେ ଖର୍ଚ୍ଚ ତୁମର ହେଉଥିବ... ତା ସହିତ ଘର ବାହାର ବନ୍ଧୁବାନ୍ଧବ ସମସ୍ତଙ୍କ କଥା ବୁଝିବା ବେଳକୁ

To read the complete magazine, Download it for FREE from www.aahwaan.com

ବାପା ଥକି ପଡୁଛନ୍ତି ଭାଇ । ତୁମେ ପାଠ ପଢ଼ି ଭଲ ଚାକିରୀଟିଏ କଲେ ସେମାନଙ୍କର ଦୁଃଖ ଯିବ ।

ଏଇ କଥା କେତୋଟି ଯେମିତି ମୁଖସ୍ଥ ଥିଲା ତାଙ୍କ ଅତି ଅଲିଅଳୀ ସାନ ଭଉନୀ ବେବିନାର । ପ୍ରତି ଛୁଟି ସମୟରେ ସେ ଘରକୁ ଆସିଲେ ଏଇ କଥା କହିବାକୁ ଭୁଲେନି । କିନ୍ତୁ ଯେତେବେଳେ ସେ ଚାକିରୀ ପାଇଲେ ତା' ପରଠାରୁ ସେ ଆଉ ଏକ ପଦ ଯୋଡ଼ିଲା । "ଭାଇ ଏଥର ଚାକିରୀ ମିଳିଲା ପୁଣି କାଲିକୁ ଭାଉଜ ଆସିବେ । ସେତେବେଳେ ତୁମେ ତାଙ୍କ ବୁଦ୍ଧିରେ ବାପାମା'ଙ୍କୁ ହତାଦର କରିବନି କି ଅବହେଳା କରିବନି ।"

ଯେତେବେଳେ ତାଙ୍କ ବିବାହ ସ୍ଥିର ହେଲା, ସେ ଆଦୌ ରାଜି ହେଉନଥିଲେ । କାରଣ ବେବିନାର ବିବାହ ପ୍ରଥମେ ହେଉ ବୋଲି ସେ ଇଚ୍ଛା କରୁଥିଲେ । କିନ୍ତୁ ସେ ବିଦା ହୋଇଗଲେ ଘର ଫାଙ୍କା ହୋଇଯିବ, ତେଣୁ ତା ପୂର୍ବରୁ ବୋହୁଟିଏ ଆସିବା ନିହାତି ଜରୁରୀ କହି ବାପା ତାଙ୍କମତକୁ ଗୁରୁତ୍ୱ ଦେଇନଥିଲେ । ଅବଶେଷରେ ତାଙ୍କ ବିବାହ ହୋଇଥିଲା ମଞ୍ଜରୀ ଦେଈଙ୍କ ସହ । ସେଇ ବର୍ଷ ରାକ୍ଷୀ ପୂର୍ଣ୍ଣିମାରେ ସେ ବେବିନାକୁ ପଚାରିଥିଲେ, "ତୋ କଥା ତ ରହିଲା, ଏବେ କହ ରାକ୍ଷୀରେ ତୋର କଣ ଦରକାର ?" କିନ୍ତୁ ବେବିନା ଯାହା କହିଥିଲା ସେ ଉତ୍ତରରେ ହତବମ୍ବ ହୋଇ ରହିଗଲେ ଶ୍ୟାମପଦ ବାବୁ । ଏ କଣ କହୁଛି ସେ ? ତାଙ୍କଠାରୁ ବେଶ୍ ସାନ ଏଇ ବେବିନା କିନ୍ତୁ ବିରାଟ ବଡ଼ ଅଭିଜ୍ଞତାସମ୍ପର୍ନ୍ନ ବ୍ୟକ୍ତିପରି କଥା କହୁଛି, ଏତେ ବଡ଼ ବଡ଼ କଥା କହୁଛି କେମିତି ? ଏତେ ବୁଦ୍ଧି କୋଉଠୁ ଆସୁଛି ତା ମୁଣ୍ଡରେ ? ଓଃ କିଏ ଶିଖାଉଛି ? ଏତେ କଥା ସେ କେମିତି କହିପାରୁଛି ? "ଭାଇ ମୋର କିଛି ଦରକାର ନାହିଁ । ଖାଲି ଏତିକି କଥା ଦିଅ, ବାପାମା'ଙ୍କୁ କେବେ ବୃଦ୍ଧାଶ୍ରମ ପଠାଇବନାହିଁ । ସେମାନେ ବହୁତ କଷ୍ଟ ସହି ତୁମକୁ ମଣିଷ କରିଛନ୍ତି । ସେ କଥା ମୁଁ ଦେଖିଛି, ଆଉ ଅନୁଭବ କରିଛି । ଆଜି ମୁଁ ଏ ଘରେ ଅଛି, ହୁଏତ କାଲି

To read the complete magazine, Download it for FREE from www.aahwaan.com

ନଥିବି । ହେଲେ ମୋ କଥା ତୁମେ ମନେ ରଖିବ । ଏତିକି କଲେ ସେଇ ହେବ ମୋର ରକ୍ଷାବନ୍ଧନର ସର୍ବୋତ୍କୃଷ୍ଟ ଉପହାର । ମୁଁ ଜାଣେ ତୁମେ ମୋ କଥା ରଖିବ ।

ସେ କଥା ଶୁଣି ସେଦିନ ତା ନାକଟିକୁ ଚିମୁଟି ଦେଇ କହିଥିଲେ, “ଆରେ ବାଃ, ମୁଁ ଜାଣିନଥିଲି ଯେ ସେଇ ନାକ ସୁଁ ସୁଁ କରୁଥିବା ଝିଅଟା ଏତେ ବଡ଼ ହୋଇଗଲାଣି । ଏତେ ଗୁରୁଜ୍ଞାନ ଦିଆଚାଲିଛି । ହଉ ହେଲା ମୋତେ ତ ଗୁରୁଜ୍ଞାନ ମିଳିଲା କିନ୍ତୁ ତୋ ପାଇଁ ବି କିଛି କହିବାର ଅଛି । ମନେ ରଖ ବାହାଘର ପରେ ସ୍ୱାମୀଙ୍କୁ ନେଇ ଅଲଗା ଘର କରି ରଖିବାର ଜିଦ୍ କରିବୁନି ।”

ତା’ ପର ବର୍ଷ ବେବିନା ବାହା ହୋଇ ଚାଲିଗଲା । ସେ ନିଜ ସଂସାର ସହିତ ବାପାମା’ଙ୍କ ତତ୍ତ୍ୱାବଧାନରେ ହେଳା କରିନାହାନ୍ତି । ନିଜର ତିନୋଟି ସନ୍ତାନ ସମେତ ସାତଜଣିଆ ପରିବାରକୁ ଯଥାସାଧ୍ୟ ଚଳାଇ ଆସିଛନ୍ତି । ଅନେକ ଦୁଃଖଦୁର୍ବଳତା ସତ୍ତ୍ୱେ ମଞ୍ଜରୀ ଦେବୀଙ୍କ ସହାୟତାରେ ସେ ଜୀବନ ଅତିବାହିତ କରିଛନ୍ତି । କିନ୍ତୁ ଥରେ ହେଲେ କେବେ ଜରାନିବାସ କଥା ଚିନ୍ତା କରିନାହାନ୍ତି । ଭାବିବାକୁ ଦେଇନି ବେବିନାର କଥା । ବେବିନାକୁ ଦେଇଥିବା କଥା...

ଏଇ ବିଶାଳ ଭବନଟିକୁ ସେ ଦେଖି ଆସୁଛନ୍ତି ଅନେକ ବର୍ଷଧରି । କେତେ ହେବ ? ପନ୍ଦର ନା ସତର ଅଠର ଉଣେଇଶି ବର୍ଷ ହେବ ପ୍ରାୟ । ବାପାମା’ ମଧ୍ୟ ଦେଖନ୍ତି ଆଉ ଥରେ ଥରେ ପଚାରନ୍ତି ସେଇ ଭବନ ବିଷୟରେ, ସେମାନଙ୍କୁ ଏଣୁତେଣୁ କହି ଭୁଲେଇବା ଛଡ଼ା ଆଉ କିଛି ଉପାୟ ନଥାଏ ତାଙ୍କର । ପିଲାମାନେ ମଧ୍ୟ ସେ ସମ୍ବନ୍ଧରେ କୌଣସି ଟିକାଟିପ୍ପଣୀ ଦେବାର ଦେଖାଯାଇନି । ଦୁଇଟି ପୁଅ ଓ ଗୋଟିଏ କନ୍ୟା ସନ୍ତାନ ତାଙ୍କର ଶିକ୍ଷା ଗ୍ରହଣ କରୁଛନ୍ତି । ହୁଏତ ଆଉ କିଛି ବର୍ଷ ଲାଗିବ ତାଙ୍କୁ ଅଣ୍ଟା ସଳଖେଇବାକୁ ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



ବିନୋଦ ବାବୁ ବୟସରେ ତାଙ୍କଠାରୁ ବେଶ ବଡ଼ ହେଲେ ମଧ୍ୟ କେତେବେଳେ କେଉଁ ସୂତ୍ରରେ ବନ୍ଧୁତ୍ୱରେ ବାନ୍ଧି ହୋଇଯାଇଛନ୍ତି, ସେ କଥା ମନେ ନାହିଁ ।

ହଠାତ୍ ଭାବନାର ପୂର୍ଣ୍ଣଛେଦ ପଡ଼ିଲା ତାଙ୍କର । ମଞ୍ଜରୀ ଦେବୀ ଘର ଭିତରୁ କହି କହି ଆସୁଥିଲେ, "ହେଇ ଶୁଣୁଛ ? ବେବିନା ଫୋନ୍ କରିଥିଲେ । କାଲି ସେମାନେ ଆସୁଛନ୍ତି । ଦି ହୋଲି ଏଣ୍ଟେର୍‌ଟେନ୍‌ମେଣ୍ଟ୍ ୱାର୍ଲ୍ଡରେ ଆଜି କେହି ଜଣେ ଦୂର ସମ୍ପର୍କୀୟ ଆସିଛନ୍ତି ଆଉ ସେମାନେ ତାଙ୍କୁ ଦେଖା କରିବାପାଇଁ ଏଠାକୁ ଆସୁଛନ୍ତି । ତା'ହେଲେ ତୁମକୁ ଆଉ ବେବିନା ପାଖକୁ ଯିବା ଦରକାର ନାହିଁ । ଏଇ ଦୁଇଦିନ ପରେ ତ ରାକ୍ଷୀ ପଡୁଛି । ତେଣୁ ଏବର୍ଷ ସେ ଏଇଠି ରାକ୍ଷୀ ପାଳିଦେଇ ଯିବେ ବୋଲି କହିଲେ ।"

ଶ୍ୟାମାପଦ ବାବୁ ସବୁ ଶୁଣିଲେ ଓ ମଥା ହଲାଇ ସ୍ୱୀକୃତିର ସୂଚନା ଦେଲେ । କାରଣ ପ୍ରତ୍ୟେକ ବର୍ଷ ସେ ରାକ୍ଷୀରେ ବେବିନା ପାଖକୁ ଯେମିତି ହେଲେ ଯାଆନ୍ତି । ତା'ପରେ ସେଇ ବିଶାଳ ଭବନଟିର ନାଁଟିକୁ ଗୁଣୁଗୁଣୁ ହୋଇ କହୁଥିଲେ ଓ ଭାବୁଥିଲେ, ଦି ହୋଲି ଏଣ୍ଟେର୍‌ଟେନ୍‌ମେଣ୍ଟ୍ ୱାର୍ଲ୍ଡର ନାମକରଣର ସାର୍ଥକତା କେତେଦୂର...,

ଏଥର ଆର୍ମଚେୟାରରୁ ଉଠିଲେ ଓ ପତ୍ନୀଙ୍କ ଉଦ୍ଦେଶ୍ୟରେ କହିଲେ, "ଆରେ ଚା' ଚାରିପାଞ୍ଚ କପ୍ ମିଳିବ କି, ଦି ହୋଲି...ରୁ ଆସିଥାନ୍ତି"

To read the complete magazine, Download it for FREE from www.aahwaan.com

# ପରିବାରର ବନ୍ଧନ



ବଳବନ୍ତ ସାହୁ

ଗ୍ରୀଷ୍ମ ଋତୁର ପ୍ରସ୍ଥାନରେ ବର୍ଷାର ଆଗମନ, ତଥାପି କମି ନଥାଏ ରୌଦ୍ରତାପ ।ସୂର୍ଯ୍ୟ ବୁଲିବୁଲି ଆସି ମୁଣ୍ଡ ଉପରେ, ଚତୁଃପାର୍ଶ୍ୱରୁ ଝାଞ୍ଜି ପବନ, ସେହି ପବନରେ ଆଶା, ଆକାଂକ୍ଷା, ଲକ୍ଷ୍ୟ ସତେ ଧୂଳିସାତ ହୋଇ ବାହାରି ପଡୁଛି ଝାଳ ଆକାରରେ ।ମୁଁ କଲେଜରୁ ଫେରୁଥାଏ, ତୃଷ୍ଣାକୁ ଏଡ଼ାଇ ନପାରି ବରଗଛ ତଳେ ଥିବା ପାଣି ମାଠିଆ ଆଡ଼କୁ ଅଗ୍ରସର ହେଲି ।ପାଣି ପିଇ ସେଇ ଗଛମୂଳରୁ ସାଇକେଲ ପାଖରେ ପହଞ୍ଚିବା ମଧ୍ୟରେ ମୋ ଆଖିରେ କିଛି ଦୃଶ୍ୟମାନ ହେଉ ନଥାଏ ।ହଠାତ ମାଡ଼ି ଆସିଛି କଳାମେଘ ଖେଳିଯାଇଛି.. ଅନ୍ଧକାର ସତେ କି ରାତିର ଅମାବାସ୍ୟା ଦିନରେ ଉଭା ।ପୂର୍ବଦିଗରୁ ମଝିରେ ମଝିରେ ଝଟକି ଉଠୁଥିଲା ବିଜୁଳି, ଲୋକେ ବ୍ୟସ୍ତତା ସହ ବିଦ୍ୟୁତ ବେଗରେ ନିଜ ନିଜର ମୋଟର ସାଇକେଲରେ ଛୁଟିଚାଲିଥାନ୍ତି ।ଏପରି ଗମ୍ଭୀର ପରିସ୍ଥିତିରେ ମୁଁ ମଧ୍ୟ ସାଇକେଲର ପେଡ଼ାଲକୁ ଦ୍ରୁତତର କରୁଥାଏ କିନ୍ତୁ ଆଗକୁ ରାସ୍ତା ଜଣା ପଡୁନଥାଏ, ହଠାତ ଗୋଟିଏ ଗାଡ଼ି ମୋର ଅତି ନିକଟରୁ ଚାଲିଗଲା ।ସେହି ଗାଡ଼ିର ଆଲୁଅରେ ମୋ ଆଖି

To read the complete magazine, Download it for FREE from www.aahwaan.com

ଯେଉଁ କରୁଣ ଦୃଶ୍ୟଟିଏ ଦେଖିଲା, ତାହା ମୋ ହୃଦୟକୁ ଖୁବ କଷ୍ଟ ଦେଇଥିଲା ଓ ଆଶ୍ଚର୍ଯ୍ୟ କରିଥିଲା ।ପରିସ୍ଥିତି ବଡ଼ ଜଟିଳ, ମୁଁ ତଥାପି ଆଗକୁ ଆଗକୁ ଅଗ୍ରସର ହେଉଥାଏ ।କିନ୍ତୁ କେଉଁ ଐଶରୀୟ ଶକ୍ତି କେଜାଣି ବାଧା ଦେଉଥିଲା, ଆଗକୁ ଯିବାକୁ ମନା କରୁଥିଲା ।ମୋ ଅଜାଣତରେ ମୁଁ ସେହି ଅଜଣା ସ୍ଥାନରେ ଆସି ଉଭା ହେଇଯାଇଥାଏ ।କିନ୍ତୁ କଳାବାଦଲର ଆଧିପତ୍ୟରେ ମୁଁ ଆବିଷ୍କାର କରିପାରୁନଥାଏ ସେଇ ଦୃଶ୍ୟକୁ ।

ପରିଶେଷରେ ମୋ ଅପେକ୍ଷାର ଅନ୍ତ ହୋଇଛି ଯେତେବେଳେ ଗୋଟିଏ ଗାଡ଼ି ଆସି ମୋ ସାମାନ୍ୟ ଆଗରେ ଛିଡ଼ା ହୋଇଛି ।ଗାଡ଼ି ଆଲୁଅରେ ମୁଁ ଦେଖିଛି ଜଣେ ଲୋକ ବସି କିଛି ଅଇଁଠା ଖଲିରୁ ନିଜର ଭୋକ ନିବାରଣ କରୁଛି ।ବେଶଭୂଷା କହିଲେ ଗୋଟିଏ ଜୋତା, ସାଧା ପ୍ୟାଣ୍ଟ, ଘଣ୍ଟାଟିଏ, ସାର୍ଟ ଓ ସାର୍ଟ ପକେଟରେ କଲମଟିଏ ।ବେଶଭୂଷାରୁ ଯଦିବା ଗରିବ ଲାଗୁନଥିଲା ତା' ଚାହାଣୀ ଓ ମୁଖମଣ୍ଡଳରୁ ସ୍ୱଷ୍ଟ ଜଣା ପଡୁଥିଲା ତା'ର ନିରୀହତା ଓ ଦୁଃଖ ।

ମୋ ମନରେ ଦୟାଭାବ ଉଙ୍କି ମାରିଲା, ମୁଁ ଜାଣିବାକୁ ଚେଷ୍ଟାକଲି ତା'ର ଅସୁବିଧାକୁ ଏବଂ ପଚାରିଲି,

"ଆପଣ କିଏ ? ଆପଣଙ୍କ ନିଜର କିଏ ଅଛନ୍ତି ?"

ସେହି ଲୋକ ମୁଖରୁ ଉତ୍ତର ଆସିଲା - "ପ୍ଲିଜ୍ ଡୋଣ୍ଟ୍ ଡ଼ିଷ୍ଟର୍ବ ମି ।"

ମୁଁ ଇଂରାଜୀ ଶୁଣି ଆଶ୍ଚର୍ଯ୍ୟ ହେଲି, କିନ୍ତୁ ପୁଣିଥରେ ପ୍ରଶ୍ନ କରୁକରୁ - ଆପଣଙ୍କ ନିଜର....

ଉତ୍ତର ଆସିଲା -

To read the complete magazine, Download it for FREE from www.aahwaan.com

ପ୍ଲିଜ... ଲିଭ ମି ଏଲୋନ... ।(ରାଗି)

ମୁଁ ନିରୁପାୟ ହୋଇ ସେଇ କଳାମେଘକୁ ଅନାଇ ଚାହିଁଥାଏ, ହଠାତ କିଛି ଶୁଣାଗଲା - କଣ କୁନି ଟପର ହେଲା ? (ତା' ପାଟିରୁ) ହେ ଭଗବାନ ତୁ ସତ, ସତ, ଆଉ ଆମ ସରି ।ମୁଁ ନିର୍ବାକ ! ହଠାତ ଜୋରରେ ବର୍ଷା ଆରମ୍ଭ ହୋଇଛି ଏବଂ ଆଉ ଜଣେ ଲୋକ ଲୁଚିବା ପାଇଁ ଆସିଛନ୍ତି ।

ନିରୀହ ଲୋକ ମୁହଁରୁ ବାହାରିଛି - ରାମୁ କାକା ! ମୋ ସାନ ମା' କୁନି ଟପର ହୋଇଛି ।(ଖୁସିରେ)

ମୁଁ ସେହି ଲୋକଙ୍କଠାରୁ ନୀରିହ ଲୋକ ବିଷୟରେ ଜାଣିବାକୁ ଚେଷ୍ଟା କଲି ।ସେ କହିଲେ - "ସେ ଜଣେ ଶିକ୍ଷକ ପୁଣି ଓଡ଼ିଆ ସାହିତ୍ୟ ଏକାଡ଼େମୀର ସଦସ୍ୟ ।ତାଙ୍କର ୨ ଝିଅ ରାନୀ ଓ କୁନି, ଗୋଟିଏ ପୁଅ ବଣ୍ଟି ।ତାଙ୍କର ଦରମା ପାଞ୍ଚମାସ ମିଳିନଥିଲା କୁନିର ଦଶମ ଶ୍ରେଣୀରେ ଫର୍ମପୂରଣ ଦିନ ଶେଷଥିଲା, ତାଙ୍କ ସ୍ତ୍ରୀ'ଧାର କରିବାକୁ କହୁଥିଲେ ସେ ରାଜି ନଥିଲେ ପୁଣି ବାବୁ ଘରୋଇ କଳିକଜିଆ କ'ଣ କହିବି ? ସ୍ତ୍ରୀ ବାପଘରକୁ ଚାଲିଗଲେ ।ସେ ଏବେ ପାଗଳ ।

ସେ ନିରୀହ ବ୍ୟକ୍ତି ଜଣକ ବୋଧେ କିଛି ଶୁଣିପାଇଲା ଆଉ କହି ଚାଲୁଥାଏ, ସତେ କି ଭଗବାନଙ୍କ ନାମ ନେଲା ପରି - ମୋ କୁନି ଟପର, ମୋ ବଡ଼ ମା ଡାକ୍ତର ହେଲାଣି, ମୋ କୁନି, ମୋ ରାନି..... ପୁଣି ମୋ ରାଧିକା ଫେରିଆସିଛି....... ଏପରି ଅନେକ ଅନେକ ।ତାହା ପୁଣି ସେ ଆନନ୍ଦରେ ବିଭୋର ହୋଇ ସତେ କି ପାରିଜାତ ଫୁଲ ପାଇଲା ପରି ।ମୁଁ ବାଧ୍ୟହୋଇ ଫିସ୍ ପାଇଁ ଆଣିଥିବା ୧୫୦ ଟଙ୍କା ତାଙ୍କୁ ଦେଇଦେଲି, ତାଙ୍କ ଅନିଚ୍ଛା ସତ୍ତ୍ୱେ ।

To read the complete magazine, Download it for FREE from www.aahwaan.com

ପୁଣି ଭାବୁଥାଏ ଜଣେ ଶିକ୍ଷକ ତାଙ୍କ ଚାକିରୀର ଚିନ୍ତା ନାହିଁ, ନା ନିଜର ସ୍ଥିତି ଉପରେ ଚିନ୍ତା ନାହିଁ, ନା ଚିନ୍ତା ଅଛି ତାଙ୍କ ହଜିଯାଇଥିବା ଅଭିଜାତ୍ୟର, ନା ଚିନ୍ତା ଅଛି ନିଜ ଖାଦ୍ୟପେୟ ବେଶଭୂଷାର ।ପାଗଳ ହୋଇଥିବା ସତ୍ୟେ ପରିବାରର ଚିନ୍ତା ।ଉକ୍ତ ପରିସ୍ଥିତିର ମୁକାବିଲା କରୁ କରୁ ବର୍ଷା ଫେରିଯାଇଥାଏ ।ମୁଁ ଫେରିବା ପାଇଁ ଉଦ୍ୟତ ହେଉ ହେଉ ଭାବୁଥାଏ ।

ଆଃ ! କି ବନ୍ଧନ ଏଇ ପରିବାରର.....

ଭୂଷଲାର୍ଡ଼, ସିନ୍ଧେକେଲା, ଟିଟିଲାଗଡ଼,

ଭ୍ରାମ୍ୟଭାଷ - 9078105234

To read the complete magazine, Download it for FREE from www.aahwaan.com

# କଢ଼ ଲେଉଟାଣି



ମଧୁସ୍ମିତା ପଟ୍ଟନାୟକ

ମୋର ଏଇ ଚୁପ୍‌ଚାପ ରହିବା ପ୍ରକୃତି ଯୋଗୁଁ ବାପଘରଠୁ ନେଇ ଶାଶୁଘର ପର୍ଯ୍ୟନ୍ତ କେତେବେଳେ ପ୍ରଶଂସା ମିଳିଛି ତ କେତେବେଳେ ଲୋକଙ୍କ ବ୍ୟଙ୍ଗର ଶୀକାର ହୋଇ ମନ ମୋର କ୍ଷତାକ୍ତ ହୋଇଛି । ଶତଚେଷ୍ଟା କରି ମଧ୍ୟ କାହାକୁ ପ୍ରତ୍ୟୁତ୍ତର ଦେଇ ପାରେନି । ଖାଲି ଯାହା ପ୍ରତ୍ୟେକ ପରିସ୍ଥିତିରେ ସାମଞ୍ଜସ୍ୟ ରଖି ନିରବ ହୋଇଯାଏ । ମୋର ଏହି ସ୍ୱଭାବର ଫାଇଦା ଜୀବନଯାକ ମୋ ସ୍ୱାମୀ ଉଠେଇଲେ ଆଉ ଏବେ ମୋ ପୁଅ ଉଠାଉଛି । ହେଲେ ଏ ସବୁ କଥା ଚିନ୍ତା କରିବାପାଇଁ କାହିଁକି ଆଜି ମୁଁ ବିବଶ ହୋଇପଡୁଛି । ଆଜି ଲାଗୁଛି ସତରେ ମୁଁ ବଡ଼ ଭୂଲଟିଏ କରିଦେଇଛି, ରୂପାର ବାହାଘର ଆଶୁ ସହ କରି । ସେ ତ ଜନ୍ମରୁ ତା ବାପାର ସ୍ୱଭାବ ପାଇଥିଲା, ସେହି ସନ୍ଦେହ କରିବାର ମିଜାଜ, ଅହଂକାରପୂର୍ଣ୍ଣ ବ୍ୟବହାର, ହୃଦୟକୁ ଖଣ୍ଡବିଖଣ୍ଡିତ କଲାପରି ବ୍ୟଙ୍ଗକଥା କହିବା । ଆଜି ବହୁତ ପଶ୍ଚାତାପ କରୁଛି ମୁଁ ଏ ସବୁ ଦେଖି । କେମିତି ଭୁଲିଗଲି ଯେ ବବୁଲ ଗଛରେ କଣ କେବେ ଆମ୍ବ ଫଳେ ? ଆଶୁର ବାପା ତ ମୂଳରୁ ଗୋଟିଏ ଏକବାଗିଆ ଲୋକ

To read the complete magazine, Download it for FREE from www.aahwaan.com

ଥିଲେ । ଲୋକଲଜ୍ଜା ତଥା ମୋର ଚୁପ୍ ରହିବା ପ୍ରବୃତ୍ତି ମୋତେ ତାଙ୍କ ବିରୋଧରେ ବିଦ୍ରୋହ କରିବାକୁ ସବୁବେଳେ ଆକଟ କରି ଆସିଥିଲା । ଆଜି ସେଇ ଭୂଲ କଣ୍ଟା ହୋଇ ମୋ ମନକୁ କ୍ଷତବିକ୍ଷତ କରି ଚାଲିଛି ।

ଜୀବନଯାକ ବୋଧହୁଏ ମୁଁ ମୋ ଭୂଲକୁ ଅନୁଭବ କରି ପାରିନଥାନ୍ତି, ଯଦି ମୁଁ ଆଶୁର ବାହାଘର ରୂପା ସହ କରିନଥାନ୍ତି । ବିନା କାରଣରେ କିଛି ନା କିଛି କଥାକୁ ନେଇ ଆଶୁ ପ୍ରାୟ ରୂପାକୁ ଗାଳିଗୁଲଜ କରେ । ରୂପା ପାଠଶାଠ ପଢ଼ିଥିବା ତଥା ଘରକାମରେ ନିପୂଣା ଝିଅଟିଏ । ହେଲେ ଆଶୁ ସବୁବେଳେ ତା' କାମରୁ କିଛି ନା କିଛି ଭୂଲ ବାଛୁଥିବ । ଏହା ପଛରେ ଥିବା କାରଣଟି ବୋଧହୁଏ ରୂପାର ସୁନ୍ଦରତା । ଆଶୁ ନିଜର ସାଧାରଣ ବ୍ୟକ୍ତିତ୍ୱ ଆଗରେ ରୂପାର ଆକର୍ଷକ ବ୍ୟକ୍ତିତ୍ୱକୁ ଦେଖି ଇର୍ଷାନ୍ୱିତ ହୋଇ ଅସନ୍ତୁଷ୍ଟ ରହେ । ଏହି କାରଣରୁ ତାକୁ କେତେବେଳେ ସେ ଚରିତ୍ରହୀନା ଲାଗେ ତ କେବେ ମୂର୍ଖ । ରୂପାକୁ ଅପମାନିତ କରି ଆଶୁ ନିଜର ଅହଂକୁ ସନ୍ତୁଷ୍ଟ କରୁଥିଲା ।

ମୁଁ ଭାବିବାକୁ ବେଳେ ବେଳେ ବାଧ୍ୟ ହୁଏ । ସତରେ କଣ ଇଏ ସେହି ଆଶୁ ? ଯିଏ ନିଜ ସାଙ୍ଗ ବିନୋଦର ବାହାଘରରେ ରୂପାକୁ ଦେଖି ତା'ସହ ଯେମିତି ହେଲେ ବାହା ହେବାପାଇଁ ମୋତେ ବାଧ୍ୟ କରିଥିଲା ? ସେ ସମୟରେ ସେ ନିଜର ତୂଳନା ରୂପା ସହ କାହିଁକି କଲାନି ? ନିଜର ସାଧାରଣ ବ୍ୟକ୍ତିତ୍ୱକୁ ଅଣଦେଖା କାହିଁକି କରିଲା ?

ଆଶୁର ସରକାରୀ ଚାକିରୀ ସାଙ୍ଗକୁ ଉଚ୍ଚପଦବୀ ତା'ର ସବୁ ଦୋଷ ଦୁର୍ବଳତାକୁ ଲୁଚେଇ ଦେଉଥିଲା । ରୂପାର ବାପା ଆଶୁର ଚାକିରୀକୁ ଦେଖି ଏ ବାହାଘର ପ୍ରସ୍ତାବରେ ଖୁସି ଖୁସି ରାଜି ହୋଇ ଯାଇଥିଲେ । ବାହା ହୋଇ ରୂପା ଏଇ ଘରର ଅଗଣାରେ ପାଦ ରଖିଲା । ଆସିବାର କିଛି ଦିନ ତ ବେଶ ହସ-ଖୁସିରେ ବିତିଗଲା । ହେଲେ ଧିରେ ଧିରେ

To read the complete magazine, Download it for FREE from www.aahwaan.com

ଆଶୁ ତା ବାହାପରି ହୋଇଯାଉଥାଏ ଓ ତା' ଭିତରେ ଥିବା ବିଷ ଧିରେ ଧିରେ ବାହାରକୁ ବାହାରିବା ଆରମ୍ଭ କରିଦେଲା । ଯଦି କେବେ କେଉଁ ସାଙ୍ଗସାଥୀ ବା ବନ୍ଧୁପରିଜନ ରୂପାର ପ୍ରଶଂସା କରି ଦିଅନ୍ତୁ ସେ ସମୟରେ ତ ସେ ହସିଦିଏ, ହେଲେ ପରେ ବିଚାରୀକୁ ନାନା ପ୍ରକାର ଶଣ୍ଟଣା ଦେବାକୁ ପଛାଏନି । ସେ ବିଚାରୀ ବା କଣ କରିପାରିବ ? ଦୋଷ ନଥାଏ ମଧ୍ୟ ଚୁପଚାପ ସବୁକିଛି ଶୁଣେ ଆଉ ନିରବ ରହେ । କିଛି ବି କହେନି ପ୍ରତିବାଦରେ । ଅଚାନକ ଯଦି କାହାକୁ ଦେଖି ଦିଏ ତେବେ ରୂପା ପଛରେ ହିଁ ପଡ଼ିଯିବ ଆଉ କହିବ, "ତୁ ଜାଣିଶୁଣି ସେ ଲୋକଙ୍କୁ ଦେଖୁଛୁ ।"

ପୁଅ ଯେହେତୁ ମୋର, ଭଲଭାବେ ଜାଣିଥିଲା ମୋତେ । ମା' ତ କିଛି କହିବନି । ସେ ପରା ମୁକ । ମୋର କେବଳ ଗୋଟିଏ ଦୁଃଖ ଥିଲା ଯେ ମୁଁ ତ ମୁକ ହୋଇ ସାରିଛି, ହେଲେ ମୋ ବୋହୁ କ'ଣ ମୋ ଭଳି ହୋଇଯିବ ? ଆଶୁ ତାକୁ ବାରମ୍ବାର ଅପମାନିତ, ଲାଞ୍ଛିତ କରୁଛି ଆଉ ସେ ସବୁ ଶୁଣି କେମିତି ସହୁଛି ? କାହିଁକି ଚ୍ପ୍ ରହୁଛି ?

ମୁଁ ବୁଝିପାରୁ ନଥିଲି ଯେ ମୋର ପୁଅ ସେ, ହେଲେ ମୋର କୌଣସି ଗୁଣ ତା' ପାଖରେ ନାହିଁ କେମିତି ? ସବୁତକ ଗୁଣ, ଦୁର୍ଗୁଣ ତା ବାପାର ଆଣିଛି । ତା' ବାପା ସାମନାରେ କେତେଥର ମୋତେ ମୁଣ୍ଡ ନୁଆଇଁ ଅପମାନିତ ହେବାକୁ ବାଧ୍ୟ କରିଛନ୍ତି ସେ ସବୁ ଦେଖିଛି । ହେଲେ କେବେ ବି ନିଜ ବାପାର ଏପରି କୁକର୍ମର ବିରୋଧ କରିନାହିଁ । ମୋତେ ମଧ୍ୟ କେବେ କହିନି ଯେ ମୁଁ ଏସବୁ କାହିଁକି ସହୁଛି । କେବେ ତ ପଦେ କହିନି ଯେ ସେ ମୋ ସହିତ ଅଛି ବୋଲି । ମୋର ମୌନବ୍ରତକୁ ଭାଙ୍ଗିଦେବାପାଇଁ ଆହ୍ୱାନ ଦେଇନି । ମୁଁ ମାଆଟିଏ ହେଲେ ସୁଦ୍ଧା ଆଜିଯାଏଁ, ପୁଅର ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ଅଛି ।

To read the complete magazine, Download it for FREE from www.aahwaan.com

କାହିଁକି କେଜାଣି ଆଜି ପୁଣି ସେ ବୋହୂ ରୂପା ଉପରେ ତା' ରାଗ ଶୁଝାଉଛି । ମୁଁ ସେମାନଙ୍କ ରୁମର କବାଟକୁ ଆସ୍ତେ କରି ଟିକେ ଖୋଲି ଭିତରକୁ ଅନାଇଲି । ଆଶୁ ଖଟ ଉପରେ ବସି ରୂପାକୁ ଗାଳିଗୁଲଜ କରୁଥାଏ ଆଉ ବିଚାରୀ ବୋହୂଟା ଠିଆ ହୋଇ ତାର ସବୁ ବିଷଭରା କଥା ଗୁଡ଼ିକୁ ଶୁଣୁଥାଏ । ସେ ଦୃଶ୍ୟ ଦେଖି ମୋତେ ଲାଗିଲା, ରୂପା ଯାଗାରେ ଯେମିତି ମୁଁ ଠିଆ ହୋଇଛି ଓ ଆଶୁ ଯାଗାରେ ତା ବାପା । ମୁଁ ଜୋରରେ କବାଟକୁ ଧକ୍କା ଦେଇ ଭିତରକୁ ପଶିଗଲି । ରାଗରେ ତାକୁ କହିଲି, "ଖବରଦାର ଆଶୁ ! ବୋହୁକୁ ଆଉ ଗୋଟିଏ ବି ଅପଶବ୍ଦ କହିବୁନି । ତୁ ଭାବନା ଯେ ବୋହୁର କିଛି ଦୋଷ ଦୁର୍ବଳତା ଅଛି ବୋଲି ସେ ଚୁପଚାପ ହୋଇ ତୋର ଏ ପ୍ରକାରର କଥାବାର୍ତ୍ତା ଆଉ ବ୍ୟବହାରକୁ ସହି ନେଉଛି । ସୁନ୍ଦରୀ ହେବାର ଅର୍ଥନୁହେଁ ଯେ ସେ ଚରିତ୍ରହୀନା... ଏ କଥା ତୁ ମଧ୍ୟ ଭଲଭାବରେ ଜାଣିଛୁ ଆଶୁ । ସବୁକିଛି ବୁଝିସୁଝି ନିଜ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କଲାବେଳେ ତତେ ଲଜ୍ଜା ଲାଗୁନି କେମିତି ? ରୂପା କେବଳ ତୋ ସ୍ତ୍ରୀ ନୁହେଁ । ବୋହୁ ରୂପରେ ସେ ମୋର ଝିଅ ମଧ୍ୟ । ସେ ଏ ଘରର ଲକ୍ଷ୍ମୀ । ଏହା ପରଠାରୁ ଯଦି ତୁ ବୋହୁ ଉପରେ କୌଣସି ପ୍ରକାର ଲାଞ୍ଛନା ଲଗାଇବୁ କିମ୍ବା ଅପମାନିତ କରିବୁ ତା'ହେଲେ ତୁ ମୋତେ ଚିହ୍ନିବୁ । ଆଜିଠାରୁ ତାକୁ ଏକୁଟିଆ ବୋଲି ଭାବିବାର ଭୁଲ କରିବୁନି ।"

ଆଶୁ ଆଶ୍ଚର୍ଯ୍ୟଚକିତ ହୋଇ ମୋ ମୁହଁକୁ ଚାହିଁଥାଏ । କେବେ କିଛି କହୁନଥିବା ମାଆଟା ଆଜି ଏତେ କଥା କହିଗଲା କେମିତି, ବୋଧହୁଏ ଏହା ହିଁ ଭାବୁଥିବ କି କଣ । ସେ କେବେ କଳ୍ପନାରେ ବି ବୋଧହୁଏ ଭାବିନଥିଲା, ଏମିତି କିଛି ହୋଇପାରିବ ବୋଲି । ରୂପା ମୋତେ କୁଣ୍ଢେଇଧରି ବିକଳ ହୋଇ କାନ୍ଦୁଥାଏ । ଏତକ କହିସାରିଲା ପରେ ମୋତେ ନିଜକୁ ବହୁତ ହାଲୁକା ଲାଗିଲା । ସେ ସମୟରେ ମୋତେ ଲାଗୁଥିଲା ସତେ ଯେମିତି ମୋ ମୁଣ୍ଡରୁ ଅନେକଦିନର ଗୋଟେ ବଡ଼ ବୋଝ ଦୂରେଇ ଯାଇଛି ।

To read the complete magazine, Download it for FREE from www.aahwaan.com

"ଚାଲ ବୋହୂ । ନିଜର ସମ୍ମାନକୁ ହରେଇ କୌଣସି ସମ୍ପର୍କକୁ ଜୀବିତ ରଖି ତତେ କଣ ମିଳୁଛି ?" କହି ରୂପାର ହାତକୁ ଧରି ନିଜ ରୁମକୁ ନେଇ ଆସିଲି । ଆଜି ମୋତେ ମୋର ହଜିଯାଇଥିବା ପରିଚୟ ମିଳିଯାଇଥିବାରୁ ବହୁତ ଖୁସି ହେଉଥିଲି । ଆଜି ମୁଁ ଅନୁଭବ କରୁଥିଲି ସତରେ ଯଦି ନିଜର ହକ୍ ପାଇଁ ଲଢ଼ିବାକୁ ପଡ଼େ ତେବେ ନିଜର ସ୍ୱର ଉତ୍ତୋଳନ କରିବାରେ କିଛି କ୍ଷତିନାହିଁ । ନିଜେ ଯଦି ସତପଥରେ ଅଛ ତେବେ ପଥରୋଧ କରୁଥିବା ଲୋକମାନେ ଦିନେ ନା ଦିନେ ନିଶ୍ଚୟ ମୁଣ୍ଡ ନୁଆଇଁବେ ।

"ଆଜିଠାରୁ ମୁଁ ଆଉ ତୋ ଏ ଉଦାସ ମୁହଁଟା ଯେମିତି ନ ଦେଖେ...' କହି ରୂପାର ମୁଣ୍ଡକୁ ଆଉଁସି ଦେଉ ଦେଉ ବୁଝାଉଥାଏ । ସତରେ ଆଜି ମୋ ଜୀବନ କଡ଼ ଲେଉଟାଇବା ଆରମ୍ଭ କରିଥିଲା । ସବୁ କିଛି ନୂଆ ନୂଆ ଲାଗୁଥିଲା । ମୋତେ ଆଉ ମନରେ ବିଶ୍ୱାସ ଆସୁଥିଲା ଯେ ଆଶୁ ନିଶ୍ଚୟ ନିଜ ଭୂଲ ବୁଝିପାରି କ୍ଷମା ମାଗିବ । ସମ୍ମାନର ସହ ରୂପାକୁ ସ୍ୱୀକାର କରିବ । ଉଚିତ ମର୍ଯ୍ୟାଦା ଦେବ । ଏତେ କଥା ଭାବି ଭାବି ମୋ ଓଠରେ ପରିତୃପ୍ତିର ହସଟିଏ ଖେଳି ଉଠିଲା ।

ମାର୍ଫତ : କେ ଭି କେ ମୂର୍ତ୍ତି

ଦେବୀ ଏଣ୍ଟରପ୍ରାଇଜେସ୍, ନ୍ୟୁ କଲୋନୀ

(ସ୍ୱାମୀ ବିବେକାନନ୍ଦ ସ୍କୁଲ ପାଖ)

କପିଳାସ ରୋଡ଼, ରାୟଗଡ଼

To read the complete magazine, Download it for FREE from www.aahwaan.com

# ନିଜୁକ ପାଖରେ ରଖନ୍ତୁ



ଡା ସୁବାସ ଚନ୍ଦ୍ର ରାଉତ

ବିବାହ ଉତ୍ସବରେ ଯୋଗ ଦେଇସାରି ଫେରୁଥାଉ । ମୋ ସାଥୀରେ ମୋ ବଡ଼ ଭାଇ, ସେହି ଭାଇଙ୍କର ବଡ଼ ଭାଇର ସ୍ତ୍ରୀ(ଭାଉଜ) ଓ ତାଙ୍କ ବୋହୁ ଥିଲେ । ଦିନ ତିନିଟାରେ କାର୍ ଛାଡ଼ିଲା । ଖରା ତେଜ କମି କମି ଆସୁଥାଏ । କାର୍ ଚାଲିଲା ବେଳେ ସୁଲୁ ସୁଲୁ ପବନ ବୋହୁଥିଲା । ଝରକା ବାହାରକୁ ଅନେଇଲେ ଦେଖାଯାଉଥିଲା ସବୁଜ କ୍ଷେତ । ଧାନ ଗଛ ସବୁ ଆମକୁ ମୁଣ୍ଡ ହଲେଇ ଟା ଟା କରି ବିଦାୟ ଦେଉଥିଲେ । ରାସ୍ତାଟି ଖାଲ ଖମାରେ ପରିପୂର୍ଣ୍ଣ । ଗାଡ଼ି ରହି ରହି ଉଠୁଥାଏ ପଡୁଥାଏ । ମଝିରେ ମଝିରେ ମୁଁ କହୁଥାଏ, "ଏ ଡ୍ରାଇଭର ଭାଇ, ଟିକେ ଧୀରେ ଦେଖିକରି ଚଲାଅ । ଏ ଯୋଉ ଆକାରର ଖାଲ ହେଇଛି ନା, ଥରେ ଏଥିରେ ଗାଡ଼ି କଚିହେଲେ ଅଣ୍ଟା ଭାଙ୍ଗିଯିବ ।"

ଆମେ ତିନି ଭାଇ ନିଜ ନିଜ ପରିବାର ସହ ବିଭିନ୍ନ ଜାଗାରେ ବାସ କରୁଥିଲୁ । ଏହିଭଳି ଏକାଠି ହେବା ସୌଭାଗ୍ୟ ଖୁବ୍ କମ୍ ଜୁଟୁଥାଏ । ଏଣେ ବାହାଘରରେ ନୂଆ ପୁରୁଣା ଲୋକଙ୍କ ସାଥୀରେ ଦେଖା ସାକ୍ଷାତ ହେଲା । ପୂର୍ବ

To read the complete magazine, Download it for FREE from www.aahwaan.com

ରାତିର ଭୋଜିର ଖାଦ୍ୟ ଅତି ସ୍ୱାଦିଷ୍ଟ ହୋଇଥିଲା । ବହୁତ ଖୁସି ଲାଗୁଥିଲା । ଅଣଓସାରିଆ ରାସ୍ତା ଯୋଗୁଁ କାରକୁ ଅଧିକାଂଶ ସମୟରେ ଅନ୍ୟ ଯାନ ଗୁଡ଼ିକୁ କଟେଇ ନେବାକୁ ହେଉଥିଲା । ଲମ୍ବା ରାସ୍ତା । ଅନେକ ସମୟ ବିତି ଗଲାଣି । ବିରକ୍ତ ଲାଗିଲାଣି । ଆହୁରି ତିନି ଚାରି ଘଣ୍ଟା ଲାଗିବ ନିଜ ଘରେ ପହଞ୍ଚିବାକୁ । ଆହୁରି କେତେ ବର୍ଷ ବା କେତେ ଶତାବ୍ଦୀ ବିତିଯିବ, ଅନ୍ୟ ବିକଶିତ ଦେଶର ରାସ୍ତା ଭଳି ଆମ ରାସ୍ତା ହେବ !

ଭାଇଙ୍କ କଥା କହିବା ଶୈଳୀ ବହୁତ ସୁନ୍ଦର । ଓଜନଦାର ସ୍ୱର । ସେ କଥା କହିଲା ବେଳେ ଶ୍ରୋତାମାନେ ମନ୍ତ୍ର ମୁଗ୍ଧ ହୋଇ କଥା ଶୁଣନ୍ତି । ନୀରବତା ଭଙ୍ଗ କରି ସେ ଗପିବାକୁ ଆରମ୍ଭ କଲେ । "ସାରା ଭାରତ ମୁଁ ବୁଲିଛି । ଆମେରିକା ଯାଇଥିଲି ସରକାରୀ କାମରେ । ନ୍ୟୁୟର୍କ, ୱାସିଙ୍ଗଟନ୍ ଆଦି ସହର ସବୁ ବୁଲିଛି । ମୋ ଜୀବନରେ କେତେ କଅଣ ଦେଖିଛି, ତୁମେ ସେ ସବୁ ଚିନ୍ତା କରି ପାରିବନାହିଁ । ବିରାଟ ବିରାଟ କୋଠା ସବୁ ବିଦେଶରେ ଦେଖିଛି । ଷାଠିଏ, ସତୁରି, ଶହେ ମହଲା ଘର ସବୁ ଠିଆ ହୋଇଛି । ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ । ଆମ ଦେଶରେ ସେ ଭଳି ରାସ୍ତା କାହିଁ ନା କୋଠା କାହିଁ !"

ମୋର ମନେ ପଡ଼ିଗଲା ପିଲାଦିନ କଥା । ଭାଇ ସେତେବେଳେ କଟକରେ ରେଭେନ୍ସା କଲେଜର ହଷ୍ଟେଲରେ ରହି ପଢୁଥିଲେ । ଛୁଟିରେ ଘରକୁ ଆସିଲେ କହନ୍ତି, "ଜାଣିଛ, କଟକ ସହର ଧବଳ ଟଗର । କେତେ ସୁନ୍ଦର ସୁନ୍ଦର କୋଠା ସବୁ ଅଛି, ଦେଖିଲେ ଆଖି ଖୋସି ହୋଇଯିବ । ସଂସାରରେ ଯେତେ ପ୍ରକାର ଖାଦ୍ୟ ଅଛି, ସେ ସବୁ ମୁଁ ଖାଇ ସାରିଛି । କିଛି ବାକି ନାହିଁ । ଓମ୍ଲେଟ୍, କଟ୍ ଲେଟ୍ ଆଦି କେତେ କଅଣ ଖାଇ ସାରିଲିଣି ।" ଆମେ ସେତେବେଳେ ଆଁ କରି ତାଙ୍କ କଥା ଶୁଣୁଥାଉ । ସେତେବେଳେ ଆମେ ଜାଣି ନ ଥିଲୁ, ଅଣ୍ଡା ଭଜାକୁ ଇଂରାଜୀରେ ଓମଲେଟ କହନ୍ତି । ଟିକିଏ ବଡ଼ ହେଲାପରେ ଜାଣିଲୁ । ଘରେ କୁକୁଡ଼ା

To read the complete magazine, Download it for FREE from www.aahwaan.com

ପାଳିଥିଲୁ । ଏଣୁ ଅଣ୍ଡା ଭଜା ବା ଓମଲେଟ ନିୟମିତ ଭାବରେ ଖିଆ ହେଉଥିଲା । ଭାଇ ଏଇମିତି ସାଧାରଣ କଥାକୁ ବଢ଼େଇ ଚଢ଼େଇ କରି କହନ୍ତି । ଆମେ ବଡ଼ ହେଲା ପରେ ଏହି ଅଭ୍ୟାସ ସହ ପରିଚିତ ହେଲୁ, କିନ୍ତୁ ତା ପୂର୍ବରୁ ଜାଣି ନ ଥିଲୁ । ଏଇଟା ତାଙ୍କର ଗୋଟାଏ ପରୁଣା ଅଭ୍ୟାସ ।

ଭାଇ କହିବାକୁ ଲାଗିଲେ, "ହେଇ ଦେଖ, ଏଠି ଗୋଟେ ମନ୍ଦିର ଦେଖାଯାଉଛି । ଏଇଟା କି ମନ୍ଦିର! ସାରା ଭାରତ ବୁଲିଛି । ମୁଁ କେତେ ଉଚ୍ଚ ଉଚ୍ଚ ମନ୍ଦିର ଦେଖିଛି । ଆକାଶକୁ ଛୁଇଁଲା ଭଳି ଦେଖାଯାଏ । ବିଶାଳ ମନ୍ଦିର ସବୁ । ଜାଣିଛ, ଏ ମନ୍ଦିର ଭିତରେ ଶିବଲିଙ୍ଗ ଅଛନ୍ତି । ମନ୍ଦିର ଚୁଡ଼ାକୁ ଦେଖିଲେ କେଉଁ ଠାକୁରଙ୍କ ମନ୍ଦିର ଜାଣିହେବ । ଚକ୍ର ଅଛି ତ ବିଷ୍ଣୁ ମନ୍ଦିର, ତ୍ରିଶୂଳ ଥିଲେ ଶିବ ମନ୍ଦିର । କେଜାଣି କେଉଁ ଯୁଗରୁ ଏ ଲିଙ୍ଗପୂଜା ଭାରତରେ ଚାଲିଛି । ତୁମେ ବୋଧହୁଏ ଜାଣିନ, କାମାକ୍ଷା ମନ୍ଦିରରେ ଯୋନି ପୂଜା ହୁଏ । ବିଦେଶୀମାନେ ଏ ଲିଙ୍ଗ ଓ ଯୋନି ପୂଜା ଦେଖି ହସନ୍ତି । କହନ୍ତି, ଭାରତୀୟମାନେ ସେହି ଆଦିମ ଯୁଗରେ ଏବେ ଯାଏଁ ଅଛନ୍ତି । ଅବଶ୍ୟ ଆମର ମନ୍ଦିର ମାନଙ୍କର କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୁଅନ୍ତି ।"

କାର୍‌ର ଦର୍ପଣରେ ଦେଖିଲି ବୋହୁଟି ଲାଜେଇ ଯାଉଛି । ଭାଉଜ ଲାଜେଇ ମୁରୁକି ହସା ଦେଉଛନ୍ତି । ମୋତେ ଖରାପ ଲାଗିଲା । ପାଖରେ ଅଳ୍ପ ବୟସର ବୋହୁ ଅଛି । ଖୁଡ଼ୁତା ଶ୍ୱଶୁର ହୋଇ ବୋହୁ ଆଗରେ ଏମିତି କଥା କଅଣ କହିବା କଥା ! କଅଣ କହିବି, ବଡ଼ ଭାଇ ସେ । ଏମିତି କଥା ଯଦି ମୁଁ କହିଥାନ୍ତି, ତେବେ ନିଶ୍ଚୟ ଅଭଦ୍ର ବୋଲି ଶୋଧା ଖାଇଥାନ୍ତି । କହିଥାନ୍ତେ, "ଏହାର ଥାନ ଅଥାନ ଜ୍ଞାନ ନାହିଁ । ନ ଭାବି ନ ଚିନ୍ତି କଥା କଥା କହୁଛି ।" ଆମ ଭାରତୀୟ ପରମ୍ପରାରେ ବଡ଼ ଭାଇ ପିତା ସମାନ । ସେ ଯେତେ ଅଶିଷ୍ଟ କଥା କହିଲେ ମଧ୍ୟ ବାଧା

To read the complete magazine, Download it for FREE from www.aahwaan.com

ଦେବା କଥା ନୁହେଁ । ବାଧା ଦେଇଥିଲେ ମଧ୍ୟ ଅଭଦ୍ରାମି ହୋଇ ଥାଆନ୍ତା । ବେଳେ ବେଳେ ଏମିତି ସମୟ ଆସେ, ଚୁପ ରହିବାକୁ ମଣିଷ ବାଧ୍ୟ ହୁଏ ।

ଭାଇ ରିଟାୟାର୍ କରିବା ପରେ ଛଅ ବର୍ଷ ବିତିଲାଣି । ଭାଇ ବଡ଼ ଅଫିସର ହୋଇ ଚାକିରୀ କରୁଥିଲେ । ସରକାରୀ କଳରେ ଉଚ୍ଚପଦବୀରେ ରହି ଚାକିରି କଲେ ଅଧିକାଂଶ ବ୍ୟକ୍ତି ଧରାକୁ ସରା ମନେ କରନ୍ତି । ଅଫିସରେ ଉଚ୍ଚ ପଦସ୍ଥ ଅଫିସର୍ ଯାହା କହିଲେ କେହି ବାଧା ଦେବାକୁ ନ ଥାଏ । ନିମ୍ନ ପଦସ୍ଥ କର୍ମଚାରୀମାନର ଶିକ୍ଷା ଦୀକ୍ଷାରେ କମ୍ ଥାଆନ୍ତି । ଅନୁଭୁତି ମଧ୍ୟ କମ୍ ଥାଏ । ଭରସି କରି କିଛି କହି ପାରନ୍ତି ନାହିଁ । ମନକୁ ନ ପାଇଲା ଭଳି କିଛି କହିଲେ ଗାଳି । ତା ଛଡ଼ା ଅନେକ ଲୋକ ତେଲ ମାରିବାରେ ସିଦ୍ଧ ହସ୍ତ ଥାଆନ୍ତି । "ଆଜ୍ଞା, ଆପଣ ଯାହା କହୁଛନ୍ତି ସବୁ ଠିକ୍ । ଆପଣଙ୍କ ଭଳି ନିର୍ଭୁଲ୍ ଇଂଲିସ୍ କେହି ଜାଣି ନାହାନ୍ତି । ମୋର ଆଜ୍ଞା ଜୀବନ କାଳ ବିତି ଗଲାଣି ଏ ଅଫିସରେ । ଅନ୍ତତଃ ଏତିକି କହିବି, ଆପଣଙ୍କ ଭଳି ଭଦ୍ର ଓ ଜ୍ଞାନୀ କାହାକୁ ଦେଖିନାହିଁ ।" କହିବା ବାହୁଲ୍ୟ, ଉପର ଅଫିସରଙ୍କୁ ଏହି ଭଳି ସମ୍ମାନ ସେମାନେ ଜୀବନ ସାରା ଦେଇ ଆସୁଥିବେ ।

ଏ ତ ଗଲା ଅଫିସ୍ କଥା । ଘରେ ବନ୍ଧୁ, ବାନ୍ଧବ ତଥା ଚିହ୍ନା ପରିଚିତ ଯେତେକ ଲୋକ ଆଆନ୍ତି, କେହି ଏ ଭଳି ଅଫିସର୍‌ଙ୍କ କଥା ଉପରେ କଥା କହନ୍ତି ନାହିଁ, କାରଣ ଭଲ ସମ୍ପର୍କ ରଖିଥିଲେ କେତେବେଳେ ହେଲେ କାମରେ ଆସିବ । କେତେବେଳେ ଅବା ପୁଅ ଝିଅଙ୍କୁ ଅଫିସରେ ଚାକିରୀ ଖଣ୍ଡେ ଦେବେ ବା ସୁପାରିସ୍ କରି ଦେଲେ ଅନ୍ୟ କେଉଁଠି ଚାକିରିଟାଏ ମିଳିଯିବ । କେତେ ବେଳେ ଅବା ଦରକାର ପଡ଼ିଲେ କିଛି ଧାର ମାଗିଲେ ମିଳିଯିବ । ତା ଛଡ଼ା ଅମୁକ ଅଫିସର୍ ମୋର ବନ୍ଧୁ, କହି ନିଜର ଆଭିଜାତ୍ୟ ଜାହିର କରିବା ଲୋକ ମଧ୍ୟ ବହୁତ ଅଛନ୍ତି । ଏଣୁ ମୋଟା ମୋଟି କହିବାକୁ ଗଲେ ଏ ଭଳି ପରିସ୍ଥିତିରେ ଉଚ୍ଚ ପଦବୀଧାରି

To read the complete magazine, Download it for FREE from www.aahwaan.com

ଅଫିସର୍‌ମାନେ ନିଜକୁ ସର୍ବଗୁଣସଂପନ୍ନ, ସବୁଠାରୁ ବଡ଼ ଓ ମହାଜ୍ଞାନୀ ଭାବିବାରେ ତାଙ୍କର କୌଣସି ଦୋଷ ନାହିଁ । ବଡ଼ ଲୋକକୁ ଉତ୍ତର ନାହିଁ କି ସ୍ୱର୍ଗକୁ ନିଶୁଣୀ ନାହିଁ । ଭାଇ ସେହିଭଳି ଜଣେ ଅଫିସର୍ ଥିଲେ । ସେ ଯାହା କହୁଥିଲେ, ତାହାର ପ୍ରତିବାଦ କେହି କରିବା ମୁଁ ସାରା ଜୀବନରେ କେବେ ଶୁଣିନାହିଁ ।

ଭାଇ କହିବାକୁ ଲାଗିଲେ, "ତୁମେ ସବୁ ଜାଣିନ, ମୁଁ ସବୁବେଳେ କ୍ଲାସ୍‌ରେ ଫାଷ୍ଟ ହେଉଥିଲି ।" ଏ କଥା ଆମେ ସାରା ଜୀବନ ଶୁଣି ଆସିଛୁ । କିଛି ନୂଆ କଥା ନୁହେଁ । ମୋର ମନେ ପଡ଼ିଗଲା, 'ଶୋଲେ' ସିନେମାର ସଂଳାପ, "ତେରା ନାମ କ୍ୟା ହେ ବସନ୍ତି ।" ଚୁପ ରହିଲି । "ବଡ଼ କଷ୍ଟରେ ପଢୁଥିଲି । ମୋର ଲୁଗାପଟାର ମାନ ସବୁ ସାଙ୍ଗମାନଙ୍କ ଅପେକ୍ଷା ଖରାପ ଥିଲା । ସ୍କଲାରଶିପ୍ ପାଉଥିଲି ବୋଲି ଚଳିଗଲି ।"

ହାଏ ! ଭାଇ ଏ ସବୁ କଅଣ କହି ଯାଉଛନ୍ତି ? ମୋର ତ ସ୍ପଷ୍ଟ ମନେଅଛି ସେତେବେଳେ ମଖନ୍ ଜିନ୍ କପଡ଼ା ସବୁଠାରୁ  ଭଲ କନାରେ ଗଣାଯାଉଥିଲା । ସେ ସେଇ କନାରେ ପ୍ୟାଣ୍ଟ ସିଲେଇ କରି ପିନ୍ଧୁଥିଲେ । କଲେଜରେ କେବଳ ଇଣ୍ଟରଭିଉ ଦେବାକୁ ଯିବା ପାଇଁ ସୁଟ୍ ସିଲେଇ ହୋଇଥିଲା । ସେତେବେଳେ କୋଟ ସିଲେଇ କରିବାକୁ ଶହେ ଟଙ୍କା ଦରଜି ନେଉଥିଲେ, ଯେତେବେଳେ ମାଂସ ସେର (କିଲୋଠାରୁ ଅଧିକ) ଏକ ଟଙ୍କା ଆଠଣା(ପଚାଶ ପଇସା) ଥିଲା । ତା'ଛଡ଼ା ଗୋଟିଏ ସୁଟ୍ କଲେଜରେ କରେଇ ଥିଲେ । ୟୁନିଫର୍ମ କୋଟ ମଧ୍ୟ କରେଇ ଥିଲେ । ବର୍ଷା ଦିନ ନିମନ୍ତେ ଗମ୍ ବୁଟ କିଣିଥିଲେ । ସେହି ପଢ଼ିବା ସମୟରେ ସାଇକେଲ ଓ କ୍ୟାମେରା ମଧ୍ୟ କିଣିଥଲେ । ଏବେ ବି ମୁଁ ବୁଝିପାରେନି, ପଢ଼ିବା ବେଳେ ଏ ଭଳି ସୌଖୀନର ଆବଶ୍ୟକତା କଅଣ ଥିଲା । ସ୍କଲଲାଶିପ୍ ଏମିତି କେତେ ମିଳେ ଯେ, ସେଥିରେ ମେସ୍ ଖର୍ଚ୍ଚ ଦେଇ ସାରି କୋଟ୍, ସୁଟ୍, କ୍ୟାମେରା ଓ ସାଇକେଲ୍ ଆଦି କିଣି

To read the complete magazine, Download it for FREE from www.aahwaan.com

ପାରୁଥିଲେ ! ମୁଁ ଜାଣିବାରେ ସ୍କଲାର୍ଶିପ୍ ପଇସାରେ କେବଳ ମେସ୍ ଖର୍ଚ୍ଚ ଓ କିଛି ଆନୁସଙ୍ଗିକ ଖର୍ଚ୍ଚ ତୁଲାଇ ହୁଏ ।

ସାଧାରଣ ମଧ୍ୟ ବର୍ଗ ପରିବାରରେ କୌଣସି ପିଲା ଉଚ୍ଚଶିକ୍ଷା କରିବାକୁ ଗଲେ ପରିବାର ଉପରେ କିପରି ଆର୍ଥିକ ବୋଝ ପଡ଼େ ତାହା ଅନୁଭବୀମାନେ ଜାଣିଥିବେ । ଯେଉଁ ସମୟରେ ଭାଇ କଲେଜରେ ଥିଲେ, ସେତେବେଳେ ଆମେ ଆକ୍ଷରିକ ଅର୍ଥରେ ବାସ୍ତବ ଅନାଟନ ଭିତରେ ଗତି କରୁଥିଲୁ । କାରଣ ତାଙ୍କ ନିମନ୍ତେ ବାପାଙ୍କ ଦରମାର ଅଧା ତାଙ୍କ ପାଖକୁ ପଠା ଯାଉଥିଲା । ମାସ ସରି ଆସିଲା ସମୟରେ ବେଳେ ବେଳେ ଆମେ ଭାତ ସହ ଆମ୍ବୁଲ ଖାଉଥିଲୁ । ପରିବା କିଣିବାକୁ ପଇସା ଅଣ୍ଟେନି । ପରିବାରର କୁନି ସଦସ୍ୟମାନଙ୍କ ଚର୍ମରେ ପଦ୍ମ କଣ୍ଟା ଦେଖା ଯାଉଥିଲା । ଏହା ଭିଟାମିନ୍ ଅଭାବ ଯୋଗୁ ହେଉଥିଲା । ଘରେ ପିଲାମାନେ ଗୋଟିଏ ହଳ ପେଣ୍ଟ ଓ ସାର୍ଟରେ ଚିରିବା ପର୍ଯ୍ୟନ୍ତ ଚଳୁଥିଲେ । ରବିବାର ଦିନ ଲୁଗା ଧୋଇ ଶୁଖେଇ ରଖା ଯାଉଥିଲା, ସୋମବାରଠାରୁ ପିନ୍ଧିବା ନିମନ୍ତେ ।

ଯେତେବେଳେ ଭାଇ ଘରକୁ ଆସନ୍ତି, ସେତେବେଳେ ଆମ ଗୋଡ଼ ତଳେ ଲାଗେ ନାହିଁ । ଦିବ୍ୟ ଭୋଜନ ରନ୍ଧା ହୋଇ ତାଙ୍କୁ ପରଷି ଦିଆଯାଏ । ଘରେ ଖବର କାଗଜ ମଗା ଯାଏନି । କିନ୍ତୁ ସେ ଆସିଲେ ସଙ୍ଗେ ସଙ୍ଗେ ଖବର କାଗଜ ମଗାଯାଏ । ଘରର ଅଭାବ ଅସୁବିଧା କଥା ସେ ଅବା ଜାଣନ୍ତେ କିପରି ? ସବୁ ଅସୁବିଧା ସହି ଯାଉଥିଲୁ । କାହିଁକି ? ଆମେ ଭାଇଙ୍କୁ ଭଲ ପାଉଥିଲୁ । ମନର ସେହି ନିଃସ୍ୱାର୍ଥପର ଭଲ ପାଇବା ଯୋଗୁଁ କେବେ ଅସୂୟାଭାବ ମଧ୍ୟ ମନରେ ଆସି ନଥିଲା । ଆମର ସାମୟିକ ଅନାଟନରେ ଥିଲେ ମଧ୍ୟ କେବେ ତାଙ୍କ ପ୍ରତି ଈର୍ଷା କରି ନଥିଲୁ । ମଣିଷ ଯାହାକୁ ଭଲ ପାଏ, ତାହା ପ୍ରତି କାୟ-ମନୋବାକ୍ୟରେ ସମର୍ପଣ ଭାବଥାଏ ।

To read the complete magazine, Download it for FREE from www.aahwaan.com

କଥା ଆଗେଇ ଚାଲିଲା, "ମୋ ପଢ଼ିବା ସମୟରେ ବହିଟିଏ ବି କିଣି ପାରିନଥିଲି । ଲାଇବ୍ରେରୀରେ ବସି ବହି ପଢୁଥିଲି । ଏମିତି କଷ୍ଟରେ ମୋର କଲେଜ ଜୀବନ ବିତିଛି । ଘରୁ କିଛି ପଇସା ପତ୍ର ମିଳେନି ।"

ଏ କଥା ସେ କେବଳ ଆମକୁ କହୁ ନ ଥିଲେ, ଅନେକ ଲୋକଙ୍କୁ କହିଥିଲେ । ଅନେକ ଦିନତଳେ ମୁଁ ବାଣୀ ବିହାର ଯାଇଥିଲି ମୋର ନିଜ କାମରେ । ସେଠାରେ ଅଫିସର ଜଣେ ସିନିଅର୍ କିରାଣୀବାବୁ ମୋତେ ଦେଖି କେଜାଣି କାହିଁକି କିଛି ସମୟ ଅନେଇ ରହିଲେ । ତା'ପରେ କହିଲେ, "ଆପଣଙ୍କର ଜଣେ ଭାଇ ଅଛନ୍ତି କି ?" ମୁଁ କହିଲି, "ହଁ, ଅଛନ୍ତି ।" ସେ କହିବାକୁ ଲାଗିଲେ, "ଆପଣଙ୍କର ଭାଇ ବହୁତ ଭଲ ପାଠ ପଢୁଥିଲେ । ସେ ଆମ ୟୁନିଭର୍ସିଟିର ଗୌରବ ଥିଲେ ।" ଶୁଣି ଖୁସି ଲାଗିଲା, କାରଣ ଆଜିକାଲି ଭଲ ଛାତ୍ରକୁ ତାଙ୍କ ନିଜ ବ୍ୟାଚ୍‌ର ଛାତ୍ରମାନେ ମଧ୍ୟ ମନେ ରଖି ପାରୁନାହାନ୍ତି । ତା'ପରେ ସେ କହିଲେ, "କିଛି ଖରାପ୍ ଭାବିବେନି, ଘରୁ କିଛି ପଇସା ପତ୍ର ଆସେନି ବୋଲି କହୁଥିଲେ । ଅତି କଷ୍ଟରେ ଚଳୁଛି ବୋଲି କହୁଥିଲେ ।" ସେ ବାବୁଙ୍କୁ ମୁଁ କଅଣ କହିଥିଲି ମୋର ମନେ ନାହିଁ, କିନ୍ତୁ ସେ ଯାହା କହିଥିଲେ, ଆଜି ତାହା ମୋ ଭାଇ ଦୋହରାଉଛନ୍ତି ।

ଘରର ଦୋଷ, ଦୁର୍ବଳତା, ଅଭାବ, କଳି, କଜିଆ ବିଷୟ ସାହି ପଡ଼ିଶା ତଥା ଅନ୍ୟମାନଙ୍କୁ କହିବାକୁ ଶାସ୍ତ୍ର ମନାକରିଛି । ଏହା କରିବା ଦ୍ୱାରା ଅନ୍ୟମାନଙ୍କୁ ଟାହି ଟାପରା କରିବାକୁ ସୁଯୋଗ ମିଳେ । ଏ ସବୁ ସର୍ବଦା ବର୍ଜନୀୟ । ଭାଇ କିନ୍ତୁ ତାଙ୍କ କର୍ମମୟ ଜୀବନରେ ବନ୍ଧୁ, ବାନ୍ଧବ, ଚିହ୍ନା ପରିଚିତ ବ୍ୟକ୍ତିମାନଙ୍କ ଆଗରେ ଘର ଲୋକଙ୍କଠାରୁ କିଛି ସାହାଯ୍ୟ ନ ପାଇଥିବା କଥା ବଖାଣନ୍ତି । ଏହି କଥାରେ ସତ୍ୟତା ବହୁତ କମ୍ ଥିଲା । ଏ ଭଳି କହି ସେ

To read the complete magazine, Download it for FREE from www.aahwaan.com

କଅଣ ପାଆନ୍ତି ଜଣାନାହିଁ । ବରଂ ଘରୁ କିଛି ଆସେନି କହିବାଦ୍ୱାରା ଘରର ମାନ ସମ୍ମାନ ତଳକୁ ଯାଉଥିଲା ।

ତାଙ୍କ ପାଠ ପଢ଼ା ଖର୍ଚ୍ଚ ତୁଲେଇବା ପାଇଁ ବାପାଙ୍କ ଦରମାରୁ ତ ପ୍ରତି ମାସରେ ଟଙ୍କା ପଠା ହେଉଥିଲା, ତା ବାଦ୍ ପରୀକ୍ଷା ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଜମି ଖଣ୍ଡେ ମଧ୍ୟ ବିକ୍ରି ହୋଇଥିଲା । କେମିତି ସେ ଏପରି କହି ପାରୁଛନ୍ତି ? ଭାବିଲି, ଛାଡ଼ ଏ ଅଭ୍ୟାସ ତାଙ୍କର ଅନେକ ଦିନୁ ଅଛି । ଆଜି ପ୍ରତିବାଦ କଲେ କଅଣ ଛାଡ଼ିବ ? ପ୍ରକୃତି ନୈବ ମୂଚ୍ୟତେ । ଯଦି ଏ ଭଳି କହି ଜଣେ ଖୁସି ପାଉଛି, ପାଉ । କ୍ଷତି କଅଣ ।

ତା'ପରର କଥା ମୋ ପ୍ରତି ଉଦ୍ଦିଷ୍ଟ ଥିଲା । "ତୋ ପାଠପଢ଼ାର ସବୁ ଖର୍ଚ୍ଚ ମୁଁ ଦେଉଥିଲି । ସେଥି ଯୋଗୁଁ ଖାଇବାକୁ ପାଉ ନ ଥିଲୁ ।" ଇଏ କି କଥା କହୁଛନ୍ତି, ଭାବିଲି । ମୁଁ ତ ଲୋନ୍ କରି ପାଠ ପଢୁଥିଲି ? ଲୋନ୍ ପଇସାରେ ପ୍ରାୟ ନଅ ମାସ ଚଳି ଯାଉଥିଲା । ବାକି ରହିଲା ତିନି ମାସ । ନିଶ୍ଚୟ ମୋର ଖର୍ଚ୍ଚ ତୁଲାଇ ଥିବେ । କିଛି କଷ୍ଟ ହୋଇଥିବ । ଜଣେ ଅଫିସର୍ଙ୍କ ଦରମାରୁ କିଛି କମିଗଲେ ଅସୁବିଧା ନିଶ୍ଚୟ ହେବ । କାରଣ, ସେତେବେଳକୁ ତାଙ୍କର ଜୀବନଧାରଣର ମାନ ଉଚ୍ଚ ହୋଇ ଯାଇଥିବ । କିନ୍ତୁ ସେତେବେଳେ ବାପା ଜୀବିତ ଥିଲେ । ଅନେକ ଥର ସେ ନିଜେ ମୋର ପାଠପଢ଼ା ଖର୍ଚ୍ଚ ତୁଲାଉଥିବା କଥା କହିଥିଲେ । ସେ ପେନ୍‌ସନ୍ ଟଙ୍କା ପାଉଥଲେ । ଏବେ ଭାଇ କହୁଛନ୍ତି ସେ ମୋତେ ପଢ଼ଉଥିଲେ, ବାପା କହୁଥିଲେ ସେ ମୋତେ ପଢ଼ଉଥିଲେ, ଏଣେ ମୁଁ ଲୋନ୍ ଷ୍ଟାଇପେଣ୍ଡ ପାଉଥିଲି । ମୋ ମୁଣ୍ଡ ଗୋଳମାଳିଆ ଧରିଲା । କିନ୍ତୁ କଥା ଏତିକିରେ ସରିଥିଲେ ତ ଭଲ ହୋଇଥାଆନ୍ତା । ସେ କଥା ହେବାର ନ ଥିଲା । ଆଉ ଗୋଟାଏ ବାକ୍ୟ - ବମ୍ ଆଗକୁ ତାଙ୍କ ପାଟିରୁ ବାହାରି ମୋ ମନକୁ ଦଳି ମକଚି ଖିନ୍ ଭିନ୍ କରିଦେଲା ।

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


"ତୁମେ ସବୁ ଜାଣିନ, ବାପା ମୋତେ ମୋ ପଢ଼ିବା ସମୟରେ ଟଙ୍କାଟିଏ ମଧ୍ୟ କେବେ ସାହାଯ୍ୟ ଦେଇ ନ ଥିଲେ ।"

ଏଇ ଗୋଟିଏ ବାକ୍ୟ ହଠାତ୍ ମୋ ହୃଦୟ ଭିତରେ ଦବି ରହିଥିବା ସୁପ୍ତ ଆଗ୍ନେୟଗିରିରୁ ଲାଭା ନିର୍ଗମନ କଲା । ଯେଉଁ ଭାଇକୁ ସାରା ଜୀବନ ସମ୍ମାନ ଦେଇ ଆସୁଥିଲି, କେବେ ବି କଥା ଉପରେ କଥା କହି ନଥିଲି, ତାଙ୍କ ପ୍ରତି ଘୃଣାରେ ମନ ବିଷାକ୍ତ ହୋଇଗଲା । ଯେଉଁ ବାପା ଜୀବନ ଯାକ ସୁଖ ସ୍ୱାଚ୍ଛନ୍ଦ୍ୟରେ ବଢ଼ିଥିଲେ, ସେ କେବଳ ଶେଷ ଜୀବନରେ ଏଇ ଭାଇଙ୍କ ନିମନ୍ତେ କଷ୍ଟ ସହିଥିଲେ । ଭାବିଥିଲେ, ପୁଅ ପାଠ ପଢ଼ି ସାରିଲେ କୂଳ ଉଜ୍ଜ୍ୱଳ କରିବ । ତା' ନାମରେ ମୁଁ ନାମ କରିବି । କିନ୍ତୁ ବାସ୍ତବରେ ଏ କଅଣ ହେଉଛି ! ପୁଅ କହୁଛି, ବାପା ଟଙ୍କାଟିଏ ବି ମୋତେ କେବେ ଦେଇ ନାହାନ୍ତି । ମୋ ବାପାଙ୍କ ନାମରେ ଏ କଥା ମୁଁ ସହି ପାରିଲିନି । ଇଚ୍ଛା ହେଉଥିଲା, ସେଇ ମୁହୂର୍ତ୍ତରେ ପ୍ରତିବାଦ କରିବାକୁ । କରି ପାରିଲିନି, କାରଣ ସାଥୀରେ ଡ୍ରାଇଭର୍ ଥିଲା । କଅଣ ଭାବିବ ସେ କେଜାଣି !

ତା'ପର ଦୁଇ ଦିନ ମୋର ବହୁତ ଅଶାନ୍ତିରେ କଟିଲା । ସେହି ଗୋଟିଏ ବାକ୍ୟ ମୋ କର୍ଣ୍ଣଗହ୍ୱରରେ ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଲାଗିଲା । ମୋର ପୂଜ୍ୟ ପିତାଙ୍କ ପ୍ରତି ଏତେ ଅନାଦର ମୁଁ ମୋଟେ ସହି ପାରିଲିନାହିଁ । ଯେତେ ଯେତେ ସମୟ ବିତୁଥାଏ ମୋର ମାନସିକ ଅଶାନ୍ତି ସେତେ ବଢ଼ି ଯାଉଥାଏ । ବିଦ୍ରୋହ ମୋ ମନରେ ବଢ଼ି ଚାଲିଥାଏ । ଶେଷରେ ଧୈର୍ଯ୍ୟ ରହିଲା ନାହିଁ । ଯେଉଁ ଭାଇ ନିଜ ପିତା ପ୍ରତି ସ୍ନେହ ଓ ଆନୁଗତ୍ୟ ଦେଖାଉ ନାହିଁ, ସେ ନିଜ ଭାଇ ପ୍ରତି କି ସ୍ନେହ ସଦ୍ଭାବ ରଖିବ । ଭାବିଲି, ଅନ୍ୟାୟ କରିବା ଉଚିତ ନୁହେଁ କି ଅନ୍ୟାୟ ସହିବା ବି ଉଚିତ ନୁହେଁ, "ମା ବୃୟାତ୍ ସତ୍ୟମ୍ ଅପ୍ରିୟମ୍"ର ଲକ୍ଷ୍ମଣରେଖା ଭିତରେ ରହି ଛଟପଟ ହେଉଥଲି । ଶେଷରେ ଠିକ୍ କଲି, ନା, ଆଉ ନୁହେଁ ।

To read the complete magazine, Download it for FREE from www.aahwaan.com

ଦୁଇ ଦିନ ପରେ ଫୋନ୍ ଉଠାଇ ତାଙ୍କ ନମ୍ବର ଡାଏଲ କଲି । "ଭାଇ, ନମସ୍କାର ।" ସେ ପଟରୁ ଶୁଭିଲା, "ନମସ୍କାର" । "ଭାଇ, ସେ ଦିନ କାରରେ ଆସିଲା ବେଳେ ଯାହା କହିଲ, ତାହା କଅଣ ଠିକ୍ । ବାପା ତୁମକୁ ଟଙ୍କାଟିଏ ବି ଦେଇ ନାହାନ୍ତି ?" ଭାଇ କହିଲେ, "କିଏ କହିଲା ?" ମୁଁ କହିଲି, "ତୁମେ ନିଜେ ସେ ଦିନ କହିଲ, ଆଜି ଭୁଲି ଗଲଣି ?" ବହୁ କଷ୍ଟରେ ଅଟକାଇଥିବା ମୋର କ୍ରୋଧ ଆହୁରି ବଢ଼ିଗଲା । ତୀବ୍ର ସ୍ୱରରେ କହି ଉଠିଲି ମୁଁ, "ଭାଇଇଇଇଇ..... । ତୁମେ ଏମିତି କଥା କେମିତି କହି ପାରୁଛ ? କଥା କହିଲା ବେଳେ ତୁମର ହୋସ୍ ରହୁନି । ଯାହା ମନକୁ ଆସୁଛି କହି ଯାଉଛ, ସେ ସବୁ ତୁମକୁ ଜମା ଶୋଭା ପାଉନି । ବାପା ଟଙ୍କାଟିଏ ବି ଦେଇ ନାହାନ୍ତି, କହିବାକୁ ତୁମକୁ ଲାଜ ଲାଗୁନି ? ଟଙ୍କାଟିଏ ବି ଘରୁ ନ ପାଇ ତୁମେ ପାଠ ପଢ଼ି ଏତେ ବଡ଼ ଅଫିସର୍ ହୋଇଗଲ । କିଛି ନ ଦେଲେ ମଧ୍ୟ ଏଇ ଯୋଉ ଶରୀର ତୁମେ ଧାରଣ କରି ଏତେ ଗର୍ବ କରି କଥା କହୁଛ, ସେହି ଅମୂଲ୍ୟ ଶରୀରକୁ ବାପା ତୁମକୁ ଫୋକଟରେ ଦେଇଛନ୍ତି, ଟଙ୍କାଟିଏ ନେଇନ କଅଣ କହୁଛ ।"

ସେ ପଟରୁ କିଛି କ୍ରୋଧାନ୍ୱିତ ବାକ୍ୟ ମୋ କର୍ଣ୍ଣ ପଟଳରେ ବାଜୁଥାଏ, କିନ୍ତୁ ସେ ସବୁ ମୁଁ ଶୁଣିବା ଅବସ୍ଥାରେ ନ ଥିଲି । କିଛି ସମୟ ପରେ ଫୋନ୍ ରଖିଦେବାର ଶବ୍ଦ ଶୁଣାଗଲା । ଫୋନ୍ କଟିଯିବାର ବିପ୍ ବିପ୍ ଶବ୍ଦ ମୋତେ ଯେମିତି ଆମ ଆଗାମୀ ଭଙ୍ଗୁର ସମ୍ପର୍କର ସୂଚନା ଦେଉଥିଲା । ଚୌକି ଉପରେ ଲଥ୍ କରି ବସିପଡ଼ିଲି । ଧିରେ ଧିରେ ପ୍ରକୃତିସ୍ଥ ହେଲି । ମନେ ପଡ଼ିଲା, ଜଣେ ମହାମନୀଷୀ କହିଛନ୍ତି,

"ନିନ୍ଦକ୍ ନିୟରେ ରଖିୟେ, ଆଂଗନ କୁଟୀ ଛୱାୟ ।

ବିନ୍ ପାନି ବିନ୍ ସାବୁନା, ନିର୍ମଲ କରେ ସୁଭାଭ ।"

To read the complete magazine, Download it for FREE from www.aahwaan.com

ଏହାର ଅର୍ଥ, ନିନ୍ଦୁକକୁ ନିଜ ଅଗଣାରେ କୁଟୀର ବନେଇ ରଖିଲେ ବିନା ସାବୁନ୍ ଓ ପାଣିରେ ସ୍ୱଭାବ ନିର୍ମଳ ହୋଇଯିବ । ଏତେ ବଡ଼ ମହାମନିଷୀଙ୍କ କଥା କେବେ ହେଲେ ଅସତ୍ୟ ହେବନାହିଁ । ଏଠାରେ ନିନ୍ଦୁକ ଅର୍ଥ ସମାଲୋଚକ । ବିଡ଼ମ୍ବନାର ବିଷୟ, ସୁସ୍ଥ ସମାଲୋଚନାକୁ ଗ୍ରହଣ କରିବା ଲୋକ ବହୁତ କମ୍ ଥାଆନ୍ତି । କିନ୍ତୁ ସତ କହିଲେ ମଣିଷ ଚିଡ଼େ, ମିଛ କହିଲେ ଭଗବାନ୍ ଚିଡ଼ନ୍ତି ।

ଭ୍ରାମ୍ୟଭାଷ : ୭୯୭୮୦୫୯୮୫୧

To read the complete magazine, Download it for FREE from www.aahwaan.com

# ଯୋଡ଼ିଏ ଫୁଲ ଓ ମାୟାଜାଲ



ଡ: ମୌସୁମୀ ପରିଡ଼ା

## ଯୋଡ଼ିଏ ଫୁଲ

ଟ୍ରାଫିକ୍ ଜାମ୍ ପୁରା । ଗାଡ଼ିକି ଗାଡ଼ି ଲମ୍ବିଛି ପ୍ରାୟ ଗୋଟେ କି.ମି. । ଅଫିସରେ ପହଞ୍ଚିବାକୁ ବିଳମ୍ବ ଆଜି ପୁଣି । ଏଇଠି ତ ଗାଡ଼ି ଧୂଆଁ ଖାଇ ଖାଇ ଅଧଘଣ୍ଟା ବିତିଯିବ । ଅବଶ୍ୟ ଏଇ ମଉକାରେ କିଛି ଛୋଟ ବ୍ୟବସାୟୀମାନେ ଗାଡ଼ି ପାଖକୁ ଆସି ଜିନିଷ ବିକ୍ରି କରନ୍ତି । ଫଳ ହେଉ କି ପନିପରିବା । କେବେକେବେ ଭଲ ବିକ୍ରି ମଧ୍ୟ ହୋଇଯାଏ । ସେଦିନ ତେର ଚଉଦ ବର୍ଷର ଝିଅଟେ ଝର୍କା ପାଖେ ମୁହଁ ଗୁଂଜି ଦେଇ ପଚାରିଲା - ବାବୁ, ଫୁଲ ନବ ? ତା ହାତରେ ଲାଲ୍ ଗୋଲାପ ଫୁଲ ଯୋଡ଼ାଏ । ଏ ଯାଗାରେ ଦିନ ନଅଟାରୁ ଦିନ ଏଗାରଟା ଯାଏ ତା'ର ଫୁଲ ବିକ୍ରୀ ଭଲ ହୁଏ । ଏମିତି ଅନେକଥର ଦେଖିଛି ତାକୁ ଫୁଲ ଧରି ଗାଡ଼ି କଡ଼ରେ ଠିଆ ହୋଇଥିବାର । ଆଜି ବି ସେଇ କାମରେ । ଟ୍ରାଫିକ୍ ଜାମ୍ ହେଲେ ସେମାନଙ୍କର ସୁବିଧା । ବହଲେଇ ଫୁସୁଲେଇ ବିକ୍ରୀ କରି ଦିଅନ୍ତି ।

To read the complete magazine, Download it for FREE from www.aahwaan.com

ଝିଅଟିର ଶାରୀରିକ ଗଠନ ମନ୍ଦ ନଥିଲା । ହୁଏତ ନିଜକୁ ଟିକେ ଢଙ୍ଗରେ ସଜାଇ ପାରିଲେ ଆଜିକାଲିକା ସୁନ୍ଦରୀ ଝିଅଙ୍କୁ ଟକ୍କର ଦେଇପାରନ୍ତା । ହେଲେ ସେଆଡ଼କୁ ତା'ର ନଜର କି ଆଗ୍ରହ ଥିଲା ଭଳି ମନେହୁଏନା । ଲାଗେ ପେଟପାଟଣା ପାଇଁ କାମ ହିଁ ତାର ସବୁକିଛି । ଅସଂଯତ ବେଶରେ ସେ ସୁନ୍ଦର ଫୁଲମାନ ବିକ୍ରୀ କରେ । ସେଦିନ ବୋଧେ ବହୁ ଫୁଲସବୁ ବିକ୍ରୀ କରି ଦେଇଥିଲା । ବାକି ମାତ୍ର ଯୋଡ଼ିଏ ବଳି ପଡ଼ିଥିଲା ବୋଲି କହିଲା ।

ମୋର ବି କାହାକୁ ଫୁଲ ଦେବାର ନଥିଲା । ହଁ ମନ୍ଦିରକୁ ଯିବାର ଥିଲେ ନିଶ୍ଚୟ ଏ ଫୁଲ ନେଇଥାନ୍ତି । ହେଲେ ଆଜି ଅଫିସ୍ ଯିବାରେ ଏତେ ବିଳମ୍ବ ଯେ ଈଶ୍ୱରଙ୍କୁ ଦେଖିବାର ସୁଯୋଗ ନାହିଁ । ଫୁଲ ରହିରହି ମଉଳିଯିବ ଏ ମେ ମାସର ଖରା ତାତିରେ । ଝିଅଟା ବି ଅନୁରୋଧ କରୁଥିଲା - ବାବୁ, ଏ ଯୋଡ଼ାକ ମାତ୍ର ବଳିଛି.. ଦଶଟଙ୍କାରେ ଦେଇଦେବି । ଦିନଯାକର କଷ୍ଟ ସରିଯାଆନ୍ତା ମୋର । ଖୁବ୍ ଧାଇଁଲିଣି ଖରାରେ । ପିଲାଟାର ଏତେ କଥା ଶୁଣି ମନଟା ବ୍ୟାକୁଳ ହେଲା । ଦଶଟା ଟଙ୍କାର ବା ଦାମ୍ କେତେ ଆଜିକା ଯୁଗରେ । ମୁଁ ଏ ଫୁଲକୁ ନେଇ କଣ କରିବି ଭାବିବା ଅନାବଶ୍ୟକ ଥିଲା । ଗାଡ଼ିରେ ପଛେ ପଡ଼ିଥିବ..! ନହେଲେ କାମବାଲିକୁ ଦେଇଦେବି ।

ଦଶଟା ଟଙ୍କାକୁ କୃତ୍ୟ କୃତ୍ୟ ହୋଇ ନେଇ ସେ ଚାଲିଯାଉଥିଲା । କଣ ଭାବିକି ତାକୁ ଡାକି କହିଲି - ନେ ଏତକ । ସେ କହିଲା - ଫେରାଉଛ କାଇଁକି ବାବୁ । ଫୁଲ ତ ବେଶ୍ ସତେଜ । ଆଜି ସକାଳେ ଗଛରୁ ତୋଳିକି ଆଣିଥିଲି ପରା ! ପରଖୁନ କେତେ ବାସ୍ନା ଅଛି ସେଥିରେ ! ମୁଁ କହିଲି - ନାଇଁ ମୁଁ ଫୁଲ ଫେରାଉନି । ତୋତେ ଦେଉଛି । ତୋ କେଶରେ ଲଗାଇ ନିଜକୁ ସଜାଇବୁ । ଏ ଫୁଲ ତୋ ପାଇଁ ଉପହାର ବୋଲି ଭାବି ନେ । ସେ ଚମକି

To read the complete magazine, Download it for FREE from www.aahwaan.com

ପଡ଼ିଲା - ଉପହାର.. ! ! ଫୁଲବାଲିକୁ କଣ କିଏ ଫୁଲ ଉପହାର ଦିଏ କି ବାବୁ ? ସବୁବେଳେ ପରା ଫୁଲ ଧରି ବୁଲୁଛି । କଣ କରିବି ଏସବୁ ନେଇ ? ମୁଁ କହିଲି - ତୁ ବିକିବାକୁ ଫୁଲ ତୋଳୁଛୁ କେବେ ଦିନେ ତୋ ବେଣୀରେ ଲଗାଇ ନିଜକୁ ସଜାଇଛୁ ? ଏ ଯୋଡ଼ାକ ଫୁଲ ଆଜି ତୋ ବେଣୀରେ ଯତ୍ନ ସହକାରେ ଲଗାଇ ଦେଖିବୁ ତୁ ଫୁଲଠାରୁ ବି କେତେ ସୁନ୍ଦର ଆଉ ତୋ ସରଳପଣ ଫୁଲର ବାସ୍ନାଠୁ ବି ମଧୁର । ସେ ମୋତେ ବଲବଲ ହୋଇ ଚାହିଁଥିଲା । ହୁଏତ ତାକୁ ଏଭଳି କେହି କହିନଥିବ ବୋଲି ସେ ଆଚମ୍ବିତ ହୋଇଯାଉଥିବ ।

ତା ହାତରେ ଫୁଲ ଯୋଡ଼ାକ ଦେଖି ପୁଅଟେ ଧାଇଁ ଆସି କହିଲା - ନାନୀ.. ଏ ଯୋଡ଼ିକ ଶେଷ ଫୁଲ ବିକି ପାରିଲୁନି ? ଟ୍ରାଫିକ୍ ଫ୍ରି ହୋଇଗଲାଣି । ଦେଖୁନୁ ଆଗର ଗାଡ଼ିସବୁ ଧୀରେଧୀରେ ଚାଲିବାକୁ ଆରମ୍ଭ କଲେଣି । ଦେ ମୋତେ ଫୁଲ ମୁଁ ବିକି ଦେଉଛି - କହି ତା ହାତରୁ ଫୁଲ ଝାମ୍ପି ନେଇ ଗାଡ଼ି ଆଗକୁ ଧାଇଁଲା । ଝିଅଟା ବଡ଼ପାଟିରେ କହୁଥିଲା - ଆରେ ସେ ବିକିବାକୁ ନୁହଁ । ହେଲେ ଗାଡ଼ିମାନଙ୍କ ଘୋ ଘା ଶବ୍ଦରେ ସେ ପିଲାଟା କିଛି ଶୁଣି ପାରିଲାନି ।

ଝିଅଟା ଆଖିରେ ଚରି ଯାଉଥିଲା ଅସହାୟତାରୁ ଚେନାଏ । ସେ ଦଶ ଟଙ୍କା ବଢ଼ାଇ ଦେଇ ମୋତେ କହୁଥିଲା - ନିଅ ବାବୁ.. ମୋ ସାନଭାଇ ଫୁଲ ନ ବିକି ଆସିବନି । ତୁମ ଫୁଲର ମୂଲ ରହିଲାନି । ତେଣୁ ଟଙ୍କା ରଖ । ତା ହାତର ସେ ଦଶଟଙ୍କା ମୋ ସାରା ଜୀବନର ସଚ୍ଚୋଟତାକୁ ଉପହାସ କରୁଥିଲା । ଗାଡ଼ିର ବେଗ ବଢ଼ି ସାରିଥିଲା । ନା ସେ ମୋତେ ଟଙ୍କା ଫେରାଇ ପାରିଲା ନା ମୁଁ ଦେଇଥିବା ଉପହାରକୁ ସାଇତି ପାରିଲା । ରାସ୍ତା କଡ଼ରେ ବତୀଖୁଣ୍ଟଟେ ପରି ବେଶ୍ ମ୍ଳାନ ଓ କରୁଣ ଦିଶୁଥିଲା ସେ.. ! ମୁଁ ବି ଷ୍ଟିଅରିଂ

To read the complete magazine, Download it for FREE from www.aahwaan.com

ବୁଲାଇଲି ଭିନ୍ନ ଦିଗରେ.. ଭାବୁଥିଲି ଫୁଲ ବିକାଳିଙ୍କ ପାଇଁ ଫୁଲ କଣ ଖାଲି ରୋଜଗାରର ପନ୍ଥା ହୋଇପାରେ ! ! ସେମାନଙ୍କ ଭିତରର ଆବେଗ କଣ ଏମିତି ଫୁଲମାନଙ୍କ ସହ ବିକ୍ରି ହୋଇଯାଏ ?

ମାୟାଜାଲ

ଏମିତି କଣ ହୁଏ ସ୍ୱାତୀ ? ଅନ୍ୟର ବିଶ୍ୱାସକୁ ଛିନ୍ନକରି କେହି କଣ ସୁଖୀ ହୋଇପାରେ ? ଅନ୍ୟର ଭାବନା ସହିତ କୁତ୍ସିତ ଖେଳ ରଚିବାକୁ ବିବେକ ବାଧା ଦିଏନି ? ଆଇନାରେ ସେମାନେ ନିଜର ବିକୃତ ରୂପକୁ କିପରି ସହନ୍ତି ? କଣ୍ଠରୁଦ୍ଧ ହୋଇ ଯାଉଥିଲା ବାନ୍ଧବୀ ଶ୍ରଦ୍ଧାର । ନିଶ୍ଚଳା ସ୍ୱାତୀ କିନ୍ତୁ ନିର୍ବିକାର ! ଭାବାନ୍ତର ନଥିଲା ତା ଭିତରେ । ବହିଚାଲିଥିଲା କୋଉ ଅନୁକୂଳ ସ୍ରୋତରେ କେଜାଣି ! ଉପରେ ଘୁରୁଥିବା ପଙ୍ଖା କିମ୍ବା ବାହାରର କୋଳାହଳ ତାକୁ ବହଲାଇ ପାରୁନଥିଲେ । ସେ ହଜି ଯାଇଥିଲା ନିଜ ଭିତରେ । ସବୁ ପ୍ରକାର ବିଷ ପିଇ ସେ ମରିନଥିଲା କିମ୍ବା ବିଷକନ୍ୟା ପାଲଟି ପାରିନଥିଲା । ଖାଲି ଅନ୍ୟକୁ ବିଶ୍ୱାସ କରିବାର ଚରମ ପରିଣତି ଭୋଗ କରୁଥିଲା ।

ସୁମନ୍ୟୁ କହନ୍ତି - ତୁମେ ମୋ ପାଇଁ ପ୍ରାଣଠୁ ବଳି ମୂଲ୍ୟବାନ୍ ସ୍ୱାତୀ । ତୁମକୁ ନ ଦେଖିଲେ ଜୀବନ ତୁଚ୍ଛ ! ତୁମ ଅଳସୀ ରୂପର ଫଟୋଟେ ଦିଅନ୍ତୁନି ହ୍ୱାଟ୍ସଆପ ରେ । ସ୍ୱାତୀ ହଠାତ୍ ଚହଲିଯାଏ । ଭୁଲିଯାଏ ପ୍ରତି ପଦପାତରେ କିପରି ବିଶ୍ୱାସ ପୋଡ଼ି ଭସ୍ମ ହୋଇଯାଏ । ପ୍ରତିଟି ମୁହଁ କିପରି ଖୋଳପା ଭିତରେ ଲୁଚିଯାନ୍ତି ! ସୂର୍ଯ୍ୟକିରଣରେ ବି ଅଜସ୍ର ପାପ ରଚନା ହୁଏ । ରାତି ପାଲଟିଯାଏ ପ୍ରତିଟି ଦିନ । ଛଳନାହୀନ ମଣିଷ ବିକଳ ବିଦ୍ରୁପରେ ଲାଞ୍ଛିତ ଏଠି ପ୍ରତିଟି ମୁହୂର୍ତ୍ତ ! ଓଃ.. କେମିତି ଭୁଲିଯାଏ ସେ ! ବାଧ୍ୟବାଧକତାରେ

To read the complete magazine, Download it for FREE from www.aahwaan.com

ଅନେକ ଫଟୋ ଦେଇଛି ହ୍ୱାଟ୍‌ସଆପରେ । ସୁମନ୍ୟୁ ବି ଖୁସିରେ କହନ୍ତି - ସବୁ ଫଟୋରେ ତୁମେ ଅପସରୀ..! ନିଜର ମଣିଷଟେ ପରି ! ଟିକେ ବୋଲ୍ଡ ଫଟୋ ଦିଅନା ! ଯେମିତି ଶାଢ଼ୀଟା କାନ୍ଧରୁ ଟିକେ ଖସି ଯାଇଥିବ.. । ଦେହର କିଛି ଶୋଭାରେ ମନ ଟିକେ ଚହଲି ଯାଉଥିବ.. ଇତ୍ୟାଦି । ସ୍ୱାତୀ ଚମକିପଡ଼େ.. ଏ କି ଅନୁରୋଧ.. କି ପ୍ରକାରର ପ୍ରେମ !! ଯେବେଠାରୁ ସେ କଥାକୁ ଅଗ୍ରାହ୍ୟ କରିଦେଇଛି ସେବେଠୁ ସୁମନ୍ୟୁଙ୍କ ଅସଲି ମୁଖା ଖସିପଡ଼ିଛି ।

ଶେଷଥର ପାଇଁ ସେ କହିବାର ମନେଅଛି - ମୋ ସ୍ୱପ୍ନ ଓ କଳ୍ପନାକୁ ତୁମେ ଉଡ଼ାଇନେଲ । କାଲି ବଞ୍ଚିଥିଲେ ଫୋନ୍ କରିବି । ସେବେଠୁ ସଶଂଯ୍ଯାଛନ୍ନ ସ୍ୱାତୀ । ଯଦି କିଛି ହୋଇଯାଏ ସୁମନ୍ୟୁଙ୍କର ! ଯଦି ସେ କିଛି କରିପକାନ୍ତି ! ଭୟଙ୍କର ମନୋଦଶା ଭିତରେ ସେ ଖୁବ୍ ଅସୁସ୍ଥ ହୋଇପଡ଼ିଛି । ତା ପରଦିନ ସ୍ୱାତୀକୁ ପରାସ୍ତ କରି ଫେସବୁକରେ ଆଉ ଗୋଟେ ଝିଅ ସହିତ ଫଟୋ ପୋଜ୍ ଦେଇଥିଲେ ସୁମନ୍ୟୁ । ସ୍ୱାଭାବିକ ଜୀବନ ବଞ୍ଚୁଥିଲେ ବୋଲି ଉଭୟଙ୍କ ସାଧାରଣ ବାନ୍ଧବୀଙ୍କଠୁ ଜାଣିବା ପରଠାରୁ ଜୋରରେ ଚହଲି ଯାଇଥିଲା ସ୍ୱାତୀର ମାନସିକ ସ୍ଥିତି !.. ମାନସିକ ଚିକିତ୍ସା ବିଭାଗର ୪୭ ନମ୍ବର ବେଡ଼ଟା ତାର ଠିକଣା ପାଲଟିଯାଇଥିଲା ! (ସମାପ୍ତ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର
କ୍ୱା. ନଂ - ୩ ଆର/୪
ଜଗତସିଂହପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ମାଆ ତୁମେ କେଉଁଠି ?



ଡ: କୁଳାଙ୍ଗାର

ଘାଂଟଚକଟ - ମାଆ ତୁମେ ଆଜିକାଲି କେଉଁଠି ?

ମାଆ,

ତମେ ଜଗତଜନନୀ, ଜଗଦମ୍ବା, ଜଗତର ସାହା ଭରଷା ବୋଲି ନାଆଁ କରିଛ । କିନ୍ତୁ ଆଜିକାଲି ନିଜ ନାଆଁ ନିଜେ ପକାଉଛ ! ମାଆ ବୋଲି ଖୋଲିକି କହୁଛି ନଚେତ ବାପାଙ୍କର କର୍ଣ୍ଣମୁଳିଆକୁ ମୋର ଭାଆରି ଡର । ମାଆ ତମେ ଯଦି ଜଗତର । ନିତି ଜାପାନୀ ଜ୍ୱରରେ ପିଲାଗୁଡ଼ାକୁ କିଏ ମାରୁଛି ? ତମେ ଡାକ୍ତରର ନା ରୋଗୀର ? ତମେ ରୋଗୀର ସମ୍ପର୍କୀୟର ନା ଔଷଧ ଦୋକାନୀର ? ତୁମେ ସରକାରର ନା ବିରୋଧୀଦଳର ?

ତୁମେ କହିବ ମୁଁ ସମସ୍ତଙ୍କର ! ଇଏ କି କପଟ ମାଆ ? ତମେ ଭାରତର ବି ପାକିସ୍ଥାନର ବି ? ଗୋଟେ ମହିଷାସୁରକୁ ମାରି ତମେ ଯଦି ଏତେ ନାମ କମେଇଛ, ଶହଶହ ନିରୀହଙ୍କୁ ବଞ୍ଚେଇ ନ ପାରିବାର ଅଭିଯୋଗରେ ବଦନାମ ନହେବ କାହିଁକି ? ହଁ ଗୋଟେ କଥା ଜଣେଇଦିଏ, ମୁଁ ଜୀବନ ଭୟରେ ତମୁକୁ ଏକଥା ସିଧା ନକହି ଲେଖା

To read the complete magazine, Download it for FREE from www.aahwaan.com

ମାଧ୍ୟମରେ ଜଣାଉଛି । ମେଢ଼ ସାମ୍ନାକୁ ଯାଇ ତୁମକୁ ଏମିତି ପ୍ରଶ୍ନ କଲେ ପୂଜା କମିଟିବାଲାଏ ଚିହିଁକି ଉଠିବେ । ବାଡ଼େଇକି ମୋ ନାକଦଣ୍ଡି ଫଟେଇଦେବେ ! ବାଡ଼େଇ ବାଡ଼େଇ ହାଲିଆ ହେଲାପରେ ଏଇଟା ଧର୍ମଛଡ଼ାଟାଏ ବୋଲି କହି ପୁଲିସିରେ ଦେଇଦେବେ । ପୁଲିସି ପୁଣି ମନବୋଧ କରି ପିଟିବ, ଗୁଡ଼ାଏ ସଂସ୍କୃତ ଶୁଣେଇବ, ତା ପରେ ତା ପକେଟ୍ ଫୁଲ୍ ହେଲା ପରେ ଯାଇ ଛାଡ଼ିବ ।

ପୂଜା କମିଟିବାଲାଙ୍କ ନାଆଁରେ ମୋର ଏମିତି ଅଭିଯୋଗ ତୁମକୁ ଭଲ ଲାଗୁ ନ ଥାଇପାରେ । କେମିତି ବା ଲାଗନ୍ତା, ସେମାନେ ତୁମ ପାଇଁ ଏଡ଼େ ଏଡ଼େ ଅସ୍ଥାୟୀ ପ୍ରାସାଦ ନିର୍ମାଣ ଯେ କରିଛନ୍ତି; ଯାହାକି ମାତ୍ର କେତୋଟି ଦିନ ପରେ ପୁଣି ଭାଙ୍ଗି ଦିଆଯାଏ । ମୁଁ ଯଦି କହିବି ଏତେ ଖର୍ଚ୍ଚ ନକରି ଛୋଟ ତୋରଣଟିଏ କରି ବଳକା ଟଙ୍କାରେ ବସ୍‌ଷ୍ଟାଣ୍ଡ ଓ ତୀର୍ଥସ୍ଥଳିମାନଙ୍କରେ ସ୍ଥାୟୀ ପାଇଖାନା ନିର୍ମାଣ କରାଯାଉ ! ମୁଁ ଜାଣେ ମୋ କଥା ନ ସରୁଣୁ ମୋ ପିଠିରୁ ଚମଡ଼ା ଉତୁରି ଯାଇଥିବ । ତମେ ଜଗତର ମାଆ ହେଲେ ବି ମୋ ପିଠିରେ ପଡ଼ିବନି । ନୀରବରେ ପୂଜା କମିଟିବାଲାଙ୍କୁ ସମର୍ଥନ ଦେବ । କାରଣ ସେମାନେ ତମ ପାଇଁ କୁଇଂଟାଲ କୁଇଂଟାଲ ସୁନା, ରୁପାରେ ଅଳଙ୍କାର ଗଢ଼ିଛନ୍ତି । ମୁଁ ଯଦି କହିବି ସେଇଥିରୁ କେତେଚିନା ଲେଖାଏଁ ଦେଇ ଗରିବର ଝିଅକୁ ବାହା କରିଦିଅ ତମେ କଣ ରାଗିବନି ? ପୁଜା କମିଟିବାଲାଏ ଏକଥା ଶୁଣିଲେ ମୋ ଝିଅବୋହୁଙ୍କୁ ଉଠେଇ ନେବାର ସମ୍ଭାବନା ଅଛି ।

ତେଣୁ ତମଠୁ ମୋର ଭରସାର ଆଶା କମ । ତମେ ସବୁବେଳେ ସେଇ ପୂଜା କମିଟି ବାଲାଙ୍କ ପଟିଆ । କାରଣ ସିଏ ତମର ମନୋରଂଜନ ପାଇଁ ମେଲୋଡ଼ିର ଆୟୋଜନ

To read the complete magazine, Download it for FREE from www.aahwaan.com

କରନ୍ତି । ରେକର୍ଡ ଡ୍ୟାନ୍ସବାଲାଙ୍କୁ ଆଣି ନଚାନ୍ତି । ସେମାନେ ପ୍ରାୟ ଧନି, ପେଟୁଆ ଓ ଚିକ୍କଣିଆ । ସେମାନଙ୍କର କାର ଗାଡ଼ିଥାଏ ଆଉ ମୁଁ ନିପଟ ଅଗାଡ଼ି ।

ଆଠଦିନ ତଳେ ସେମାନେ ମୋ ଘରକୁ ଆସିଥିଲେ । କଲିଂବେଲ୍ ଥିଲେ ବି ତାକୁ ନ ଚିପି ଦାଣ୍ଡ କବାଟଟାକୁ ଏମିତି ଦୁଲୁଦୁଲୁ କରି ପିଟିଲେ ଯେ ସେଥିରୁ ଯୋଡ଼େ କଣ୍ଟା ହୁଗୁଳିଗଲା । ମୁଁ ସେମାନଙ୍କର ଆଗମନର ଆଭାସ ପାଇ ଘରଣୀ ହାତରେ ପଚାଶଟଙ୍କା ଦେଇ କହି ପଠେଇଲି କି ମୁଁ ଘରେନାହିଁ । ଏମିତି କହିବାର କାରଣଟି ପୂର୍ବ ଅଭିଜ୍ଞତାଜନିତ । ପାଖରେ ପାଇଲେ ପୂଜା କମିଟିବାଲାଏ ରକ୍ତପିପାସୁ ହୋଇ ଯାଆନ୍ତି । ପଚାଶଟଙ୍କାକୁ ସେମାନେ ଥୁ କରିଦେଲେ । କହିଲେ - ଏଥିରେ ସିଗାରେଟ ପ୍ୟାକେଟଟେ ବି ମିଳିବନି । ବାବୁଙ୍କୁ କହିବ କାଲି ସଂଧ୍ୟାରେ କୁଆଡ଼େ ନ ଯାଇ ଘରେ ଥିବେ, ନଚେତ ସବୁଦିନ ପାଇଁ ଯିବା ଆସିବା ବନ୍ଦ୍ କରିଦିଆଯିବ ।

ପରଦିନ ସଂଧ୍ୟାରେ ସେମାନେ ଆସିଲେ । ମୁଁ ବାଧ୍ୟ ହୋଇ ଦେଖାହେଲି । ମୁଁ ପଚାଶ ଟଙ୍କାରେ ଆଉ ସିଏ ଯାଇ ପାଂଚ ହଜାର ଟଙ୍କାରେ । ଏତେ ଦୂରତା ଥିବାରୁ ସଂପର୍କଟି ଭୟଙ୍କର ହେଲା । ସେମାନେ ମୋ ଗାମୁଛାରେ ମୋ ବେକକୁ ଚିପି ଦିଥର ଝାଙ୍କିଦେଲେ ।

ମୁଁ କହିଲି କି - ଏହା ଅଧର୍ମ !

ସେମାନେ କହିଲେ - ଧର୍ମପାଇଁ ନଦେଲେ ଏମିତି ଅଧର୍ମ ହେବ ହିଁ ହେବ ।

ଏଥର କହିଲି - ମୁଁ ପୁଲିସିରେ ଅଭିଯୋଗ କରିବି ।

To read the complete magazine, Download it for FREE from www.aahwaan.com

ସେମାନେ କହିଲେ - ଏତେଦୂର ଯିବ କାହିଁକି, ଏଇଠି ଦେଇଦିଅ । ଥାନାବାବୁଙ୍କ ପୁଅ ଆମ ସେକ୍ରେଟେରୀ । ସିଏ ଏତଲାଟା ବାପାଙ୍କ ପାଖରେ ପହଞ୍ଚେଇ ଦେବ ।

ମୁଁ କହିଲି - ଗଣତାନ୍ତ୍ରିକ ରାଷ୍ଟ୍ରରେ ପୁଲିସି ଆମ ଟିକସରୁ ଦରମାପ୍ରାପ୍ତ ଚାକିରୀଆ । ତେଣୁ ସିଏ ନଶୁଣିଲେ ମୁଁ ଆମ ଏମେଲେଙ୍କୁ କହିବି ।

ସେମାନେ କହିଲେ - ଏଇଠି କହିଦିଅ । ଏମେଲେଙ୍କ ସାନଶଳା ଆମ କମିଟିର ସଭାପତି ଆଉ ଖୋଦ ଏମେଲେ ମୁଖ୍ୟ ଉପଦେଷ୍ଟା ଅଛନ୍ତି ।

ମାଆ, ଜାଣିରଖ ସେମାନଙ୍କ କଥାଶୁଣି ଆଉ ଅଧିକ ବକବକ ନହୋଇ ତମପାଖକୁ ପାଂଚ ହଜାର ଟଙ୍କା ଚାନ୍ଦା ପଠେଇଲି । କାରଣ ସେମାନେ ତମଲୋକ ଆଉ ତମେ ସେମାନଙ୍କ ଲୋକ ।

ଟଙ୍କା ସିନା ଦେଇଦେଲି । ପାଂଚହଜାର ଚାନ୍ଦାର ରସିଦଟାକୁ ଦେଖି ଆମଘରେ ପରିସ୍ଥିତି ଅସମ୍ଭାଳ । ଘରଣୀ ଓ ପିଲାପିଲି ସମସ୍ତେ ଏକ ହୋଇ ମୋତେ ଏକୁଟିଆ କରି କହିଲେ କି ପାଂଚହଜାର ଟଙ୍କା ପୂଜା ଚାନ୍ଦା ଦେଇହେଉଛି କିନ୍ତୁ ଆମକୁ ପୂଜା ଖର୍ଚ୍ଚ ପାଇଁ ପାଆଁଶ ଟଙ୍କା ବି ମିଳୁନି ।

ମୋର ଔକାତ ବଢ଼ିଯାଇଛି ଭାବି ଘରଣୀ ଫରମାଇସି କଲେ - ତାଙ୍କର ଗୋଟେ ହାର ଆଉ ନୁଆ ଶାଢ଼ୀ ଦର୍କାର ।

ପୁଅର ଅଧିକ ସିସିବାଲା ନୂଆ ବାଇକିଗୋଟେ ଦର୍କାର ।

ଝିଅର ଫୋର୍ ଜି ମୋବାଇଲି ଦର୍କାର ।

To read the complete magazine, Download it for FREE from www.aahwaan.com

କୁକୁର ପାଇଁ ନୂଆ ବେଲ୍ଟ, ସୋଫାପାଇଁ ନୁଆ ପୋଷାକ ଦର୍କାର ! ଦେଖୁଛ ତ ମାଆ, ତମ ଯୋଗୁଁ ମୋର କେତେ ଖର୍ଚ୍ଚ ବଢ଼ିଗଲା ।

ମୁଁ ତ ମହାଗାଲୁଆ । ସବୁ ଶୁଣିଲି । ଉଁ କି ଚୁଁ କଲିନି । ମୋ ନୀରବତା ଘର ଲୋକମାନଙ୍କୁ ଆହୁରି କ୍ରୋଧାନ୍ୱିତ କଲା । ଯେତେବେଳେ ସିଏ ପୁଜାଚାନ୍ଦା ରସିଦଟାକୁ ଦେଖିଲା ତେଇଁଲା ।

ବାଧ୍ୟହୋଇ ରସିଦିଟାକୁ ଅଫିସିକୁ ନେଇଗଲି । ସେଠି ଅବସ୍ଥା ଆହୁରି ଖରାପ ହେଲା । ଯେଉଁ ପିଅନମାନେ ପଚାଶଟଙ୍କା ବଶହରା ବକ୍ସିସରେ ସନ୍ତୁଷ୍ଟ ରହୁଥିଲେ ସିଏ ପାଆଁଶ ମାଗିଲେ । ମୁଁ ପାଞ୍ଚହଜାର ଟଙ୍କା ପୁଜାଚାନ୍ଦା ଦେଇଚି ବୋଲି ଶୁଣିଲା ପରେ ମୋର ବସ୍ ଇର୍ଷାକରି କହିଲେ ଟିକେ କ୍ୟାସ ବୁକ୍ ନେଇକି ଆସନ୍ତୁ ମୁଁ ରିଭ୍ୟୁ କରିବି !

ଘରୁ ବାହାର ସବୁ ଆଡ଼େ ମୋର ପାଂଚହଜାର ଟଙ୍କା ଚାନ୍ଦା ଦେବା ଖବରଟା ରାଷ୍ଟ୍ର ହୋଇଗଲା । ଏତେ ଚର୍ଚ୍ଚାହେଲା ଯେ ଲୋକେ ଶେଷରେ ମୋ ନାଆଁ ଭୁଲି ମୋତେ ପାଂଚ ହଜାରୀ ବୋଲି ଡାକୁଛନ୍ତି ।

ମାଆ, ତମର ପୂଜା ଆୟୋଜନ ନ ହୁଏ, ମୁଁ ଏତେ ଦହଗଞ୍ଜ ନହୁଏ । ତମେ ତ ଜଗତର ମାଆ, ତମେ ତ ସର୍ବବ୍ୟାପୀ । ଦିନ କେତେଟା ପାଇଁ ଏ ମେଢ଼ଫେଢ଼ କରି ଏ ପୂଜା କାହିଁକି ?

ଯା ଦେବୀ ସର୍ବ ଘରେଷୁ ପତ୍ନୀରୂପେଣ ସଂସ୍ଥିତା । ମାଆ ତୁମକୁ ତ ଏକଥା ଅଛପା ନଥିବ କି ସବୁ ପତ୍ନୀଙ୍କୁ ତାଙ୍କର ସ୍ୱାମୀମାନେ ମହିଷାସୁର ପରି ଲାଗନ୍ତି । ସେଥିପାଇଁ ସବୁବେଳେ ଗେରସ୍ତଙ୍କୁ ଗରଗର । ଆଜିକାଲିକା ଘରଣୀମାନେ ସିଂହଠାରୁ ଶକ୍ତିଶାଳୀ ସ୍କୁଟି

To read the complete magazine, Download it for FREE from www.aahwaan.com

ଚଢ଼ି ଘିରିଘିରି ହୋଇ ବୁଲନ୍ତି । ନାନା ଦେବତାଙ୍କଠାରୁ ନାନା ଅସ୍ତ୍ରମାନ ପାଇ ଶକ୍ତିଶାଳୀ ହୋଇ ଉଠନ୍ତି । ତାଙ୍କର ଦଶ ଭୁଜରେ ମୋବାଇଲି, ପାନିଆ, ଚଟୁ, ରିମୋଟ, ପନିକି, ଝାଡୁ, ବେଲଣାକାଠି, ଛୁରୀ, ବନ୍ଧୁକ, ଲାଠି ଆଦି ଶୋଭା ପାଉଥାଏ । ମଦିରା ନିଶାରେ ଟୁଳୁଟୁଳୁ ହୋଇ ସିଏ ବହୁବାର ପତିଦେବଙ୍କ ବେକରେ ପାଦ ପକେଇ ଦେଇଥାଆନ୍ତି ।

ଅଧିକାଂଶ ପୁଅମାନେ କାର୍ତ୍ତିକପରି ଚିକ୍କଣିଆ । ତାଙ୍କ ଗାଡ଼ିପଛରେ ଅନେକ କୁମାରି ବୁଲନ୍ତି । ଶେଷକୁ ସିଏ କୁମାର ହୋଇ ରହନ୍ତି ।

ଗଣେଷ ପରି ଆଜିକାଲି ଅଧିକାଂଶ ଟୋକା ଖାଇ ଖାଇ ପେଟୁଆ । ବାପା ସାଥୀରେ ଗଣ୍ଡଗୋଳ କରି ମର୍ଡର କରିବାକୁ ପଛାଉନାହାନ୍ତି । ଯେତିକି ଦୁଷ୍ଟ ସେତିକି ବୁଦ୍ଧିଆ ବି । ମାଉସ୍ ଗୋଟେ ଲେଖେ ହାତରେ ଧରି ସେମାନେ ସଫ୍ଟଓୟାର ବଳରେ ସାରା ପୃଥିବୀକୁ ହଲଚଲ କରିଦିଅନ୍ତି ।

ଝିଅମାନଙ୍କ କଥା ତ ନକହିବା ଭଲ । ସେମାନେ ଚଣ୍ଡୀଚାମୁଣ୍ଡାଙ୍କ ପରି ବେଶ ପୋଷାକ ଓ ରଙ୍ଗଢ଼ଙ୍ଗ କରିବାକୁ ଭଲପାଆନ୍ତି ।

ଏଠି ଏତେ ଜୀବନ୍ତ ଦେବାଦେବୀ ଥିଲାବେଳେ ତମେ ମାଆ ସେମାନଙ୍କ ପଟିଆ ନ ହୋଇ ସବୁବେଳେ ପୂଜା କମିଟିବାଲାଙ୍କ ସାଥୀରେ ରହିଲ । ତମ ବାହନ ସିଂହଙ୍କର ବଂଶ ବୁଡ଼ିବାକୁ ବସିଲାଣି ସେଥିକି ତୁମର ନିଘା ନାହିଁ ! ଆମର ଏଠି ମର୍ଡର କରି ଲୋକେ କଥାଟାକୁ ଚପେଇ ଦିଅନ୍ତି । ତମେ କିନ୍ତୁ ବର୍ଷବର୍ଷ ଧରି ଗୋଟେ ମର୍ଡର ଘଟଣାକୁ ହାଇଲାଇଟ କରିଚାଲିଛ !

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଏକଥା ଜାଣି ତମର ମନଦୁଃଖ ହୋଇପାରେ କି ତମ ବିରୁଦ୍ଧରେ ଦଳେ ଲୋକ ବି ବାହାରିଛନ୍ତି । ସେମାନେ କହୁଛନ୍ତି ବିଚରା ମହିଷାସୁରଟା ଗୋଟେ ଦଳିତ ଥିଲା । ତମେ ତାକୁ ମାରି ପୁଣ୍ୟ ନୁହଁ ବରଂ ସାଂଘାତିକ ଅପରାଧ ଘଟେଇଛ । ସେଥିପାଇଁ ତୁମ ନାମରେ ମୋକଦ୍ଦମା ହେବା ଆବଶ୍ୟକ ।

ସେ କଥା ଛାଡ଼ ମାଆ, ବିରୋଧୀବାଲା ତ ସଜମାଛରେ ପୋକ ପକେଇବା ଲୋକ । ତମ ନିଜ ଲୋକଙ୍କ କଥା ଦେଖୁନ ମାଆ । ତମ ନାଆଁରେ କେତେ ଯେ ଆଦାୟ କରନ୍ତି ! କେତେ ରଖନ୍ତି କେତେ ଘରକୁ ନିଅନ୍ତି ସେ କଥା ତମେ ଜାଣ, ସିଏ ଜାଣନ୍ତି । ସେମାନେ ତମକୁ ପୂଜା ବାସିରେ ଟ୍ରାକ୍ଟରରେ ଲଦି ବୋହି ବୋହି ନିଅନ୍ତି । କାନଫଟା ଆବାଜରେ ଭେଷଡ଼ ଗୀତ ବଜାନ୍ତି । ନଙ୍ଗୁଳୀମାନଙ୍କୁ ଆଣି ନଚାନ୍ତି । ଟୋକାରୁ ବୁଢ଼ା ମଦପିଇ ଉଦୁରୁମତା ହୋଇ ଡିଅନ୍ତି । ପାନରୁ ଚୂନ ଖସିଲେ ବାଡ଼ିଆ ପିଟା ହୋଇ ଲହୁଲୁହାଣ ହୁଅନ୍ତି ।

ଆମର ଘରେ ଯେମିତି ଭାଇ ସହିତ ଭାଇର ପଡ଼େନି ତମର ସେମିତି ଗୋଟେ କମିଟି ସହ ଆଉ ଗୋଟେ କମିଟିର ପଡ଼େନି । କଥା କଥାରେ ଯୁଦ୍ଧଲାଗେ । ଏକଥା ବି ତ ମାଆ ତମ ଜାଣତରେ ହେଉଥିବ !

ସତ କହିଲ ମାଆ, ତମେ ଆଜିକାଲି କୋଉଠି ରହୁଛ ? ସୋ'ରୁମ ମାଲିକର ଅଫରରେ ନା ଲୋଫରର ଗଞ୍ଜିରେ ? କମ୍ପାନୀର ହୋର୍ଡିଂରେ ନା ମେଢ଼ର ବୁର୍ଜୁଆ ଆୟୋଜନରେ ? ? ତମେ କଣ ସତରେ ଏବେ ଧରାକୁ ଅବତରି ଆସୁଛ ମାଆ ? ?

ମାର୍ଫତ - ଗାନ୍ଧୀ ପଣ୍ଡା, କଳାଘର - ଲେମ୍ବୋ, ଡା - ଅଲରା, ନରସିଂହପୁର, କଟକ
କ୍ରିଂ କ୍ରିଂ- ୯୩୩୮୫୮୧୩୦୯ ଇମେଲ୍: dr.kulangar@gmail.com

To read the complete magazine, Download it for FREE from www.aahwaan.com

# ଖାଦ୍ୟର ପ୍ରଭାବ



ଅରବିନ୍ଦ ଆଚାର୍ଯ୍ୟ

ଖାଦ୍ୟ ପାନୀୟର ଅଦେଖା ପ୍ରଭାବ

ଗତକାଲି ଗୋଟିଏ ଟିଭି ଚ୍ୟାନେଲରେ ଏକ ପ୍ରସାରଣ ଦେଖୁଥିଲି । ଆଲୋଚନା ଚାଲିଥାଏ, ଆସନ୍ତା ବକ୍ରୀ-ଇଦରେ ଇସଲାମ ଧର୍ମ ମୁତାବକ ପାଳନ ହୋଇ ଆସୁଥିବା 'କୁର୍ବାନୀ' ନାମରେ ପଶୁବଳିର ସପକ୍ଷ ଓ ବିପକ୍ଷରେ ମଞ୍ଚାସୀନ ବ୍ୟକ୍ତିବିଶେଷଙ୍କର ଭିନ୍ନ ଭିନ୍ନ ଯୁକ୍ତି । ଆଙ୍କର ମହାଶୟାଙ୍କ ନିକଟରେ ତିନିଜଣ କଲେଜ ପଢୁଆ ଛାତ୍ରୀ ଅପେକ୍ଷା କରିଥାନ୍ତି ମଞ୍ଚାସୀନ ବିଶିଷ୍ଟ ଅତିଥି ମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ । ଆଲୋଚନା ସରଗରମ ଚାଲିଥାଏ । ଆରୋପ ପ୍ରତ୍ୟାରୋପର ସୁଅ ଛୁଟୁଥାଏ । ସେ ମଝିରେ ଜଣେ ଛାତ୍ରୀ ପଚାରିଦେଲେ, "ଆଜ୍ଞା! 'କୁର୍ବାନୀ'ନାମ ରେ ଆମେ ଯେଉଁ ପଶୁଟିକୁ ବଳି ଦେଉଛନ୍ତି, ସେଠାରେ ପ୍ରକୃତରେ କାହାର 'କୁର୍ବାନୀ' ଦିଆଯାଉଛି ? ନିଜେ କର୍ତ୍ତାଙ୍କର ? ନା ସେଇ ନିରୀହ ପଶୁଟିର ?"

ଏତିକିରେ ଇସଲାମ ଧର୍ମର ମୁଖ୍ୟ ମଞ୍ଚାସୀନ ଅତିଥି ମାନେ ହଡ଼ବଡ଼େଇ ଗଲେ । ଜଣେ ସେ ଭିତରୁ କହିଲେ,

To read the complete magazine, Download it for FREE from www.aahwaan.com

"ଆମେ ନିଜ କଷ୍ଟ ଅର୍ଜିତ ପଇସାର 'କୁର୍ବାନୀ' ଦେଇ ପଶୁଟିକୁ କିଣି ତାକୁ ବଳି ଦେଉ ତେଣୁ ତାହା ଆମର 'କୁର୍ବାନୀ' । ସେତିକି ବେଳେ ଦର୍ଶକ ମହଲରୁ କିଏ ଜଣେ କହିଲା, "ଯଦି କଷ୍ଟ ଅର୍ଜିତ ପଇସାର 'କୁର୍ବାନୀ' ଦେବାକୁ ଇଚ୍ଛା, ତେବେ କୌଣସି ଅନାଥାଶ୍ରମ, ବୃଦ୍ଧାଶ୍ରମକୁ ଦାନସୂତ୍ରରେ ଦେଇପାରିବା । ନିରୀହ ପଶୁଟିର ବଳି କାହିଁକି ?

ଏହାର ଉତ୍ତର ଦେବାକୁ ଯାଇ ଅନ୍ୟ ଜଣେ ଇସଲାମ ଧର୍ମର ମୁଖ୍ୟ କହିଲେ, କାହିଁ କେତେଯୁଗରୁ ଆମ ଧର୍ମରେ ଏହି ବିଷୟ ଲେଖାଯାଇଛି । ଆଉ ସୃଷ୍ଟି ପ୍ରଳୟ ହୋଇଗଲେ ମଧ୍ୟ ଏହାକୁ ପରିବର୍ତ୍ତନ କରିହେବ ନାହିଁ । ଏମିତି ଆଲୋଚନା ଶୁଣି ମୋ ମୁଣ୍ଡରେ ଅନେକ କଥା ଲହଡ଼ି ମାରିଲା । ସେଥିରୁ କିଛି ଏଠି ଉପସ୍ଥାପନ କରୁଛି । ଏହା କୌଣସି ବ୍ୟକ୍ତି ବା ଧର୍ମ ପ୍ରତି ଆକ୍ଷେପ ନୁହେଁ ।

ଆମେ ସମସ୍ତେ ଜାଣିଛନ୍ତି, "ଯେପରି ଅନ୍ନ, ସେପରି ମନ ।" ଅର୍ଥାତ, ଆମର ଖାଦ୍ୟ ହିଁ କେବଳ ଶରୀର ନୁହେଁ ମନକୁ ମଧ୍ୟ ତିଆରି କରେ । କିନ୍ତୁ ଆଧୁନିକ ଚିକିତ୍ସା ବିଜ୍ଞାନୀମାନେ କେବଳ ମାତ୍ର ଖାଦ୍ୟର ଶରୀର ଉପରେ ହେଉଥିବା ଭଲ ଓ ମନ୍ଦ ପ୍ରଭାବ ବିଷୟରେ ଆଲୋଚନା ପର୍ଯ୍ୟାଲୋଚନା କରିଥାନ୍ତି । ଅମୁକ ଖାଦ୍ୟ ଖାଇଲେ ଅମୁକ ଉପକାର ହୁଏ, କିମ୍ବା ଅମୁକ ଖାଦ୍ୟ ଓ ପାନୀୟ ଗ୍ରହଣ କରିବା ଫଳରେ ଶରୀରରେ ତାର ବିଷାକ୍ତ ପ୍ରଭାବ ହୁଏ, ଇତ୍ୟାଦି ଇତ୍ୟାଦି । କିନ୍ତୁ କେବେ ଆପଣମାନେ ଏମିତି କିଛି ଆଲୋଚନା ପ୍ରାୟ ଶୁଣିନଥିବେ, ଯେ ଅମୁକ ଖାଦ୍ୟ ବା ପାନୀୟ ଗ୍ରହଣ କଲେ ମନରେ ଏହିପରି ଭାବନା କିମ୍ବା ବିକାର ସୃଷ୍ଟି ହୁଏ । ଆଉ ସେଥିପାଇଁ ଖାଦ୍ୟକୁ ମନର ସ୍ୱାସ୍ଥ୍ୟକୁ ବିଚାରକୁ ନେଇ ଚୟନ କରିବା ବୁଦ୍ଧିମାନର କାମ । ଆପଣ କ'ଣ ଭାବୁଛନ୍ତି ?

To read the complete magazine, Download it for FREE from www.aahwaan.com

ଆଉ ଗୋଟିଏ କଥା ଖାଦ୍ୟର ପ୍ରକାରଭେଦ ବା ତା'ର ପ୍ରସ୍ତୁତିପ୍ରଣାଳୀରେ ମଧ୍ୟ ସଂସ୍କାରର ମୂଳଦୁଆ ପଡ଼ିଥାଏ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଯିଏ ନିଜେ ପଶୁବଳି ଦେଇ ନିଜେ ପ୍ରସ୍ତୁତ କରେ ସେ ତା ନିଜ ଭିତରେ ଥିବା କରୁଣା ଭାବନାକୁ ତା' ନିଜ ଅଜାଣତରେ ଧ୍ୱଂସ କରି ଚାଲିଥାଏ । ଦୟା, କ୍ଷମା ଇତ୍ୟାଦିର ଅଭାବ ଧୀରେ ଧୀରେ ତା' ମନରେ ଘର କରିବସେ । ସେ ନୃଶଂସ ଗୁଣର ଅଧିକାରୀ ତା'ର ଅଜାଣତରେ ହେଇଯାଏ ।

ଧର୍ମ ସହିତ କିଛି କିଛି ନୃଶଂସ ଗୁଣ ଉଦ୍‌ବୁଦ୍ଧକାରୀ କର୍ମର ସଂଯୋଗ, ବେଳେ ବେଳେ ଦେଖାଯାଏ । ଯେପରି ଶିଖମାନଙ୍କର କୃପାଣ ରଖିବା, ମୁସଲିମ ଧର୍ମରେ ହଲାଲ, 'କୁର୍ବାନୀ' ଇତ୍ୟାଦି । ପୂର୍ବ କାଳରେ ଯେତେବେଳେ କୌଣସି  ଧର୍ମକୁ ଅନ୍ୟ କୌଣସି ଧର୍ମାବଲମ୍ବୀଙ୍କ ଠାରୁ ରକ୍ଷା କରିବାର ପ୍ରଶ୍ନ ଉଠୁଥିଲା ସେତେବେଳେ ଧର୍ମ ସହିତ ନିଜ ସୁରକ୍ଷା ନିମନ୍ତେ ଏହିପରି କାର୍ଯ୍ୟର ଅନୁଗମନ କରିବାକୁ ବିବେଚନା କରାଯାଇଥିଲା । କାରଣ ପ୍ରତ୍ୟେକ ଧର୍ମର ପ୍ରଣେତା ନିଜ ଧର୍ମର ସୁରକ୍ଷା ପାଇଁ ଏହିପରି ନିୟମ ପ୍ରଚଳନ କରିଥିବେ । କିନ୍ତୁ ସେହି ପ୍ରଥାକୁ ଯୁଗ ଯୁଗପରେ ମଧ୍ୟ ଅନ୍ଧଭାବରେ ମାନିବା ଆଉ ସେହି ସବୁ କର୍ମକୁ ପ୍ରତି ଶିଶୁର କୋମଳ ମନ ଉପରେ ଲଦି ଦିଆଯିବା, କେବଳ ଧର୍ମର ଦ୍ୱାହୀଦେଇ, କଣ ଠିକ କି ? ଯେଉଁ କର୍ମକୁ ଆପଣେଇ ଛୋଟ ବେଳୁ ହିଂସା, ଦ୍ୱେଷ ସବୁ ଭାବନା ନିରୀହ କିଶୋର କିଶୋରୀଙ୍କ ମନରେ ଘର କରିବସେ, କାଳକ୍ରମେ ସେଇ ଭାବନାକୁ କେତେକ ସ୍ୱାର୍ଥନ୍ୱେଷୀ ଧର୍ମଭୀରୁ ବ୍ୟକ୍ତି ସାମାଜିକ ହିଂସାର ଲେଲିହାନ ଶିକ୍ଷାରେ ଅସ୍ତ୍ର ରୂପେ ଝାସ ଦେବାକୁ ପ୍ରେରିତ କରିଥାନ୍ତି ।

କହିବା ବାହୁଲ୍ୟ ଆତାଙ୍କବାଦ ଏହିପରି ଏକ ମାନସିକ କ୍ରୁରତାର ମୂଳ ଉତ୍ସ । ତେଣୁ ଖାଦ୍ୟ, ପାନୀୟ, ଚାଲିଚଳଣ, ପାରିବାରିକ ସଂସ୍କାର ସବୁର ମିଳିତ କୁପ୍ରଭାବକୁ ଏବେ ଆମ

To read the complete magazine, Download it for FREE from www.aahwaan.com

ପୃଥିବୀ ଭୋଗ କରୁଛି । ଆଗକୁ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବାକୁ ଆମ ସମସ୍ତଙ୍କୁ ଏସବୁ ଉପରେ ଅନେକଥର ଆଲୋଚନା କରି ତାକୁ ସର୍ବଜନହିତ ଓ ସମାଜର ହିତରେ ଭଲ ଖାଦ୍ୟ, ପାନୀୟ ଇତ୍ୟାଦିର ବ୍ୟବହାର ପାରିବାରିକ ସୁସଂସ୍କାରର ମୂଳଦୁଆକୁ ପୁନଃ ସ୍ଥାପନ କରିବା ସର୍ବାଦୌ ଆବଶ୍ୟକ ।

www.molekhaa.wordpress.com

https://mataamata.wordpress.com

To read the complete magazine, Download it for FREE from www.aahwaan.com

# ଦାୟାଦ



ସୁବଳ ମହାପାତ୍ର

ଘରର ଦୁଆର ମୁହଁ ଖୋଲା । ଶକୁନ୍ତଳାଦେବୀ ଦୁଆର ପିଣ୍ଡାରେ ବସି ଚାଉଳ ବାଛୁଥାନ୍ତି । ହଠାତ ଘର ଭିତରେ କିଏ ଜଣେ ପ୍ରବେଶ କଲା । ଆସ୍ତେ ଆସ୍ତେ ଶକୁନ୍ତଳା ଦେବୀଙ୍କ ପାଖକୁ ଯାଇ ପଛପଟୁ ତାଙ୍କ ବେକରେ ଓହଳେଇ ହେଇ ପଡ଼ିଲା ।

ଶକୁନ୍ତଳା ଦେବୀ ଚାଉଳ ବାଛୁଥିଲେ ସତ, କିନ୍ତୁ ଅନ୍ୟମନସ୍କ ଥିଲେ । କେତେ କଣ ଭାବି ଯାଉଥିଲେ । ମନଟା ଆଜି ଗୋଳେଇ ଘାଣ୍ଟି ହେଉଥିଲା । ରଥଯାତ୍ରା ଆଉ ଦି' ଦିନ ରହିଲା । ପାଞ୍ଚ ବର୍ଷ ତଳେ ଜଣେ କଥା ଦେଇଥିଲା ରଥଯାତ୍ରାରେ ଗାଁକୁ ଆସିବ, କିନ୍ତୁ ଆଉ ଆସିଲାନି । ଫୋନରେ କିଛି ଦିନ କଥାବାର୍ତ୍ତା, କିନ୍ତୁ ତା'ପରେ ସବୁ ବନ୍ଦ । ସେ ବି କଣ କରି ପାରିଥାନ୍ତେ ? ଏଠି ଗାଁ'ରେ ଘର ତାଙ୍କର । ଗାଁ'ରେ ଲୋକମାନେ ଜାତିପ୍ରଥାକୁ ନେଇ ଭାରି ସିରିଏସ । ନିଜ ଘରେ ପଛେ ପାଣିରେ ବୁଡ଼ିଯାଉ, ଅନ୍ୟକୁ ଦେଖେଇ ଶିଖେଇ କହିବା ଲୋକ କିଛି କମ ନାହାନ୍ତି । ଅଜାଣତରେ ତାଙ୍କ ଆଖିରୁ ଦି'ଧାର ଲୁହ ବୋହି ଯାଇଥାଏ ।

To read the complete magazine, Download it for FREE from www.aahwaan.com

କିଏ ଜଣେ ପଛରୁ ଧରି ପକେଇଲାରୁ ସେ ଚମକି ପଡ଼ି ଉଠିପଡ଼ିଲେ । ପିଲାଟା ବେକରେ ଓହଳେଇ ହୋଇଥିଲା । ଶକୁନ୍ତଳା ଦେବୀ ଉଠିପଡ଼ିଲାରୁ ସେ କିଛି ବାଟ ଉପରକୁ ଉଠି ଯାଇ ଖସି ପଡ଼ିଲା । ମୁଣ୍ଡଟା ମାଟିଘର ଚଟାଣରେ ପିଟି ହୋଇଗଲା । କିନ୍ତୁ କିଛି ହେଇନି । ପିଲାଟା ତଥାପି ହସୁଥାଏ । ଭୂଇଁରୁ ପିଲାଟାକୁ ଟେକି ଆଣି ... ଆଃ ଲୋ ଲୋ ମୋ ଛୁଆ.... କହି କୋଳେଇ ନେଲେ ତାକୁ । ଲୁଗା କାନିରେ ମୁଣ୍ଡଟାକୁ ଆଉଁସି ଦେଲେ । ପିଠିଟାକୁ ଥାପୁଡ଼େଇ ଦେଲେ । ପିଲାଟା ଶକୁନ୍ତଳାଦେବୀଙ୍କୁ ଚାହିଁ 'ଜେଜେମା' ବୋଲି ଡାକି ଦେଲା ଆଉ ଗାଲରେ ହାତ ବୁଲେଇ ଚୁମାଟେ ଦେଲା । ଚମକି ପଡ଼ିଲେ ଶକୁନ୍ତଳା ଦେବୀ, 'ଜେଜେମା ?' କିଏ ଇଏ ? ମୁଁ ତ ୟାକୁ କେବେ ଦେଖିନି ଗାଁରେ । କାହାର ଛୁଆ ?

ଛୁଆଟା ୩-୪ ବର୍ଷର । ଗୁଲୁଗଲିଆ ହୋଇ ଭାରି ସୁନ୍ଦରିଆ ଛୁଆଟିଏ । ଭଲ ଘରର ଛୁଆ ପରି ଲାଗୁଥାଏ । ନୂଆ ଡ୍ରେସ ପିନ୍ଧିଥାଏ । ଛୁଆକୁ କାଖେଇ ବାହାରକୁ ଆସିଲେ ଶକୁନ୍ତଳା ଦେବୀ । ବାହାରେ ବି କେହି ନାହାନ୍ତି । ଆରେ ଆରେ କିଏ ଅଛ କେଉଁଠି ?କିନ୍ତୁ ନା କେହି ବି ନାହାନ୍ତି ବାହାରେ । ସେ ସ୍ୱପ୍ନ ଦେଖୁଛନ୍ତି କି ଆଉ ? ନିଜକୁ ଚିମୁଟି ଦେଖିଲେ । ହେଲେ ଏ ଛୁଆ କାହାର ? ବ୍ୟସ୍ତ ହେଇ ପଡୁଥିଲେ ସେ ।

- ଆରେ, ତୋ ନାଁ କ'ଣ ?

ଦରୋଟି ଭାଷାରେ ଛୁଆଟି କହିଲା, "ଲି..ପୁ..ନ ଛଦାଛିବ ମିଶ ଲ ।"

- ତୋ ବାପାଙ୍କ ନା କ'ଣ ?

- ଜା.. ନି.. ନି ।

- ଏଠିକୁ କେମିତି ଆସିଲୁ ?

To read the complete magazine, Download it for FREE from www.aahwaan.com

- ଏ.. ଇ.. ଟା ଆମ ଘ .. ର.. । ତମେ ମୋ ଜେ..ଜେ..ମା ।

ଶକୁନ୍ତଳାଦେବୀଙ୍କ ଆଖି ବାହାରେ କାହାକୁ ଖୋଜୁଥିଲା । କିନ୍ତୁ କେହି ନଥିଲେ ବାହାରେ । ପିଲାଟା ଶକୁନ୍ତଳା ଦେବୀଙ୍କ କାନର ଝୁମୁକା ସହ ଖେଳିବା ଆରମ୍ଭ କରି ଦେଇଥାଏ । ବ୍ୟସ୍ତ ହେଇ ପଡୁଥିଲେ ଶକୁନ୍ତଳା ଦେବୀ । ଛୁଆଟା ନିଜର ନିଜର ଲାଗୁଥାଏ । ଦେହର ବାସ୍ନା, ପ୍ରକାଶ ପରି । ହେଲେ ଇଏ କଣ ପ୍ରକାଶର ଛୁଆ । ନା, ପ୍ରକାଶ ତ ପାଞ୍ଚ ବର୍ଷ ହେଲା ଘରକୁ ଆସିନି । କିନ୍ତୁ ଇଏ ମୋତେ ଜେଜେମା ଡାକୁଛି କାହିଁକି ? ପ୍ରକାଶ ତ ମୋର ଗୋଟିଏ ବୋଲି ପୁଅ ।

ତୋ ବାପା ମା କୁଆଡ଼େ ଗଲେ ?

ବାପା.. ଙ୍କୁ.. ମୁଁ ଦେଖି.. ନି । ମା ମୋତେ ଏଠି ଛାଡ଼ି ଦେଇ ଗ.. ଲା.. ଭା.. ଲି.. ।

ଏ ଛୁଆ କିଏ ? କିଏ ତା ବାପା ମା ? କିଛି ଜଣାନାହିଁ । କିଏ ଜଣେ ଛାଡ଼ିଦେଇ ଗଲା ଭାରି । ଶକୁନ୍ତଳା ଦେବୀ କଣ କରିବେ କିଛି ଭାବି ପାରୁ ନଥିଲେ । ଛୁଆକୁ କୋଳରୁ ଓଲ୍ଲାଉ ଓଲ୍ଲାଉ ତା ପକେଟରେ କିଛି ଥିବା ଅନୁଭବ କଲେ । ପିଲାଟିକୁ ଓହ୍ଲାଇଦେଇ ପକେଟରେ ହାତ ଭର୍ତ୍ତିକରି ଚିଠି ଗୋଟେ ପାଇଲେ ସେ । ତରତର ହୋଇ ଚିଠିଟିକୁ ପଢ଼ିବାକୁ ଲାଗିଲେ ।

ମା,

ପ୍ରଣାମ ନେବେ । ମୁଁ ଆପଣଙ୍କ ବୋହୁ । ବୋହୁ ବୋଲି ତ କହିବାର ଅଧିକାର ନାହିଁ, କିନ୍ତୁ ଲିପୁନ ଆପଣଙ୍କ ନାତି ।

ଆପଣଙ୍କର ମନେଥିବ ଆପଣଙ୍କ ପୁଅ ପ୍ରକାଶ ଆଜିଠୁ ପାଞ୍ଚ ବର୍ଷ ପୂର୍ବେ ଗାଁକୁ ଆସିଥିଲେ ଆଉ ତାଙ୍କ ବାହାଘର ବିଷୟରେ କହିଥିଲେ । କିନ୍ତୁ ଗାଁ ଲୋକଙ୍କ ଭୟରେ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଆପଣ ଆଉ ବାପା ତାଙ୍କୁ ମନା କରିଥିଲେ ଯେ ସେ ଯେଉଁ ଜାଗାରେ ଚାହୁଁଛନ୍ତି ସେଠି ବାହାଘର କରିବା ସମ୍ଭବ ନୁହଁ । ପ୍ରକାଶ ଗାଁରୁ ଗଲା ପରେ ବହୁତ ବିଷାଦରେ ଥିଲେ । କିଛି ଦିନ ଅଫିସକୁ ବି ଯାଇ ନଥିଲେ । ବେଳେ ବେଳେ ଆପଣଙ୍କ ସହ କଥା ହେଉଥିଲେ କିନ୍ତୁ ସେ ଏତେ ଦୁଃଖରେ ଥିଲେ ଯେ ତାଙ୍କୁ ଡାକ୍ତର ଦେଖେଇ ମେଡ଼ିସିନ ଦେବାକୁ ହେଉଥିଲା । ଡାକ୍ତର କହିଲେ ସେ କେତେବେଳେ ବି ଆତ୍ମହତ୍ୟା କରି ପାରନ୍ତି । ତାଙ୍କର ଦେଖାଶୁଣା ଭଲରେ କର । ସେତେବେଳେ ତାଙ୍କର ଦେଖାଶୁଣା କରିବାକୁ ପାଖରେ କେହି ନଥାନ୍ତି । ମୁଁ ବାଧ୍ୟ ହୋଇ ମୋ ରୁମ ଛାଡ଼ି ତାଙ୍କ ପାଖରେ ଆସି ରହିଲି । କିଛି ଦିନପରେ ସେ ଆସ୍ତେ ଆସ୍ତେ ଭଲ ହୋଇ ଆସିଲେ । ସେତେବେଳେ ମୁଁ ତାଙ୍କ ରୁମରେ ହିଁ ରହୁଥାଏ । ମାତ୍ର କିଛି ଦୁର୍ବଳ ମୁହୂର୍ତ୍ତରେ ମୁଁ ହେଲି ଗର୍ଭବତୀ । କିଛି କରିବାର ନଥିଲା । ଦିନେ ସେ ଘର ଛାଡ଼ି କୁଆଡ଼େ ଚାଲି ଗଲେ । ଏ ଅବାଂଛିତ ମାତୃତ୍ୱକୁ ଧରି ମୁଁ ପଡ଼ି ରହିଲି ତାଙ୍କ ଅପେକ୍ଷାରେ । ବିଗତ ପାଞ୍ଚ ବର୍ଷ ହେଲା ମୁଁ ଅପେକ୍ଷା କରିଛି ତାଙ୍କ ଫେରିବା ବାଟକୁ ।

କିଛି ଦିନ ପୂର୍ବରୁ ମୋର ଦେହ ଖରାପ ହେଲା । ଡାକ୍ତର କହିଲେ ମୁଁ ଆଉ ବେଶୀ ଦିନ ବଞ୍ଚିବି ନାହିଁ । ମୋତେ ବ୍ଲଡ଼ କ୍ୟାନ୍ସର । ସେଥିପାଇଁ ଲିପୁନକୁ ଆପଣଙ୍କ ପାଖେ ଛାଡ଼ିବାର ନିଷ୍ପତି ନେଲି ।

ମୁଁ ଏବେ ପୁଣି ଫେରିଯାଉଛି ହସ୍ପିଟାଲକୁ । ମୋ ପାଖରେ ବୋଧ ହୁଏ ଆଉ ମାସେରୁ ଅଧିକ ସମୟ ନାହିଁ । ଦୟାକରି କ୍ଷମା କରିଦେବେ । ଆପଣଙ୍କ ନାତି ଆପଣଙ୍କୁ ଲାଗିଲା । ପ୍ରକାଶ ଯଦି କେବେ ଫେରିଆସନ୍ତି ତେବେ ଏ ଚିଠିଟା ତାଙ୍କୁ ଦେବେ ଓ କହିବେ ଲିପୁନ ତାଙ୍କ ପୁଅ । ରହୁଛି ।

ଇତି

To read the complete magazine, Download it for FREE from www.aahwaan.com

ଆପଣଙ୍କର ହତଭାଗିନି ବୋହୁ

ଚିଠିଟିକୁ ଏକ ନିଶ୍ୱାସରେ ପଢ଼ିସାରି ଶକୁନ୍ତଳା ଦେବୀ କାନ୍ଦ କାନ୍ଦ ହୋଇ ଯାଇଥିଲେ । ଆଖିରୁ ଧାର ଧାର ଲୁହ ବୋହୁଥାଏ । ପୁଅକୁ ହରାଇବାର ଦୁଃଖ ଦ୍ୱିଗୁଣିତ କରୁଥାଏ ଲିପୁନର ମୁହଁକୁ ଦେଖି । କାହାର କଣ କ୍ଷତି କରିଥିଲା ପିଲାଟି । ନା କେବେ ଦେଖିଛି ବାପାକୁ, ନା ପାଇଲା ମା'ର ସ୍ନେହ । ପୁଅ ପ୍ରକାଶର କିଛି ଖୋଜ ଖବର ନାହିଁ । କୁଆଡ଼େ ଗଲା ସେ ? ବାପା, ମା ଆଉ ଗାଁକୁ ଭଲ ପାଉଥିବା ପିଲାଟା ଏତେ ବଦଳି ଗଲା କେମିତି ?

ଶକୁନ୍ତଳା ଦେବୀ କାନ୍ଦ କାନ୍ଦ ହୋଇ ଅପେକ୍ଷା କରିଥିଲେ ସ୍ୱାମୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ । କିଛି ବୁଦ୍ଧି ଦିଶୁ ନଥିଲା । ଛୁଆଟିକୁ ପୁଣି ଥରେ କୋଳେଇ ନେଲେ ।

ମନେ ପଡ଼ି ଯାଉଥିଲା ତାଙ୍କର...

ପାଞ୍ଚବର୍ଷତଳେ ପ୍ରକାଶ ଆସିଥିଲା ଗାଁ'କୁ । ବାହା ହେବା ପାଇଁ ଝିଅ ଠିକ କରିସାରିଛି ବୋଲି କହିଲା । ହେଲେ ଝିଅଟି ଖ୍ରୀଷ୍ଟିଆନ । ଗାଁରେ ଦୁଇ ଚାରିଜଣ ଜାଣିଲାପରେ ଘୋର ବିରୋଧ କଲେ । ଗାଁରେ ତାଙ୍କୁ ବାସନ୍ଦ କରିବେ ବୋଲି ଧମକଦେଲେ । ବ୍ରାହ୍ମଣର ପୁଅ ହୋଇକି ସେ ବାହା ହେବ ଖ୍ରୀଷ୍ଟିୟାନ ଝିଅକୁ ?

ଦୁଇ ଚାରିଦିନ ରହି ପ୍ରକାଶ ଫେରି ଯାଇଥିଲା ତା କର୍ମକ୍ଷେତ୍ର ପୁନେକୁ । କିଛି ଦିନ ଫୋନରେ କଥାବାର୍ତ୍ତା । କଥାବାର୍ତ୍ତା ବେଳେ ବି ସେ ବହୁତ ଅନ୍ୟମନସ୍କ ରହିଲା ପରି ଲାଗୁଥିଲା । ଅଳ୍ପ କିଛିଦିନର କଥାବାର୍ତ୍ତାପରେ ଫୋନ ବି ବନ୍ଦ କରିଦେଲା । ଆଉ ତା ସହ ଯୋଗାଯୋଗ କରିବାର କୌଣସି ଉପାୟ ନଥିଲା । ଶକୁନ୍ତଳା ଦେବୀ ଆଉ ସମ୍ଭାଳି ପାରିଲେ ନାହିଁ । କିଛି ଅନିଷ୍ଟ ହୋଇଥିବା ଭାବି ସ୍ୱାମୀଙ୍କୁ ପୁନେ ପଠେଇଲେ ଖୋଜଖବର

To read the complete magazine, Download it for FREE from www.aahwaan.com

ନେବାପାଇଁ । କିନ୍ତୁ ପ୍ରକାଶର ଅଫିସରେ ବି କେହି କିଛି କହିପାରିଲେ ନାହିଁ । କେବଳ ଏତିକି କହିଲେ କିଛି ଦିନ ହେବ ସେ ପାଗଳଙ୍କ ପରି ବ୍ୟବହାର କରୁଥିଲା । ଧୁମ୍ ମଦ ପିଉଥିଲା । କିଛିଦିନ ମଦ ପିଇ ଅଫିସ ଆସିବାରୁ ତାକୁ ନୋଟିସ ବି ଦିଆ ହେଇଥିଲା । କିଛି ଦିନପରେ ସେ ଅଫିସ ଆସିବା ବନ୍ଦ କରିଦେଲା । ଅଫିସର କିଛି ଲୋକ ତା ଖୋଜଖବର ନେବାକୁ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହେଲେ । ତା ବିଷୟରେ କେହି ବି କିଛି ଜାଣି ନାହାନ୍ତି । ବିଫଳ ହୋଇ ଫେରିଥିଲେ ସୌମ୍ୟ ରଞ୍ଜନ ବାବୁ ।

ବାପାମା'ଙ୍କର ଏକୋଇରବଳା ବିଶିକେଶନ କେଉଁଠି ହଜିଯାଇଛି । ଆଜି ଯାଏଁ ତା'ର ଖୋଜ ଖବର କିଛି ମିଳିନି । ଏଇ ସମୟରେ ପ୍ରକାଶର ପୁଅ ଆସି ଘରେ । ମୁଣ୍ଡ କାମ କରୁନଥିଲା । ସ୍ୱାମୀଙ୍କ ବାଟକୁ ଅନେଇ ବସିଥିଲେ । ଗାଁ ଲୋକେ କଣ କହିବେ ଭାବୁଥିଲେ । ସେପଟେ ଚାଉଳ ଅଧା ବଛା ହୋଇ ଥୁଆ ହୋଇଥାଏ । ଚୁଲିରେ ଭାତ ପାଇଁ ପାଣି ଫୁଟୁଥାଏ । କୌଣସି କଥାକୁ ଆଉ ଧ୍ୟାନ ନଥାଏ ତାଙ୍କର । ଦାଣ୍ଡ ପିଣ୍ଡାରେ ବସି ଅପେକ୍ଷା କରିବା ବ୍ୟତୀତ ଆଉ କିଛି ଦେଖା ଯାଉନଥାଏ ତାଙ୍କୁ ।

ସୌମ୍ୟ ରଞ୍ଜନବାବୁ ଆସିଲା ପରେ ସବୁ ଶୁଣି ପ୍ରଥମେ ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ ।

ଭାବି ଯାଉଥିଲେ,

ଗାଁ ଲୋକଙ୍କ ବିରୋଧ । ବାସନ୍ଦ । ସାଇ ଭାଇଙ୍କ ଟାହି ଟାପରା ..

ଏପଟେ ପୁଅର ପୁଅ ଆଉ ସେପଟେ ଗାଁ ..

ପୁଅର ଦାୟ ନା ଗାଁର...

କଣ କରିବେ.. ?

To read the complete magazine, Download it for FREE from www.aahwaan.com

ସମ୍ପର୍କର ଦୋ ଛକିରେ ଠିଆ ହୋଇଥିଲେ ସେ ..

ଭାବି ପାରୁନଥିଲେ ଏବେ ଅବସ୍ଥା କଣ ହେବ ?

ମୁଣ୍ଡ ବୁଲେଇ ଦେଉଥିଲା ତାଙ୍କର...

ପଡ଼ି ଯାଉ ଯାଉ ଚୌକି ଉପରେ ବସି ପଡ଼ିଲେ ସେ ..

କିଛି ସମୟ ପରେ ମୁହଁଟା ତାଙ୍କର ଲାଲ ହୋଇ ଉଠିଲା । ସେ ଭୀଷଣ ନିଷ୍ପତି ନେଇ ସାରିଥିଲେ ଏତିକି ସମୟ ଭିତରେ । ଶେଷ ନିଷ୍ପତି ଥିଲା, "ଯିଏ ଯାହା କହୁ ପଛେ ମୋ ନାତି ମୋ ପାଖରେ ରହିବ । କାଲି ଯାଇ ମୋ ବୋହୁକୁ ମୁଁ ନେଇ କି ଆସିବି । ତା'ର ଶେଷ ସମୟତକ ସେ ଆମ ପାଖେ ରହିବ । ଗାଁଲୋକ ବାସନ୍ଦ କରିବେ ତ କରନ୍ତୁ । ମଣିଷକୁ ନେଇ ସମାଜ ନା ସମାଜକୁ ନେଇ ମଣିଷ ?"

ଶକୁନ୍ତଳା ଦେବୀଙ୍କ ମୁଣ୍ଡରୁ କୁଞ୍ଚିତ ରେଖା ଗୁଡ଼ିକ କ୍ରମଶଃ ସିଧା ହୋଇ ଆସୁଥିଲେ । ନିଜେ ଜଗନ୍ନାଥ ଯେ ନିଜେ ଆଜି ଏ ଘରେ ପାଦ ଦେଇଛନ୍ତି, ଏକଥା ସେ ହୃଦୟଙ୍ଗମ କରୁଥିଲେ । ମୁହଁରେ ଧାରେ ହସ ଲାଖି ରହିଥିଲା । କାଳିଆ ଉଦ୍ଦେଶ୍ୟରେ ହାତ ଯୋଡ଼ି ସାରି ସେ ଛୁଆଟିକୁ ପଚାରିଲେ, "ଖାଇଛୁ କଣ ?"

ସକାଲେ.. ପୁଲି.. ଖାଇଥିଲି ।

ଦିନ ଆସି ବାରଟା ହେଲାଣି । ଛୁଆଟା ଖାଇନି କିଛି । ଶକୁନ୍ତଳା ଦେବୀ ସ୍ୱାମୀଙ୍କ ପାଖରେ ପିଲାକୁ ଛାଡ଼ି ତରତର ହୋଇ ଉଠିଗଲେ କିଛି ଖାଦ୍ୟ ଆଣିବାକୁ ।

ସୌମ୍ୟ ରଞ୍ଜନ ବାବୁ ପିଲାକୁ କୋଳକୁ ନେଇ ତା ମୁଣ୍ଡ ଆଉଁସି ଦେଉଥିଲେ ।

ଗାନ୍ଧିନଗର, ଗୁଜରାଟ , ୩୮୨୦୦୯, ଦୂରଭାଷ - ୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

To read the complete magazine, Download it for FREE from www.aahwaan.com

# ଅବୁଝା ପ୍ରେମ



ଜ୍ୟୋତିର୍ମୟୀ ଷଡ଼ଙ୍ଗୀ

ପ୍ରେମ ଏପରି ଏକ ବସ୍ତୁର ନାମ ଯାହାକୁ ନା କେବେ ସ୍ପର୍ଶ କରି ହୁଏ ନା କେବେ ଦେଖି ହୁଏ, କେବଳ ପ୍ରେମର ଉନ୍ମାଦତାକୁ ମନ ମଧ୍ୟରେ ଅନୁଭବ କରି ହୁଏ । ଏହି ପ୍ରେମ ଯେ କେତେବେଳେ ବସନ୍ତର ମଳୟ ପବନ ପରି ବହି ଆସି ମନ ଚୋରି କରି ନେଇ ଜୀବନରେ ହସର ଫଗୁଣ ବୁଣି ଦେଇ ଥାଏ ତ ଅନ୍ୟ କେତେ ବେଳେ ଗୋଲାପର କଣ୍ଟା ପରି କ୍ଷତବିକ୍ଷତ କରି ଚିର ଦିନ ପାଇଁ ଜୀବନରେ ଅମାବାସ୍ୟା ଭରି ଦେଇଥାଏ ।

ଠିକ୍ ସେହିପରି ଏକ ଅମବାସ୍ୟା ମିନାକ୍ଷୀର ଜୀବନରେ କଳା ଛାୟା ପରି ଢାଙ୍କି ହୋଇ ତା ଜୀବନର ସମସ୍ତ ହସ ଖୁସି ସ୍ୱପ୍ନକୁ ଛଡ଼ାଇ ନେଇ ତାକୁ ନିର୍ଜନ ଅନ୍ଧାର ରାତିର ଅସହାୟ ପଥିକଟିଏ କରି ଛିଡ଼ା କରେଇ ଦେଇଥିଲା ।

ମିନାକ୍ଷୀ ଜଗତସିଂହପୁର ଜିଲ୍ଲାରେ ଥିବା ପଞ୍ଚୁପଲ୍ଲୀ ଗ୍ରାମର ବିମଳ ଦାସଙ୍କର ଏକମାତ୍ର ଝିଅ । ବିମଳ ଦାସ ପଞ୍ଚୁପଲ୍ଲୀ ଗ୍ରାମରେ ଥିବା ଏକ ସରକାରୀ ହାଇସ୍କୁଲର

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ଇଂରାଜୀ ଶିକ୍ଷକ । ପରିବାର କହିଲେ ତାଙ୍କ ଧର୍ମପତ୍ନୀ ସରୋଜିନୀ ଦାସ ଓ ଏକମାତ୍ର ଝିଅ ମିନାକ୍ଷୀ ଦାସ । ବିମଳ ବାବୁ ସ୍କୁଲରେ ଭଲ ଇଂରାଜୀ ପଢ଼ାଉ ଥିବାରୁ ତାଙ୍କ ନାମ ବହୁତ ଖ୍ୟାତ । ତାଙ୍କ ଝିଅ ମିନାକ୍ଷୀ ଯାହାକୁ ସେ ଶ୍ରଦ୍ଧାରେ ମିନୁ ବୋଲି ଡାକୁଥିଲେ, ଝିଅକୁ ନେଇ ବିମଳ ବାବୁଙ୍କର ଅନେକ ସ୍ୱପ୍ନ । ସେ ସର୍ବଦା ମିନୁକୁ କହୁଥିଲେ, "ମିନୁ, ମୁଁ ସିନା ଛୋଟ ଚାକିରିଟିଏ କରି ଏଇ ଗାଁରେ ପଡ଼ିରହିଛି କିନ୍ତୁ ତୁ ଭଲ ପାଠ ପଢ଼ି ବଡ଼ମଣିଷ ହୋଇ ବିଦେଶ ଯାଇ ମୋର ଆଉ ଆମ ଗାଁର ନାଁ ରଖିବୁ ।"

ମିନୁ ମଧ୍ୟ ବାପାମା'ଙ୍କର କଥା ମାନି ପାଠ ପଢାରେ ମନ ଦେଇଥାଏ । ପାଠ ସାଙ୍ଗକୁ ଖେଳକୁଦ, କବିତା ଲେଖିବାରେ ମଧ୍ୟ ମିନୁ ବେଶ ପାରଦର୍ଶିତା ଅର୍ଜନ କରିଥାଏ । ସେ ଖୁବ ଶାନ୍ତ ସ୍ୱଭାବର ହେବା ସହ ସ୍କୁଲରେ ଭଲ ପାଠ ପଢୁଥିବାରୁ ସମସ୍ତେ ତାକୁ ଆଦର କରନ୍ତି । ତା ସହ ସେ ବାପାମା'ଙ୍କର ଏକ ମାତ୍ର ସନ୍ତାନ ହୋଇଥିବାରୁ ବିମଳବାବୁ ଓ ତାଙ୍କ ସ୍ତ୍ରୀ ଝିଅର ପ୍ରତ୍ୟେକ ଇଚ୍ଛା ପୂରଣ କରିବା ସହ ତାକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି । ମିନୁ ଦଶମ ବୋର୍ଡ ପରୀକ୍ଷାରେ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଥିବାରୁ ବିମଳବାବୁ ଖୁସି ହୋଇ ଝିଅର ଉଚ୍ଚଶିକ୍ଷା ପାଇଁ ତାର ନାମ ଭୁବନେଶ୍ୱରର ଏକ ଭଲ କଲେଜରେ ଲେଖି ଦେଇଥିଲେ । ମିନୁ ଗାଁ ମାଟି ଛାଡ଼ି ସହରକୁ ଆସିଥିଲା ପାଠ ପଢ଼ି ବାପାମା'ଙ୍କର ସ୍ୱପ୍ନ ପୂରଣ କରିବା ପାଇଁ । ଗାଁ ଛାଡ଼ିବା ବେଳେ ମା ସରୋଜିନୀଦେବୀ ଝିଅକୁ ସହରର ଚାଲିଚଳଣ ବିଷୟରେ ବୁଝାଇ ବାରମ୍ବାର ତାଗିଦ କରି କହିଥିଲେ ଯେ ଭୁବନେଶ୍ୱର ଯାଇ ବେଶି ବୁଲାବୁଲି ନ କରି ମନଦେଇ ପାଠ ପଢ଼ିବୁ ଏବଂ ଆମର ନା

To read the complete magazine, Download it for FREE from www.aahwaan.com

ଯେମିତି ରଖିବୁ । ମା'ଙ୍କ କଥାରେ ସମ୍ମତି ଜଣାଇ ମିନୁ ବାହାରି ଆସିଥିଲା ବାପାଙ୍କ ସହ ଭୁବନେଶ୍ୱର ।

ଭୁବନେଶ୍ୱରରେ ପହଞ୍ଚିବା ପରେ ଚାକଚକ୍ୟ ଦୋକାନ ବଜାର ଦେଖି ତାର ମନ ଲାଖି ଯାଇଥିଲା । ସେ ନିଜକୁ ବହୁତ ଧନ୍ୟ ମନେ କଲା ଯେ ଯାହା ହେଉ ତା ବାପା ତାକୁ ଏକ ବଡ଼ ସହରରେ ପାଠ ପଢ଼ାଇବାକୁ ଆଣିଛନ୍ତି । ବିମଳବାବୁ ଝିଅର ନାଁ କଲେଜରେ ଲେଖାଇ ଦେଇ ହଷ୍ଟେଲରେ ରହିବା ବ୍ୟବସ୍ଥା କରି ଗାଁକୁ ଫେରି ଆସିଲେ । ଝିଅକୁ ଛାଡ଼ି ଆସିଲା ବେଳେ ତାଙ୍କ ମନକୁ ଯେତେ କଷ୍ଟ ହେଉଥିଲେ ମଧ୍ୟ ସେ ନିଜ କଷ୍ଟକୁ ଛାତିରେ ଚାପି ରଖି ଝିଅର ସୁନ୍ଦର ଭବିଷ୍ୟତ ପାଇଁ ତାକୁ ବାହାରେ ରହି ପଢ଼ିବାକୁ ହେବ ବୋଲି ଭାବି ମନକୁ ବୁଝାଇ ଦେଇଥିଲେ । ମିନୁ ମଧ୍ୟ ପ୍ରଥମ ଥର ପାଇଁ ଘର ଛାଡ଼ି ଆସିଥିବାରୁ କିଛି ଦିନ ଉଦାସ ରହିଥିଲା କିନ୍ତୁ ସାଙ୍ଗ ମାନଙ୍କ ସହ ମିଶି ଯିବାରୁ ତା ମନ ସେଠାରେ ଲାଗି ଯାଇଥିଲା । ବେଳେବେଳେ ଛୁଟି ହେଲେ ଘରକୁ ଆସେ ଓ କଲେଜ ଖୋଲିଲେ ପୁଣି ଚାଲିଯାଏ ।

ମିନୁର ସେହି କଲେଜରେ ସୁନିତା ବୋଲି ଏକ ଝିଅ ସହ ଭଲ ବନ୍ଧୁତା ହୋଇ ଯାଇଥାଏ । ମିନୁ କେତେ ଥର ତାଙ୍କ ଘରକୁ ଯାଇଛି ଓ ସୁନିତା ବି ମିନୁ ସହ ତାଙ୍କ ଗାଁକୁ ଯାଇ ବୁଲାବୁଲି କରି ଆସିଛି । ସୁନିତାର ମାମୁଁ ପୁଅ ଭାଇ ଶୁଭେନ୍ଦୁ ମଧ୍ୟ ସେହି କଲେଜର ଛାତ୍ର । ସୁନିତାର ଭାଇ ହୋଇ ଥିବାରୁ ମିନୁ ମଧ୍ୟ ତା ସହ କେତେବେଳେ ଦରକାର ପଡ଼ିଲେ କଥାବାର୍ତ୍ତା ହୁଏ । ବାରମ୍ବାର କଥାବାର୍ତ୍ତା ମିଳାମିଶାରୁ ଶୁଭେନ୍ଦୁ ମିନୁକୁ ପସନ୍ଦ କରିବାକୁ ଲାଗିଲା । ସେ ତା'ର ମନ କଥା ମିନୁ ପାଖରେ ପହଞ୍ଚାଇବା ପାଇଁ ସୁନିତାକୁ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କହିଥିଲା ମାତ୍ର ସୁନିତା ସିଧା ସିଧା ମନା କରିଦେଇ କହିଥିଲା, "ମିନାକ୍ଷୀ ମୋର ଗୋଟେ ଭଲ ବନ୍ଧୁ ଆଉ ମୁଁ ତାକୁ ଯଦି ଏ ପରି କହିବି ସେ ମୋତେ ଖରାପ ଭାବିବ ଓ ବନ୍ଧୁତା ମଧ୍ୟରେ ବି ଫାଟ ସୃଷ୍ଟି ହେବ । ମିନାକ୍ଷୀ ଆମ କଲେଜର  ଗୋଟେ ଭଲ ପିଲା ଓ ମୋର ତାକୁ ଏ ପରି କହିବ ଜମାରୁ ଠିକ୍ ହବନି ।"

ସୁନିତା ଶୁଭେନ୍ଦୁକୁ ମନା କରିବା ପରେ ଶୁଭେନ୍ଦୁ କିପରି ନିଜର ମନର କଥା ମିନାକ୍ଷୀ ପାଖରେ କହିବ ସେ ଉପାୟ ଚିନ୍ତା କରିବା ସହ କାଳେ ମିନାକ୍ଷୀ ତା ପ୍ରସ୍ତାବକୁ  ପ୍ରତ୍ୟାଖ୍ୟାନ କରିବ ସେ କଥା ଭାବି ଭୟଭୀତ ହୋଇ ପଡୁଥାଏ । ହେଲେ ପ୍ରେମ ତ ହେଉଛି ଏକ ଉଚ୍ଛୁଳା ନଈ କେତେବେଳେ ଯେ ସେ ବନ୍ଧ ଡେଇଁ ସମୁଦ୍ରରେ ମିଶି ଯିବ ତାହା କେହି କହିପାରିବେ ନାହିଁ । ଶୁଭେନ୍ଦୁ ସହ ମଧ୍ୟ ସେହିପରି ଘଟିଲା । ଶୁଭେନ୍ଦୁ ମଧ୍ୟ ଭଲ ପଢୁଥିବାରୁ ମିନାକ୍ଷୀ ବେଳେବେଳେ ତା ଠାରୁ ନୋଟ୍ ଆଣି ପଢ଼ାପଢ଼ି କରେ । ଥରେ ଶୁଭେନ୍ଦୁ ସେଇ ନୋଟ୍ ଭିତରେ ଚିଠିଟେ ରଖି ତା ମନ କଥା ଲେଖି  ମିନାକ୍ଷୀକୁ ଦେଲା । ମିନାକ୍ଷୀ ନୋଟ୍ ଖାତା ଭିତରୁ ଶୁଭେନ୍ଦୁର ହାତଲେଖା ଚିଠି ପାଇ ସେ ମଧ୍ୟ ଶୁଭେନ୍ଦୁକୁ ଭଲପାଏ ବୋଲି ଜଣାଇ ଦେଲା । ମାତ୍ର ପରୀକ୍ଷା ପାଖ ହୋଇ ଯାଇଥିବାରୁ ସେ ପାଠ ପଢ଼ାରେ ବ୍ୟସ୍ତ ବୋଲି କହି ଶୁଭେନ୍ଦୁକୁ ବୁଝାଇଦେଲା । ଶୁଭେନ୍ଦୁ ମଧ୍ୟ ତା କଥାରେ ରାଜି ହୋଇ ପାଠରେ ମନଦେଲା । ପରୀକ୍ଷା ସରିଲା ଶୁଭେନ୍ଦୁ ଓ ମିନାକ୍ଷୀ ଦୁହେଁ +୨ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପାସ କରିଥିଲେ ।

ମିନାକ୍ଷୀର ବାପା ମା ଏ କଥା ଶୁଣି ଖୁସିରେ ତାଙ୍କ ପାଦ ତଳେ ଲାଗିଲାନି । ବିମଳବାବୁ ଝିଅର ସଫଳତାରେ ଗାଁ ସାରା ମିଠା ବାଣ୍ଟିଥିଲେ । ବିମଳବାବୁ ଝିଅର

To read the complete magazine, Download it for FREE from www.aahwaan.com

ଉଚ୍ଚଶିକ୍ଷା ପାଇଁ ଟଙ୍କା ମଧ୍ୟ ଯୋଗାଡ଼ କରି ସାରିଥିଲେ । ମିନାକ୍ଷୀ ଜେଇଇ ପରୀକ୍ଷାରେ ଭଲ କରି ଭୁବନେଶ୍ୱରର ଏକ ନାମୀ କଲେଜରେ ପଢ଼ିଲା । ବିମଳବାବୁ ଓ ତାଙ୍କ ସ୍ତ୍ରୀ ସରୋଜିନୀଦେବୀ ଏବେ ବହୁତ ଖୁସି, ତାଙ୍କ ଝିଅ ଏବେ ଗୋଟେ ବଡ଼ ଅଫିସର ହେବାକୁ ଯାଉଛି ସେ ତାଙ୍କ ସବୁ ସ୍ୱପ୍ନକୁ ପୂରଣ କରିବ; ମାତ୍ର ବିଧିର ନିର୍ଦ୍ଦେଶକୁ ତ କେହି ବଦଳେଇ ପାରିବେନି ।

ମିନାକ୍ଷୀ ଯେଉଁ କଲେଜରେ ପଢ଼ିଲା ଶୁଭେନ୍ଦୁ ମଧ୍ୟ ସେହି କଲେଜରେ ପଢ଼ିଲା । ଧୀରେ ଧୀରେ ତାଙ୍କର ପ୍ରେମର ଗଭୀରତା ବଢ଼ିବାକୁ ଲାଗିଲା । ଶୁଭେନ୍ଦୁକୁ ପାଇ ମିନାକ୍ଷୀକୁ ଲାଗୁଥିଲା ସତେ ଯେପରି ତାର ଦୁଇଟି ଡେଣା ଲାଗି ଯାଇଛି ଓ ସେ ନୀଳ ଆକାଶରେ ମୁକ୍ତ ବିହଙ୍ଗ ପରି ଉଡ଼ିବୁଲୁଛି । ଧିରେ ଧିରେ ମିନାକ୍ଷୀର ଧ୍ୟାନ ପାଠ ପଢ଼ାରୁ ଦୂରେଇ ଯାଇ ଶୁଭେନ୍ଦୁ ପାଖରେ ରହିଲା ।

ଅନେକ ଦିନ ହେବ ଗାଁକୁ ନ ଯିବାରୁ ବିମଳବାବୁ ବ୍ୟସ୍ତ ହୋଇ ଝିଅର ଭଲମନ୍ଦ ବୁଝିବାପାଇଁ ଭୁବନେଶ୍ୱର ଆସିଲେ । ସେ ଝିଅ ରହୁଥିବା ହଷ୍ଟେଲକୁ ଯାଇ ଦରୱାନକୁ ଝିଅକୁ ଡାକି ଦବାକୁ କହିଲେ । ଦରୱାନ ଭିତରକୁ ଯାଇ ଆସି ଉତ୍ତର ଦେଲା ଝିଅ ରୁମରେ ନାହିଁ ବୋଲି । ମିନୁ ବୋଧେ କ୍ଲାସକୁ ଯାଇଛି ବୋଲି ଭାବି ବିମଳବାବୁ ଗେଷ୍ଟରୁମ୍‌ରେ ଅପେକ୍ଷା କରିରହିଲ । ହେଲେ ଦିନ ଗଡ଼ି ସନ୍ଧ୍ୟା ହେବାକୁ ବସିଲା ମିନୁର ସହପାଠୀ ମାନେ ହଷ୍ଟେଲକୁ ଫେରି ଆସିଲେଣି, କିନ୍ତୁ ମିନୁର ଦେଖା ନାହିଁ । ବିମଳବାବୁ ବ୍ୟସ୍ତ ହୋଇ ସାଙ୍ଗମାନଙ୍କୁ ପଚାରିବାରୁ ଜଣେ କହିଲା, "ମିନାକ୍ଷୀ ଆଜିକାଲି ଆଉ କ୍ଲାସକୁ ବେଶୀ ଆସୁନି ସେ ସବୁବେଳେ ଆମ କ୍ଲାସ୍‌ର ଶୁଭେନ୍ଦୁ ସହ ବୁଲୁଛି ।" ଏହା ଶୁଣି ବିମଳବାବୁ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


ପ୍ରଥମେ ବିଶ୍ୱାସ କରିପାରିଲେ ନାହିଁ ଓ ଭାବିଲେ ତାଙ୍କ ଝିଅ ଭଲ ପାଠ ପଢୁଛି ବୋଲି ବୋଧେ ତା ସାଙ୍ଗ ମାନେ ତାକୁ ଈର୍ଷା କରି ଏପରି ବଦନାମ କରୁଛନ୍ତି । ତେଣୁ ସେ ରାଗି ଯାଇ କହିଲେ, "ନା ଏ ସବୁ ମିଛ କଥା  ମୋ ଝିଅ ଏପରି କେବେ କରିପାରିବନି, ତମେମାନେ ମିଛରେ ମୋ ଝିଅକୁ ବଦନାମ କରୁଛ ।" ଏତିକି କହିବାର କିଛି ସମୟ ପରେ ସେ ଦେଖିଲେ ଯେ ସତକୁ ସତ ତାଙ୍କ ଝିଅ ଗୋଟେ ପୁଅ ଗାଡ଼ିରେ ବସି ଆସି ହଷ୍ଟେଲ ଗେଟ ସାମନାରେ ଓହ୍ଲେଇଲା । ଏହା ଦେଖି ବିମଳବାବୁଙ୍କ ରାଗ ମୁଣ୍ଡକୁ ଚଢ଼ିଗଲା ଓ ସେ ସଙ୍ଗେ ସଙ୍ଗେ ଝିଅକୁ ଟାଣି ଆଣି ଏ ସବୁ କଣ ବୋଲି ପ୍ରଶ୍ନ କଲେ ? ମିନୁ ତା ବାପାଙ୍କୁ ହଷ୍ଟେଲରେ ଦେଖି ଭୟଭୀତ ହେବା ସହ ତା ପାଟିରୁ କିଛି କଥା ବାହାରୁ ନଥାଏ । ତଥାପି ସେ କିଛି ସମୟ ଚୁପ ରହି ଲୁହ ଛଳଛଳ ଆଖିରେ ଉତ୍ତର ଦେଲା, "ବାପା ସେ ହେଉଛନ୍ତି ଶୁଭେନ୍ଦୁ । ମୁଁ ତାଙ୍କୁ ଭଲ ପାଏ ।" ଏଇ ପଦେ କଥା ଶୁଣିବା ପରେ ବିମଳବାବୁଙ୍କ ସମସ୍ତ ଆଶା ଭରସା ସ୍ୱପ୍ନ ସବୁ ବାଲିଘର ପରି ଭାଙ୍ଗିଗଲା । ବିମଳବାବୁ ସଙ୍ଗେ ସଙ୍ଗେ ମିନୁର ହାତ ଧରି ଟାଣି ନେଇ ତା ବ୍ୟାଗ ବାନ୍ଧି ଗାଁକୁ ଯିବା ପାଇଁ କହିଲେ । ମିନୁ କାନ୍ଦି ଯେତେ ନେହୁରା ହେଲେ ବି ବିମଳବାବୁ ତାଙ୍କ ଜିଦରେ ଥିଲେ ଅଟଳ ।

ବିମଳବାବୁ ଝିଅକୁ ଧରି ହଠାତ ଆସି ଘରେ ପହଞ୍ଚିବାରୁ  ସରୋଜିନୀଦେବୀ ବିବ୍ରତ ହୋଇ କଣ ହୋଇଛି ବୋଲି ପଚାରିଲେ । ବିମଳବାବୁ ରାଗ ତମତମ ହୋଇ କହିଲେ ତମ ଝିଅ ଆମର ସବୁ ସ୍ୱପ୍ନକୁ ଧୂଳିସାତ କରିଦେଲା ତେଣୁ ତାର ଆଉ ସହରରେ ପାଠ ପଢ଼ିବା ଦରକାର ନାହିଁ ଯେତେ ଶୀଘ୍ର ହେବ ତା'ର ବାହାଘର ପାଇଁ ତାକୁ ପ୍ରସ୍ତୁତ କରାଅ । ବିମଳବାବୁଙ୍କ ମୁହଁରୁ ଏପରି କଥା ଶୁଣି ପ୍ରଥମେ ସେ କିଛି ବୁଝି ପାରିଲେ ନାହିଁ, ମିନୁ ମଧ୍ୟ

To read the complete magazine, Download it for FREE from www.aahwaan.com

କାନ୍ଦି କାନ୍ଦି ତା ରୁମ ଭିତରକୁ ପଳେଇଲା । ପରେ ବିମଳବାବୁ ସବୁ କଥା ସରୋଜିନୀ ଦେବୀଙ୍କୁ ବୁଝେଇ କହିଲେ, ବାପାମା ଦୁହେଁ ଏଥର ମନସ୍ଥ କଲେ ଯେ ମିନୁର ବାହାଘର ଶୀଘ୍ର କରାଇ ଦେବା ପାଇଁ ।

ମିନୁକୁ ବିମଳବାବୁ ଓ ତାଙ୍କ ସ୍ତ୍ରୀ ରାଣ ଦେଇ କହଲେ, "ଯଦି ତୁ ଶୁଭେନ୍ଦୁକୁ ପାଇବାକୁ ଚାହୁଁଛୁ, ତେବେ ଆମ ଦୁଇଜଣଙ୍କୁ ବିଷ ଦେଇ ମାରିଦେଇ ଚାଲିଯା ।" ମିନୁର ସବୁ ସ୍ୱପ୍ନ ଆଖି ପିଛୁଳାକେ ଭାଙ୍ଗି ଚୁରମାର୍ ହୋଇଗଲା । ବାପାମା'ଙ୍କ  କଥାରେ ରାଜି ହୋଇ ସେ ଅନ୍ୟ ଆଡ଼େ ବାହା ହେବାପାଇଁ ନିଜକୁ ପ୍ରସ୍ତୁତ କଲା । ଏହି କଥା ସେ ନିଜ ମୁହଁରେ ଶୁଭେନ୍ଦୁକୁ ଜଣାଇବା ପାଇଁ ସାହସ ଜୁଟାଇ ପାରିଲା ନାହିଁ ।

ବିମଳବାବୁ ମିନୁର ବାହାଘର ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରୁଥିବା ସୁଜିତଙ୍କ ସହ ସ୍ଥିର କରାଇଦେଲେ । ମିନୁ ଯେତେ ଅନୁରୋଧ କଲେ ବି ତା ବାପା କି ମା କେହି ତାର କଥାକୁ ଶୁଣିଲେ ନାହିଁ । ଶେଷରେ ମିନୁ ତା'ର ଭଲ ପାଇବାକୁ ବଳି ପକେଇ ଦେଇ ଅତୀତର ସବୁ ସ୍ମୃତିକୁ ହୃଦୟ ରେ ଚାପି ରଖି ସୁଜିତଙ୍କ ସହ ବିବାହ କରିବାକୁ ମନେ ମନେ ପ୍ରସ୍ତୁତ ହୋଇରହିଲା ।

ସେପଟେ ମିନୁର କିଛି ଖବର ନ ପାଇ ଶୁଭେନ୍ଦୁ ବ୍ୟସ୍ତ ହୋଇ ତା ସାଙ୍ଗଠାରୁ କୌଣସି ମତେ ମିନୁର ଠିକଣାକୁ ଜାଣି ବାହାଘର ଦିନ ଆସି ମିନୁର ଗାଁରେ ପହଞ୍ଚିଗଲେ । ସେ ମିନୁର ବାପା ବିମଳବାବଙ୍କୁ ମଧ୍ୟ ତାଙ୍କ ଭଲପାଇବା ବିଷୟରେ ସବୁ ଜଣାଇ ମିନୁକୁ ତାଙ୍କ ସହ ବିବାହ କରାଇଦେବା ପାଇଁ ବହୁତ ଅନୁରୋଧ କଲେ, କିନ୍ତୁ ବିମଳବାବୁ ରାଗରେ ପଞ୍ଚମ ହୋଇ ତାଙ୍କୁ ଅପମାନିତ କରି ସେଠାରୁ ଲୋକ ଲଗାଇ ତଡ଼ିଦେଲେ ।

To read the complete magazine, Download it for FREE from www.aahwaan.com

ତଥାପି ଶୁଭେନ୍ଦୁ ହାର ନ ମାନି ମିନୁର ଏକ ସାଙ୍ଗ ସହାୟତାରେ ତାକୁ ନିକଟସ୍ଥ ଏକ ମନ୍ଦିରକୁ ଡାକି ନେଇ କହିଲେ, "ମିନୁ ତୁମେ ମୋ ସହ ଘର ଛାଡ଼ି ଚାଲ, ଆମ ଘର ଲୋକେ ତୁମକୁ ବୋହୁ ଭାବେ ଗ୍ରହଣ କରି ବାକୁ ପ୍ରସ୍ତୁତ ଅଛନ୍ତି । ସେମାନେ ଆମ ବାହାଘରକୁ ବହୁତ ଧୂମଧାମରେ କରିବେ । ଆମ ଭଲ ପାଇବା ବିଷୟରେ ଟିକେ ଭାବ । ତୁମ ବାପାଙ୍କ ଜିଦ ଆଗରେ ତୁମେ ଆମ ଭଲ ପାଇବାକୁ ମାରି ଦିଅନି ।" ସେଦିନ ଶୁଭେନ୍ଦୁର ଏଇ କେଇ ପଦ କଥା ମିନାକ୍ଷୀର ଛାତି ଭିତରେ ରକ୍ତର ଗାର ପରି ଟାଣି ହୋଇ ଯାଉଥିଲେ ବି ସେ କିନ୍ତୁ ଉପାୟ ଶୂନ୍ୟ ଥିଲା । ସେ ଆଖି ଛଳଛଳ କରି ଶୁଭେନ୍ଦୁକୁ କହିଲା, "ଏଇଟା ଆମର ଶେଷ ଦେଖା ବୋଲି ତୁମେ ମାନିନିଅ, ଦୟାକରି ତୁମେ ଏଠାରୁ ଚାଲି ଯାଅ । ଆଉ କେବେ ବି ମୋ ସାମ୍ନାକୁ ଆଉ ଆସିବନି, ମୁଁ ମୋ ବାପାଙ୍କ ସମ୍ମାନକୁ କେବେ ବି ତଳେ ପକେଇ ପାରିବିନାହିଁ, ତୁମକୁ ଭଲପାଇବା ମୋ ଭାଗ୍ୟରେ ଥିଲା କିନ୍ତୁ ତୁମ ସହ ବାହାଘର ନୁହେଁ, ଇଶ୍ୱର ମୋ ଭାଗ୍ୟକୁ ଆଉ କାହା ସହ ଯୋଡ଼ିଛନ୍ତି ଯାହାକୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ ।"ଶୁଭେନ୍ଦୁ ମିନୁଠାରୁ ଏପରି ଉତ୍ତର ପାଇ ତାଙ୍କୁ ଲାଗୁଥିଲା ଯେ ସତେ ଯେପରି ପୁରା ଆକାଶଟା ଆଜି ତାଙ୍କ ଉପରେ ଛିଡ଼ିପଡ଼ିବ । ମିନୁ ବିନା ତାଙ୍କୁ ଲାଗୁଥିଲା ଜୀବନଟା ପୁରା ମୂଲ୍ୟହୀନ ଓ ନିଃସଙ୍ଗ । ମିନୁ ତା ବାପାର ଆତ୍ମସ୍ୱାଭିମାନ ପାଇଁ ଆଜି ତା ପ୍ରେମକୁ ଗୋଡ଼ରେ ଆଡ଼େଇ ଦେଇ ତାକୁ ଧୋକା ଦେଇଛି, ଭଲ ପାଇବାର ରଙ୍ଗୀନ ସ୍ୱପ୍ନ ଦେଖେଇ ସେ ଆଜି ତାକୁ ଏକୁଟିଆ କରିଦେଇଛି । ଏହିପରି ଭାବି ଶୁଭେନ୍ଦୁ ସେଠାରେ ବସି କାନ୍ଦି କାନ୍ଦି ଅଥୟ ହୋଇ ପଡ଼ିଛନ୍ତି, ତା'ପରେ ଶୁଭେନ୍ଦୁର ସାଙ୍ଗମାନେ

To read the complete magazine, Download it for FREE from www.aahwaan.com

ତାକୁ ସେଠାରୁ ନେଇ ଘରେ ଛାଡ଼ିଦେଇ ଆସନ୍ତି । ଶୁଭେନ୍ଦୁ ଅତୀତର ଯନ୍ତ୍ରଣାକୁ ଭୁଲିବା ପାଇଁ ଆରମ୍ଭ କରନ୍ତି ମଦ ପିଇବା ।

ସେପଟେ ମିନାକ୍ଷୀର ବାହାଘର ସରିଯିବାପରେ ସେ ପୁରୁଣା ଦିନର ସ୍ମୃତିକୁ ମନେ ପକେଇ କାନ୍ଦୁଚି ସିନା, କିନ୍ତୁ କିଛି କରିପାରୁନି । କାରଣ ସେ ଜାଣିଛି ତା ସ୍ୱାମୀ ସୁଜିତ ଯଦି ଏ କଥା ଜାଣିବେ ପୁଣି ତା ଜୀବନରେ ଆଉ ଏକ ଝଡ଼ ଆସିବ । ତା' ବାପାମା' ଯେଉଁ ସୁଖର ସଂସାର ପାଇଁ ତାକୁ ଏଠି ବାହାଘର କରେଇଛନ୍ତି ତାହା ତାଙ୍କର ସ୍ୱପ୍ନରେ ହିଁ ରହିଯିବ, ଏମିତିରେ ବି ତ ବାପାମା' ଦେଖିଥିବା କୌଣସି ସ୍ୱପ୍ନକୁ ସେ ବାସ୍ତବତାରେ ପରିଣତ କରାଇ ପାରିନାହିଁ, ସେମାନଙ୍କୁ ଜୀବନରେ କିଛି ବି ଖୁସି ଦେଇନି, ତେଣୁ ସେ ସବୁ ଦୁଖକୁ ମନଭିତରେ ଚାପି ରଖି ଖୁସିହେବାର ଅଭିନୟ କରି ଚାଲିଥିଲା ସ୍ୱାମୀ ସୁଜିତଙ୍କ ଆଗରେ । ଦିନ ପରେ ଦିନ ଗଡ଼ିବା ପରେ ମିନୁ ତା ଅତୀତକୁ ଭୁଲି ସୁଜିତଙ୍କ ସହ ସଂସାର ଗଢ଼ିବା ପାଇଁ ଆରମ୍ଭ କଲା ବେଳେ ହଠାତ ଯେ ଦିନେ ତା ଅତୀତ ପୁଣି ତା ସାମ୍ନାକୁ ଆସିଯିବ ସେ ଏ କଥା କେବେ ବି ଭାବି ନଥିଲା ।

ମିନୁ ଦିନେ ତା ସ୍ୱାମୀ ସହ ଭୁବନେଶ୍ୱରର ବଜାରକୁ ବୁଲିବାକୁ ଗଲା ବେଳେ ସେ ଦେଖେ ତା ପୁରୁଣା ପ୍ରେମିକ ଶୁଭେନ୍ଦୁ ମଦ ପିଇ ରାସ୍ତା ଉପରେ କାହା ସହ ଝଗଡ଼ା କରୁଛି । ଶୁଭେନ୍ଦୁକୁ ଏପରି ଅବସ୍ଥାରେ ଦେଖି ସେ ଆଶ୍ଚର୍ଯ୍ୟ ହୋଇଛି । ସେ ମନେ ମନେ ଭାବିଛି ଶୁଭେନ୍ଦୁକୁ ଯାଇ ଟିକେ ଦେଖା କରିବ ଓ ତାର ଭଲ ମନ୍ଦ କଥା ଟିକେ ପଚାରିକି ଆସିବ, ହେଲେ ତା'ର ବିବେକ ତାକୁ ବାଧା ଦେଉଛି । ସୁଜିତଙ୍କ ଆଗରେ ସେ କଣ ଏ ସବୁ କରିପାରିବ ? "ମିନୁ ଆସ ମଲ୍ ଭିତରକୁ ଯିବା ।" ଗାଡ଼ି ପାର୍କିଂ କରିସାରିବା ପରେ

To read the complete magazine, Download it for FREE from www.aahwaan.com

ସୁଜିତଙ୍କ ଡାକରେ ସେ ପ୍ରକୃତିସ୍ଥ ହେଲା । ସୁଜିତର ହାତଧରି ମଲ୍‌କୁ ଯାଉଥିବା ବେଳେ ସେ ବୁଲି ବୁଲି ବାରମ୍ବାର ପଛକୁ ଚାହୁଁଥାଏ । ମିନୁର ମନ ଆଉ ମଲ୍‌ରେ ଲାଗିଲାନି, ତା ମନ କେବଳ ଶୁଭେନ୍ଦୁ ପାଖକୁ ଯିବାକୁ ହିଁ ଡାକୁଥିଲା, ହୁଏତ ଆଜି ସେ କାହାର ସ୍ତ୍ରୀ ହୋଇଛି କିନ୍ତୁ ଦିନେ ଏଇ ଶୁଭେନ୍ଦୁ ପାଇଁ ସେ ପାଗଳି ହୋଇଥିଲା । ସେ ତା'ର ପାଦ ଦୁଇଟିକି ଆଉ ଅଟକାଇ ପାରିଲା ନାହିଁ । ୱାସ୍‌ରୁମ୍ ଯିବା ବାହାନାରେ ମିନୁ ଛୁଟି ଚାଲିଆସିଲା ମଲ୍‌ର ବାହାରକୁ କିନ୍ତୁ ସେ ଆସିଲା ବେଳକୁ ପୁଲିସ ଶୁଭେନ୍ଦୁଙ୍କୁ ଗାଡ଼ିରେ ବସାଇ ନେଇସାରିଥିଲା ଥାନାକୁ । ମିନୁ ସେଠାରେ ଶୁଭେନ୍ଦୁକୁ ନ ପାଇ ପାଖରେ ଥିବା ଲୋକଙ୍କ କଥାରୁ ଜାଣି ପାରିଥିଲା ଯେ ଶୁଭେନ୍ଦୁ ଭଲ ପାଉଥିବା ଝିଅଟି ତାକୁ ଧୋକାଦବାରୁ ସେ ମାନସିକ ଭାରସାମ୍ୟ ହରାଇ ବସି ଏହିପରି ପାଗଳ ହୋଇ ୟାଡ଼େ ସ୍ୟାଡ଼େ ଘୁରିବୁଲୁଛି । ଏ କଥା ଶୁଣି ମିନୁର ଛାତି ଭିତରଟା ଥରି ଉଠିଛି । ସେ ନିଜକୁ ଧିକ୍କାର କରିଛ, ଶୁଭେନ୍ଦୁର ଏ ଅବସ୍ଥା ପାଇଁ ସେ ନିଜେ ହିଁ ଦାୟୀ ବୋଲି ତା' ମନ ତାକୁ ବାରମ୍ବାର ଧିକ୍କାର କରିଛି ।  ଆଖିରୁ ଲୁହ ପୋଛି ପୁଣି ମଲ୍ ଭିତରକୁ ଫେରି ଆସି ଦେହ ଭଲ ନ ଲାଗିବାର ବାହାନା କରି ଘରକୁ ଫେରିଯିବା ପାଇଁ ସୁଜିତକୁ ଅନୁରୋଧ କରିଛି ।

ମଲ୍‌ରୁ ଫେରିବାପରେ ମିନୁ ଅନ୍ୟମନସ୍କ ହୋଇଥିବାର ଦେଖି ସୁଜିତ ଜାଣିବାକୁ ଚେଷ୍ଟା କରିଛନ୍ତି ଯେ କାରଣଟା କଣ ବୋଲି । କିନ୍ତୁ ମିନୁ ସେ ସବୁ କଥାକୁ ଦେହ ଖରାପର ଆଳ ଦେଖାଇ ଏଡ଼ାଇ ଯାଇଛି । ମିନୁ ଶୁଭେନ୍ଦୁର ଏପରି ଅବସ୍ଥା ପାଇଁ ନିଜକୁ ଦୋଷୀ ବୋଲି ଭାବିନେଇଛି, ତେଣୁ ତା'ର ପ୍ରାୟଶ୍ଚିତ ପାଇଁ ସେ ଶୁଭେନ୍ଦୁର ଘରକୁ ଯାଇ କ୍ଷମା

To read the complete magazine, Download it for FREE from www.aahwaan.com

ମାଗିବାର ନିଷ୍ପତ୍ତି ନେଇଛି ଏବଂ ତାକୁ ବୁଝାଇ ସୁଝାଇ ତା' କଥା ଭୁଲି ପୁଣି ଆଉଥରେ ନୂଆ କରି ଜୀବନକୁ ଗଢ଼ିବା ପାଇଁ ତାଙ୍କୁ ବୁଝାଇ ଆସିବାକୁ ସଂକଳ୍ପ ନେଇଛି ।

ସୁଜିତ କିନ୍ତୁ ମିନୁର ଉଦାସ ରହିବାର କାରଣକୁ ଠିକ୍ ଅନୁମାନ କରି ପାରିଥିଲେ । ସେ ବାହାଘର ବେଳେ ମଧ୍ୟ ମିନୁର କିଛି ସାଙ୍ଗମାନଙ୍କଠାରୁ ଜାଣିବାକୁ ପାଇଥିଲେ ଯେ ମିନୁର ଆଉ ଜଣେ ପୁଅ ସହ ପ୍ରେମ ସମ୍ପର୍କ ଥିଲା ବୋଲି । କିନ୍ତୁ ସେତେବେଳେ ସେ ଏ ସବୁକୁ ଖାତିର କରି ନଥିଲେ, କିନ୍ତୁ ଏ କଥା ସେ ମିନୁକୁ ପଚାରି ପାରୁ ନଥାନ୍ତି, କାରଣ କାଳେ ମିନୁ ଭାବିବ ଯେ ବାହାଘରର ଏତେ ଦିନ ପରେ ବି ସେ ତାକୁ ଅବିଶ୍ୱାସ କରୁଛି ବୋଲି, ସେଥି ପାଇଁ ମିନୁର ସତ୍ୟତା ଜାଣିବା ପାଇଁ ସେ ନିଜ ତରଫରୁ ଚେଷ୍ଟା କରିବାକୁ ଲାଗିଲେ ।

ହେଲେ କଥାରେ ଅଛି ଝଡ଼ ଯେତେବେଳେ ଆସେ ତାର ବିରାଟ ରୂପକୁ ନେଇ କି ଆସିଥାଏ, ଏହି ଝଡ଼ ଥରେ ବହିବା ପରେ ସବୁକିଛି ନିରବ ହୋଇଯାଏ । କେତେ ଲୋକଙ୍କର ସଂସାର ଉଜୁଡ଼ିଯାଏ ତାହା କହି ହୁଅନା, ସେହି ପରି ଏକ ଝଡ଼ ମିନୁର ଜୀବନରେ ଆସିବା ପାଇଁ ଅପେକ୍ଷା କରି ରହିଥିଲା ।

ଦିନେ ମିନାକ୍ଷୀ ତାର ଭୁଲର ପ୍ରାୟଶ୍ଚିତ କରିବା ପାଇଁ ମାର୍କେଟ ଯାଉଛି କହି ଶୁଭେନ୍ଦୁର ଘରକୁ ଯାଏ । କେମିତି ଶୁଭେନ୍ଦୁକୁ ସାମ୍ନା କରିବ ସେ ସେଇ କଥା ବାଟସାରା ଭାବିଭାବି ଯାଉଥାଏ, ଶୁଭେନ୍ଦୁର ଘର ଆଗରେ ପହଞ୍ଚି ସେ କବାଟର ବେଲ୍ ମାରେ, କେହି ଜଣେ ଝିଅଟିଏ ଆସି ପଚାରେ, "ଆପଣ କିଏ ? କାହାକୁ ଖୋଜୁଛନ୍ତି ?" ମିନୁ କହିଲା, "ଶୁଭେନ୍ଦୁ ଘରେ ଅଛନ୍ତି ? ମୁଁ ତାଙ୍କ ସାଙ୍ଗ ତାଙ୍କୁ ଟିକେ ଦେଖାକରି ହେବ କି ?" ଝିଅଟି

To read the complete magazine, Download it for FREE from www.aahwaan.com

କହେ, "ହଁ ସାନବାବୁ ଘରେ ଅଛନ୍ତି ଆପଣ ବସନ୍ତୁ, ମୁଁ ତାଙ୍କୁ ଡାକି ଦେଉଛି ।" ମିନୁକୁ ବସେଇଦେଇ ସେ ଚାଲିଯାଏ ଭିତରକୁ କିଛି ସମୟ ପରେ ପଛରୁ ଶୁଭାଯାଏ ଗୋଟେ ସ୍ୱର, "ତୁମେ କିଏ ମା ?" ବୁଲି କି ଦେଖେ ତ ଶୁଭେନ୍ଦୁଙ୍କ ବାପା । ପ୍ରଣାମ କରେ ମିନାକ୍ଷୀ ।ମିନାକ୍ଷୀ କହିଲା, "ମୁଁ ମିନୁ" । ବାସ୍ ଏଇ ନାଁଟି ଶୁଣିବା ମାତ୍ରେ ବୃଦ୍ଧ ଜଣକ ରାଗରେ ଗରଜି ଉଠିଲେ, "ଓଃ ! ତୁ ହଉଛୁ ସେଇ ମିନୁ ଆଉ କଣ ବାକି ରଖିଛୁ ଯେ ଏଠିକି ଦେଖିବାକୁ ଆସିଛୁ । ମୋ ପୁଅ ଜୀବନରୁ ସବୁ ଖୁସି ଛଡ଼ାଇନେଇ ଆଜି ତୁ ତାକୁ ମଦୁଆ ଆଉ ପାଗଳ କରି ଦେଇଛୁ, ଯୋଉ ପୁଅକୁ ନେଇ ଆମେ ବୁଢ଼ାବୁଢ଼ୀ ଏତେ ସ୍ୱପ୍ନ ଦେଖିଥିଲୁ ସେ ଆଜି ଆମ ମୁହଁକୁ ଚାହୁଁନି । ତାର ଏକମାତ୍ର ସାଥି ସାଜିଛି ମଦ ।ମୋ ପୁଅର ଏ ଅବସ୍ଥା ପାଇଁ କେବଳ ତୁ ହିଁ ଦାୟୀ । ଯେଉଁ ପୁଅର ଘରସଂସାର ଦେଖି ଖୁସିରେ ରହିବା କଥା ସେହି ପୁଅର ଏଇ ଅବସ୍ଥା ଦେଖି ଆମେ ନ ମରି କିପରି ବଞ୍ଚିଛୁ ସେଇଆ ତୁ ଦେଖିବାକୁ ଆସିଛୁ ?"ପାଟି ଶୁଣି ଶୁଭେନ୍ଦୁଙ୍କ ମା' ବି ବାହାରକୁ ଆସି ମିନାକ୍ଷୀକୁ ବହୁତ ତିରସ୍କାର କଲେ । ମିନାକ୍ଷୀ କିଛି ନ କହି ଚୁପ ହୋଇ ତାଙ୍କର ଗାଳିକୁ ଚୁପଚାପ ସହି ଯାଉଥାଏ ଏବଂ ମନ ଭିତରେ ଭାବୁଥାଏ ଯଦି ଏମାନେ ମୋତେ ଏମିତି ଗାଳିଦେବେ ହୁଏତ ତାଙ୍କର କିଛି ରାଗ ମୋ ଉପରୁ ସେ ସୁଝେଇ ଦେବେ । କିଛି ସମୟ ପରେ ସେ କହିଲା, "ମୋତେ ଥରୁଟିଏ ମାତ୍ର ଶୁଭେନ୍ଦୁ ସହ ଦେଖା କରିବାକୁ ଦିଅ ।"

ଶୁଭେନ୍ଦୁର ମା' ତା ଆଗରେ ହାତ ଯୋଡ଼ି ମିନାକ୍ଷୀକୁ କହିଲେ, "ଦୟାକରି ମା' ତୁ ଏ ଘରୁ ଚାଲି ଯା । ମୋ ପୁଅ କି ଆମ ବୁଢ଼ାବୁଢ଼ୀ ଦୁଇଜଣଙ୍କୁ ଆଉ ଏ ବୟସରେ ଏତେ କଷ୍ଟ ଦେଏନା । ତୁ ଏବେ ଆଉ କାହାର ସ୍ତ୍ରୀ ହୋଇ ସାରିଲୁଣି, ତେଣୁ ତୋର ଶୁଭେନ୍ଦୁସହ ଦେଖା

To read the complete magazine, Download it for FREE from www.aahwaan.com

କରିବା ଜମା ଭଲ ନୁହେଁ ।" ଏତିକି ବେଳେ ଶୁଭେନ୍ଦୁ ମଧ୍ୟ ପଶିଆସିଲେ ସେ ଘରକୁ ଆଉ ମିନାକ୍ଷୀକୁ ଦେଖି ରାଗ ତମତମ ହୋଇ ପାଟିକରି କହିଉଠିଲେ, "ତୁମେ କାହିଁକି ଆସିଛ ଏଠାକୁ, ମୁଁ ବଞ୍ଚିଛି ନା ମରିଚି ଦେଖିବାକୁ । ଆଜି ତ ତୁମେ ଚାଲି ଆସିଲ ଏ କଥା ଶୁଣି ତୁମ ବାପମା'ଙ୍କ ସମ୍ମାନରେ ଆଞ୍ଚ୍ ଆସିବନି । ଯାଅ ଚାଲିଯାଅ ମୋ ସାମ୍ନାରୁ ମୁଁ ତୁମ ମୁହଁ ବି ଦେଖିବାକୁ ଚାହୁଁନି । ହଁ ! ଚିନ୍ତା କରିବନି ମୁଁ ତୁମ ସଂସାରରେ କେବେ ବି କଣ୍ଟା ସାଜିବିନି । ତୁମେ ତୁମ ସ୍ୱାମୀଙ୍କ ସହ ଖୁସିରେ ରୁହ । ମୋ କଥା ଭାବିବା ଦରକାର ନାହିଁ, ମୁଁ ମୋ ମଦ ସହ ବହୁତ ଖୁସିରେ ବଞ୍ଚିଛି ।" ମିନାକ୍ଷୀ ଶୁଭେନ୍ଦୁ ଠାରୁ ଏତେ ତିରସ୍କାର ଶୁଣିବାପରେ କାନ୍ଦିକାନ୍ଦି ଶୁଭେନ୍ଦୁର ପାଦ ତଳେ ପଡ଼ି କ୍ଷମା ପ୍ରାର୍ଥନା କରି ନୂଆ କରି ତାକୁ ସଂସାର ଗଢ଼ିବା ପାଇଁ ବହୁତ ବୁଝେଇଲା । ମିନାକ୍ଷୀ କହିଲା, "ମୁଁ ତୁମ ପ୍ରେମିକା ସାଜିଥିଲି ନିଶ୍ଚୟ କିନ୍ତୁ ତୁମ ନିଜର ହୋଇ ପାରିଲିନାହିଁ, ସେ ସମୟରେ ମୁଁ ବାପାମା'ଙ୍କ ସର୍ତ୍ତରେ ବାନ୍ଧି ହୋଇ ଯାଇଥିଲି, ସେ ସମୟ ଏବେ ଆଉ ନାହିଁ, ମୁଁ ଯେମିତି ସବୁ କିଛି ଭୁଲି ପୁଣି ଗୋଟେ ନୂଆ ଦୁନିଆରେ ବାନ୍ଧି ହୋଇଛି ସେମିତି ତୁମେ ମଧ୍ୟ ଏ ସବୁ ଛାଡ଼ି ଗୋଟିଏ ଭଲ ଝିଅ ଦେଖି ବାହା ହୋଇ ପୁଣି ଥରେ ଜୀବନକୁ ଜୀଇଁବା ଆରମ୍ଭ କର, ସେଥିରେ ହିଁ ଆମ ଦୁଇ ଜଣଙ୍କ ମଙ୍ଗଳ ହେବ ।" ଶୁଭେନ୍ଦୁ କାନ୍ଦିକାନ୍ଦି ମିନାକ୍ଷୀକୁ ଉଠାଇ କହିଲେ, "ମିନୁ ତୁମେ କଣ ମୋତେ ଏବେ ବି ସେତିକି ଭଲପାଅ ?" ମିନୁ କହିଲା "ହଁ" । ଶୁଭେନ୍ଦୁ କହିଲା, "ତେବେ ଆସ ସବୁ କିଛି ଛାଡ଼ିଦେଇ ତୁମେ ମୋ ପାଖକୁ ଚାଲିଆସ, ଆଜି ବି ମୁଁ ତୁମକୁ ଅପେକ୍ଷା କରି ରହିଛି, ତୁମେ ମୋ ଜୀବନରେ ଆସିଲେ ମୁଁ ଏ ସବୁ ମଦ, ନିଶା ସବୁ ଛାଡ଼ିଦେବି ।" ଏ କଥା ଶୁଣି ମିନୁ ଚମକି ପଡ଼ିଲା ଆଉ କହିଲା, "ତୁମେ ଏ କଣ କହୁଛ ଶୁଭେନ୍ଦୁ ? ଏହା ଏବେ

To read the complete magazine, Download it for FREE from www.aahwaan.com

ସମ୍ଭବ ନୁହେଁ ମୁଁ ଯେ ଆଉ କାହାର ସ୍ତ୍ରୀ, ମୋ ପାଇଁ ଏ ପରି ଭାବିବା ହିଁ ପାପ ।" ଶୁଭେନ୍ଦୁ କହିଲା, "ତେବେ ଚାଲିଯାଅ ମୋତେ ମୋ ରାସ୍ତାରେ ଛାଡ଼ିଦେଇ ।" ଆଉ ଯେତେ ବୁଝେଇଲେ ବି ଶୁଭେନ୍ଦୁ ଆଉ ବୁଝିଲାନାହିଁ ତାକୁ ଘରୁ ବାହାର କରିଦେଇ ସେ କବାଟ ଦେଇ ଭିତରକୁ ଚାଲିଗଲା ।

ମିନୁ ପ୍ରାୟଶ୍ଚିତ ନ କରି ପାରିଥିବାରୁ ତା ନିଜ ଉପରେ ତାକୁ ବହୁତ ଘୃଣା ଆସୁଥିଲା । ନିରାଶ ହୋଇ ସେ ସେଠାରୁ ଫେରିଲା । ଏପଟେ ମିନୁର ଅନୁପସ୍ଥିତିର ସୁଯୋଗ ନେଇ ସୁଜିତ ମିନୁର ଡାଏରୀ ପଢ଼ିସାରିଥିଲା ଓ ତା' ଭିତରୁ ଶୁଭେନ୍ଦୁର ଫଟୋ ମଧ୍ୟ ପାଇଥିଲା । ଏତିକିରେ ସୁଜିତର ବିଶ୍ୱାସ ମିନୁ ଉପରୁ ତୁଟି ଯାଇଛି । ସେ ଫେରିବା ମାତ୍ରେ ହିଁ ଶୁଭେନ୍ଦୁ ଓ ତା'ର ସମ୍ପର୍କକୁ ନେଇ ସେ ବହୁତ ପ୍ରଶ୍ନ କରିଛି । ମିନୁ ଆଉ କିଛି ନ ଲୁଚାଇ ସବୁ କଥା ସୁଜିତଙ୍କୁ କହିଛି ।

ସେହିଦିନ ଠାରୁ ସୁଜିତ ସହ ସେ ଗୋଟେ ଛାତତଳେ ରହିଲା ସତ କିନ୍ତୁ ଦୁହେଁ ଅଜଣା ମଣିଷ ପରି । ମିନୁ ଦେଖି ପାରୁଥିଲା ଆଖି ଆଗରେ ତା'ର ସବୁ ଆଶା ଓ ଆକାଂକ୍ଷା ଭାଙ୍ଗି ଚୁରମାର୍ ହୋଇ ଯିବାର । ସେ ସୁଜିତକୁ ବହୁତ ବୁଝେଇବାକୁ ଚେଷ୍ଟା କରୁଥିଲା କିନ୍ତୁ ସବୁଥିଲା ନିଷ୍ଫଳ । ରାତି ରାତି କାଟି ଯାଉଥିଲା ଉଜାଗର ରହି । ନିଜର ଦୁଃଖକୁ ସେ କାହା ଆଗରେ ବି ପ୍ରକାଶ କରି ପାରୁନଥିଲା । ବାପାମା', ସ୍ୱାମୀ, ପ୍ରେମିକ ସାଙ୍ଗସାଥୀ କେହି ବି ବୁଝୁ ନଥିଲେ ତା'ର ଅନ୍ତରର ବେଦନାକୁ, ତା'କୁ ସବୁଆଡ଼ ଅନ୍ଧାର ଦେଖା ଯାଉଥିଲା, କାହାର ଭରସାର ଯୋଗ୍ୟା ନୁହେଁ ବୋଲି ନିଜେ ନିଜେ ସେ ଭାବି ନେଇଥିଲା । ଶେଷରେ ସେ ନିଜ ଜୀବନର ନିଷ୍ପତି ନିଜେ ହିଁ ନେଇଥିଲା । ସେ ସବୁଦିନ ପାଇଁ

To read the complete magazine, Download it for FREE from www.aahwaan.com

ସମସ୍ତଙ୍କଠାରୁ ବିଦାୟ ନେଇ ହଠାତ୍ ଦିନେ ରାତିର ଅନ୍ଧକାରରେ କେଉଁ ଆଡ଼େ ଚାଲି ଯାଇଥିଲା, ସକାଳ ହେଲାପରେ ତାକୁ ଯିଏ ଯେତେ ଯେଉଁଠି ଖୋଜିଲେ ବି ତାର ଠିକଣା ଆଉ କାହା ପାଖରେ ନ ଥିଲା ।

ବାସୁଦେବ ନଗର, ଖୋଡ଼ାସିଙ୍ଗି, ବ୍ରହ୍ମପୁର – ୧୦

To read the complete magazine, Download it for FREE from www.aahwaan.com

# ସାମାଜିକ ଚିନ୍ତାଧାରା



ସଂଗ୍ରାମକେଶରୀ ସେନାପତି

ଆମେ ସମସ୍ତେ ହେଉଛନ୍ତି ଜଣେ ଜଣେ ସାମାଜିକ ପ୍ରାଣୀ । ସମାଜରେ ସାମାଜିକ ଲୋକମାନଙ୍କ ସହ ମିଶି ରହିଛୁ ଆଉ ନିଜକୁ ଅନ୍ୟମାନଙ୍କ ସହ ମଧ୍ୟ ଖାପଖୁଆଇ ଚଳିଆସିଛୁ । ଯଦି କାହାର କିଛି ଅସୁବିଧା ହୁଏ ଆମେ ତାଙ୍କୁ ସାହାଯ୍ୟ କରିଥାଉ ଆଉ କେହି ନା କେହି ଆମକୁ ଆମ ବିପଦ ସମୟରେ ମଧ୍ୟ ସହଯୋଗ କରି ଆମର ଦୁଃଖକୁ ନିଜ ଭିତରେ ବାଣ୍ଟି ନେଇଥାନ୍ତି । ରାତି ଅଧରେ ଆମ ଘରେ କିଛି ବିପଦ ପଡ଼ିଲେ, ଆମର ପଡ଼ିଶା ଘର ଲୋକେ ଧାଇଁ ଆସନ୍ତି ସାହାଯ୍ୟର ହାତ ବଢ଼େଇବାକୁ । ଏମିତକି ଯଦି ଆମ ଘରେ କେବେ ରୋଷେଇ ହୋଇ ନ ପାରେ ସେମାନେ ନିଜ ହାତରେ ରୋଷେଇ କରି ପରିଷି ଦିଅନ୍ତି ଆମ ଆଗରେ । ପ୍ରତ୍ୟେକ ମୁହୂର୍ତ୍ତରେ, ଦୁଃଖରେ ଆଉ ସୁଖରେ ଆମେ ସେମାନଙ୍କର ସହ ମିଶି ଚଳଥାନ୍ତି ।

ଆମେ ବି କିଛି କମ ନୋହୁଁ । ଛୋଟବେଳେ ଯଦି ଆମର ସାଙ୍ଗଟିଏ ମଇଳା ପୋଷାକ ପିନ୍ଧିକରି ସ୍କୁଲକୁ ଆସିଥାଏ, ତାକୁ ଶିକ୍ଷକ ମହାଶୟ ଗାଳି କରିବେ ବୋଲି

To read the complete magazine, Download it for FREE from www.aahwaan.com

ଆମେ ଆମର ପୋଷାକକୁ ଜାଣିଶୁଣି ମଇଳା କରିଦେଉ ଆଉ ଶିକ୍ଷକ ଗାଳି କଲାବେଳେ ଉଭୟଙ୍କୁ ଗାଳି କରନ୍ତି । ଆଉ ଏହାକୁ ଆମେ ଆମର ବନ୍ଧୁ ପ୍ରତି କର୍ତ୍ତବ୍ୟ ବୋଲି ଭାବୁ । ଏମିତି କରିବା ନିତ୍ୟାନ୍ତ ଆବଶ୍ୟକ । ବନ୍ଧୁଟିଏ କେବେ ତା'ର ବିପଦବେଳେ ନିଜକୁ ଏକୁଟିଆ ମନେ କରିବା ଉଚିତ ନୁହେଁ । ଆମେ ବନ୍ଧୁ ହୋଇ ପୁଣି କେତେବେଳେ କାମରେ ଆସିବୁ । କେବେ କେବେ ଯଦି ସାଙ୍ଗପିଲାର କପଡ଼ା ଚିରଯାଇଥାଏ ଆମେ ମଧ୍ୟ ଆମର କପଡ଼ା ଚିରିଦେବାକୁ ପଛାଉନା । ଆଉ ଇଏ ସବୁ କରୁ ଆମେ ଆମର ନିଟକତମ ବନ୍ଧୁ ପାଇଁ, ଯାହାର ପ୍ରତ୍ୟେକ ଦୁଃଖ ସମୟରେ ଆମେ ପାଖରେ ରହିବାକୁ ଶପଥ ନେଇଥାଉ ।

ସେହିପରି ଆମର କିଛି ସମାଜପ୍ରେମୀମାନେ ମଧ୍ୟ ଏହି ସମାଜର ସେମିତି କଛି ଦୁଃଖୀଲୋକଙ୍କ ପାଇଁ ସେମାନଙ୍କର କର୍ତ୍ତବ୍ୟ କରୁଛନ୍ତି । ଗରିବ ଲୋକଟିଏ ପଇସା ଅଭାବରୁ ଦୁଇବେଳା ଠିକରେ ଖାଇବାକୁ ବି ପାଇପାରେନି । ଭଲ ଲୁଗାଟିଏ ପିନ୍ଧିବାକୁ ପଇସା ବା ପାଇବ କେଉଁଠୁ ? ଅନେକ ଦିନଧରି ସେହି ଖଣ୍ଡିଆ ଲୁଗାକୁ ପିନ୍ଧେ ତ ପୁଣି କେବେ କାହାଠାରୁ ମିଳିଥିବା ଲୁଗାଖଣ୍ଡକରେ ନିଜର ଲଜ୍ୟା ଲୁଚାଏ । କେବେ କେବେ ସେହି ଚିରାଫଟା ଲୁଗାଟିକୁ ପିନ୍ଧି ସେ ବାହାରକୁ ମଧ୍ୟ ଚାଲିଯାଏ । ଏମିତି ଚିରାଲୁଗାଟିଏ ପିନ୍ଧିବା ଦ୍ୱାରା ତାଙ୍କୁ ମଧ୍ୟ କେହି କେହି ରାସ୍ତାରେ ଦେଖିକି ପରିହାସ କରୁଥାନ୍ତି । ସତ କହିବାକୁ ଗଲେ ଆମ ଆଗରେ କିଛି ଅନ୍ୟାୟ ହେଲେ ଆଉ ସହିପାରୁନା ଆଉ ସଙ୍ଗେ ସଙ୍ଗେ ସେହି ଅନ୍ୟାୟ ବିରୁଦ୍ଧରେ ଆମେ ପ୍ରତିବାଦ କରୁ । ଅବଶ୍ୟ କିଛି କିଛି ଯାଗାରେ ଆମେ ଅନ୍ୟାୟ ବିରୁଦ୍ଧରେ ଲଢ଼ିପାରୁନା କାରଣ ଆମେ ଏକୁଟିଆ ଦଳବଦ୍ଧ ଭାବରେ ଥିବା

To read the complete magazine, Download it for FREE from www.aahwaan.com

ମୁଷ୍ଟିମେୟ ଲୋକମାନଙ୍କୁ ସାମ୍ନା କରି ପାରିବା ନାହିଁ । ସେହି ସ୍ଥାନରେ ଆମେ ଅନ୍ୟାୟ ହେଉଥିବା ଲୋକଟି ପାଇଁ ପ୍ରତିବାଦ କରି ସାହାଯ୍ୟ କରିପାରୁ ନାହୁଁ ବରଂ ତା'ର ସେହି ଦୁଃଖକୁ କିଞ୍ଚିତ ପରିମାଣରେ ଆମ ପାଖକୁ ଟାଣିନେଉ ଆଉ ତାକୁ ଟିକିଏ ସାହାରା ଦେଉ । ଏମିତି ଚିରାଫଟା ପିନ୍ଧୁଥିବା ଗରିବ ଲୋକଟିଏକୁ କେହି ଥଟ୍ଟା କରୁଥିବାର ଦେଖି ଆମର କିଛି ଆଧୁନିକ ଯୁବପିଢ଼ୀଙ୍କର ଦେହରେ ନିଆଁ ଲାଗିଗଲା, ସମାନଙ୍କୁ ବହୁତ ଖରାପ ଲାଗିଲା । ହେଲେ ସେମାନେ ତ ପରିହାସ କରୁଥିବା ଏତେ ସାରା ଲୋକଙ୍କ ମୁହଁ ବନ୍ଦ କରି ପାରିବେନି । ସେଥିପାଇଁ ସେମାନେ ଅନେକ ଭାବିବା ପରେ ଏକ ନିଷ୍ପତ୍ତି ନେଲେ ଆଉ ନିଜର ପୋଷାକକୁ ଚିରିଦେଇ ପିନ୍ଧିଲେ । କେବଳେ ଜଣେ ସିନା ଚିରା ପୋଷାକଟିଏ ପିନ୍ଧିଲେ କେହି ତାକୁ ଥଟ୍ଟା କି ପରିହାସ କରିବେ ହେଲେ ଯଦି ଏକାଧିକ ଲୋକ ଏମିତି ଚିରାଫଟା ପିନ୍ଧିବେ କେତେ କିଏ କାହାକୁ ପରିହାସ କରିବ । ଏପରିକି ଚଳଚ୍ଚିତ୍ର ତାରକାମାନେ ମଧ୍ୟ ଏହି ପୋଷାକମାନଙ୍କୁ ନିଜ ନିଜ ଚଳଚ୍ଚିତ୍ରରେ ପିନ୍ଧିଲେ, ଆଉ ଏହାକୁ ଆମର ସମାଜ ମଧ୍ୟ ଏକ ମୁଖ୍ୟ ପୋଷାକ ଭାବରେ ମାନିନେଲା । କାରଣ ବଡ଼ବଡ଼ୁଆମାନେ ଯାହା ସବୁ କରନ୍ତି, ସେଇଟା ତ ଆଦର୍ଶ ହୋଇଯାଏ । ଆଜି ପିନ୍ଧିବାକୁ ପାଉନଥିବା ଗରିବଟିଏ ଯେତେବେଳେ ଚିରାଫଟା ପୋଷାକଟିଏ ପିନ୍ଧିକି ବାହାରକୁ ଆସିବ ତାକୁ କେହି ଥଟ୍ଟା କରିବେ ନାହିଁ ବରଂ ତା'ର ସେହି ପୋଷାକକୁ ଏକ ନୂତନ ଉଦାହରଣ ରୂପେ ଗ୍ରହଣ କରିବେ ।

ପୋଷାକଟିକୁ ବାରମ୍ବାର ଚିରିକି ପିନ୍ଧିଲେ ସମୟ ମଧ୍ୟ ବହୁତ ନଷ୍ଟ ହେଉଛି । ଆପଣମାନେ ତ ଜାଣିଥିବେ କି ଆମର ଲୋକମାନଙ୍କ ପାଖରେ ସବୁକିଛି ଅଛି ହେଲେ

To read the complete magazine, Download it for FREE from www.aahwaan.com

ସମୟ୍ ନାହିଁ । ଏହି ସବୁକୁ ଆଖିଆଗରେ ରଖି ଆମର ପୋଷାକ ତିଆରି କରୁଥିବା ବ୍ୟବସାୟୀ ବନ୍ଧୁମାନେ ମଧ୍ୟ ଚିରା ପୋଷାକ ତିଆରି କରି ବିକ୍ରି କରିବା ଆରମ୍ଭ କରିଦେଲେ ଆଉ ଏହି ପୋଷାକ ସବୁ ଏତେ ପରିମାଣରେ ବିକ୍ରି ହେଲା ଯେ କହିବାକୁ ନାହିଁ । ପୋଷାକ ତିଆରିବେଳେ ଯଦି କୌଣସି ପୋଷାକ ଚିରିଯାଉଥିଲା ତାହାକୁ ଫିଙ୍ଗିବାକୁ ପଡୁଥିଲା ହେଲେ ଏବେ ଏହାକୁ ଫିଙ୍ଗିବା ପରିବର୍ତ୍ତେ ଅଧିକ ମୂଲ୍ୟରେ ବଜାରରେ ବିକ୍ରିପାଇଁ ଛଡ଼ାଯାଉଛି । ଅଧିକ ମୂଲ୍ୟ ଲେଖାଥିବା ସବୁ ଜିନିଷ ସବୁବେଳେ ସମସ୍ତଙ୍କୁ ଆକର୍ଷିତ କରିଥାଏ । ସେହିପରି ଏହି ଚିରା ପୋଷାକ ଗୁଡ଼ିକ ମଧ୍ୟ ଅନେକଙ୍କ ମନ କିଣିନେବାରେ ସଫଳ ହେଲା । ଆଉ ଏବେ ଦୋକନରେ ଭଲ କପଡ଼ା ଅପେକ୍ଷା ଏହି ଚିରାପଟା କପଡ଼ା ଅଧିକ ମୂଲ୍ୟରେ ଓ ଅଧିକ ପରିମାଣରେ ବିକ୍ରୀ ହେଉଛି ।

କେବେ ଯଦି କାହାର କପଡ଼ାର ଟିକିଏ ଚିରିଯାଉଛି, ସେ ତାକୁ ଆଉ ଟିକେ ଚିରିଦେଇକି ଗର୍ବର ସହ ପିନ୍ଧିକି ବାହାରେ ବୁଲୁଛି । ଏହିଭଳି ଏକ ନୂତନ ଚିନ୍ତାଧାରା ସୃଷ୍ଟିକରିଥିବା ଲୋକଟିକୁ ମୋର ଶତ ପ୍ରଣାମ ।

CSE, Batch 2012-16

To read the complete magazine, Download it for FREE from www.aahwaan.com

# ବର୍ଷା ଆସିଛି



ସୁଲଗ୍ନା ମହାନ୍ତି

- ଏଇ ଦେଖ । ବର୍ଷା ଆସିଛି ।

- ବର୍ଷା ତ ମୋ ସାମ୍ନାରେ । ଆଉ ଆସିବ କଣ ।

- ଆରେ ମୁଁ ନୁହେଁ ! ! ବର୍ଷା । ଜିଦ୍ଧି ବର୍ଷା । ଅଭିମାନୀ ବର୍ଷା । ଦେଖ ଏଇ ଅମାନିଆ ବର୍ଷା ଆସିଛି ।

- ତୁମେ ବି କୋଉ କମ୍ ଅମାନିଆ କି ?

- ହୁଁ ତୁମର ଯୋଉ କଥା । ଆଛା, ଚାଲନା ବାହାରକୁ ।

- ବାହାରକୁ କାହିଁକି ?

- ଆରେ କାହିଁକି କଣ ପଚାରୁଛ ? ବାହାରକୁ ଯିବା । ଭିଜିବା । ନାଚିବା । ବର୍ଷାରେ ନିଜକୁ ହଜେଇ ଦେବା ! !

- ଏହେ ! ବର୍ଷାରେ କିଏ ଭିଜେ ? ଘରେ ବସି ଚା' ପକୁଡି ଖାଇଲେ କେମିତି ହୁଅନ୍ତା ?

- ଠିକ ସମୟରେ ଭୁଲ କଥା କହିବା ବୋଧେ ତୁମ ଆଜନ୍ମ ଅଭ୍ୟାସ ।

- ଆରେ ! ! ଏଥିରେ ଭୁଲ କଣ ? ? ପୁଣି ବର୍ଷାରେ ଭିଜିଲେ ଥଣ୍ଡା ଧରିବ । ଜର ହେଇଯିବ । କାଶ ବି ହେଇପାରେ ! !

- ଛି ! ! ଏତେ ଅନରୋମାଣ୍ଟିକ ଲୋକ ତମେ ! !

To read the complete magazine, Download it for FREE from www.aahwaan.com

- ଆରେ ଅନରୋମାଣ୍ଟିକ କଣ ? ସତ କଥା ତ ! ! ଆଉ ବର୍ଷାରେ କିଏ ନାଚେ କହିଲ ?

- ବର୍ଷାରେ ତ ସମସ୍ତେ ନାଚନ୍ତି । କେବେ ମୟୁର ଦେଖିନ ? କେମିତି ବର୍ଷା ଦେଖିଲେ ନିଜ ପୁଚ୍ଛ ଖୋଲି ନାଚିଯାଏ ।

- କେଜାଣି ! ! ସିନେମାରେ ଦେଖିଥିଲେ ଦେଖିଥିବି । ସତରେ ତ କେବେ ଦେଖିନି । ପୁଣି ମୋ ଚଷମା କାଚରେ ପାଣି ପଡ଼ିଗଲେ ମତେ କିଛି ଦେଖା ବି ଯିବନି ! !

- ହେ ପ୍ରଭୁ ! ! ମୁଁ କଣ ଯେ କହିବି । ଏମିତି ସୁନ୍ଦର ପାଗରେ ତୁମକୁ ଥଣ୍ଡା ଜର କାଶ ଆଉ ଚଷମା କାଚ କଥା ମନେ ପଡୁଛି ? ଧନ୍ୟ କହିବ ତୁମକୁ ।

- ଆରେ ହଁ, ଆଉ ଗୋଟିଏ କଥା ତ କହିବାକୁ ଭୁଲିଗଲି । ଚାରିଆଡ଼େ ପୁଣି କାଦୁଅ ପଚପଚ ।

- କାଦୁଅ ? ?

- ହଁ, କାଦୁଅ । ଛି ! ଫେର୍ ରାତିରେ ସେ ଯେଉଁ ବେଙ୍ଗରଡ଼ି । ସାପ ଭୟକୁ ବି ଏଡ଼ାଇ ଦିଆଯାଇ ନପାରେ । ସେଇଥିପାଇଁ ମୁଁ ଜମା ଭଲ ପାଏନା ଏଇ ବର୍ଷାକୁ ।

- ଆଚ୍ଛା ! ! ଜମା ଭଲ ପାଅନି ନା ? ରୁହ ଦେଖିବି ଆଜି କେମିତି ଭିଜିବନି ! !

- ଆରେ ଆରେ । ଏମିତି ଟାଣିଟାଣି ମତେ କୁଆଡେ ନଉଚ ?

- ଆସ ଆସ । ଆସ କହୁଛି । ଦେଖିବି ମୋ ସାଙ୍ଗରେ ଆଜି ଭିଜିବନି କେମିତି ! ! ଦେଖିବି ବର୍ଷାକୁ ତମେ ଭଲ ପାଇବନି କେମିତି ! !

ସତକୁ ସତ ସେ ଟାଣିନେଲା ମତେ । ଆଉ ସତକୁ ସତ ବର୍ଷାରେ ମୁଁ ଭିଜିଗଲି । ବର୍ଷା ଭିତରେ ହଜିଗଲି । ବର୍ଷା ଧାର ପ୍ରେମହେଇ ଆମ ଉପରେ ଅଜାଡ଼ି ହେଇଗଲା । ସେ

To read the complete magazine, Download it for FREE from www.aahwaan.com

ମୋର ହେଇଗଲା । ଆଉ ମୁଁ ତା'ର ହେଇଗଲି ।

ବର୍ଷେ ପରେ ଆଜି ପୁଣି ବର୍ଷା ଆସିଛି । ସେମିତି ଜିଦ୍ଦି । ସେମିତି ଅମାନିଆ । ସେମିତି ଅଭିମାନୀ । ହେଲେ ଏବେ ମତେ ଆଉ କେହି ଟାଣେନାହିଁ । ଭିଜିବାକୁ ଆଉ କୁହେନାହିଁ । ବର୍ଷା ମତେ ବର୍ଷାକୁ ଭଲପାଇବା ଶିଖେଇ ପାରିନାହିଁ ! ! କିନ୍ତୁ ଚାଲିଗଲାବେଳେ ନିହାତି ଦେଇଯାଇଛି ବର୍ଷାକୁ ଭଲ ନ ପାଇବାର ପୁଣି ନୂଆ କାରଣଟିଏ ! ! !

ସହକାରୀ ଅଧ୍ୟାପିକା, ଅମୃତା ବିଶ୍ୱବିଦ୍ୟାଳୟ
କୋଏମ୍ବାଟୁର, କେରଳ
ଇମେଲ୍ : sulagna2008@gmail.com

To read the complete magazine, Download it for FREE from www.aahwaan.com

# ମନ ଅଜାଙ୍କ ମନ୍ଦିର



ସୁଶାନ୍ତ ପୁରୋହିତ

ମନ ଅଜା, ସେ ଗାଁ ଯାକର ସମସ୍ତଙ୍କ ଅଜା । ଛୁଆଠୁ ଯୁବକ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଡାକନ୍ତି "ମନ ଦାଦା" । ଗାଁର ଅନେକ ଛୁଆମାନଙ୍କର ବାପାମା'ମାନେ ମଧ୍ୟ ପିଲାବେଳେ ମନ ଅଜାଙ୍କ କୋଳରେ ବସି, କାଖରେ ବୁଲି ବଡ଼ ହେଇଛନ୍ତି ଓ ଏବେ ଛୁଆମାନେ ଦିନେ ବି "ମନ ଦାଦା"ଙ୍କୁ ଛାଡ଼ନ୍ତିନି । ସନ୍ଧ୍ୟା ହୋଇଗଲେ ଗାଁ ମଝିରେଥିବା ମାଁ ଠାକୁରାଣୀ ମନ୍ଦିର ପିଢ଼ାରେ ମନଅଜାଙ୍କ ଆଖଡ଼ା ଜମେ । ପହିଲା ମୁହଁ ଅନ୍ଧାର ହେଲାପରେ ମନଅଜା ପୂଜାରୀ ସାଜି ସନ୍ଧ୍ୟାପୂଜା କରିଦିଅନ୍ତି ଓ ଖଞ୍ଜଣିଧରି ଭଜନ ଦୁଇ ଚାରିଟି ଗାଇ ଯାଆନ୍ତି । ବୟସ ହେଲେ ବି ମନଅଜାଙ୍କ କଣ୍ଠ ଖୁବ ମଧୁର ହେଇଯାଏ ସେଇ ଭଜନ ଗାଇବା ବେଳେ ।

ତା'ପରେ ଗାଁର ଗୁଡ଼ାଏ ଛୁଆ ତାଙ୍କୁ ଘେରି ବସିଯାଇ ଜିଦ ଲାଗନ୍ତି, "ଦାଦା ଗପ କୁହ ।"

ଆଉ ମନଅଜା କେବେ ମନା କରନ୍ତିନି । କେହି ଜାଣନ୍ତିନି ମନଅଜା ଏତେ ଗପ କୋଉଠୁ ଶିଖିଲେ । ରାଧୁ ଭଣ୍ଡାରୀ ତ ତା ସେଲୁନରେ କହେ ମନଅଜା ନିଜେ ଗପ

To read the complete magazine, Download it for FREE from www.aahwaan.com

ତିଆରି କରିକହନ୍ତି । ତେବେ ସେ ଲେଖୁଥିଲେ ତ ଭାରି ବଡ଼ ଗାଳ୍ପିକଟେ ହୋଇ ଯାଇଥାନ୍ତେ ।

ଏବର କେହି ଜାଣନ୍ତିନି ପ୍ରକୃତରେ ମନ ଅଜା କୋଉଠୁ ଆସିଲେ, କେତେ ପଢ଼ିଛନ୍ତି, ତାଙ୍କର ନିଜର କିଏ କୋଉଠି ଅଛନ୍ତି । କେହି କେବେ ସେକଥା ଉଠେଇବାର ଜଣାନାହିଁ ସାଲେପତ୍ରି ଗାଁରେ ।

ସାଲେପତ୍ରି ଗାଁ ।

ଗୋଟେ ଭାରି ସୁନ୍ଦର ଗାଁ ଥିଲା । ଥିଲା କାହିଁକି ?

ଏବେ କୁଆଡ଼େ ଗଲା ?

ହଁ ସାଲେପତ୍ରି ଗାଁଟି ହୀରାକୁଦ ବନ୍ଧ ନିର୍ମାଣ ହେଲାବେଳେ ଜଳାଶୟରେ ସବୁଦିନ ପାଇଁ ନିମଗ୍ନ ହେଇଯାଇଥିବା ଏକ ବଡ଼ ଗାଁ । ୪୫୦ ସରିକି ଲୋକ ପିଲାଛୁଆ ହେଇ ଗାଁରେ ୯୬ଟି ପରିବାରରେ ଥିଲେ । ଗଉନ୍ତିଆ ଥିଲେ ପଣ୍ଡା ବାବୁ, ମିତ୍ରଦୟ ପଣ୍ଡା ।ଲୋକ ଭିତରେ ଲୋକଟିଏ । ତାଙ୍କୁ ଗାଁରେ କାହିଁକି, ଆଖପାଖ ୨୦ଟି ମୌଜାର ଲୋକେ ମାନୁଥିଲେ ତାଙ୍କର ବୁଦ୍ଧି ଓ ପାରିବାପଣ ଯୋଗୁଁ ।

ବର୍ତ୍ତମାନର ଗଉନ୍ତିଆଙ୍କ ଜେଜେବାପାଙ୍କ ଅମଳରେ ମନ୍ଦିରଟି ତିଆରି ହେଇଥିଲା । ଏହି ମନ୍ଦିରଟି ଆଖପାଖ ଇଲାକାରେ ସବୁଠୁ ଉଚ୍ଚ ମନ୍ଦିର ଭାବରେ ଜଣାଶୁଣା ଥିଲା । ଗଉନ୍ତିଆଙ୍କ ବାପା ମଧ୍ୟ ବଡ଼ ଧାର୍ମିକ ଭାବନାର ଥିଲେ । ସେ ଥରେ ତୀର୍ଥଯାତ୍ରାରେ ଗଲାବେଳେ ପାଖ ସହରବାଟେ ଫେରିବାବେଳେ ଗୋଟିଏ ମଠରେ କିଛି ସମୟ ରହିଥିଲେ । ସେତେବେଳେ ଏହି ମନଅଜା ଏକ ସାନ ଅନାଥ କୁଳୀନ ବ୍ରାହ୍ମଣ ବାଳକ

To read the complete magazine, Download it for FREE from www.aahwaan.com

ଭାବରେ ମଠରେ ଥିଲେ । ଗଉନ୍ତିଆ ମହନ୍ତଙ୍କ ଠାରୁ ତାଙ୍କ ବିଷୟ ଶୁଣି ଓ ତାଙ୍କ ବୁଦ୍ଧି ବ୍ୟବହାରରେ ଖୁସି ହେଇ ନିଜେ ନେଇ ଆସିଥିଲେ ଗାଁରେ ରଖିବାକୁ । ସେହି ଦିନଠୁ ମନଅଜା ଏଇଠି । ଗଉନ୍ତିଆ ତାଙ୍କୁ ପଢ଼ିବାକୁ ସ୍କୁଲ ପଠେଇଥିଲେ ବି ସେ ମାଟ୍ରିକ ଯାଏ ପଢ଼ିପାରିଲେନି । ତା'ପରଠୁ ସେ ଗଉନ୍ତିଆଙ୍କ ଖମାରି ଭାବରେ ସବୁ ଜମିବାଡ଼ି, ଗୋରୁଗାଈ, ଗୁତି(ସ୍ଥାୟୀ ମଜୁରିଆ), ଭୁତି(ଅସ୍ଥାୟୀ ମଜୁରିଆ)ମାନଙ୍କ ଦେଖାରେଖା କରିବାସହ ମନ୍ଦିରର ମଧ୍ୟ ସବୁ ଯତ୍ନ ନେଲେ । ଗଉନ୍ତିଆ ବାହାଘର ସମୟ ଆସିଲାରୁ ଯେତେ କହିଲେ ମଧ୍ୟ ସେ ରୋକ ଠୋକ ମନା କରିଦେଲେ ବାହା ନ ହେବା ପାଇଁ । ମୂଳରୁ ସେ ମଠରେ ଥିବା ବେଳୁ ପୂଜାପାଠରେ ଅତ୍ୟଧିକ ଆଗ୍ରହ ଦେଖେଇଥିଲେ । ଏଠି ସବୁ କାମସାରି ସେ ମନ୍ଦିରକୁ ଯାଇ ସେଠାରେ ସେବାରେ ଖୁବ ସମୟ ଦେଉଥିଲେ ।

ଗଉନ୍ତିଆଙ୍କ ବିୟୋଗ ପରେ ଏବର ଗଉନ୍ତିଆ ମନଅଜାଙ୍କୁ ଖମାରି ହେଲେ ସମ୍ମାନର ସହିତ ବ୍ୟବହାର କରନ୍ତି । ମନଅଜାଙ୍କୁ ଦେଖିଲେ କେହି କହିବନି ଯେ ସେ ପଣ୍ଡା ଗଉନ୍ତିଆ ପରିବାରର ନୁହନ୍ତି ବୋଲି । ଗାଁର ବୁଢ଼ାବୁଢ଼ୀମାନେ ଏଇ ସତ୍ୟ ଜାଣିଥିଲେ ମଧ୍ୟ ଆଗର ଗଉନ୍ତିଆ ସେଇଟାକୁ ଗୋପନ ରଖିବାକୁ ସମସ୍ତଙ୍କୁ କହିଥିଲେ ଖାସ ମନଙ୍କ ମନ ଦୁଃଖ ନ କରେଇବାକୁ ।

ଏମିତିରେ ଗାଁର ସବୁ ଲୋକ ମୋଟାମୋଟି ଭାବରେ ଆନନ୍ଦରେ ଥିଲେ । ଗାଁ'ଟି ମହାନଦୀ ନିକଟରେ ଥିବାହେତୁ ଖରାଦିନେ ବି ଗାଁ ପାଖରେ ଯଥେଷ୍ଟ ପାଣି ରହୁଥିଲା ଓ ସେଥିରୁ ପାଣି ମଡ଼େଇ ଗାଁ ଲୋକେ ତଳିଆ ଜାଗାରେ ପନିପରିବା ବି ଚାଷ କରି ସହରକୁ ପଠେଇ ବେଶ ଦୁଇପାଇସା ଅଧିକ ଉପାର୍ଜନ କରୁଥିଲେ । ଗଉନ୍ତିଆଙ୍କ ଦ୍ୱାରା ବସା

To read the complete magazine, Download it for FREE from www.aahwaan.com

ଯାଇଥିବା ସ୍କୁଲରେ ସପ୍ତମ ଯାଏ ପଢ଼ି ପିଲାଏ ୧୨ ମାଇଲ ଦୂର ହାଇସ୍କୁଲ ଓ ତା' ପରେ ୨୨ ମାଇଲ ଦୂର ସହରରେ କଲେଜ ପାଠ ବି ପଢୁଥିଲେ ।

ଏବର ଗଉନ୍ତିଆଙ୍କ ୩ ପୁଅ ସମସ୍ତେ ଭଲ ପଢ଼ି ବଡ଼ ସହରରେ ହାକିମ ମଧ୍ୟ ହେଇ ବାହାସାହାହେଇ ସେଆଡ଼େ ରହିଲେ । ଗାଁ ଘରରେ ଏବେ କେବଳ ଗଉନ୍ତିଆ, ଗୌନ୍ତିଆଣି ଓ ମନଅଜା । ମନଅଜା ବୟସ ବଢୁଥିଲେ ବି ସବୁ କାମ କରୁଥାନ୍ତି । ପାହାନ୍ତା ୪ଟାରେ ଉଠି ସେ ଚାଷ ବିଷୟର ସବୁ ଦେଖାରେଖା କରି ୬ - ୭ଟା ବେଳକୁ ମନ୍ଦିରରେ ହାଜର ହୁଅନ୍ତି । ପାଖର ୨ ଟି ପିଲାଙ୍କୁ ଡାକି ସେ ସାଫସୁତୁରା କରିବାଠୁ ଆଳତି ଦେବାର ବ୍ୟବସ୍ଥା ସବୁ କରୁଥିଲେ । ପୁଣି ଦୁଇପହରରେ ସେ ମନ୍ଦିରରେ ଲୋକଙ୍କୁ ବସେଇ ଗୀତ ବୋଲନ୍ତି ଓ ଛୋଟ କାଟର ପ୍ରବଚନ ବି ଦିଅନ୍ତି ।

ସମୟ ଗଡ଼ି ଚାଲିଲା । ମହାନଦୀରେ କୁଆଡ଼େ ଏକ ବଡ଼ ବନ୍ଧ ହେବ ବୋଲି ଶୁଣାଗଲା । କେତେ ପ୍ରକାର ଗୁଜବ ଚାରିଆଡ଼େ ରଟିଲା । କିଏ କହିଲା ବନ୍ଧ ହେଲେ ପୁରା ଜିଲ୍ଲା କୁଆଡ଼େ ବୁଡ଼ିଯିବ ଓ ସମସ୍ତଙ୍କୁ ଜିଲ୍ଲା ତଡ଼ି କୋରାପୁଟ ଜଙ୍ଗଲୀ ଅଂଚଳରେ କୁଆଡ଼େ ଜାଗା ଦିଆଯିବ । ତେବେ ଗୁଜବ ବେଶୀଦିନ ଚାଲେନି । ସତକୁ ସତ ସରକାରୀ ସାହେବମାନେ ଆସିଲେ ସେ ଅଞ୍ଚଳକୁ । ମପାଜୁପା କାମ ଜୋରସୋରରେ ଚାଲିଲା । ବଡ଼ବାବୁ ଜଣେ ଗଉନ୍ତିଆ ପଣ୍ଡାବାବୁଙ୍କ ପାଖକୁ ଆସି କହିଲେ ଗାଁ'ଟି ପୁରା ବୁଡ଼ିଯିବ । ହେଲେ ସମସ୍ତଙ୍କୁ ଜିଲ୍ଲାର ଆର ମୁଣ୍ଡରେ ଥିବା ଝାରସୁଗୁଡ଼ା ପାଖେ ଘରଡ଼ିହ ସମେତ ଯଥେଷ୍ଟ ଜାଗା ଓ ପଇସା ଦିଆଯିବ ।ଦୁଇବର୍ଷ ଭିତରେ ସମସ୍ତଙ୍କୁ ସେଠିକୁ ଯିବାକୁ ହେବ ।

ଗାଁ'ସାରା କାନ୍ଦବୋବାଳି ପଡ଼ିଗଲା । ନିଜ ସାତପୁରୁଷ ରହୁଥିବା ଘର କାହାକୁ ଭଲ

To read the complete magazine, Download it for FREE from www.aahwaan.com

ନ ଲାଗେ ? ଗାଁ ପୋଖରୀରେ ଗାଧେଇବା ସୁଖ, ଗାଁ ଦାଣ୍ଡରେ ଯାଇ ଗାଁ ମନ୍ଦିର ଚଉତରାରେ ବସିବା ଶାନ୍ତି ଯିଏ ନିଭେଇଛି ସିଏ କହିବ । ଗଉନ୍ତିଆଙ୍କର ନିକଟ ସହରରେ ଘରଥିଲା । ତାଙ୍କ ପୁଅମାନେ ତାଙ୍କୁ ଗୌନ୍ତିଆଣି ଓ ମନଅଜାଙ୍କୁ ନେଇ ସେଇ ସହରଘରକୁ ପଳେଇ ଆସିବାକୁ ଉପଦେଶ ଦେଲେ, ହେଲେ ଗଉନ୍ତିଆଙ୍କ ମନ ମାନୁ ନଥାଏ । ମଝିରେ ମଝିରେ ସେଇ ସହର ଘରେ ଆସି ରହିଲେ ବି ଦିନ ୪ ୫ଅଟା ବିତିଗଲେ ଗାଁ'କୁ ଝୁରି ହୁଅନ୍ତି ଓ ଚାଲି ଆସନ୍ତି ।

ଏଣେ ମନଅଜାଙ୍କ ଅବସ୍ଥା କହିଲେ ନ ସରେ । ଜମିବାଡ଼ି ତ ସବୁ ବୁଡ଼ିବ । ଆଉ ଗୋଟିଏ ଫସଲରେ ମନ କୁଆଡ଼େ ହେବ ? ସେ ଗାଈଗୋରୁ ସବୁକୁ ଗଉନ୍ତିଆଙ୍କୁ କହି ଦୂର ଗାଁ'ରେ ବିକିଦେଇ ଆସିଲେ । ଗୁତି ମାନଙ୍କୁ ବି ବର୍ଷକ ଖର୍ଚ୍ଚ ଓ ମଜୁରୀ ଦେଇ ବିଦା କଲେ । ଏବେ ସେ ତାଙ୍କର ସବୁ ସମୟ ମନ୍ଦିରରେ ଦିଅନ୍ତି । ସବୁବେଳେ ହସି ହସି ଖୁବ ଗପୁଥିବା ମନଅଜା ହଠାତ ଚୁପଚାପ ରହିଲେ । ଭଲ ଖାଇଲେନି କି କୁଆଡ଼େ ଗଲେନି । ଖାଲି ଦେବୀଙ୍କ ଆଗରେ ବସି ଗୁଣୁ ଗୁଣୁ ହୋଇ ଗପୁଥାନ୍ତି । ବେଳେ ବେଳେ କାନ୍ଦୁଥିବାର ଦେଖାଯାଉଥିଲା ।

ଦେଖୁ ଦେଖୁ ବନ୍ଧ ତିଆରି କାମ ଖୁବ ଜୋରରେ ଚାଲି ସରିବା ଉପରେ ହେଇଗଲା । ଏଣେ ଗଉନ୍ତିଆ ତାଙ୍କ ସହର ଘରକୁ ଅନେକ ଜିନିଷ ନେଇଯାଇ ମନଅଜାଙ୍କୁ ବି କହିଲେ ସହର ଆସିବାକୁ । କିନ୍ତୁ ମନଅଜା କହିଲେ ମୁଁ ମୋ ମା'ଦେବୀଙ୍କୁ ସେମିତି ଛାଡ଼ିକି ଯିବିନି । ପାଣି ଆସିବା ଯାଏ ମାଁ'ଙ୍କ ସେବା କରିବି ସେଇଠି । ଯେତେ ଯିଏ ବୁଝେଇଲେ ବି ସେ ବୁଝିଲେନି । ଗାଁ ଖାଲି ହେବା ଅବସ୍ଥା ହେଲେ ସୁଦ୍ଧା ମନଅଜା ସେଇ ମନ୍ଦିରରେ ଥାଆନ୍ତି ।

To read the complete magazine, Download it for FREE from www.aahwaan.com

ମାଁଙ୍କ ପାଇଁ ସକାଳେ ଯାହା ଭୋଗ ମୁଠିଏ ରାନ୍ଧନ୍ତି, ସେତକ ଖାଇ ତାଙ୍କର ଚଳିଯାଏ ଦିନଯାକ । ବନ୍ଧବାବୁ ମାନେ ବି ଆସି ଯେତେ ବୁଝେଇକି ନେଇ ଯିବାକୁ ଚେଷ୍ଟା କଲେ ହେଇ ପାରିଲା ନାହିଁ ।

ଏହିପରି ଦିନେ ଆସିଲା ବନ୍ଧ ତିଆରି ସାରି ପରୀକ୍ଷାମୂଳକ ଭାବେ ପାଣି ଭର୍ତ୍ତିପାଇଁ ଛାଡ଼ିବା ତାରିଖ ଘୋଷଣା ହେଲା । ନଦୀର ଉପର ମୁଣ୍ଡରେ ବି ଜୋର ବର୍ଷା ଆସି ଯାଇଥିବାର ଖବର ଆସିଲା । ଅଗତ୍ୟା ପୋଲିସ ସାହାଯ୍ୟରେ ବନ୍ଧ କର୍ତ୍ତୃପକ୍ଷ ମନଅଜାଙ୍କୁ ଜୋର ଜବରଦସ୍ତି ଜିପରେ ବସେଇ ସହରକୁ ନେଇଗଲେ ଓ ନିଜ ହେପଜାତରେ ରଖିଲେ । ଆରଦିନ ସନ୍ଧ୍ୟାକୁ ଉପର ମୁଣ୍ଡରୁ ପାଣି ମାଡ଼ିଆସି ବନ୍ଧରେ ଭର୍ତ୍ତି ହେବା ଆରମ୍ଭ କରିବା ସମ୍ଭାବନା ଘୋଷଣା ହେଇଥାଏ । ବନ୍ଧ ଅଂଚଳରେ ଶାନ୍ତି ରଖିବାକୁ ଚାରିଆଡ଼େ ପୋଲିସ ଜଗୁଆଳି । କାଳେ କିଏ ଭିତରକୁ ପଳେଇବ ଆଉ ବୁଡ଼ିଯିବ । ଦୈବୀ ଯୋଗକୁ ସେଦିନ ସକାଳୁ ସହର ଆଉ ବନ୍ଧ ଅଂଚଳ ଚାରିଆଡ଼େ ଭୟଙ୍କର ବର୍ଷା ହେଲା । ଏତେ ଜୋର ବର୍ଷା ହେଲା ଯେ ସହରର ସବୁ ତଳିଆ ଅଂଚଳ ବୁଡ଼ିଗଲା । ରାତି ହେଲା ବେଳ ଯାଏ ବର୍ଷାର ପ୍ରକୋପ ଟିକିଏ କମ ହେଲା । କିନ୍ତୁ ସେତେବେଳକୁ ସବୁ ପ୍ରଶାସନକୁ ବୁଡ଼ିଥିବା ଅଞ୍ଚଳ ସମ୍ଭାଳିବାରେ ବ୍ୟସ୍ତ ରହିବାକୁ ହେଲେ ।

ହଠାତ ରାତି ୧୦ଟା ବେଳେ ଦାୟିତ୍ୱରେ ଥିବା ଡେପୁଟି ତହସିଲଦାରଙ୍କ ଖିଆଲ ହେଲା ମନଅଜା ଥିବା ଘର ତ ଅଧା ବୁଡ଼ି ଯାଇଥିବ । ତଳିଆ ଅଞ୍ଚଳରେ ଥିଲା ଯେ । ଧାଇଁଲେ ସେଠିକି ଦୁଇଟି କନେଷ୍ଟବଳକୁ ନେଇ । ସତକୁ ସତ ଘରେ ଜଙ୍ଘ ଉଚ୍ଚ ପାଣି ଆଉ ମନଅଜା ଓ ତାଙ୍କୁ ଜଗିଥିବା କନେଷ୍ଟବଳ ଫେରାର । ସବୁଆଡ଼େ ରାତିସାରା

To read the complete magazine, Download it for FREE from www.aahwaan.com

ଖୋଜାଗଲା । ସକାଳ ଯାଏ ବି ଆଉ ଖବର ମିଳିଲାନି ଅଜାଙ୍କ । ଜଗିଥିବା କନେଷ୍ଟେବଲ କହିଲା ପାଣି ବୁଡ଼ିବାରୁ ସେ ମନାଅଜାଙ୍କ ସହ ଉଚ୍ଚ ପାହାଡ଼ ଉପରକୁ ପଳେଇଲା । ସେଇଠି ସୁବିଧା ଦେଖି କେତେବେଳେ ମନଅଜା ଖସିଗଲେ ଆଉ ସେ ବି ରାତି ସାରା ଖୋଜୁଥିଲା ।

ଏଣେ ବନ୍ଧ ଅଞ୍ଚଳ ବେଶୀକରି, ଗାଁ'ଟି ନଦୀ ପାଖେ ଥିବାରୁ ୧୨ - ୧୫ ଫୁଟ ପାଣିରେ ବୁଡ଼ିଗଲା । କେବଳ ମନ୍ଦିର, ଗଉନ୍ତିଆ ଘରର ଉପର ମହଲା ଦିଶୁଥାଏ । ଆଉ କିଛି ଆଖିରେ ପଡୁନଥାଏ । ୨ ଦିନ ପରେ ଜଂଗଲ ବାଟରେ ଥିବା ଗୋଟେ ବସତିର ୨ ଜଣଲୋକ କହିଲେ ରାତି ୭ଟାରେ ସେଦିନ ବହୁତ ଜୋର ବର୍ଷା ହେଉଥିବା ବେଳେ କିଏ ଜଣେ ଦେହ ମୁଣ୍ଡ ସାରା ମୋଟା କନା ଘୋଡ଼େଇ ହେଇ ଗାଁ ଆଡ଼େ ଦୌଡୁଥିବାର ଦେଖିଲେ । କିନ୍ତୁ ବର୍ଷା ଆଉ ଅନ୍ଧାରରେ କିଛି ସଫା ଦିଶୁ ନଥିଲା ।ତେଣୁ କାଳେ ଭୁଲ ଦେଖିଥିବେ ବୋଲି କିଛି କହିଲେନି ।

ସେଦିନଠୁ ଗଉନ୍ତିଆ ବି ବହୁତ ଖୋଜା ଖୋଜି କଲେ ମଧ୍ୟ ଆଉ ମନଅଜାଙ୍କ ଖବର ପାଇଲେନି । ତାଙ୍କ ଅତି ପ୍ରିୟ ମନ୍ଦିର ଓ ଦେବୀଙ୍କ ସହ ମନଅଜା ବି ଜଳ ସମାଧି ନେଇ ଯାଇଥିଲେ ଚିରଦିନ ପାଇଁ ।

ଫୁଟ ନୋଟ :

ହୀରାକୁଦ ବନ୍ଧ ନିର୍ମାଣ କରାଯାଇଥିଲା ଖରସ୍ରୋତା ମହାନଦୀ ପ୍ରତିବର୍ଷ ଆଣୁଥିବା ବନ୍ୟା ବିପ୍ୱାତରୁ ଓଡ଼ିଶାକୁ ରକ୍ଷା କରିବାକୁ । ଏହା ସହ ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ବ୍ୟବସ୍ଥା ମଧ୍ୟ ଯୋଡ଼ି ଏହାକୁ ବହୁମୁଖୀ ପ୍ରକଳ୍ପ କରାଗଲା ।

To read the complete magazine, Download it for FREE from www.aahwaan.com

ତେବେ ଏହି ଜଳାଶୟରେ ଅନେକ ପ୍ରାଚୀନ ଗ୍ରାମ ଅନେକ ଉର୍ବର କୃଷିକ୍ଷେତ୍ର ସହ ଜଳମଗ୍ନ ହୋଇଗଲା ସବୁ ଦିନପାଇଁ । ହଜାର ହଜାର ପରିବାରଙ୍କୁ ଯଦିଓ କିଛି ପରିମାଣରେ ସହାୟତା ଦିଆଗଲା ଅନେକ ପରିବାର ଏବେ ଯାଏ ୬୦ରୁ ଉର୍ଦ୍ଧ୍ୱ ବର୍ଷ ପରେ ବି କିଛି ପାଇନାହାନ୍ତି । କିଛି ପରିବାର ଅନ୍ୟତ୍ର ଠିକ ଭାବରେ ରହିଥିଲେ ମଧ୍ୟ ବହୁ ପରିବାର ଉଜୁଡ଼ି ଗଲା । ଦାରିଦ୍ର୍ୟ ଗ୍ରସ୍ତ ହୋଇ ଅନେକ ବ୍ୟକ୍ତି ଅଦ୍ୟାବଧି ପରଲୋକ ଗଲେଣି ।

ଆଉ କୋଉଠି ଏପରି ନିଜ ୭ ପୁରୁଷରୁ ଜଡ଼ ଥିବା ସ୍ଥାନରୁ ବାସଚ୍ୟୁତ କରିବା ଦରକାର ହେଲେ ସମାଜ ଦେଖୁ, ସେମାନଙ୍କୁ ଉତ୍ତମ ସ୍ଥାନରେ ଉତ୍ତମ ଭାବେ ପ୍ରଥମେ ଥଇଥାନ କରାଯାଉ । ହୀରାକୁଦ ବିସ୍ଥାପିତଙ୍କ ଅବସ୍ଥା କେହି ନ ଭୋଗନ୍ତୁ ।ଭାରି କଷ୍ଟକର ଏ ଅବସ୍ଥା ।

ଅବସରପ୍ରାପ୍ତ ଅଧ୍ୟକ୍ଷ ,
ଝାରସୁଗୁଡା ଲକ୍ଷ୍ମୀନାରାୟଣ କଲେଜ
ସମ୍ବଲପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ବ୍ଲୁ ହ୍ୱେଲ୍ ମରଣଯନ୍ତା



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

## ବ୍ଲୁ ହ୍ୱେଲ୍ ମାତ୍ର ଏକ ଖେଳ ନା ଆଉ କିଛି ?

ବିଗତ ଦିନରେ ସାମାଜିକ ଗଣମାଧ୍ୟମରେ ଏକ ଅତ୍ୟନ୍ତ ଭୟଙ୍କର ଖେଳ ବିଷୟରେ ଚର୍ଚ୍ଚାମାନ ପ୍ରକାଶିତ ହେବାକୁ ଲାଗିଛି । ବିଶ୍ୱର ଅନେକ ଦେଶରେ ଏହି ଖେଳ ଦ୍ୱାରା ହେଉଥିବା ଭୟାବହ ପରିଣାମକୁ ଦେଖି ଭାରତରେ ଆମକୁ ସଚେତନ କରାଇବା ଉଦ୍ଦେଶ୍ୟରେ ଅନେକ ଲେଖା ପ୍ରକାଶିତ ଓ ପ୍ରସାରିତ ହୋଇଥିବା ସତ୍ତ୍ୱେ ଭାରତରେ ମଧ୍ୟ ଏହି ଖେଳ ଦ୍ୱାରା ଜୀବନହାନୀ ହେବା ଭଳି ଖବର



ଶୁଣିବାକୁ ମିଳିଛି ।

ବ୍ଲୁ ହ୍ୱେଲ୍ ନା ଏକ ମାଛ ନା ଆଉ କିଛି, ଏହା ଏକ ଭୟଙ୍କର ଖେଳ ଯାହା ବର୍ତ୍ତମାନ ମଧ୍ୟ ଅନେକଙ୍କ ଭାବନାରୁ ବହୁତ ଦୂରରେ ରହିଛି । ଏହା ଏକ ଦୁଃସାହସିକ କାର୍ଯ୍ୟାବଳୀ କରାଉଥିବା ଖେଳ ଯେଉଁଥିରେ ନିଜ ହାତରେ ଧାରୁଆ ଅସ୍ତ୍ର ଦ୍ୱାରା ଏକ ତିମି ମାଛର ପ୍ରତିଛବି ଆଙ୍କିବାଠାରୁ ଆରମ୍ଭ କରି ଉଚ୍ଚ ଅଟ୍ଟାଳିକାରୁ ତଳକୁ ଲମ୍ଫ ପ୍ରଦାନ କରିବ ରହିଛି । ବର୍ତ୍ତମାନ ସୁଦ୍ଧା ଭାରତରେ ଏହି ଖେଳ ମାଧ୍ୟମରେ ତିନିଜଣ ପ୍ରାଣହାରିଥିବା କଥା ଗଣମାଧ୍ୟମରୁ ଜଣାପଡ଼ିଛି । କିନ୍ତୁ ପ୍ରତ୍ୟେକ ମାମଲାରେ ତଦନ୍ତ କରୁଥିବା ପୋଲିସ ଅଧିକାରୀ ଏମାନଙ୍କ ଅପ୍ରାକୃତିକ ମୃତ୍ୟୁର କାରଣ ବ୍ଲୁ ହ୍ୱେଲ୍ ଗେମ୍ ବୋଲି କୌଣସି ପ୍ରମାଣ ପାଇନଥିବା କଥା କହିଛନ୍ତି । ଅଧିକାରୀ ସ୍ତରରେ ମଧ୍ୟ ଏହି ଖେଳ ଭାରତରେ ହେଉଥିବାର କୌଣସି ପ୍ରମାଣ ନାହିଁ । ଏହା ସବୁ ସତ୍ତ୍ୱେ ସଂସଦରେ ଏହି ଖେଳ ବିରୋଧରେ ସଦସ୍ୟମାନେ ଫେସବୁକ୍ ଏବଂ ମାଇକ୍ରୋସଫ୍ଟ ଦ୍ୱାରା ସମସ୍ତ ଲିଙ୍କ୍ ବନ୍ଦ



କରିବା ନିର୍ଦ୍ଦେଶ ଦେବାପାଇଁ ଦାବୀ ଉଠିବାକୁ ଲାଗିଛି । ଏହି ଖେଳର ଜନ୍ମ ମଧ୍ୟ ଏସିଆର ଅଞ୍ଚଳ କଜାଖସ୍ତାନ, କିର୍ଗିଜସ୍ତାନ ଏବଂ ଋଷିଆ ବୋଲି କୁହାଯାଉଛି ।

ଆଜି ଅପରାହ୍ନରେ ଏକ ଖବରରେ ଜଣା ପଡ଼ିଲା ଯେ ଚେନ୍ନାଇର ଜଣେ ୧୨ ବର୍ଷର ବାଳକ ଏହି ଖେଳରେ ଅଂଶୀଦାର ହେବାପରେ ବର୍ତ୍ତମାନ ନିଜ ଜୀବନ ତଥା ପରିବାରର ସୁରକ୍ଷାକୁ ନେଇ ଚିନ୍ତିତ ହୋଇ ସୁରକ୍ଷା ଯୋଗାଇ ଦେବାପାଇଁ ଅନୁରୋଧ କରିଛି । ଏହି ସମୟରେ ଦିଲ୍ଲୀର ଗୋଟିଏ ଯୁବକ କମ୍ପାସ ବକ୍ସରେ ଥିବା ମୁନିଆ ଉପକରଣ ଦ୍ୱାରା ନିଜର ହାତ ଓ ପିଠିରେ ଗଭୀର କ୍ଷତ ପହଞ୍ଚାଇବା ପରେ ଜୀବନ ପାଇଁ ବର୍ତ୍ତମାନ ହସପିଟାଲରେ ଚିକିତ୍ସିତ ହେଉଛି ।

ବ୍ଲୁ ହ୍ୱେଲ୍ ଗେମକୁ ନେଇ ଲୋକମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ରହିଛି, ଆଉ



Download Magazine for FREE from www.aahwaan.com


ଏହାର ପ୍ରମୁଖ କାରଣ ହେଉଛି ଏହି ଖେଳର ନିୟମ । ସବୁଠାରୁ ଭୟଙ୍କର ହେଉଛି ଖେଳର ଶେଷରେ ଏହି ଖେଳର ପ୍ରତିଯୋଗୀଙ୍କୁ ଆତ୍ମହତ୍ୟା ଭଳି କାର୍ଯ୍ୟ କରିବାକୁ ପଡ଼େ । ଏହି ଖେଳରେ ଅଂଶ ଗ୍ରହଣ କରି ଅନେକ ଯୁବକଯୁବତୀ ନିଜ ଜୀବନ ହରେଇ ସାରିଲେଣି । ଭାରତରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଲାଣି । କଣ ଏହି ଖେଳ ? କାହିଁକି ଏହା ଖେଳାଯାଏ ? କିଏ ଏହି ଖେଳକୁ ପରିଚାଳନା କରେ ? କାହିଁକି ଲୋକମାନେ ବିଶେଷତଃ ଯୁବଗୋଷ୍ଠୀ ଏହି ଖେଳ ପ୍ରତି ଆକର୍ଷିତ ହୁଏ ? ଏହି ସବୁ ପ୍ରଶ୍ନ ସମସ୍ତଙ୍କ ମନରେ ଆସିବା ସ୍ୱାଭାବିକ ।

ଯୁବକ ଅବସ୍ଥାରେ ଅକଳ୍ପନୀୟ କାର୍ଯ୍ୟ କରିବାର ଦାମ୍ଭିକତା ପ୍ରାୟତଃ ସମସ୍ତ ଯୁବକ ଯୁବତୀଙ୍କ ମନରେ ଥାଏ । ଏହି ବୟସରେ ଯେ କୌଣସି ଦୁଃସାହସିକ କାର୍ଯ୍ୟ କରିବା ସମସ୍ତଙ୍କ ପକ୍ଷରେ ସହଜ । ତେଣୁ ଏହିପରି ଯୁବଗୋଷ୍ଠୀଙ୍କୁ ଉସୁକାଇ ଏହି ଖେଳରେ ସାମିଲ କରାଯାଏ । ଏହି ଖେଳର ଅୟମାରମ୍ଭ ଋଷରେ ହୋଇଥିଲା ବୋଲି ଜଣାଯାଇଛି ଏବଂ ଏହି ଖେଳକୁ ଆରମ୍ଭ କରିଥିବା ଜନୈକ ଯୁବକ ବର୍ତ୍ତମାନ ଗିରଫ ହୋଇଥିବା ଖବର ଶୁଣାଯାଉଛି । ଏବଂ ପରେ ପରେ ଏହି ଖେଳକୁ ଜଣେ ୧୭ ବର୍ଷୀୟା ଯୁବତୀ ପରିଚାଳନା କରୁଥିଲେ ବୋଲି ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି । କିନ୍ତୁ ଏହା ସବୁ ସତ୍ତ୍ୱେ ବର୍ତ୍ତମାନ ଏହି ଖେଳ ବିଶ୍ୱର ଅନେକ ଦେଶରେ ବ୍ୟାପ୍ତ ହେବାରେ ଲାଗିଛି । ଏହି ଖେଳରେ ଯୋଗ ଦେଉଥିବା ବ୍ୟକ୍ତିମାନଙ୍କୁ ଅନ୍ୟ ବ୍ୟକ୍ତିଙ୍କୁ ଏହି ଖେଳରେ ସାମିଲ କରିବା ଭଳି କାର୍ଯ୍ୟ ଦିଆଯାଇଥାଏ ।

ଏହା ଆରମ୍ଭ ହେଲା କେମିତି ?

ଏହାର ଆରମ୍ଭ କେବେ ଏବଂ କେଉଁ ପରିସ୍ଥିତିରେ ହୋଇଥିଲା କହିବା ସମ୍ଭବ

To read the complete magazine, Download it for FREE from www.aahwaan.com

ନଥିଲେ ସୁଦ୍ଧା ମଇ ୨୦୧୬ରେ ଋଷିଆରେ ହଠାତ ଅନେକ ଅଳ୍ପବୟସ୍କ ଯୁବକ ଓ ଶିଶୁମାନଙ୍କର ଆତ୍ମହତ୍ୟା ପରେ ହୋଇଥିବା ତଦନ୍ତରୁ ଜଣାପଡ଼ିଥିଲା ଯେ ସେମାନେ ସମସ୍ତେ ଗୋଟିଏ ଅନଲାଇନ୍ ଗେମ୍ ପୋର୍ଟାଲର ସଦସ୍ୟ ଥିଲେ ଏବଂ ଅଧିକ ତଦନ୍ତ ପରେ ଜଣାପଡ଼ିଲା ଯେ ସେହି ଭଳି ଅନେକ ଆତ୍ମହତ୍ୟା ପ୍ରବଣ ଖେଳ ଗ୍ରୁପ୍ ଅନେକ ସାମାଜିକ ଗଣମାଧ୍ୟମ ସାଇଟ୍ ଯଥା ଫେସବୁକରେ ରହିଛି । ବେଳେ ବେଳେ ସମୁଦ୍ରରେ ରହୁଥିବା ନୀଳ ତିମିମାନେ ଦଳବଦ୍ଧ ଭାବରେ ମୃତ୍ୟୁବରଣ କରିଥାନ୍ତି । ସେମାନେ ଏପରି କାହିଁକି କରନ୍ତି ତାହା ଗବେଷଣାର ବିଷୟ ରହିଛି । ତଥାପି ଏହି ଖେଳ ସହ ଏହାର କିଛି ସାମଞ୍ଜସ୍ୟ ରହିଥିବାରୁ ହୁଏତ ଏହାକୁ ବ୍ଲୁ ହ୍ୱେଲ୍ ଗେମ୍ ବୋଲି କୁହାଯାଏ ।

ଖେଳର ନିୟମ ?

ଏହି ଖେଳରେ ଅଂଶ ଗ୍ରହଣ କରୁଥିବା ପ୍ରତିଯୋଗୀ ଏବଂ ତାଙ୍କୁ ଖେଳରେ ସାମିଲ କରିଥିବା ସଦସ୍ୟ ପରିଚାଳକଙ୍କ ଭୂମିକା ପାଳନ କରିଥାନ୍ତି । ପରିଚାଳକ ଦ୍ୱାରା



ଦିଆଯାଇଥିବା ସମସ୍ତ କାର୍ଯ୍ୟକୁ ପ୍ରତିଯୋଗୀଙ୍କୁ ପାଳନ କରିବାକୁ ପଡ଼ିଥାଏ । ସାଧାରଣତଃ ପ୍ରତିଦିନ ଗୋଟିଏ ଗୋଟିଏ ଦୁଃସାହସିକ କାର୍ଯ୍ୟ କରିବାକୁ ଦିଆଯାଏ, ଏବଂ ଏଥିରେ ନିଜକୁ ଆହତ କରିବା ଭଳି କାର୍ଯ୍ୟ ମଧ୍ୟ ଥାଏ । ଏହି ଖେଳର ଶେଷ କାର୍ଯ୍ୟ ଥାଏ ଆତ୍ମହତ୍ୟା ।

କାର୍ଯ୍ୟର ତାଲିକା ୫୦ ଦିନରେ ସଂପୂର୍ଣ୍ଣ କରିବାକୁ ହୁଏ । ଏହି ତାଲିକାରେ ପ୍ରତ୍ୟହ ସକାଳ ସାଢ଼େ ଚାରିଟା ପୂର୍ବରୁ ଉଠିବା, କ୍ରେନ୍ ଉପରେ ଚଢ଼ିବା, ଉଚ୍ଚ ଅଟ୍ଟାଳିକାର କାନ୍ଥ ଉପରେ ଛିଡ଼ାହେବା, ହାତରେ ମୁନିଆ ଉପକରଣ ଦ୍ୱାରା କିଛି ଲେଖିବା ବା ଆଙ୍କିବା, ଗୁପ୍ତ କାର୍ଯ୍ୟ କରିବା, ହାତ ଗୋଡ଼ରେ ମୁନିଆ ଛୁଞ୍ଚି ଫୋଡ଼ିବା, ଉଚ୍ଚ ସ୍ୱରରେ ସଂଗୀତ ଶୁଣିବା, ପ୍ରତିଦିନ ସକାଳୁ ସକାଳୁ ଭୟଙ୍କର ଭୂତପ୍ରେତ ବିଷୟ ସମ୍ବଳିତ ଭିଡ଼ିଓ ଦେଖିବା ଇତ୍ୟାଦି ରହିଛି ।

ଏହା ଚିନ୍ତାର ବିଷୟ କାହିଁକି ?

ଜଣେ ଋଷୀୟ ଯୁବତୀ ରିନା ପାଲେଙ୍କୋଭୟ ନିଜର ଏକ ଫଟୋ ଗଣମାଧ୍ୟମରେ ଦେବାପରେ ପରେ ଆତ୍ମହତ୍ୟା କରିଥିଲା । ଏହା ଭିକେ.କମ୍ ନାମକ ଏକ ୱେବ୍‌ସାଇଟରେ ସେ ଦେଇଥିଲା । ଏହାପରେ ପରେ ଅନେକ ଯୁବକଯୁବତୀ ଏହି ସାଇଟରେ ନିଜ ନିଜ ଫଟୋ ଦେବା ଆରମ୍ଭ କରିଥିଲେ, ଏବଂ ଜଣାପଡ଼ିଥିଲା ଯେ ଏହି ସାଇଟ୍ ଦ୍ୱାରା ସଂପୃକ୍ତ ଯୁବକଯୁବତୀ ମାନଙ୍କୁ ଅନେକ କାର୍ଯ୍ୟ କରିବାକୁ କୁହାଯାଉଥିଲା । ପାଲେଙ୍କୋଭୟଙ୍କ ଫଟୋକୁ ଦେଖାଇ ଅନ୍ୟମାନଙ୍କୁ ତାଙ୍କପରି ନିର୍ଭୟ ହେବାକୁ ଉସୁକାଉଥିବା ଭଳି କାର୍ଯ୍ୟ ସବୁ କରିବାକୁ କୁହାଯାଉଥିଲା ।

ନଭେମ୍ବର ୧୪, ୨୦୧୬ରେ ମସ୍କୋରେ ଫିଲିପ୍ ବୁଡେିକିନ୍ ନାମକ ଏକ ୨୧ ବର୍ଷୀୟ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



ଯୁବକକୁ ପୋଲିସ ଗିରଫ କରିଥିଲା । କୁହାଗଲା, ସେ କାଳେ ଏହି ପ୍ରାଣଘାତି ବ୍ଲୁ ହ୍ୱେଲ୍ ଗେମର ଆବିଷ୍କାରକ । ଏହି ଖେଳ ଦ୍ୱାରା ଅନ୍ୟୁନ ୧୫ ଜଣ ଆତ୍ମହତ୍ୟା କରିଥିବା ସତ୍ତ୍ୱେ ସେ ସବୁ ପାଇଁ ଫିଲିପ୍‌ଙ୍କୁ ଦୋଷୀ ବୋଲି ପ୍ରମାଣିତ କରା ଯାଇପାରି ନାହିଁ । କିନ୍ତୁ ଏହି ଘଟଣା ପରେ ପରେ ହିଁ ଏହି ଖେଳ ବିଶ୍ୱବ୍ୟାପୀ ପ୍ରଚଳନରେ ଆସିଲା ।

ଭାରତରେ ପ୍ରଥମ ମୃତ୍ୟୁ କେରଳ ରାଜ୍ୟରେ ଜଣେ ୧୬ ବର୍ଷ ବୟସ୍କ ଛାତ୍ରର ହୋଇଥିଲା । ଏହା ୨୬ ଜୁଲାଇ ୨୦୧୭ରେ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ମୃତ ଛାତ୍ର ଜଣକ ଏହି ଗେମ୍ ନିଜ ମୋବାଇଲରେ ନଅ ମାସ ଆଗରୁ ଡାଉନଲୋଡ୍ କରିଥିଲା ଏବଂ ଏଥିରେ ଦିଆଯାଇଥିବା ସମସ୍ତ କାର୍ଯ୍ୟ ସମାପ୍ତ କରିବା ପରେ ନିଜ ମୋବାଇଲରେ ଥିବା ସବୁ ଗେମ୍ ସଫା କରିଦେଇ ଆତ୍ମହତ୍ୟା କରିଥିଲା । ଏହା ପୂର୍ବରୁ ସେ ନିଜ ମାଆକୁ ଏହି ଗେମ୍ ବିଷୟରେ କହିଥିଲା । ମାଆ ଏହି ଗେମ ଖେଳିବାକୁ ମନା କରିବା ସତ୍ତ୍ୱେ ସେ ଏହାକୁ ଛାଡ଼ି ଦେଇ ପାରିନଥିଲା ।

୩୦ ଜୁଲାଇ ୨୦୧୭ରେ ମୁମ୍ବାଇର ପୂର୍ବ ଅନ୍ଧେରୀ ଅଞ୍ଚଳରେ ଏକ ୧୪ ବର୍ଷୀୟ ଛାତ୍ର ପାଞ୍ଚମହଲା ଉପରୁ ତଳକୁ ଲମ୍ଫଦେଇ ଆତ୍ମହତ୍ୟା କରିଥିଲା ।

୧୦ ଅଗଷ୍ଟ ୨୦୧୭ରେ ଇନ୍ଦୋର ସହରର ଚମେଲି ଦେବୀ ପବ୍ଲିକ୍ ସ୍କୁଲର ଜଣେ ସପ୍ତମ ଶ୍ରେଣୀର ଛାତ୍ର ତିନିମହଲା ଉପରୁ ଡେଇଁ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିବା ବେଳେ ସହପାଠୀଙ୍କ ଦ୍ୱାରା ଉଦ୍ଧାର କରାଯାଇଛି । ସେହି ଛାତ୍ର ଏହି ଖେଳର ପଚାଶ ଦିନର ସମସ୍ତ କାର୍ଯ୍ୟ ସ୍କୁଲର ଡାଏରୀରେ ଲିପିବଦ୍ଧ କରିଥିଲା ।

୧୦ ଅଗଷ୍ଟରେ ହିଁ ମୁମ୍ବାଇର ଜଣେ ଛାତ୍ରକୁ ଏହି ଖେଳରେ ଆତ୍ମହତ୍ୟା କରିବାକୁ

To read the complete magazine, Download it for FREE from www.aahwaan.com

ଚେଷ୍ଟା କରୁଥିବା ସମୟରେ ରକ୍ଷା କରାଯାଇଥିଲା ।

୧୨ ଅଗଷ୍ଟରେ ପଶ୍ଚିମ ବଙ୍ଗର ପଶ୍ଚିମ ମେଦିନାପୁର ଜିଲ୍ଲାର ଜଣେ ଛାତ୍ର ଆତ୍ମହତ୍ୟା କରିଥିଲା । ନିଜ ମୁହଁରେ ଗୋଟିଏ ପ୍ଲାଷ୍ଟିକ ଜରି ବାନ୍ଧିଦେଇ ସେ ଗାଧୁଆଘରେ ଆତ୍ମହତ୍ୟା କରିଥିଲା ।

୧୬ ଅଗଷ୍ଟ ୨୦୧୭ରେ କେରଳରେ ଏକ ୨୨ ବର୍ଷୀୟ ଯୁବକ ଏହି ଖେଳଯୋଗୁଁ ଆତ୍ମହତ୍ୟା କରିଥିବା କଥା ପରିବାର ଦ୍ୱାରା ଦାବୀ କରାଯାଇଥିଲା ।

୨୭ ଅଗଷ୍ଟ ୨୦୧୭ରେ ଉତ୍ତରପ୍ରଦେଶର ହମିରପୁର୍ ଜିଲ୍ଲାର ଏକ ଷଷ୍ଠ ଶ୍ରେଣୀର ଛାତ୍ର ଏହି ଖେଳର ସବୁ କାର୍ଯ୍ୟ ସମାପନ କରି ଆତ୍ମହତ୍ୟା କରିଥିଲା ।

୩୦ ଅଗଷ୍ଟ ୨୦୧୭ରେ ମଦୁରାଇ, ତାମିଲନାଡୁରେ ଜଣେ ୧୯ ବର୍ଷୀୟ କଲେଜ ଛାତ୍ର ଏହି ଖେଳରେ ଆତ୍ମହତ୍ୟା କରିଥିଲା ।

ଏହାପରେ କଣ ?

ଅନେକ ଦେଶରେ ଚିନ୍ତିତ ପିତାମାତା ଏହି ଖେଳ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବୀ କରିଛନ୍ତି । ଏହି ଖେଳ ଦ୍ୱାରା ପିଲାମାନଙ୍କୁ ଆତ୍ମହତ୍ୟା କରିବାକୁ ଉସୁକାଇବା ଭଳି କାର୍ଯ୍ୟ ହେଉଥିବାରୁ ଏହାକୁ ବନ୍ଦ କରିବାକୁ ଦାବୀ ହୋଇଛି । ଭାରତରେ ବିଶେଷ କରି ଏହାପ୍ରତି ଆମକୁ ଅଧିକ ଚିନ୍ତାଶୀଳ ହେବାକୁ ପଡ଼ିବ କାରଣ ଭାରତରେ ମାନସିକ ବିଷାଦ ଭଳି ରୋଗକୁ ଲୋକମାନେ ପ୍ରାଧାନ୍ୟ ଦେଇନଥାନ୍ତି, ତେଣୁ ଏହି ଭଳି ରୋଗୀଙ୍କ ସଂଖ୍ୟା ବହୁତ ଅଧିକ ହୋଇପାରେ । ଏବଂ ଏହା ବ୍ୟତୀତ ବିଶ୍ୱର ସବୁଠାରୁ ଅଧିକ ଆତ୍ମହତ୍ୟା ହେଉଥିବା ଦଶଟି ଦେଶମାନଙ୍କ ତାଲିକାରେ ଭାରତ ରହିଛି । ମାନସିକ ବିଷାଦ ଏବଂ

To read the complete magazine, Download it for FREE from www.aahwaan.com

ଆତ୍ମହତ୍ୟା ପ୍ରବଣତା ଭଳି ବିଷୟ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଥିବା ବେଳେ, ଏହାକୁ ଚିକିତ୍ସା କରିବା ବା ବନ୍ଦ କରିବା ଭଳି ଉପାୟ ବିଭିନ୍ନ ସ୍ତରରେ କରାଯାଇ ପାରେ । ହେଲେ ଆତ୍ମହତ୍ୟା ପାଇଁ ସାମାଜିକ ବନ୍ଧୁତାର ପୋର୍ଟାଲ ମାନଙ୍କୁ ଦୋଷ ଦେବା ଅନ୍ତତଃ ବର୍ତ୍ତମାନ ପାଇଁ ସଠିକ୍ ହେବନାହିଁ ।

ପିତାମାତାଙ୍କୁ ଅନୁରୋଧ ସେମାନେ ନିଜ ସନ୍ତାନମାନଙ୍କ ଇଣ୍ଟରନେଟ୍ ବ୍ୟବହାର ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଯଦି କୌଣସି ସନ୍ତାନ ଏକା ରହିବାକୁ ଭଲ ପାଉଥାଏ ବା ହଠାତ୍ ତା ବ୍ୟବହାର ଓ ଚାଲିଚଳନରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେଉଥାଏ ତେବେ ତୁରନ୍ତ ମନୋଚିକିତ୍ସକଙ୍କ ସହାୟତା ନିଅନ୍ତୁ । ପରିବାରର ପରିବେଶ ସବୁବେଳେ ଭଲରେ ରହିବା ଦ୍ୱାରା ପିଲାମାନେ ଏକାନ୍ତରେ କୌଣସି ଭୟଙ୍କର କାର୍ଯ୍ୟ କରିବାକୁ ଇଚ୍ଛା କରିବେ ନାହିଁ । ଏକୁଟିଆ ରହୁଥିବା ଏବଂ ଦୁଃସାହସିକ କାର୍ଯ୍ୟ କରିବାକୁ ଆଗଭର ହେଉଥିବା ଯୁବକଯୁବତୀମାନେ ଏହି ଖେଳରେ ସହଜରେ ଫସିଯାଇ ପାରନ୍ତି । ତେଣୁ ଧ୍ୟାନ ଦିଅନ୍ତୁ । ଏବଂ ନିଜ ପିଲାମାନଙ୍କ ସହ ଅଧିକ ସମୟ ବିତାନ୍ତୁ । ପିଲାମାନେ ଖାଲି ସମୟରେ କଣ କରୁଛନ୍ତି ସେ ବିଷୟ ପ୍ରତି ବିଶେଷ ସଚେତନ ରହନ୍ତୁ ।

ପଢ଼ନ୍ତୁ ଓଡ଼ିଆ ବ୍ଲଗ୍ ପୋଷ୍ଟ, ଏହି ପୋଷ୍ଟକୁ ଶେୟାର୍ କରନ୍ତୁ ।

http://www.aahwaan.com/blog

To read the complete magazine, Download it for FREE from www.aahwaan.com

# ଆଦିଶକ୍ତି



ସୁମିତ୍ରା ରାଉଳ

ତ୍ରିଶୂଳଧାରିଣୀ ତ୍ରିପୁରାମୋହିନୀ
ଦୁର୍ଗତିନାଶିନୀ ମହିଷାମର୍ଦ୍ଦିନୀ ।
ବିପଦହାରିଣୀ ଜଗତଜନନୀ
ସିଂହବାହିନୀ ମା ସଂକଟତାରିଣୀ ।
ବିରଜା, ଅମ୍ବା, ଅମ୍ବିକା, ଅମ୍ବାଳିକା
ଦୁର୍ଗା, କାଳୀ ପୁଣି ବିମଳା, ଚର୍ଚ୍ଚିକା ।
ନାନା ରୂପେ ନାନା ଧାମେ ପାଉ ପୂଜା
ଭକତ ଡାକ ଶୁଣି ଉଡ଼ାଉ ଧ୍ୱଜା ।
ଶିବଙ୍କ ଘରଣୀ ପର୍ବତ ନନ୍ଦିନୀ
ପାପୀ ନାଶ କରି ରଖିଲୁ ଧରଣୀ ।
ପାପ ବଢ଼ିଗଲେ ଧରୁ ଉଗ୍ର ରୂପ
ଅତି ସୁନ୍ଦର ମା' ତୋ ଶାନ୍ତସ୍ୱରୂପ ।
ଆଶ୍ୱିନେ ଧରାରେ ହୋଇ ଅବତୀର୍ଣ୍ଣ
ଭକ୍ତଜନେ ମା'ଲୋ ଦେଉ ଦରଶନ ।

To read the complete magazine, Download it for FREE from www.aahwaan.com

କେ ପାରିବ କଳି ତୋହର ମହିମା

ଶତରୂପା ତୁହି ଲୋ ଦଶଭୂଜା ମାʼ ।

ଶକ୍ତିସ୍ୱରୂପିଣୀ ତୁ ବ୍ରହ୍ମଚାରିଣୀ

ମୁକ୍ତକେଶିନୀ ମା ସିନ୍ଦୂରଶୋଭିନୀ ।

ଆଦିଶକ୍ତି ରୂପେ ତ୍ରିଦେବ ପୂଜନ୍ତି

ସଂସାରେ ସଭିଏଁ ତୋ କୃପା ଲଭନ୍ତି ।

ତୋ ବିନା କେ ଦୁଃଖ ମୋ ପାରିବ ହରି

ଚରଣରେ ମୋର ଏତିକି ଗୁହାରି ।

ଶାନ୍ତି ଦୟା କ୍ଷମା ମନେ ମୋ ଦେ ଭରି

ଶରଣ ପଶୁଛି ମା ପାଦେ ତୋହରି ।

ଶିକ୍ଷୟିତ୍ରୀ

ବାଗସାହି, ପ୍ରୀତିପୁର,

ଯାଜପୁର, ଓଡ଼ିଶା, ୭୫୫୦୧୩

To read the complete magazine, Download it for FREE from www.aahwaan.com

# ଦେବୀ ଭଗବତୀ



ହିମାଂଶୁ ଶେଖର ବାରିକ୍

ବ୍ରହ୍ମାଦି ସୁର ବନ୍ଦିତା ଦେବୀ ଭଗବତୀ

ଚରଣେ ତୋହର ମାତ କରଇ ପ୍ରଣତି ।୧

ସୃଷ୍ଟି ସ୍ଥିତି ବିଲୟର ତୁ ଅଟୁ କାରଣ

ଜଗତ ପ୍ରପଞ୍ଚ ତୋର ମାୟା ଆବରଣ ।୨

ଗୁଣାତୀତ ରୂପାତୀତ ତୋହର ସ୍ୱରୂପ

ଭକତ କଲ୍ୟାଣ ପାଇଁ ନେଉ ଭିନ୍ନ ରୂପ ।୩

ମାତୃ ରୂପେ ପୂଜା ପାଉ ଭକ୍ତ ହୃଦୟରେ

ବ୍ରାହ୍ମୀ ରୂପେ ସ୍ଥିତା ତୁହି ସକଳ ଘଟରେ ।୪

ଶକ୍ତି ସ୍ୱରୂପିଣୀ ମାତ ପରମ ଈଶ୍ୱରୀ

ଭକ୍ତାର୍ତ୍ତି ନାଶିନୀ ଜଗଦମ୍ବେ ଜଗଦ୍ଧାତ୍ରୀ ।୫

ଭକ୍ତ ଅଭିଷ୍ଟ ଦାୟିନୀ ମୋକ୍ଷ ପ୍ରଦାୟିନୀ

କଲ୍ୟାଣ ରୂପିଣୀ ଦେବୀ ଜଗତ ଜନନୀ ।୬

କମଳା ଶାମ୍ଭବୀ ବାଗଦେବୀ କାମେଶ୍ୱରୀ

To read the complete magazine, Download it for FREE from www.aahwaan.com

ମହେଶ୍ୱରୀ ହୈମବତୀ ତ୍ରିପୁର ସୁନ୍ଦରୀ ।୭

କୋଟି ସୂର୍ଯ୍ୟ ସମ ପ୍ରଭା ଅଟେ ତୋର ଆଭା

ଦିବ୍ୟ ଅଳଙ୍କାର ମଣ୍ଡିତେ ବିଗ୍ରହ ଶୋଭା ।୮

ମୁଖରେ ମଧୁର ହସ ତୁହି ପୀତାମ୍ବରୀ

ଗିରିଜା ନନ୍ଦିନୀ ପଦ୍ମାସନୀ ତୁ ଶଙ୍କରୀ ।୯

ଜଗତ ମୋହିନୀ ମାତ ଜ୍ଞାନ ପ୍ରଦାୟିନୀ

ନାଦ ବ୍ରହ୍ମମୟୀ ପରା ତତ୍ତ୍ୱ ସ୍ୱରୁପିଣୀ ।୧୦

ନିର୍ମଳା ଶ୍ୟାମଳା ତାରା ନିର୍ଭୟକାରିଣୀ

ମୁନି ଜନ ବନ୍ଦିତା ମା ଲୀଳା ବିହାରିଣୀ ।୧୧

ବିଚିତ୍ର ସୁମନେ ସୁଶୋଭିତ ପଦଦ୍ୱୟ

ଦୟାବହି ଅକିଞ୍ଚନେ ଦିଅ ମା ଆଶ୍ରୟ ।୧୨

ବରିଷ୍ଠ ଅଡ଼ିଟ୍ ଅଧିକାରୀ

କ୍ୱାର୍ଟର ନଂ : ଟାଇପ୍ ୩, ୨୦୧

ନୂଆ ଏଜି କଲୋନୀ

ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୨

ଓଡ଼ିଶା

To read the complete magazine, Download it for FREE from www.aahwaan.com

# ମା' ତୁମେ ଫେରିଆସ



ପ୍ରତିଭା ପ୍ରିୟଦର୍ଶିନୀ

ପ୍ରଶାନ୍ତ ଆକାଶ ନୀଳିମାରେ ଭିଜେ
ଖଣ୍ଡ ଖଣ୍ଡ ଧଳା ମେଘ ସମ୍ଭାରରେ ହଜେ
ମାଳମାଳ କାଶତଣ୍ଡୀ ସାଜିଲାଣି ଧରିତ୍ରୀ କବରୀ
ମା' ତୁମେ ଆସ ଫେରି...

ସବୁଜ ଶ୍ୟାମଳ ଦୂର୍ବାଦଳ ଶେଯ
ଚତୁର୍ଦିଗେ ଜୀବନର ପ୍ରବଳ ପ୍ରାଚୁର୍ଯ୍ୟ
ତରୁତୃଣ,ଜୀବଜନ୍ତୁ, ସଭିଏଁ ହୁଅନ୍ତି ସୁମରି
ମା' ତୁମେ ଆସ ଫେରି...

ବୃନ୍ତଧାରେ ହସିଲେଣି ଜବା ଓ ମନ୍ଦାର
ବୁଣିଦେଇ ପତ୍ରେ ପତ୍ରେ ଲୋହିତ ଅବିର
ନେତ୍ର ଖୋଜେ ଦେଖିବାକୁ ତୁମ ରୂପ ମନୋହାରୀ
ମା' ତୁମେ ଆସ ଫେରି...

To read the complete magazine Download it for FREE from www.aahwaan.com

ନିର୍ମଳ ଶରତେ ସମୀରଣ ବହେ ମନ୍ଦ

ଫେଣ୍ଟି ହୁଏ ତହିଁ ମହମହ ଝୁଣା ଗନ୍ଧ

ଅପେକ୍ଷାରେ ଭକ୍ତଜନ କରିବାକୁ ସ୍ୱାଗତ ତୁମ୍ଭରି

ମା' ତୁମେ ଆସ ଫେରି...

ତୁମ ଆବାହନ ଲାଗି ସଭିଏଁ ଚଞ୍ଚଳ

ପୀଠ ରୁ ମଣ୍ଡପ ଯାଏଁ ସବୁଠି ଗହଳ

ବାଜିଲାଣି ଶୁଭଶଙ୍ଖ, ଘଣ୍ଟ ଆଉ ମଙ୍ଗଳ ମହୁରି

ମା' ତୁମେ ଆସ ଫେରି...

ଓହ୍ଲାଇ ଆସ ଧରାକୁ ସନ୍ତାନର ଡାକ ଶୁଣି

ପାର୍ବଣରେ ଭକ୍ତ ପାଖେ ଉଭାହୁଅ ପୁଣି

ବିଷାକ୍ତ ଯେତେକ ତତ୍ତ୍ୱ ଅବା ଶକ୍ତି,ଦିଅ ସବୁ ଦୂରକରି

ମା' ତୁମେ ଆସ ଫେରି...

ମା' ତୁମେ ଆସ ଫେରି...

ଲିଙ୍କ ରୋଡ୍, କଟକ

To read the complete magazine, Download it for FREE from www.aahwaan.com

# ଦୃଷ୍ଟିଦୋଷ



ବିନୟ ମହାପାତ୍ର

ଏଇ ଦେଖ,
ମୁଁ ମୁଠା ଖୋଲି ଦେଲି,
କିଛି ନାହିଁ ନା ?
ବନ୍ଦ ମୁଠାରେ ବି କିଛି ନଥିଲା !
ହେଲେ ମୁଠା ବନ୍ଦ କରିଦେଲେ,
ତୁମ ସନ୍ଦେହର
ସିନ୍ଦୁକ ଖୋଲିଯାଏ,
କାହିଁକି ଏମିତି ହୁଏ କେଜାଣି ?
କିଛି ଢାଙ୍କିକି ରଖିଲେ,
ଦେଖିବା ଲୋକର ନଜର
ତା' ଉପରେ କାହିଁକି,
ଲାଖି ରହିଯାଏ ?
ଦେଖନ୍ତିନି ଟିକେ,
କି ସଂପତ୍ତି ଲୁଚାଇ ରଖିଚି
ତା କାଞ୍ଚୁଲି ଭିତରେ ।

To read the complete magazine, Download it for FREE from www.aahwaan.com

ଏଠି ଢାଙ୍କି ଦେଲେ,

ସନ୍ଦେହ ବଢ଼ିଯାଏ

କୌତୁହଳୀ ମନ,

ଆବିଷ୍କାରୀ ହୋଇ ଯିବାକୁ,

ଚେଷ୍ଟା କରେ ।

ଖୋଲା ରଖି ଦେଲେ,

ନଜର ଲାଗିଯାଏ ।

ଗୋପ ବଜାରରେ

ରାଧାର ଚରିତ୍ରରେ

କଳଙ୍କ ଲାଗିଯାଏ ।

ଏଠି ଶାଗୁଣାର ଦୃଷ୍ଟି

ଶବ ନୁହେଁ,

କଞ୍ଚା ମାଂସ ଖାଇଯାଏ,

ଏଠି କୁକୁରର ଦୋଷ ନୁହେଁ

ଦୋଷ ତା'ର,

ଯିଏ ନ ଢାଙ୍କି ରଖିଲା ।

ଦୁନିଆରେ ବହୁତ କିଛି ତ ଦିଶୁଚି,

To read the complete magazine, Download it for FREE from www.aahwaan.com

ମାଆର ଉଲଗ୍ନ ସ୍ତନରୁ

ଦୁଧ ତ ପିଇଥିବ କେବେ,

ନିଜ ଭଗ୍ନୀକୁ କିମ୍ବା କନ୍ୟାକୁ

କଣ କେବେ ବି ଦେଖିନ ?

ତା'ର ଅର୍ଦ୍ଧ ନଗ୍ନ ଶରୀରରେ ?

ତେବେ ବି କଣ,

ଜାଗିଯାଏ ଶଇତାନ,

ତା'ର ଆତ୍ମାର ଗଳା କାଟି ଦେଇ ?

କାହିଁକି ଦିଶେନା ମାତା, କନ୍ୟା

କିମ୍ବା ଭଗ୍ନୀର ଚେହେରା

ଅନ୍ୟ ନାରୀ ଦେହେ ?

ବ୍ୟଧିଗ୍ରସ୍ତ ନିର୍ଲଜ ପୁରୁଷ ସେ

ବିକୃତ ମନ, ଆତ୍ମା ତା'ର

ସମ୍ବେଦନହୀନ କାପୁରୁଷ ସେ

ନୀଚ ପଶୁଠାରୁ ହୀନ ।

To read the complete magazine, Download it for FREE from www.aahwaan.com

# ଦେ ଲାଁଗ୍



ଡ: ଅଚ୍ୟୁତ କୁମାର ରଥ

ଦେ ଲାଁଗ୍ ....

ମନ୍ ଡାକୁଛେ ମଦ୍ ପାଏନ୍ ଢୁକେ
କି ଆଫୁ ଗଁଜେଇ ଭାଁଗ୍
ବୁଡ଼ି ଯିବୁ ପୁଓ ଭୁସଲି ଯିବୁ ବା'
ମନ୍ କେ ଘାଏ ଦେ ଲାଁଗ୍ ।।

ଯେତକି ଅଛେ ସେତକି ନ ଚଲ୍
ଉଧାର୍ ବାଡ଼ି ନାଇଁ ମାଁଗ୍,
ଟୁଁଡ୍ ଟକଟକଉଛେ ଖାଏବାର୍ କେ
ତ ଟୁଁଡ୍ କେ ଘାଏ ଦେ ଲାଁଗ୍ ।।

ପୋଡ୍ ଲେଖେଁ ନାଇଁ ସୁ ଅଧ୍ ବେଲା ତକ୍
ନିଦେରାତୁଁ ଉଠ୍ ଟଂ ଟାଁଗ୍
ନିସତ୍ କଧରା ସେଁରରା ପନ୍ କେ

To read the complete magazine, Download it for FREE from www.aahwaan.com

ଦେ ବରକସ୍ ଲାଁଗ୍ ।।

ମନୁ ପଝରୁଥାଉ ଭାବ୍ ପୀରତି ରସ୍
ନାଇଁ ଶୁଖୁ ଖଡ଼ଖଡ଼ା ଡାଁଗ୍
ମନ୍ ଭିତରର୍ ତୋର୍ ମୋର୍ ଭାବ୍ କେ
ଦେଇନେ ଗଖା ଲାଁଗ୍ ।।

ହଁସିଟେ ନୁରୁଛୁଁ ଉସତ୍ ଖୁଜୁଛୁଁ
କୁଲଜୁଛୁଁ ପଏସା ମଦାଁଗ୍
ପଏସା ର୍ ନିଶା ବଢେତୁରୁ ଆଏଁଷା
ଦେ ଲୋଭ୍ ଲାଲଚ୍ କେ ଲାଁଗ୍ ।।

ପର୍ହର୍ ବନେ ଭାବୁଥା ହରମେସା
ଅସାର୍ କାହାରିର୍ ନାଇଁ ପାଁଗ୍
ରାଗ୍ ରିସମି ହିଂସା ଅହଂକାର୍ କେ
ବନେ କରି ଦେ ଲାଁଗ୍ ।।

To read the complete magazine, Download it for FREE from www.aahwaan.com

# ବାପା



ବିକେଶ ସାହୁ

ବାପା !

ତୁମେ ଅଛ ବୋଲି

ଆଜି ଗର୍ବରେ ଚାଲିପାରୁଛି ବାଟ

ମୁଣ୍ଡ ଟେକି ଦେଇପାରୁଛି

ମୋ ନିଜ ପରିଚୟ ।

ତୁମେ ତ ମୋ ଦମ୍ଭ

ମୋ ଅମାପ ଶକ୍ତି ଆଉ ବଳ

ତୁମେ ହିଁ ମୋ ସାହସ

ତୁମେ ଥିଲେ କାହାକୁ ବା ଡର ।

ତୁମେ ଅଛ ବୋଲି

ତ ମୁଁ ଅଛି

ଅଛି ବାପା ମୋରି ଅସ୍ତିତ୍ୱ

ମୁଁ ତ ତୁମରି ଅଂଶ

ତୁମ ଠାରୁ ତ ମୋର ସୃଷ୍ଟି

ମୁଁ ତ ତୁମ କଣିକାଟେ ମାତ୍ର ।

ଆସୁ ଯେତେ ଦୁଃଖ

To read the complete magazine, Download it for FREE from www.aahwaan.com

ଅମାପ ଯନ୍ତ୍ରଣା ଦୁର୍ବିସହ

ତୁମେ ତ ମୋ ସୁରକ୍ଷାର କାନ୍ଥ

ନିଜେ ସବୁ ସହିଯାଅ

ଆଉ ମୋ ପାଇଁ

ତ ତୋଳି ଦିଅ

ସୁରକ୍ଷାର ଅଭେଦ୍ୟ ବଳୟ ।

ତୁମେ ଥିଲେ ବାପା

ଅଛି ମୋର ସବୁ କିଛି

ଯେତେ ଦୁଃଖ ସବୁ ଉଭେଇ ଯାଏ

ତୁମ ହାତ ଯେବେ

ଛୁଏଁ ମୋ ମସ୍ତକ

ଖେଳି ଯାଏ ମନେ ମୋର

ଅମାପ ଶକତି ।

ତୁମେ ତ ମୋ କଳ୍ପନାର

ସର୍ବୋଚ୍ଚ ପାହାଚ

ତୁମ ଠାରୁ ତ ମୁଁ ଶିଖିଛି

ବଞ୍ଚିବାର ପ୍ରତିଟି ବୀଜ ମନ୍ତ୍ର

ଜୀଇଁବାର ପ୍ରତିଟି ପନ୍ଥା

To read the complete magazine, Download it for FREE from www.aahwaan.com

ତୁମେ ଅଛ ବୋଲି ତ
ମୁଁ ଆଜି ବଞ୍ଚିଛି
ଦୁନିଆରେ ପରିଚୟଟିଏ ନେଇ ।
ବାପା !ଲୋଡିବି ବା ଆଉ କ'ଣ
ସବୁ ତ ମୋ ପାଖରେ ଅଛି
ସ୍ନେହ ଅଛି ମମତା ଅଛି
ଅଛି ତ ସ୍ୱର୍ଗର ତାରକା ଓ ଶଶୀ
ଅଛି ତ ମୋ ପାଖରେ
ଦୁନିଆର ସବୁ କିଛି
କାହିଁକି ନା ବାପା
ମୋ ସାଥିରେ ତୁମେ ଅଛ ବୋଲି..... ।

ଭୂଷଲାର୍ଡ଼, ସିନ୍ଧେକେଲା, ବଲାଙ୍ଗୀର
ଭ୍ରାମ୍ୟଭାଷ-୭୭୫୨୦୬୬୨୧୭/୯୯୩୭୧୫୩୧୭୯

To read the complete magazine, Download it for FREE from www.aahwaan.com

# ଶେଷ ପତ୍ର



ଇଂ ସୁବ୍ରତ କୁମାର ମିଶ୍ର

ମୋ ମନର କେତେ କଥା
ଦେଖାଦିଏ ପୁଣି ଲିଭିଯାଏ,
ଜୀବନର କେତେ ଦୁଃଖ ସୁଖ
ଦେଖାଦେଇ ହସାଏ କନ୍ଦାଏ ।
ବିବ୍ରତ କରିନି କେବେ
ସ୍ୱାର୍ଥନେଇ ଯେତକ ଘଟଣା,
ମୁଣ୍ଡପାତି ସହିନେଲି
ସମାଜର ଯେତେକ ରଟନା ।
ଆଜି ତ ପାଇଛି ଚିଠି
ତୁମଠାରୁ ଅତି ବହୁ ଦୂରୁ,
ମର୍ମନ୍ତୁଦ ଭାଷାତବ
ଦୁଃଖଭରା କାହାଣୀ ଅନ୍ତରୁ ।
ଲେଖିଛ ବିବାହ ପରେ
ସୁଖ ନାହିଁ ଏହି ଜୀବନରେ,
ସ୍ୱାମୀ ତ ପାଗଳ ହୋଇ
ରାଞ୍ଚି ହସ୍ପିଟାଲରେ ।

To read the complete magazine, Download it for FREE from www.aahwaan.com

ସ୍ୱାମୀର ସଗଂ ସୁଖଟିକ
ବିଧାତା ତ ଛଡାଇ ନେଇଛି,
ଏହି ଜୀବନ ଥାଇ ମୋର
କି କାରଣେ ଲାଗିବ ଭାବୁଛି ।
ଅଭାଗା ସ୍ୱାମୀର ଦୁଃଖେ
ହେଲି ମୁଁ କଞ୍ଚା ଅଲକ୍ଷଣୀ,
କୁତ୍ସାରଟନା ର ସୋତ୍ର
କେହି ହେଲେ ରୋକି ପାରିବନି ।
ଲିଭାଇବା ପାଇଁ ଦୁଃଖ
ଲିଭାଇବି ମୋ ଜୀବନ ଦୀପ,
ପଳାତକି ତୁମେ କହିପାର
(କିନ୍ତୁ) ମୋର ଏ ଦୃଢ଼ ସଂକଳ୍ପ ।
ବାସନ୍ତୀ ଯାଇଛି ଚାଲି
କ୍ଷମାଦିଅ ଥିଲେ ତାରି ଭୁଲ,
ଏହା ମୋର ଶେଷଭିକ୍ଷା
ଶେଷପତ୍ର ସ୍ନେହ ର ଦଲିଲ ।

କନିଷ୍ଠ ଯନ୍ତ୍ରୀ , ରାୟଗଡା

To read the complete magazine, Download it for FREE from www.aahwaan.com

# ଏକ ଭାବନା



ଆଶୁତୋଷ ମେହେର

ବୁନ୍ଦା ବୁନ୍ଦା ପାଣିରେ ଭିଜିଯାଇ
ମାଟି ଯେମିତି ବୁଡୁରି ଯାଏ,
ଶୁଖିଲା ଘାସଲତା ପତ୍ର ସବୁ
କଅଁଳି ଉଠନ୍ତି ତା ଦେହରେ,
ଶୁଖିଶୁଖି ଝରି ପଡ଼ିଥିବା
ଦରମରା ମଞ୍ଜି ଗୁଡ଼ାକ
ମାଟିକୁ ଫଟାଇ
ହସି ଉଠନ୍ତି ଦୁଇପତ୍ର ମେଲେଇ ।

ଠିକ ସେଇମିତି
ତୋ ମନର ମାଟିକୁ
ଗୋଟାଗୋଟା ଭଲ କଥାରେ
ଭିଜେଇ ଦେ, ଦେଖି ନେବୁ
ପ୍ରେମର ଭାବ ଭରିଯିବ ତୋ ମନରେ,

To read the complete magazine, Download it for FREE from www.aahwaan.com

ରାଗବଇରାଗ ସରିଯିବ ସବୁ;

ଆଉ ତୋ ମନରେ ଫିଟିଯିବ

ସ୍ନେହପ୍ରେମର ଝରଟେ,

ସମସ୍ତଙ୍କୁ ଭିଜେଇ ଦେଇ

ହସ ହେଉ ଅବା ଲୁହରେ ।।

୫୪ ଆର୍ଯ୍ୟପଲ୍ଲୀ

କିଟ ଛକ,ପଟିଆ

ଭୁବନେଶ୍ୱର ୨୪

ଦୂରଭାଷ ୯୪୩୭୦୮୫୩୯୬

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ସାଂଗ୍



ପ୍ରସନ୍ନ କୁମାର ଭୁଏ

କାଦୋ ଥି ଗୋଡ଼ ପିଛ୍‌ଲି ଗଲେ
ଧରି ପକାସି ହାତ,
ଛୁଆ ଦିନୁ ସାଂଗ ଆମେ ଦୁଖ୍‌ସୁଖ ଥି
ନାଇଁ ଛାଡ଼ୁଁ କାହାରିର୍ ସାଥ୍ ।
ପାଏଲେ ଯଦି କେନ୍‌ସି ଗୁଟେ ଫଲ୍
ଖାଉଁ କରି ଫାଲ୍,
ଜନେ ଯଦି ମାଡ଼ ଖାଏଲେ ଆର
ଜନ୍‌କର ଗାଲ୍ ଲାଲ୍ ।
ଜୀବନ୍ ଥି କେତେ ଆସିଥିଲା ଦୋସ୍ତି
ଭାଂଗ୍‌ବାର୍ ବତାସ ଝଡ଼,
ଦୋସ୍ତିର୍ ରସି ଏନ୍ତା ବଁଧା ଥିଲା ଅଛେ
ଏଛେନ୍ ଗଏଁଠ୍ କଡ଼କଡ଼ ।
ଦୋସ୍ତି ଆମର ଏନ୍ତା ଥିବା ଜଲ୍‌ଲେ
ଜୁଇ କି ଗଲେ କବର,
କାଏଲ୍ ଥିଲୁଁ ଆଏଜ୍ ଅଛୁଁ ଏନ୍ତା ଥିବା
ଆମର ଦୋସ୍ତି ଜବର୍ ।

ବିଶିଉନ୍ନା, ଝାରସୁଗୁଡ଼ା

To read the complete magazine, Download it for FREE from www.aahwaan.com

# ଆଜିର କରଦାତା



ନୃସିଂହ ଚରଣ ବେହେରା

ଆଜିର ଯୁଗର କରଦାତା କଥା
କଣ କହିବିରେ ଭାଇ,
କର ଦେବାବେଳ ଉପଗତ ହେଲେ
ନମିଳେ ଦେଖା କାହାରି ।୧ ।

ରାଷ୍ଟ୍ରପାଇଁ ଟିକସ ରହିବ ନିଶ୍ଚୟ
ଏ କଥା ସଭିଙ୍କୁ ଜଣା,
ଟିକସ ଦେବାର ବେଳ ହୋଇଗଲେ
ହୋଇଯାଏ ବୁଦ୍ଧିବଣା ।୨ ।

ମଣିଷ ଚରିତ୍ର ବଡ଼ ବିଚିତ୍ର
କହିବାକୁ ଭଲ ଲାଗେ,
ହେଲେ ଦେବାବେଳ ଆସିବା ମାତ୍ରେ
ପଛଘୁଞ୍ଚା ଦିଏ ସିଏ ।୩ ।

ରାଷ୍ଟ୍ରର ବିକାଶ ନିମନ୍ତେ ଲୋଡ଼ା
ପଡ଼େ ଯେବେ ଏଠି ଧନ,

To read the complete magazine, Download it for FREE from www.aahwaan.com

ଲୋକଙ୍କ ଟିକସ ଅର୍ଥ ବଳରେ

ହୁଏ ହିତକର କାର୍ଯ୍ୟମାନ ।୪ ।

ଆମରି ଦେଶର ଟିକସ ଆଇନ

ଦୁର୍ବୋଧ୍ୟ ଦୀର୍ଘ ଜଟିଳ,

ସୂର୍ଯ୍ୟ ଚନ୍ଦ୍ରଙ୍କର ଲୁଚକାଳି ଖେଳପରି

କରଦାତା ଖୋଜେ ଗଳାବାଟ ।୫ ।

ଲୁଚିବା ପାଇଁ କି ଗଳାବାଟ ପଥ

ଦେଖାଏ ଆମ ଆଇନ,

ଠିକଣା ସମୟେ ଟିକସ ନ ଦେଲେ

ଦେବାକୁ ହୁଏ ଫାଇନ ।୬ ।

ଟିକସ ଫାଙ୍କିବା ବଡ଼ ଅପରାଧ

ଏ କଥା ସଭିଙ୍କୁ ଜଣା,

ରାଷ୍ଟ୍ରର ବିକାଶ ଗଠନ ପାଇଁ କି

ଦେବାରେ ନ କର ଊଣା ।୭ ।

ଭୋଇନଗର, ଭୁବନେଶ୍ୱର

To read the complete magazine, Download it for FREE from www.aahwaan.com

# ଦୁଃଖ ମୋର ହରି



ଶୁଭମ୍ ନାଏକ

ଦୁଃଖ ମୋର ହରି
ନଇବାଲି ପରି
ନିତି ଜିଏଁ ମରେ
କେବେ ନ ସରେ ।

ନିଜ ଭୋକ ଭୁଲି
ଷାଠିଏ ପଉଟି
ନିତି ପରଷେ
ହୃଦୟବେଦନା
ହୃଦୟେ ଲୁଚାଇ
ଓଠ ମୋର ହସେ ।

ଜୀବନ କାଳରେ
ଦିନରାତି ସରେ
ଦରଶନ ପାଇଁ
ନିତି ଝୁରିମରେ
ଆସିବା ଆଶାରେ
ଯୁଗ ଯୁଗ ସରେ ।

ତସଲାଡ଼ିହି, ମୟୁରଭଞ୍ଜ, ଓଡ଼ିଶା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବରଷା ଆସିଛି ଗାଁକୁ ମୋର



ପ୍ରଶାନ୍ତ କୁମାର ନାଥ

ବରଷା ଆସିଛି ଗାଆଁକୁ ମୋହର
ଖୁସିର ପସରା ନେଇ,
ସବୁଜ ଦିଶୁଛି ଗାଆଁ ତୋଟା ମୋର
ଶ୍ରାବଣର ଛୁଆଁ ପାଇ ।
ଜୁଇଜାଇ ହେନା ମାଳତୀ ବାସୁଛି
ପିଢ଼ାରେ ମାଡ଼ିଛି ପୋଇ,
ମୁଢ଼ି ସାଥେ ଏବେ ନଡ଼ିଆ ଗୋଳେଇ
ପାକେଇ ଖାଉଛି ଆଈ ।
ବେଉଷଣ ପାଇଁ କୃଷକ ଭାଇଟି
ସଜେଇ ହଳ ଲଙ୍ଗଳ,
ତତଲା ଭାତରୁ ଥାଳିଏ ଖାଇକି
ବିଲକୁ ଯାଏ ସଅଳ ।
ବେଙ୍ଗୁଲୀ ଗାଉଛି ସାରୁବୁଦା ମୂଳେ
ନଈରେ ଖେଳୁଛି ମୀନ,

To read the complete magazine, Download it for FREE from www.aahwaan.com

ଭସା ବାଦଲଟି ଭାସି ଯାଉଅଛି

ଲୁଚକାଳି ଖେଳେ ଜହ୍ନ ।

ମାଛ ଧରିବାକୁ ପୋହ୍ଲର ମୁଣ୍ଡରେ

ଜାଲୁଆ ହେଲେଣି ରୁଣ୍ଡ,

କାଦୁଅ ପାଣିରେ ସର ସର ହୁଏ

ମୋ ଗାଆଁ ମାଟିଦାଣ୍ଡ ।

ଭରା ଭରା ନଈ ଦିଶଇ ସୁନ୍ଦର

ନଈରେ ଲହଡ଼ି ଖେଳେ,

ଗାଆଁ ସବୁଜିମା ହୋଇଛି ସଜେଇ

ଶ୍ରାବଣ ଆସିଲା ପରେ ।

ସୁନ୍ଦରପୁର, ଉତ୍ତରକୂଳ ହାଟ୍,

ପ୍ରୀତିପୁର, ଯାଜପୁର, ଓଡ଼ିଶା

ମୋ-୦୮୮୯୨୩୦୧୧୪୩

To read the complete magazine, Download it for FREE from www.aahwaan.com

# ଏକା ଏକା ଜୀବନ



ଦେବଦତ୍ତ ମିଶ୍ର

ମୁଁ ଏକା ଏକା ବଞ୍ଚିବାକୁ ଭଲପାଏ
ଏକୁଟିଆ ପଣରେ ହିଁ ମାପିହୁଏ
ଆକାଶର ବିଶାଳତାକୁ,
ସମୁଦ୍ରର ଗଭୀରତାକୁ,
ବୁଝିହୁଏ ପକ୍ଷୀର କାକଳି ଆଉ
ଝରଣାର କୁଳୁକୁଳୁ ନାଦକୁ ।

ଏକାକୀ ବଞ୍ଚିବା ସମସ୍ତଙ୍କ ଦ୍ୱାରା ହୁଏନା
ସମସ୍ତେ ଦେଖିପାରନ୍ତିନି
ଫୁଟପାଥରେ ରାତି କାଟୁଥିବା
ଦୁଃଖିନୀର ମୁହଁକୁ,
ଷ୍ଟେସନରେ ହାତ ପାତୁଥିବା
ନିଷ୍ପାପ ଆଖିକୁ ।

To read the complete magazine, Download it for FREE from www.aahwaan.com

ମୋ ଏକୁଟିଆପଣ ଜାଣେ

କାହିଁକି ଚାରୋଟି ପୁଅର ମା' ବୃଦ୍ଧାଶ୍ରମ ଯାଏ,

ଅରକ୍ଷ ମାଦଳପରି

ହାତଗୋଡ଼ହୀନ ଦୁଃଖୀଟେ

ବଡ଼ଦାଣ୍ଡେ ଗଡୁଥାଏ ।

କିପରି କଥାକୁହେ ଲୁହ,

କାହିଁକି ସୃଷ୍ଟି ହୁଏ କୋହ ।

ସବୁ ମୋ ଏକୁଟିଆପଣ ଜାଣେ,

କାରଣ ମୁଁ ଏକା ଏକା ବଞ୍ଚିବାକୁ ଭଲପାଏ ।

ଆଇଜିଆଇଟି, ସରାଙ୍ଗ, ଢେଙ୍କାନାଳ

ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪୦୭୦୦୩୦୩

To read the complete magazine, Download it for FREE from www.aahwaan.com

# ତୁମ ବିନା କୃଷ୍ଣଚୁଡ଼ା



ଡା ନୀଳମାଧବ କର

ଆସନ୍ତା ଋତୁରେ

କୃଷ୍ଣଚୁଡ଼ା ଭାରି ହେବ

ଅଗଣାରେ ନୂଆ ନୂଆ କଣ୍ଢେଇ ନାଚିବେ

ତୁମଠୁ ଚିଠିଟେ ନଥିବ

ତୁମେ ନଥିବ- ତମ ନଥିବାର

ଦୁଃଖଟେ ଥିବ ମୋ ଚାରିଆଡ଼େ

ତମ ସ୍ମୃତିର ଲହରୀ ସବୁ

ମାନ୍ଦା ପଡ଼ିଯାଉଥିବେ

ମୋ ଜଂଜାଳର ପଥର ବନ୍ଧରେ

'ତାଳି ମାରି ନାଚିବାକୁ' ସ୍ୱପ୍ନପରି ଲାଗୁଥିବ

ତମ ଖୁସିରେ ଖୁସି ହେବାପାଇଁ

ମୋ ପାଖରେ ସମୟ ନଥିବ ।

ମୁଁ ନଥିବି - ମୁଁ ନଥିବାର ଦୁଃଖ

ତମକୁ କଣ ଜଡ଼େଇ ଧରିବ

To read the complete magazine Download it for FREE from www.aahwaan.com

ତମେ କଣ ଗାଇବନି ଗୀତ

ଝୁଲିବନି ନହକା ଡାଳରେ

ଲୁଚକାଳି ଖେଳିବନି ଫୁଲଙ୍କ ସାଥିରେ ?

ତା'ପର ଋତୁମାନଙ୍କରେ

ମୋ ଘର ଅଗଣାରେ

କୃଷ୍ଣଚୁଡ଼ା ନଥିବ

ଋତୁସବୁ ତମ ଅପେକ୍ଷାରେ

ଶୋଥା ପଡ଼ିଯାଇଥିବେ

ତମେ ନଥିବ - ମୁଁ ନଥିବି ।

ଓଲଭର୍‌ହାମ୍ପଟନ୍, ଇଂଲଣ୍ଡ

ଇମେଲ୍ : nmadhab@yahoo.com

To read the complete magazine, Download it for FREE from www.aahwaan.com

# ସେଲ୍‌ଫି



ରାଧାକାନ୍ତ ଦାଶ

ଯାଇଥିଲି ରବିବାର ଉଦୟଗିରି

ଦେଖିଲି, ଝିଅଟିଏ ନେଉଥିଲା ସେଲ୍‌ଫି

ପଚାରିଲି, ଭଉଣୀ କୋଉଠି ଟ୍ରେନିଙ୍ଗ୍ ନେଲକି ?

ଫଟୋ ଉଠାଇବା ତ ସମସ୍ତଙ୍କୁ ଆସେ,

ହେଲେ, ମୁହଁକୁ ବିକୃତ କରିବା

ଷ୍ଟାଇଲ୍ କାହାକୁ ଆସେନା

ଯଦି ଜାଣିଛ,

ସେ କଲେଜ ବା ଇନ୍‌ଷ୍ଟିଚ୍ୟୁଟର୍ ଦିଅତ ଠିକଣା !

ପ୍ରତି ଉତ୍ତରରେ ଭଉଣୀ କହିଲେ ଭାଇ-

ନିଜେ ନିଜ ଫଟୋ ଉଠାଇବାକୁ ସେଲ୍‌ଫି କହନ୍ତି

ଏଇଥିରେ ଝିଅମାନେ ବେଶି ସୁନ୍ଦର ଦିଶନ୍ତି ।

ସେଥିପାଇଁ ଯୋଉଠିକୁ ଗଲେ ଝିଅମାନେ

To read the complete magazine, Download it for FREE from www.aahwaan.com

ସେ ଜାଗାରେ ସେଲ୍ଫି କିଛି ନିଅନ୍ତି ।

ମୁଁ କହିଲି ଆଚ୍ଛା ! ଭଉଣୀ ସେଲ୍ଫି ତ ନିଅନ୍ତି

ହେଲେ ମୁହଁକୁ କାହିଁକି ବିକୃତ କରନ୍ତି ?

ହେଇ ଦେଖ, ତମ ଆଗେ ଯେଉଁ ଭଉଣୀ ଛିଡ଼ା ହୋଇଛନ୍ତି

ଗୋଟେ ଆଖିବୁଜି, ଆଉ ଗୋଟେରେ ଚାହିଁ

ସୁନ୍ଦର ଓଠଟାକୁ ଚୁଚୁନ୍ଦ୍ରା

ମୁହଁ ଭଳିଆ କରିଦେଇଛନ୍ତି ।

ଏକଥା ଶୁଣି ଭଉଣୀ ଗଲେ ଚିଡ଼ି

କହିଲେ ତମ ଉପରକୁ ଚପଲ ଦେବି ଫୋପାଡ଼ି

ପଳାଅ ବେଗେ ଏ ଜାଗା ଛାଡ଼ି ।

ମୁଁ କହିଲି ଭଉଣୀ ରାଗନାହିଁ

ଯାହା ଦେଖିଲି ତାହା କହିଲି -

ମିଛ କିଛି କହିନାହିଁ ।

To read the complete magazine, Download it for FREE from www.aahwaan.com

ସେଠି ଦେଖ ଗୋଟେ ଭଉଣୀ

ବୁଲୁଥିବା ପାତିମାଙ୍ଗଡ଼ଙ୍କ ସହ ନେଉଅଛି ସେଲ୍‌ଫି

ଗୋଟେ ହାତରେ ସେଲ୍‌ଫି ଷ୍ଟିକ୍ ଆଉ ମୋବାଇଲ୍ ଧରି

ଅନ୍ୟ ହାତରେ ଖାଉଛି ସେ କୁଲଫି ।

ମଝିରେ ମଝିରେ ପାତି ମାଙ୍କଡ଼ ପାଖରେ

ମୁହଁକୁ ଯୋଡ଼ି କୁଲଫି ଖାଇ, ନେଉଅଛି ପୁଣି ସେଲ୍‌ଫି ।

ଧନ୍ୟ ସେ ସେଲ୍‌ଫି

କିଛି ଲୋକ ନିଅନ୍ତ ଷ୍ଟିକ୍ ସାହାଯ୍ୟରେ

ଆଉ କିଛି ନିଅନ୍ତି ହାତରେ

ଭଲ ସେ ସେଲ୍‌ଫି ନିଶା ଖାଲି

ଝିଅଙ୍କୁ ନୁହେଁ ପୁଅଙ୍କୁ ବି ଘାରିଛି

ଆମ ଗାଁରୁ ଆସୁଥିବା ମାଧିଆ ଭାଇ

ବୁଲାବୁଲି କିଛି ନ କରି ସେଲ୍‌ଫି ନେବାରେ ମାତିଛି ।

To read the complete magazine, Download it for FREE from www.aahwaan.com

ଆଗରୁ ଲୋକେ ଆସୁଥିଲେ

ଉଦୟଗିରି ଗୁମ୍ଫା ଦେଖିବାକୁ

ହେଲେ ଏବେ ଆସୁଛନ୍ତି

ଖାଲି ସେଲ୍‌ଫି ନେବାକୁ ।

ଯୁଆଡ଼େ ଦେଖ ଖାଲି ସେଲ୍‌ଫି ଆଉ ସେଲ୍‌ଫି

କିଏ ନିଏ ପରିବାର ଲୋକଙ୍କ ସାଙ୍ଗରେ

ଆଉ କିଏ ନିଏ ବୁଲୁଥିବା ପାତିଙ୍କ ସାଙ୍ଗରେ

କିନ୍ତୁ ନେଉଛନ୍ତି ସମସ୍ତେ

ସେଲଫି ଆଉ ସେଲଫି ।

ଜଗନ୍ନାଥପୁର ଶାସନ, କୁହୁଡ଼ି

ଖୋର୍ଦ୍ଧା, ୭୫୨୦୨୭

ଇମେଲ୍ : rkdash1996@gmail.com

ଭ୍ରାମ୍ୟଭାଷ : ୮୯୦୮୮୫୯୭୯୭

To read the complete magazine, Download it for FREE from www.aahwaan.com

# ଅନ୍ତର୍ଦହନ



ସୁବ୍ରତ କୁମାର ସେନାପତି

ଏଠି ଖାଲି ଚର୍ଚ୍ଚା ହୁଏ

ପାର୍ଥିବ ଉଷ୍ଣତାକୁ ନେଇ

କିନ୍ତୁ କିଏ ବା ବୁଝେ

ମୋର ଏ ଅନ୍ତର୍ଦହନକୁ ?

ପେଟ୍ରୋଲ, କିରୋସିନି, ଡିଜେଲ୍ ପରି

ମୁଁ ବି ଏକ ଇନ୍ଧନ

ଯିଏ ଖାଲି ଖୋଜୁଥାଏ

ଏକ ଦିଆସିଲି ରଞ୍ଜକର ଘର୍ଷଣ ।

ହେ ଈଶ୍ୱର, ମାଲିକ ମୋହର

ଯଦି ତୁମେ ପାରିବନି ହୋଇ

ଦହନର ଉତ୍ସଟିଏ

ତେବେ ମୋତେ ଆଉ ବାନ୍ଧି ରଖନା

ସେ ବ୍ୟର୍ଥ ସମ୍ପର୍କର ବନ୍ଦୀଶାଳ ଭିତରେ

To read the complete magazine, Download it for FREE from www.aahwaan.com

ଯେଉଁଠି ଶ୍ୱାସରୁଦ୍ଧ ହେଉଥାଏ ମୁଁ

ସ୍ୱତଃଜ୍ୱଳନ ଆଉ ଦହନର ବେଷ୍ଟନୀ ଭିତରେ ।

ବରଂ ପାରୁଛ ଯଦି

ଆପଣାର କ୍ଲିବତ୍ୱକୁ ସ୍ୱୀକାର କରି

ମୁକ୍ତକର ଉଡ଼ାଣର ଅପେକ୍ଷାରେ ଥିବା

ଏ ବିରହିଣୀ ବିହଙ୍ଗିନୀଟିକୁ ।

ନଚେତ୍ କେବେ ନା କେବେ ସାମ୍ନା କରିବ

ମୋ ଆତ୍ମଦହନରୁ ଜାତ

ସେ ଆଗ୍ନେୟ ଉନ୍ମତ୍ତତା

ଆଉ ବିସ୍ଫୋରଣର ଭୟାବହକତାକୁ ।

ଗୋଦାବରୀଶ ଛାତ୍ରାବାସ, କୃଷି ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ୩, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୮୯୭୨୩୯୩

To read the complete magazine, Download it for FREE from www.aahwaan.com

# ଶବ୍ଦ ତମେ



ବରୁଣ କୁମାର ଦାସ

ପ୍ରୋଟିନ ଅଭାବରେ
ରୁଗ୍‌ଣ ଶବ୍ଦ ସବୁ
ଫେରିପାଉଛି ପୁଣିଥରେ
ପୂର୍ବର ଚେହେରା
ତମେ ଯେଣୁ ପ୍ରୋଟିନ୍ ବନି
ଶକ୍ତିଦାନ କରିଛ ଶବ୍ଦସବୁ ପାଇଁ ।

ତମେ ଦୂରେଇ ଗଲେ
ଶବ୍ଦସବୁ ମନ୍ଥର, ରୋଗୀଣା
ରଙ୍ଗ ସର ହରା ।
ତମେ ନଥିଲେ
ଶବ୍ଦ ନାହିଁ ।

ଶବ୍ଦପାଇଁ ତମେ
ତମ ପାଇଁ ଶବ୍ଦ ।
ତମେ ଅଛ ବୋଲି ତ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କବିତାର ଇମାରତ

କାଗଜ ଦଖଲରେ ।

ତମେ ଅଛ ବୋଲି ତ

ଦୁଃଖ, ବ୍ୟର୍ଥତା ଆଉ

ପରାଜୟକୁ ଜୟ କରୁଛି ଶବ୍ଦସବୁ ।

ତମେ ଅଛ ବୋଲି ତ

ନିଜର ନିଜକୁ ଶବ୍ଦସବୁ,

ଚିତାଭସ୍ମ ଭିତରୁ

ଜୀଇଁ ଉଠୁଛି ଫିନିକ୍ସ ପକ୍ଷୀପରି

ବଞ୍ଚିବାର ନିଶା ।

ହଁ, ତମେ ନଥିଲେ

ଶବ୍ଦସ୍ବୁକୁ ନେଇ କରିଥାନ୍ତି କ'ଣ !!!

ଶବ୍ଦପାଇଁ ତମେ

ତମ ପାଇଁ ଶବ୍ଦ ।

ବି.,ଦ୍ର. : ଭଞ୍ଜବିହାରରେ ପାଠପଢୁଥିବା ସମୟରେ ଜଣେ ଅନ୍ତରଙ୍ଗ ବାନ୍ଧବୀ ଚିନ୍ମୟୀଙ୍କୁ ସମର୍ପିତ

ପାଲୁସିଆ, ଦେହୁର୍ଦ୍ଦା, ବାଲେଶ୍ୱର

To read the complete magazine, Download it for FREE from www.aahwaan.com

# ତୁମେ ଗଲାପରେ



ପ୍ରହ୍ଲାଦ ବେହେରା

ତୁମେ ଗଲାପରେ
ପଥିକଟି ତାର ଠିକଣା ହଜାଇ ଦେଇଛି ।
ତୁମେ ଗଲାପରେ
ଦୁନିଆଟା ଖାଲି ଅନ୍ଧାରି ନିର୍ଜନ ଲାଗୁଛି ।
ତୁମେ ଗଲାପରେ
ସୂର୍ଯ୍ୟର କିରଣ ଅତି ବଢି ବଢି ଚାଲିଛି ।
ତୁମେ ଗଲାପରେ
ନୀରବ ନଦୀଟା ବନ୍ୟା ର ରୂପ ନେଇଛି ।
ତୁମେ ଗଲାପରେ
କାକର ବିନ୍ଦୁଟା ପଥର ପାଲଟି ଯାଇଛି ।
ତୁମେ ଗଲାପରେ
ଶୀତଳ ପବନ ଦେହକୁ ଶୀତେଇ ଦେଇଛି ।
ତୁମେ ଗଲାପରେ

To read the complete magazine, Download it for FREE from www.aahwaan.com

ଆମ୍ବଗଛ ଡାଳେ କୋଇଲି ର ଗାନ ଶୁଭୁନି ।

ତୁମେ ଗଲାପରେ

ସଞ୍ଜ ସକାଳେ ମଳୟ ପବନ ବହୁନି ।

ତୁମେ ଗଲାପରେ

ଫୁଲ ବଗିଚାଟି ଶୁଷ୍କ ମରୁ ରୂପ ନେଇଛି

ତୁମେ ଗଲାପରେ

ମୋ ହୃଦୟ ତୁମକୁ ସବୁଦିନ ପାଇଁ ଝୁରୁଛି ।

ମୁମ୍ବାଇ, +୯୧ ୯୭୭୬୬୪୬୪୬୫

To read the complete magazine, Download it for FREE from www.aahwaan.com

# ଦେ ଶୂନ୍ୟତା



ଦିଲିପ କୁମାର ତ୍ରିପାଠି

ଶୁଷ୍କତା, ମୂଢ଼ତା, ଶଠତା
ନାହିଁ ମୋର ଆବଶ୍ୟକତା
କ୍ଷୁଦ୍ରତା, ମଳତା, କ୍ରୁରତା
ଘୃଣା ଏଠି ମୋର ବାରତା ।

ନିଷ୍ଠୁରତା ଆଉ ଦୃଢ଼ତା
ଇଚ୍ଛା ତାର ଯିଏ ଗର୍ବିତା
ହୀନତା, ଭୀରୁତା, ନୀଚତା
ନେଇଯା' ତୁ ଦେଇ ଦୀନତା ।

ଧୀରତା, ସାଧୁତା, କବିତା
ନିର୍ଜନତା ଦେ ନୀରବତା
କର୍ମେ ମୋର ତୁ 'ହ' କରତା
ଯୋଗ୍ୟ ଯଦି ମୁଁ ଦେ ଶୂନ୍ୟତା ।

To read the complete magazine, Download it for FREE from www.aahwaan.com

# ଗୁରୁପୂଜା



ଅଭିମନ୍ୟୁ ବେହେରା

ଆକାଶର ସବୁ ତାରାଫୁଲ ଯଦି
ଛିଣ୍ଡାଇ ପାରନ୍ତି ଆଣି
ତବ ପାଦ ତଳେ ଭେଟି ମୁଁ ଦିଅନ୍ତି
ଗୋଟି ଗୋଟି କରି ଗଣି ।
ସାଗର ଗରଭେ ଯେତେକ ରତନ
ଯଦି ମୁଁ ପାରନ୍ତି ଖୋଳି
ଅତି ସରାଗରେ ତମରି ହାତରେ
ଅଚିରେ ଦିଅନ୍ତି ଢାଳି ।
ପବିତ୍ର ଗଙ୍ଗାର ଜଳରେ ଧୁଅନ୍ତି
ତମର ସେ ପଦ୍ମ ପାଦ
ତମେ ବ୍ରହ୍ମା ବିଷ୍ଣୁ ମହେଶ୍ୱର ପୁଣି
ପରମବ୍ରହ୍ମ ଆଦିନାଦ ।
ଅଜ୍ଞାନ ଅନ୍ଧାରୁ ଜ୍ଞାନର ଆଲୋକ

To read the complete magazine, Download it for FREE from www.aahwaan.com

ତମେ ଦେଖାଇଛ ପରା

ଏଇ ଦୁନିଆରେ ତମେ ବୁହାଇଛ

ଜ୍ଞାନ ମନ୍ଦାକିନୀ ଧାରା ।

ଏ ଜନମ ନୁହେଁ ସାତ ଜନମ ମୁଁ

କରିବି ମୁଁ ତୁମ ପୂଜା

ଆଜି ଏଇ ପୂଣ୍ୟ ଗୁରୁଦିବସରେ

ଉଡୁ ତ ତମରି ଧ୍ୱଜା ।

ସ୍ୱାମପାଟଣା, କେନ୍ଦୁଝର, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୮୮୧୬୦୬୯

To read the complete magazine, Download it for FREE from www.aahwaan.com

# ଅଣପୁରୁଷା ଖଣ୍ଡ ଭାଗବତ



ଡା ସୌମ୍ୟରଞ୍ଜନ ମିଶ୍ର

ନମଇଁ ବାବାଙ୍କ ଚରଣ

ସେ ଯେଣୁ ପୁତ୍ରର କାରଣ ।

ଯାହାର ଆଦି ମଧ୍ୟ ଅନ୍ତ

ପ୍ରଚାରେ ବିଭୋର ଜଗତ ।

ଇନ୍ଦ୍ରିୟ ଭୋଗ ଯେ କରଇ

ସ୍ୱତେଜ ନିତ୍ୟ ବଢୁଥାଇ ।

ଆନନ୍ଦମନେ ବୀଜସାର

ଅସ୍ଥାନେ କରନ୍ତି ବିସ୍ତାର ।

ଯା'ର ସ୍ୱରୂପ ହୃଦେଚିନ୍ତି

ଅଣପୁରୁଷ ନ ପାରନ୍ତି ।

ଦେବତା ଆକାର ଯେମନ୍ତ

ମନରେ କରାଇ କଳ୍ପିତ ।

ଆଶ୍ରମେ ଛାଡ଼ି ନିଜ ନାରୀ

To read the complete magazine, Download it for FREE from www.aahwaan.com

ମୃଗତୃଷ୍ଣାରେ ହୃନ୍ତ ଘାରି ।

କାହାର ରୂପଗୁଣ ଘେନି

ନିଜ ଗୋଚରେ ଅନୁମାନି ।

ଏପରି ହୋଇଲା କେମନ୍ତ

ନିନ୍ଦୁକ ଲୋକଙ୍କର ମତ ।

ଆତ୍ମଗ୍ଲାନିରେ ସଦା ଥାଇ

ନିରୁତା କୁହୁକ ବୋଲଇ ।

ଚରମାନନ୍ଦ ପ୍ରାପ୍ତକରି

ହାରେମେ ତିରିଲାଙ୍କୁ ଭରି ।

ଏମସ୍ତ ସତ୍ୟ ରୂପ ଯା'ର

ଜଗତ କରେ ନମସ୍କାର ।

ତାଙ୍କ ଚରଣେ ନିତ୍ୟଧ୍ୟାନ

ପାଦ ବି କରନ୍ତି ଲେହନ ।

ପିତାମାତାଙ୍କୁ ପରକରି

ସେ ପାଦ ଧରନ୍ତି ଆବୋରି ।

To read the complete magazine, Download it for FREE from www.aahwaan.com

ଏପରି ଜନଙ୍କର ହିତେ

ବର୍ଣ୍ଣିଇ ଦାସ ଜଗନ୍ନାଥେ ।

ନିର୍ମୂଳ ହେଲେ ବାବା ମାତେ

କଲ୍ୟାଣ ଲଭିବେ ସମସ୍ତେ ।

ବିଶେଷ ଦ୍ରଷ୍ଟବ୍ୟ : ଅକିଞ୍ଚନ କବି ନିଜକୁ ଜଗନ୍ନାଥଙ୍କର ଦାସ ବୋଲି ଅକୁଣ୍ଠ ଚିତ୍ତରେ ଘୋଷଣା କରୁଛି ।

ମଧ୍ୟଖଣ୍ଡୀ, ଶ୍ରୀବଳଦେବ ଜୀୟୁ

କେନ୍ଦ୍ରାପଡ଼ା, ୭୫୪୨୧୨, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୭୩୭୪୩୪୨

ଇମେଲ୍ : dr.srmishra@gmail.com

To read the complete magazine, Download it for FREE from www.aahwaan.com

# ଜୀବନ



ଲୋକନାଥ ଦାସ

ଜୀବନ  ଗୋଟିଏ ମରିଚିକା ......
କେତେବେଳେ ଥିବେ ସମସ୍ତେ ତୋ ସାଥେ,
କେତେବେଳେ ତୁ ଏକା
ଜୀବନ ଗୋଟିଏ  ମରିଚିକା...(୧)

ଜୀବନ ଟା ଟିକେ ପବନ .........
ଯାକୁ କେହିହେଲେ  ଧରିପାରିବେନି
ହୁଅନ୍ତୁ ଯେଉଁ ମହାଯନ ..
ଜୀବନ ଟା ଟିକେ ପବନ...(୨)

ଜୀବନଟା ଗୋଟେ ଫୁଲ.....
ବଞ୍ଚିଥିବାବେଳେ କେହି ବୁଝିବେନି
ମଲେ ବୁଝିବେ ତା ମୁଲ..
ଜୀବନଟା ଗୋଟେ ଫୁଲ.....(୩)

ଏବେ ଆପଣମାନେ କୁହନ୍ତୁ ଜୀବନର ପ୍ରକୃତ ମୂଲ୍ୟ, ଜୀବନର ପ୍ରକୃତ ଲକ୍ଷ୍ୟ ଜୀବନର ଅର୍ଥ କ'ଣ ଏହି ଦୁନିଆର ଲୋକମାନେ ବୁଝିଛନ୍ତି ??????

କଣ୍ଟିପାଳ, ଆନନ୍ଦପୁର

To read the complete magazine, Download it for FREE from www.aahwaan.com

# ତୁ କହିଥିଲୁ ବୋଲି



ଅନୁସୂୟା ମିଶ୍ର

ତୁ କହିଲୁ, ଯା' ବୋଲି
ତୋ ଅଗଣା ଡେଇଁ ଆସିଥିଲି ।
ତୁ କହିଲୁ, 'ଭୁଲିଯିବୁ'
ମୁଁ ବି ଭୁଲିଗଲି ସବୁ ।
କହିଥିଲୁ, 'ଚାହିଁବୁନି ଫେରି'
ମୁଁ ବି ଆଗେଇ ଚାଲିଲି ।
ଜୀବନଗୀତିର ସୁରେ
ହସି ଖେଳି ଚାଲୁ ଚାଲୁ ଧୀରେ
ଚାଲିଗଲି ଦୂରକୁ ଦୂରକୁ ।
ତୋଠୁ ବି, ଆଉ ମୋଠୁ
ଅନେକ ଦୂରକୁ ।

To read the complete magazine, Download it for FREE from www.aahwaan.com

ସ୍ୱପ୍ନଠାରୁ ବାସ୍ତବତା

ବାସ୍ତବତା ଟପି ଭାଗ୍ୟଲେଖା,

ଚାଲି ଚାଲି, ଅଭିନୟ-କ୍ଳାନ୍ତ ମୁଁ ଆଜି ।

ଥରୁଟିଏ କୁହନ୍ତୁନି 'ଫେରିଆ' ।

ଉନ୍ମୁକ୍ତ ସେଇ ଆକାଶର କୋଳ

ରଙ୍ଗୀନ ପ୍ରଜାପତିର ସାଙ୍ଗସାଥି ମେଳ,

ବିସ୍ତୀର୍ଣ୍ଣ ଏକ ପଣତର ସବୁଜିମା

ଆଉ, ମମତାର ଶୀତଳ ପରଶ....

ହଜି ମୁଁ ଯାଆନ୍ତି

ହଁ.....ହଜି ହିଁ ଯାଆନ୍ତି ।

To read the complete magazine, Download it for FREE from www.aahwaan.com

# ଅଚାନକ



ଶିବ କୁମାର ପଣ୍ଡା

୨୦୧୬ ନବବର୍ଷେ ଆରମ୍ଭ କଲି ଲେଖିବା ପ୍ରଥମ କବିତା,
ହଜି ଯାଇଥିଲି ଭାବି ଭାବି ଅଚାନକ ଏକା ଏକା ।। ୧ ।।
ସମୟ କାଳଚକ୍ରରେ ପଡ଼ି ଭଲ ପାଇଛି ତାକୁ,
ଆଜି ନ ମାପି ରହିପାରୁନି ତା ନିବିଡ଼ତାକୁ ।। ୨ ।।
ଦିଗହରା ହୁଏ ନ ଭାବି ଲେଖିଲେ ତା କଥା,
କିଏ ଜଣେ କେବେ ହେବ ତା ସହ ଦେଖା ।। ୩ ।।
ଯେବେ ହେବ ମନ ମରୁଭୂମେ ତା ସହ ଦେଖା,
ଆଙ୍କିବି ନିଶ୍ଚୟ ତା ପ୍ରତିବିମ୍ବ ନ କରି ଆଉ ଅପେକ୍ଷା ।। ୪ ।।
ଅପେକ୍ଷାର ପ୍ରଶ୍ନ ହିଁ ନାହିଁ ଉତ୍ତର ଆସିବ କିଆଁ,
ସାଜିଛି ଭାବୁକ ଆଜି ଅଚାନକ, ମନ ମାରୁଛି ଖାଲି ଡିଆଁ ।। ୫ ।।
ଆଜି ଯାଏଁ ସମୟ ଦେଇନି ଭଲ ପାଇ କାହାକୁ ,
ଅଚାନକ ଆଜି ଭଲ ପାଉଛି ସେଇ ଲେଖନୀ ମୁନର କବିତାକୁ ।। ୬ ।।

ସହକାରୀ ଅଧ୍ୟାପକ
ସେଞ୍ଚୁରିଆନ ବୈଷୟିକ ବିଶ୍ୱବିଦ୍ୟାଳୟ
ଜଟଣୀ, ଭୁବନେଶ୍ୱର ,ଓଡ଼ିଶା
ଭ୍ରାମ୍ୟଭାଷ : 9438101090
ଇମେଲ୍ : panda.sibakumar08@gmail.com
ବ୍ଲଗ୍ : sibakumarpanda.blogspot.in

To read the complete magazine, Download it for FREE from www.aahwaan.com

# ପାର୍ବଣ



ସନାତନ ମହାକୁଡ଼

ପାର୍ବଣ ଆସେନା ଖାଲି
ବରଷରେ ଥରେ
ଆସେ ପ୍ରତିଦିନ ପ୍ରଭାତ ଶିଶିରେ
ଆଣେ ଆଶା ସମ୍ଭାବନା ଉଲ୍ଲାସର ଭରପୁର ବାସ୍ନା
ଯାହା ଭଳି ଲାଗେ
ମାନବୀୟ ଦାନବଲୀଳା ।
ଦେବଦେବୀ ନରନାରୀ ନର୍ତ୍ତକ ନର୍ତ୍ତକୀ
ସଭିଏଁ ବଜାନ୍ତି ଢୋଲ
ତୀବ୍ରତର ହୃଦସ୍ପନ୍ଦନ
ନରମାଂସ, କ୍ଷୁଧାତୁର ଲୋଲୁପ ଦୃଷ୍ଟିରେ ।
ଶରତର କାଶତଣ୍ଡୀ ପବନରେ ଉଡ଼ିଯାଏ
ଆଶା ଆତଙ୍କିତ ମିଥ୍ୟା ପ୍ରତିଶ୍ରୁତି
ସମୟ ନୀରବି ଯାଏ
ସଭିଏଁ ଚାଲିଯା'ନ୍ତି ଯେ ଯା ବାଟରେ ।

ବେରୁଆଁବାରୀ - ୭୫୨୦୮୨
ଜିଲ୍ଲା - ନୟାଗଡ଼, ଓଡ଼ିଶା
ଭ୍ରାମ୍ୟଭାଷ - ୦୯୩୩୯୭୧୦୧୭୮
ଇମେଲ୍ - sanmahakud@gmail.com
ୱେବ୍‌ସାଇଟ୍ - www.sanatanmahakud.in

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ପ୍ରୀତି



ଶମ୍ଭୁନାଥ ଦାସ

ପ୍ରୀତି...

ଅଭାବନୀୟ ସ୍ଥିତିକୁ

ଅସହନୀୟ ଦୁଃଖକୁ

ଅପରାଜେୟ ସୁଖକୁ

କରୁଥାଏ ଶୃଙ୍ଖଳିତ

ରଖିନଥାଏ ହୃଦୟରେ

ଭୟ ଅବା ଭୀତି ।

ପ୍ରୀତି...

ବହୁଥିଲେ ଦୁଃଖନଦୀ

ହଠାତ୍ ବହଇ ଉଜାଣି

ହୃଦୟରୁ ଦୀର୍ଘଶ୍ୱାସ

ଅତର ବିଞ୍ଚଇ

ମହମହ ଜ୍ୟୋତ୍ସ୍ନା

To read the complete magazine, Download it for FREE from www.aahwaan.com

ଢାଳିଦିଏ ଜହ୍ନରାତି ।

ପ୍ରୀତି...

ପୃଥିବୀ ଲାଗଇ ଯେମିତି

ହାତରେ ଗ୍ଲୋବ୍ ଟିଏ ଭଳି

ଆହ୍ଲାଦରେ ତାକୁ

ଘୁରାଉଥାଏ ଦିନରାତି

ଅନୁଭବୁଥାଏ ସତେ

ଜୀବନରେ ଶାନ୍ତି ।

ମୁଖ୍ୟ ସମ୍ପାଦକ, 'ଅଭିଯାନ'
୧୭୫ - ଏ/୧, ବିଶ୍ୱଲକ୍ଷ୍ମୀ ତାଲା ରୋଡ଼
କୋଲକାତା - ୨୦୦୦୬୦
ଭ୍ରାମ୍ୟଭାଷ - ୦୯୦୩୮୩୯୭୧୩୫

To read the complete magazine, Download it for FREE from www.aahwaan.com

# ଦୃଶ୍ୟ ଏକ ଚିଲିକାର



ରୋଜା ପଣ୍ଡା

ମାହେନ୍ଦ୍ର ଲଗ୍ନର ମହାମିଳନରେ

ଆତ୍ମା ଓ ଶରୀର ହୋଇଯାଇଥିଲା ଏକାତ୍ମ

ବାଜି ଉଠିଥିଲା ମନ୍ଦମଧୁର ମହୁରୀ ଝଙ୍କାର

ନୟନରେ ମୋର ଦୃଶ୍ୟ ହେଲା ଯେବେ

ଚିଲିକାର ସେହି ଅପୂର୍ବ ରମ୍ୟ

ମରାଳମାଳିନୀ ବକ୍ଷରେ ତାହାର

ଲକ୍ଷ ଲକ୍ଷ ପକ୍ଷୀଙ୍କ ମୁଖରିତ କୋଳାହଳ

ଫ୍ଲେମିଙ୍ଗୋ, ପିନ୍‌ଲେଟ୍ ଓ ଗଡ୍‌ୱିଟ୍ ଭଳି

ବିଦେଶୀ ପକ୍ଷୀଙ୍କ ମେଳ

କି ମନୋହର ତା ବିହଙ୍ଗ ସୁର

ସତେ ଅବା ବୀଣା ମୂର୍ଚ୍ଛନାର ଧାର

ଶ୍ୟାମଳ ବନକୁ ନୀଳ ବାରିଧାରା

ଅପୁର୍ବ ବର୍ଣ୍ଣନା ତା'ର

ପହିଲି ପରଶ ନବ ବସନ୍ତର

To read the complete magazine, Download it for FREE from www.aahwaan.com

ଛୁଇଁଯାଏ ଯେବେ ଚିଲିକା ବକ୍ଷ

ନେସି ହୁଏ ମନେ ପୁଲକିତ ପ୍ରେମ

ହୋଇଥାଉ ଯିଏ ଯେତେ ଅବା ରୁକ୍ଷ

ସନ୍ଧ୍ୟାକାଳୀନ ସେଇ ନୀଡ଼ ଫେରା ବିହଙ୍ଗମ

ହୃଦୟକୁ ମୋର ମନମୁଗ୍‌ଧ କରି

ଆନମନା କଲା ମନ

ଆପଣାର ପାଇଁ ଏ ସ୍ୱର୍ଗ ମହୀରେ

ବାଛି ନେବାପାଇଁ ଛୋଟିଆ ନୀଡ଼

ଦେଖୁଥିଲା ମନ ଝିଲ୍ ମିଲ୍ ଝିଲ୍ ମିଲ୍ ସୁନା ସପନ

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର

ମଧୁପାଟଣା, କଟକ - ୭୫୩୦୧୦

To read the complete magazine, Download it for FREE from www.aahwaan.com

# ଭାଗ୍ୟ



ଲୀନା ମହାନ୍ତି

ଜୀଇଁବାର ଇଚ୍ଛା ସରି ସରି ଆସେ
ଭାଗ୍ୟ ହାତେ ସାଜି ଖେଳନାଟିଏ,
ଦଇବ ଦଉଡ଼ି ବନ୍ଧା ଭାଗ୍ୟେ ମୋର
ଯୁଆଡ଼େ ଟାଣଇ ସିଆଡ଼େ ଯାଏ ।
ଭାଗ୍ୟ ଅବା କାହିଁ ବୁଝିବ ମୋ ମନ
ତା ଇଚ୍ଛାରେ ସିଏ ଖେଳୁଛି ନିତି
ମୁଁ ସିନା ଜୀଇଁଛି ଜୀଅନ୍ତା ଶବଟେ
ଲୁହରେ ଜୀବନ ଯାଉଛି ବିତି ।
ସହି ବି ହୁଏନା ରହିବି ହୁଏନା
ଏମିତି ଯାତନା ଏଇ ଜୀବନେ
ଏମିତି ଏ ଭାଗ୍ୟ ଦେବ ମୋତେ ଧୋକା
ଭାବି ମୁଁ ନଥିଲି କେବେ ସପନେ ।
ସ୍ୱପ୍ନ ସବୁ ମୋର ରାତିକ ଅତିଥି
ସକାଳ ଆସିଲେ ଯାଏ ଦୂରେଇ
ମରିଚୀକା ପରି ଲାଗେ ମୋତେ ଖୁସି
ଯେତେଗଲେ ପାଶେ ଯାଏ ଉଭେଇ ।

ଜଗତସିଂହପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com



# ମଡ଼ର୍ଣ୍ଣ ଦେବୀ ବନ୍ଦନା



ଡମ୍ବରୁଧର ପଟ୍ଟନାୟକ

ସ୍କୁଟି ପୃଷ୍ଠେ ବିରାଜିନୀ ନମସ୍ତେ ନେତ୍ରୀରୂପିଣୀ,

ସଭାପତ୍ନୀ/ବିଧାୟିକା ଅବା ଚ କର୍ମଚାରିଣୀ ।

ପାଦଦ୍ୱୟେ ହାଇହିଲ୍ ହସ୍ତେ ମୋବାଇଲ୍ ଧାରିଣୀ,

ସ୍କନ୍ଧେ ଭ୍ୟାନିଟୀ ଶୋଭନ୍ତେ ଟି-ସର୍ଟ ନ ହି ଓଢ଼ଣୀ ।

ଗୋଡ଼େ ଚିରାଫଟା ଜିନ୍ସ ଦାରିଦ୍ର୍ୟ ଦମ୍ଭହାରିଣୀ,

ସଭାସମିତି ମଧ୍ୟେ ଚ କଟୁସ୍ୱର କରାଳିନୀ ।

ଉଗ୍ରଚଣ୍ଡୀ ସ୍ୱରୂପା ଚ ପତି ପୀଡ଼ା ପ୍ରକରିଣୀ,

ରୂପ-ଜାଲ ଆକର୍ଷଣେ ପୁରୁଷେ କ୍ରୀଡ଼ନ୍ତି ଧନୀ ।

ଫେସବୁକ ପ୍ରଦକ୍ଷିଣୀ ହ୍ୱାଟ୍ସଆପ ଚାଟିନି ସଦା,

ସେଲ୍ଫି ସୁଗୃହିଣୀ ମାତା ନବାଡ଼ମ୍ବର କାରିଣୀ ।

କିଟିପାର୍ଟି ଗାମିନୀ ଚ ସୁନ୍ଦରୀ ପ୍ରତିଯୋଗିନୀ,

ବିଜ୍ଞାପୟିତୁଂ ଯୌବନଂ ଫେସନଂ ବବ୍ କେଶିନୀ ।

ରୁଦ୍ରରାଗ ପ୍ରତିଷ୍ଠାତ୍ରୀ କଟୁ ଶବ୍ଦ ସମ୍ଭାଷିଣୀ,

ସମ୍ମାର୍ଜ୍ଜନୀ ଧାରୟିତ୍ୱା ମଦ୍ୟପ-ପତି-ତାଡ଼ିନୀ ।

To read the complete magazine, Download it for FREE from www.aahwaan.com

ତୁଣ୍ଡେ ବୋତଲ ଦାୟିନୀ ସନ୍ତାନବତୀ ମାତୃକା,

ପ୍ରସାଧନଂ ପ୍ରଲେପାର୍ଥେ ପତିମ୍-ପକେଟ-ମାରିଣୀ ।

ସୌନ୍ଦର୍ଯ୍ୟସାଧିନୀ ଦେବୀ ବ୍ୟୁଟିପାର୍ଲର ଗାମିନୀ,

ବସ୍ତ୍ରାଳଙ୍କାରେ ଶୋଭିତା ପ୍ରାତଃ ସାୟଂ ପୁନଃ ପୁନଃ ।

ସିରିଏଲ୍‌ଦର୍ଶିନୀ ଦେବୀ ଖଳ-ଧର୍ମ-ଆହରିଣୀ,

ପଡ଼ୋଶୀ ପ୍ରାଣ ଘାତିନୀ ନିତ୍ୟ ବେଡ୍ ଟି' ଚୋଷିନୀ ।

ଯସ୍ୟ ଗୃହେ ଇଦଂ ଦେବୀ ଇଦୃଶଂ ରୂପେ ସଂସ୍ଥିତା,

ନମଃସ୍ତସୈ ନମଃସ୍ତସୈ ନମଃସ୍ତସୈ ନମୋନମଃ ।

ବାଣିଜ୍ୟକର ବିଭାଗ, ରାୟଗଡ-୭୬୫୦୦୧

ଭ୍ରାମ୍ୟଭାଷ-୯୪୩୮୭୧୦୮୧୧

ତା.୧୭-୦୯-୨୦୧୭

To read the complete magazine, Download it for FREE from www.aahwaan.com

# ମୁଁ ରାଧା ହେବିନି



ଡା ସନ୍ଧ୍ୟାରାଣୀ ପାଣିଗ୍ରାହୀ

ରୁକ୍ମଣୀର ପ୍ରେମର ଭାଗ ନେବିନି
ଅଭିମାନର ଅଭିନୟ କରିବିନି
ବଂଶୀର ସୁରରେ ପାଗଳ ହେବିନି ।

ମୁଁ ମୀରା ବି ହେବିନି
ଏକତାରା ହାତରେ ଧରିବିନି
ମାୟା ମୋହ ପ୍ରେମରେ ତ୍ୟାଗ କରିବିନି
ସାଧ୍ୱୀ ହୋଇ ରାଜମହଲ ଛାଡି ପାରିବିନି

ମୁଁ ଗାନ୍ଧାରୀ ହେବି ନାହିଁ
ଅନ୍ଧ ପୁଟୁଳି ବାନ୍ଧି ଆଖିରେ
ପତିବ୍ରତାର ପରାକାଷ୍ଠା ଦେବିନି
ସ୍ୱାମୀ ଦେଖିନଥିବା ପଥରେ ଯିବିନାହିଁ ।

ମୁଁ ଲଳିତା ବି ହେବିନି
ଏକୁଟିଆ ଲୁହ ବୁହାଇବିନି

To read the complete magazine, Download it for FREE from www.aahwaan.com

ବର୍ଷ ବର୍ଷ ଅନିଦ୍ରା ଉଜାଗରରେ
ସ୍ୱାମୀ ଦର୍ଶନ ନ କରି ଉପାସ ବ୍ରତରେ
ଏ ତପସ୍ୟା କରିବିନି ଓ ଅକୁହାରେ
ଅଧୁରା ଜୀବନରେ ଛଟପଟ ଜୀବନ୍ତ ଦଗ୍ଧରେ
ମୁଁ ବି ଚୁପ୍ ରହିବିନି ଏଥର ।

ମୁଁ ଜାନକୀ ହେବିନି ଦେବୀ ରୂପ କାମନା ନ କରି
ରାବଣର ନିଧନର କାରଣରେ
ନାୟିକା ରୂପେ ନ ଅବତରି ଏ ଦୁନିଆରେ
ଅବତାର ପୁରୁଷୋତ୍ତମ ଦେବଙ୍କର ରାଜ୍ୟରେ
ଆଉ ସ୍ମରଣୀୟ ସ୍ୱୟମ୍ବର ନ ରଚାଇ ଭୂମିକାରେ
ଅଗ୍ନିପରୀକ୍ଷା ଦୁନିଆ ଦାଣ୍ଡରେ ସତୀତ୍ୱର ପ୍ରମାଣରେ
କଦାପି ଦେବି ନାହିଁ ତୁମ କଥାରେ ।

ମୁଁ ଯାଜ୍ଞସେନୀ ନୁହଁ
ମହାଭାରତର ଖଳନାୟିକା ପାଇଁ
ମୋର ମଧ୍ୟ ମନରେ ଆଗ୍ରହ ନାହିଁ
ବସ୍ତ୍ରହରଣ ଜତୁଗୃହରୁ ମୁକୁଳି ପାଞ୍ଚପତି ବରଣ

To read the complete magazine, Download it for FREE from www.aahwaan.com

ମାତୃ ଆଦେଶରେ ସତୀ ବେଶରେ ସଜ୍ଜିତା ଦେବୀରୂପେ
ଗର୍ଭ ମୋ ଶୂନ୍ୟ କରି ବସୁଦେବ ସଖା ମୋହରେ
ଧର୍ମର ସ୍ଥାପନ ପାଇଁ ମୋ ଗୋଟି ଚାଳନାରେ
ଏ ପଶାଖେଳର ପାଲିରେ ମୁଁ ଉଲଗ୍ନ ହୋଇ ନ ପାରେ ।

ମୁଁ ମୋର ପରିଚୟ
ମୁଁ ପ୍ରେମର ପ୍ରତୀକ ପ୍ରିୟା
ମୋର ମନର ନାୟିକାର ଭାବ
ଯୋଡ଼ି ହୁଏ ପ୍ରେମୀ ରୂପରେ
କାୟମନୋ ବାକ୍ୟରେ ହୃଦୟରେ
ସର୍ତ୍ତବିହୀନ ସୟମ୍ବର ରଚିବି ସ୍ୱଇଚ୍ଛାରେ
ମୋ ଗଳ୍ପର ଲେଖିକା ମୁଁ.. ନାୟିକା ବି ମୁଁ
ମୁଁ ନାରୀଟିଏ ସ୍ୱୟଂସିଦ୍ଧା ମୁଁ ପୂର୍ଣ୍ଣ ଗର୍ଭା ପରିପୂର୍ଣ୍ଣା
ମୁଁ କାହାରି ପରିପୂରକ ନୁହେଁ ମୁଁ ଅପରିହାର୍ଯ୍ୟ ମୂର୍ତ୍ତିଟିଏ

ବରିଷ୍ଠା ସ୍ତ୍ରୀରୋଗ ବିଶେଷଜ୍ଞା, ବ୍ରହ୍ମପୁର, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ସୈତାନ



ରୁଦ୍ରମାଧବ ସାହୁ

ପ୍ରଶସ୍ତ ବିଶ୍ୱର
ଜ୍ୟୋତିର୍ମୟ ନେତ୍ରେ,
ତମସା କାଳିମା
ବୋଳିଲା କିଏ ?
ସୁଗନ୍ଧ-ଜଗତ
-କୁସୁମର ପୃଷ୍ଠେ,
ଦୁର୍ଗନ୍ଧର ରେଣୁ
ବୁଣିଲା ହାଏ !
ପୁଣ୍ୟର ପ୍ରସୂନୀ
ତେଜୋଦୀପ୍ତ ଶିରେ,
ପାପର ତିଳକ
ସବାର ହୁଏ..
ସୃଷ୍ଟିର ପ୍ରତିଟି
ଅଙ୍ଗ ପାଇଁ ସଦା,
ନବ ନବ ବିଘ୍ନ
ରଚାଉ ଥାଏ..
ସଂସାର ବିଧ୍ୱସ୍ତ

To read the complete magazine, Download it for FREE from www.aahwaan.com

ବକ୍ଷୋପରେ ବସି,
ରହସ୍ୟ ଚିତ୍ତରେ
(ନୀରବେ) ଗରଜୁ ଥାଏ..
ନିତି ବିବେକକୁ
ଧସି ପଶିବାର,
ବେଳ ଉଣ୍ଡିବାରେ
ତତ୍ପର ଥାଏ..
ସୁଧା-ଝରା ପୂତ
-ଜୀବନ କଳସେ,
ବିଷ ଭରି ଦେଇ
କଣ ସେ ପାଏ ?
ପ୍ରକୃତିର ସବୁ
ସୁରୂପ ବିଗାଡ଼ି,
ପ୍ରକୃତରେ ସେ ଯେ
କି ବାର୍ତ୍ତା ଦିଏ ?

ଇ-ମେଲ୍ : rmsahoo75@gmail.com

To read the complete magazine, Download it for FREE from www.aahwaan.com

# ଅତୀତ



ସ୍ୱାଗତ କୁମାର ପଣ୍ଡା

ସୁଦୀର୍ଘ ସେ ରାଜପଥେ ଚାଲୁ ଚାଲୁ ଦିନେ
ଅତୀତ ର ସ୍ମୃତିରାଜି ପଡିଗଲା ମନେ
ନିଜେ ନିଜ ଅସ୍ତିତ୍ୱ କୁ ପରଖିବା ପାଇଁ
ନିଜକୁ ମୁଁ ଖୋଜୁ ଥିଲି ଅତି ସାବଧାନେ
ସମୟର ଷଡଯନ୍ତ୍ର ସବୁ ନେଲା ହରି
ଅଜଣାତେ ଯୁଗ ଏକ ବିତି ଗଲା ପରି
ଗୋଲାପର ମଧୁବନ ଗଲା କାହିଁ ହଜି
ଗନ୍ଧହୀନ ପଳାଶ ର ନିକାଞ୍ଚନ ବନେ
ମନ ତଳୁ ସ୍ମୃତି ସବୁ ପୋଛି ଦେବା ପାଇଁ
ଅସହାୟ ବାହୁ ରେ ମୋ ସାମର୍ଥ୍ୟ ହିଁ ନାହିଁ
ଯେତେ ଯେତେ ଭୁଲିବାକୁ ଚାହୁଁ ଥାଏ ଯାହା
ସେତେ ସେତେ ଆଉ ଥରେ ପଡିଯାଏ ମାନେ
ଜୀବନର ତରଙ୍ଗିଣୀ ନିରନ୍ତର ବହେ
ମିଶିବାକୁ ଅତୀତର ମହୋଦଧି ଦେହେ
ନିହାତି ଆପଣାର ଶରୀର ଟି ମୋର
ନୀରବରେ ଶ୍ମଶାନ ରେ ଜଳୁଥିବ ଦିନେ

ଓ. ୟୁ. ଏ. ଟି, ଭୁବନେଶ୍ୱର
ମୋ. 8093444953

To read the complete magazine, Download it for FREE from www.aahwaan.com

# ମଣିଷ



ଭଗତରାମ କଣ୍ଟା

ହେ ବୁଦ୍ଧିମାନ ମଣିଷ
ତମେ ଆମକୁ କରି ଭାଗ ଭାଗ
ଦେଖି ତୁମର ସୁବିଧା ସୁଯୋଗ
ଆମକୁ ଶାସନ କରୁଛ ବାରମ୍ବାର
ଧର୍ମନାମେ ଗଢ଼ିଲ
ମନ୍ଦିର, ମସଜିଦ୍, ଚର୍ଚ୍ଚ କେତେ
ବର୍ଣ୍ଣନାମେ ସୃଷ୍ଟିକଲ
କଳାଗୋରା ଭେଦଭାବ ସତେ
ଜାତିନାମେ ତିଆରିଲ
ଏତେ ବଡ଼ ପାଚେରୀ ଯେତେ
ମଣିଷକୁ ମଣିଷ ଏବେ
ଘୃଣା କରିବାକୁ ବାଧ୍ୟ କରୁଛ ତୁମେ
କିନ୍ତୁ ମନେ ରଖ
ହେ ବୁଦ୍ଧିମାନ ମଣିଷ
ତମେ ଯେଉଁ ବିଷମଞ୍ଜି ବୁଣିଛ
ତାକୁ ଉପାଡ଼ିବାରେ ବେଶ୍ ସିଦ୍ଧହସ୍ତ
ସେହି ନିରୀହ ନିଷ୍କପଟ ମଣିଷ
ଯାହା ପାଖେ ଅଛି ଭଲ ପାଇବା ନିରନ୍ତର ।

To read the complete magazine, Download it for FREE from www.aahwaan.com

# ଉପକଥା



ଉଦୟନାଥ ଗୌଡ଼

ମୋତେ ଥରୁଟେ
ନିଜର କରି ଦେଖ
ମୁଁ କେତେ ବିଭୋର,
ଉଦ୍‌ଭ୍ରାନ୍ତ ଓ ଅସଜ୍ଜିତ
ତୁମ ଉପପଦର ଆହ୍ୱାନରେ !
ତୁମ
ସନ୍ତର୍ପଣର ସାନିଧ୍ୟ,
ଶଙ୍କାଗ୍ରସ୍ତ ସଂଲଗ୍ନତା
ମୋତେ ମୋ ଭିତରୁ କାଢ଼ିନେଇ
ବୋଧେ
ନୂଆ ଏକ ପୃଥିବୀ
ଗଢ଼ିବ ଗଢ଼ିବ ହେଲାଣି
ତୁମ ଆଉ ମୋ ପାଇଁ
କେତେ ହଜାର ବର୍ଷର
ସ୍ୱୀକୃତି ଦେଇ
ନୂଆ ସମ୍ପର୍କର !

To read the complete magazine, Download it for FREE from www.aahwaan.com

ମୋ ସଞ୍ଚିତ ସ୍ୱଭାବ

ତୁମ

ନିମ୍ନଭଙ୍ଗୀ ଆନମନା

ଖେଦ ଆଉ ଖଦ୍ୟୋତର

କାହାଣୀ ଶୁଣି ଶୁଣି

ବତୁରି ଗଲାପରେ

ମୋ ପୌରୁଷତ୍ୱର ପରାକାଷ୍ଠା

ଧୋଇଦେବ ଲୁହର

ଅସରା ଅସରା ବନ୍ୟାରେ

ତୁମ ପାର୍ଥିବ ଇଚ୍ଛା

ସମୁହକୁ ସତୀତ୍ୱର

ମୋହରଟେ ଦେଇ !

ତୁମେ ବି ବର୍ତ୍ତୀବ ଏଠି

ଅଗ୍ନୀପରିକ୍ଷାରୁ

କାରଣ ମୁଁ ରାମଚନ୍ଦ୍ର ନୁହଁ

ଅସଜଡ଼ା ସମୟକୁ

କଣ୍ଟାବାଡ଼ ଦେଇ

ସମସ୍ତ ସମ୍ଭାବନାକୁ

To read the complete magazine, Download it for FREE from www.aahwaan.com

ପରସ୍ତ ପରସ୍ତ କରି

ହାସଲ କରିବା ଯାଏଁ

ମୋ ଜୈବିକ ତୃଷ୍ଣାର

କ୍ଲାନ୍ତ ଭରା ନଈ,

ପାଶବିକ କ୍ଷୁଧା ଆଉ

ପ୍ରଲୁବ୍ଧ କାମନାର

ପ୍ରବାଳ ଦ୍ୱୀପରେ

ତୁମେ ହେବ ସ୍ୱତ୍ତାଧିକାରିଣୀ !

ସବୁ ଏଠି

ଦେହଜ ଦେହଜ

ମନ ଓ ବିବେକ

ପାପର ପସରା ମେଲି

ସମାଜକୁ ନିତି ରଙ୍ଗମାଖେ

ବିବର୍ତ୍ତନର ବିପ୍ଳବଟେ ପାଇଁ

ଭାଙ୍ଗିବାକୁ ମରହଟ୍ଟୀ

ମଧ୍ୟମ ପୁରୁଷ

ଚିନ୍ତା ଚେତନାକୁ, ଆଉ

ସମର୍ପି ଦେବାକୁ ତୁମ

To read the complete magazine, Download it for FREE from www.aahwaan.com

ବଳକା ବୟସ

କିଛି ସ୍ୱାଭାବିକତାକୁ

ନିତି ଚୁମୁଥିବା

ବିକାର ମାନଙ୍କୁ !

ତୁମେ ପାରିବକି

କେଇଟା ମୂହର୍ତ୍ତ ଲାଗି

ଗାନ୍ଧାରୀଟେ ହୋଇ

ଜନ୍ମଦେଇ ହଜାରେ କାମାନ୍ଧ

ମୋ ଔରୁସରୁ

କେତେ ଯେ ନିର୍ଭୟାର

ଆର୍ତ୍ତ ଚିତ୍କାରକୁ

ଉପଭୋଗ କରିବାକୁ

ନୂଆଦିଲ୍ଲୀ ଲାଲବାଗ ଛକ

କଲିକତା ସୋନାଗାଛି

କ୍ୟାପିଟାଲ୍ ମାଳୀସାହି

ପାଖ ବଜାରରେ

ମୂକ ଏଇ ସମାଜ ଆଖିରେ

ଆଙ୍ଗୁଠି କେଞ୍ଚି

To read the complete magazine, Download it for FREE from www.aahwaan.com

ଜଣାଇ ଦେବାକୁ

ପାପବୃକ୍ଷେ ବିଷଫଳ

ଫଳୁଛି ଫଳିବ

କଳୁଷିତ ସମାଜକୁ

ବଦଳାଇବାକୁ

ଲୋଡ଼ାଏଠି

ଗଙ୍ଗା ଆଉ ଭାଗୀରଥଟିଏ

ଉଦ୍ୟମର ଅନ୍ତିମ ପୃଷ୍ଠାରେ

ଏକାନ୍ତରେ ପୁରା ଏକାନ୍ତରେ !

ଗଡ଼ସାମନ୍ତରାପୁର, ଗଞ୍ଜାମ, ଓଡ଼ିଶା

To read the complete magazine, Download it for FREE from www.aahwaan.com

# ବେଟି ବଚାଓ - ବେଟି ପଢ଼ାଓ



ଗୀତାଞ୍ଜଳୀ ଦାସ

୨୦୧୫ରେ ଆମ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା "ବେଟୀ ବଚାଓ -ବେଟୀ ପଢ଼ାଓ" କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । "ବେଟୀ ବଚାଓ - ବେଟୀ ପଢାଓ"ର ସମ୍ପୂର୍ଣ୍ଣ ଆକ୍ଷରିକ ଅର୍ଥ - ଝିଅଙ୍କୁ ବଞ୍ଚାଅ ଓ ଝିଅଙ୍କୁ ପଢ଼ାଓ, ଯଦ୍ୱାରା ଆମ ଦେଶ ଆଜି ଯେତିକି ପରିମାଣରେ ଉନ୍ନତ ହୋଇଛି, ତାହା ଏହି କାର୍ଯ୍ୟକ୍ରମଦ୍ୱାରା ଆମ ଦେଶ ଆହୁରି ଅଧିକ ଗୁଣ ଉନ୍ନତି ତଥା ଉନ୍ନତିର ଶିଖରକୁ ସ୍ପର୍ଶକରିବ । ଏହା ନିଃସନ୍ଦେହ । ଆଜିର ଏହି ସମାଜରେ ଜଣେ ପୁଅର ଯେତିକି ଅଧିକାର ଅଛି ସେତିକି ଅଧିକାର ମଧ୍ୟ ଝିଅର ଅଛି । ପ୍ରଥମତଃ "ବେଟୀ ପଢାଓ"ତ ବହୁ ଦୂରର କଥା - ଶିଶୁ କନ୍ୟାଟିଏ ଯଦି ଜନ୍ମହୋଇ ବଡ଼ ହୁଏ ତେବେ ତ ସିଏ ପଢ଼ିବ । କନ୍ୟାଭ୍ରୂଣକୁ ଯଦି ମାତୃଗର୍ଭରେ ହିଁ ସମ୍ପୂର୍ଣ ନଷ୍ଟ କରିଦିଆଯାଏ ତ "ବେଟୀ ପଢ଼ାଓ"ର ଆଉ କିଛି ମହତ୍ତ୍ୱ ରହିବନାହିଁ ।

ଆମ ଦେଶରେ କନ୍ୟା ସନ୍ତାନମାନଙ୍କର ଦୁର୍ଭାଗ୍ୟଜନକ ସ୍ଥିତି ବିଶ୍ୱରେ ନିନ୍ଦିତ ହୋଇଛି । ନିଷ୍ପାପ ଶିଶୁକନ୍ୟାଙ୍କୁ ଜନନୀ ଗର୍ଭରେ ମାରିଦେବା ଘଟଣା ଆଜି

To read the complete magazine, Download it for FREE from www.aahwaan.com

ପର୍ଯ୍ୟନ୍ତ ବଳବତ୍ତର ହୋଇରହିଛି । ଏହି ଦୁଷ୍କର୍ମ କେବଳ ଅଲ୍ଟ୍ରାସାଉଣ୍ଡ ମେସିନର ଦୁରୁପଯୋଗ ଦ୍ୱାରା ସମ୍ଭବ ହୋଇପାରିଛି । ଗୋଟିଏ ନିଷ୍ପାପ ଶିଶୁକନ୍ୟା ତାର ମାତୃଗର୍ଭରେ ହିଁ ଶେଷ ନିଃଶ୍ୱାସ ତ୍ୟାଗ କରୁଛି କାହିଁକି ? କ'ଣ ଦୋଷ ରହିଥାଏ ସେହି ଶିଶୁକନ୍ୟାଟିର ? କେବଳ ଏତିକି ଯେ, ସେ ପୁଅ ନୁହେଁ ବରଂ ଝିଅ । ଆଜିର ସମାଜ ଯେତେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଉନ୍ନତ ଓ ପ୍ରଗତିଶୀଳ ହେଲେ ସେହି ଅନ୍ଧବିଶ୍ୱାସରେ ବୁଡ଼ି ରହିଛି ସମାଜ । କାହିଁକି ଏହି ସମାଜ ବୁଝିପାରୁନି ସରକାର ପୁଅ ଝିଅ ମଧ୍ୟରେ କିଛି ତଫାତ୍ ରଖିନାହାନ୍ତି । ଏହି ସମାଜରେ ଜଣେ ପୁରୁଷର ଯେତିକି ଅଧିକାର ଅଛି ନାରୀର ମଧ୍ୟ ସେତିକି ଅଧିକାର ଅଛି । କାରଣ ନାରୀ ଓ ପୁରୁଷ ଏହି ସମାଜର ୨ଟି ଅଙ୍ଗ, ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ । ନାରୀ ବିନା ଏହି ସମାଜରେ ପୁରୁଷର ସ୍ଥିତି ନାହିଁ କି ପୁରୁଷର ବିନା ନାରୀର ଗତିନାହିଁ । ଦୁହେଁ ଦୁହିଁଙ୍କ ପାଇଁ ଏହି ସମାଜ ନିମନ୍ତେ ପରସ୍ପର ପରିପୂରକ । ତେବେ ଏହି ସମାଜରେ ଯଦି ଝିଅକୁ ମାରି ଦିଆଯିବ ତେବେ ଏହି ସମାଜ ଦିନେ ନାରୀ ବିହିନ ହୋଇଯିବ । ଆଉ କେବଳ ପୁରୁଷ ପ୍ରଭୁତ୍ୱ ସମାଜ ବୋଲି ବିବେଚିତ ହେବ । ଏହା ନିଃସନ୍ଦେହ । ଯେଉଁମାନେ ଏଭଳି ଜଘନ୍ୟକର୍ମରେ ଲିପ୍ତ ସେମାନଙ୍କର କେବଳ ଗୋଟିଏ ମତ ଯେ - "ବର୍ତ୍ତମାନର ପାଞ୍ଚଶହ ଟଙ୍କା ଖର୍ଚ୍ଚରୁ ଭବିଷ୍ୟତର ଲକ୍ଷ ଲକ୍ଷ ଟଙ୍କାରୁ ମୁକ୍ତି ।" ତେବେ ସବୁଠୁ ପରିତାପ ଓ ଦୁଃଖଦ ବିଷୟ ଏହି ଯେ ଏହି ଜଘନ୍ୟ ଅପରାଧ ବର୍ତ୍ତମାନ କେବଳ ଶିକ୍ଷିତ ଲୋକ ଓ ବଡ଼ବଡ଼ ସହର ମାନଙ୍କରେ ଘଟୁଛି । ତେବେ ଏହାଠୁ ଦୁଃଖଦ ବିଷୟ କ'ଣ ବା ହୋଇପାରେ । ଯଦିବା ଶିଶୁକନ୍ୟାଟି ଜନ୍ମହୋଇ ଏହି ଦୁନିଆକୁ ଆସୁଛି ତେବେ ତା'ର ଦୁର୍ଭାଗ୍ୟ ସେତିକିରେ ସୀମିତ ହୋଇ ରହେନାହିଁ । ଘରଦ୍ୱାର, ପଡ଼ୋଶୀ, ପରିବାର, ବିଦ୍ୟାଳୟ ମାନଙ୍କରେ ପ୍ରଥମେ ତା'ର ଭାଇକୁ ଆଦର ଯତ୍ନ ଦିଆଯାଏ ଓ ପରେ କନ୍ୟାଟିକୁ । କନ୍ୟାଟିକୁ ତା'ର ଭାଇର ବୋଲକରା ଭାବେ କାର୍ଯ୍ୟ

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


କରିବାକୁ ପଡ଼ିଥାଏ । ପ୍ରଥମତଃ ଯଦି ମାଆ ସୁସ୍ଥ, ସୁରକ୍ଷିତ, ସ୍ୱାବଲମ୍ବୀ ନ ହେବ ତେବେ ସେ ତାର ଶିଶୁଟିର ସଠିକ୍ ପୋଷଣ, ସଠିକ୍ ଯତ୍ନ ନେବ କିପରି ?

କାରଣ ଜଣେ ମାଆ ହିଁ ଜଣେ ଶିଶୁର ପ୍ରଥମ ଶିକ୍ଷାଦାତ୍ରୀ ଅଟେ । ଆମ ଦେଶରେ ସବୁଠୁ ମାତୃ ମୃତ୍ୟୁହାର ଘଟୁଛି ତାର ସନ୍ତାନ ପ୍ରସବ ସମୟେ । ମାତୃ ମୃତ୍ୟୁହାରର କାରଣ ବିବିଧ ଅଟେ । ଯଦି ମାତୃମୃତ୍ୟୁହାର କମିଯିବ ତେବେ ତା'ର ଶିଶୁକନ୍ୟାକୁ ଜନ୍ମଦେଇ ଶିଶୁଟିର ସଠିକ୍ ପୋଷଣ ଓ ଯତ୍ନ ନେଇପାରିବ । ଯଦି ତା'ର ମାଆ ସଠିକ୍ ଯତ୍ନ ନେଇ ଶିଶୁକନ୍ୟାଟିକୁ ବଡ଼ କରି ପୁଅଝିଅ ମଧ୍ୟରେ ଅନ୍ତର ଦୂର କରିପାରିବ, ତେବେ ହିଁ "ବେଟୀ ବଚାଓ - ବେଟୀ ପଢ଼ାଓ" ଏହି ନାମକରଣଟି ସାର୍ଥକ ହୋଇପାରିବ । ଏହା ନିଃସନ୍ଦେହରେ କୁହାଯାଇପାରେ । ନଚେତ୍ ଶିଶୁକନ୍ୟା ହତ୍ୟା ଏହି ଅନ୍ଧବିଶ୍ୱାସର ପରିମାଣ ଖୁବ୍ ଭୟାନକ ହୋଇପାରେ ।

To read the complete magazine, Download it for FREE from www.aahwaan.com

ଆହ୍ୱାନର ଆଗାମୀ ସଂସ୍କରଣ ଅକ୍ଟୋବର ମାସରେ ପ୍ରକାଶିତ ହେବ । ନିଜ ଦ୍ୱାରା ଲିଖିତ କବିତା ଓ କାହାଣୀ ଶୀଘ୍ର ଆମ ନିକଟକୁ ପଠାନ୍ତୁ ।

ଆପଣଙ୍କ ଲିଖିତ କବିତା, କାହାଣୀ, ଭ୍ରମଣ କାହାଣୀ, ଶିଶୁକଥା, ଜୀବନ କଥା, ଇତିହାସ, ରୋଷେଇ, ଘରକରଣା, ସ୍ୱାସ୍ଥ୍ୟ, ବ୍ୟଙ୍ଗ ଇତ୍ୟାଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ପଠାଇ ପାରିବେ ।

ଆମ ଇ-ମେଲ୍ ଠିକଣା :

# aahwaan@gmail.com

ଚିଠି ମାଧ୍ୟମରେ ଲେଖା ପ୍ରେରଣ କରିବା ଠିକଣା

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ସମ୍ପାଦକ, 'ଆହ୍ୱାନ ଇ-ପତ୍ରିକା'

ବୀମାନଗର, ୨ୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଫୋନ : ୯୦୪୦୯୮୫୪୭୩ / ୭୦୦୮୫୬୭୦୮୫

To read the complete magazine, Download it for FREE from www.aahwaan.com

Download Magazine for FREE from www.aahwaan.com


# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକା ଓଡ଼ିଶାରୁ ପ୍ରକାଶିତ ପ୍ରଥମ ଏବଂ ଏକମାତ୍ର ସଂପୂର୍ଣ୍ଣ ଓଡ଼ିଆରେ ପ୍ରକାଶିତ ସାହିତ୍ୟ ଇ-ପତ୍ରିକା । ଏହା ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ । ବେଳେ ବେଳେ ପୂଜା ପର୍ବପର୍ବାଣୀ ସମୟରେ ସମୟୋପଯୋଗୀ ବିଶେଷ ସଂସ୍କରଣମାନ ମଧ୍ୟ ପ୍ରକାଶିତ ହୁଏ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଯଥା, ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟ ରଚନା, ଶିଶୁ ରଚନା, ଭ୍ରମଣ କାହାଣୀ ଇତ୍ୟାଦି ଏଥିରେ ପ୍ରକାଶିତ ହୁଏ ।

ଏହି ପତ୍ରିକାରେ ଲେଖା ପ୍ରକାଶିତ କରିବା ପାଇଁ ନୂଆ ଓ ପୁରୁଣା ଉଭୟ ସାହିତ୍ୟକାରଙ୍କୁ ପ୍ରୋତ୍ସାହନ ଦିଆଯାଇଥାଏ । ଯେହେତୁ ଏହି ପତ୍ରିକା ନିଃଶୁଳ୍କ ବିତରଣ ନିମିତ୍ତ ଉଦ୍ଦିଷ୍ଟ ତେଣୁ ଲେଖକ, ଲେଖିକାମାନଙ୍କୁ କୌଣସି ପ୍ରକାରର ପ୍ରୋତ୍ସାହନ ରାଶି ଦିଆଯାଏ ନାହିଁ । ପାରିଶ୍ରମିକ ଆଶା କରୁଥିବା ଲେଖକ ଲେଖିକାମାନେ ନିଜ ଲେଖା ବ୍ୟବସାୟିକ ପତ୍ରପତ୍ରିକାକୁ ପଠାଇ ପାରିବେ ।

ଏହି ପତ୍ରିକା ପ୍ରତ୍ୟେକ ମାସରେ ଇଣ୍ଟରନେଟ୍‌ରେ ନିଃଶୁଳ୍କ ପଢ଼ିବା ପାଇଁ ଉପଲବ୍ଧ ହୋଇଥାଏ । ପାଠକ ଚାହିଁଲେ ଏହି ପତ୍ରିକାର ଗୋଟିଏ ପ୍ରତିଲିପି ନିଜ କଂପ୍ୟୁଟରରେ ଡ଼ାଉନ୍‌ଲୋଡ୍ କରି ପାରିବେ ।

ଲେଖକ ଲେଖିକାମାନେ ନିଜ କୃତି ଆମ ନିକଟକୁ ଡ଼ାକଦ୍ୱାରା କିମ୍ବା ଇ-ମେଲ୍ ଦ୍ୱାରା ପଠାଇ ପାରିବେ । ଡ଼ାକ ଦ୍ୱାରା ପଠାଉଥିଲେ ନିଜ ଲେଖାକୁ ଧଳା କାଗଜର ଗୋଟିଏ ପାର୍ଶ୍ୱରେ ନିର୍ଭୁଲ ହସ୍ତାକ୍ଷରରେ ଲେଖି ପଠାନ୍ତୁ, କିମ୍ବା ଟାଇପ୍ କରି ମଧ୍ୟ ପଠାନ୍ତୁ । ଇ-ମେଲ୍ ଦ୍ୱାରା ପଠାଉଥିଲେ ଲେଖାକୁ ଲେଖି ସାରିବ ପରେ ସ୍କାନିଂ କରି ଆମ ଇ-ମେଲ୍ ଠିକଣାରେ ପଠାନ୍ତୁ ।

ଆହ୍ୱାନର ପ୍ରକାଶନ ସଂପୂର୍ଣ୍ଣ ପରିବେଶ ଅନୁକୂଳ, କାରଣ ଏହାଦ୍ୱାରା କାଗଜର ବ୍ୟବହାର କମ ହୋଇଥାଏ, ଯେଉଁଥିପାଇଁ ଗଛ କାଟିବାକୁ ପଡ଼େନାହିଁ । ଆମେ ପରିବେଶ ପ୍ରଦୁଷଣ ବିରୋଧ କରୁ ।

ଆହ୍ୱାନ ଇ-ପତ୍ରିକାରେ ଲେଖା ପ୍ରକାଶିତ କରିବାପାଇଁ ଯଦି ଆପଣ ଇଚ୍ଛୁକ ତେବେ ନିଜ

To read the complete magazine, Download it for FREE from www.aahwaan.com

ଲିଖିତ କୃତିକୁ ଆପଣ ଆମ ନିକଟକୁ ପଠାନ୍ତୁ । ଯେହେତୁ ଏହି ପତ୍ରିକା ଇଣ୍ଟରନେଟରେ ପ୍ରକାଶିତ ହୁଏ ଏବଂ ପ୍ରତ୍ୟେକ ମାସରେ ଶହସ୍ରାଧିକ ଓଡ଼ିଆଙ୍କ କମ୍ପ୍ୟୁଟରରେ ଶୋଭାପାଏ ତେଣୁ ଏହି ପତ୍ରିକାପାଇଁ ଲେଖା ମଧ୍ୟ ଇଣ୍ଟର୍‌ନେଟ ମାଧ୍ୟମରେ ହିଁ ଗ୍ରହଣ କରାଯାଏ । ଯଦି ଆପଣ ଇ-ମେଲ୍ ଦ୍ୱାରା ଆମ ନିକଟକୁ ଲେଖା ପଠାଇ ପାରିବେ ନାହିଁ, ତେବେ ଆପଣ ନିଜ ଲେଖା ଧଳା କାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖି ଆମ ନିକଟକୁ ନିମ୍ନ ଠିକଣାରେ ପଠାଇ ପାରିବେ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ବୀମା ନଗର - ୨ୟ ଗଳି

ଆମ୍ବପୁଆ, ବ୍ରହ୍ମପୁର - ୭୬୦୦୧୦

ଓଡ଼ିଶା, ଫୋନ୍: ୯୦୪୦୯୮୫୪୬୩ / ୯୮୭୧୯୭୨୧୭୦

ଯଦି ଆପଣ ଇଣ୍ଟର୍‌ନେଟ୍ ମାଧ୍ୟମରେ ଲେଖା ପଠାଇବାକୁ ଚାହାନ୍ତି ତେବେ ନିଜ ଲେଖାକୁ ଟାଇପ୍ (ଓଡ଼ିଆ ୟୁନିକୋଡ଼ ଫଣ୍ଟରେ ଟାଇପ୍ କରିବେ ଯଥା ଅପ୍ରାନ୍ତ ଓଡ଼ିଆ / ଗୁଗୁଲ୍ ଓଡ଼ିଆ ଟ୍ରାନ୍‌ସ୍‌ଲିଟେରେସନ୍) କରି Microsoft Word Document ରେ ଆମ ନିକଟକୁ ପଠାନ୍ତୁ, କିମ୍ବା ଲେଖାକୁ ସ୍କାନ୍ କରି ଜେପିଇଜି ଫର୍ମାଟରେ ଇମେଲ୍ Attachment କରି ପଠାନ୍ତୁ । ଆମ ଇ-ମେଲ୍ ଠିକଣା ହେଲା - aahwaan@gmail.com

ଏହି ପତ୍ରିକା ଉନ୍ନତି ହେତୁ ଆପଣଙ୍କ ସହାୟତା ଆମର ଏକାନ୍ତ କାମ୍ୟ ।

ଧନ୍ୟବାଦ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

ପ୍ରତିଷ୍ଠାତା-ସମ୍ପାଦକ, 'ଆହ୍ୱାନ'

## ଜୟ ଓଡ଼ିଆ । ଜୟ ଓଡ଼ିଶା । ଜୟ ଜଗନ୍ନାଥ

ଯଦି ଏହି ସଂସ୍କରଣରେ କୌଣସି ତ୍ରୁଟିଥାଏ, ସେଥିପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

Alternatively, You can also click on this link on your android mobile phone with WhatsApp to join our group.

https://chat.whatsapp.com/BPW1qPbKJWp7H4M3zhzAiE




ଆହ୍ୱାନ ଇପତ୍ରିକା ଏବଂ ଆହ୍ୱାନ ଓଡ଼ିଆ ପରିବାରର ହ୍ୱାଟ୍‌ସଆପ୍ ଗ୍ରୁପର ସଦସ୍ୟ ହେବାପାଇଁ ଆମ ହ୍ୱାଟ୍‌ସଆପ୍ ନମ୍ବରକୁ ନିଜ ମୋବାଇଲରେ ସ୍ଥାପିତ (Save) କରନ୍ତୁ । ଏବଂ ଆମକୁ ସନ୍ଦେଶ (Message) ଦିଅନ୍ତୁ ।

ଆମ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ନମ୍ବର ହେଉଛି :

# 7008567085

To read the complete magazine, Download it for FREE from www.aahwaan.com